

ୱାର୍ଲ୍ଡ ବକ୍ସିଂ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ଜିଣିଲେ **ଜୟସ୍ମିନ-ମୀନାକ୍ଷୀ**



▸କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-82 ◆MONDAY ◆15 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୨ ◆ସୋମବାର ◆୧୫ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



www.metrogroup.ind.in

**METRO GROUP**

90 900 484 84

CELEBRATING 33 Years

33 YEARS OF BUILDING LANDMARKS, SHAPING ODISHA

80+ SIGNATURE PROJECTS

10,000+ FAMILIES SERVED

5+ MILLION SQ.FT. IN ACTIVE DEVELOPMENT

5X TIMES BUSINESS AWARD - EXCELLENCE IN REAL ESTATE

*For over three decades, Metro Group has been more than a developer - we have been a partner in creating homes, spaces and futures . From landmark projects in Odisha to communities across the state, Your trust has been our greatest achievement.*







*Thank You for Your Unwavering Trust !*

THE JOURNEY CONTINUES...

ORERA Regn No. : RP/19/2024/01115 | rera.odisha.gov.in | ORERA Regn No. : Phase1- MP/19/2022/00770

# ‘ମେରା ଯୁବା ଭାରତ’ ଆନୁକୂଲ୍ୟରେ ହିନ୍ଦୀ ଦିବସ

ତରଭା, ୧୪।୯(ସମିସ): ମେରା ଯୁବା ଭାରତ, ସୋନପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ତରଭା ବ୍ଲକ ଘାଟକଇଁନ୍ତରା ସ୍ଥିତ ଶ୍ରୀହରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜୟପ୍ରକାଶ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ତରଭା ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ତଥା ହିନ୍ଦୀ ପତ୍ରିକା ନବଭାରତର ସ୍ଥାନୀୟ ସାମ୍ବାଦିକ ଅକ୍ଷୟ କୁମାର ବାଘ, ସମ୍ମାନିତ ବକ୍ତା ଅବସରପ୍ରାପ୍ତ ଶିକ୍ଷକ ହରିବନ୍ଧୁ ପାଣିଗ୍ରାହୀ, ଶ୍ରୀହରି ପରିଚାଳନା ନିର୍ଦ୍ଦେଶକ ଡ. ରାଜେଶ କୁମାର ମେହେର ଓ କୃପାସିନ୍ଧୁ ସା ପ୍ରମୁଖ ମଞ୍ଚାସିନ ଥିଲେ। ହିନ୍ଦୀ ଶିକ୍ଷକ ସ୍ୱାଗତିକା ପଧାନ ସଭା ପରିଚାଳନା କରିଥିବାବେଳେ ରସାୟନ ବିଜ୍ଞାନ ଅଧ୍ୟାପିକା ପ୍ରାଚୀ ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ହିନ୍ଦୀ ଦିବସର ମହତ୍ୱ ଓ ହିନ୍ଦୀକୁ ରାଷ୍ଟ୍ରଭାଷା ଭାବେ ସମସ୍ତେ ଗ୍ରହଣ କରିବାର ଆବଶ୍ୟକତା ଉପରେ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆୟୋଜିତ ହିନ୍ଦୀ ବକ୍ତୃତା ପ୍ରତିଯୋଗିତାରେ ପୂଜା ନାଏକ ପ୍ରଥମ, ବିଶ୍ୱନାଥ ପ୍ରଧାନ ଦ୍ୱିତୀୟ ଓ ସିଦ୍ଧେଶ୍ୱର କୁମାର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଶ୍ରୀହରି ବିଦ୍ୟାନିକେତନର ନବମଶ୍ରେଣୀ ଛାତ୍ର ଅରମାନ କୁମାର ଲୁହା ଓ ଅଭୟ ଚରଣପଧାନଙ୍କୁ ହିନ୍ଦୀ ବକ୍ତୃତା ପାଇଁ ସ୍ୱତନ୍ତ୍ର ପୁରସ୍କାର ଦ୍ୱାରା ସମ୍ମାନିତ କରାଯାଇଥିଲା।



# ରାଷ୍ଟ୍ରୀୟଲୋକ ଅଦାଲତରେ ୭୧ ମାମଲା ଫଇସଲା

ବୀରମହାରାଜପୁର, ୧୪।୯(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସିଭିଲ ଓ ଏସଡିଜିଏମ୍ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅଦାଲତକୁ ସିଭିଲଜଜ୍ ତଥା ବରିଷ୍ଠ ଦେୱାନି ସିଭିଲ ଜଜ୍ ଅମିତ୍ କୁମାର ବାରିକ୍ ଓ ଏସ୍‌ଡିଜେଏମ୍ ପୁନମ୍ ସେଠ୍ ଯୋଗ ଦେଇଥିଲେ। ଏହି ରାଷ୍ଟ୍ରୀୟ ଲୋକାଦାଲତରେ ୨୫ଟି ବିଭିନ୍ନ ମାମଲା ବିଚାରକୁ ନିଆଯାଇଥିଲା। ୨ଟି କେଶ୍‌ର ବିଚାରକୁ ନେଇ ୪ଲକ୍ଷ୍ୟ ୭୨ହାଜର ୫୪୧ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସେହିପରି ଏସଡିଜେଏମ କୋର୍ଟରେ ୧୭୫ଟି ବିଭିନ୍ନ ମାମଲାର ବିଚାରକୁ ନିଆଯାଇଥିବାବେଳେ ୬୯ଟି ମାମଲାର ସମାଧାନ ହୋଇଥିଲା। ଏହି ଲୋକ ଅଦାଲତକୁ ବରିଷ୍ଠ ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ଶଙ୍କର୍ଷଣ ପଣ୍ଡା, ପରିଚାଳନା କରିଥିଲେ। ଦେବେନ୍ଦ୍ର କୁମାର ମାଝୀ, ସୁବଳୟା ଶାଖା ପରିଚାଳକ ପତିତ ପାବନ ସୁବୁଦ୍ଧି ଙ୍କ ସହ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତି ଥିଲେ। ବିଚାର ବିଭାଗୀୟ କର୍ମଚାରୀ ମନସ୍ମିତା ମେହେର, ପ୍ରତିଭା ସାହୁ, ମାନସ ରଞ୍ଜନ ପୃଷ୍ଟି, ସଞ୍ଜୀବ କୁମାର ବାରିକ, ସୁଜିତନାଗ, ସୌମ୍ୟ ରଞ୍ଜନ ପଧାନ, ମୀନକେତନ ବିଶି, ମାନସ ରଞ୍ଜନ ପଣ୍ଡା ସହଯୋଗ କରିଥିଲେ।



# ମାସିକ ଭତ୍ତା ୫ ହଜାର ଦାବି



ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଭତ୍ତା ହିତାଧିକାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶରତ ପୁରୋହିତଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମାସିକ ଭତ୍ତା ୫ ହଜାର ଟଙ୍କା ଦାବିରେ ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ ସଭାପତି କେଦାର ନାଥ ସାହୁଙ୍କ ନେତୃତ୍ୱରେ ପିଇଓଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଅରୁଣ ପ୍ରଧାନ, ଦୟାନିଧି ମେହେର, ରଞ୍ଜନ କର୍ଣ୍ଣ, ରବି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ୧୨ ଘଣ୍ଟିଆ ଉଲୁଣ୍ଡା ବନ୍ଦ ଡାକରା

ବୀରମହାରାଜପୁର, ୧୪।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଉଲୁଣ୍ଡାକୁ ଏନ୍‌ଏସି ଘୋଷଣା ନ କରିବାରୁ କ୍ରିୟାନୁଷ୍ଠାନ କମିଟି ଉଲୁଣ୍ଡା ସେପ୍ଟେମ୍ବର ୧୫ ତାରିଖ ସୋମବାର ୧୨ଘଣ୍ଟିଆ ଉଲୁଣ୍ଡା ବନ୍ଦ ଡାକରା ଦେଇଛି। ସୂଚନାଯୋଗ୍ୟ ଯେ ଉଲୁଣ୍ଡାକୁ ଏନ୍‌ଏସି ଘୋଷଣା କରିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜ୍ୟ ସରକାରଙ୍କୁ କ୍ରିୟାନୁଷ୍ଠାନ କମିଟି ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ମାତ୍ର ସରକାର କର୍ଣ୍ଣପାତ ନ କରିବାରୁ କ୍ରିୟାନୁଷ୍ଠାନ କମିଟିର ଆବାହକ ହରିଶଙ୍କର ତରାଇ ସୋମବାର ଉଲୁଣ୍ଡାର ସମସ୍ତ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବ୍ୟବସାୟ ପ୍ରତିଷ୍ଠାନ, ଯାନବାହନ ଚଳାଚଳ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରିବାକୁ ଲିଖିତ ଭାବରେ ଉଲୁଣ୍ଡାର ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଜଣାଇଛନ୍ତି। ଜୀବନ ରକ୍ଷାକାରୀ ପ୍ରତିଷ୍ଠାନ, ବାହନ ତଥା ପରୀକ୍ଷାର୍ଥୀଙ୍କୁ ଏହି ବନ୍ଦରୁ ବାଦ୍ କରାଯାଇଛି। ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ କରିବାକୁ କ୍ରିୟାନୁଷ୍ଠାନ କମିଟି ଡାକରା ଦେଇଛି।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ବାଉଁଶୁଣି, ୧୪।୯(ସମିସ): ବାଉଁଶୁଣି ମା’ ମାହେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ମାନଭଞ୍ଜନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବାଉଁଶୁଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ମାନବ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ପ୍ରକାଶ ଚନ୍ଦ୍ର ମହାକୁଳ ଯୋଗ ଦେଇଥିଲେ। ଖେଳ ଶିକ୍ଷକ ରମେଶ ଚନ୍ଦ୍ର ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଦ୍ଧାର୍ଥ ଡିଗ୍ରୀ କଲେଜରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ

ବିନିକା, ୧୪।୯(ସମିସ): ବିନିକା ସ୍ଥିତ ସିଦ୍ଧାର୍ଥ ଡିଗ୍ରୀ ମହାବିଦ୍ୟାଳୟ ଯୁବ୍ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ବାଣୀ ପ୍ରସାଦ ବିଶ୍ୱାଳ, ସ୍ୱାସ୍ଥ୍ୟ ପ୍ରଶିକ୍ଷକ ବୈରାଗୀ ପଧାନ ଅତିଥି ଭାବେ ଯୋଗ ଦେଇ ଶାରୀରିକ ଦକ୍ଷତା ଉପରେ ସୂଚନା ଦେଇଥିଲେ। ସୁବର୍ଣ୍ଣପୁର ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ତଥା ଅର୍ଥନୀତି ଅଧ୍ୟାପକ ବିଶ୍ୱନାଥ ମିଶ୍ର ଯୋଗଦେଇ ଥିଲେ। ଅଧ୍ୟାପକ ଭାଗବାନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ବିନିକା ଅଞ୍ଚଳରେ ପୁଅ ଜିଉଁତିଆ ଓଷା

ବିନିକା, ୧୪।୯(ସମିସ): ପୁଅର ଶୁଭ ମନାସି ପାଇଁ ଆଜି ବିନିକା ଅଞ୍ଚଳରେ ଗାଁଠାରୁ ସହର ଯାଏଁ ପୁଅ ଜିଉଁତିଆ ଓଷା ପାଳିତ ହୋଇଯାଇଛି। ହୁଳହୁଳି ଧ୍ୱନିରେ ପୂଜାସ୍ଥଳ କମ୍ପି ଉଠିଥିଲା।ଦୀର୍ଘ ୩ଘଣ୍ଟା ପୂଜା ପରେ ନିଜ ପୂଜା ସାମଗ୍ରୀ ଧରି ମା ମାନେ ଘରକୁ ଫେରି ପ୍ରଭୁଙ୍କ ପ୍ରସାଦ ସେବନ କରିଥିଲେ। ଭୋର ସକାଳେ ମା ମାନେ ନିକଟ ମହାନଦୀ ହେଉ ଅବା ପୋଖରୀ ତୁଠକୁ ଯାଇ ଦୀପ ଜାଳି ପୂଜା ସାମଗ୍ରୀ ବିସର୍ଜନ କରିବା ପରେ ଘରକୁ ଫେରିଥିଲେ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଗୀତା ଆବୃତ୍ତି ପ୍ରତିଯୋଗିତା

ବୀରମହାରାଜପୁର, ୧୪।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ପ୍ରଜ୍ଞାନମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତାଆବୃତ୍ତି ପ୍ରତିଯୋଗିତା ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଉଲୁଣ୍ଡାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଭୁବନେଶ୍ୱର ପଣ୍ଡା ଯୋଗଦେଇ ଗୀତା ପାଠର ଲକ୍ଷ୍ୟ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏଥିରେ ସର୍ବମୋଟ୍ ୩୧ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ‘କ’ ବିଭାଗର ମୋଟ୍ ୧୧ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ସ୍ୱରୂପ ଥନାପତି ଦ୍ୱିତୀୟ ବୈଶାଳୀ ବେହେରା, ତୃତୀୟ ସ୍ନେହା ମେହେର। ‘ଖ’ ବିଭାଗର ମୋଟ୍ ୧୪ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ସିମ୍ରନ୍ ସାହୁ, ଦ୍ୱିତୀୟ ଅଭିଷେକ ଆଚାର୍ଯ୍ୟ, ତୃତୀୟ ଗୁଞ୍ଜନ୍ ଶ୍ରୀବାସ୍ ରହିଛନ୍ତି। ‘ଗ’ ବିଭାଗରେ ମୋଟ୍ ୦୬ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ଆଦେଶ ଥନାପତି, ଦ୍ୱିତୀୟ ଜସ୍ମିନ୍ ଆଚାର୍ଯ୍ୟ, ତୃତୀୟ ସୀମାରାଣୀ ବାରିକ୍ କୃତକାର୍ଯ୍ୟ ହୋଇଛନ୍ତି। ବିଚାରକ ଭାବେ ଯୋଗୀନ୍ଦ୍ର ପ୍ରସାଦ ପଣ୍ଡା, ପ୍ରସନ୍ନ କୁମାର ଶତପଥୀ, ଡ. ଅନିରୁଦ୍ଧ କୁରକୁରିଆ, ସୁରେଖା ଆଚାର୍ଯ୍ୟ, ବିଷୟା ହୋତା, ଅଜିତ୍ କୁମାର ରଣା, ବଲ୍ଲଭ ପୁରୋହିତ, କାଳିଆ ପଣ୍ଡା, ବୈଶମ୍ପାୟନ ପଣ୍ଡା, ସୁରେଶ ମହାକୁର, ଭୁବନେଶ୍ୱର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।



ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଶୁଶାନ୍ତ କୁମାର୍ ଘିବିଲା ସଂଯୋଜନା କରଥିଲେ। ମିଶନ୍‌ର କାର୍ଯ୍ୟକର୍ତ୍ତା ଡ.ହୃଷୀକେଶ ଦେହେରୀ ପୁରସ୍କାର ବିତରଣ କରିଥିବାବେଳେ ଶୀତାଂଶୁ ପୁଝାରୀ, ଶଙ୍କର ଥନାପତି, ରଞ୍ଜିତ ନାୟକ, ସ୍ୱାଗତିକ ମେଶୁଆ, ରଜନୀ ମିଶ୍ର, ଗୀତା କର୍ମୀ, ଯାଜ୍ଞସିନୀ ମେହେର, ନନ୍ଦିତା ପୁରୋହିତ, ଗୌତମୀ ଶ୍ରୀବାସ୍, ସବିତା ରଣା, ବିକାଶ ମହାକୁର ପ୍ରମୁଖ ସହଯୋଗ କରିଥିଲେ। ଅଚ୍ୟୁତାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ଦିବସ




ଡୁଙ୍ଗୁରିପାଲି, ୧୪।୯(ସମିସ): ସଡ଼କ ଦୁର୍ଘଟଣା ଜନିତ ମୃତାହତ ଭଳି ନିତିଦିନିଆ ଘଟଣାକୁ ସାମ୍ନା କରି ଜୀବନକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସାରା ବିଶ୍ୱରେ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଥାଏ। ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ହେଉଛି ଏହି ବର୍ଷର ପ୍ରମୁଖ ପ୍ରସଙ୍ଗ। ଏହି ଉକ୍ତିକୁ ଉପାଦେୟ କରିବା ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା ହାଇସ୍କୁଲରେ ପ୍ରଧାନଶିକ୍ଷକ ଡ.ରବିଚନ୍ଦ୍ର ପଶାୟତଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜୁନିୟର ରେଡକ୍ରସ କାଉନସିଲର ରାଜୁ ମେହେର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଖେଳଶିକ୍ଷକ ଚିନ୍ମୟ ଦାସ, ଜିଲ୍ଲା ସ୍କାଉଟ୍ସ ତାଲିମ କମିଶନର ଦୀନବନ୍ଧୁ ପ୍ରଧାନ ଓ ପ୍ରାଥମିକ ଚିକିତ୍ସା ଅଧ୍ୟାପକ ଡ. ରବିଚନ୍ଦ୍ର ପଶାୟତ ପ୍ରାଥମିକ ଚିକିତ୍ସାର ଉଦ୍ଦେଶ୍ୟ, ଗୁଡ ସମରିଟାନ, ମୂର୍ଚ୍ଛା, ରିକଭରି ପୋଜିସନ, ଚୋକିଂ, ରକ୍ତସ୍ରାବ, ସିପିଆର ବେଣ୍ଡେଜ, ରୋଗୀ ସ୍ଥାନାନ୍ତରଣ, ଦୁର୍ଘଟଣାସମୟରେ ୧୧୨ ଟୋଲ ଫ୍ରି ନମ୍ବରର ଉପଯୋଗ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ତାଲିମ ଦେଇଥିଲେ। ଶିକ୍ଷକ ମନୋଜ ପୂଜାରୀ, ସମ୍ପଦ ଖମାରୀ, ନନ୍ଦିଘୋଷ ବାରିକ, ସଞ୍ଜୀବ ପୂଜାରୀ, ସ୍ନିଗ୍ଧା ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ କିରଣ ପୁଟେଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସାର ନ ପାଇବାରୁ ସରସରା ପାକ୍ସରେ ଉତ୍ତେଜନା

ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସରସରା ପାକ୍ସରେ ୟୁରିଆ ସାର ଅଭାବ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକର ସରସରା ଓ ବନ୍ଧା ପଥର ପଞ୍ଚାୟତର ପ୍ରାୟ ୨୫୦୦ ଚାଷୀ ସରସରା ପାକ୍ସରୁ ଋଣ ନେଇ ଚାଷ କରିଛନ୍ତି। ସରକାର ସେପ୍ଟେମ୍ବର ମାସ ସୁଦ୍ଧା ପାକ୍ସକୁ ମାତ୍ର ୧୮୦୦ ବସ୍ତା ୟୁରିଆ ସାର ଯୋଗାଣ କରିଛନ୍ତି। ରବିବାର ସାର ଆସିଥିବା ଖବର ପାଇ ପାକ୍ସ ପରିସରରେ ଚାଷୀଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମାତ୍ର ୬୦୦ ବସ୍ତା ସାର ଆସିଥିବା ବେଳେ ଜଣେ ଚାଷୀଙ୍କୁ ୧ ବସ୍ତା ଲେଖାଏଁ ସାର ବଣ୍ଟନ କରାଯାଇଥିଲା। ଅନେକ ଚାଷୀ ସାର ନ ପାଇବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ସାର ଯୋଗାଣ ହୋଇପାରୁ ନ ଥିବା ହେତୁ ଚାଷୀ ସମସ୍ୟା ଭୋଗ କରୁଥିବା ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ ପ୍ରଧାନ ସ୍ୱୀକାର କରିଥିଲେ।

# ଏକ୍ ପେଡ୍ ମା’କେ ନାମ୍ ସଚେତନତା ଶୋଭାଯାତ୍ରା




ଶଗଡ଼ା, ୧୪।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ପଞ୍ଚାୟତ ସମିତି ପକ୍ଷରୁ ଏକ୍ ପେଡ୍ ମା’କେ ନାମ୍ ୨.୦ ଅଭିଯାନ କାର୍ଯ୍ୟକ୍ରମ ପାଇଁ ପଲସାଗୋରାଠାରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। କଣ୍ଟାମାଳ ବିଡ଼ିଓ ସାମି ଜୟଶ୍ରୀ ରେଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପଧାନ, ପଲସାଗୋରା ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲ୍ଲିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳୀ, ବରିଷ୍ଠ ବିଜେପି ନେତା ନବୀନ ମହାପାତ୍ର, କଣ୍ଟାମାଳ ମଣ୍ଡଳ ସଭାପତି ଶୁଭ୍ରାଂଶୁ ଡାଙ୍ଗ, ଶିତିକଣ୍ଠ ମିଶ୍ର, ଅନୀଲ୍ ପ୍ରଧାନ, ବିଜିତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଦେବାଶିଷ ମଲିକ ଯୋଗ ଦେଇଥିଲେ। ପଲସାଗୋରା ହାଇସ୍କୁଲଠାରୁ ସଚେତନତା ଶୋଭାଯାତ୍ରା ବାହାରି ଗବଜୋର୍ ଛକ ପର୍ଯ୍ୟନ୍ତ ପରିକ୍ରମା କରିଥିଲା। ସେହିପରି କଣ୍ଟାମାଳ ପଞ୍ଚାୟତ ସମିତି ପକ୍ଷରୁ ମନମୁଣ୍ଡା ସ୍କୁଲରେ ମଧ୍ୟ ଏକ ଜନସଚେତନତା ଶୋଭାଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ବୌଦ୍ଧ, ୧୪।୯(ସମିସ): ବୌଦ୍ଧ ଜିଲ୍ଲା ନ୍ୟାୟାଳୟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ ପ୍ରତାପ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ଅଦାଲତର ବିଚାରପତିମାନେ ବିଭିନ୍ନ ମାମଲାର ଆପୋଷ ସମାଧାନ କରିଥିଲେ। ବିଶେଷ କରି ବିଭିନ୍ନ ବ୍ୟବସାୟିକ ବ୍ୟାଙ୍କରୁ ଋଣ ନେଇ ଖିଲାପ କରିଥିବା ହିତାଧିକାରୀଙ୍କ ମାମଲାଗୁଡିକ ଆପୋଷ ମାଧ୍ୟମରେ ସମାଧାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା




ଶଗଡ଼ା, ୧୪।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ‘ଗୀତା ସୁଗୀତା କର୍ତ୍ତବ୍ୟା -୨୦୨୫’ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନର ୩ୟଠାରୁ +୨ ପର୍ଯ୍ୟନ୍ତ ୩୬ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଯୋଗଦେଇ ଶ୍ରୀମତ୍ ଭଗବତ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। ସମସ୍ତ ଭାଗଗ୍ରାହୀ ଛାତ୍ରଛାତ୍ରୀଙ୍କୁ ଓ ସଭ୍ୟମାନଙ୍କୁ ୫ମ ଅଧ୍ୟାୟ ଗୀତା ଗ୍ରନ୍ଥ ବଣ୍ଟନ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିର କଣ୍ଟାମାଳ, ବରଗାଁ ହାଇସ୍କୁଲ ଓ ଏମ୍‌ଇ ସ୍କୁଲ୍, ଶିମିଲିଜୋର ହାଇସ୍କୁଲ, ପଲସାଗୋରା ଜ୍ଞାନ ଶିକ୍ଷା ସଦନର ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉତ୍ତୀର୍ଣ୍ଣ ହୋଇଥିଲେ। ବିଭୀଷଣ ବସ୍ତିଆ, ନନ୍ଦକିଶୋର ସାହୁ, ସଞ୍ଜୟ ସାହୁ, ସୁଶ୍ରୀ ପ୍ରତିଭା ପ୍ରୀୟଦର୍ଶିନୀ ହୋତା, ନିରଞ୍ଜନ ସାହୁ, ଶୁକଦେବ ବଗର୍ତ୍ତି ପ୍ରମୁଖ ଗୁରୁଜୀମାନେ ବିଚାରକ ଭାବେ ଯୋଗ ଦେଇଥିଲେ। କଣ୍ଟାମାଳ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ସାଗର ବଗର୍ତ୍ତି ସଭାପତିତ୍ୱ କରିଥିଲେ। ପ୍ରଜ୍ଞାନ ମିଶନ୍ ବରିଷ୍ଠ କର୍ମକର୍ତ୍ତା ସମୀର ସାହୁ, ସୌମିତ୍ରୀ ପଲିଆ, ଶିବଦତ୍ତ ପଟ୍ଟନାୟକ, ଶିଶୁ ମନ୍ଦିର ଆଚାର୍ଯ୍ୟ ସୁଶାନ୍ତ ପ୍ରଧାନ ଓ ଶିଶୁମନ୍ଦିର କର୍ମକର୍ତ୍ତାଙ୍କ ସହଯୋଗରେ ସଭା କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ପୋଲିସ ଉପସ୍ଥିତିରେ ସାର ବଣ୍ଟନ



ଶଗଡ଼ା, ୧୪।୯(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ପେକ୍ସରେ ୟୁରିଆ ସାରର ଅଭାବକୁ ନେଇ ଉତ୍ତେଜନା ଦେଖା ଦେଇଛି। ଶେଷରେ ଆଇଆରବି ଯବାନ ଓ ପୁଲିସ ଉପସ୍ଥିତିରେ ସାର ବଣ୍ଟନ କରାଯାଇଛି। ସାର ନେବା ପାଇଁ ୧୫ଶହରୁ ଅଧିକ ଚାଷୀ ଜଗି ବସି ଥଲେ; ହେଲେ ପେକ୍ସକୁ ୬ଶହ ବସ୍ତା ୟୁରିଆ ସାର ଆସିଥିଲା। ଏହାକୁ ନେଇ ଉପସ୍ଥିତ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖା ଦେଇଥିଲା।

# ସୁଧୀର ସ୍ମାରକୀ କ୍ରିକେଟ ପାଇଁ ବୈଠକ

ବୀରମହାରାଜପୁର, ୧୪।୯(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କମିରାରେ ରାଜ୍ୟସ୍ତରୀୟ ସୁଧୀର ସ୍ମାରକୀ ଟୁର୍ଣ୍ଣାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିରା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୧୯ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୋଟ ୯ଟି ଦଳ ଭାଗ ନେବେ। ପରିଚାଳନା କମିଟିରେ ନିର୍ମଳ ମୁଦୁଲି ସଭାପତି, ଅତୁଲାନନ୍ଦ ପଧାନ ସମ୍ପାଦକ, ସୌମିତ୍ରି ସହୁ ସହସମ୍ପାଦକ ଓ ବବୁଲୁ ଷଡଙ୍ଗୀ କୋଷାଧ୍ୟକ୍ଷ ଭାବେ ସର୍ବ ସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ସପନ ପଧାନ, ଧରଣୀଧର ପାଢ଼ୀ, ରାମପ୍ରସାଦ କର୍ଣ୍ଣ, ସୁଧାଂଶୁ ପଧାନ, ପ୍ରଶାନ୍ତ ପଧାନ ଓ ଅଚ୍ୟୁତାନନ୍ଦ ପଧାନଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସୁରୁ ପଧାନ, ଜଗଦୀଶ ପଧାନ, ବିମଳ ମୁଦୁଲି, ବିବେକା ସାହୁ, ପପୁନ ଚଉଳିଆ, ପ୍ରଦୀପ ସାହୁ, ସୁଷେନ ବାଘ, ବିକାଶ ବାରିକ, ସଚିନ ପଧାନ, ତପନ ପଧାନଙ୍କୁ ପରିଚାଳନା କମିଟିର ସଭ୍ୟ ଭାବେ ମନୋନୀତ କରାଯାଇଛି।

# ସରସରା ପାକ୍ସରେ ସାର ସଙ୍କଟ

ବୌଦ୍ଧ, ୧୪।୯(ସମିସ)

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅଧୀନ ସରସରା ପାକ୍ସରେ ୟୁରିଆ ସାର ଅଭାବ ଯୋଗୁଁ ଚାଷୀ ହନ୍ତସନ୍ତ ହେଉଥିବା ସ୍ଥାନୀୟ ଚାଷୀ ଅଭିଯୋଗ କରିଛନ୍ତି। ହରଭଙ୍ଗା ବ୍ଲକର ସରସରା ଓ ବନ୍ଧା ପଥର ପଞ୍ଚାୟତର ପ୍ରାୟ ୨୫୦୦ଚାଷୀ ସରସରା ପାକ୍ସରୁ ଋଣନେଇ ଚାଷ କରିଛନ୍ତି। ସରକାର ସେପ୍ଟେମ୍ବର ମାସ ସୁଦ୍ଧା ପାକ୍ସକୁ ମାତ୍ର ୧୮୦୦ ବସ୍ତା ୟୁରିଆ ସାର ଯୋଗାଣ କରିଛନ୍ତି। ଆଜି ସାର ଆସିଥିବା ଖବରପାଇ ପାକ୍ସ ପରିସରରେ ଚାଷୀମାନଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ମାତ୍ର ୬୦୦ ବସ୍ତା ସାର ଆସିଥିବାବେଳେ ଜଣେ ଚାଷୀଙ୍କୁ ୧ ବସ୍ତା ଲେଖାଏଁ ସାର ବଣ୍ଟନ କରା ଯାଇଥିଲା। ଅନେକ ଚାଷୀ ସାର ନ ପାଇବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ସାରଯୋଗାଣ ହୋଇପାରୁ ନ ଥିବା ହେତୁ ଚାଷୀ ସମସ୍ୟା ଭୋଗ କରୁଥିବା ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ସଭାପତି ଅରୁଣ କୁମାର ପ୍ରଧାନ ନିଜ ପ୍ରତିକ୍ରିୟାରେ ସ୍ୱୀକାର କରିଥିଲେ।



# ମାହେଶ୍ୱରୀ ପୀଠ ଉତ୍ସବମୁଖର

ବିନିକା, ୧୪।୯(ସମିସ): ଆଜିଠାରୁ ଷୋହଳ ପୂଜା ଆରମ୍ଭ ହୋଇଛି। ଏଥିପାଇଁ ବିନିକା ଅଞ୍ଚଳର ବିଭିନ୍ନ ସ୍ଥାନରେ ରହିଥିବା ମା’ ମାହେଶ୍ୱରୀଙ୍କ ଶକ୍ତିପୀଠ ଉତ୍ସବ ମୁଖରିତ ହୋଇଉଠିଛି। ପାରମ୍ପରିକ ପୂଜା ବିଧି ରୀତିନୀତି ଅନୁଯାୟୀ ଏହା ୧୬ଦିନ ଧରି ଚାଲିବ। ପ୍ରଥମ ଦିନରେ ମା’ ମାହେଶ୍ୱରୀ ମନ୍ଦିରରୁ ବାହାରି ଢୋଲ, ନିଶାନ ଓ ଘଣ୍ଟ ବାଦ୍ୟର ତାଳେତାଳେ ଶୋଭାଯାତ୍ରା ମାଧ୍ୟମରେ ନିକଟସ୍ଥ ବନ୍ଧକୁ ସ୍ନାନ ପାଇଁ ଯାଇଥିଲେ। ଏହି ଅବସରରେ ମା’ଙ୍କ ଦର୍ଶନ ପାଇଁ ମନ୍ଦିର ପରିସରରେ ଭକ୍ତଙ୍କ ନାହିଁ ନଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ସୂଚନା ଅନୁସାରେ ଶୁକ୍ଳପକ୍ଷ ସପ୍ତମୀ ଦିନଠାରୁ ଭାଇ ଜିଉଁତିଆ ଅର୍ଥାତ ନବମୀ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହୋଇଥାଏ। ଭାଇ ଜିଉଁତିଆ ଦିନ ବାଡ଼ି ଦେବତା ନିଜ ମା’ ମନ୍ଦିରରୁ ଛତର ସହ ବାହାରନ୍ତି। ପୁଅ ଜିଉଁତିଆ ଠାରୁ ଆରମ୍ଭ ହୋଇଥିବା ଏହି ପୂଜା ପାଇଁ ବିନିକା ଅଞ୍ଚଳର ଫୁଲମୁଠି, ଗୁଲୁଣ୍ଡା, ଡଭଲା, ଅରିଗାଁ, ବଲାରଙ୍ଗା, ଭଣ୍ଡାର, କର୍ଡଙ୍ଗ, ଗଡ଼ଗଡ଼ ବାହାଲ ଆଦି ସ୍ଥାନ ଉତ୍ସବ ମୁଖର ହୋଇଉଠିଛି।



୧୪/୯/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୭,୦୧,୬୮୦/- ସୁନା: ୦୫.୮୦୦ ଗ୍ରାମ୍ ରୁପା: ୬୦.୦୦୦ ଗ୍ରାମ୍





### ମା’ ବିମଳାଙ୍କ ପୀଠରେ ଷୋଳପୂଜା ଆରମ୍ଭ

# ପୀଠ ପୂଜା ପାଇଁ ବ୍ରାହ୍ମଣ ବରଣ

ପୁରୀ,୧୪।୯ (ସମିସ)



ଶ୍ରୀମନ୍ଦିର ପରିସର ମା’ ବିମଳାଙ୍କ ପୀଠରେ ରବିବାରଠାରୁ ଷୋଡ଼ଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି। ଏଥିସହ ଶ୍ରୀମନ୍ଦିର ବେଢ଼ା ପରିସର ମା’ ଭୁବନେଶ୍ୱରୀ, ମା’ ବଟମଙ୍ଗଳା, ମା’ ଉତ୍ତରାୟଣୀଙ୍କ ସମେତ ଶ୍ରୀକ୍ଷେତ୍ରର ମା’ ଦକ୍ଷିଣକାଳୀ, ମା’ ଆଲାମଚଣ୍ଡୀ ଏବଂ କପିଳେଶ୍ୱରପୁର ଶାସନ ପଞ୍ଚମୁଖୀ ଠାକୁରାଣୀଙ୍କ ପୀଠରେ ମଧ ଷୋଡ଼ଶ ଦିନାତ୍ମକ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ଏହା ପୂର୍ବରୁ ପୂର୍ବାହ୍ଣରେ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣମାନଙ୍କୁ ବରଣ କରାଯାଇଛି। ଏହାପରେ ଶ୍ରୋତ୍ରୀୟ ବ୍ରାହ୍ମଣମାନେ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ବ୍ରାହ୍ମଣ ବରଣ ଲାଗି ଚଳଚଞ୍ଚଳ ହୋଇପଡ଼ିଥିଲା ଶ୍ରୀନଅର ପରିସର। ଗଜପତି ମହାରାଜା ଦିବ୍ୟସିଂହଦେବ ଯଥାବିଧି ବ୍ରାହ୍ମଣ ବରଣ କରିଥିଲେ। ବ୍ରାହ୍ମଣମାନଙ୍କୁ ଗୁଆ, ନଡ଼ିଆ ପ୍ରଦାନପୂର୍ବକ ବରଣ କରାଯାଇଥିଲା।

ମା’ ବିମଳାଙ୍କ ପୀଠ ନିମନ୍ତେ ବିକ୍ରମ ରଥ ପୂଜକ, ସୁନୀଲ ମହାପାତ୍ର ପରିଛା, ଦୁର୍ଗାପ୍ରସାଦ ମିଶ୍ର ଛାମୁ ଚଣ୍ଡୀପାଠକ, ସରୋଜ କୁମାର ମିଶ୍ର ବିଷ୍ଣୁ ସହସ୍ରନାମ ପାଠକ, ବସନ୍ତ କୁମାର ମିଶ୍ର ଦୁର୍ଗା ସହସ୍ରନାମ ପାଠକ, ପ୍ରଦୀପ୍ତ କୁମାର ମିଶ୍ର ଭୁବନେଶ୍ୱରୀ ସହସ୍ରନାମ ପାଠକ, ଗଦାଧର ଦାସ ଦେବୀ ସହସ୍ରନାମ ପାଠକ, ଦେବ ପ୍ରସାଦ ମିଶ୍ର (କ) ସ୍ୱସ୍ତିବାଚକ, ବିମଳ ପ୍ରସାଦ ରଥ ମନ୍ତ୍ରଯାପକ ଓ ବିଜୟ କୁମାର ଶତପଥୀଙ୍କୁ ବ୍ରହ୍ମାବରଣ ଭାବେ ବରଣ କରାଯାଇଛି। ଏଥିସହ ଶ୍ରୀମନ୍ଦିର ଭିତର ବେଢ଼ା ପରିସର ମା’ ଭୁବନେଶ୍ୱରୀଙ୍କ ପୀଠ ନିମନ୍ତେ ରବି ଚରଣ ରଥ ପୂଜକ, ବିଶ୍ୱନାଥ ମିଶ୍ର ଚଣ୍ଡୀପାଠକ, ମା’ ବଟମଙ୍ଗଳାଙ୍କ ପୀଠ ନିମନ୍ତେ ବିଶ୍ୱମ୍ଭର ଦାଶ ପୂଜକ, ବିରଞ୍ଚି ନାରାୟଣ ମିଶ୍ର ଚଣ୍ଡୀପାଠକ, ମା’ ଉତ୍ତରାୟଣୀ ପୀଠ ଲାଗି ସୂର୍ଯ୍ୟ ପ୍ରସାଦ ତ୍ରିପାଠୀ ପୂଜକ, ଦେବପ୍ରସାଦ ମିଶ୍ର (ଖ) ଚଣ୍ଡୀପାଠକ, ଦକ୍ଷିଣକାଳୀ ପୀଠ ନିମନ୍ତେ ହିମାଂଶୁ ଭୂଷଣ ତ୍ରିପାଠୀ ପୂଜକ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଚଣ୍ଡୀପାଠକ, ଆଲାମଚଣ୍ଡୀ ପୀଠ ନିମନ୍ତେ ରିଙ୍କୁନାଥ ଷଡ଼ଙ୍ଗୀ ପୂଜକ ଓ ଚଣ୍ଡୀପାଠକ, ପଞ୍ଚମୁଖୀ ଠାକୁରାଣୀଙ୍କ ନିମନ୍ତେ ନୀଳକଣ୍ଠ ମିଶ୍ର ପୂଜକ, ପ୍ରକାଶ ଚନ୍ଦ୍ର କର ଚଣ୍ଡୀପାଠକ, ଚର୍ଚ୍ଚିକା ଠାକୁରାଣୀଙ୍କ ନିମନ୍ତେ ଉଦୟନାଥ ମହାପାତ୍ର ପୂଜକ, ଶ୍ରୀକାନ୍ତ କୁମାର ମହାପାତ୍ର ଚଣ୍ଡୀପାଠକ, ମନୋଜ ପୁଷ୍ପାଳକ ପୁଷ୍ପାଳକ ଭାବେ ବରଣ ହୋଇଛନ୍ତି। ରାଧାଷ୍ଟମୀରୁ ଶୟନରେ ଯାଇଥିବା ଦେବୀ ଜାଗ୍ରତ ହୋଇଛନ୍ତି। ମୂଳାଷ୍ଟମୀ ତିଥି ଅବସରରେ ରବିବାର ଦେବୀଙ୍କୁ ସହସ୍ର କୁମ୍ଭାଭିଷେକ କରାଯାଇଛି। ଷୋଡ଼ଶ ଉପଚାରରେ ଷୋଡ଼ଶ ଦିନାତ୍ମକ ପୂଜାବିଧି ଆରମ୍ଭ ହୋଇଛି। ଉତ୍କଳୀୟ ପରମ୍ପରା ଅନୁସାରେ ଗଜପତି ମହାରାଜା ଶ୍ରୀନଅରରେ ରାଜଗୁରୁଙ୍କୁ ଆଚାର୍ଯ୍ୟ ରୂପେ ବରଣ କରିଛନ୍ତି। ଗୁଆ, ନଡ଼ିଆ, ବସ୍ତ୍ର ଓ ଚାଉଳ ଟେକି ବରଣ କରିଛନ୍ତି। ରାଜଗୁରୁ ୨୪ ଜଣ ବ୍ରାହ୍ମଣଙ୍କୁ ବରଣ କରିଛନ୍ତି। ଚଳିତ ବର୍ଷ ଷୋଳପୂଜା ୧୭ ଦିନ ଧରି ଅନୁଷ୍ଠିତ ହେବ ବୋଲି ରାଜଗୁରୁ ଦେବୀପ୍ରସନ୍ନ ରାଜଗୁରୁ ସୂଚନା ଦେଇଛନ୍ତି।

## ମା’ ପାର୍ବତୀଙ୍କ ସହସ୍ର କୁମ୍ଭାଭିଷେକ



ପୁରୀ,୧୪।୯ (ସମିସ): ଶ୍ରୀଲୋକନାଥ ମନ୍ଦିରରେ ମା’ ପାର୍ବତୀଙ୍କ ସହସ୍ର କୁମ୍ଭାଭିଷେକ ଅନୁଷ୍ଠିତ ହୋଇଛି। ଏଥିପାଇଁ ଯଥାରୀତି ବିଧି ସମ୍ପନ୍ନ ହୋଇଥିଲା। ଶ୍ରୀଲୋକନାଥଙ୍କ ଭଣ୍ଡାର ଘରେ ଥିବା ମା’ ପାର୍ବତୀଙ୍କ ଚଳନ୍ତି ପ୍ରତିମାକୁ ସେବକମାନେ ମା’ ପାର୍ବତୀଙ୍କ ମନ୍ଦିରକୁ ବିଜେ କରାଇଥିଲେ। ସେଠାରେ ମା’ଙ୍କର ସହସ୍ର କୁମ୍ଭାଭିଷେକ ହୋଇଥିଲା। ଏ ସମ୍ପର୍କରେ ଶ୍ରୀଲୋକନାଥ ମନ୍ଦିର ସେବକ ସନ୍ତୋଷ କୁମାର ପଣ୍ଡା କୁହନ୍ତି, କେବଳ ଏହି ୧୬ ଦିନ ମା’ଙ୍କର ଷୋଡ଼ଶ ଉପଚାର ପୂଜା ହୋଇଥାଏ। ଏହି ପୂଜାରେ ମଣ୍ଡଳାଚାର୍ଯ୍ୟ ଭାବେ ଶ୍ରୀରାମ ପଣ୍ଡା, ମୁଖ୍ୟ ଆଚାର୍ଯ୍ୟ ଭାବେ କାହ୍ନୁଚରଣ ପଣ୍ଡା, ପୁସ୍ତକ ଆଚାର୍ଯ୍ୟ କାଶୀନାଥ ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ସାମନ୍ତ ସୂର୍ଯ୍ୟନାରାୟଣ ପଣ୍ଡାଙ୍କ ସମେତ ସିଂହାରୀ ସେବାୟତ ସନ୍ତୋଷ କୁମାର ପଣ୍ଡା, ଶିବନାରାୟଣ ପଣ୍ଡା, ଜମ୍ବେଶ୍ୱର ପଣ୍ଡା, ପାଳିଆ ଜଗନ୍ନାଥ ପଣ୍ଡା, ବଳଭଦ୍ର ପଣ୍ଡା, କୋଠରୀ ରାଧାନାଥ ପଣ୍ଡା ଓ ଅନ୍ୟ ସେବାୟତ ପ୍ରମୁଖଙ୍କ ମିଳିତ ସହଯୋଗ ଏହା ସମ୍ପନ୍ନ ହୋଇଥିଲା।

## ୨୪ତମ ସିନିୟର ଆନ୍ତଃଜିଲ୍ଲା ସିପକ୍‌ଟାକ୍ରୋ ଚାମ୍ପିଅନସିପ୍




ପୁରୀ,୧୪।୯ (ସମିସ): ପୁରୀ ଜିଲ୍ଲା ସିପକ୍‌ଟାକ୍ରୋ ଆସୋସିଏସନ ତରଫରୁ ଆନ୍ତଃଜିଲ୍ଲା ପୁରୁଷ ଓ ମହିଳା ସିପକ୍‌ଟାକ୍ରୋ ଚାମ୍ପିଅନସିପ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାଳବଣିଆ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ୨୪ତମ ସିନିୟର ଆନ୍ତଃଜିଲ୍ଲା ସିପକ୍‌ଟାକ୍ରୋ ଚାମ୍ପିଅନସିପ୍ ଓ ୨୩ତମ ସବ୍ ଜୁନିଅର ୨୦୨୪ ଅନୁଷ୍ଠିତ ହୋଇଛି। ୨୪ତମ ସିନିଅର ଆନ୍ତଃଜିଲ୍ଲା ସିପକ୍‌ଟାକ୍ରୋ ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପୁରୁଷ ୨୦ଟି ଓ ମହିଳା ୧୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ସମୁଦ୍ରକୂଳ ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଓ ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ ଉପସ୍ଥିତ ଥିଲେ। ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଖେଳ ଆରମ୍ଭ କରାଯାଇଥିଲା। ପୁରୁଷ ବିଭାଗରେ ୪ଟି ମ୍ୟାଚ୍ ଓ ମହିଳା ବିଭାଗରେ ୨ଟି ମ୍ୟାଚ୍ ଖେଳାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ସିପକ୍‌ଟାକ୍ରୋ ଆସୋସିଏସନ୍ ସମ୍ପାଦକ ପୃଥ୍ୱୀରାଜ ସାହୁ, ଓଡ଼ିଶା ସିପକ୍‌ଟାକ୍ରୋ ଆସୋସିଏସନ ଉପସଭାପତି ପ୍ରଭାସ ପ୍ରିୟଦର୍ଶିନୀ ମହାନ୍ତି, ଅଲିମ୍ପିକ ଆସୋସିଏସନ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୁରୀ ଜିଲ୍ଲା ସିପକ୍‌ଟାକ୍ରୋ ଆସୋସିଏସନ ଉପସଭାପତି ସୁଦର୍ଶନ ସାହୁ, ସାଧାରଣ ସମ୍ପାଦକ ରାମ ଚନ୍ଦ୍ର ବାରିକ ଓ ଯୁଗ୍ମ ସାଧାରଣ ସମ୍ପାଦକ ଅଶ୍ୱିନ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଇପିଏଫ୍ ପେନ୍‌ସନର ସଂଘର କାର୍ଯ୍ୟକାରିଣୀ ବୈଠକ

## ସର୍ବନିମ୍ନ ପେନ୍‌ସନ୍ ୯୦୦୦ ଟଙ୍କାକୁ ବୃଦ୍ଧି ଦାବି

ପୁରୀ,୧୪।୯ (ସମିସ): ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ପୁରୀ ଜିଲ୍ଲା କମିଟିର କାର୍ଯ୍ୟକାରିଣୀ ବୈଠକ ଜଗନ୍ନାଥ ବଲ୍ଲଭ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଇପିଏଫ୍ ପେନ୍‌ସନଧାରୀଙ୍କ ସମସ୍ୟା ନେଇ ଆଲୋଚନା କରାଯାଇଛି। ଶ୍ରୀ ସାହୁ କହିଛନ୍ତି, ୮୨ ଲକ୍ଷ ଇପିଏଫ୍ ପେନ୍‌ସନଧାରୀଙ୍କ ପରିବାର ସାମାଜିକ ସୁରକ୍ଷାରୁ ବଞ୍ଚିତ। ସ୍ୱଳ୍ପ ପେନ୍‌ସନ ସମୁଦ୍ରକୁ ଶଙ୍ଖେ ସଦୃଶ। ବଜାର ଦର ବଢ଼ିଚାଲିଥିବାରୁ ପେନ୍‌ସନଧାରୀ ଗୁଜୁରାଣ ମେଣ୍ଟାଇବା କଷ୍ଟକର ହେଉଛି। କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇ ସର୍ବନିମ୍ନ ପେନ୍‌ସନ ୯୦୦୦ ଟଙ୍କାକୁ ବୃଦ୍ଧି, ମାଗଣାରେ ଚିକିତ୍ସା ସୁବିଧା ପ୍ରଦାନ, ସମୟାନୁକ୍ରମେ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ଦାବି ହୋଇଛି। ସୁପ୍ରିମକୋର୍ଟଙ୍କ ରାୟ ମୁତାବକ ପେନ୍‌ସନ ପ୍ରଦାନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ ପୁରୀ ଜିଲ୍ଲା କମିଟି ତରଫରୁ ଅନୁରୋଧ କରାଯାଇଛି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ଖୋର୍ଦ୍ଧା ଜିଲ୍ଲା ସଂଗଠନର ସାଧାରଣ ସମ୍ପାଦକ ପ୍ରକାଶ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ କୁମାର ଦାଶ, ଉପସଭାପତି କଳ୍ପନା ଦାସ, ମନ୍ଦାକିନୀ ଆଚାର୍ଯ୍ୟ, ପଞ୍ଚାନନ ବେହେରା, ଉପଦେଷ୍ଟା ରାମ ଚନ୍ଦ୍ର ମିଶ୍ର, ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, ଗଜେନ୍ଦ୍ର ପାତ୍ର, ଦାଶରଥୀ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପୁରୀ ଜିଲ୍ଲା କମିଟିର ସମ୍ପାଦକ ସଞ୍ଜିତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାଲକ୍ଷ୍ମୀ ପାଳିଲେ ଦ୍ୱିତୀୟା ଓଷା

ପୁରୀ,୧୪।୯ (ସମିସ): ଶ୍ରୀମନ୍ଦିରରେ ରବିବାର ମହାଲକ୍ଷ୍ମୀ ଦ୍ୱିତୀୟା ଓଷା ପାଳିଛନ୍ତି। ସକାଳ ଧୂପ ସରିବା ପରେ ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ଠାକୁରାଣୀ ସାତପାହାଚ ତଳେ ଥିବା ପାଲିଙ୍କିରେ ବସି ଲକ୍ଷ୍ମୀ ମନ୍ଦିର ଖଟ ଉପରେ ବିଜେ କରିଥିଲେ। ଏଠାରେ ପାରମ୍ପରିକ ବିଧି ଅନୁଯାୟୀ ବ୍ରତ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ସେଠାରେ ବ୍ରତ ପାଠ କରାଯିବା ସହ ଭୋଗ ବନ୍ଦାପନା ହୋଇଥିଲା। ଭିତରେ ମଧ୍ୟାହ୍ନ ଧୂପ ଉଠିବା ପରେ ମହାଲକ୍ଷ୍ମୀ ଠାକୁରାଣୀ ରତ୍ନସିଂହାସନକୁ ବିଜେ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର ଉଦ୍‌ଯାପିତ

ପୁରୀ,୧୪।୯ (ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନ୍ୟାୟ ବିଭାଗ ପକ୍ଷରୁ ଦୁଇଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ତଥା ସର୍ବଦର୍ଶନ ବିଭାଗ ପ୍ରମୁଖ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ, ମୁଖ୍ୟଅତିଥି ରୂପେ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଦ୍ୱ÷ତ ବେଦାନ୍ତ ବିଭାଗ ମୁଖ୍ୟ ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଶ୍ରୀ ସଦାଶିବ ପରିସରର ଦର୍ଶନ ବିଭାଗ ପ୍ରମୁଖ ପ୍ରଫେସର ଦାଶ ଗୌରପ୍ରିୟା, ସମ୍ମାନିତ ଅତିଥି ରୂପେ ନ୍ୟାୟ ବିଭାଗ ପ୍ରମୁଖ ପ୍ରଫେସର ଗଣପତି ଶୁକ୍ଳ ପ୍ରମୁଖ ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ତଥା ପରାର୍ଥାନୁମାନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ନ୍ୟାୟ ବିଭାଗ ମୁଖ୍ୟ ଡ. ଜି. ଜୟମାଣିକ୍ୟ ଶାସ୍ତ୍ରୀ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାପୂର୍ବକ ସଭା ପରିଚାଳନା ଆଦି ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲେ। ଅତିଥି ଅଧ୍ୟାପିକା ଡ. ରଶ୍ମିତା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆଲୋଚନାଚକ୍ରରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଡ. ବସନ୍ତ କୁମାର ମିଶ୍ର, ଡ. ପରମ୍ବା ଶ୍ରୀଯୋଗମାୟା, ଡ. ପ୍ରଦୀପ କୁମାର ନନ୍ଦ, ଡ. ଦେବାଶିଷ ତ୍ରିପାଠୀ, ଡ. ନୀଳାମ୍ବର ବାଘ, ଡି. ନିବେଦିତା କର, ଡ. ରାଧାକାନ୍ତ ପଣ୍ଡା, ଡ. ପ୍ରକାଶ ଚନ୍ଦ୍ର ମିଶ୍ର, ଡ. ଅଜୟ କୁମାର ପାଣ୍ଡେ, ଡ. ପିତାମ୍ବର ମିଶ୍ର, ଡ. ବସନ୍ତ କୁମାର ମୁଦ୍ରା, ଡ. ରାଜୀବ ସିହ୍ନା, ଡ. ଶୁଭମୟ ପାହାଡ଼ୀ ପ୍ରମୁଖ ଯୋଗଦେଇଥିଲେ। ନ୍ୟାୟ ବିଭାଗ ମୁଖ୍ୟ ଡ. ଜି. ଜୟମାଣିକ୍ୟ ଶାସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶାନ୍ତିପାଠ କରାଯାଇ ସଭା ସମାପ୍ତି ହୋଇଥିଲା।

## ଭାରତ କୋ ଜାନୋ କୁଇଜ୍ ପ୍ରତିଯୋଗିତା



ପୁରୀ,୧୪।୯ (ସମିସ): ପିଲାଟିବେଳୁ ବିଦ୍ୟାର୍ଥୀମାନଙ୍କୁ ଭାରତର ଐତିହ୍ୟ, ସଂସ୍କୃତି, ଶୌର୍ଯ୍ୟ, ପରାକ୍ରମ ଓ ବିକାଶ ସମ୍ପର୍କିତ ତଥ୍ୟକୁ ସୁନ୍ଦର ଜଣା ଅଜଣା କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାଦେବା ଭାରତ ବିକାଶ ପରିଷଦର ଭାରତ କୋ ଜାନୋ କାର୍ଯ୍ୟକ୍ରମର ଲକ୍ଷ୍ୟ। ସମ୍ପ୍ରତି ସଂସ୍କୃତି ଭବନରେ ଅନୁଷ୍ଠିତ ଓ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ଜଣା ଅଜଣା କାର୍ଯ୍ୟକ୍ରମରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ପୁରୀ ସହର ଓ ଆଖପାଖର ୩୭ଟି ଟିମ୍ ଯୋଗଦେଇଥିଲେ। କନିଷ୍ଠ ବର୍ଗରେ ପିତାମ୍ବର ମହାପାତ୍ର ଓ ଡ. ଶୁଭମ୍ ନନ୍ଦ ସଞ୍ଚାଳନ କରିଥିବାବେଳେ ବରିଷ୍ଠ ବର୍ଗର କୁଇଜ୍ ମାଷ୍ଟର ଥିଲେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା। ବରିଷ୍ଠ ବର୍ଗରେ ସୂର୍ଯ୍ୟକାନ୍ତ ମହାରଥୀ ଓ କଳିକେଶ ନାୟକ ପ୍ରଥମ, ଭାଗବତ ମହନ୍ତ ଓ ଦିଲ୍ଲୀପ କୁମାର ଦାଶ ଦ୍ୱିତୀୟ ଏବଂ ଶିବ ପ୍ରସାଦ ମିଶ୍ର ଓ ଶୁଭମ୍ କୁମାର ତୃତୀୟ ସ୍ଥାନ ଅଧିକାର କରିଥିଲେ। କନିଷ୍ଠ ବର୍ଗରେ ରଣବୀର ସିଂ ଓ ଆଦିତ୍ୟ ନାରାୟଣ ଶତପଥୀ ପ୍ରଥମ, ରଜତ ଶୁଭ୍ର ସାହୁ ଓ ଆୟୁଷ୍ମାନ ସାହୁ ଦ୍ୱିତୀୟ ଏବଂ ଶତାକ୍ଷୀ ମାଝୀ ଓ ଗାଥା ଗୁଞ୍ଜନ ତୃତୀୟ ସ୍ଥାନ ଅଧିକାର କରି ପରିଷଦର ଜାତୀୟ ଉପାଧ୍ୟକ୍ଷ ସୁନୀଲ ଖେରାଙ୍କ ସମେତ ପରିଷଦର କ୍ଷେତ୍ରୀୟ ମୁଖ୍ୟ ପୂର୍ଣ୍ଣ ଚନ୍ଦ୍ର ଖୁଣ୍ଟିଆ, ମହିଳା ସହଭାଗିତାର ଆଞ୍ଚଳିକ ମୁଖ୍ୟ ସୁପ୍ରୀତି ରଥ, ପ୍ରାନ୍ତୀୟ ସଚିବ ସୌମେନ୍ଦ୍ର ଦାସ, ସଂଗଠନ ସଚିବ ରାମ ଚନ୍ଦ୍ର ଦଳାଇ, ପ୍ରାନ୍ତ ସଭାପତି ସତ୍ୟବାଦୀ ଦାଶ, ଶାଖା ଅଧ୍ୟକ୍ଷ ଡ. ନାରାୟଣ ଚନ୍ଦ୍ର ଦାଶ, ଅର୍ଥ ସଚିବ ହରପ୍ରସାଦ ମହାପାତ୍ର, ସଂସ୍କାର ମୁଖ୍ୟ ବୁଦ୍ଧଦେବ ମହାପାତ୍ର ଓ ପର୍ଯ୍ୟବେକ୍ଷକ ପୀୟୂଷ ପାଣିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅପରାହ୍ଣରେ ଜାତୀୟ ସମୂହଗାନ ପ୍ରତିଯୋଗିତାରେ ୬ଟି ଶିକ୍ଷାନୁଷ୍ଠାନର ପ୍ରତିଯୋଗୀ ଯୋଗଦେଇ ଦେଶାତ୍ମବୋଧ ପରିବେଶ ସୃଷ୍ଟି କରିଥିଲେ। ସାଂସଦ ସମ୍ବିତ ପାତ୍ରଙ୍କ ଦ୍ୱାରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜାତୀୟ ସମୂହ ଗାନ ପ୍ରତିଯୋଗିତାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀ ସଦାଶିବ ପରିସର ଚାମ୍ପିଅନ ହୋଇ ରାଜ୍ୟସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି କୁଇଜ୍‌ରେ ପ୍ରଥମ ହୋଇଥିବା ଉଭୟ ବର୍ଗର ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।

## ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ବାଲୁକା କଳା ଶିଖାଇଲେ



ମାନସପୁରୀ,୧୪।୯ (ସମିସ): ରାଜ୍ୟ ବାହାର ଏକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବାଲୁକା କଳା ଶିଖାଇଛନ୍ତି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ମାନସ ସାହୁ। ଚଣ୍ଡୀଗଡ଼ସ୍ଥିତ ଚିତକାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପୁରୀ ଆସିଥିବାବେଳେ ଲାଇଟ୍ ହାଉସ୍ ନିକଟସ୍ଥ ବେଳାଭୂମିରେ ଥିବା ମାନସଙ୍କ ସ୍ୟାଣ୍ଡ ଆର୍ଟ ପାର୍କରେ ବାଲୁକା କଳାର ପ୍ରଶିକ୍ଷଣ ନେଇଥିଲେ। ଚିତକାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମାନସ ବିଭିନ୍ନ ସାମୁଦ୍ରିକ ଜୀବମାନଙ୍କର ବାଲୁକା କଳା ଶିଖାଇଛନ୍ତି। ଏଥିସହ ଏହି ବାଲୁକା କଳାରେ କିପରି କଇଁଛ ଏବଂ ସାମୁଦ୍ରିକ ଜୀବମାନଙ୍କ ସୁରକ୍ଷା କରିପାରିବାର ବାର୍ତ୍ତା ମଧ୍ୟ ଦେଇଛନ୍ତି। ଏଥିରେ ମାନସ ସାହୁଙ୍କୁ ସମାଜସେବୀ କେଦାରନାଥ ମହାପାତ୍ର, ସତ୍ୟନାରାୟଣ ପାତ୍ର ସହଯୋଗ କରିଛନ୍ତି।

## ଶ୍ରୀମନ୍ଦିରରେ ସହସ୍ର କୁମ୍ଭାଭିଷେକ

ପୁରୀ,୧୪।୯ (ସମିସ): ଶ୍ରୀମନ୍ଦିରରେ ରବିବାର ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍‌ଥାପନ ନୀତି ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ୧୧ଟା ୩୫ରେ ସକାଳ ଧୂପ ଶେଷ ହେବା ପରେ ସହସ୍ର କୁମ୍ଭାଭିଷେକ ନୀତି ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟା ୪୦ରେ ଭଣ୍ଡାରଘରୁ ଦୁର୍ଗାଦେବୀଙ୍କୁ ଅଣାଯାଇ ରତ୍ନସିଂହାସନକୁ ବିଜେ କରାଯାଇଥିଲା। ଏହାପରେ ଆଜ୍ଞାମାଳ ପାଇ ସୋମନାଥ ମଣ୍ଡପରେ ପଡ଼ିଥିବା ଖଟ ଉପରେ ବିଜେ ହୋଇଥିଲେ। ଦେବୀଙ୍କୁ ସହସ୍ର କୁମ୍ଭ ଜଳରେ ସ୍ନାନ କରାଯାଇଥିଲା। ଏହା ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ଚାଲିଥିଲା। ପରେ ଶ୍ରୀଅଙ୍ଗ ପୋଛା, ବେଶ, ବସ୍ତ୍ର ଆଦି ଲାଗି କରାଯାଇ ଶୀତଳଭୋଗ ଓ ବନ୍ଦାପନା ହୋଇଥିଲା। ଅପରାହ୍ଣ ୪ଟା ୪୦ରେ ଦୁର୍ଗାଦେବୀଙ୍କୁ ଭଣ୍ଡାରଘରକୁ ବିଜେ କରାଯାଇଥିଲା। ଶାରଦୀୟ ଷୋଡ଼ଶ ଦିନାତ୍ମକ ପୂଜାରେ ଦୁର୍ଗାମାଧବ ଏକତ୍ର ଭଦ୍ରାସନରେ ରୁନ୍ଧା ହୋଇ ବିମଳା ମନ୍ଦିରକୁ ବିଜେ କରିଥା’ନ୍ତି। ପ୍ରଥମ ୮ ଦିନ ସକାଳ ଧୂପ ସମ୍ପନ୍ନ ହେବା ପରେ ଦୁର୍ଗାମାଧବ ଭଣ୍ଡାରଘର ନିକଟରୁ ବିମଳା ମନ୍ଦିରକୁ ବିଜେ କରିଥା’ନ୍ତି। ସନ୍ଧ୍ୟାଧୂପ ନୀତି ବଢ଼ିବା ପରେ ଭଣ୍ଡାରଘରକୁ ବାହୁଡ଼ିଥା’ନ୍ତି। ତେବେ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ପ୍ରତିଦିନ ଦୋଳମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ରଥରେ ବିଜେ କରିଥା’ନ୍ତି। ଏହାକୁ ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା କୁହାଯାଏ।

ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ

## ୬୩ କୃତୀ ପ୍ରତିଯୋଗୀ ପୁରସ୍କୃତ



ପୁରୀ,୧୪।୯ (ସମିସ)

ସ୍ଥାନୀୟ ତାଳବଣିଆ ଖେଳପଡ଼ିଆ ଓ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୫ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୨୦ ଜଣ ପ୍ରତିଯୋଗୀ ୧୨ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ମଧ୍ୟରେ ଫୁଟ୍‌ବଲ୍, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ଚେସ୍, କ୍ୟାରମ୍, ଦୌଡ଼, ବକ୍ତୃତା, ଦଳଗତ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍ ଆଦି କନିଷ୍ଠ, ବରିଷ୍ଠ, ବାଳକ, ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୬୩ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପଛରେ ନାହାନ୍ତି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ସବୁ ସ୍ତରରେ ନିରନ୍ତର ଉଦ୍ୟମ ହେବା ଉଚିତ୍। ସମ୍ମାନିତ ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ଉପେନ୍ଦ୍ର ବିଶ୍ୱାଳ, ସିଡବ୍ଲୁସି ସଦସ୍ୟ, ପ୍ରୋଟେକ୍ସନ ଅଫିସର ସୁହାଗୀ ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ କୁମାର ସେନାପତି ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ପୁରସ୍କୃତ କରିବା ସହିତ ଆଗକୁ ବଢ଼ିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା, ଶିକ୍ଷାବିତ୍ ଶିବ ସୁନ୍ଦର ମିଶ୍ର, କୁମାର ଭୀମସେନ, ରୋଜାଲିନ ପଣ୍ଡା, ରୋଜାଲିନ ସାମନ୍ତରାୟ, ଦର୍ଶନା କର ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପ ଲାଇନ୍‌ର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପୌରାଣିକ ନାଟକ ‘ଅଶୁଭ କନ୍ୟା’ ଉନ୍ମୋଚିତ

ପୁରୀ,୧୪।୯ (ସମିସ): ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡ଼ିଶା ପୁରୀ ଆନୁକୂଲ୍ୟରେ ବିଶିଷ୍ଟ ଚିକିତ୍ସକ ତଥା ନାଟ୍ୟକାର ଡାକ୍ତର ରାଧାକାନ୍ତ ମହାପାତ୍ରଙ୍କର ୮୮ତମ ଜନ୍ମ ଦିବସ ଅବସରରେ ତାଙ୍କ ଦ୍ୱାରା ଲିଖିତ ପୌରାଣିକ ନାଟକ “ଅଶୁଭ କନ୍ୟା’ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜନେତା ସଜ୍ଜନ ଶର୍ମା ଯୋଗଦେଇ କହିଲେ, ଡାକ୍ତର ମହାପାତ୍ର ଅଶୁଭ କନ୍ୟା ବ୍ୟତୀତ ଅର୍କକ୍ଷେତ୍ର, କାନଫୁଲ ଓ ପୂର୍ଣ୍ଣାହୁତି ପ୍ରଭୃତି ଅନେକ ନାଟକ ରଚନା କରିଛନ୍ତି। ତାଙ୍କର ସମସ୍ତ ନାଟକ ଆକାଶବାଣୀ ମାଧ୍ୟମରେ ସାରା ଓଡ଼ିଶାରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଅନ୍ୟତମ ଅତିଥି ଭାବେ ରାଜନେତା ଗୋଲଖ ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ସତ୍ୟବାଦୀର ଇତିହାସକାର ଭୀମସେନ ମହାପାତ୍ର, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାମନ୍ତରାୟ, ଆଦିତ୍ୟ ବାହିନୀର ଜାତୀୟ ଶାଖା ମୁଖ୍ୟ ମାତୃ ପ୍ରସାଦ ମିଶ୍ର, ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶ, ପଣ୍ଡିତ ସଦାଶିବ ମିଶ୍ର ଓ ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଟ୍ରଷ୍ଟର ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା। ଡାକ୍ତର ମହାପାତ୍ରଙ୍କ ପତ୍ନୀ ସୁନନ୍ଦା ଦେବୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଦେବଦତ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଘରେ ପଶି ମହିଳା ସରପଞ୍ଚଙ୍କୁ ସଙ୍ଘବଦ୍ଧ ଆକ୍ରମଣ ଘଟଣା

# ମାମଲା ରୁଜୁ କରି ପୁଲିସ ଚୁପ୍





- ୧୮ ରୁ ଥାନା ଆଗରେ ଧାରଣା ଦେବ ଲୋହିଆ ମଞ୍ଚ
- ସରପଞ୍ଚ ସଂଘର ସରକାରୀ କାର୍ଯ୍ୟ ବର୍ଜନ ୧୭ରୁ

ରାଜନଗର,୧୪।୯ (ସମିସ): ମହିଳା ସରପଞ୍ଚଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ କରାଯିବା ଘଟଣାରେ ପୁଲିସ ମାମଲା ରୁଜୁ କରି ଚୁପ୍ ବସିଛି। ସଙ୍ଗିନ ଦଫାରେ ମାମଲା ରୁଜୁ କରିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଘଟଣାର ୯ ଦିନ ପରେ ବି ଗିରଫ ନ କରିବା ଘଟଣାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲା ସରପଞ୍ଚ ସଂଘ ସଭାନେତ୍ରୀ ଚାମେଲୀ ଓଝାଙ୍କ ନେତୃତ୍ୱରେ ସରପଞ୍ଚମାନେ ରାଜନଗର ଆଇଆଇସି, ଜିଲ୍ଲାପାଳ, ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଥିବାବେଳେ ଆଜି ଆମ୍ବେଦକର ଲୋହିଆ ବିଚାର ମଞ୍ଚ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛି। ଅନ୍ୟପକ୍ଷରେ ରାଜନଗର ସରପଞ୍ଚ ସଂଘ ବୈଠକ ବସି ସରକାରୀ କାର୍ଯ୍ୟ ବର୍ଜନ କରିବାକୁ ନିଷ୍ପତ୍ତି ହୋଇଛି।

ଆଜି ଆମ୍ବେଦକର ବିଚାର ଲୋହିଆ ମଞ୍ଚ କେନ୍ଦ୍ରପଡ଼ା ଜିଲ୍ଲା ସଂଘ ପକ୍ଷରୁ ରାଜନଗର ଆଇଆଇସିଙ୍କୁ ରାଜପୁର ସରପଞ୍ଚ ରାଣୀମଞ୍ଜରି ସେଠୀଙ୍କୁ ତାଙ୍କ ଘରେ ପଶି ସଙ୍ଘବଦ୍ଧ ଆକ୍ରମଣ ଘଟଣାରେ କାହିଁକି ଅଭିଯୁକ୍ତଙ୍କୁ ଗିରଫ କରାଯାଉନି ବୋଲି ପ୍ରଶ୍ନ କରିବା ସହ ୧୭ ତାରିଖ ମଧ୍ୟରେ ଗିରଫ କରା ନ ଗଲେ ୧୮ ତାରିଖରୁ ଥାନା ଆଗରେ ଧାରଣାରେ ବସିବୁ ବୋଲି ଲିଖିତ ଭାବେ ଜଣାଇଛନ୍ତି। ଆମ୍ବେଦକର ବିଚାର ଲୋହିଆ ମଞ୍ଚ କେନ୍ଦ୍ରପଡ଼ା ଜିଲ୍ଲା ସଭାପତି ରବୀନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଏକ ଟିମ ଥାନାରେ ପହଞ୍ଚି ଲିଖିତ ଭାବେ ଜଣାଇଛନ୍ତି। ଆଜି ରାଜନଗର ସରପଞ୍ଚ ସଂଘ ସଭାପତି ଅଶୋକ ମହାନ୍ତିଙ୍କ ପୌରୋହିତ୍ୟରେ କୁରୁଣ୍ଟିଠାରେ ବୈଠକ ବସିଥିଲା। ଏହି ବୈଠକରେ ଜିଲ୍ଲା ସଂଘ ସହ ଆଲୋଚନା କରି ଏସପି ଅଫିସ ଘେରଉ ପାଇଁ ଆଲୋଚନା କରାଯାଇଥିଲା। ପୁଲିସ ଓ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ଆସନ୍ତା ୧୭ ତାରିଖରୁ ସରକାରୀ କାର୍ଯ୍ୟ ସରପଞ୍ଚମାନେ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିଲେ।

## ଦୟନୀୟ ଅବସ୍ଥାରେ ସୁଭଦ୍ରା



ଗରଦପୁର,୧୪।୯ (ସମିସ): ନା ଅଛି ଘର, ନା ଅଛି ପରିବାର। ଏଭଳି ଜଣେ ୮୦ ବର୍ଷୀୟ ବୃଦ୍ଧା ଦୀର୍ଘଦିନ ଧରି ଅସହାୟ ଅବସ୍ଥାରେ ଦିନକାଟୁଛନ୍ତି। ଆର୍ଥିକ ସମ୍ବଳ ନ ଥିବା ହେତୁ ଭୋକ ଉପାସରେ ଦିନ କାଟୁଛନ୍ତି। ସରକାରୀ ଯୋଜନାରେ ଗୃହ ମିଳିଥିଲେ ମଧ୍ୟ ଅକ୍ଷମତା ହେତୁ ଘର କରି ନ ପାରି ଭଙ୍ଗା ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଲଗାଣ ବର୍ଷା ଯୋଗୁଁ ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ପରେ ଏବେ ପାଲ ତଳ ପାଲଟିଛି ତାଙ୍କ ପାଇଁ ଆଶ୍ରୟ ସ୍ଥଳ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଗରଦପୁର ବ୍ଲକ ଅଧୀନ ସାନଅଡ଼ଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମରେ। ଗ୍ରାମର ୮୦ ବର୍ଷୀୟ ବୃଦ୍ଧା ସୁଭଦ୍ରା ଦାସଙ୍କ ଚାଳଘର ଲଗାଣ ବର୍ଷାରେ ସମ୍ପୂର୍ଣ୍ଣ ଭାଙ୍ଗିଯିବା ପରେ ସେ ଏବେ ବେସାହାରା ହୋଇପଡ଼ିଛନ୍ତି। ପରିବାର କହିଲେ ସେ ଏକା ହୋଇଥିବାରୁ ବୃଦ୍ଧା ଅବସ୍ଥାରେ ଘୁଣ୍ଡି ଘୁଣ୍ଡି ମାଗି ଯାଚି ଯାହା ଆଣନ୍ତି ସେଥିରେ ଭୋକ ମେଣ୍ଟାନ୍ତି। ପ୍ରଶାସନ ପକ୍ଷରୁ ବୃଦ୍ଧାଙ୍କୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

## ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ ପ୍ରସ୍ତୁତି ବୈଠକ




କେନ୍ଦ୍ରାପଡ଼ା,୧୪।୯ (ସମିସ): ଆସନ୍ତା ୧୭ ସେପ୍ଟେମ୍ବରରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ପ୍ରସ୍ତୁତି କରାଯାଉଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ, ଏଡିଏମଓ ମେଡିକାଲ ଡ. ପି.କେ. ପ୍ରହରାଜ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଗୌରାଙ୍ଗ ଗିରି, ଡ. ଶ୍ୟାମସୁନ୍ଦର ଟୁଡୁଙ୍କ ସମେତ ଜିଲ୍ଲା ପ୍ରୋଗ୍ରାମ ପରିଚାଳକ ଡ. ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ, ଫାଇନାସିଆଲ ଅଫିସର ଆଶୁତୋଷ ତ୍ରିପାଠୀ, ଜିଲ୍ଲା ଆକାଉଣ୍ଟସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ଡାଟା ମ୍ୟାନେଜର ଜ୍ୟୋତିରଞ୍ଜନ ପରିଡା, ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ସ୍ୱାସ୍ଥ୍ୟ ଉପକେନ୍ଦ୍ର , ଗ୍ରାମାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସବଡିଭିଜନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ପଟ୍ଟାମୁଣ୍ଡାଇ, ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆୟୋଜିତ ହେବ। ଏଥିରେ ଶିଶୁ କନ୍ୟାଠାରୁ ଆରମ୍ଭ କରି ସମସ୍ତ ମହିଳା ସେମାନଙ୍କ ଅଣସଂକ୍ରାମକ ରୋଗ ପରୀକ୍ଷା, ରକ୍ତହୀନତାର ପରୀକ୍ଷା, କୁଷ୍ଠ ଓ ଯକ୍ଷ୍ମା ଆଦି ରୋଗର ପରୀକ୍ଷା କରିବେ। ପ୍ରଧାନମନ୍ତ୍ରୀ ମଧ୍ୟପ୍ରଦେଶର ଇନ୍ଦୋରରେ ୧୭ ତାରିଖରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବେ। ସେହିପରି ରାଜ୍ୟ ଓ ଜିଲ୍ଲା ମହିଳା ଓ ଶିଶୁ ବିଭାଗ ତରଫରୁ ପୋଷଣ କାର୍ଯ୍ୟକ୍ରମ ମଧ୍ୟ ଏଥିରେ ସାମିଲ ହୋଇଛି।

## ବିଶୋକ-ପଲେଇ ରାସ୍ତା ମରଣଯନ୍ତା



ଡେରାବିଶ,୧୪।୯ (ସମିସ): ପଲେଇ ପଞ୍ଚାୟତ ଅନ୍ତର୍ଗତ ପଲେଇଠାରୁ ବିଶୋକ ପର୍ଯ୍ୟନ୍ତ ଯାଇଥିବା ୧୧ନଂ କେନାଲ ବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ୩.୪ କିଲୋମିଟର ଲମ୍ବ ବିଶିଷ୍ଟ ଏହି ରାସ୍ତା ୨୦୨୦ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ରାସ୍ତାର ଉନ୍ନତିକରଣ କାମ କରାଯାଇଥିଲା। ଏହି ରାସ୍ତାକୁ ୩.୨ କିଲୋମିଟର ପିଚୁ ଓ ୨୦୦ ମିଟର ପକ୍କା କରାଯାଇଛି। ଏଥିସହିତ ଏହି ରାସ୍ତାରେ ୭ଟି ପୋଲ ରହିଛି। ଠିକାଦାରଙ୍କୁ ୨୧।୩।୨୦୨୦ରୁ ୩୦।୪।୨୫ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏହି ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ ଠିକାଦରଙ୍କୁ ଅର୍ଥ ମଧ୍ୟ ପ୍ରଦାନ କରାଯାଇଛି। ବର୍ଷକୁ ଥରେ ରାସ୍ତା ଉପରକୁ ମାଡ଼ିଯାଇଥିବା ଘାସ ଓ ଅନାବନା ଗଛ କାଟିବା, ପାଣିଧାର କାଟିବା କଥା। ଆବଶ୍ୟକ ଅନୁଯାୟୀ ପିଚୁରାସ୍ତାର ଉଭୟ ପାଶ୍ୱର୍ ମାଟି ସେକ୍ଟର ମରାମତି କରିବା, ରାସ୍ତା ଉପର ଗର୍ତ୍ତ ଓ ଫାଟ ମରାମତି କରିବା । ବର୍ଷକୁ ଦୁଇଥର ରାସ୍ତା ପାଶ୍ୱର୍ରେ ନିର୍ମିତ ନାଳର ମରାମତି ଓ ଶଙ୍ଖ ପୋଲର ମରାମତି କରିବା। ରାସ୍ତାରେ ଲଗାଯାଇଥିବା କିଲୋମିଟର ଖୁଣ୍ଟ ଓ ସାଇନ ବୋଡର୍‌ର ମରାମତି କରିବା ଓ ବର୍ଷକୁ ଥରେ ଶଙ୍ଖପୋଲରେ ଧଳାରଙ୍ଗ ମାରିବା କଥା। ଠିକାଦାର ଏସବୁ କାର୍ଯ୍ୟ ସଠିକ ଭାବେ କରି ନ ଥିବାରୁ ଏବେ ରାସ୍ତାସାରା ଖାଲଖମା ସୃଷ୍ଟି ହୋଇ ମରଣଯନ୍ତା ପାଲଟିଛି। ଯଦି କୌଣସି ବାଇକ୍ ଆରୋହୀ କିମ୍ବା ପଥଚାରୀ ଅସାବଧାନ ହେବେ, ଦୁର୍ଘଟଣା ଘଟିବା ଥୟ। ଏହି ରାସ୍ତା ଉପରେ ପଲେଇ, ଖମୋଳ ଓ କାଉପଡ଼ା ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ଏହି ରାସ୍ତାକୁ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମଧୁସାଗର ବିଦ୍ୟାପୀଠ ପୁରାତନ ଛାତ୍ର, ବୁଦ୍ଧିଜୀବୀଙ୍କ ବୈଠକ



ମାର୍ଶାଘାଇ,୧୪।୯ (ସମିସ): ଅଙ୍ଗୁଳାଇ ମଧୁସାଗର ବିଦ୍ୟାପୀଠରେ ପୁରାତନ ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ପ୍ରହ୍ଲାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆଇନଜୀବୀ ଧ୍ରୁବଚରଣ ଜେନା, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଧୀରେନ୍ଦ୍ର ପୃଷ୍ଟି, ପୂର୍ବତନ ସରପଞ୍ଚ ରାଜୀବ ପୃଷ୍ଟି, କେଶବ ଲେଙ୍କା, ହୃଦାନନ୍ଦ ରାଉତ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଧିରଞ୍ଜନ ବାରିକ, କେନ୍ଦ୍ରାପଡ଼ା ଜିଲ୍ଲା ଓଷ୍ଟା ସମ୍ପାଦକ ଭଗବାନ ସାହୁ, ଯଦୁମଣି ପରିଡ଼ା ପ୍ରମୁଖ ଯୋଗଦେଇ ବିଦ୍ୟାପୀଠରେ ବିଭିନ୍ନ ବେଆଇନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଦ୍ୟାଳୟର ବିଭିନ୍ନ କମିଟି ଓ ପଞ୍ଚସଖା ଶିକ୍ଷା ସେତୁ କମିଟି ସହଯୋଗ ନିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଆଗାମୀ ଦିନରେ ପଞ୍ଚସଖା ଶିକ୍ଷାସେତୁ କମିଟି ସହଯୋଗ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟ ଉନ୍ନୟନ ପାଣ୍ଠିର ସଦୁପଯୋଗ ହେଉ ନ ଥିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯିବା ସମ୍ପର୍କରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ପାଠପଢାରେ ଅବହେଳା ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟିଗୋଚର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିବା ନେଇ ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ଭ୍ରମର ରାଉତ ପ୍ରକାଶ କରିଥିବାବେଳେ ପୂର୍ବତନ ସରପଞ୍ଚ ଶ୍ରୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## କେନାଲରେ ଘାଇ ଯୋଗୁଁ ସୋଟକୁ ଉଠୁନି ପାଣି



ପଞ୍ଚୁପାଣ୍ଡବ,୧୪।୯ (ସମିସ): ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମ ଦେଇ ଯାଇଥିବା କେନାଲରେ ଘାଇ ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ୮ ନଂ (କ) କେନାଲରେ ଦୀର୍ଘଦିନ ହେବ ଘାଇ ସୃଷ୍ଟି ହୋଇ ଗୋବରୀ ନଦୀକୁ ପାଣି ଚାଲିଯାଉଥିବାରୁ ଶେଷ ମୁଣ୍ଡକୁ ପାଣି ଯାଉ ନ ଥିବା ଅଭିଯୋଗ ହେଉଛି। ଏମିତିକି ପାଣି କମ୍ ଆସୁଥିବାରୁ କେତେକ ସୋଟରେ ପାଣି ଉଠୁ ନ ଥିବା ଚାଷୀ କହିଛନ୍ତି। ଗୋବରୀ ନଦୀକୁ ସଂଯୋଗ କରୁଥିବା ଏହି କେନାଲରେ ଘାଇ ସୃଷ୍ଟି ହୋଇଥିବାରୁ ପୋଲ ମୁଣ୍ଡ ଧସିଯିବା ଆଶଙ୍କା ରହିଛି। ଜଳ ସମ୍ପଦ ବିଭାଗ ଅଧିକାରୀ ଜାଣି ଅଜଣା ହୋଇଥିବା ଅଭିଯୋଗ ହେଉଛି। ଗତ କିଛିଦିନ ତଳେ ଏହି ସ୍ଥାନରେ ମରାମତି ହୋଇଥିଲା। ଏବେ ସେହି ଜାଗାରେ ଘଳିଆ ପଡ଼ିଛି। ଠିକାଦାର ନିମ୍ନମାନର କାମ କରିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

ଆଳି, ୧୪।୯ (ସମିସ): ଆଳି ପଞ୍ଚାୟତ ସମିତି ସଭାଗୃହରେ ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର ଅଧ୍ୟକ୍ଷତାରେ ଦୁର୍ଗାପୂଜା ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଆଳି ଥାନା ଏସଆଇ ମାନସ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଏବିଡିଓ ସୁମନ ବେହୁରା, ସମସ୍ତ ୧୨ଟି ପୂଜା କମିଟି ସଭାପତି, ସମ୍ପାଦକଙ୍କ ସହ ବିଦ୍ୟୁତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଅଗ୍ନିଶମ ଅଧିକାରୀ ଉପସ୍ଥିତ ଥିଲେ। କେତେକ ପୂଜା କମିଟି ସଭ୍ୟ ଆଇନଶୃଙ୍ଖଳା, ରାସ୍ତା ମରାମତି, ଟ୍ରାଫିକ ସମସ୍ୟା, ଡିଜେକୁ ବିରୋଧ କରିବା ସହ ପତ୍ରପୁର ସେତୁଠାରୁ ଗଡଗଡି ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରୁଥିବା ଗାଈଗୋରୁଙ୍କଙ୍କୁ ସ୍ଥାନାନ୍ତର ଦାବି ହୋଇଥିଲା। ମଦ ଦୋକାନ ବନ୍ଦ ରଖିବା ଓ ଆଳି ନୂଆ ବଜାର ଜବରଦଖଲ କରୁଥିବା ଦୋକାନ ଉପରେ ସତର୍କ ଦୃଷ୍ଟି ରଖିବାକୁ କିଛି ପୂଜା କମିଟିର ସଦସ୍ୟ ମତ ପ୍ରକାଶ କରିଥିଲେ। ଡାକବଙ୍ଗଳା ଛକରୁ ରାଜବାଟୀ ଓ ନିଆଳଠାରୁ ଆଳି ବଜାର ପର୍ଯ୍ୟନ୍ତ ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ ସଜାଡିବାକୁ ଦାବି ହୋଇଥିଲା। ବିଜେଡି ବ୍ଲକ ସଭାପତି ସନାତନ ମିଶ୍ର ସମସ୍ତ ଦିଗକୁ ଧ୍ୟାନ ଦେବାକୁ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରିଥିଲେ। ଆଇନଜୀବୀ ଅକ୍ଷୟ ମଲିକ ପୂର୍ବ ବର୍ଷର ଅଧିବେଶନ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଦେବାଶିଷ ମଲିକ, ପ୍ରଦୀପ ବେହେରା ଓ ହାରାଚାନ୍ଦ ସିଂ ବୈଠକ ପରିଚାଳନା କରିଥିଲେ।

## ଅଳିଆ ଗଦାରେ ପୂଜ୍ୟପୂଜା



ରାଜନଗର,୧୪।୯ (ସମିସ): ଅଳିଆ ଗଦାରେ ପୂଜ୍ୟପୂଜା। ରାଜନଗର ବ୍ଲକ୍‌ର ଜରିମୂଳ ବଜାରରେ ଥିବା ପୂଜ୍ୟପୂଜାଙ୍କ ପ୍ରତିମୂର୍ତ୍ତି ଉପରେ ଅଳିଆ ଗଦା କରାଯାଇଛି। ଜରିମୂଳ ହାଟ ପଡ଼ିଆରେ ବାରଗାଁର ଅନ୍ୟତମ ବରପୁତ୍ର ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ରହିଛି। ହାଟ ପଡିଆର ଦୁଇପାଶ୍ୱର୍ରେ ମାର୍କେଟ କମ୍ପ୍ଲେକ୍ସ ଅଛି। ପାଖରେ କଂକ୍ରିଟ ରାସ୍ତା ରହିଛି। ଦୁର୍ଭାଗ୍ୟର କଥା ହାଟପଡ଼ିଆର ଗୋଟିଏ ପାଖ କଂକ୍ରିଟ ରାସ୍ତା ସମ୍ପୂର୍ଣ୍ଣ ଭାବେ ଅଳିଆ ଆବର୍ଜନାରେ ଭରିଯିବା ସହିତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ପ୍ରତିମୂର୍ତ୍ତି ମଧ୍ୟ ଆବର୍ଜନା ମଧ୍ୟରେ ରହିଛି। ସପ୍ତାହକୁ ଦୁଇଦିନ ପଡିଆରେ ହାଟ ବସେ। ଏହି ହାଟ ପଡ଼ିଆକୁ ଚାନ୍ଦିବାଉଁଶମୂଳ ପଞ୍ଚାୟତ ପକ୍ଷରୁ ପ୍ରତିବର୍ଷ ନିଲାମ ଦିଆଯାଇଥାଏ। ଚଳିତ ମାସ ୧୨ ତାରିଖ ଦିନ ହାଟକୁ ନିଲାମ ଦିଆଯାଇଛି। ତେବେ ପଡ଼ିଆକୁ ସଫେଇ କରା ନ ଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି କରିଛି। ପୂଜ୍ୟପୂଜାଙ୍କୁ ସମ୍ମାନ ବଦଳରେ ତାଙ୍କ ପ୍ରତିମୂର୍ତ୍ତିକୁ ଅଳିଆ ମଧ୍ୟରେ ପୋତି ଦିଆଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

## ଏମବିକେ ଠେଲି ଦେବାରୁ ଇସି ମେମ୍ବର ଆହତ

ରାଜକନିକା,୧୪।୯ (ସମିସ): ଏମବିକେ ଠେଲି ଦେବାରୁ ଇସି ସଦସ୍ୟା ଆହତ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଜୟନଗର ପଞ୍ଚାୟତ ବଡ଼ପଙ୍କ ଗ୍ରାମର ଇସି ସଦସ୍ୟା ସୁଭାଷିନୀ ବିଶ୍ୱାଳଙ୍କୁ ଏମବିକେ ବଜରପୁର ଗାଁର ସ୍ୱର୍ଣ୍ଣଲତା ମଲିକ ବିଭିନ୍ନ ରେକର୍ଡ ମାଗିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଠେଲାପେଲା ହେବାରୁ ସୁଭାଷିନୀ ତଳେ ପଡି ଆହତ ହୋଇଥିଲେ। ସେ ମେଡିକାଲରୁ ଚିକିତ୍ସା ହୋଇ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ବାଇକ୍ ଧକ୍କାରେ ଯୁବତୀ ଆହତ

ଆଳି, ୧୪।୯ (ସମିସ): ଆଳି ଥାନା ଅନ୍ତର୍ଗତ ଗଡ଼ଗଡି ପୋଲ ଛକ ନିକଟରେ ଆଜି ସନ୍ଧ୍ୟାରେ ବରୁଣାଡ଼ିହା ଗ୍ରାମର ଯୁବତୀ ସ୍ୱପ୍ନାରାଣୀ ନାୟକ(୨୩) ଆଳି ପଟୁ ସାଇକଲ ଯୋଗେ ଆସୁଥିବା ସମୟରେ ଏକ ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ସ୍ୱପ୍ନାଙ୍କ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଗୋଡ଼, କାନ୍ଧ ଓ ଅଣ୍ଟା ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ସ୍ୱପ୍ନାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କୁ ଆଣିଥିଲେ। ଡାକ୍ତର ଚିକିତ୍ସା କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ।

## ଜୀବନବୀମା ଅଧିକାରୀଙ୍କ ପରଲୋକ



ପଟ୍ଟାମୁଣ୍ଡାଇ, ୧୪।୯ (ସମିସ): ଭାରତୀୟ ଜୀବନ ବୀମା ପଟ୍ଟାମୁଣ୍ଡାଇ ଶାଖାର ଉନ୍ନୟନ ଅଧିକାରୀ ସୁଦର୍ଶନ ଜେନାଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ୫୮ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ଗତକାଲି ସନ୍ଧ୍ୟାରେ ଶ୍ରୀ ଜେନା ତାଙ୍କ ପୋଖରିଆପଡ଼ା ବସଭବନରେ ଥିବାବେଳେ ହୃଦଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍‌ପିଟାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ଜିଲ୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ବିୟୋଗରେ ଜୀବନବୀମା କର୍ମଚାରୀ ମହଲରେ ଶୋକର ଛାୟା ଖେଳିଯାଇଛି।

## ଗୁହାଳକଣି ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ରାଜନଗର, ୧୪।୯ (ସମିସ): କୁରୁଣ୍ଟି ପଞ୍ଚାୟତର ଗୁହାଳକଣି ଗ୍ରାମକୁ ସବୁଦିନିଆ ରାସ୍ତା ନାହିଁ। ଗ୍ରାମବାସୀ ଏ ନେଇ ବାରମ୍ବାର ବ୍ଲକ ପ୍ରଶାସନଠୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଆଜି ଯାଏଁ ରାସ୍ତା ନିର୍ମାଣ ହେଲା ନାହିଁ। ବାଧ୍ୟ ହୋଇ ଗ୍ରାମବାସୀ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଚିଠି ଲେଖି ରାସ୍ତା ନିର୍ମାଣ ପାଇଁ ଗୁହାରି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ସଚିବ ଅମିତ ସିଂ ନେଗିଙ୍କୁ ଗୁହାଳକଣି ଗ୍ରାମବାସୀ ଲେଖିଥିବା ଚିଠିରେ ଆମ ଗାଁ ଉପଯୁକ୍ତ ରାସ୍ତା ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛୁ। ବର୍ତ୍ତମାନ ବର୍ଷାଋତୁରେ ରାସ୍ତା ବହୁତ ଖରାପ ଅବସ୍ଥାରେ ଅଛି। ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ, ଚାଷୀ, ରୋଗୀ ଓ ବୟସ୍କ ଲୋକଙ୍କ ପାଇଁ ସମସ୍ୟା ହେଉଛି। ଆମେ ଅନୁରୋଧ କରୁଛୁ ଯେ ସରକାରୀ ଯୋଜନାରେ ଆମ ଗାଁକୁ ନିକଟତମ ମୁଖ୍ୟ ରାସ୍ତା ସହିତ ସଂଯୋଗ କରୁଥିବା ଏକ ଉପଯୁକ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଅନ୍ତୁ। ଏହି ଗାଁର ବରିଷ୍ଠ ଆଇନଜୀବୀ ନଳିନୀକାନ୍ତ ଦାସ ଓ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ଚିଠି ଲେଖିଛନ୍ତି।

## ଜାତୀୟ ଉଦ୍ୟାନରେ ମାଛ ଧରି ଜଣେ ଗିରଫ

ରାଜନଗର, ୧୪।୯ (ସମିସ): ଭିତରକନିକା ଜାତୀୟ ଉଦ୍ୟାନର ସୁନେଇ ରୁପେଇ ନାଳିରେ ମାଛ ଧରୁଥିବାବେଳେ ବନ ବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବଗପଟିଆ ଗ୍ରାମର ଯାଦବ ମଣ୍ଡଳ ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବେଶ କରି ମାଛ ଧରୁଥିଲେ। ବନ ବିଭାଗ ପାଟ୍ରୋଲିଂ ଟିମ ଚଢ଼ଉ କରି ତାଙ୍କୁ ଗିରଫ କରିବା ସହ ଗୋଟିଏ ମୁଣା ଜାଲ, କଟୁରୀ, ୫ କେଜି ମାଛ ଜବତ କରିଛି। ଗୁପ୍ତି ବନପାଳ ବିଭୂତି ଭୂଷଣ ତରାଇ, ଫରେଷ୍ଟ ଗାର୍ଡ ଅଞ୍ଜନା ବେହେରା, ଦେବପ୍ରସାଦ ମୁଣ୍ଡା, ହିମାଂଶୁ ରାଉତ ଏହି ଟିମ୍‌ରେ ସାମିଲ ଥିଲେ।

### ● ଦାମୋଦରଜୀଉ ବିଦ୍ୟାପୀଠ

## ସ୍କୁଲ ସମ୍ମୁଖ ଖାଲରେ ଜମୁଛି ପାଣି; ଶ୍ରେଣୀଗୃହ ପ୍ରତି ବିପଦ

ପଞ୍ଚୁପାଣ୍ଡବ,୧୪।୯ (ସମିସ): ଡେରାବିଶ ବ୍ଲକ୍ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମରେ ଥିବା ଦାମୋଦରଜୀଉ ବିଦ୍ୟାପୀଠ ସମ୍ମୁଖରେ ଏକ ଖାଲରେ ଦୀର୍ଘଦିନ ଧରି ପାଣି ଜମି ରହିଥିବା ଦେଖିବାକୁ ମିଳୁଛି। ଏହା ବିଦ୍ୟାଳୟ ପାଚେରି ଓ ଶ୍ରେଣୀଗୃହ ପ୍ରତି ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଉକ୍ତ ବିଦ୍ୟାଳୟ ପାଚେରିକୁ ଲାଗି ରହିଥିବା ଖାଲରେ ବର୍ଷେ ଧରି ଜଳ ନିଷ୍କାସନ ହୋଇ ନ ପାରି ପାଣି ଜମି ରହିଛି। ଏଥିରେ ମଲା ଜୀବଜନ୍ତୁ ପଡ଼ି ରହିଥିବାବେଳେ ପାଣିରୁ ଦୁର୍ଗନ୍ଧ ବାହାରୁଥିବା ଛାତ୍ରଛାତ୍ରୀ କହିଛନ୍ତି। ପାଣିରୁ ଦୁର୍ଗନ୍ଧ ହେବା ଦ୍ୱାରା ଛାତ୍ରଛାତ୍ରୀ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା ଆଶଙ୍କା ଥିବା ଜଣେ ଶିକ୍ଷକ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ଆମେ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାଙ୍କୁ ଜଣାଇଛୁ। କେହି ସମସ୍ୟାକୁ ଗୁରୁତ୍ୱ ଦେଉ ନ ଥିବା ଦୁଃଖର ସହ କହିଛନ୍ତି। ଏହି ଖାଲରେ ପାଣି ଜମି ରହିଥିବାରୁ ପାଚେରି ସହ ଶ୍ରେଣୀ ଗୃହ ଭୁଶୁଡ଼ି ପଡ଼ିବା ସମ୍ଭାବନା ରହିଛି ବୋଲି ବିଦ୍ୟାଳୟର ପୁରାତନ ଛାତ୍ର ଅନାଦି ଚରଣ ବେହୁରା କହିଛନ୍ତି। ଏହି ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ୨୩୬ ଛାତ୍ରଛାତ୍ରୀ ପଢୁଥିବାବେଳେ ସରକାରଙ୍କ ଅବହେଳା ପାଇଁ ପ୍ରଶାସନ କି ରାଜନେତା ବିଦ୍ୟାଳୟକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହି ଖାଲକୁ ମାଟି ପକାଇ ଛାତ୍ରଛାତ୍ରୀଙ୍କ ପାଇଁ ସାଇକଲ ଷ୍ଟାଣ୍ଡ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଖୋଲୁନି ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ତାଲା

### ଅଫିସ ଆସୁନାହାନ୍ତି ନିର୍ବାହୀ ଅଧିକାରୀ

ପଟ୍ଟାମୁଣ୍ଡାଇ/ମାଳିପୁର,୧୪।୯ (ସମିସ):

ସରକାର ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବାକୁ ସଜବାଜ ହେଉଥିବାବେଳେ ଦୀର୍ଘଦିନ ଧରି ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ତାଲା ଖୋଲାଯାଉ ନ ଥିବା ଅଭିଯୋଗ ହେଉଛି। ସରକାର ପଞ୍ଚାୟତବାସୀଙ୍କ ସୁବିଧା ପାଇଁ ଯତ୍ନଶୀଳ ହେଉଥିବାବେଳେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅନ୍ତର୍ଗତ ବଳଭଦ୍ରପୁର ପଞ୍ଚାୟତ ବାସିନ୍ଦା ଅବହେଳାର ଶିକାର ହେଉଥିବା ନଜରକୁ ଆସିଛି।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ବଳଭଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ଦୀର୍ଘଦିନ ହେଲା କାର୍ଯ୍ୟାଳୟକୁ ଆସୁନାହାନ୍ତି । ଯଦି କେହି ଫୋନ କରୁଛନ୍ତି ଆଜି ଯିବି କାଲି ଯିବି କହି ମିଥ୍ୟା ପ୍ରତିଶ୍ରୁତି ଦେଇ ଚାଲିଛନ୍ତି। ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ରହିଛି। ନିର୍ବାହୀ ଅଧିକାରୀ ମିଥ୍ୟା ବିଲ୍ କରି ସରକାରୀ ଅନୁଦାନ ହଡ଼ପ କରିଥିବା ଅଭିଯୋଗ ଥିବାରୁ ଲୋକଙ୍କ ପ୍ରଶ୍ନକୁ ଏଡ଼ାଇବା ପାଇଁ ଜାଣିଶୁଣି କାର୍ଯ୍ୟାଳୟକୁ ଆସୁନାହାନ୍ତି କିମ୍ବା ଅଫିସ ଖୋଲୁ ନ ଥିବା ବୋଲି ଅଭିଯୋଗ ହୋଇଛି। ଏପରିକି ଦୁଇ ଦୁଇଥର ପଲ୍ଲୀ ସଭା ପାଇଁ ଲୋକେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ଦୀର୍ଘ ସମୟ ପରେ ନିରାଶ ହୋଇ ଫେରିଛନ୍ତି। ବିଭିନ୍ନ ବାହାନା କରି ନିର୍ବାହୀ ଅଧିକାରୀ ପଲ୍ଲୀ ସଭା ବାତିଲ କରିଛନ୍ତି ବୋଲି ଗୁରୁତର ଅଭିଯୋଗ ହୋଇଛି। ମିଥ୍ୟା ବିଲ କରାଯାଉଥିବା ସନ୍ଦେହ ପ୍ରକାଶ କରି ସୂଚନା ଅଧିକାର ବଳରେ ସୂଚନା ପ୍ରାପ୍ତି ପାଇଁ କିଛି ପଞ୍ଚାୟତବାସୀ ଅପେକ୍ଷା କରିଥିଲେ ହେଁ ଶ୍ରୀ ସାମଲଙ୍କ ଦେଖା ମିଳୁନାହିଁ।

ଏପରିକି କାର୍ଯ୍ୟାଳୟରେ ତାଲା ପଡ଼ିଥିଲେ ମଧ୍ୟ ଦୀର୍ଘ ଦିନ ହେଲା ଦୁଇ ଦୁଇଟି ଫ୍ୟାନ ଚାଲୁଥିବା ଓ ୧୦୦ ୱାଟର ବଲବ ଜଳୁଥିବା ଦେଖିବାକୁ ମିଳୁଛି। କାର୍ଯ୍ୟାଳୟରେ ଥିବା ଶୌଚାଳୟ ଓ ଶୀତଳ ଜଳ ପାଇଁ ଲାଗିଥିବା ଯନ୍ତ୍ରକୁ ଜଳଯୋଗାଣର ବ୍ୟବସ୍ଥା ହୋଇ ପାରୁ ନ ଥିବାରୁ ଦୀର୍ଘ ଦିନ ହେଲା ଅକାମି ହୋଇ ପଡିଥିବା ଅଭିଯୋଗ ହୋଇଛି। ଅଫିସ ଖୋଲା ହୋଇ ନ ଥିବାରୁ କାର୍ଯ୍ୟାଳୟ ଗେଟ୍ ଓ କବାଟରେ ବୁଢିଆଣୀ ବସା ବାନ୍ଧିବା ସହିତ ପାରାଙ୍କ ମଳତ୍ୟାଗ ଫଳରେ ଚଟାଣ ଅପରିଷ୍କାର ହୋଇପଡିଥିବା ନଜରକୁ ଆସିଛି। ସମ୍ପୃକ୍ତ ନିର୍ବାହୀ ଅଧିକାରୀ ଅଫିସକୁ ନ ଆସି ବିଭିନ୍ନ ପ୍ରକଳ୍ପ ନାମରେ ଗୋଟିଏ ପରେ ଗୋଟିଏ ମିଥ୍ୟା ବିଲ କରି ସରକାରୀ ଅର୍ଥ ଲୁଟ କରିବାରେ ବ୍ୟସ୍ତ ରହୁଥିବା ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହି ଦୁର୍ନୀତିଗ୍ରସ୍ତ ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ ତଦନ୍ତ କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦେବାଶିଷ ରାଉଳ, ଦିବାକର ବେହେରା, ବାସୁଦେବ ପାତ୍ର, ବିକାଶ ବେହେରା, ପ୍ରକାଶ ରାଉତ, ସୁକାନ୍ତ ପରିଡା, ସୌମ୍ୟରଞ୍ଜନ ମହାନ୍ତି, ବିକାଶ ପରିଡା, କାଶୀନାଥ ବେହେରା ପ୍ରମୁଖ ଦାବି କରିଛନ୍ତି।

## ବିଦ୍ୟାଳୟରେ ମଦ୍ୟପାନ ଘଟଣା

# ୧୪ ଦିନ ପରେ ବି ୨ ଶିକ୍ଷକଙ୍କ ଉପରେ ହେଉନି କାର୍ଯ୍ୟାନୁଷ୍ଠାନ

କୋଲାବିରା,୧୪।୯(ସମିସ):

ରାତିରେ ବିଦ୍ୟାଳୟ କୋଠରୀରେ ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ ମାଦ୍ୟପାନ କରୁଥିବା ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡିଥିଲେ। ଶିକ୍ଷା ବିଭାଗରେ ଏନେଇ ଅଭିଯୋଗ ହେବାପରେ ତଦନ୍ତ କରାଯାଇ ସଂପୃକ୍ତ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପଟେଲଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏଥିରେ ସଂପୃକ୍ତ ଥିବା ଅନ୍ୟ ଦୁଇଜଣ ଶିକ୍ଷକଙ୍କୁ କୋଲାବିରା ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କାରାଯାଇଥିଲା। ସନ୍ତୋଷ ଜନକ ଉତ୍ତର ରଖିବାକୁ ତିନିଦିନର ମହଲତ ଦିଆଯାଇଥିଲା। ମାତ୍ର ଇତି ମଧ୍ୟରେ ୧୪ ଦିନ ବିତିଯାଇଥିଲେ ସୁଦ୍ଧା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଯାହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭାଗୀୟ କର୍ମଚାରୀ ହୋଇଥିବାରୁ ବିଭାଗୀୟ ତଦନ୍ତରେ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଦୁଇ ଶିକ୍ଷକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହେଉଛି। ଏତେଦିନ ଧରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ପଛରେ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟ କଣ ବୋଲି ଚର୍ଚ୍ଚା ହେଉଛି। ସୁଚନାନୁଯାୟୀ, ଓଡିଶା ସିଭିଲ ସର୍ଭିସ ରୁଲ ୧୯୬୨ ସବରୁଲ (୧)(ଏ) ଅଫ୍ ରୁଲ ୧୨ ଅନ୍ତର୍ଗତ ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ କୋଲାବିରା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୪୩୭/୩-୯-୨୦୨୫ ଆଦେଶ ବଳରେ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପଟେଲଙ୍କୁ ନିଲମ୍ବିତ କରାଯାଇଥିଲା। ଏହା ସହିତ ଏଥିରେ ସଂପୃକ୍ତ ଥିବା

**କାରଣ ଦର୍ଶାଅ ନୋଟିସ ଦେଇ ଚୁପ୍ ବିଭାଗ**

କୁଲିହାମାଲ ବିଦ୍ୟାଳୟର ଇନ୍‌ଚାର୍ଜ ପ୍ରଧାନ ଶିକ୍ଷକ ହରିହର ପଟେଲ ଏବଂ ଢେଙ୍ଗୁରଯୋର ବିଦ୍ୟାଳୟର ଶିକ୍ଷକ ଶିବନାରାୟଣ ପଟେଲଙ୍କୁ ବିଇଓଙ୍କ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ତେବେ ଉଭୟ ଶିକ୍ଷକ କାରଣ ଦର୍ଶାଅ ନୋଟିସର ଜବାବ କଣ ରଖିଛନ୍ତି ଏବଂ ତାଙ୍କ ବିରୁଦ୍ଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ସେ ବିଷୟ ଏପର୍ଯ୍ୟନ୍ତ ଅନ୍ଧାରରେ ରହିଛି। ଏବିଷୟରେ ଅଗ୍ରଗତି ନିମନ୍ତେ ଜାଣିବାକୁ କୋଲାବିରା ଗୋଷ୍ଠି ଶିକ୍ଷା ଅଧିକାରୀ ପ୍ରକାଶ ସାହୁଙ୍କୁ ଯୋଗାଯୋଗ କରିବାରେ ସେ ଏବିଷୟରେ



କିଛି କହିବାକୁ ଅନିଚ୍ଛା ପ୍ରକାଶ କରିବା ସହିତ କଥାକୁ ଭୁଲେଇବାକୁ ଭରପୁରଚେଷ୍ଟା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ରିପୋର୍ଟ ପଠାଯାଇଛି ସେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହି କଥାକୁ ଟାଳିଦେଇଛନ୍ତି। ତେବେ ଘଟଣାକ୍ରମରେ ସଂପୃକ୍ତ ଶିକ୍ଷକ ଦୁଇଜଣଙ୍କୁ କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିବା ବେଳେ ସେମାନଙ୍କ ଉତ୍ତର ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ତାଙ୍କର ନଥିବା କହିବା ସହିତ ସାମ୍ପ୍ରତିକ ସ୍ଥିତି ବିଷୟରେ ଜଣେଇବାକୁ କୁଣ୍ଠା ପ୍ରକାଶ କରିବା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପ୍ରତି ସନ୍ଦେହ ସୃଷ୍ଟି କରୁଛି। କୁଲିହାମାଲ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଚ୍ଚ ବିଦ୍ୟାଳୟ ଶ୍ରେଣୀର ହୋଇଥିବାରୁ ହୁଏତ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା କ୍ଷେତ୍ରରେ ହୋଇପାରେ ମାତ୍ର ଅନ୍ୟ ଶିକ୍ଷକ ଜଣଙ୍କ ବିଇଓ କୋଲାବିରାଙ୍କ ଆୟତ୍ତ ପରିଧି ମଧ୍ୟରେ ରହୁଥିବା ସତ୍ୱେ ଏପର୍ଯ୍ୟନ୍ତ ତଦନ୍ତରେ କୋହଳ ମନୋଭାବ ପ୍ରଦର୍ଶନ କରିବା କେତେଦୁର ଯୁକ୍ତି ଯୁକ୍ତ ତାହା ବିଚାରଯୋଗ୍ୟ ବୋଲି ନାଏବ ସରପଞ୍ଚ ଅଞ୍ଜଳି ବାଗଙ୍କ ସମେତ ସନ୍ୟାସୀପାଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏସଂକ୍ରାନ୍ତରେ ଅଧିକ ଜାଣିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା ମାତ୍ର ଯୋଗାଯୋଗ ସମ୍ଭବ ହୋଇପାରିନଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରିନାହିଁ।

## ଜେଡିପିଏର ଦ୍ୱିବାର୍ଷିକ କର୍ମକର୍ତ୍ତା ସମ୍ମିଳନୀ



ଝାରସୁଗୁଡା,୧୪।୯(ସମିସ): ଝାରସୁଗୁଡାଜିଲ୍ଲାଫଟୋଗ୍ରାଫର୍ସଆସୋସିଏସନ(ଜେଡିପିଏ) ଦ୍ୱିବାର୍ଷିକ କର୍ମକର୍ତ୍ତା ସମ୍ମିଳନୀ ଝାରସୁଗୁଡ଼ା ବେହେରାମାଲ ରାଧାମାଧବ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଅଭୟ ଚରଣ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟତିଥି ଭାବେ ପିଏମ୍ଓ ଫଟୋ ମହାସଂଘ ଓଡିଶା ତଥା ପିଏଏ ଅତାବିରାର ସଭାପତି ସଞ୍ଜୟ ରଥ , ବିଏପିଏ ବରଗଡର ସଭାପତି ଯଶୋବନ୍ତ ମେହେର, ପିଏଏ ଅତାବିରାର ସମ୍ପାଦକ ସୁଦାମ ଚରଣ ମିଶ୍ର ଜିଲ୍ଲାର ବରିଷ୍ଠ ଫୋଟଗ୍ରାଫର କୃଷଚନ୍ଦ୍ର ପୃଷ୍ଟି ମଞ୍ଚାସୀନ ହୋଇ ଜିଲ୍ଲାର ଫଟୋଗ୍ରାଫରଙ୍କ ଉନ୍ନତି ଏବଂ ସଭିଙ୍କ ଏକତା ରହିବା ମୂଳଲକ୍ଷ୍ୟ ବିଚାର କରି ଆସନ୍ତା ୨୦୨୫-୨୦୨୭ ପର୍ଯ୍ୟନ୍ତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସେଥିମଧ୍ୟରୁ ସଭାପତି ରୂପେ ରାଜେଶ କୁମାର ସିଂହ (ଜାମଗାଁ), ଉପସଭାପତି ସୁକାନ୍ତ କୁମାର ସାହୁ, ସମ୍ପାଦକ ରୂପେ ସୁଜିତ କୁମାର ସାହୁ (ଗାନ୍ଧିଛକ) ଏବଂ କୋଷାଧ୍ୟକ୍ଷ ରୂପେ ଭୁବନେଶ୍ୱର ସାହୁ (ଗାନ୍ଧିଛକ ) ନିର୍ବାଚିତ ହୋଇଥିଲେ। ଦଶ ଜଣ କାର୍ଯ୍ୟକାରୀ କମିଟି ଜିଲ୍ଲାର ଲଖନପୁର, ବେଲପାହାଡ, ବ୍ରଜରାଜନଗର, ଝାରସୁଗୁଡା, କୋଲାବିରା ଅଞ୍ଚଳର ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲା। ସମ୍ପାଦକ ସୁଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଡିଏଭିରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ




ଝାରସୁଗୁଡା/ବନ୍ଧବାହାଲ,୧୪।୯(ସମିସ): ବନ୍ଧବାହାଲ ଡିଏଭି ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା ପ୍ରଦୀପ ପ୍ରଜ୍ଜଳନ କରି ସଭା କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ହିନ୍ଦୀ ଭାଷା ସାହିତ୍ୟର ମହତ୍ତ୍ୱ ଏବଂ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଜିର ସଭା କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବିଦ୍ୟାଳୟର ହିନ୍ଦୀ ଭାଷା ସାହିତ୍ୟ ବିଭାଗ ଦ୍ୱାରା କରାଯାଇଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସୁନ୍ଦର ଭଜନ, ନାଟକ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହିନ୍ଦୀ ଭାଷାରେ ପରିବେଷିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଏଥିରେ ଅଂଶଗ୍ରହଣ କରିଥିଲେ।

## କୋଲାବିରାରେ ପୁଅ ଜିଉନ୍ତିଆ ଓଷା



କୋଲାବିରା,୧୪।୯(ସମିସ): ପୁଅ ଜିଉନ୍ତିଆ ଓଷା ବା ଦୁତିବାହନ ଓଷା କେଲାବିରା ଅଞ୍ଚଳରେ ପାଳିତ ହୋଇଛି। ପବିତ୍ର ମୂଳାଷ୍ଟମୀ ଅବସରରେ ପୁଅମାନଙ୍କର ମଙ୍ଗଳ ତଥା ଦୀର୍ଘ ଜୀବନ କାମନା କରି ମା'ମାନେ ଏହି ବ୍ରତି ରଖିଥିଲେ। ଦିନତମାମ ଉପବାସ ରହିବାପରେ ସଂଧ୍ୟାରେ ବିଭିନ୍ନ ସ୍ଥାନରେ ଏକାଠି ହୋଇ ଦୂତୀବାହନ ଏବଂ ଷଠୀ ମାତାଙ୍କ ପୂଜାର୍ଚ୍ଚନା କରିଥିଲେ। ୧୦୮ ଅକ୍ଷତ ଅରୁଆ ଚାଉଳ ସହିତ ଆଖୁ, ଓଉ, ବେଲ, କରମଙ୍ଗା, ଗଜାଧଳା ଚଣା, ଗଜାମୁଗ, ବାଇଗଣ ଷୁଲହା, ପଇଡ, ଅଦାଗଛ, କଖାରୁ ଫୁଲ, ଜହ୍ନିଫୁଲ, ନରକୋଲି, କମଳା ଆଦି ୨୧ ପ୍ରକାର ଫଳ ଫୁଲ ଓ ପନିପରିବା ସହିତ ଓ ୧୦୮ ଟି ଦୁବକୁ ନେଇ ପୂଜାର୍ଚ୍ଚନା କରିଥିଲେ। ପରେ ମହିଳାମାନେ ସୋମବାର ଭୋରରୁ ନଦୀ ତଥା ପୋଖରୀ କୂଳରେ ଗାଧୋଇ ବାଲି ଆଣି କୂଳରେ ରଖିବା ସହିତ ତାହାରି ଉପରେ କାଠି ବିଡା ରଖି ପୂଜାର୍ଚ୍ଚନା କରି ପଞ୍ଚାମୃତ ସହ ଗଜାମୁଗ ଗିଳିବା ପରେ ଘରକୁ ଫେରି ପୂଜା ହୋଇଥିବା ଦୁବବିଡା ଆଉ ଚାଉଳରେ ନିଜର ସନ୍ତାନ ସନ୍ତତିଙ୍କ ମଙ୍ଗଳ ଏବଂ ଦୀର୍ଘାୟୁ କାମନା କରି ଦୁବ ବନ୍ଧାପଣା ପରେ ଉପବାସ ଭାଙ୍ଗିଥିଲେ। ପରେ ଦେବୀଙ୍କ ନିକଟରେ ଅର୍ପଣ କରାଯାଇଥିବା ଜିଉଁତିଆ ବ୍ରତକୁ ହାତରେ ବାନ୍ଧିଥିଲେ।

## ସର୍ଗିବାହାଲ କାଳୀପୂଜା ପାଇଁ ପ୍ରସ୍ତୁତି

ପଦ୍ମପୁର,୧୪।୯(ସମିସ): ପଦ୍ମପୁର ଉପଖଣ୍ଡ ସର୍ଗିବାହାଲ ଗାଁରେ ଚଳିତ ବର୍ଷ କାଳୀପୂଜା ପାଇଁ ଗ୍ରାମବାସୀଙ୍କୁ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଅକ୍ଟୋବର ୧୯ ରୁ ୨୪ ପର୍ଯ୍ୟନ୍ତ କାଳୀ ପୂଜା ପାଳନ କରିବା ପାଇଁ ସ୍ଥିର କରାଯାଇଛି। ପୂଜା ପରିଚାଳନା ପାଇଁ ସର୍ବସମ୍ମତି କ୍ରମେ ସଭାପତି ଭାବେ ଛାୟାକାନ୍ତ ମେହେର, ଉପସଭାପତି ଶୀତଳ ବରିହା, ସମ୍ପାଦକ ଉମାକାନ୍ତ ସିଂ, ସହସମ୍ପାଦକ ଆଜାଦ ଦାଶ, କୋଷାଧ୍ୟକ୍ଷ ନାରାୟଣ ମହାପାତ୍ର, ସହକୋଷାଧ୍ୟକ୍ଷ ବିଜେଶ୍ୱର ମେହେରଙ୍କୁ ମନୋନୀତ କରାଯାଇଥିଲା।

## ଜେସିଡବ୍ଲ୍ୟୁ ଅଲଟ୍ରାଟେକ ସିମେଣ୍ଟ କାରଖାନାର ଜନ୍ମଦିବସ



ଝାରସୁଗୁଡା/କିର୍ମିରା,୧୪।୯(ସମିସ): ଝାରସୁଗୁଡା ଜିଲ୍ଲା କିର୍ମିରା ବ୍ଲକ ଅର୍ଡା ପଞ୍ଚାୟତ ଧୁତରା ନିକଟସ୍ଥ ଅଲଟ୍ରାଟେକ ସିମେଣ୍ଟ କାରାଖାନାରେ ଜେସିଡବ୍ଲ୍ୟୁ ଅଲଟ୍ରାଟେକ ସିମେଣ୍ଟ କାରଖାନାର ଜନ୍ମ ଦିବସ ପାଳନ କରାଯାଇଛି। କାରଖାନା ମାନବ ସମ୍ବଳ ଅଧିକାରୀ ପିତାମ୍ବର ପୃଷ୍ଟେଠଙ୍କ ତତ୍ତ୍ୱାବଧାନରେ ସହ ମୁଖ୍ୟ ସୁରକ୍ଷା ତଥା ପ୍ରଶାସନିକ ଅଧିକାରୀ ଦେବାନନ୍ଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ। କାରଖାନା ମହାପ୍ରବନ୍ଧକ ପୁରୁଷୋତ୍ତମ ଭେମୁରୀ ଆତିଥି ଭାବେ ଯୋଗଦେଇ ଦୀପପ୍ରଜ୍ଜଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାରଖାନାର ଜନ୍ମଦିନ ପାଳନ ଅବସରରେ କାରଖାନା ଆରମ୍ଭରୁ ଦୀର୍ଘ ସମୟଧରି କାର୍ଯ୍ୟ କରି ଅବସର ନେଇଥିବା କର୍ମଚାରୀ ଯୋଗଦେଇଥିଲେ। ସେମାନେ କାରଖାନାର କେତେକ ଅଭୁଲା ସ୍ମୃତିକୁ ପ୍ରକାଶ କରିଥିଲେ। ସେଥିମଧ୍ୟରେ ଅବସର ପ୍ରାପ୍ତ ସୁରକ୍ଷା ଅଧିକାରୀ ସ୍ୱାଧିନ ପଣ୍ଡା, ସିଏସ୍ଆର କେକେ ପାଣ୍ଡେ, ପୂର୍ବତନ କର୍ମଚାରୀ ସଂଘ ସଭାପତି ସୁନୀଲ ପଟେଲ, ଇଏଣ୍ଡଆଇ ଅଧିକାରୀ ଫକୀର ମୋହନ ଅଡା, ଆକାଉଣ୍ଟାଣ୍ଟ ସତ୍ୟଜିତ ହୋତା, ବିକେ ପାଣି, ସିସିଆର ଅନ୍ତର୍ଯ୍ୟାମୀ ମିଶ୍ର, ଯନ୍ତ୍ରୀ ନକୁଳ ସୁନାନୀ, ଷ୍ଟୋର ସୁପରଭାଇଜର ସୁଦିପ ସାହୁ କାରଖାନାର ଜନ୍ମଦିନ ପର୍ବରେ ପହଞ୍ଚି ସମସ୍ତଙ୍କୁ ଧନ୍ୟବାଦ କରିଥିଲେ। ଏଥିରେ ଧୁତରା, ଅର୍ଡା, ଚମ୍ପାପଡା, ସାରସମାଳ, ସାରସପାଳି, ଜାମକାନି, ସିଆଳରମା ଅଞ୍ଚଳର କେତେକ ଛାତ୍ରଛାତ୍ରୀ ରେକର୍ଡ ଡ୍ୟାନ୍ସ ପରିବେଷଣ କରି ମନୋରଞ୍ଜନ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ଆଖପାଖ ଅଞ୍ଚଳ ଅର୍ଡା ସରକାରୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦିପ ପଧାନ, ଶିକ୍ଷକ ସଂଜୀବ ତ୍ରୀପାଠି, ଟଙ୍କଧର ମଲ୍ଲିକ, ପୂର୍ବତନ ସରପଞ୍ଚ ଚୂଡାମଣି ସାହୁ, ପୂର୍ବତନ କିର୍ମିରା ବ୍ଲକ୍ ଉପାଧ୍ୟକ୍ଷ ଗୋପାଳ କଳାର, ଯୁବନେତା ମଳୟ ସାହୁ , କାରଖାନା କର୍ମଚାରୀ ସଂଘ ସଭାପତି ସନ୍ତୋଷ ବାଗ, ସମାଜ ସେବକ ଫୁଲେନ୍ଦ୍ର ଗର୍ଡିଆ, ବରିଷ୍ଠ ସାମ୍ବାଦିକ ଅଜୟ ଶର୍ମା ଓ ଡିଲେଶ୍ୱର ବାଗ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୋପାଳ ଶର୍ମା ପରିଚାଳନା କରିଥିବା ବେଳେ ପ୍ରସନ୍ନ ପୃଷ୍ଟାରୀ, ରାମଲାଲ ବାଗ, କାରଖାନାର ଅନେକ କର୍ମଚାରୀ ସହଯୋଗ କରିଥିଲେ।

## ୧୭ରେ ହକି ଷ୍ଟାଡିୟମର ଆଷ୍ଟ୍ରୋଟ୍ରଫ ନିର୍ମାଣର ଶୁଭାରମ୍ଭ



ଝାରସୁଗୁଡା,୧୪।୯(ସମିସ): ଝାରସୁଗୁଡ଼ା ଜିଲ୍ଲାର ହଂସମୁରା କଟାପାଲି ଥିବା ଏକମାତ୍ର ହକି ଷ୍ଟାଡିୟମର ଆଧୁନିକିକରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଇତିମଧ୍ୟରେ ଦୃଢ଼ ପଦେକ୍ଷପ ସ୍ୱରୂପ ନୂତନ ଭାବେ ଆଷ୍ଟ୍ରୋଟ୍ରଫ ନିର୍ମାଣ ଆରମ୍ଭ ହେବ। ଆସନ୍ତା ୧୭ ତାରିଖରେ ବ୍ରଜରାଜନଗର ବିଧାୟକ ତଥା ରାଜସ୍ୱ ଏବଂ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ଏହି ନିର୍ମାଣ କାର୍ଯ୍ୟର ଶୁଭ ଦେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚୱନ, ଜିଲ୍ଲା ପରିଷଦ ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ରୂଟ, ଜିଲ୍ଲା ହକି ସଙ୍ଘର କର୍ମକର୍ତା, ଅନ୍ୟ ଅଧିକାରୀ ଓ ଖେଳପ୍ରେମି ଉପସ୍ଥିତ ରହିବେ ବୋଲି ଜିଲ୍ଲା ହକି ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଥାଉକି, ଜିଲ୍ଲା ହକି ସଙ୍ଘର ଅନବରତ ଉଦ୍ୟମ ଫଳରେ ଗତ ୪ ବର୍ଷ ମଧ୍ୟରେ ବାଳକ ବାଳିକା ବର୍ଗରେ ଜୁନିଅର, ସବ୍‌ଜୁନିଅର ଏବଂ ସିନିଅରରେ ୪୮୦ ଜଣ ଖେଳାଳି ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରି ରାଜ୍ୟସ୍ତରରେ ହେଉଥିବା ଆନ୍ତ ଜିଲ୍ଲା ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ୨ ଜଣ ବାଳିକା ଏବଂ ୪ ଜଣ ବାଳକ ଜାତୀୟସ୍ତରରେ ଅଂଶଗ୍ରହଣ କରିଛନ୍ତି। ସ୍ୱଳ୍ପ ଦିନ ଭିତରେ ହକି ଖେଳର ପ୍ରଚାର ପ୍ରସାର, ଜାତୀୟସ୍ତରର ୫ ଇସାଇଡ ଆନ୍ତ ରାଜ୍ୟ ବାଳିକା ପ୍ରତିଯୋଗିତା ଓଡିଶାରେ ପ୍ରଥମ ଥର ଆୟୋଜନ କରି ଭାରତର ହକି ଇତିହାସରେ ପରିଚୟ ସୃଷ୍ଟି କରିଛି। ପ୍ରଶିକ୍ଷଣ ଶିବିର, ସ୍କୁଲ କଲେଜସ୍ତରରୁ ଖେଳାଳୀ ଚୟନ ଆଦି ବହୁମୁଖି ଯୋଜନା ଫଳରେ ଝାରସୁଗୁଡ଼ା ଜିଲ୍ଲାରେ ହକି ଖେଳ ପ୍ରତି ଆଗ୍ରହ ସୃଷ୍ଟି ହୋଇଛି। ଆଷ୍ଟ୍ରୋଟ୍ରଫ ନିର୍ମାଣ କାମ ସାଢେ ପାଞ୍ଚ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଆଷ୍ଟ୍ରୋଟ୍ରଫ ନିର୍ମାଣ ଫଳରେ ଆଗକୁ ଜିଲ୍ଲାରେ ଆନ୍ତର୍ଜାତିକସ୍ତରର ଖେଳାଳୀ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ସହିତ ଆଗକୁ ଦର୍ଶକମାନଙ୍କ ପାଇଁ ଗ୍ୟାଲେରୀ, ଖେଳାଳିମାନଙ୍କ ପାଇଁ ରହିବା ଘର, ଜିମ୍ ଆଦି ନିର୍ମାଣ ପାଇଁ ମହାନଦୀ କୋଲ ଫିଲଡ କମ୍ପାନୀ ସହଯୋଗରେ ୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କାରେ ନିର୍ମାଣ ହେବାକୁ ଯାଉଛି ବୋଲି ବିଶିଷ୍ଟ କ୍ରୀଡା ସଂଗଠକ ତଥା ଓଡ଼ିଶା ହକି ସଙ୍ଘର ଉପସଭାପତି ଜୀବନ ମହାନ୍ତି ପ୍ରକାଶ କରିଛନ୍ତି।

## ଭଅଁରଖୋଲ ଗୁଡ଼ି କୁଲତା ସମାଜର ବୈଠକ

ଝାରସୁଗୁଡା,୧୪।୯(ସମିସ): ଝାରସୁଗୁଡା ଜିଲ୍ଲା କଦେଲ ପିଟା ପୀଠ ଭଅଁରଖୋଲ ଗୁଡ଼ି କୁଲତା ସମାଜର ବୈଠକ ସାଗରପାଲି ନଖୁବାବା ମଠରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସାଗରପାଲି, ଭଅଁରଖୋଲ, ଠେବରା, ଡୁଡୁଗା ଗ୍ରାମର କୁଲତା ସମାଜର ଲୋକେ ଯୋଗଦେଇଥିଲେ। ଆଜିର ବୈଠକରେ ଭଅଁରଖୋଲ ଗୁଡ଼ିର ନୂତନ କମିଟି ଗଠନ ସହ ସଭାପତି ଏବଂ ସଂପାଦକ ଚୟନ କରାଯାଇଛି। କୁଲତା ସମାଜ ଭଅଁରଖୋଲ ଗୁଡ଼ିର ନୂତନ ସଭାପତି ଭାବରେ ଦୋଳଗୋବିନ୍ଦ ବିଶ୍ୱାଳଙ୍କୁ ଚୟନ କରାଯାଇଥିବାବେଳେ ସମ୍ପାଦକ ଭାବରେ ଈଶ୍ୱର ପ୍ରଧାନ ଦାୟିତ୍ୱ ନେଇଛନ୍ତି। ପାଇଁ ଏହି କମିଟି କାର୍ଯ୍ୟ କରିବ ବୋଲି ବୈଠକରେ କୁହାଯାଇଛି। କାର୍ତ୍ତିକ ମାସ ଦ୍ୱିତୀୟ ରବିବାର ଏକ ବନ୍ଧୁ ମିଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

## ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚାରା ବଣ୍ଟନ



ଝାରବନ୍ଧ,୧୪।୯(ସମିସ): ଝାରବନ୍ଧ ବ୍ଲକ୍ ଉଦ୍ୟାନ କୃଷି ବିଭାଗ ତରଫରୁ ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ପାଇଁ ଆମ୍ବ ଗଛ ଚାରା ବଣ୍ଟନ କରାଯାଇଛି। ଝାରବନ୍ଧ ବ୍ଲକ୍‌ର କନ୍ଧାଡଙ୍ଗାର ସ୍କୁଲ, ବଣ୍ଡାମୁଣ୍ଡା ସ୍କୁଲ, ଚଣ୍ଡୀଭଟା ହାଇସ୍କୁଲ, ସତର୍କ ଅନୁଷ୍ଠାନ, ଡୁଙ୍ଗୁରିପାଲି ହାଇସ୍କୁଲ, ଝାରବନ୍ଧ ବ୍ଲକ୍ କାର୍ଯ୍ୟାଳୟ, ଲୌଡିଦର୍ହା ଆଶ୍ରମ ସ୍କୁଲ, ଡୁଙ୍ଗୁରିପାଲି ଆଶ୍ରମ, ଝାରବନ୍ଧ ଡିଗ୍ରୀ କଲେଜ, ଡଭା ସ୍କୁଲ, ବିଲାସପୁର ସ୍କୁଲ ତଥା ବିଭିନ୍ନ ସ୍କୁଲ ଏବଂ ଅନୁଷ୍ଠାନରେ ହାରାହାରି ୬୦୦ ଆମ୍ବ ଚାରା ବଣ୍ଟନ କରାଯାଇଥିବା ବିଭାଗ ତରଫରୁ ସୂଚନା ମିଳିଛି। ଅନୁଷ୍ଠାନର ଅଧିକାରୀ, ଅଧ୍ୟକ୍ଷ, ପ୍ରଧାନ ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଚାରା ଗ୍ରହଣ କରିଥିଲେ। ଝାରବନ୍ଧ ବ୍ଲକ୍‌ର ଉଦ୍ୟାନ କୃଷି ଅଧୀଦର୍ଶକ ପ୍ରଦୀପ ପଟ୍ଟନାୟକ ଚାରା ବଣ୍ଟନ କରିଥିବା ବେଳେ ଚାଷୀ ଆଶିଷ ବନଛୋର ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ବୈଠକ



ଥୁଆପାଲି,୧୪।୯(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ରେମଣ୍ଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଭେଡେନ ସଙ୍କୁଳ ସ୍ତରୀୟ ସମସ୍ତ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ, ଶିଶୁ ବାଟିକା ପ୍ରମୁଖ ଓ ସ୍ୱଦେଶୀ ପ୍ରମୁଖ ମାନଙ୍କୁ ନେଇ ସଙ୍କୁଳ ସଂଯୋଜକ ଅଶ୍ୱିନୀ ବାରିକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଛି। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶିବାନନ୍ଦ ଦାଶ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଶ୍ରମତୀ ପଦ୍ମିନୀ ଭୁଏ ଦୈନିକ ଶ୍ରେଣୀ କାର୍ଯ୍ୟ ଯୋଜନା କାଳାଂଶ ନେଇଥିଲେ। ମୁକ୍ତା ରଥ (ଜିଲ୍ଲା ଶିଶୁ ବାଟିକା ପ୍ରମୁଖ) ଚର୍ଚ୍ଚା କାଳାଂଶ ନେଇଥିଲେ। କୃଷ୍ଣ ଚନ୍ଦ୍ର କର୍ମୀଙ୍କ ଦ୍ୱାରା ସ୍ୱଦେଶୀ ବୈଠକ କାଳାଂଶରେ ଶ୍ରୀବସ୍ତ୍ର ସାହୁ ସହଯୋଗ କରିଥିଲେ। ପ୍ରଧାନଆଚାର୍ଯ୍ୟ ଭୋଜରାଜ ଦୁଆନ, ଅଶୋକ ଧର, ନରେନ୍ଦ୍ର ରଣା, ଶଙ୍କର୍ଷଣ ମିଶ୍ର, କ୍ଷୀରେନ୍ଦ୍ର ରଣା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ମକୁନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମହୁରୀ ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

# 'ଭାବ, ବନ୍ଧୁତା, କଳା, ସଂସ୍କୃତି, ପରମ୍ପରାର ପର୍ବ'

ଝାରସୁଗୁଡା,୧୪।୯(ସମିସ):



ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ମୁହୁରୀ ପରିବାର ପକ୍ଷରୁ ସମଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ ସ୍ଥିତ ରତ୍ନ ମଣ୍ଡପଠାରେ ନୂଆଁଖାଇ ଭେଟଘାଟ୍ "ମୁହୁରୀ-୨୦୨୫' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତି ରାଜ ଏବଂ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାୟକ, ଭିସୁଟ ଆସିଷ୍ଟାଣ୍ଟ ପ୍ରଫେସର ଡା. ଶଙ୍କର ରାମ ଚନ୍ଦାନି, ଟିଆରଏଲ୍ କ୍ରୋସାକି କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପ୍ରଶାନ୍ତ ନାଏକ ପ୍ରମୁଖଙ୍କ ସହ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ନୁଆଁଖାଇ ଭେଟଘାଟ୍ ଭାବ, ବନ୍ଧୁତା, ପରସ୍ପର ସହ ଭଲ ପାଇବା, କଳା ସଂସ୍କୃତି, ପରମ୍ପରାର ପର୍ବ। ତେଣୁ ଏହାକୁ ପ୍ରତିବର୍ଷ ଧୁମଧାମରେ ପାଳନ କରିବାକୁ ଅତିଥିମାନେ ପ୍ରକାଶ କରିଛନ୍ତି। ଆଜିର ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଲୋକନୃତ୍ୟ, ଗୀତ, ବାଦ୍ୟ, ହାସ୍ୟା ରସାତ୍ମକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଛି। ବିଭିନ୍ନ ଷ୍ଟଲ ଗୁଡିକରେ ପଶ୍ଚିମ ଓଡ଼ିଶାର ପାରମ୍ପରିକ ଖାଦ୍ୟପେୟର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁହୁରୀ ପରିବାରର ଉପଦେଷ୍ଟା ପ୍ରମୋଦ ସେନାପତି, ସଭାପତି ସୌଭାଗ୍ୟ ରଞ୍ଜନ ସାହୁ, ସାଧାରଣ ସମ୍ପାଦକ ମନୋଜ ପାଣ୍ଡେ, କୋଷାଧ୍ୟକ୍ଷ ପ୍ରେମ ଅଗ୍ରୱାଲଙ୍କ ସମେତ ଖୁସିରାମ ମେହେର, ସୌମ୍ୟ ରଞ୍ଜନ ସାହୁ, ମନୋଜ ପଟେଲ, ଡୋଳାମଣି ମେହେର, ଅକ୍ଷୟ ଗିରି, ଲିପୁନ ସାହୁ, ଜିକେସ ବୁଢ଼ିଆ, କୁନୁ ସାହୁ, ସଞ୍ଜୟ ଅଗ୍ରୱାଲ, ବିଜୟ ବେହେରା, ବିକାଶ ସ୍ୱାଇଁ, କାହ୍ନା ଗିରି ପ୍ରମୁଖ ଉପସ୍ଥିତ ଥିଲେ।

'ବୃତ୍ତି ଏ ମୋ ପୋଷେ କୁଟୁମ୍ବ'

# ଜନମାନସରୁ ଲିଭିଗଲାଣି କମାରଶାଳ

ଶେରଗଡ଼,୧୪।୯ (ସମିସ):

ସହରି ସଭ୍ୟତାର ମୋହରେ ଗାଁ ଗହଳିର ସଭ୍ୟତା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି। ଏହା ଛଡା ସରକାରୀ ପ୍ରୋତ୍ସାହନ ଅଭାବରୁ ନିଜ କୌଳିକ ବୃତ୍ତିକୁ ଛାଡୁଛନ୍ତି ଗାଁ ଲୋକ। ଏହାର ଏକ ସଦ୍ୟତମ ଉଦାହରଣ ହେଉଛି ଶେରଗଡ଼ର ବିଭିନ୍ନ ସ୍ଥାନରେ ଗଢି ଉଠିଥିବା କମାରଶାଳ। ପୂର୍ବରୁ ଗ୍ରାମାଞ୍ଚଳରୁ ଅନେକ ଲୋକ ବିଭିନ୍ନ କୌଳିକ ବୃତ୍ତିକୁ ଆପଣାଇ ଚଳୁଥିଲେ। କିନ୍ତୁ ସମୟାନୁକ୍ରମେ ତାହା ଲୋପ ପାଇଯାଉଛି। ଆଜିର ଦିନରେ ଲୋକମାନେ ଅତ୍ୟାଧୁନିକ ମେସିନାରୀକୁ ଆଦରି ନେଉଥିବା ବେଳେ କମାରଶାଳରେ ତିଆରି ଜିନିଷର ଉଚିତ ମୂଲ୍ୟ କାରିଗରମାନେ ପାଉନାହାନ୍ତି। ଶେରଗଡ଼ ସହରର ଆଖପାଖରେ ଥିବା ଗାଁ ଗୁଡିକ ଏବେ ସହର ପାଲଟି ଯାଇଛି। ଆଗରୁ ଚାଷ ହେଉଥିବା ଜମିରେ ଗଢ଼ିଉଠିଛି ବଡ଼ ବଡ଼ ଅଟ୍ଟାଳିକା। ତେଣୁ ଚାଷ କରିବା ଆବଶ୍ୟକ ପଡୁନି। ଅନ୍ୟପଟେ ସହରରେ ଯେଉଁଠି ବି ଚାଷ ଜମି ଅଛି ସେଥିରେ ବିଭିନ୍ନ ପ୍ରକାରର ଯନ୍ତ୍ର ବ୍ୟବହାର ହେଉଛି।



**ରାଜସ୍ଥାନ, ବିହାର, ମଧ୍ୟପ୍ରଦେଶରୁ ଆସି ରାସ୍ତା କଡ଼ରେ କରିଛନ୍ତି ଶାଳ**

**ଆଗାମୀ ପିଢ଼ି ସଂଗ୍ରହାଳୟରେ ଦେଖିବେ କମାରଶାଳ**

କିଣିବାକୁ ମିଳିଯାଉଛି। ବ୍ୟବହାର କମି ଯାଇଥିବାରୁ ରୋଜଗାର ବି କମିଗଲା। ଧୀରେ ଧୀରେ କମାରମାନେ ପେଟ ପୋଷିବାକୁ ବିକଳ୍ପ ରାସ୍ତା ବାଛିନେଲେ।

ଏପଟେ କମାରଶାଳର ସ୍ଥାନ ନେଉଛି ଯାଯାବର କମାରଶାଳ। ଅର୍ଥାତ ରାଜସ୍ଥାନ, ବିହାର, ମଧ୍ୟ ପ୍ରଦେଶରୁ ଆସୁଥିବା ଏହି ଯାଯାବର କମାରମାନେ ରାସ୍ତା କଡ଼ରେ ଶାଳ ବସାଇ ବିଭିନ୍ନ ଲୁହା ଉପକରଣ ତିଆରି ସାଙ୍ଗକୁ ମରାମତି ବି କରୁଛନ୍ତି। ଦା, କାତି, କୋଦାଳ ଠାରୁ ଆରମ୍ଭ କରି ପନିକି, କୁରାଢ଼ୀ, କଟୁରୀ ଆଦି ତିଆରି କରି ବିକ୍ରି କରୁଛନ୍ତି। ଉଭୟ ପୁରୁଷ ଓ ମହିଳା ଏଥିରେ ଲାଗି ପଡୁଛନ୍ତି। ପୁରୁଷମାନେ ବିଭିନ୍ନ ସାମଗ୍ରୀ ତିଆରି କରୁଥିବାବେଳେ ମହିଳା ମାନେ ରାସ୍ତା କଡ଼ରେ ବସି ବିକ୍ରି କରୁଛନ୍ତି।

ଏନେଇ ଧନନ୍ତର ଗ୍ରାମର ବରିଷ୍ଠ କାରିଗର ତ୍ରିନାଥ ମହାରଣା କୁହନ୍ତି, ଆଗରୁ କମାରଶାଳରେ ଏତେ ଭିଡ ହେଉଥିଲା ଯେ, ଖାଇବା ଲାଗି ସମୟ ହେଉନଥିଲା। ଲୋକମାନେ ଆମକୁ ଜଗି ବସୁଥିଲେ। ମାତ୍ର ଆଜି କି ସମୟ ହେଲା, ଆଉ କମାରଶାଳ ନାହିଁ। ଗାଁ ଗହଳିରେ କେଉଁଠି କେମିତି ଅଛି। ମୁଁ କମାରଶାଳ କରିଥିଲି, ମୋର ପୁଅ ଏ ବୃତ୍ତିକୁ ଛାଡ଼ି ଦେଲେ। ଆମ ପରେ ଆଉ କମାରଶାଳ ଦେଖିବାକୁ ମିଳିବନି। ଦିନ ଆସିବ ଆଗାମୀ ପିଢ଼ୀ ସଂଗ୍ରହାଳୟରେ କମାରଶାଳ ସାଙ୍ଗକୁ ବିଭିନ୍ନ କୌଳିକ ବୃତ୍ତିକୁ ଦେଖିବାକୁ ପାଇବେ। ଆମ ପରେ ଏହି କମାରଶାଳ ପ୍ରାୟ ବିଲୁପ୍ତ ହୋଇଯିବ। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବା ସହ କୌଳିକ ବୃତ୍ତି ଗୁଡିକୁ ବଞ୍ଚାଇ ରଖିବା ଦିଗରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

■ ସୁରଜ ପେଟ୍ରୋଲ ଆଣିଲା କେଉଁଠୁ?

# ଚାରିଆଡ଼େ ଖୋଲାରେ ମିଳୁଛି ପେଟ୍ରୋଲ; ଜାଣିନି ପ୍ରଶାସନ

ବ୍ରହ୍ମପୁର,୧୪।୯ (ସମିସ): ବାଲେଶ୍ୱର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୂତି ମାମଲା ପରେ ପେଟ୍ରୋଲକୁ ନେଇ ନୂଆ ନିୟମ ହୋଇଥିଲା। କୌଣସି ଟାଙ୍କିରେ ପେଟ୍ରୋଲ ଖୋଲାରେ ମିଳିବ ନାହିଁ ବୋଲି ସରକାର କଡ଼ା ନିର୍ଦ୍ଦେଶନାମା ଜାରି କରିଥିଲେ। ପ୍ଲାଷ୍ଟିକ ବୋତଲରେ ଆଦୌ ନ ମିଳିବା ନେଇ ନୂଆ ନିୟମ କଥା ଲୋକେ ଜାଣିବାକୁ ପାଇଥିଲେ। ରାସ୍ତା କଡ଼ରେ ବି ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ ବିକ୍ରୀ କଲେ କାର୍ଯ୍ୟାନୁଷ୍ଠାନ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରିତ ହୋଇଥିଲା। ଏହି ନିୟମ କଡ଼ାକଡ଼ି ପାଳନ ନେଇ ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଥିଲା। ତେବେ ଏହି ନିୟମ ସଠିକ ଭାବେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହୋଇଛି। କାରଣ ଗତ ୧୦ତାରିଖ ରାତିରେ ନିଜ ଶରୀରରେ ପୋଟ୍ରୋଲ ଢାଳି ଆତ୍ମହୂତି ଉଦ୍ୟମ କରିଥିବା ତଳମେଣ୍ଟ ଛକର ସୁରଜ ସାହୁଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ସବୁଠାରୁ ବଡ଼ କଥା ହେଲା ସୁରଜ ପେଟ୍ରୋଲ କେଉଁଠୁ ଆଣିଲେ। ଦୋକାନ ବଜାରରେ ଖୋଲାରେ ମିଳୁଥିବାବେଳେ ପ୍ରଶାସନ ଏବାବଦରେ ଜାଣିଛି କି ନାହିଁ। ଏଭଳି ଅନେକ ପ୍ରଶ୍ନ ଏବେ ଉଭା ହୋଇଛି। ସୁରଜ କେଉଁ



**ସରକାରୀ ନିର୍ଦ୍ଦେଶକୁ ଫୁଁ'**

କାରଣରୁ ଏଭଳି ପଦକ୍ଷେପ ନେଲେ ତାକୁ ନେଇ ଚର୍ଚ୍ଚା ଜାରି ରହିଥିବାବେଳେ ପ୍ରେମ ସମ୍ପର୍କ ନତୁବା ପାରିବାରିକ କଳକୁ କେନ୍ଦ୍ର କରି ସୁରଜ ଏଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ କହିଥିଲେ। ବର୍ତ୍ତମାନ ପୁଲିସର ତଦନ୍ତ ଜାରି ରହିଥିବାବେଳେ ପ୍ରକୃତ କାରଣ ସ୍ପଷ୍ଟ ହେବ। ତେବେ ଯଦି ସେ କୌଣସି ନିକଟସ୍ଥ ଦୋକାନ କିମ୍ବା ପେଟ୍ରୋଲ ପମ୍ପରୁ ବୋତଲରେ ପେଟ୍ରୋଲ ଆଣିଥିବେ ତେବେ ସେହି କ୍ରେତାଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏସପି କହିଛନ୍ତି। ଅନ୍ୟପକ୍ଷରେ ସହର ବିଭିନ୍ନ ସ୍ଥାନରେ ଏବେ ମଧ୍ୟ ଖୋଲାରେ ପେଟ୍ରୋଲ ମିଳୁଛି। ଦୋକାନୀମାନେ ଲୁଚାଛପାରେ ପେଟ୍ରୋଲ ବିକୁଛନ୍ତି। ପ୍ରଶାସନ ଯଦି ଚଡ଼ଉ ନ କରେ ତେବେ ଆଗାମୀ ଦିନରେ ଏଭଳି ଘଟଣା ପୁନଃ ଘଟିବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ।

## ବିଶ୍ୱ ପ୍ରାଥମିକ ସହାୟତା ଦିବସ

ଭଞ୍ଜନଗର,୧୪।୯ (ସମିସ): କ୍ଷେତ୍ରୀୟବରପୁର ସ୍ଥିତ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଠାରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଅଧକ୍ଷ ଡ଼ ଗିରିଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାଥମିକ ସହାୟତା ପ୍ରଦାନ ଓ ଯୁବ ରେଡକ୍ରସ୍‌ର ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରସାୟନ ବିଭାଗର ମୁଖ୍ୟ ଡ. ରବିନାରାୟଣ ପାତ୍ର ଦୁର୍ବିପାକ ସମୟରେ ରେଡକ୍ରସ୍‌ର ସ୍ୱେଚ୍ଛାସେବୀ ଅନୁଷ୍ଠାନର ଆହତମାନଙ୍କୁ ମେଡିକାଲରେ କିଭଳି ପହଞ୍ଚାଇବେ ସେ ଉପରେ ମତବ୍ୟକ୍ତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ଦେବଦୂତ ଗୌଡ଼, ଅନିତା ତ୍ରିପାଠୀ ଓ ସଞ୍ଜୀବ କୁମାର ପଣ୍ଡା ଦୁର୍ବିପାକ ସମୟରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଓ ଜଳବାୟୁ ପରିବର୍ତ୍ତନର ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍‌ର କାଉନ୍‌ସିଲର ଡ ସଞ୍ଜୀବ କୁମାର ଦାସ ସଂଯୋଜନା କରିଥିବା ବେଳେ ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀ, ଛାତ୍ରୀ ସହଯୋଗ କରିଥିଲେ।

## 'ଆସ ସ୍କୁଲ୍ ଯିବା' କାର୍ଯ୍ୟକ୍ରମ ସମୀକ୍ଷା

ଧରାକୋଟ,୧୪।୯ (ସମିସ): ଧରାକୋଟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। ଗଞ୍ଜାମ ଜିଲ୍ଲା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ ଧନଞ୍ଜୟ ଉପସ୍ଥିତ ରହି ଏହାର ସମୀକ୍ଷା କରିଛନ୍ତି। ସର୍ଭେ କାର୍ଯ୍ୟକୁ ନେଇ ସେ ସନ୍ତୋଷ ବ୍ୟକ୍ତ କରିବା ସହ ଯେପରି ପ୍ରତ୍ୟେକ ପିଲା ବିଦ୍ୟାଳୟ ଅଭିମୁଖୀ ହେବେ ସେଥିପ୍ରତି ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଭିମନ୍ୟୁ ସାହୁ, ଗୋଷ୍ଠୀ ସମ୍ବଳ କେନ୍ଦ୍ର ସଂଯୋଜକ ସୌରୀ ଶଙ୍କର ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୂତି ଭୂଷଣ ପାତ୍ର, ସମସ୍ତ ସିଆରସିସି ଓ କର୍ମଚାରୀ ଯୋଗ ଦେଇଥିଲେ।

## ଗଞ୍ଜେଇ ଜବତ; ଦୁଇ ଗିରଫ

ରମ୍ଭା,୧୪।୯ (ସମିସ): ରମ୍ଭା ପୁଲିସ ପାଟ୍ରୋଲିଂ ଟିମ୍ ଶୁକ୍ରବାର ବିଳମ୍ବିତ ରାତିରେ ହୁମ୍ମା ହାଟ ପଡ଼ିଆ ଦେଇ ଯାଉଥିବା ଏକ ଦ୍ରୁତଗାମୀ କାରକୁ ଅଟକାଇ ଯାଞ୍ଚବେଳେ ସେଥିରୁ ୨୨କେଜି ଗଞ୍ଜେଇ ଓ କାର୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି।



ହୋଇଥିଲା। ସେମାନେ ଗଜପତି ଜିଲ୍ଲା ମୋହନାରୁ ଭୁବନେଶ୍ୱର ଅଭିମୁଖେ ଗଞ୍ଜେଇ ଚୋରା ଚାଲାଣ କରୁଥିଲେ। ଅଭିଯୁକ୍ତ ଦ୍ୱୟ ହେଲେ ସନାତନ ଦଳାଇ (୩୫) ଓ ଜିନୁ ଅଧିକାରୀ (୩୫)। ଉଭୟ ଗଜପତି ଜିଲ୍ଲା ମୋହନା ଅଞ୍ଚଳର। ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବା ରମ୍ଭା ଥାନା ଆଇଆଇସି କୁମାର ମୁଦୁଲୀ କହିଛନ୍ତି।

# ସ୍କୁଲରେ ହିନ୍ଦୀ ପକ୍ଷ ପାଳିତ



ପୁରୁଷୋତ୍ତମପୁର,୧୪।୯ (ସମିସ): ପୁରୁଷୋତ୍ତମପୁର ସ୍ଥିତ ସନ୍‌ସାଇନ୍ ଇଣ୍ଟରନ୍ୟାସନାଲ ସ୍କୁଲ ପରିସରରେ ହିନ୍ଦୀ ପ୍ରଚାର ସଭାର କୁଳ ସଚିବ ପ୍ରଫୁଲ୍ଲ କୁମାର ରଥଙ୍କ ତତ୍ତ୍ୱାବଧାନରେ ହିନ୍ଦୀ ପକ୍ଷ ପାଳିତ ହୋଇଯାଇଛି। ହିନ୍ଦୀ ପ୍ରଚାର ସଭାର ଉପସଭାପତି ଏ ରାଜୁ ଗୋପାଳ ରାଓଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ସଂଘ ସଭାପତି ଅରୁଣ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ସନ୍‌ସାଇନ୍ ସ୍କୁଲ ଅଧ୍ୟକ୍ଷ ସୁନୀଲ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ପିଏମ୍ ନରସିଂହ ଦାସ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ବୃନ୍ଦାବନ ଡାକୁଆ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ସହ ଛାତ୍ରଛାତ୍ରୀଙ୍କୁ ହିନ୍ଦୀ ଭାଷାକୁ ଗୁରୁତ୍ୱ ଦେବା ପାଇଁ କହିଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ପଣ୍ଡା ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ସୁସ୍ମିତା ସାମଲ ଧନ୍ୟବାଦ ଦେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ଗଞ୍ଜାମ,୧୪।୯ (ସମିସ): ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ସଭାଗୃହ ମଧ୍ୟରେ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗଦଳ ଗଞ୍ଜାମ ପ୍ରଖଣ୍ଡ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀ ନୃସିଂହ ଗୋଶାଳା ଏବଂ ଆଦିତ୍ୟ ବିର୍ଲା ସହଯୋଗରେ ଆୟୋଜିତ ଶିବିରରେ ୬୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତଭଣ୍ଡାର ଟିମ୍ ପହଞ୍ଚି ରକ୍ତ ସଂଗ୍ରହ କରିଥିଲେ। କେ. ଏଲେୟା ରେଡି, ମନୋଜ ପ୍ରଧାନ ଓ ଗଙ୍ଗା ରାଉଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ବିଜେପି ଜିଲ୍ଲା ସଭାପତି ସରୋଜ ସାବତ, ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସହ ସମ୍ପାଦକ ଭୂପିନ୍ଦର ଆଚାର୍ଯ୍ୟ, ପୂର୍ବପାନ୍ତ ସହ ସମ୍ପାଦକ ଉମା ଶଙ୍କର ଆଚାର୍ଯ୍ୟ, ଗଞ୍ଜାମ ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ସଭାପତି ଅଜିତ କୁମାର ମହାପାତ୍ର, ଗଞ୍ଜାମ ଜିଲ୍ଲା ବିଶ୍ୱ ହିନ୍ଦୁ ପରିଷଦ ରବି ନାରାୟଣ ବେହେରା, ବିଶ୍ୱ ହିନ୍ଦୁ ପରିଷଦ ବ୍ରହ୍ମପୁର ମହାନଗର ନିଗମ ସଭାପତି ଡ଼ଃ. ସମରେନ୍ଦ୍ର ସାହୁ, ବିଶ୍ୱହିନ୍ଦୁ ପରିଷଦ ବ୍ରହ୍ମପୁର ମହାନଗର ନିଗମ ସମ୍ପାଦକ କେଦାରନାଥ ପଣ୍ଡା, ଗଞ୍ଜାମ ଜିଲ୍ଲା ବଜରଙ୍ଗ ଦଳ ସଂଯୋଜକ ଅଜୟ ବେହେରା, ଗଞ୍ଜାମ ଜିଲ୍ଲା ବଜରଙ୍ଗ ଦଳ ସହ ସଂଯୋଜକ ରୋସନ ସାହୁ, ଗଞ୍ଜାମ ଜିଲ୍ଲା ବଜରଙ୍ଗ ଦଳ ମିଳନ କେନ୍ଦ୍ର ପ୍ରମୁଖ ଆଲୋକ ସାହୁ, ବ୍ରହ୍ମପୁର ମହାନଗର ନିଗମ ବଜରଙ୍ଗ ଦଳ ସଂଯୋଜକ ତୋଫା ସାବତ, ବ୍ରହ୍ମପୁର ମହାନଗର ନିଗମ ବଜରଙ୍ଗ ଦଳ ସଂଯୋଜକ ସୀତାରାମ ବେହେରା, ଯୁବନେତା ଲିଙ୍ଗରାଜ ମହାପାତ୍ର, ନାଏବ ସରପଞ୍ଚ କେ. ଭୋବିନି ରେଡି ପ୍ରମୁଖ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଜିତୁ ବାରିକ, କାଳିଆ ଗୌଡ଼, ଲିଲୁ ତରାଇ, ପ୍ରଭାତ ସାହୁ, ଶ୍ୱେତ ପ୍ରଧାନ, କୃଷ୍ଣ ପରିଡା ପ୍ରମୁଖ ସହଯୋଗ କରିଥିଲେ।

## ସୁରଟରେ ଓଡ଼ିଆ ଶ୍ରମିକ ମୃତ

ଧରାକୋଟ,୧୪।୯ (ସମିସ): ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ଜଣେ ଶ୍ରମିକ ସୁରଟରେ ମୃତ୍ୟୁବରଣ କରିଛନ୍ତି। ମୃତକ ହେଲେ ସେହି ଗାଁର ପୀତବାସ ପଲେଇଙ୍କ ପୁଅ ଶିବରାମ ପଲେଇ(୩୦)। ସେ ସୁରଟରେ ଏକ ସୂତା କଳରେ ଦୀର୍ଘଦିନ ହେଲା କାମ କରିବା ସହ ଅପେକ୍ଷାନଗର ହାଉସିଂ ବୋର୍ଡରେ ରହୁଥିଲେ। ଶନିବାର ରାତି ପ୍ରାୟ ୯ଟାବେଳେ ପାଣି ମୋଟର ସୁଇଚ ମାରିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଶିବରାମ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ପରିବାର ବେସାହାରା ହୋଇଯାଇଛି। ସମ୍ପ୍ରତି ତାଙ୍କର ପତ୍ନୀ ଅନ୍ତସତ୍ତ୍ୱା ଅଛନ୍ତି। ଏପରି ଦୁଃଖଦ ସମୟରେ ଶିବରାମଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ ପାଇଁ ଗାଁ ଲୋକେ ଦାବି କରିଛନ୍ତି। ରବିବାର ସେଠାକାର ସହଯୋଗୀମାନଙ୍କ ସହାୟତାରେ ସୁରଟରେ ତାଙ୍କର ଶବ ସତ୍କାର କରାଯାଇଛି।



## କାମଧେନୁ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ



ଦିଗପହଣ୍ଡି,୧୪।୯ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଣୀତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଶନିବାର ଦିଗପହଣ୍ଡି ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ନିମନ୍ତେ ୩୦ ଚାଷୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ପ୍ରାଣୀ ଚିକିତ୍ସାଧିକାରୀ ଡ଼. ମଧୁସ୍ମିତା ପଣ୍ଡାଙ୍କ ସଂଯୋଜନାରେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଏବଂ ବ୍ରହ୍ମପୁର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡ଼. ଅରବିନ୍ଦ ବେହେରା, ଅତିରିକ୍ତ ବିଡ଼ିଓ ଉମେଶ ସେଠୀ, ବ୍ରହ୍ମପୁର ଏମ୍‌ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। କରପଡ଼ା ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ବାସୁଦେବପୁର ସରପଞ୍ଚ ପ୍ରତିନିଧି ଏମ.ସନ୍ତୋଷ , ପ୍ରାଣୀ ଚିକିତ୍ସକ ଡ. ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ, ଡ଼. ଚିତ୍ତରଞ୍ଜନ ପଣ୍ଡା, ପ୍ରାଣୀଧନ ନିରୀକ୍ଷକ କେ. କାମେଶ୍ୱର ରେଡ୍ଡୀ, ବି. ଲକ୍ଷ୍ମୀନାରାୟଣ ରେଡ୍ଡୀ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଆକ୍ରମଣ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୪।୯ (ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ଘଟଣାରେ ଗ୍ରାମର ଡି.ବିଜୟ କୁମାର ପାତ୍ରଙ୍କୁ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୋଫିଆ ମିଶ୍ର ଗିରଫ କରି ଶନିବାର ବ୍ରହ୍ମପୁର ଜିଲ୍ଲା ଦୌରାଜଜ କୋର୍ଟକୁ ଚାଲାଣ କରିଛନ୍ତି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଶୁକ୍ରବାର ସକାଳେ ଅଭିଯୁକ୍ତ ତାଙ୍କ ଟ୍ରାକ୍ଟରରେ ସାହି ରାସ୍ତା ଦେଇ ମାଟି ନେଉଥିବାବେଳେ ମହିଳା ଜଣକ ଆପତ୍ତି କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ମହିଳା ଓ ତାଙ୍କ ମା' ଅଭିଯୁକ୍ତଙ୍କ ଉପରକୁ ଢେଲା ମାଡ଼ କରିବାରୁ ଅଭିଯୁକ୍ତ ମହିଳାଙ୍କୁ ଠେଲାପେଲା ସହ ଅସଦାଚରଣ ଓ ଆକ୍ରମଣ କରିଥିଲେ। ମହିଳା ଜଣକ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଭାରପ୍ରାପ୍ତ ଆଇଆଇସି ରାଜକିଶୋର ପାତ୍ର ମାମଲା ରୁଜୁ କରିଥିଲେ।

## ଶିଶୁ ଉଦ୍ୟାନ ଅବସ୍ଥା ଶୋଚନୀୟ



ଗଞ୍ଜାମ,୧୪।୯ (ସମିସ): ଗଞ୍ଜାମ ଏନ୍‌ଏସି ପ୍ରଶାସନ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ କିଛି ସ୍ଥାନରେ ଏହା ଭାଙ୍ଗିରୁଜି ଗଲାଣି। କିଛି ସ୍ଥାନରେ ଲଟାବୁଦା ଓ ଅନାବନା ଗଛରେ ପରିପୂର୍ଣ୍ଣ ଅବସ୍ଥାରେ ରହିଛି। ଏନ୍‌ଏସି ଅନ୍ତର୍ଗତ ୱାର୍ଡନଂ.୮ ପୁଇଁତୋଳା ବଡ଼ବନ୍ଧ ନିକଟରେ ଥିବା ଶିଶୁପାର୍କ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ରହିଛି। ଫଳରେ ବିଷଧର ସରୀସୃପ ଭୟ ରହୁଛି। ଏଭଳି ଅବସ୍ଥା ଯୋଗୁ ପିଲାମାନେ ଖେଳିବାକୁ ଆସୁନାହାନ୍ତି। ପୂର୍ବରୁ ପ୍ରତ୍ୟେକ ଦିନ ସେଠାରେ ଛୋଟଛୋଟ ପିଲାଙ୍କ ଭିଡ଼ ଜମୁଥିଲା।

## ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ମୃତ୍ୟୁ

ଛତ୍ରପୁର,୧୪।୯ (ସମିସ): ଚମାଖଣ୍ଡି ଥାନା ଅଧିନ ଟାକିରିଆ ବ୍ରହ୍ମପୁର ଠାରେ ଜେସିବି ଧକ୍କାରେ ଆହତ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ସାନ ଆର୍ଯ୍ୟପଲ୍ଲୀ ଗ୍ରାମର ଏମ. ମୁକୁନ୍ଦ। ସେ ଚଳିତ ମାସ ୯ ତାରିଖ ରାତିରେ ବାଇକ୍ ଯୋଗେ ଛତ୍ରପୁରରୁ ନିଜ ଗ୍ରାମକୁ ଯାଉଥିବା ବେଳେ ଟାକିରିଆ ବ୍ରହ୍ମପୁର ଠାରେ ଜେସିବି ସହ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ବିଶାଖାପାଟଣା ମେଡିକାଲରେ ତାଙ୍କର ଚିକିତ୍ସା ଚାଲିଥିବାବେଳେ ମୃତ୍ୟୁ ଘଟିଛି।

## ସମାଜସେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ରମ୍ଭା,୧୪।୯ (ସମିସ): ସ୍ଥାନୀୟ ବଙ୍ଗଳା ସାହିରେ ସ୍ୱର୍ଗତ ତଥା ସମାଜସେବୀ ପ୍ରଦୀପ କୁମାର ବେହେରାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଶ୍ରୀ ବେହେରା ଏସ୍‌ବିଆଇ ଡେପୁଟି ମ୍ୟାନେଜ ଭାବେ ଅବସର ଗ୍ରହଣ କରିବା ପରେ ବହୁ ପ୍ରତିଷ୍ଠିତ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଳକା କୁମାରୀ ବେହେରା (ମା), ଭଉଣୀ ସଂଘମିତ୍ରା ବେହେରା ଓ ଚାରୁମିତ୍ରା ବେହେରା, ନାତି ରୁଦ୍ରେଶ୍ୱର ଦାସ, ନାତୁଣୀ ବୀରୁପାକ୍ଷିଶ୍ରୀ ରୁଦ୍ରାସ ସହିତ ଶରତ ବେହେରା, ଗ୍ରାମବାସୀ ସାମିଲ ହୋଇଥିଲେ।

ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସମ୍ମିଳନୀ

# 'ସେବା ମନୋବୃତ୍ତି ନେଇ ଲୋକଙ୍କ ସମସ୍ୟାରେ ସାମିଲ ହୁଅ'

ପୋଲସରା,୧୪।୯ (ସମିସ):

ଏକତାବଦ୍ଧ ଭାବେ ଓଡ଼ିଶାର ଗାଁକୁ ଆଗେଇ ନେବା ସହ ସେବା ମନୋବୃତ୍ତି ନେଇ ଲୋକଙ୍କ ସମସ୍ୟାରେ ସାମିଲ ହୋଇ ସମାଧାନ କରିବା ହିଁ ପ୍ରକୃତ ସେବା ବୋଲି ଗଞ୍ଜାମ ଜିଲ୍ଲା ସରପଞ୍ଚ ସଂଘ ସମ୍ମିଳନୀରେ କହିଛନ୍ତି ମନ୍ତ୍ରୀ ଗୋକୁଳାନନ୍ଦ ମଲିକ। ସ୍ଥାନୀୟ ସିଂହାସନି ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଭାପତି ମନୋରଞ୍ଜନ ଗୌଡ଼ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଯୋଗଦେଇଥିଲେ।




ବ୍ରହ୍ମପୁର ସାଂସଦ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ସୁଭଦର୍ଶିନୀ ପଟ୍ଟନାୟକ ଏବଂ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ସମ୍ମାନିତ ଅତିଥି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଲସରା ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନ, ଜିଲ୍ଲା ସରପଞ୍ଚ ସଂଘ ଉପସଭାପତି କୃଷ୍ଣଚନ୍ଦ୍ର ରାଉଳ, ଆଇନ ପରାମର୍ଶଦାତା ସୁଶାନ୍ତ କୁମାର ସାହୁ, ସମ୍ପାଦକ ଅନିଲ କୁମାର ପାଠୀ, ପୋଲସରା ସରପଞ୍ଚ ସଂଘ ସଭାପତି ଉତ୍କଳ ପ୍ରଧାନ, ପାଣ୍ଡିରୀପଡା ସରପଞ୍ଚ ରଘୁନାଥ ଭୂୟାଁଙ୍କ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

‘ଆସ ସ୍କୁଲ ଯିବା’ ପଦଯାତ୍ରା

# ‘ପିଲାଙ୍କ ମଧ୍ୟରେ ସ୍କୁଲ ଯିବା ଓ ପାଠ ପଢ଼ିବାର ବାତାବରଣ ତିଆରି ହେଉ’



ସମ୍ବଲପୁର, ୧୪।୯ (ସମିସ)

ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନଥିବା ତଥା ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମ୍ବଲପୁରରେ ରାଜ୍ୟବ୍ୟାପୀ ଅଭିଯାନ ‘ଆସ ସ୍କୁଲ ଯିବା’ ସଚେତନତା ପଦଯାତ୍ରା ଆୟୋଜିତ ହୋଇଛି ।ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମିଲ ହୋଇଛନ୍ତି । ପଦଯାତ୍ରା ରିଜର୍ଭ ପୁଲିସ ଗ୍ରାଉଣ୍ଡରୁ ଆରମ୍ଭ ହୋଇ ଗଙ୍ଗାଧର ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ମୂଳ ଉଦ୍ଦେଶ୍ୟ ହେଉଛି ଦେଶର ପ୍ରତ୍ୟେକ ପିଲାଙ୍କୁ ସ୍କୁଲକୁ ଆଣିବା ଏବଂ ସେମାନଙ୍କୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା । ଡ୍ରପ୍ ଆଉଟ ହ୍ରାସ କରିବା ସହ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମଲେଖା ବୃଦ୍ଧି, ବିଦ୍ୟାଳୟଭିତ୍ତିଭୂମିର ବିକାଶ, ସାକ୍ଷରତା ହାର ବୃଦ୍ଧି କରିବା ଦିଗରେ ମଧ୍ୟ ଆମ ସରକାର ଯତ୍ନଶୀଳ ।ସମସ୍ତଙ୍କୁ ‘ବିକଶିତ ଓଡ଼ିଶା’ ଏବଂ ‘ବିକଶିତ ଭାରତ’ରେ ଯୋଡ଼ିବା ଆମ ସରକାରଙ୍କ ମୂଳ ଉଦ୍ଦେଶ୍ୟ । ଚାଲ ସ୍କୁଲ ଯିବା, ପାଠ ପଢ଼ିବାର ବାତାବରଣ ସୃଷ୍ଟି କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେବା ସହ ଆଜିର ସ୍କୁଲ ଛାତ୍ରଛାତ୍ରୀଙ୍କ ନେତୃତ୍ୱରେ ହିଁ ବିକଶିତ ଭାରତର ସ୍ୱପ୍ନ ପୂରଣ ହେବ ବୋଲି ଶ୍ରୀ ପ୍ରଧାନ କହିଥିଲେ । ପଦଯାତ୍ରାରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ଆରଡିସି ସଚିନ ରାମଚନ୍ଦ୍ର ଜାଧବ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ରେହାନ କ୍ଷେତ୍ରୀ, ଆଇଏଏସ ପ୍ରୋବେସନର ଶୁଭ୍ରା ପଣ୍ଡା, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ସାମିଲ ହୋଇଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଶିକ୍ଷା ଅଧିକାରୀ ଏବଂ ପରିଚାଳନା ସମିତିର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଏ-ୱାନରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହ ପୂର୍ବରୁ ସ୍କୁଲ ଛାଡିଥିବା ବିଦ୍ୟାର୍ଥୀଙ୍କୁ ସାମିଲ କରାଗଲା । ନୀଟ୍ ପରୀକ୍ଷାରେ ଯୋଗ୍ୟତା ହାସଲ୍ କରିଥିବା ବାମରାର ଲିଜା ମାଝିଙ୍କୁ ବିଶେଷ ସମ୍ମାନିତ କରାଯାଇଥିଲା ।

ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଶୁଭାରମ୍ଭ

## ସ୍ୱଚ୍ଛତାକୁ ପର୍ବ ଭଳି ପାଳିବା: ଧର୍ମେନ୍ଦ୍ର

ସ୍ୱଚ୍ଛତାକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଏବଂ ଆଗାମୀ ପାର୍ବଣ ଋତୁରେ ସ୍ୱଚ୍ଛତାକୁ ଅଧିକ ଦୃଷ୍ଟି ଦେବା । ପର୍ବପର୍ବାଣୀ ଭଳି ଆନନ୍ଦ ଓ ଉତ୍ସାହର ସହ ସ୍ୱଚ୍ଛତା ପର୍ବ ପାଳିବା ସହ ଆମ ସହରକୁ ସ୍ୱଚ୍ଛ ସହରରେ ପରିଣତ କରିବାର ସଂକଳ୍ପ ନେବାକୁ ସମ୍ବଲପୁରବାସୀଙ୍କୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି । ରବିବାର ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଡିଆରଏମ କାର୍ଯ୍ୟାଳୟରୁ ବଡ଼ବଜାର ଯାଏଁ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ଆୟୋଜିତ ‘ସ୍ୱଚ୍ଛତା ହିଁ ସେବା-୨୦୨୫’ କାର୍ଯ୍ୟକ୍ରମର ଶୁଭାରମ୍ଭ ଶ୍ରୀ ପ୍ରଧାନ କରିବା ସହ ସ୍ଥାନୀୟ ସ୍ୱଚ୍ଛ ସାଥୀମାନଙ୍କୁ ସମ୍ମାନିତ କରିଥିଲେ । ସ୍ୱଚ୍ଛ, ସୁନ୍ଦର ଓ ସବୁଜ ସମ୍ବଲପୁର ଗଢ଼ିବାର ଉଦ୍ୟମକୁ ପ୍ରଶଂସା କରିବା ସହ ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ‘ସେବା ପକ୍ଷ’ ପାଳନର ପ୍ରସ୍ତୁତି ପୂର୍ବରୁ ରବିବାର ସମ୍ବଲପୁରରେ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହୋଇଛି । ଶ୍ରୀ ପ୍ରଧାନ ସମ୍ବଲପୁରରେ ସ୍ୱଚ୍ଛତା ଦାୟିତ୍ୱରେ ଥିବା କର୍ମଚାରୀ ଭାଇ ଭଉଣୀମାନେ, ଜନସାଧାରଣ, ସ୍ୱେଚ୍ଛାସେବୀ ସଂଗଠନ ଓ ବ୍ୟବସାୟିକ ସଂଗଠନକୁ ସାଧୁବାଦ ଜଣାଇଛନ୍ତି । ଏହି ଅବସରରେ ସମ୍ବଲପୁରକୁ ଆବର୍ଜନା ମୁକ୍ତ କରିବା ସହ ସ୍ୱଚ୍ଛ ରଖିବା ପାଇଁ ସମବେତ ଜନସାଧାରଣ ଶପଥ ପାଠ କରିଥିଲେ ।କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ଆଇଏଏସ ପ୍ରୋବେସନାରୀ ଅଧିକାରୀ ଶୁଭ୍ରା ପଣ୍ଡା, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରି ନାୟକଙ୍କ ସମେତ ଜନ ସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୱାର୍ଡ ନମ୍ବର ୧୭ର ସ୍ୱଚ୍ଛ ସାଥୀ ଜୋସ୍ନାରାଣି ବାରିକ, ୱାର୍ଡ ନମ୍ବର ୪୦ ଓ ୪୧ର ସ୍ୱଚ୍ଛ ସୁପରଭାଇଜର ବିନିତା ସାହୁ ଓ ୱାର୍ଡ ନମ୍ବର ୩୦ର ବେଷ୍ଟ ଡିଆଇପି ରାଜେଶ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା ।





ସମ୍ବଲପୁରରେ ନିଆରା ପର୍ବ ପୁଅ ଜିଉଁନ୍ତିଆ ପାଳିତ

## ମା’ସମଲେଇଙ୍କ ଷୋଡ଼ଷ ପୂଜା ଆରମ୍ଭ

ସମ୍ବଲପୁର, ୧୪।୯ (ସମିସ): ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ପୀଠରେ ଆଜି ଠାରୁ ମାଁଙ୍କ ଷୋଡ଼ଶ ପୂଜା ଆରମ୍ଭ ହୋଇଛି । ମାଁ ସମଲେଶ୍ୱରୀ ପୀଠରେ ଦଶହରା ମହାଷ୍ଟମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।୧୬ ଦିନଧରି ମାଁଙ୍କୁ ୧୬ଟି ଜ୍ୟୋତି ରୂପରେ ଷୋଡଶ ପୂଜା କରାଯିବ ।ଆଜି ଠାରୁ ମାଁଙ୍କ ପୀଠେ ଷୋହଶ ଦିବସୀୟ ପୂଜାରମ୍ଭ ହୋଇଛି । କାର୍ଯ୍ୟସୂଚୀ ଅନୁସାରେ ଯଥାରୀତି ଅନୁସାରେ ପୂଜାର୍ଚ୍ଚନା ହେବାସହ ଆସନ୍ତା ୨୧ରେ ରବିବାର ଦିନ ମହାଳୟାରେ ମାଁ ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ ବା ଗଙ୍ଗାଦର୍ଶନ ବେଶ ଅନୁଷ୍ଠିତ ହେବ । ଏଥିସହ ୨୮ ରବିବାର ଦିନ ପୀଠେ ମହାସପ୍ତମୀ ପୂଜା ହେବାସହ ତ୍ରିଦିନାତ୍ମକ ଦୀପ ପ୍ରଜ୍ୱଳନ ହେବ । ୨୯ରେ ପୀଠେ ମହାଷ୍ଟମୀ ପୂଜା ସହ ଭାଇଜିଉଁନ୍ତିଆ ପର୍ବ ସହ ମାଁ ସମଲେଶ୍ୱରୀଙ୍କ ଖଣ୍ଡାଧୂଆ ଓ ଆଖାଡା ନଗର ପରିକ୍ରମା ହେବ । ସେହିପରି ୩୦ରେ ପୀଠେ ମହନବମୀ ପୂଜା ସହ ମାଁ ସମଲେଶ୍ୱରୀଙ୍କ ଆଖାଡା ନଗର ପରିକ୍ରମା ହେବ । ଏହାସହ ୨ ଅକ୍ଟୋବରରେ ପୀଠେ ଦଶହରା ସହ ଦୀପ ବିସର୍ଜନ ଓ ଆଖାଡା ରଣଜିତା ଉତ୍ସବ ଅନୁଷ୍ଠିତ କରାଯିବ । ସେହିପରି ୬ରେ କୁମାର ପୂର୍ଣ୍ଣିମାରେ ମାଁ ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ ଅନୁଷ୍ଠିତ ସହ ମନ୍ଦିରରେ ନୂତନ ଧ୍ୱଜା ଆରୋହଣ କରାଯିବା ନେଇ ସୂଚନା ମିଳିଛି ।

## ପୁଅ ଜିଉଁନ୍ତିଆ ଓଷା ପାଳିତ

କୁଚିଣ୍ଡା, ୧୪।୯ (ସମିସ): ପୁଅମାନଙ୍କର ଦୀର୍ଘାୟୁ କାମନା କରି ମା’ମାନେ ନିର୍ଜଳା ଉପବାସ ରହି ପୁଅ ଜୀଉନ୍ତିଆ ବା ଦୁତିଆ ଓଷା କରିଥାନ୍ତି । କୁଚିଣ୍ଡାର ସମସ୍ତ ୱାର୍ଡ଼ମାନଙ୍କ ସହ ପୁରପଲ୍ଲୀରେ ମଧ୍ୟ ଓଷାକୁ ନିଷ୍ଠାର ସହ ପାଳନ ହୋଇଛି ।ସନ୍ଧ୍ୟାରେ ମା’ମାନେ ଦୁତି ବାହନଙ୍କୁ ସୁମରି ପୂଜାର୍ଚ୍ଚନା ସାରିବା ପରେ, ଭୋର ସକାଳୁ ସୂର୍ଯ୍ୟପୂଜା ପରେ ସକାଳୁ ପୁଅଙ୍କୁ ବନ୍ଦାପନା ପରେ ଜଳ ପାନ ସହ ଖାଦ୍ୟ ଭକ୍ଷଣ କରି ବ୍ରତ ପାଳନ କରିଥାନ୍ତି । କୁଚିଣ୍ଡା ମନ୍ଦିର ଛକ, ବ୍ରାହ୍ମଣ ପଡ଼ା, ଗଣ୍ଡ ପଡ଼ା, ଗେଷ୍ଟ ହାଉସ ପାଖ, ଡେଲି ମାର୍କେଟ ପଛ ପାଖ ସହ ସହରର ବହୁ ସ୍ଥାନରେ ବ୍ରତଧାରୀ ମହିଳାମାନେ ପୂଜା ଥାଳି ନେଇ ପୂଜା କାର୍ଯ୍ୟ କରିଥାନ୍ତି । ପୁରୋହିତ ଓଷା ବିଷୟରେ ଗୀତ ମାଧ୍ୟମରେ ପଢ଼ି ବ୍ରତଧାରୀ ମହିଳାଙ୍କୁ ଦୁତିବାହନ ବିଷୟରେ ଶୁଣାଇଥାନ୍ତି । ବ୍ରତଧାରୀମାନେ ପୁଅର ଦୀର୍ଘାୟୁ କାମନା ପାଇଁ ନିଷ୍ଠାର ସହ ବ୍ରତ କରିଥାନ୍ତି ।

## ଜନ୍ମଦିନରେ ରକ୍ତଦାନ ଶିବିର



ସମ୍ବଲପୁର, ୧୪।୯ (ସମିସ): ରେଙ୍ଗାଲି ପଣ୍ଡଲୋଇ ସ୍ଥିତ ଶ୍ୟାମ ମେଟାଲିକ୍ସ ତରଫରୁ କମ୍ପାନୀ ଚେୟାରମ୍ୟାନ ଓ ମ୍ୟାନେଜିଂ ଡାଇରେକ୍ଟର ବ୍ରିଜ ଭୂଷଣ ଅଗ୍ରୱାଲଙ୍କ ଜନ୍ମଦିନ ପାଳନ କରାଯାଇଛି । ଏହି ଅବସରରେ କମ୍ପାନୀ ପରିସରରେ ନିର୍ଦ୍ଦେଶକ ଦେବକୁମାର ତିୱାରୀଙ୍କ ଦ୍ୱାରା କେକ କଟା ଯାଇ ଜନ୍ମ ଦିନ ପାଳନ କରାଯାଇଥିଲା । ଏହା ସହ ନିକଟସ୍ଥ ନିଶାନଭଙ୍ଗା, ଚାରପଡ଼ା, କେଉଁଟଡିହି, ପଣ୍ଡଲୋଇ, ଗ୍ରାମସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କୁନିକୁନି ପିଲା ଦ୍ୱାରା, କେଉଟଡିହି ସ୍ଥିତ ବୃଦ୍ଧାଶ୍ରମ, ଫୁଲଝରନ ସ୍ଥିତ ଅନାଥାଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଏବଂ ସ୍କିଲ ଡେଭେଲପମେଣ୍ଟ ସେଣ୍ଟରର ଛାତ୍ରଛାତ୍ରୀଙ୍କ ଦ୍ୱାରା କେକ୍ କଟାଯାଇଥିଲା । କମ୍ପାନୀ ପରିସରରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇ ୭୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରରେ କମ୍ପାନୀ ମୁଖ୍ୟ ପରିଚାଳନା ଅଧିକାରୀ ସୂର୍ଯ୍ୟକାନ୍ତ କାହାଳସିଂହ, ମାନବ ସମ୍ବଳ ବିଭାଗ ମୁଖ୍ୟ ଭୂପେନ୍ଦ୍ର ସିଂହ କୁଶୱାହ, ବରିନ୍ଦର ବର୍ମା, ପ୍ରକାଶ କଠରକର ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅପରାହ୍ନରେ ନିକଟସ୍ଥ ପଣ୍ଡଲୋଇ ଗ୍ରାମରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ଦେବକୁମାର ତିୱାରୀ, ସଞ୍ଜୀବ ମହାନ୍ତି, ଗୋପାଳ ଶର୍ମା ପ୍ରମୁଖ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ଇନ୍ଦ୍ରଜିତ୍ ସିଂହ, ଧରଣୀଧର ନାଥ, ରାଜେଶ ତିୱାରୀ, ସରୋଜ ନାୟକ, ଅଶ୍ୱିନ ପଲ ପ୍ରମୁଖ ସହଯୋଗ କରିଥିଲେ ।

## ପୁଅ ଜିଉଁନ୍ତିଆରେ ଅସହାୟ ଦମ୍ପତିଙ୍କ ପୁଅ ସାଜିଲେ ସମାଜସେବୀ

ସମ୍ବଲପୁର, ୧୪।୯ (ସମିସ): ନକ୍ସାପାଲିର ଏକ ବୃଦ୍ଧ ଦମ୍ପତିଙ୍କ ପୁତ୍ର ଜେଲରେ ଥିବା ବେଳେ ଅତ୍ୟନ୍ତ ଅସହାୟ ଭାବେ ଚଳୁଥିଲେ । ବେଳେ ଖାଇଲେ ବେଳେ ଉପାସରେ ରହୁଥିଲେ । ଏ ବିଷୟରେ ଖବର ପାଇ ପୁଅ ଜିଉଁନ୍ତିଆରେ ପୁତ୍ର ସାଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସେବା’ର ସଭାପତି ଡ. ଅମର ତାଣ୍ଡିଆ ସେମାନଙ୍କୁ ଭେଟି ଏକ ମାସର ରାସନ୍ ପ୍ରଦାନ କରିବା ସହ ନ୍ୟାୟିକ ଲଢେଇରେ କିଭଳି ସହଯୋଗ କରିହେବ ସେମାନଙ୍କ ସହ ଆଲୋଚନା କରିଥିଲେ ।



## ପରମାନପୁର ଓଏଭିରେ ଅନମୋଲ ପକ୍ଷରୁ ଚାରାରୋପଣ

ସମ୍ବଲପୁର, ୧୪।୯ (ସମିସ): ପରମାନପୁର ସ୍ଥିତ ଓଏଭି ପ୍ରାଙ୍ଗଣରେ ଅନମୋଲ ଇଏଲସି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବିଭିନ୍ନ ଅତିଥିମାନେ ଯୋଗଦେଇ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଏବଂ ଗଛରୋପଣର ଗୁରୁତ୍ୱ ବିଷୟରେ ସଚେତନତା ଆଣିଥିଲେ । କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଳ ମୁଖ୍ୟ ଅତିଥି ଏବଂ ବନ ବିଭାଗର କର୍ମକର୍ତ୍ତା ପ୍ରଦୀପ ଧଲ ବକ୍ତା ଭାବେ ଯୋଗଦେଇଥିଲେ । ସର୍ବପ୍ରଥମେ ଓଏଭି ପ୍ରଧାନାଚାର୍ଯ୍ୟ ସମ୍ବୋଧନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ ଓ ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପ୍ରତି ଦାୟିତ୍ୱବାନ୍ କରିବା ପାଇଁ ପ୍ରେରିତ କରିଥିଲେ ।ପରିବେଶର ସନ୍ତୁଳନ ରକ୍ଷା କରିବା ପାଇଁ ପ୍ରତ୍ୟେକଙ୍କୁ ଗଛ ଲଗାଇବା ଆବଶ୍ୟକ ବୋଲି ବିଧାୟକ କହିଥିଲେ । ତା’ପରେ, ବନ ବିଭାଗର ପ୍ରତିନିଧି ପ୍ରତ୍ୟେକ ଲୋକଙ୍କୁ ବର୍ଷକୁ ଅତି କମ୍‌ରେ ଗୋଟିଏ ଗଛ ଲଗାଇବା ଉଚିତ କହିଥିଲେ । ଆମ୍ବ, ବଉଳ, ନୀମ, ରାଧାଚୁଡା ଓ କୃଷ୍ଣଚୁଡା ମିଶି ୫୦ଟି ଚାରାରୋପଣ ହୋଇଥିଲା ।କାର୍ଯ୍ୟକ୍ରମରେ ରାମସେନା ରେଙ୍ଗାଲିର ନିତିଶ ଅଗ୍ରୱାଲଙ୍କୁ ‘ମା’ ପାଇଁ ଗଛଟିଏ‘ ପ୍ରୟାସ ପାଇଁ ସମ୍ମାନିତ କରାଯାଇଥିଲା । ନବମ, ଦଶମ ଶ୍ରେଣୀର ସର୍ବଶ୍ରେଷ୍ଠ ୩ ଛାତ୍ରଛାତ୍ରୀଙ୍କୁ ମଧ୍ୟ ମାନପାତ୍ର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନମୋଲର ସଦସ୍ୟମାନେ, ଓଏଭିର ଶିକ୍ଷକଶିକ୍ଷୟିତ୍ରୀ ସହିତ ଛାତ୍ରଛାତ୍ରୀ ମଧ୍ୟ ଅଂଶଗ୍ରହଣ କରିଥିଲେ । ଶେଷରେ ଅନମୋଲ ଇଏଲସି ଅଧ୍ୟକ୍ଷ ନିତିଶ କୁମାର ନାଗ ଧନ୍ୟବାଦ ଜଣାଇଥିଲେ ।

## ବୁର୍ଲା ଓ ହୀରାକୁଦରେ କଂଗ୍ରେସର ସଂଗଠନ ସୃଜନ ଅଭିଯାନ

ମଶାଲ ଶୋଭାଯାତ୍ରାରେ ସାମିଲ ଏବଂ ରକ୍ତଦାତାଙ୍କୁ ସମ୍ମାନିତ

ସମ୍ବଲପୁର, ୧୪।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସଂଗଠନ ସୃଜନ ଅଭିଯାନ ଶନିବାର ବୁର୍ଲା କଣ୍ଟ୍ରାକଟର କଲୋନୀ ମା’ ସନ୍ତୋଷୀ ମନ୍ଦିର ପରିସରରେ ଥିବା ସାରଦା ମାଧବ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଦୁର୍ଗା ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ଏଆଇସିସିର ପର୍ଯ୍ୟବେକ୍ଷକ ତଥା ରାଜସ୍ଥାନର ପୂର୍ବତନ ବିଧାୟକ ଇନ୍ଦ୍ରଜ୍ ସିଂ ଗୁରଜର ମୁଖ୍ୟଅତିଥି ଭାବେ ଯୋଗଦେଇ କଂଗ୍ରେସର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲୀକାର୍ଜୁନ ଖଡ଼ଗେ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନ କ୍ରମେ କଂଗ୍ରେସର ସଂଗଠନ ସୃଜନ କାର୍ଯ୍ୟକ୍ରମ ଦଳୀୟ ସଂଗଠନକୁ ମଜବୁତ କରିବ ବୋଲି କହିଥିଲେ । ହୀରାକୁଦ ନଗର କଂଗ୍ରେସ ପାଇଁ ଦିନରେ ଏହି ଅଭିଯାନ ସ୍ଥାନୀୟ ଦୁର୍ଗା ମନ୍ଦିର ଛକ ବରିଷ୍ଠ ନାଗରିକ କାର୍ଯ୍ୟାଳୟରେ ହୋଇଥିବା ବେଳେ ବୁର୍ଲା ନଗର କଂଗ୍ରେସର କାର୍ଯ୍ୟକ୍ରମ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା । ସଭାରେ ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପର୍ଯ୍ୟବେକ୍ଷକ ଜୟନ୍ତ କୁମାର ସାହୁ ଓ ପର୍ଯ୍ୟବେକ୍ଷକ ଅଂଶୁମାନ ଦାସ, ସହଯୋଗୀ ମନୋହର ପ୍ରଧାନ, ଇଂ ଦିଲୀପ ଦୁରିଆଙ୍କ ସମେତ ବୁର୍ଲାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବୁର୍ଲା ନଗର ସଭାପତି ତଥା ଓବିସି ଜିଲ୍ଲା ସଭାପତି ଶିବବ୍ରତ ପ୍ରଧାନ ଏବଂ ବରିଷ୍ଠ କଂଗ୍ରେସ କର୍ମୀ ଗୁଡୁ ଉପଲ ଉପସ୍ଥିତ ଥିଲେ । ଶ୍ରୀ ପାଢ଼ୀ ହୀରାକୁଦ ବୈଠକରେ ଅଧ୍ୟକ୍ଷତା କରିଥିବା ବେଳେ ନଗର ସଭାପତି ରବି ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ । ହୀରାକୁଦ ଏବଂ ବୁର୍ଲା ସହରର କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଅଂଶଗ୍ରହଣ କରି ପର୍ଯ୍ୟବେକ୍ଷକଙ୍କୁ ସମ୍ବଲପୁର ଜିଲ୍ଲା କଂଗ୍ରେସ ସଭାପତି ଚୟନ ପାଇଁ ନିଜ ନିଜ ମତାମତ ଦେଇଥିଲେ ।ଗତ ୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଦଳର ଏହି ଅଭିଯାନ ସମ୍ବଲପୁର ଜିଲ୍ଲାରେ ଉଦ୍‌ଯାପିତ ହୋଇଛି । ଏଆଇସିସିର ପର୍ଯ୍ୟବେକ୍ଷକ ଅଖିଳ ଭାରତ କଂଗ୍ରେସ କମିଟିରେ ଉପସ୍ଥାପନା କରି ଖୁବ ଶୀଘ୍ର ଜିଲ୍ଲା ସଭାପତି ପ୍ରାର୍ଥୀ ଚୟନ କରାଯିବ ବୋଲି ପର୍ଯ୍ୟବେକ୍ଷକ ଶ୍ରୀ ଗୁରଜର ସୂଚନା ଦେଇଛନ୍ତି । ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଗତ ଅଗଷ୍ଟ ୧୪ରେ ‘ଭୋଟ ଚୋରି’ ବିରୋଧରେ ଅନୁଷ୍ଠିତ ମଶାଲ ଶୋଭାଯାତ୍ରାର କାର୍ଯ୍ୟକ୍ରମ ଏବଂ ସ୍ୱାଧୀନତା ଦିବସ ଅବସରରେ ରକ୍ତଦାନ ଶିବରରେ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ପର୍ଯ୍ୟବେକ୍ଷକ ଓ ପିସିସି ପର୍ଯ୍ୟବେକ୍ଷକ ତଥା ଓଡ଼ିଶା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି ମାନପତ୍ର ଦେଇ ସମ୍ମାନିତ କରିଥିଲେ ।ଗତ ୫ ଦିନ ଧରି ଅନୁଷ୍ଠିତ ହୋଇଥିବା ସଂଗଠନ ସୃଜନ ଅଭିଯାନରେ ଅଂଶଗ୍ରହଣ କରିଥିବା ସମ୍ବଲପୁର, ରେଢ଼ାଖୋଲ, କୁଚିଣ୍ଡା ଓ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଶ୍ରୀ ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଛନ୍ତି ।




## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣ ଉଦ୍‌ଯାପିତ

ଆଦି ଶଙ୍କରାଚାର୍ଯ୍ୟଙ୍କୁ ପଢ଼ି ସନାତନ ଧର୍ମକୁ ଜାଣ

ସମ୍ବଲପୁର, ୧୪।୯ (ସମିସ)

ସ୍ଥାନୀୟ ପବ୍ଲିକ ଲାଇବ୍ରେରୀର ନିଜସ୍ୱ ପ୍ରେକ୍ଷାଳୟରେ ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ପ୍ରଶିକ୍ଷଣର ଅନ୍ତିମ ଶିବିର ସମାପନ ହୋଇଯାଇଛି । ପ୍ରଥମ ଅଧିବେଶନରେ ଜୀବନୀ ପ୍ରସଙ୍ଗରେ ଆଧ୍ୟାତ୍ମିକବାଦୀ ଇଂ ବିଭୂତି ନାରାୟଣ ମାଝୀ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୀବନୀ ଓ ଦର୍ଶନ ଉପରେ ଆଲୋଚନା କରି ଋକ, ସାମ, ଯଜୁର ଓ ଅଥର୍ବ ବେଦର ଗବେଷଣା ଓ ସୁରକ୍ଷା ତଥା ଭାରତର ଚାରି ଦିଗରେ ଚାରୋଟି ଧାମ ପ୍ରତିଷ୍ଠାରେ ତାଙ୍କର ଭୂମିକା ଉପରେ ବିଭିନ୍ନ ବୁଝାଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ପିଲାଙ୍କୁ ଆଗାମୀ ଦିନରେ ହେବାକୁ ଥିବା ସମାବର୍ତ୍ତନ ଉତ୍ସବ ସମ୍ପର୍କରେ ପ୍ରଶିକ୍ଷାର୍ଥୀଙ୍କୁ ସୂଚିତ କରିଥିଲେ । ସଂଯୋଜକ ରାଜେନ୍ଦ୍ର ପଣ୍ଡା ଗତ ୨୧ ଟି ସପ୍ତାହର ସମ୍ୟକ ବିବରଣୀ ଦେବାସହ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ର. ସେବକ ତ୍ରିପାଠୀ, ଇ.ସୁଶାନ୍ତ ଗୁରୁ, ଅର୍ଜୁନ ରଞ୍ଜନ ପଣ୍ଡା ପ୍ରମୁଖ ପିଲାଙ୍କୁ ଏହି କର୍ଯ୍ୟକ୍ରମର ଶିକ୍ଷଣୀୟ ଦିଗକୁ ଜୀବନରେ ପ୍ରୟୋଗ କରିବାକୁ ଆହ୍ୱାନ ଦେଇଥିଲେ । ସଭାରେ ରଘୁନାଥ ମିଶ୍ର, ଡ. ଗିରିଧାରୀ ହୋତା, ରାହସ ବିହାରୀ ପଣ୍ଡା, ଶ୍ରୀବତ୍ସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ । ଶିବିରରେ ୧୮ ଟି ସ୍କୁଲରୁ ୪୫ ଜଣ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ଜାତୀୟ ସଙ୍ଗୀତ ପରେ ପିଲାଙ୍କ ଠାରୁ କାର୍ଯ୍ୟକ୍ରମ ଉପରେ ଏକ ମତାମତ ସଂଗ୍ରହ କରଯାଇଥିଲା । ଉଦ୍‌ଯାପନୀ ଉତ୍ସବ ପରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ଓ ସଂସ୍କୃତ ସାହିତ୍ୟ ବିଦୁଷୀ ଡ. ସରିତା ମାଝୀ ସ୍ମୃତି କମିଟି ତରଫରୁ ପ୍ରାୟୋଜିତ ଶ୍ରୀମଦ ଭଗବତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ ମହାନଗରନିଗମର ୧୬ ଟି ହାଇସ୍କୁଲରୁ ୩୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ବିଚାରକ ଭାବେ ମୁକ୍ତକଂଠ ପ୍ରଧାନ, ଚିନ୍ତାମଣି ଭୋଇ ଓ ରତ୍ନପ୍ରଭା କର ଯୋଗ ଦେଇଥିଲେ । ପ୍ରତିଯୋଗିତାରେ ସରସ୍ୱତୀ ଶିଶୁମନ୍ଦିର ଧନୁପାଲିର ଆୟୁଷ୍ମ ମିଶ୍ର, ସିଏସବି ଜିଲା ସ୍କୁଲର ରାଜନନ୍ଦିନୀ ପ୍ରିୟଦର୍ଶିନୀ ସାହୁ ଓ ଆଭାସ ଧର, ଶିଶୁ ମନ୍ଦିର ଧନୁପାଲି ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ନିକଟ ଭବିଷ୍ୟତରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ କୃତି ପ୍ରତିଯୋଗୀଙ୍କୁ ଅର୍ଥ ରାଶି, ସ୍ମାରକୀ ଫଳକ ଓ ସାର୍ଟିଫିକେଟ ସହ ସମ୍ମାନିତ କରାଯିବା ଉଦ୍ୟୋକ୍ତା ବିଭୂତି ନାରାୟଣ ମାଝୀ ପ୍ରକାଶ କରିଥିଲେ । ଉଦିତ ପାଟଯୋଶୀ, ହରି ନାରାୟଣ ପଣ୍ଡା, ପୃଥ୍ୱୀରାଜ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




## ଏସଏସ୍‌ଜି ଗ୍ରୁପ ଜମା ଖାତାରୁ ଟଙ୍କା ହଡପ ନେଇ ମହିଳା ଥାନାର ଦ୍ୱାରସ୍ଥ



ରେଢ଼ାଖୋଲ, ୧୪।୯ (ସମିସ): ସରକାରଙ୍କ ପକ୍ଷରୁ ଛୋଟ ଛୋଟ ଗାଁରେ ସାଧାରଣ ଜନତାଙ୍କ ବ୍ୟାଙ୍କିଙ୍ଗ ସେବା ପାଇଁ ଗ୍ରାମ୍ୟ ଜନସେବାକେନ୍ଦ୍ରମାନ ଖୋଲା ଯାଇଛି । କିନ୍ତୁ ମହିଳା ସଂଘ ପକ୍ଷରୁ ବ୍ୟାଙ୍କ ଖାତାରେ ଜମା କରିଥିବା ଅର୍ଥ ରାଶିକୁ ଗ୍ରାମ୍ୟ ଜନସେବାକେନ୍ଦ୍ର ପକ୍ଷରୁ ହଡ଼ପ କରାଯାଇଥିବା ନେଇ ମହିଳାମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।ଏଭଳି ଅଭାବନୀୟ ଘଟଣା ସମ୍ବଲପୁର ଜିଲ୍ଲା ରେଢାଖୋଲ ତ୍ରିବଣପୁର ପଞ୍ଚାୟତରେ ଖୋଲିଥିବା ରୋହିତ କୁମାର ପ୍ରଧାନଙ୍କ ଗ୍ରାମ୍ୟ ଜନସେବା କେନ୍ଦ୍ର କର୍ତ୍ତୃପକ୍ଷ ହଡପ କରିଥିବା ଅଭିଯୋଗ ହୋଇଛି । ଖଣ୍ଡାମ ଗ୍ରାମର ମା’ସମଲେଇ ଏସଏସ୍‌ଜି ଗ୍ରୁପ ମହିଳା ତାଙ୍କ ଉପାର୍ଜିତ ଅର୍ଥ ପ୍ରତ୍ୟେକ ମାସ ଏହି କେନ୍ଦ୍ରରେ ଟଙ୍କା ଜମା କରିବା ଏବଂ ଉଠାଇବା ବ୍ୟବସ୍ଥା କରି ଆସୁଥିଲେ । ହେଲେ ନେଟୱର୍କ ଅସୁବିଧାରୁ ସ୍ଲିପ ବାହାରୁ ନାହିଁ ବୋଲି କହି କେନ୍ଦ୍ରର ମାଲିକ ରୋହିତ ଟଙ୍କା ଉଠାଣ ସ୍ଲିପ୍ ଦେଉ ନ ଥିଲେ । ଗ୍ରୁପର ସମସ୍ତ ମହିଳା ଜମାଖାତା କେତେ ଟଙ୍କା ଅଛି ଦେଖିବା ବେଳେ ୧ ଲକ୍ଷ ୬୨ ହଜାର ଟଙ୍କା ହଡ଼ପ ହୋଇଥିବା ଜାଣିବାକୁ ପାଇଥିଲେ । ଏ ସମ୍ପର୍କରେ ଗ୍ରାମ୍ୟ ଜନସେବାକେନ୍ଦ୍ର ମାଲିକ ରୋହିତ ପ୍ରଧାନଙ୍କୁ କହିବାରୁ ମୋର ବ୍ୟକ୍ତିଗତ ଖର୍ଚ୍ଚ କରିଦେଇଛି, ଏବେ ଦେଇ ପାରିବି ନାହିଁ ବୋଲି କହି ଗାଳି ଗୁଲଜ କରିଥିଲେ । ଶେଷରେ ତ୍ରିବଣପୁର ମା’ସମଲେଇ ସ୍ୱୟଂ ସହାୟକ ମହିଳା ସଂଘର ସମ୍ପାଦିକା ଆଶ୍ୱିନୀ ପ୍ରଧାନ ଏବଂ ଅନ୍ୟ ସଦସ୍ୟାମାନେ ରେଢ଼ାଖୋଲ ଥାନା ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି । ଏହାକୁ ନେଇ ଜନସେବା କେନ୍ଦ୍ର ମାଲିକ ରୋହିତ ପ୍ରଧାନଙ୍କୁ ପଚାରିବାରୁ ଏହା ମିଥ୍ୟା ଅଭିଯୋଗ ବୋଲି କହିଛନ୍ତି ।



# ସଲଡିହି ଜୁନହାଟାଣ୍ଡ ଗାଁରେ ଲାଗିଲା ଟ୍ରାନ୍ସଫର୍ମର

**ବରଗଡ଼, ୧୪।୯ (ସମିସ):** ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ଟେମରି ଗ୍ରାମର ସ୍ୱେଚ୍ଛାସେବୀ ଦୀପା ବାରିକଙ୍କ ପ୍ରଚେଷ୍ଟାରେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ସଲଡ଼ିହି ଜୁନହାଟାଣ୍ଡ ଗ୍ରାମରେ ନୂଆ ଟ୍ରାନ୍ସଫର୍ମର ଲାଗିଛି । ଯାହାଦ୍ୱାରା ଅଞ୍ଚଳର ଚାଷୀଙ୍କ ମୁହଁରେ



ଏବେ ହସ ଫୁଟିଥିବା ଦେଖିବାକୁ ମିଳିଛି । ଚାଷୀମାନଙ୍କ ଟ୍ରାନ୍ସଫର୍ମର ପୋଡି ଯାଇଥିଲା । ମାସାଧିକ ସମୟ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା । ଫଳରେ ଚାଷୀମାନେ ବହୁତ ହଇରାଣ ହୋଇ ଭାଙ୍ଗି ପଡ଼ିଥିଲେ । ଏ ଘଟଣା ସମ୍ପର୍କରେ ସ୍ୱେଚ୍ଛାସେବୀ ଦୀପା ଜାଣିବା ପରେ ଏକ ଭିଡିଓ ପ୍ରସ୍ତୁତ କରି ପଠେଇବା ପାଇଁ ଚାଷୀମାନଙ୍କୁ କହିଥିଲେ । ସେମାନେ ଦୀପାଙ୍କୁ ଉକ୍ତ ସମସ୍ୟା ସମ୍ପର୍କିତ ଭିଡିଓ ପଠେଇବା ପରେ ଏକ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଦୀପା ଗତ ଅଗଷ୍ଟ ମାସ ୨୯ ତାରିଖରେ ଅଭିଯୋଗ କରିଥିଲେ । ଟାଟା ପାୱାର ପଶ୍ଚିମ ଓଡ଼ିଶା ପକ୍ଷରୁ ସେହିଦିନ ଉତ୍ତର ରଖାଯାଇଥିଲା । ଉକ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଟାଟା ପାୱାର ପକ୍ଷରୁ କୁହାଯାଇଛି । ଏହା ପରେ ବିଦ୍ୟୁତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା । ଏବେ ପୋଡ଼ି ଯାଇଥିବା ଟ୍ରାନ୍ସଫର୍ମରକୁ ନେଇ ବିଦ୍ୟୁତ ବିଭାଗ ପକ୍ଷରୁ ନୂତନ ଟ୍ରାନ୍ସଫର୍ମର ଲଗାଯାଇଛି । ବର୍ତ୍ତମାନ ବିଦ୍ୟୁତ ସରବରାହ ସ୍ୱାଭାବିକ ରହିଛି । ଦୀପାଙ୍କ ଉକ୍ତ ପ୍ରୟାସ ପରେ ଚାଷୀମାନଙ୍କ ମୁହଁରେ ହସ ଫୁଟି ପାରିଥିବାରୁ ବୁଦ୍ଧିଜୀବୀ ମହଲରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି ।

## ସମୃଦ୍ଧ ଗାଁ, ସମୃଦ୍ଧ ସମ୍ବଲପୁର ବୈଠକ

# ନାଗରିକଙ୍କୁ ଅଧିକରୁ ଅଧିକ ସୁବିଧା ଦେବା ଲକ୍ଷ୍ୟ

**ସମ୍ବଲପୁର, ୧୪।୯ (ସମିସ)**

ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସମଗ୍ର ଶିକ୍ଷାର ସମ୍ମିଳନୀ କକ୍ଷରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ସମୃଦ୍ଧ ଗାଁ ଓ ସମୃଦ୍ଧ ସମ୍ବଲପୁର ପାଇଁ ପ୍ରକଳ୍ପଗୁଡ଼ିକ ଉପରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ସଭା ଅନୁଷ୍ଠିତ ହୋଇଛି । ବୈଠକରେ ସମ୍ବଲପୁରର ଗ୍ରାମାଞ୍ଚଳରେ ନାଗରିକଙ୍କ ମୌଳିକ ସୁବିଧାକୁ ଗୁରୁତ୍ୱ, ସ୍ୱଚ୍ଛତା, ପାନୀୟ ଜଳ, ଜୀବନଜୀବିକାକୁ ଗୁରୁତ୍ୱ, ପ୍ରଶାସନିକ ସଂସ୍କାର ତଥା ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ ଉପରେ ଆଲୋଚନା ହୋଇଥିଲା । ମନରେଗା ଯୋଜନାରେ ଶ୍ରମିକମାନଙ୍କୁ ସଶକ୍ତ କରିବା, ପିଏମ ସ୍ୱନିଧି ଯୋଜନାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ଆତ୍ମନିର୍ଭର କରିବା, ଏସଏଚଜି



ସଂଗଠନର ମା' ଭଉଣୀମାନଙ୍କ ଆର୍ଥିକ କାର୍ଯ୍ୟକୁ ସୁବ୍ୟବସ୍ଥିତ ସହ ସ୍ୱାବଲମ୍ବୀ କରିବା ଆଦି ବିଭିନ୍ନ ବିଷୟରେ ଗୁରୁତ୍ୱାରୋପ କରାଯାଇଥିଲା । ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାରତ ସରକାର ଓ ରାଜ୍ୟ ସରକାରଙ୍କ ପାଖରେ ଯୋଜନାର ଅଭାବ ନାହିଁ। ଅନେକ ବିଭାଗ, ନୀତି ଓ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ହେଉଛି । ଆମର ମୂଳ ଲକ୍ଷ୍ୟ ହେଉଛି ନାଗରିକଙ୍କୁ ଅଧିକରୁ ଅଧିକ ସୁବିଧା ଦେବା । ସମ୍ବଲପୁରରେ ଥିବା ସମ୍ଭାବନା, ଭିତ୍ତିଭୂମି, ଉତ୍ପାଦନ ଓ ବଜାରକୁ ଦୃଷ୍ଟିରେ ରଖି ସମ୍ବଲପୁରୀ ବ୍ରାଣ୍ଡକୁ ଆଗକୁ ନେବା ଆମର ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି ବୈଠକରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୂ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ଆଇଏଏସ ପ୍ରୋବେସନାରୀ ଅଧିକାରୀ ଶୁଭ୍ରା ପଣ୍ଡା, ପୂର୍ବତନ ବିଧାୟକ ରେଙ୍ଗାଲି ନାଉରି ନାୟକଙ୍କ ସହ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ ।

# ମଦରନ୍ଧା ସ୍ଥାନରେ ପୁଲିସର ଚଢ଼ଉ

**ଝାରବନ୍ଧ, ୧୪।୯ (ସମିସ):** ବରଗଡ଼ ଜିଲ୍ଲା ସାପ ଲହର ଗ୍ରାମର ଡେମ ପାର୍ଶ୍ୱରେ ଦେଶୀ ମଦ ରନ୍ଧା ହେଉଥିବା ଖବର ପାଇ ଜଗଦଲପୁର ଥାନା ଅଧିକାରୀ ଅଭିମନ୍ୟୁ ଦୁର୍ଗା ତତ୍ତ୍ୱାବଧାନରେ ଏଏସଆଇ ଏସ.କେ. ନାୟକଙ୍କ ସହିତ ପୁଲିସ ଟିମ୍ ଚଢ଼ଉ କରିଥିଲେ । ଏହାଦ୍ୱାରା ଡେମ ଉପରେ ବେଧଡକ ଭାବେ ମହୁଲ ମଦ ତିଆରି କରୁଥିବା ନିଶା ବ୍ୟବସାୟୀଙ୍କୁ ଶକ୍ତଧକ୍କା ଲାଗିଛି । ହାରାହାରି ଦୁଇ କ୍ୱିଣ୍ଟାଲ ମହୁଲ ଫାସ ଏବଂ ହାରାହାରି ୫୦ ଲିଟର ରନ୍ଧା ମହୁଲ ମଦ ଜଗଦଲପୁର ପୁଲିସ ଟିମ ନଷ୍ଟ କରିଛି ।

# ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**ପଦ୍ମପୁର, ୧୪।୯ (ସମିସ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ଲଖମରାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା ସମିତି ସଭାପତି ସୀତାନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରେମାନନ୍ଦ ବାରିକ ମୁଖ୍ୟ ଅତିଥି, ଜଗନ୍ନାଥ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମ୍ପାଦକ ରାଜକିଶୋର ପଟେଲ, ଯୁଗ୍ମ ସମ୍ପାଦକ ରୋଶନ ବଣିଆ, ପ୍ରଧାନ ଆଚାର୍ଯ୍ୟ ଦିଲ୍ଲୀପ ଜାଲ, ବିଜେପି ମଣ୍ଡଳ ସଭାପତି ଟୁନା ଡନସନା ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଶିଶୁ ଶିକ୍ଷାର ଭାରତୀୟ ସଂକଳ୍ପନା ସମ୍ପର୍କରେ ଆଲୋକପାତ କରିଥିଲେ । ପିଙ୍କି ଗୁରୁମାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସସ୍ମିତା ଗୁରୁମା କ୍ରିୟାକଳାପ ପ୍ରଦର୍ଶନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଅମଲା ସଂଘର ସାଧାରଣ ବୈଠକ

**ବରଗଡ଼, ୧୪।୯ (ସମିସ):** ରବିବାର ଓଡ଼ିଆ ଅମଲା ସଙ୍ଘ ବରଗଡ଼ ଜିଲ୍ଲା ଶାଖାର ଏକ ସାଧାରଣ ସଭା ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର ଅଧ୍ୟକ୍ଷ ନନ୍ଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଘର ସଭାପତି ଫାଲଗୁନୀ ପଣ୍ଡା, ସମ୍ପାଦକ ଜ୍ଞାନ ପ୍ରକାଶ ସାହୁ, ଉପସଭାପତି ଜନ୍ମଜୟ ସାମଲ, ଉପଦେଷ୍ଟା ରମେଶ ଚନ୍ଦ୍ର ମେହେର ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାର ସମସ୍ତ ବ୍ଲକରୁ ବହୁ ସଂଖ୍ୟାରେ ଅମଲା ଏହି ସଭାରେ ଯୋଗଦେଇଥିଲେ । ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ଦରମା ପ୍ରଦାନ, ଯାହାକି ଗ୍ରେଡ଼ ପେ ୧୯୦୦ ରୁ ୪୨୦୦ ବା ଲେବେଲ ୪ ରୁ ୯ କୁ ଯିବାପାଇଁ ଏହି ସଭାରେ ଆଲୋଚନା ହୋଇଥିଲା । ନୂତନ ସରକାରଙ୍କ ଠାରେ ଏହି ଦାବିକୁ ଉପସ୍ଥାପିତ କରିବା ପାଇଁ ସର୍ବ ସମ୍ମତିକ୍ରମେ ଗୃହୀତ ହୋଇଥିଲା । ସଞ୍ଜୟ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ଦିଲ୍ଲୀପ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ରେଢ଼ାଖୋଲ, ୧୪।୯ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ମମତା ବିଶ୍ୱାଳ ଙ୍କ ଅଧ୍ୟକ୍ଷତା ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ରେଡକ୍ରସ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଥିଲେ । ରେଡକ୍ରସ କାଉନସିଲର ଅଧ୍ୟାପିକା ଶ୍ରୀମତୀ ବାସନ୍ତୀ ଭୋଇ ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମମତା ବିଶ୍ୱାଳ ପ୍ରାଥମିକ ଚିକିତ୍ସାର ଉପାଦେୟତା ଏବଂ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରି ଅନୁଷ୍ଠାନର ଛାତ୍ରୀଙ୍କୁ ହେନେରୀ ଡୁନାଁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଅବଗତ କରିଥିଲେ । କଲେଜର ଇଂରାଜୀ ଅଧ୍ୟାପିକା ଶ୍ରୀମତୀ ସୁନୀତା ମିଶ୍ର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରାଥମିକ ଚିକିତ୍ସା ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । କାଉନସିଲର ବାସନ୍ତୀ ଭୋଇ ରେଡ୍‌କ୍ରସ ଲକ୍ଷ୍ୟ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ଶେଷରେ ରାଜନୀତି ବିଜ୍ଞାନ ଅଧ୍ୟାପିକା ଶ୍ରୀମତୀ କଳ୍ପନା ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀ, କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଭଟଲି ଛକ ଫ୍ଲାଏ ଓଭର ବ୍ରିଜର ଭିତ୍ତିପ୍ରସ୍ତର

**ବରଗଡ଼, ୧୪।୯ (ସମିସ):** ବରଗଡ଼ ସହରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଏହାର ସମାଧାନ ପାଇଁ ଭଟଲି ଛକରେ ଫ୍ଲାଏ ଓଭର ବ୍ରିଜ୍ ପାଇଁ ଦୀର୍ଘ ତିନି ବର୍ଷ ପୂର୍ବରୁ ସର୍ଭେ କାର୍ଯ୍ୟ ଚାଲୁଥିଲେ ବି ନିର୍ମାଣ କାର୍ଯ୍ୟ ପାଇଁ ଶୁଭ ଦିଆଯାଇ ନଥିଲା । ରବିବାର ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ ଏହି ଫ୍ଲାଏ ଓଭରର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିପାଇଁ ୨୭ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ଏହାକୁ ନୂଆ ଟେକ୍ନୋଲୋଜିରେ ବିଦ୍ୟୁତ୍ ଆଲୋକୀକରଣ କରାଯିବ । ଏହାର ନିର୍ମାଣ କାର୍ଯ୍ୟ ଦୁଇ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବିଧାୟକ ଅଶ୍ୱିନୀ କୁମାର ଷଡଙ୍ଗୀ କହିଛନ୍ତି । ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଅରୁଣ ପାଣ୍ଡେ, ପ୍ରଭାତାଦିତ୍ୟ ମିଶ୍ର, ମଣ୍ଟୁ ଗଡ଼ତିଆ, ଶତ୍ରୁଘ୍ନ କାଲୋ, ବିଜୟ ପାଣିଗ୍ରାହୀ, ଅକ୍ରୁର ମଲ୍ଲିକ, ଚିତ୍ତ ମହାପାତ୍ର, ଆଇନଜୀବୀ ରମଣୀ ରଞ୍ଜନ ବେହେରାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।



# ପୁଅ ଜିଉଁନ୍ତିଆ ବ୍ରତ ପାଳିଲେ ମହିଳା



**ବରଗଡ଼, ୧୪।୯ (ସମିସ):** ନିଜ ସନ୍ତାନ ସନ୍ତତିଙ୍କ ଦୀର୍ଘ ଜୀବନ କାମନା କରି ବରଗଡ଼ ଜିଲ୍ଲାର ପୁରପଲ୍ଲିରେ ମା'ମାନେ ପୁଅ ଜିଉନ୍ତିଆ ବ୍ରତ ପାଳିଛନ୍ତି । ସକାଳୁ ନିଜର ନିତ୍ୟ କର୍ମ ସାରି ବ୍ରତଧାରି ମାଆମାନେ ଦିନସାରା ନିର୍ଜଳା ଉପବାସ ସହ ଶହେ ଆଠ ଦୁବ, ଶହେ ଆଠ ଅରୁଆ ଚାଉଳ, ଜିଉନ୍ତିଆ ଏବଂ ୨୪ ପ୍ରକାର ଫଳ, ଫୁଲ ଧରି ଗାଁ ଦାଣ୍ଡରେ ସମସ୍ତେ ଏକତ୍ର ହୋଇ ପ୍ରଭୁ ଦୁତିବାହାନଙ୍କୁ ପୂଜା କରିଥିଲେ । ନିଜ ସନ୍ତାନ ସନ୍ତତିଙ୍କ ଦୀର୍ଘ ଜୀବନ କାମନା କରିଥିଲେ । ରାତ୍ରର ପ୍ରଥମ ପ୍ରହରରୁ ଏହି ପୂଜା ଆରମ୍ଭ ହେଉଥିବା ବେଳେ ରାତି ସାରା ମା'ମାନେ ନିର୍ଜଳା ଉପବାସ ରହି ତାପର ଦିନ ଭୋର ସକାଳୁ ପୁଣି ନଦୀ ଘାଟରେ ପୂଜାର୍ଚ୍ଚନା କରିବା ପରେ ଘରକୁ ଆସି ନିଜ ସନ୍ତାନଙ୍କ ଦୀର୍ଘ ଜିବନ କାମନା କରି ଚାଉଳ ବନ୍ଦାପନା କରିବା ସହ ସିନ୍ଦୁର ଟିପା ଲଗାଇ ଦୁବକୁ ସାତ ଥର ଛୁଆଇଥାନ୍ତି । ବ୍ରତ କରାଯାଇଥିବା ଜିଉନ୍ତିଆକୁ ରକ୍ଷା କବଚ ରୂପେ ପୁଅର ଡାହାଣ ହାତରେ ବାନ୍ଧି ଦେଇଥାନ୍ତି । ଏହାଦ୍ୱାରା ସନ୍ତାନର ସମସ୍ତ ଦୁଃଖ, କ୍ଲେସ, ରୋଗ ବ୍ୟାଧି ଦୂର ହେବାସହ ବିପଦ ଆପଦରେ ସହାୟ ହେଉଥିବା ବିଶ୍ୱାସ ରହିଛି । ପୁଅ ଜିଉତିଆ ପର୍ବ ମା' ପୁଅଙ୍କ ନିବିଡ ସମ୍ପର୍କର ବାର୍ତ୍ତା ବହନ କରେ ।

# ୧୦ କେଜି ଗଞ୍ଜେଇ ଜବତ; ୨ ଗିରଫ

**ଅମ୍ବାଭୋନା ୧୪।୯ (ସମିସ):** ବରଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାଇ ମିନାଙ୍କ ନିର୍ଦ୍ଦେଶକ୍ରମେ ଅମ୍ବାଭୋନା ପୋଲିସ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଗଞ୍ଜେଇ ସହ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା ଲଠଣ୍ଡା ଥାନା ଅଧିନସ୍ଥ ଚାଙ୍ଗରିଆ ଗ୍ରାମର ସଚିତା ତାଣ୍ଡି(୪୨) ଓ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅଧିନସ୍ଥ ଜେଙ୍କେଡ଼ା ଗ୍ରାମର ମେଘ ସାହୁ(୩୬) ବୋଲି ଜଣାପଡ଼ିଛି । ଅମ୍ବାଭୋନା ପୁଲିସ ଅଧିକାରୀ ବିପିନ ବାଗଙ୍କ ସୂଚନା ଅନୁସାରେ ଏନେଇ କେସ ନମ୍ବର ୧୬୬, ୨୦ (ବି)(ସସ)(ବି)୨୯ ଏନ ଡି ପି ଏସ ଆକ୍ଟରେ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉକ୍ତ ଦୁଇ ଯୁବକ ବରଗଡ଼ ସାଇଡରୁ ମୁଖ୍ୟ ରାସ୍ତାରେ ଗଞ୍ଜେଇ ନେଇ ଆସୁଥିବା ବେଳେ ଖବରପାଇ ଅମ୍ବାଭୋନା ଥାନା ଅଧିକାରୀ ବିପିନ ବାଗଙ୍କ ତତ୍ତ୍ୱାବଧାନରେ ଅମ୍ବାଭୋନା ପଥପ୍ରାନ୍ତ ସୁବିଧା କେନ୍ଦ୍ର ପାଖରେ ନାକାବନ୍ଦୀ କରି ତାଙ୍କ ଠାରୁ ୧୦କେଜି ୨୯୦ ଗ୍ରାମର ଗଞ୍ଜେଇ ସହ ଦୁଇଟି ମୋଟରସାଇକେଲ (ସି ଜି ୧୧ ବି ୨୧୧୬, ଓ ଡି ୦୩ ସି ୮୨୮୭) ସହ ଗୋଟିଏ ମୋବାଇଲ ଓ ନଗଦ ଆଠ ଶହ ଟଙ୍କା ଜବତ କରିଥିବା ପୁଲିସ ସୂଚାଇଛି ।



# ୨ ଦିବ୍ୟାଙ୍ଗ ଭଉଣୀଙ୍କୁ ବ୍ୟାଟେରି ଚାଳିତ ଟ୍ରାଇ ସାଇକଲ ପ୍ରଦାନ

**ବରଗଡ଼, ୧୪।୯ (ସମିସ):** ଶୁକ୍ରବାର ଦିନ ବଲାଙ୍ଗୀରର ଆର.ଆର.ସି ଅଫିସ୍ ଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଲିମକୋ ଅଫିସ୍, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ, ସାଂସଦ ସଙ୍ଗୀତା ସିଂଦେଓ ଓ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜି ଇସୈବର୍ ଯୋଗ ଦେଇଥିଲେ । ଏହି ଅବସରରେ ବରଗଡ଼ ଜିଲ୍ଲା, ବରପାଲି ବ୍ଲକର ଦୁଇ ଦିବ୍ୟାଙ୍ଗ ଭଉଣୀ ଉର୍ମିଳା ମେହେର (୨୯) ଓ ପାୟଲ ପଧାନ (୨୦)ଙ୍କୁ ବ୍ୟାଟେରି ଚାଳିତ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରପାଲି ସ୍ୱାଟ ସ୍ମାଇଲ ଦିବ୍ୟାଙ୍ଗ ଟ୍ରଷ୍ଟର ସମ୍ପାଦିକା ମଞ୍ଜୁଲତା ଦାଶଙ୍କ ଜରିଆରେ ଟ୍ରାଇ ସାଇକଲ ପ୍ରଦାନ କରାଯାଇଥିଲା ଓ ଉଭୟ ଭଉଣୀଙ୍କୁ ନେବା ଆଣିବା କରିବାରେ ସାହାଯ୍ୟ କରିଥିବା ଠାକୁର ବିଶ୍ୱାଳ, ସତ୍ୟବତୀ ବିଶ୍ୱାଳ ଓ କେଶବ ବେହେରା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ



# ଲାୟନ୍ସ କ୍ଲବ୍‌ର ମିଳିତ ଅଧିଷ୍ଠାନ ଉତ୍ସବ

**ହୀରାକୁଦ, ୧୪।୯ (ସମିସ):** ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ, ହୀରାକୁଦ ଓ ଲାୟନ୍ସ କ୍ଲବ୍ ଅଫ୍ ରୟାଲ ରେମେଡ଼ ଙ୍କର ମିଳିତ ସହଯୋଗରେ ଶିବମନ୍ଦିର ଧର୍ମଶାଳା ହୀରାକୁଦ ପରଲ ଅରଚାଡ, ରେମେଡ଼ ଠାରେ ମିଳିତ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ପିଡିଜି ଲାୟନ୍ ପ୍ରଦୀପ ଅଗ୍ରୱାଲ, ଇନ୍‌ଷ୍ଟଲିଙ୍ଗ୍ ଅଫିସର୍-ପିଡିଜି ଲାୟନ୍ ବେଣୁମାଧବ ଡୋରା, ୨୦୨୫-୨୬ର ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇ ଥିଲେ ଓ ଲାୟନ ପ୍ରିତମ ଚୌହାନଙ୍କ ଅଧ୍ୟକ୍ଷତାରେ ସମାରୋହକୁ କୈଳାସ ଦାସ ମଞ୍ଚ ପରିଚାଳନା କରିଥିଲେ । ଲାୟନାଷ୍ଟିକ୍ ୟିଅର ୨୦୨୫-୨୬ ପାଇଁ, ଲାୟନ୍ସ କ୍ଲବ୍ ଅଫ୍ ମହାନଦୀ ଗ୍ରୀନ୍‌ରୁ ନୂତନ ଭାବେ ନିର୍ବାଚିତ ପ୍ରେସିଡେଣ୍ଟ ଲାୟନ୍ ମୁକେଶ କୁମାର ଡୋଙ୍ଗିଚୌହାନ, ସେକ୍ରେଟାରି ଲାୟନ୍ ଆକାଶ ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଲାୟନ୍ ଉମାଶଙ୍କର ଗୌଡ଼ (ଚଗଔର) ଶପଥଗ୍ରହଣ କରିଥିଲେ ଓ ସେହିପରି, ଲାୟନ୍ସ କ୍ଲବ୍ ଅଫ୍ ରୟାଲ ରେମେଡ଼ ପକ୍ଷରରୁ ପ୍ରେସିଡେଣ୍ଟ ଲାୟନ୍ କାର୍ତ୍ତିକ କଲେତ, ସେକ୍ରେଟାରି ମଞ୍ଜୁ ଓରାମ ଓ କୋଷାଧ୍ୟକ୍ଷ ଲାୟନ୍ ମହେଶ ଗାର୍ଡି ଆ ତାଙ୍କ ଟିମ୍ ସହିତ ଶପଥଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଗେଷ୍ଟ ଅଫ ଅନର ଭାବରେ ଭିଡିଜି-୧ ଲାୟନ ଦୁର୍ଗେସ ନନ୍ଦିନୀ ବିଶ୍ୱାଳ ଏବଂ ହିନ୍ଦାଲକୋର କ୍ଲଷ୍ଟର୍ ହେଡ୍ ବିଗ୍ନେଶ୍ୱର ପଣ୍ଡା, ମୁଖ୍ୟ ସ୍ପିକର ଭାବରେ ଲାୟନ ଆରକେ ସିଂ, କି ନୋଟ ସ୍ପିକର ଭାବରେ ମେଜର ଚିତ୍ତରଞ୍ଜନ ଦାସ, ଜିଇଟି ଲାୟନ ଦୀପକ ପୃଷ୍ଟି, ଜଉ ଲାୟନ୍ ସୁନୀଲ ଅଗ୍ରୱାଲ, ତଉ ସଞ୍ଜୀବ ମିଶ୍ର, ଅନ୍ୟ କ୍ଲବ୍‌ରୁ, ହୀରାକୁଦର ସିନିୟର ସିଟିଜନ, ହୀରାକୁଦ ଏବଂ ସମ୍ବଲପୁରର ବିଭିନ୍ନ ସମାଜ ସେବାସଂଘର ସଦସ୍ୟ, ଚାରିଟେବୁଲ ଟ୍ରଷ୍ଟ ସଭାପତି ଏବଂ ସମାଜସେବୀ ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତି ଥିଲେ । କାର୍ଯ୍ୟକ୍ରମର ଶେଷରେ



ଲାୟନ ଆକାଶ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଲାୟନ୍ସ କ୍ଲବ ଅଫ ମହାନଦୀ ହୀରାକୁଦ ଓ ଲାୟନ୍ସ କ୍ଲବ୍ ରୟାଲ ରେମେଡ଼ କ୍ଲବ୍‌ର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ । ହୀରାକୁଦର ସିନିୟର ସିଟିଜନ, ହୀରାକୁଦ ଏବଂ ସମ୍ବଲପୁରର ବିଭିନ୍ନ ସମାଜ ସେବା ସଂଘ, ଚାରିଟେବୁଲ ଟ୍ରଷ୍ଟ ସଭାପତି ଏବଂ ସମାଜସେବୀ ରାମଦାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍‌ସ ଫାଉଣ୍ଡେସନର ସଫେଇ ଅଭିଯାନ



**ସମ୍ବଲପୁର, ୧୪।୯ (ସମିସ):** ଏମ୍‌ସ ଫାଉଣ୍ଡେସନ ପକ୍ଷରୁ ବୁର୍ଲା ସ୍ଥିତ ହୀରାକୁଦ ନଦୀବନ୍ଧ ନିକଟସ୍ଥ ଜବାହର ମିନାର ପରିସରରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଛି । ଜବାହର ମିନାରରୁ ଆରମ୍ଭ ହୋଇ ଝାଙ୍କରାଣୀ ମନ୍ଦିର ଯାଏଁ ସଫେଇ ହୋଇଥିଲା । ଫାଉଣ୍ଡେସନର ସଭାପତି ଶ୍ରୀମନ୍ତ ପାତ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଛି । ଏମ୍‌ସ କଲେଜର ଯୁକ୍ତଦୁଇ ବିଜ୍ଞାନ ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ଏବଂ ଏମ୍‌ସ ଫାଉଣ୍ଡେସନର ସଦସ୍ୟମାନେ ସ୍ୱଚ୍ଛତା ଅଭିଯାନକୁ ଆଗେଇ ନେଇଛନ୍ତି । ଭଲଭାବରେ ସଫା କରିବା ସହିତ ସ୍ୱଚ୍ଛତା ବିଷୟରେ ସଚେତନତା ଫଳକ ବିଭିନ୍ନ ସ୍ଥାନରେ ଲଗାଇଛନ୍ତି । ମାନସ ରଞ୍ଜନ ମହାନ୍ତି, ସହକାରୀ କମାଣ୍ଡାଣ୍ଟ (ଓଆଇଏସଏଫ୍), ଅରୁଣ ମହାପାତ୍ର ଓ ଅନ୍ତର୍ଯ୍ୟାମୀ ନାଗ, ନିରୀକ୍ଷକ, ସୁଧିର ସାହୁ, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ (ହୀରାକୁଦ ଡ୍ୟାମ) ଅମୂଲ୍ୟ ପ୍ରଧାନ, ଏସ୍‌ଡିଓ ସଂକଳ୍ପ ଗୁରୁ, ଜୁନିଅର ଇଞ୍ଜିନିୟର ଆନନ୍ଦ ସାହୁ, ଜୁନିଅର ଇଞ୍ଜିନିୟର ରଘୁନାଥ ବେହେରା, ଜୁନିଅର ଇଞ୍ଜିନିୟର ଅଭିଳାସ ପ୍ରଧାନ, ଜୁନିଅର ଇଂଜିନିଅର, ହୀରାକୁଦ ଡ୍ୟାମ ପୁଲିସ ବାହିନୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଅବିନାଶ ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମ୍‌ସ କଲେଜ), ଅଭିଜିତ ବାବୁ ଅଧ୍ୟକ୍ଷ ଓ ଏମ୍‌ସ କଲେଜର ସମସ୍ତ ଶିକ୍ଷକ, ପରିଚୟର ବିପିନ୍ ବିହାରୀ ପଣ୍ଡା ଓ ସମସ୍ତ ସଦସ୍ୟ, ପୁଲିସ ବାହିନୀ ସଫେଇ କାର୍ଯ୍ୟରେ ଏମ୍‌ସ ଫାଉଣ୍ଡେସନକୁ ସହଯୋଗର ହାତ ବଢ଼ାଇଛନ୍ତି ।

# ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

**ଜମନକିରା, ୧୪।୯ (ସମିସ):** ସ୍ଥାନୀୟ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଜମନକିରା ବ୍ଲକ ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ନୂଆ ଖାଇ ଭେଟ ଘାଟ ଅନୁଷ୍ଠିତ ହୋଇଥିଲା । ଏଥିରେ ସଙ୍ଘର ସଭାପତି ଗୋକୁଳାନନ୍ଦ ଦାନୀ ଅଧ୍ୟକ୍ଷତା କରିଥିଲେ । ବର୍ତ୍ତମାନ୍ ସମୟରେ ବରିଷ୍ଠ ନାଗରିକମାନେ କିପରି ନିଜ ପରିବାର ରେ ସାମାଜିକ ତଥା ସରକାରୀସ୍ତରରେ ଅବହେଳିତ ହେଉଛନ୍ତି ଉଦ୍‌ବେଗ ପ୍ରକାଶ ପାଇଥିଲା । ଜମନକିରା ପୁଲିସ ପ୍ରଶାସନ ପକ୍ଷରୁ ପୂର୍ବରୁ ଦିଆଯାଉଥିବା ସୁରକ୍ଷାକାର୍ଡ ପୁଣି ଥରେ ପ୍ରଚଳନ କରାଯିବା ସହ ସୁରକ୍ଷା ଯୋଗାଇ ଦେବାକୁ ଦାବି କରାଯାଇଥିଲା । ଜମନକିରା ଆଇଆଇସି ପଦ୍ମାଳୟା ସାହୁ, ରବୀନ୍ଦ୍ର ମଲ୍ଲିକ, ଲକ୍ଷ୍ମଣ ନାଏକ, ଅମରେଶ ସ୍ୱାଇଁ, ସାଲେକରାମ ପଧାନ, ଉଦୟ ନାଥ ପଟ୍ଟନାୟକ, ସୁରେଶ କୁମାର ନାଏକ, ଅତୁଲ୍ୟ କୁମାର ପଟେଲ, ଜଗନ୍ନାଥ ନାୟକ, ଦୀନବନ୍ଧୁ ବାଘ, ରମେଶ ଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ପଧାନ, ଧନେଶ୍ୱର ପଧାନ, ଦିଲିପ କୁମାର ପଟେଲ, କିଶୋର କୁମାର ମହାପାତ୍ର, ବିପିନ ବିହାରୀ ଚୌଧୁରୀ, ମଦନ ମୋହନ ଧରୁଆ, ଲକ୍ଷ୍ମଣ ନାଏକ, ରବୀନ୍ଦ୍ର ମଲ୍ଲିକ, ମାୟାଧର କାଲୋ, ବିରେନ୍ଦ୍ର କୁମାର ଦାନୀ, ଦୁର୍ଗା ପ୍ରସାଦ ସେନାପତି, ରାମ ଚନ୍ଦ୍ର ଦେହୁରୀ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବ୍ଲକ ମୁଖ୍ୟାଳୟ ଠାରେ ଏକ ବରିଷ୍ଠ ନାଗରିକ ଭବନ ନିର୍ମାଣ ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଆନୁଦାନ ଯୋଗାଇ ଦେବା ନିମନ୍ତେ ଦାବି ପ୍ରସ୍ତାବ ଗୃହୀତ କରିଛନ୍ତି । ଜମନକିରା ଓ ଫାଶୀ



ମାଲ ଡାକ୍ତରଖାନା ରେ ଡାକ୍ତର ଅଭାବ ସହ ଅବ୍ୟବସ୍ଥା ବିଷୟରେ ଆଲୋଚନା କରାଯାଇଥିଲା । ଚକୁଳିଆ ବାହାଲ ରାସ୍ତା ଉପରେ ଭାରୀଯାନ ଚଳାଚଳ ହେଉଥିବାରୁ ରାସ୍ତା ଖରାପ ହେଉ ଥିବା ବେଳେ କିପରି ଭାବରେ ତାହା ରୋକ୍ ଲାଗିବ ସେ ନେଇ ଆଲୋଚନା କରାଯାଇ ଥିଲା । ସର୍ଡା, ବଡରମା ଓ ଚକୁଳିଆବାହାଲ ହାତୀ ଉପଦ୍ରବ ପ୍ରଭୃତି ବିଷୟରେ ଆଲୋଚନା ହୋଇଥିଲା । ଅତିଥି ଭାବରେ ଆଇଆଇସି ପଦ୍ମାଳୟା ସାହୁ ଯୋଗ ଦେଇଥିଲେ । ବରିଷ୍ଠ ନାଗରିକ ମଧ୍ୟରେ ହୃଦାନନ୍ଦ ନାଏକ, ରବୀନ୍ଦ୍ର ମଲ୍ଲିକ, ଲକ୍ଷ୍ମଣ ନାଏକ, ଅମରେଶ ସ୍ୱାଇଁ, ସାଲେକରାମ ପଧାନ, ଉଦୟ ନାଥ ପଟ୍ଟନାୟକ, ସୁରେଶ କୁମାର ନାଏକ, ଅତୁଲ୍ୟ କୁମାର ପଟେଲ, ଜଗନ୍ନାଥ ନାୟକ, ଦୀନବନ୍ଧୁ ବାଘ, ରମେଶ ଚନ୍ଦ୍ର ମିଶ୍ର, ପ୍ରସନ୍ନ କୁମାର ପଧାନ, ଧନେଶ୍ୱର ପଧାନ, ଦିଲିପ କୁମାର ପଟେଲ, କିଶୋର କୁମାର ମହାପାତ୍ର, ବିପିନ ବିହାରୀ ଚୌଧୁରୀ, ମଦନ ମୋହନ ଧରୁଆ, ଲକ୍ଷ୍ମଣ ନାଏକ, ରବୀନ୍ଦ୍ର ମଲ୍ଲିକ, ମାୟାଧର କାଲୋ, ବିରେନ୍ଦ୍ର କୁମାର ଦାନୀ, ଦୁର୍ଗା ପ୍ରସାଦ ସେନାପତି, ରାମ ଚନ୍ଦ୍ର ଦେହୁରୀ, କୃଷ୍ଣ ଚନ୍ଦ୍ର ସାହୁ ପ୍ରମୁଖଙ୍କ ସହ ଅନେକ ସଭ୍ୟ ଯୋଗ ଦେଇଥିଲେ ।

## ମା'ସମଲେଇଙ୍କ ମନ୍ଦିରରେ ଭଜନ ସନ୍ଧ୍ୟା

# ତୋର୍ ପାଦେ ଜୁହାର ଜନନୀ ଗୀତରେ ବିଭୋର ଭକ୍ତ

**ସମ୍ବଲପୁର, ୧୪।୯ (ସମିସ)**

ମା ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ମହିମା ଓ ଭକ୍ତି ସଙ୍ଗୀତର ସ୍ୱରରେ ଭକ୍ତିମୟ ପରିବେଶରେ ଭରିଯାଇଥିଲା । ସହସ୍ରାଧିକ ଭକ୍ତମାନେ ସଙ୍ଗୀତ ଓ ଭଜନର ଲୟରେ ମା'ଙ୍କ ମହିମାରେ ଲୀନ ହୋଇଥିଲେ । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଜନ ସନ୍ଧ୍ୟାରେ ସମ୍ବଲପୁରର ପ୍ରସିଦ୍ଧ କଳାକାରମାନେ ମା'ଙ୍କ ମହିମାଗାନ କରିଥିଲେ । ତୋର୍ ପାଦେ ଜୁହାର ଜନନୀ, ଶଙ୍ଖ ବାଜୁଥାଉ ଘଣ୍ଟ ବାଜୁଥାଉ, ମା ମହାମାୟୀ ଗୋ ମାଗୁଛେଁ, ସମକୁ ରଖବୁ ତୋର ଆଦି ଗୀତ ପରିବେଷଣ ଦର୍ଶକଙ୍କୁ ବାନ୍ଧି



ରଖିଥିଲା । ଦୁର୍ଗା ଦାଶଙ୍କ ସଂଯୋଜନାରେ ପଙ୍କଜ ଜୟପୁରିଆ, ଅଶୋକ ପଟ୍ଟନାୟକ, ଚିନ୍ମୟୀ ସାହୁ, ରବୀନ୍ଦ୍ର ପଣ୍ଡା, ସୁସ୍ମିତା ବେହେରା, ଅର୍ପିତା ମିଶ୍ର ଏବଂ ପରାଶକ୍ତି ସୁଭଦ୍ରିକା ପ୍ରମୁଖ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଛନ୍ତି । ବାଦ୍ୟ ଯନ୍ତ୍ର ଓ ଅନ୍ୟ ସଙ୍ଗୀତ ଉପକରଣରେ ଗୁରୁ ଶଙ୍କର ପ୍ରସାଦ ପ୍ରଧାନ, ଗୁରୁ ରଞ୍ଜନ ସାହୁ, କୃଷ୍ଣ ଚରଣ ବାଗ୍, ମହେଶ କୁମାର ପଟେଲ୍, ସୁମିତ ପ୍ରଧାନ, ଦିବାକର ମହାନନ୍ଦ, ରଞ୍ଜନ ପଟ୍ଟନାୟକ, ଦଶରଥ ମେହେର, ଦେବାଶିଷ ପାଢ଼ୀ, ସୁରେନ୍ଦ୍ର ଖଟେଇ ପ୍ରମୁଖ ସହଯୋଗ କରିଥିଲେ । ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ ହୋତା, ହେମନ୍ତ ମିଶ୍ର, ଦେବ କୁମାର ଆଜମେରିଆ, ସନ୍ତୋଷ ପୃଷେଠ ତଥା ରତନ କୁମାର ପୂଜାରୀ, ଡ. ଶ୍ୟାମ ସୁନ୍ଦର ଧର ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି ଯେ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ରବିବାର ସନ୍ଧ୍ୟାରେ ଏହିପରି 'ଭଜନ ସନ୍ଧ୍ୟା' ଆୟୋଜନ ନିୟମିତ ଭାବରେ କରାଯିବ । ସ୍ଥାନୀୟ କଳାକାର ଓ ଶିଳ୍ପୀମାନଙ୍କ ସହଭାଗିତାରେ ଏହି ପ୍ରୟାସ ସମ୍ବଲପୁରର ସାଂସ୍କୃତିକ ପରମ୍ପରାକୁ ଆଗକୁ ବଢ଼ାଇବ ବୋଲି ଭକ୍ତମାନେ ଆଶା ବ୍ୟକ୍ତ କରିଛନ୍ତି । ଉପସ୍ଥିତ ଭକ୍ତମାନେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

# ନିଶା କାରବାରକୁ ନେଇ ଆକ୍ରମଣ ଘଟଣାରେ ପୁଲିସ ହାତ ଖାଲି

କଣ୍ଟାପଡ଼ା, ୧୪।୯ (ସମିସ): ଚଳିତ ମାସ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଶା କାରବାର ଓ ନିଶା ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜାରି ରହିଥିବା ସରକାରଙ୍କ 'ଅପରେସନ ପ୍ରହାର' ମିଶନ ଓଲଟପୁର ଥାନାଞ୍ଚଳରେ ଫେଲ୍ ମାରିଥିବା ପରିଲକ୍ଷିତ ହୋଇଛି। ଯାହାର ସଦ୍ୟତମ ଉଦାହରଣ ଚଳିତ ମାସ ୭ ତାରିଖରେ କଟକ ଜିଲ୍ଲା ଓଲଟପୁର ଥାନା ଅନ୍ତର୍ଗତ ବାଘୁଆ ଗ୍ରାମରେ ଦେଖିବାକୁ ମିଳିଥିଲା।

ଖବର ମୁତାବକ, ବାଘୁଆ ଗ୍ରାମର ଜଣେ ଗଞ୍ଜେଇ ବ୍ୟବସାୟୀ ଏକ ଦଶନ୍ଧିରୁ ଅଧିକ ହେବ ଗଞ୍ଜେଇ ବ୍ୟବସାୟ ଚଳାଇ ଆସୁଥିଲା। ନିଜ ପରିବାର ବର୍ଗକୁ ନିୟୋଜିତ କରିଥିଲା ଅଧିକ ରୋଜଗାର ପାଇଁ। ଗତ ୭ ତାରିଖରେ ଦୁଇ ଜଣ ଯୁବକ ଏକ ବାଇକ୍‌ରେ ଆସି ବ୍ୟବସାୟିକ କାରବାରକୁ ନେଇ ସମ୍ପୃକ୍ତ ବ୍ୟବସାୟୀଙ୍କ ଘରେ ପଶି ବ୍ୟବସାୟୀ ଓ ତାଙ୍କ ପୁଅକୁ ମାରଣାସ୍ତ୍ରରେ ହଣାକଟା କରି ଦୁଇଟି ମୋବାଇଲ ଛଡ଼ାଇ ନେଇଥିଲେ। ଏହି ଘଟଣାରେ ଓଲଟପୁର ପୁଲିସ ହାତ ୮ ଦିନ ହେଲା ଖାଲି ପଡ଼ିଛି। କଟକ ସଦର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ କିରନ ହେମ୍ବ୍ରମଙ୍କୁ ପଚାରିବାରୁ ଏନେଇ ଓଲଟପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ସିସିଟିଭି ଫୁଟେଜରୁ କିଛି ସୁରାକ ମିଳିଛି ଓ ତଦନ୍ତ ଜାରି ରହିଛି ବୋଲି ସେ କହିଥିଲେ। ସେହିଭଳି ଗଞ୍ଜେଇ ଓ ଧଳା ଜହର କାରବାର ବିଷୟରେ ସେ ତଦନ୍ତ ପରେ ବିସ୍ତୃତ ଭାବରେ କହିପାରିବେ ବୋଲି ପ୍ରକାଶ କରିଛନ୍ତି। ନିଶା ଯୋଗୁଁ ପାଖରେ ଥିବା ଏକ ମହାବିଦ୍ୟାଳୟର କିଛି ଛାତ୍ର ଓ ସ୍ଥାନୀୟ ଅଞ୍ଚଳ ସହିତ ଟ୍ରକ ଡ୍ରାଇଭରଙ୍କ ଜୀବନ ବିଷମୟ ହୋଇପଡ଼ିଥିବା ବେଳେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି।

# ଫେଲ୍ ମାରିଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

ନିଶ୍ଚିନ୍ତକୋଇଲି, ୧୪।୯ (ସମିସ):



ବିଜୁଳି ବିଲ ହ୍ରାସ ତଥା କମ ପଇସାରେ ବିଜୁଳି ବ୍ୟବହାର ପାଇଁ ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନାରେ ଲୋକମାନଙ୍କୁ ସାମିଲ କରାଯାଇ ମାସିକ ୩ ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ବିଲ ମାଗଣା ପାଇପାରିବେ ବୋଲି ଘୋଷଣା କରାଯାଇଥିଲା। ଅପରପକ୍ଷରେ ଏହା ପ୍ରଚଳନ ହୋଇ ପରିବେଶ ସୁରକ୍ଷାରେ ସହାୟକ ହେବା ପାଇଁ ଲକ୍ଷ ମଧ୍ୟ ରଖାଯାଇଛି। ରାଜ୍ୟରେ ଏହି ଯୋଜନା ଆରମ୍ଭ ହେବାର ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଏହା ଆଶାନୁରୂପ ଭାବେ ସଫଳ ପାଇପାରି ନ ଥିବା ଦେଖାଯାଇଛି। ଲୋକମାନଙ୍କୁ ସୁହାଇଲା ଭଳି ଯୋଜନା ହୋଇ ନ ଥିବା ଏବଂ ଅନ୍ୟାନ୍ୟ କାରଣରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନା ଏକ ପ୍ରକାର ଫେଲ ମାରିଥିବା ଜଣାଯାଇଛି। ସରକାରଙ୍କ ପକ୍ଷରୁ ଗତ ୨୦୨୪ ମସିହା ଫେବୃୟାରୀ ମାସରୁ ଏ ଯୋଜନା ଆରମ୍ଭ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଏଥିରେ ସବସିଡି ପ୍ରଦାନ ପାଇଁ ନିୟମ ରହିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ଅତିରିକ୍ତ ସବସିଡ଼ି ଘୋଷଣା କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏତେ ପରିମାଣରେ ସବସିଡ଼ି ଦିଆଯାଉଥିଲେ ମଧ୍ୟ ଏହି ବ୍ଲକରେ ଉକ୍ତ ଯୋଜନା ଆଗେଇ ପାରୁନାହିଁ। ଏହି ବ୍ଲକ ଅଧୀନରେ ୪୧ଟି ପଞ୍ଚାୟତ ରହିଥିଲେ ମଧ୍ୟ ଅଦ୍ୟାବଧି ସବୁ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ବ୍ଲକ ଅଞ୍ଚଳରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଗ୍ରାହକ ରହିଥିଲେ ମଧ୍ୟ ମାତ୍ର ୫୦/୬୦ଜଣ ଏହି ଯୋଜନାରେ ସାମିଲ ହୋଇଥିବା ଜଣାଯାଇଛି। ଉକ୍ତ ଯୋଜନାରେ ୧ କିଲୋ ୱାଟ୍ ଶକ୍ତି ପାଇଁ ୬୦ ହଜାର ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ କେନ୍ଦ୍ର ସରକାର ୩୦ ହଜାର ଓ ରାଜ୍ୟ ସରକାର ୨୫ ହଜାର ଟଙ୍କା ସବସିଡ଼ି ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି। ସେହିପରି ୨ କିଲୋ ୱାଟ୍ ଶକ୍ତି ପାଇଁ ୧ଲକ୍ଷ ୨୦ହଜାର ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ କେନ୍ଦ୍ର ସରକାର ୬୦ ହଜାର ଓ

## ହାତରୁ ଖର୍ଚ୍ଚ କରିବାକୁ ଅନିଚ୍ଛୁକ ଗରିବ ହିତାଧିକାରୀ

ରାଜ୍ୟ ସରକାର ୫୦ହଜାର ଟଙ୍କା ସବସିଡ଼ି ପ୍ରଦାନ କରିବେ। ସେହିପରି ୩ କିଲୋ ୱାଟ୍ ଶକ୍ତି ପାଇଁ ୧ଲକ୍ଷ ୮୦ହଜାର ଟଙ୍କା ଖର୍ଚ୍ଚ ହେଉଥିଲା ବେଳେ କେନ୍ଦ୍ର ସରକାର ୭୮ ହଜାର ଟଙ୍କା ଓ ରାଜ୍ୟ ସରକାର ୬୦ ହଜାର ଟଙ୍କା ସବସିଡ଼ି ପ୍ରଦାନ କରିବାର ନିୟମ ରହିଛି। ଉପଭୋକ୍ତାମାନେ ନିଜ ନିଜର ଆବଶ୍ୟକତା ଅନୁସାରେ ଏହି ତିନି ପ୍ରକାର ମଧ୍ୟରୁ ଯେ କୌଣସି ଗୋଟିଏ ଚୟନ କରିପାରିବେ। ଏହି ଯୋଜନାରେ ସାମିଲ ହେବା ପାଇଁ ଚାହୁଁଥିବା ଉପଭୋକ୍ତାମାନେ ପ୍ରଥମେ ନିଜ ହାତରୁ ଟଙ୍କା ଖର୍ଚ୍ଚ କରି ଏହାକୁ ସ୍ଥାପନା କରିବେ। ପରେ ସରକାର ତାଙ୍କୁ ସବସିଡ଼ି ଆକାରରେ ସହାୟତା ରାଶି ଯୋଗାଇଦେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ଥିବା ଲୋକମାନେ ଏହାକୁ ସିଧାସଳଖ ଭାବେ ଟଙ୍କା ଦେଇ ସ୍ଥାପନ କରିପାରିବେ ମାତ୍ର ଗରିବ ଲୋକମାନେ ପ୍ରଥମରୁ ଏତେ ଟଙ୍କା ହାତରୁ ଖର୍ଚ୍ଚ କରିବା ସମ୍ଭବପର ହେଉନାହିଁ। ଫଳରେ ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଲୋକମାନେ ଆଗୁଆ ଟଙ୍କା ଖର୍ଚ୍ଚ କରି କେମିତି ଏହାର ସୁବିଧା ନେବେ ସେନେଇ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ସରକାର ଏହାକୁ ବ୍ୟାଙ୍କ ମାଧ୍ୟରେ ଋଣ କରି ସୁବିଧା ଯୋଗାଇଦେବାର ପ୍ରାବଧନ ରଖିଛନ୍ତି। ହେଲେ ବ୍ୟାଙ୍କରୁ ଗରିବ ସାଧାରଣ ଲୋକଟିଏ ଋଣ ଆଣିବା କଷ୍ଟକର ବେପାର ହୋଇପଡ଼ିଛି। ଫଳରେ ଏହି ଯୋଜନାରେ ଲୋକମାନେ ସାମିଲ ହେବା ପାଇଁ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ଆର୍ଥିକ ଅବସ୍ଥା ଠିକ୍ ନ ଥିବାରୁ ଏହା ସଠିକ୍ କାର୍ଯ୍ୟକାରୀ ହେଉ ନ ଥିବା ଜଣାଯାଇଛି।

# ମାଙ୍କଡ଼ ପାଇଁ ଅନ୍ଧାରରେ ଚୌଦ୍ୱାରବାସୀ



ଚୌଦ୍ୱାର, ୧୪।୯ (ସମିସ): ବଣୁଆ ମାଙ୍କଡ଼ ପାଇଁ ଚୌଦ୍ୱାରର ଅଧିକାଂଶ ଅଞ୍ଚଳ ଅନ୍ଧାର ହୋଇଥିବା ଜଣାପଡିଛି। ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ଚାଲିଥିବା ବେଳେ ବିଜୁଳି କାଟ ହୋଇଯାଇଥିବାରୁ ଲୋକେ ବିଦ୍ୟୁତ୍ ବିଭାଗକୁ ଦୌଡି ମାଙ୍କଡ ପାଇଁ ବିଦ୍ୟୁତ୍ କାଟ ହୋଇଥିବା ଜାଣିବାକୁ ପାଇଥିଲେ। ପରେ ମାଙ୍କଡ ବସିଥିବା ସ୍ଥାନରେ ଭିଡ଼ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ କଳିଙ୍ଗ ଛକରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟି ଉପରେ ବସି ରହିବା ଫଳରେ ଅପରାହ୍ନ ପ୍ରାୟ ୫ଟା ସମୟରୁ କଳିଙ୍ଗ ଛକ ଓ ଏହାର ଆଖପାଖ ଅଞ୍ଚଳ ଅନ୍ଧକାର ହୋଇପଡିଥିଲା। ଖବରପାଇ ବିଦ୍ୟୁତ୍ କର୍ମଚାରୀ ମରାମତି ପାଇଁ ଆସି ଉକ୍ତ ଖୁଣ୍ଟି ନିକଟରେ ପହଞ୍ଚିଥିଲେ ସୁଦ୍ଧା ମାଙ୍କଡକୁ ଘଉଡାଇବାରେ ବିଫଳ ହୋଇଥିଲେ। ମାଙ୍କଡଟି ବିଦ୍ୟୁତ୍ ଖୁଣ୍ଟରେ ଚଢିଥିବା ଅବସ୍ଥାରେ ତାକୁ ବିଦ୍ୟୁତ ଆଘାତ ଲାଗିଥିବା ଯୋଗୁଁ ସେ ଭୟଭୀତ ହୋଇ ତଳକୁ ଆସୁ ନଥିବା ସ୍ଥାନୀୟ ଲୋକେ କୁହନ୍ତି। ବନକର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମାଙ୍କଡକୁ ଘଉଡାଇବାରେ ଲାଗିଛନ୍ତି।

# ସାଧୁଚରଣ ବିଦ୍ୟାପୀଠରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ




କିଶନନଗର, ୧୪।୯ (ସମିସ): କଟକ ସଦର ବୋଧପୁର ପଞ୍ଚାୟତ ନାନପୁର ସାଧୁଚରଣ ସରକାରୀ ବିଦ୍ୟାପୀଠରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ୨୦୨୫ ପାଳନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୂର୍ଯ୍ୟରଞ୍ଜନ ଦାସଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନିୟର ରେଡକ୍ରସ କଟକ ଜିଲ୍ଲାର ମୁଖ୍ୟ ମିହିର କୁମାର ପରିଡ଼ା ଯୋଗ ଦେଇଥିଲେ। ଜୁନିୟର ରେଡକ୍ରସର ବ୍ଲକ ସଂଯୋଜକ ସୁଶ୍ରୀ ମିଶ୍ର ଏହାକୁ ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱମ୍ଭର ରାଉତ, ଅମୂଲ୍ୟ ଭୋଇ, ବଳରାମ ବେହେରା, ସରୋଜା ମୁଦୁଲି, ସୁସ୍ମିତା ଦାସ, ଅର୍ଣ୍ଣରାଣୀ ହାଁସଦା ପ୍ରମୁଖ ସହଯୋଗ କରିଥିଲେ।

# 'ଓଡ଼ିଶାର ପ୍ରାଚୀନ ରାଜଧାନୀ ଚୌଦ୍ୱାର' ପୁସ୍ତକ ଉନ୍ମୋଚିତ



ଚୌଦ୍ୱାର, ୧୪।୯ (ସମିସ): ସାହିତ୍ୟ ଓ ସଂସ୍କୃତି ମହୋତ୍ସବ ୪୯ତମ ରାଜ୍ୟସ୍ତରୀୟ କବି ସମ୍ମିଳନୀ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ରବିବାର ପୌର ଟାଉନହଲଠାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସଂସଦ ଟାଙ୍ଗୀ-ଚୌଦ୍ୱାର ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ମୁଖ୍ୟଅତିଥି ଭାବେ ଯୋଗଦେଇ ଚୌଦ୍ୱାର ବିରାଟ ଗାଦିର ଇତିହାସ ଉପରେ ଆଲୋକପାତ କରିବା ସହିତ ଚୌଦ୍ୱାର ନିଜ ବକ୍ଷରେ ଅନେକ ଗୌରାବନ୍ୱିତ ଇତିହାସକୁ ସାଇତି ରଖିଛି ବୋଲି ମତବ୍ୟକ୍ତ କରିଥିଲେ। ଚୌଦ୍ୱାର କଲେଜ ସାହିତ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ଡ.ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନା ତଥା ସାହିତ୍ୟିକ, ଗବେଷକ, ଐତିହାସିକ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ତର୍ଜାତୀୟ ଘୋଡାନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଡ. ଉତ୍ସବ ଚରଣ ଦାସ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ରୋଟାରିଆନ ସୁଧାଂଶୁ ଶେଖର ଜେନା, ବିବେକାନନ୍ଦ ସାହିତ୍ୟ ସଂସଦ ସଭାପତି ଉତ୍କଳ ପ୍ରତିଭା ସିଦ୍ଧେଶ୍ୱର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଡ.ଖୁଣ୍ଟିଆଙ୍କ ଦ୍ୱାରା ରଚିତ 'ଓଡ଼ିଶାର ପ୍ରାଚୀନ ରାଜଧାନୀ ଚୌଦ୍ୱାର' ଓ ଡ. ତ୍ରିଲୋଚନ ଖୁଣ୍ଟିଆଙ୍କ' ଗ୍ରନ୍ଥାବଳୀ ପୁସ୍ତକର ଉନ୍ମୋଚନ କରିଥିଲେ। ଏଥିସହ ଆଦର୍ଶ କବିଙ୍କୁ ରାଜ୍ୟସ୍ତରୀୟ 'ସାରସ୍ୱତ ସାହିତ୍ୟଶ୍ରୀ ସମ୍ମାନ' ୨୦୨୫ ପ୍ରଦାନ କରିଥିଲେ। ଏହି ଅବସରରେ ଏକ କବିତା ପାଠ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭୂତି ଭୂଷଣ ରାଉତ, ଅକ୍ଷୟ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଚୌଦ୍ୱାର ମହାବିଦ୍ୟାଳୟର ଓଡିଆ ବିଭାଗ ତରଫରୁ ସଂଘମିତ୍ରା ରଥ ଓ ଶାନ୍ ଶୁଦ୍ଧବିରାୟ ଓଡିଆ ଅସ୍ମିତା ଉପରେ ସଂଗୀତ ପରିବେଷଣ କରିଥିଲେ।

# ଦୁର୍ଘଟଣାରେ ଯୁବକଙ୍କ ମୃତ

ସାଲେପୁର, ୧୪।୯ (ସମିସ): ଗତକାଲି ବିଳମ୍ବିତ ରାତ୍ରିରେ ଦୁର୍ଘଟଣାଗ୍ରସ୍ତ ଜଣେ ଯୁବକ ମୃତ୍ୟୁ ଘଟିଥିବା ଜଣାଯାଇଛି। ଶାରଦା ଗ୍ରାମର ବିଦ୍ୟାଧର ସାମଲଙ୍କ ଏକମାତ୍ର ପୁତ୍ର ଦେବୀଦତ୍ତ ସାମଲ (୨୩) ମୋଟର ସାଇକଲ୍ ଯୋଗେ ଶିଶୁଆ କେନାଲ ବନ୍ଧ ରାସ୍ତାରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ କେନାଲ ପାଣିକୁ ଖସିପଡିଥିଲେ। କିଛି ସମୟ ପରେ ଉକ୍ତ ରାସ୍ତା ଦେଇ ଯାଉଥିବା ବ୍ୟକ୍ତିମାନେ ଏହି ଦୃଶ୍ୟ ଦେଖି ସଂଗେ ସଂଗେ ସାଲେପୁର ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସଂପୃକ୍ତ ଯୁବକକୁ ଉଦ୍ଧାର କରି ୧୦୮ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବାବେଳେ ସେଠାରେ ତାର ଅବସ୍ଥା ଗୁରୁତର ହେବାରୁ ତାକୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେ। ଆଜି ଭୋର ୪ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ସେ କଟକ ମେଡ଼ିକାଲରେ ଚାକିରି କରିଥିବାବେଳେ ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ୧.୬ କିଲୋ ଗଞ୍ଜେଇ ଜବତ; ଜଣେ ଗିରଫ

ଚୌଦ୍ୱାର, ୧୪।୯ (ସମିସ): ଚୌଦ୍ୱାର ପୁଲିସ ରବିବାର ଜଣେ ଗଞ୍ଜେଇ ଚୋରା ବେପାରୀକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଟିଗିରିଆ ଥାନା ବାଲିପୁଟ ଗ୍ରାମର ପ୍ରେମାନନ୍ଦ ଜେନା(୪୩)। ଅଭିଯୁକ୍ତ ନିକଟରୁ ୧କେଜି ୬୦୦ଗ୍ରାମ ଗଞ୍ଜେଇ ସହିତ ଏକ ମୋଟର ସାଇକଲ(ଓଡି୦୬-୦୪୯୬)କୁ ଜବତ କରିଛି ପୁଲିସ। ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଚୌଦ୍ୱାରକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଧୁମାବତୀ ଛକ ନିକଟରେ ପୁଲିସ ପାଟ୍ରୋଲିଙ୍ଗ ଟିମ ଜଗି ରହିଥିଲେ। ଅଭିଯୁକ୍ତ ଚୌଦ୍ୱାର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଞ୍ଜେଇ ଚୋରା ବେପାର କରୁଥିଲା ବୋଲି ପୁଲିସ ସୂତ୍ରରୁ ଜଣାପଡିଛି।

# ପି.ପି. କଲେଜରେ ଷ୍ଟାର୍ଟଅପ୍ ଇନୋଭେସନ୍




ନିଶ୍ଚିନ୍ତକୋଇଲି, ୧୪।୯ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ କ୍ୟାରିୟର କାଉନସେଲିଂ ଓ ପ୍ଲେସମେଣ୍ଟ ସେଲ୍ ଆନୁକୂଲ୍ୟରେ ଷ୍ଟାର୍ଟଅପ୍ ଇନୋଭେସନ ଶୀର୍ଷକ ଏକ ଆଲୋଚନା ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ. ତରୁଲତା ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଟାଙ୍ଗୀ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଶାନ୍ତ କୁମାର ନାୟକ ଯୋଗଦେଇ ନବ୍ୟ ସୃଜନ, ସଫଳ ଉଦ୍ୟମୀ ହେବାର ପଥ, ଉପଲବ୍ଧ ସରକାରୀ ଯୋଜନା ଓ ପ୍ରୋତ୍ସାହନ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ଯୋଗଦେଇଥିଲେ। ନିଯୁକ୍ତି ପଛରେ ନଗୋଡାଇ ନିଜେ କିପରି ନିଯୁକ୍ତିଦାତା ହୋଇ ପାରିବେ ସେ ସଂକ୍ରାନ୍ତରେ ଛାତ୍ରଛାତ୍ରୀ ପ୍ରଶିକ୍ଷଣ ଲାଭ କରିଥିଲେ। ଅଧ୍ୟାପକ ଅମରିଶ ସ୍ୱାଇଁଙ୍କ ସଂଯୋଜନାରେ ଡ. ପଦ୍ମପ୍ରଭା ସ୍ୱାଇଁ, ଡ. ପ୍ରସନ୍ନ ଦାସ, ପ୍ରଶାନ୍ତ କୁମାର ଭାରତୀ, ତାପସୀ କାଣ୍ଡି, ମଧୁସ୍ମିତା ପାଲ, ବିଶ୍ୱଜିତ୍ ବେହେରା, ପ୍ରଦୀପ୍ତ କୁମାର ଭାରତୀ, ନଳିନୀକାନ୍ତ ସାମଲ, ମୁରଲୀଧର ପୃଷ୍ଟି, ଯୁଗାନ୍ତର ନାୟକ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଆଲିଆ ଜାବିନ୍ ମୁସ୍ତାଫା ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ଦୈତାରୀ ଶବରଙ୍କ ବିୟୋଗ



ନିଶ୍ଚିନ୍ତକୋଇଲି, ୧୪।୯ (ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଅସୁରେଶ୍ୱର ପଞ୍ଚାୟତ ଦିକ୍ଷୀତପଡାଠାରେ ଥିବା କର୍ମବୀର ଗୌରୀଶଙ୍କର ରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଦୈତାରୀ ଶବରଙ୍କ ଅକାଳ ବିୟୋଗ ଘଟିଛି। କିଛି ଦିନ ହେବ ସେ ଚିକିତ୍ସାଧୀନ ଥିଲେ। ନୂଆପଡା ଜିଲ୍ଲା କୋମନା ବ୍ଲକ ଅଞ୍ଚଳରେ ତାଙ୍କର ଘର ହୋଇଥିଲେ ମଧ୍ୟ ସେ ୨୦୧୨ମସିହାରୁ ଏହି ବ୍ଲକ ଅଧିନରେ ଶିକ୍ଷକ ଚାକିରିରେ ଯୋଗଦାନ କରିଥିଲେ। ତାଙ୍କର ମୃତ୍ୟୁରେ ମଣ୍ଡଳ ଶିକ୍ଷାଅଧିକାରୀ ସଂଯୁକ୍ତା ମହାପାତ୍ର, ସିଆରସିସି କିଶୋରଚନ୍ଦ୍ର ନାଥ, ଶିକ୍ଷୟିତ୍ରୀ ସୁଧାଂଶୁ ମାଳିନୀ ଓଝା, ଯୁଗଜ୍ୟୋତି ଖଟୁଆ, ଦମୟନ୍ତୀ ସ୍ୱାଇଁ ଗଭୀର ଶୋକବ୍ୟକ୍ତ କରିଥିଲା ବେଳେ ବ୍ଲକ ଅଞ୍ଚଳର ଶିକ୍ଷକ ସମାଜରେ ଶୋକର ଛାୟା ଖେଳିଯାଇଛି।

# ଗାଧୋଇଲା ବେଳେ ନଦୀରେ ବୁଡ଼ି ବୃଦ୍ଧ ମୃତ୍ୟୁ

ନିଶ୍ଚିନ୍ତକୋଇଲି, ୧୪।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନରେନ୍ଦ୍ରପୁର ପଞ୍ଚାୟତ ବେଣୀରାମପୁର ଗ୍ରାମର କୃଷ୍ଣଚନ୍ଦ୍ର ସାହୁ(୭୫) ନଦୀରେ ଗାଧୋଉଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ଭାସିଯାଇ ପ୍ରାଣ ହରାଇଛନ୍ତି। ସଂପୃକ୍ତ ବୃଦ୍ଧ ଜଣକ ପ୍ରତ୍ୟେକ ଦିନ ଚିତ୍ରୋତ୍ପଳା ନଦୀ ବେଣୀରାମପୁରର ମହନ୍ତ ଘାଟକୁ ଗାଧୋଇବାକୁ ଯାଇଥାଆନ୍ତି। ରବିବାର ଦିନ ମଧ୍ୟ ସେ ସବୁ ଦିନପରି ସେଠାରେ ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରର ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେବା ପରେ ଦମକଳ ବାହିନୀ କର୍ମଚାରୀମାନେ ସେଠାରେ ଦୁଇଘଣ୍ଟା ଖୋଜାଖୋଜି କରିବା ପରେ ତାଙ୍କ ମୃତଦେହକୁ ନଦୀରୁ ଉଦ୍ଧାର କରିଥିଲେ। ଖବର ଲେଖା ହେଲା ବେଳକୁ ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଜଣାଯାଇଛି।

# ପ୍ରୟାସ ଶିକ୍ଷା ପରିଷଦ ପକ୍ଷରୁ ରକ୍ତଦାନ ଶିବିର

କଣ୍ଟାପଡ଼ା, ୧୪।୯ (ସମିସ): ପ୍ରୟାସ ଶିକ୍ଷା ପରିଷଦ ଓ କଟକ କେନ୍ଦ୍ରୀୟ ରକ୍ତଭଣ୍ଡାରର ମିଳିତ ଆନୁକୂଲ୍ୟରେ ଧାନମଣ୍ଡଳସ୍ଥିତ ଶ୍ରୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରାହ୍ମଣବାଟି ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ପ୍ରଥମ ରକ୍ତଦାତା ଭାବେ ନିଜର ୬୨ତମ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ପକ୍ଷରୁ ଶିକ୍ଷୟତ୍ରୀ ଶ୍ୱେତା ରାଉତରାୟ ଓ ସ୍ୱାଗତିକା ରାଉତ ରକ୍ତଦାନ କରିଥିଲେ। ବିଦ୍ୟାଳୟର ସଭାପତି ପ୍ରିୟନାଥ ଆଚାର୍ଯ୍ୟ, ସମ୍ପାଦକ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଅତୀଶ କୁମାର ରାଉତ, ବସନ୍ତ କୁମାର ମଲ୍ଲିକ, ପ୍ରିୟଙ୍କା ଦାଶ, ସୁମିତ୍ରା ବେହେରା, କଳ୍ପନା ଆଚାର୍ଯ୍ୟ, ସୁଜାତା ରାଉତରାୟ, ଜ୍ୟୋତିରଞ୍ଜନ ଦାସ, ରୁଦ୍ରପ୍ରସାଦ ଜେନା, ନକୁଳ ରାଉତ, ରଣଜିତ ରାଉତରାୟ, ବିରେନ ଆଚାର୍ଯ୍ୟ, ପ୍ରଶାନ୍ତ ଆଚାର୍ଯ୍ୟ, ଅଜୟ ରାଉତ, ପୁଷ୍ପାଞ୍ଜଳି ଆଚାର୍ଯ୍ୟ, ପ୍ରଶାନ୍ତି ଭୋଳ, ସିଦ୍ଧେଶ୍ୱର ରାଉତରାୟ, ସଞ୍ଜୟ ପରିଡା, ରାନୁ ରାଉତ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କେନ୍ଦ୍ରୀୟ ରକ୍ତଭଣ୍ଡାର କଟକର ଡାକ୍ତର ସିଦ୍ଧାନ୍ତ ନାୟକ, ସୁବ୍ରତ ମହାପାତ୍ର, ପ୍ରସନ୍ନ ସ୍ୱାଇଁ, ପ୍ରଶାନ୍ତ କୁମାର ସାହୁ ଓ ସାରଦା ଓଝାଙ୍କ ତତ୍ତ୍ୱାବଧାନରେ ୨୮ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା।

# ନିଟ୍ ପରୀକ୍ଷାରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ସାଲେପୁର, ୧୪।୯ (ସମିସ): ସାଲେପୁର ଶ୍ରୀଜଗନ୍ନାଥ ସାଇନ୍ସ ଆଶ୍ରମ ପକ୍ଷରୁ ଚଳିତ ନିଟ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀ ପ୍ରୀତିପ୍ରଜ୍ଞା ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଶ୍ରମର ପରିଚାଳନା ନିର୍ଦ୍ଦେଶକ ଡ ଦେବୋଜିତ୍ ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ମାନସ ଚାନ୍ଦ, ଡ ବଂଶୀଧର ମିଶ୍ର, ସରୋଜ କୁମାର ପ୍ରଧାନ, ସମୀର କୁମାର ଦାଶ ଓ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ପ୍ରୀତିପ୍ରଜ୍ଞାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜଣେ କାର୍ଡିଓଲୋଜିର ଡାକ୍ତର ହୋଇ ଗରିବ ଲୋକଙ୍କ ସେବା କରିବାପାଇଁ ଲକ୍ଷ୍ୟ ରଖିଥିବା ପ୍ରୀତିପ୍ରଜ୍ଞା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ମହାପାତ୍ର ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଅଦାଲତ ପ୍ରତିଷ୍ଠାରେ ବିଳମ୍ବ; ଧାରଣା ଦେବ ଆଞ୍ଚଳିକ ବିକାଶ ପରିଷଦ

କଣ୍ଟାପଡ଼ା, ୧୪।୯ (ସମିସ):

କଣ୍ଟାପଡ଼ାଠାରେ ପ୍ରସ୍ତାବିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଓ ଜୁନିୟର ଡିଭିଜନ ସିଭିଲ କୋର୍ଟ ସ୍ଥାପନ ପାଇଁ ଭିତ୍ତିଭୂମି ଯୋଗାଯାଉ ନଥିବା ପ୍ରତିବାଦରେ ଆସନ୍ତା ୧୮ ତାରିଖରେ କଣ୍ଟାପଡ଼ା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଏନେଇ ସାମାଜିକ ସଂଗଠନ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ସ୍ମାରକପତ୍ର କଣ୍ଟାପଡ଼ା ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ପ୍ରକାଶ ଯେ କଣ୍ଟାପଡ଼ାଠାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ଜୁନିୟର ଡିଭିଜନ ସିଭିଲ କୋର୍ଟ ସ୍ଥାପନ କରିବାକୁ ହାଇକୋର୍ଟ ନିଷ୍ପତ୍ତି ନେଇଥିଲେ। କଣ୍ଟାପଡ଼ାଠାରେ ଥିବା ଜଳସମ୍ପଦ ବିଭାଗ ବିସ୍ତୃତ ସରକାରୀ ଜମି ଏଥିପାଇଁ ବେଶ ଉପଯୁକ୍ତ ବୋଲି ଚୟନ କରାଯାଇ ତହସିଲ ପକ୍ଷରୁ ଜମିକୁ ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି। ପ୍ରଥମେ ଅସ୍ଥାୟୀ କୋର୍ଟ ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ୫୦ଲକ୍ଷ ଟଙ୍କାର ବ୍ୟୟ ମଞ୍ଜୁରି ପାଇଁ ଆକଳନ କରିବା ସତ୍ତ୍ୱେ ସରକାର ଏ ବାବଦରେ ଆବଶ୍ୟକ ଅର୍ଥ ମଞ୍ଜୁର କରିନାହାନ୍ତି। ଯାହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିଆଳିରେ ଏହି ଧରଣର ସ୍ଥାୟୀ କୋର୍ଟ ଖୋଲାସରିଥିଲେ ମଧ୍ୟ ଏଠାରେ ଏହାର ବିଳମ୍ବକୁ ନେଇ ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏହା ସରକାରଙ୍କ ପକ୍ଷପାତମୂଳକ ମନୋଭାବ ବୋଲି ପରିଷଦ ସଭାପତି ତୃପ୍ତିରଂଜନ ବେହେରାଙ୍କ ସମେତ ବାବୁଲି ମହାପାତ୍ର, ଲିଙ୍ଗରାଜ ମହାନ୍ତି, ଉପେନ୍ଦ୍ରନାଥ ଜେନା, ଅଶ୍ୱିନୀକୁମାର ରାଉତରାୟ, ଶରତକୁମାର ପାଢ଼ୀ, କୃଷ୍ଣଚନ୍ଦ୍ର ମହାନ୍ତି ଓ ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟ ମାନେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଜନସାଧାରଣଙ୍କ ଦ୍ୱାରଦେଶରେ ନ୍ୟାୟ ପହଞ୍ଚାଇବା ନେଇ ଉଚ୍ଚ ନ୍ୟାୟାଳୟ ରାଜ୍ୟରେ ୭୪ଟି ଜେଏମଏଫସି କୋର୍ଟ ସ୍ଥାପନ ନେଇ ନୀତିଗତ ନିଷ୍ପତ୍ତି ନେଇଥିଲେ ଏବଂ ତଦନୁଯାୟୀ କଣ୍ଟାପଡ଼ାକୁ ଏଥିରେ ସାମିଲ କରାଯାଇଥିଲା।

# କାକୁଡିଆପଡ଼ା ସ୍କୁଲରେ ପୋଷାକ ବିତରଣ

ନିଶ୍ଚିନ୍ତକୋଇଲି, ୧୪।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ନରେନ୍ଦ୍ରପୁର ପଞ୍ଚାୟତରେ ଥିବା କାକୁଡିଆପଡା ସରକାରୀ ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନା ଅନୁଦାନରେ ୧୦୦ଜଣ ଛାତ୍ର ଛାତ୍ରୀଙ୍କୁ ମାଗଣା ପୋଷାକ ଓ ଜୋତା ବିତରଣ କରାଯାଇଛି। ପ୍ରଧାନଶିକ୍ଷକ ଗୁଲାମ ମେହେନ୍ଦୀ ହସନ୍‌ଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସମିତିସଭ୍ୟ ପ୍ରଫୁଲ୍ଲ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି କାର୍ତ୍ତିକଚନ୍ଦ୍ର ଦଳାଇ, ସ୍କୁଲ ପରିଚାଳନା କମିଟି ସଭାପତି ସେକ୍ ନୁରୁଲ ହକ୍, ୱାର୍ଡସଭ୍ୟ ମିର୍ଜା, ୱାରସ ବେଗ୍, ସଭ୍ୟା କୁନି ରାଉଳ, ଶିକ୍ଷକ କବି ନାୟକ, ସୋମନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ବଟକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସକାଳ THE SAKALA



# ଜଙ୍ଗଲ ପାଲଟିଲାଣି ନିର୍ମାଣାଧୀନ ସଉରୀ ପଞ୍ଚାୟତ ସ୍ୱାସ୍ଥ୍ୟ ଉପକେନ୍ଦ୍ର



ସାଲେପୁର, ୧୪।୯ (ସମିସ)

ସାଲେପୁର ବ୍ଲକ ସଉରୀ ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିମନ୍ତେ ସାଲେପୁର ବିଡ଼ିଓ ତହସିଲଦାରଙ୍କୁ ଆବଶ୍ୟକୀୟ ଜମି ଚିହ୍ନଟ ପାଇଁ ଚିଠି ଲେଖିଥିଲେ ହେଁ ୨ବର୍ଷ ଧରି ସଉରୀ ପଞ୍ଚାୟତ ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଅଦ୍ୟାବଧି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରି ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ବ୍ଲକ ଅନ୍ତର୍ଗତ ସଉରୀ ପଞ୍ଚାୟତର ଉପକେନ୍ଦ୍ର ନିର୍ମାଣ ନିମନ୍ତେ ଜାଗା ଚିହ୍ନଟ କରାଯାଇ ଠିକାଦାର ମଧ୍ୟ ଚୟନ ସରିଥିଲା। ଠିକାଦାର ଉପକେନ୍ଦ୍ର ନିର୍ମାଣ କାର୍ଯ୍ୟ ପ୍ଲିନ୍ଥ ଲେଭୁଲ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଥିଲାବେଳେ ପ୍ଲିନ୍ଥ ଲେଭୁଲରୁ କାର୍ଯ୍ୟ ଅଦ୍ୟାବଧି ବନ୍ଦ ରହିଛି। ୨ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଏହି ନିର୍ମାଣ କାର୍ଯ୍ୟ ହେଉନାହିଁ। ଫଳରେ ଏହି ପଞ୍ଚାୟତର ଜନସାଧାରଣ ତତ୍କାଳ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ସମସ୍ୟା ନେଇ ସଉରୀ ସରପଞ୍ଚ ପ୍ରଭାତୀ ବେହେରା ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରିଥିଲେ ମଧ୍ୟ ଉତ୍ତରରେ ଚିଫ୍ ଡିଷ୍ଟ୍ରିକ୍ଟ ମେଡ଼ିକାଲ ଅଫିସର ଆଣ୍ଡ ପବ୍ଲିକ୍ ହେଲ୍ଥ ଅଫିସର ଏହା ପବ୍ଲିକ୍ ଇସ୍ୟୁ ପାଇଁ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ଲିନ୍ଥ ଲେଭୁଲ ପର୍ଯ୍ୟନ୍ତ କାର୍ଯ୍ୟ କରାଯାଇ କାର୍ଯ୍ୟ ବନ୍ଦ ରହିଛି। ଉକ୍ତ ଅର୍ଦ୍ଧନିର୍ମିତ ଗୃହରେ ଗଛଲତା ମାଡ଼ି ଜନ୍ତୁଜୁନ୍ତାର ଆଶ୍ରୟସ୍ଥଳ ପାଲଟି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଫଳରେ ସରକାର ଯେଉଁ ଉଦ୍ଦେଶ୍ୟ ରଖି ବିଭିନ୍ନ ପଞ୍ଚାୟତରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ନିର୍ମାଣ କରୁଛନ୍ତି, ତାହାର ସୁଫଳ ଏହି ପଞ୍ଚାୟତବାସୀ ପାଇବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ତୁରନ୍ତ ସଉରୀ ପଞ୍ଚାୟତରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଥିବା ସ୍ୱାସ୍ଥ୍ୟ ଉପକେନ୍ଦ୍ର ଗୃହର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଲୋକ ଅଦାଲତରେ ୫୭ ମାମଲା ଫଇସଲା



ନିଶ୍ଚିନ୍ତକୋଇଲି, ୧୪।୯ (ସମିସ): ନିଶ୍ଚିନ୍ତକୋଇଲି ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ତତ୍ତ୍ୱାବଧାନରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଅଦାଲତରେ ମୋଟ ୫୭ଟି ମାମଲାର ଫଇସଲା କରାଯାଇଥିବା ଜଣାଯାଇଛି। ଏସବୁ ମାମଲାଗୁଡ଼ିକୁ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରୀତି ତ୍ରିପାଠୀ ଶୁଣାଣି କରିଥିଲେ। ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସ, ଜିତେନ୍ଦ୍ରନାଥ ସ୍ୱାଇଁ, ଜିତେନ୍ଦ୍ର କୁମାର ମିଶ୍ର, ଅନିରୁଦ୍ଧ ସାମଲ, ନୃସିଂହ ଚରଣ ସ୍ୱାଇଁ, ତପନ କୁମାର ଦାସ ପ୍ରମୁଖ ମାମଲାଗୁଡ଼ିକୁ ପରିଚାଳନା କରିଥିଲେ। ସହକାରୀ ସରକାରୀ ଓକିଲ ଜୟନ୍ତ ସାମନ୍ତରାୟଙ୍କ ସଂଯୋଜନାରେ ତପସ୍ମିତା ସୂତାର, ଚିତ୍ତରଞ୍ଜନ ଜେନା, ଶଙ୍କରନାରାୟଣ ସାହୁ, ସନ୍ତୋଷ ବେହେରା, ଶ୍ରୀକାନ୍ତ ସାମଲ, ଭାଗବତ ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

## ବ୍ଲଡ୍ ବ୍ରଦର୍ସ ଗ୍ରୁପ ପକ୍ଷରୁ ରକ୍ତଦାନ ଶିବିର

ତିଗିରିଆ, ୧୪।୯ (ସମିସ): ତିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଯୁବଗୋଷ୍ଠୀଙ୍କୁ ନେଇ ଗଠିତ ବ୍ଲଡ ବ୍ରଦର୍ସ ଗ୍ରୁପ ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ନିଜିଗଡ଼ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି।



ସଙ୍ଗଠନର ସଭାପତି ତ୍ରିନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡମ୍ବା ନରସିଂହପୁର ବିଧାୟକ ବିଜୟ କୁମାର ଦଳବେହେରା, ବିଶିଷ୍ଟ ଅତିଥି ଭାବେ ବିଜେପି କଟକ ଜିଲ୍ଲା ଗ୍ରାମାଞ୍ଚଳ ସଭାପତି ରାମନାରାୟଣ ମହାନ୍ତି, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ବିକ୍ରମ କେଶରୀ ଦାଶ ଯୋଗଦେଇଥିଲେ। କଟକ ବଡ଼ ମେଡିକାଲ ବ୍ଲଡ ବ୍ୟାଙ୍କ ତରଫରୁ ଏହି ଶିବିରରୁ ୬୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଗ୍ରାମପଞ୍ଚାୟତ ହାଇସ୍କୁଲ ହୀରକ ଜୟନ୍ତୀ ପ୍ରସ୍ତୁତି

ନରସିଂହପୁର, ୧୪।୯ (ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଚମ୍ପେଶ୍ୱରସ୍ଥିତ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଏବଂ ଜଗନ୍ନାଥ ବାଳିକା ଉଚ୍ଚ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ମହାସମାରୋହରେ ପାଳନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଆସନ୍ତା ଡ଼ିସେମ୍ବର ମାସ ୨୨ତାରିଖ ଠାରୁ ଦୁଇ ଦିନ ଅନୁଷ୍ଠିତ କରାଯିବ।



ଚମ୍ପେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥାପନ ୧୯୪୮ ମସିହା, ଗ୍ରାମପଞ୍ଚାୟତ ହାଇସ୍କୁଲର ୧୯୬୨ ମସିହା ଓ ଜଗନ୍ନାଥ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୮୬ ମସିହାରେ ସ୍ଥାପିତ ହୋଇଛି। ଅନୁଷ୍ଠାନମାନଙ୍କର ସମୂହ ଜୟନ୍ତୀ ପାଳନ ସ୍ମୃତିରେ ଏକ ସ୍ମରଣିକା ସ୍ମୃତିର ଐତିହ୍ୟ ପ୍ରକାଶ କରାଯିବ। ଦୁଇ ଦିନ ଧରି କାର୍ଯ୍ୟକ୍ରମରେ ସାଧାରଣ ସମ୍ବର୍ଦ୍ଧନା ଉତ୍ସବ, ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ହୀରକ ଜୟନ୍ତୀ କମିଟି ସଭାପତି ରବୀନ୍ଦ୍ର କୁମାର ରଥ ଅଧ୍ୟକ୍ଷତା କରିଥିଲେ। କମିଟିର ମୁଖ୍ୟସଂଯୋଜକ ଅନ୍ତର୍ଯ୍ୟାମୀ ମହାରଣା, ସଂଯୋଜକ ଇଂ ରାମ ସେବକ ବରାଳ, ଉପସଭାପତି ବଂଶୀଧର ପଣ୍ଡା, ସମ୍ପାଦକ ସୁବାସଚନ୍ଦ୍ର ଷଡଙ୍ଗୀ, ଉପଦେଷ୍ଟା ତ୍ରିଲୋଚନ ରାଉଳ, ଅଦ୍ୱୈତ୍ୟ ପଣ୍ଡା, ନିରଞ୍ଜନ ସାହୁ, ବିଜୟ ଷଡଙ୍ଗୀ, ନିରଞ୍ଜନ ଦାଶ, ବଳଭଦ୍ର ପାଣି, କବିରାଜ ନାୟକ, ରଜତ ମିଶ୍ର ପ୍ରମୁଖଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ପ୍ରତାପଚନ୍ଦ୍ର ପଣ୍ଡା, ପ୍ରଧାନଶିକ୍ଷକ ଦାଶରଥି ଦାସ ଓ ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତିକା ମିଶ୍ର ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ଠାକୁର କେଶବଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ

ମାହାଙ୍ଗା, ୧୪।୯ (ସମିସ): ମାହାଙ୍ଗାସ୍ଥିତ ପ୍ରସିଦ୍ଧ ସ୍ୱର୍ଣ୍ଣକ୍ଷେତ୍ର କ୍ଷିତିଜ୍ୟୋତି ଆଶ୍ରମରେ ଶ୍ରୀଶ୍ରୀ ଠାକୁର କେଶବଚନ୍ଦ୍ରଙ୍କ ୭୧ତମ ଆବିର୍ଭାବ ମହୋତ୍ସବ ନବଦିନ ବ୍ୟାପି ଅନୁଷ୍ଠିତ ହେଉଛି। ଏହି ଅବସରରେ କଳସ ଶୋଭାଯାତ୍ରା ଓ ବ୍ରଜବାସୀ ବରଣୀ ସହିତ ପ୍ରତ୍ୟେହ ପ୍ରାତଃ ପୂଜା, ହୋମଯଜ୍ଞ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଆଶ୍ରମ ପରିସରରେ ପରିଷଦ କାର୍ଯ୍ୟାଳୟର ନୂତନ ଗୃହ ଓ ଆବିର୍ଭାବ ମହୋତ୍ସବ ମଣ୍ଡପକୁ ଉଦଘାଟନ କରିଥିଲେ। ପରିଷଦର ଆଚାର୍ଯ୍ୟ



ବିରଞ୍ଚିନାରାୟଣ ଦାସ, ସଭାପତି ନିମାଇଁ ଚରଣ ଦାଶ, ସାଧାରଣ ସମ୍ପାଦକ ସୁରେଶ ଜେନା, କୈଳାସଚନ୍ଦ୍ର ଦାସ, ଅଶୋକ ସ୍ୱାଇଁ, କାର୍ତ୍ତିକଚନ୍ଦ୍ର ଜେନା, ସେବାଶ୍ରମ ସମ୍ପାଦକ କାଳନ୍ଦୀ ଜେନା, ମାତୃବନ୍ଦନା ସମ୍ପାଦିକା ରଞ୍ଜନା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘର ସାଙ୍ଗଠନିକ ମୁଖ୍ୟ କୈଳାସ ଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଗଙ୍ଗାଧର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲା ବେଳେ ଆବିର୍ଭାବ କମିଟିର ସମସ୍ତ କର୍ମକର୍ତ୍ତା, ବ୍ରଜବାସୀ ଓ ବାପୁଜୀ ଯୁବକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘର ସମ୍ମିଳନୀ

ଟାଙ୍ଗୀ, ୧୪।୯ (ସମିସ): ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକ ସଂଘ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଖା ପକ୍ଷରୁ କହ୍ନେଇପୁର ପଞ୍ଚାୟତ ଭଗତପୁରସ୍ଥିତ କଲ୍ୟାଣ ମଣ୍ଡପରେ ରବିବାର ୨ୟ ବାର୍ଷିକ



ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସମସ୍ତ କର୍ମଚାରୀ ୧୨ ମାସର ପାଉଣା ପାଉଥିବାବେଳେ ପାଚିକା ଓ ସହାୟିକାମାନେ ୧୦ ମାସର ପାଉଣା ପାଇବା ଅସାମ୍ବିଧାନିକ। ତେଣୁ ପାଚିକା ଓ ସହାୟିକା ମାନଙ୍କ ହକ୍ ପାଇଁ ଲଢେଇ ଜାରି ରହିବବୋଲି କର୍ମଜୀବୀ ମହିଳା ସଂଗଠନ ରାଜ୍ୟ ସଂଯୋଜିକା ପୁଷ୍ପା ଦାଶ ଯୋଗଦେଇ ମତ ବ୍ୟକ୍ତ କରିଛନ୍ତି। ପୂର୍ବାହ୍ନରେ ଆୟୋଜିତ ସମ୍ମିଳନୀକୁ ସିଟୁର କଟକ ଜିଲ୍ଲା ସଭାପତି ରବି ନାରାୟଣ ମଲ୍ଲିକ ସଂଘୀୟ ପତାକା ଉତ୍ତୋଳନ ପୂର୍ବକ ଶୁଭାରମ୍ଭ କରିଥିଲେ। ୨୪ ପଞ୍ଚାୟତ ବିଶିଷ୍ଟ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ଶତାଧିକ ପାଚିକା ଓ ସହାୟିକା ସମ୍ମିଳନୀରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏକ ୧୮ ଜଣିଆ କମିଟି ଗଠନ ପୂର୍ବକ ବିଷ୍ଣୁ ବେହେରା, ସଭାପତି, ଭାରତୀ ମାଝି ଉପ ସଭାପତି, ଲକ୍ଷ୍ମୀ ବେହେରା ସମ୍ପାଦିକା ଓ ମାନସ ମହାନ୍ତି କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଥିଲେ। ସିପିଆଇ(ଏମ୍) କଟକ ଜିଲ୍ଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ବ୍ଲକ ସମ୍ପାଦକ ରମେଶ ବେହେରା, କୃଷକ ନେତା ଡମ୍ବରୁଧର ସାହୁ ଓ ନିର୍ମାଣ ଶ୍ରମିକ ସଂଘ ବ୍ଲକ ସଭାପତି ମହେନ୍ଦ୍ର ବେହେରା ସହଯୋଗ କରିଥିଲେ।

## ମହାପୁରୁଷ ଅଚ୍ୟୁତାନନ୍ଦ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚାରାରୋପଣ



ନେମାଳ, ୧୪।୯ (ସମିସ): ଶ୍ରୀ ଶ୍ରୀ ଗୋପୀନାଥଜୀଉ ଓ ଶ୍ରୀ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଆନୁକୂଲ୍ୟରେ ଓ ଗ୍ରୀନ ଗ୍ରୋ କମ୍ପାନୀ ସହଯୋଗରେ ଚିତ୍ରୋପଳା ନଦୀ ତଟ ନିକଟରେ ଟ୍ରଷ୍ଟ ବୋର୍ଡର ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜସ୍ୱ ନିରୀକ୍ଷକ ନେମାଳ ଅଜିତ ନାୟକଙ୍କ ପୌରୋହିତ୍ୟରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରୀନ ଗ୍ରୋ କମ୍ପାନୀ ଭୁବନେଶ୍ୱର ମୁଖ୍ୟ ପ୍ରକଳ୍ପ ଅଧିକାରୀ ନୀଳାଦ୍ରି ବିହାରୀ ପତି, ସମାଜସେବୀ ଦର୍ଶନ ନାୟକ, କାର୍ତ୍ତିକ ଚନ୍ଦ୍ର ପୂଜାରୀ, ଟ୍ରଷ୍ଟ କାର୍ଯ୍ୟାଳୟ ସହକାରୀ ଶରତ ଚନ୍ଦ୍ର ମଲ୍ଲିକ, ହିମାଂଶୁ ଶେଖର ଦାସ, ଗୁରୁଚରଣ ବାରିକ, ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଛାତ୍ରନେତା ସତ୍ୟ ପରମାଣିକ, ବିଶାଳ ଦେ, ସିପୁ ପଣ୍ଡା, ରଞ୍ଜନ ପ୍ରଧାନ, ଓମ ପ୍ରକାଶ ପ୍ରଧାନ, ହରମୋହନ ବେହେରା, ମାନସ ମହାପାତ୍ର, ରାଜକିଶୋର ପ୍ରଧାନ, ଆଶିଷ ନାୟକ, ବିଶାଳ ରଣା ପ୍ରମୁଖ ମହତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରାଣଯୋଗ ପ୍ରତିଷ୍ଠାନ ପକ୍ଷରୁ ଶୋକସଭା

ବଡମ୍ବା, ୧୪।୯ (ସମିସ): ପ୍ରାଣ ଯୋଗ ପ୍ରତିଷ୍ଠାନର ପରାମର୍ଶଦାତା ପରିଷଦର ଆବାହକ ବୈଜ୍ଞାନିକ ପ୍ରଫେସର ଡ. ବଳରାମ ସାହୁଙ୍କ ହୃଦଘାତରେ ପରଲୋକ ହୋଇଛି। ମହର୍ଷି ଦୟାନନ୍ଦ ଯଜ୍ଞ ମଣ୍ଡପରେ ଅନୁଷ୍ଠିତ ଶୋକସଭାରେ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜ୍ଞାନ କବି ଚନ୍ଦ୍ରଶେଖର ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକାରୀ ଅଧ୍ୟକ୍ଷା ବେଦ ଆଚାର୍ଯ୍ୟା ପ୍ରବୀଣା ମହାନ୍ତି ସଂଯୋଜନା ସହ ମୁଖ୍ୟଅତିଥି ଭାବେ ମୋହନସୁବୁଦ୍ଧି ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ. ପୁଷ୍ପଲତା ପାଣିଗ୍ରାହୀ, ମୁଖ୍ୟବକ୍ତା ଅଧ୍ୟାପକ ରାମଚନ୍ଦ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଦିଲ୍ଲୀପ ସାମନ୍ତ ଶୋକବ୍ୟକ୍ତ କରିଥିଲେ। ଗୁରୁକୁଳ ଅଧ୍ୟକ୍ଷା ସ୍ନେହଲତା ସାହୁ, ବିଜୟ ମହାନ୍ତି, ଗୀତାଞ୍ଜଳି ମହାନ୍ତି, ଜହ୍ନରୂପା ମଲ୍ଲିକ, ଜ୍ୟୋତ୍ସ୍ନାରାଣୀ ପାଟଶାଣୀ, ବାସନ୍ତୀ ଦେଇ, ବୈଜୟନ୍ତୀ ମହାରଣା, ମମତା ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ। ଅଧିକ୍ଷକ ବାଲୁଙ୍କେଶ୍ୱର ରାଉତ ଧନ୍ୟବାଦ ଦେଇଥିଲେ।

## ରାଜପଥରେ ଟ୍ରେଲରରୁ ଲୁହାରଡ୍ ଚୋରି; ଚାଳକ ଗିରଫ

ଟାଙ୍ଗୀ, ୧୪।୯ (ସମିସ): କଟକ ଜିଲ୍ଲା ଟାଙ୍ଗୀ ପୁଲିସ ରାତି ପାଟ୍ରୋଲିଂ କରୁଥିବା ବେଳେ ଶନିବାର ବିଳମ୍ବିତ ରାତିରେ ୧୬ନଂ ଜାତୀୟ ରାଜପଥ ଗୋବିନ୍ଦପୁର ଛକ ନିକଟରେ ଏକ ଲୁହାରଡ଼ ଚୋରି ଘଟଣାର ପର୍ଦ୍ଦାଫାସ କରିଛି। ଏକ ଲୁହାରଡ଼ ବୋଝେଇ ଟ୍ରଲରରୁ ଲୁହାରଡ଼ ଚୋରି ସମୟରେ ରାତି ପାଟ୍ରୋଲିଂରେ ଥିବା ଏଏସ୍‌ଆଇ ଦୁର୍ଯ୍ୟୋଧନ ସେଠୀ ଓ ଟିମ୍ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। ଚୋରି କରୁଥିବା ଦଳ କୌଶଳକ୍ରମେ ଘଟଣାସ୍ଥଳରୁ ଖସିଯିବାକୁ ସକ୍ଷମ ହୋଇଥିବାବେଳେ ପୁଲିସ ଟ୍ରଲର ଚାଳକ ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ତଳମରଡ଼ା ଗ୍ରାମର ପ୍ରଦୀପ କୁମାର ପ୍ରଧାନ(୩୭)ଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା। ଜବତ ଲୁହାରଡ଼ ଆନୁମାନିକ ମୂଲ୍ୟ ୨୪ ହଜାର ଟଙ୍କା ହୋଇଥିବାବେଳେ ଅଭିଯୁକ୍ତକୁ ରବିବାର ଅଦାଲତ ଚାଲାଣ କରାଯାଇଥିବା ଆଇଆଇସି ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

## ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା

ତିଗିରିଆ, ୧୪।୯ (ସମିସ): ତିଗିରିଆ ବ୍ଲକ ନୂଆପାଟଣାସ୍ଥିତ ପିଏମଶ୍ରୀ ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟରେ ରବିବାର ବ୍ଲକର ତୃତୀୟ ଶ୍ରେଣୀରୁ ଯୁକ୍ତ ଦୁଇ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜଗତପୁର ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ତଥା ବ୍ଲକ ଶିକ୍ଷାଧିକାରୀ ଅମର ମହାରଣାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଜ୍ଞାନ ମିଶନର ସଂଯୋଜକ ସ୍ୱାମୀ ଆଞ୍ଜନେୟାନନ୍ଦ ଗିରି, ବିଶିଷ୍ଟ ଅତିଥି ଭାବେ ନୂଆପାଟଣା ସ୍ଥିତ ଚୈତନ୍ୟ ସାହୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ପ୍ରଧାପକ ପଦ୍ମନାଭ ଶତପଥୀ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ, ଅବସରପ୍ରାପ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଶିକ୍ଷକ ତଥା ସାଫ କମିଟିର ସଦସ୍ୟ ଜମ୍ବେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ନୂଆପାଟଣା ଅର୍ଜ୍ଜୁନ ସୁବୁଦ୍ଧି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ଖଟୁଆ, ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ପାତ୍ର, ବରିଷ୍ଠ ଶିକ୍ଷକ ସୁଶାନ୍ତ କୁମାର ସାହୁ, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବଳରାମ ଦାଶ, ଜେମାଦେଇପୁର ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଢୋଲକ ବାଦକ ଶ୍ରୀକାନ୍ତ ଧଳଙ୍କ ପରଲୋକ



ନରସିଂହପୁର, ୧୪।୯ (ସମିସ): ଜଣାଶୁଣା ବାଦ୍ୟକାର ଶ୍ରୀକାନ୍ତ ଧଳଙ୍କ ହୃଦଘାତରେ ଦେହାନ୍ତ ହୋଇଛି। ଗାୟକ ସତ୍ୟ ନାରାୟଣ ଜେନାଙ୍କ ସହ ପାଲା ପରିବେଷଣ କରି ଓଡ଼ିଶାରେ ବହୁ ସ୍ଥାନରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। କିଛି ଦିନ ହେବ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ଜେନା, ସମିତିସଭ୍ୟ ନିର୍ମଳ କୁମାର ଜେନା, ପୂର୍ବତନ ସମିତିସଭ୍ୟ ରମଣୀ ରଞ୍ଜନ ରାଉତଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶୋକାକୁଳ ପରିବାରକୁ ସମବେଦନା ଜଣାଇଛନ୍ତି।

## ବ୍ୟାଙ୍କିଙ୍ଗ୍ ସଚେତନତା ଶିବିର

ଫୁଲନଖରା, ୧୪।୯ (ସମିସ): ଉରାଳୀ ପଞ୍ଚାୟତ ନଛିପୁର ଗ୍ରାମରେ ଅଭ୍ୟୁଥାନ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ବ୍ୟାକିଙ୍ଗ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ସିଜିଏମ୍ ଦାଶରଥୀ ମିଶ୍ରଙ୍କ ପ୍ରେରଣାକ୍ରମେ ଏହି ଶିବିରରେ ପ୍ରାୟ ୫୦ଜଣ ମହିଳା ଓ ପୁରୁଷ ଯୋଗଦେଇଥିଲେ। ମୁଖ୍ୟତଃ ଆର୍ଥିକ କାରବାରରେ ଜଣେ ବ୍ୟାଙ୍କ୍ ଗ୍ରାହକ କିଭଳି ସତର୍କତା ଅବଲମ୍ବନ କରିବେ ଓ ଇ-କେୱାଇସିର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ମଙ୍ଗଳାବାଗ ଇଣ୍ଡିଆନ୍ ବ୍ୟାଙ୍କର ମହେନ୍ଦ୍ର କୁମାର ପାତ୍ରଙ୍କ ଦ୍ୱାରା ୧୭ ଜଣଙ୍କର ଆକାଉଣ୍ଟକୁ ଇ-କେୱାଇସି କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଇଣ୍ଡିଆନ୍ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ କ୍ଷୀରୋଦଚନ୍ଦ୍ର ପାତ୍ର ପରିଚାଳନା କରିଥିବା ବେଳେ ମାନସ ରଞ୍ଜନ ନାଏକ, ସୁମିତ୍ରା ଖୁଣ୍ଟିଆ ସହଯୋଗ କରିଥିଲେ।

## ସ୍ୱାଧୀନ ମହାନ୍ତିଙ୍କ କବିତା ସଂକଳନ 'ଗୀତିଝର' ଉନ୍ମୋଚିତ

ଫୁଲନଖରା, ୧୪।୯ (ସମିସ): କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ଫୁଲନଖରାସ୍ଥିତ ଏନ୍‌ସି ହାଇଟସ୍ ପରିସରରେ ସ୍ୱାଧୀନ ମହାନ୍ତିଙ୍କ ରଚିତ ଗୀତି କବିତା ସଂକଳନ 'ଗୀତିଝର' ଉନ୍ମୋଚିତ ହୋଇଯାଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବରେ ସଜ୍ଜନ ଶର୍ମା ଓ ଦିଲ୍ଲୀପ ମଲ୍ଲିକ ଯୋଗ ଦେଇଥିଲେ। ଅର୍ପିତା ପ୍ରକାଶନ ଦ୍ୱାରା ପ୍ରକାଶିତ ଉକ୍ତ ପୁସ୍ତକରେ ସର୍ବମୋଟ ୯୫ଟି ଗୀତି କବିତା ସ୍ଥାନିତ ହୋଇଛି। ସେଥିମଧ୍ୟରୁ ଅନେକ ଗୀତି କବିତା ଓଡ଼ିଶାର ସୁନାମଧନ୍ୟ ସଙ୍ଗୀତ ନିର୍ଦ୍ଦେଶକଙ୍କ ସ୍ୱର ସଂଯୋଜନାରେ ଶ୍ରୋତା ମାନଙ୍କ ନିକଟରେ ଆଦୃତ ହୋଇପାରିଛି। ଏହି ଅବସରରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଅତୀତର ସ୍ମୃତିକୁ ବହନ କରୁଥିବା ବିଗତ ବର୍ଷର ଫଟୋଚିତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଗୀତି କବିତା ପୁସ୍ତକରେ ପ୍ରକାଶିତ କେତେକ କବିତାକୁ ଅଞ୍ଚଳର ସୁନାମଧନ୍ୟ କଣ୍ଠଶିଳ୍ପୀ ବିଜୟ କୁମାର ଦାସ ନିଜସ୍ୱ କଣ୍ଠରେ ପରିବେଷଣ କରିଥିଲେ। ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଟ୍ଟାରିକାଙ୍କ ଷୋଡ଼ଶ ପୂଜା ପାଇଁ ଆୟୁଦ୍ଧ ଶୋଭାଯାତ୍ରା

ବଡମ୍ବା, ୧୪।୯ (ସମିସ): ଓଡ଼ିଶାର ଅନ୍ୟତମ ଶକ୍ତିପୀଠ କଟକ ଜିଲ୍ଲା ବଡ଼ମ୍ବା ବ୍ଲକର ଅଧିଷ୍ଠାତ୍ରୀ ଦେବୀ ମାଆ ଭଟ୍ଟାରିକାଙ୍କ ଷୋଡ଼ଶ ଦିନାତ୍ମକ ପୂଜା ଆଜିଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ସକାଳୁ ବହୁ ଆଡ଼ମ୍ବର ସହକାରେ ଶଶାଙ୍କ ମାଳିସାହିର ଗନ୍ତାଘରଠାରୁ ମାଆଙ୍କ ଆୟୁଦ୍ଧ ଶୋଭାଯାତ୍ରା ବାହାରି ସାହି ପରିକ୍ରମାରେ ମା' ମନ୍ଦିର ଅଭିମୁଖେ ବାହାରିଥିଲେ। ଆୟୁଦ୍ଧ ସ୍ଥାପନା ପରେ ମାଆଙ୍କ ଅନ୍ୟାନ୍ୟ ନୀତିକାନ୍ତି ସମାପନ ହୋଇଥିଲା। ୨୮ ତାରିଖରେ ମହାସପ୍ତମୀ ପୂଜା ଆରମ୍ଭ ହେବା ସହିତ ଚାରି ଦିନ ଧରି ମାଆ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ୨୯ରେ ମହାଷ୍ଟମୀ, ୩୦ରେ ମହାନବମୀ ଅନୁଷ୍ଠିତ ହେବ। ସେହିପରି ଅକ୍ଟୋବର ୧ରେ ମାଆଙ୍କ ବିଶ୍ରାମ ନୀତି ସମାପନ ହୋଇ ଅକ୍ଟୋବର ୨ରେ ଦଶମୀ ପୂଜା ବା ଦଶହରା ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେବ। ସପ୍ତମୀଠାରୁ



ଦଶହରା ପର୍ଯ୍ୟନ୍ତ ଧୁମଧାମରେ ଯାତ୍ରା ଦୋଳି ନୃତ୍ୟ ସଙ୍ଗୀତ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭଳିକି ଭଳି ଦୋକାନ ବଜାର ମଧ୍ୟରେ ଭଟ୍ଟାରିକା ମହୋତ୍ସବ ପାଳନ କରାଯାଉ ଥିବାରୁ ଚଳିତ ବର୍ଷ ପାଞ୍ଚ ଦିନ ଧରି ଭଟ୍ଟାରିକା ଯାତ୍ରାରେ ଶ୍ରଦ୍ଧାଳୁ ଓ ଦର୍ଶକମଣ୍ଡଳୀଙ୍କ ସମାବେଶ ରହିବ। ମୁଖ୍ୟ ପୂଜକ ଶିଶିର ରଣାଙ୍କ ସମେତ ସେବାୟତ ମାନଙ୍କ ସହଯୋଗରେ ଆୟୁଧ ଶୋଭାଯାତ୍ରାରେ ବଡମ୍ବା ବିଧାୟକ ବିଜୟ ଦଳବେହେରା, ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର, ଦେବୋତ୍ତର ଅଧିକାରୀ ଶାଶ୍ୱତ ରଞ୍ଜନ ଦାସ, ଭଟ୍ଟାରିକା ସରପଞ୍ଚ ଶତ୍ରୁଜିତ ପୁହାଣ, କରଡ଼ିବନ୍ଧ ସରପଞ୍ଚଙ୍କ ପ୍ରତିନିଧି ସନ୍ତୋଷ ମହାନ୍ତି ଯୋଗଦେଇଥିଲେ।

### ପରିବହନରେ କମ୍ପାନୀର ସ୍ୱେଚ୍ଛାଚାରିତା

## ୧୭ରୁ ଆନ୍ଦୋଳନ: ଖୁଣ୍ଟୁଣୀ ଟ୍ରକ୍ ସଂଘ

ଆଠଗଡ଼, ୧୪।୯ (ସମିସ)




ଆଠଗଡ଼ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ ଆଣ୍ଡ ପାୱାର କମ୍ପାନୀର ମାଲ ପରିବହନରେ ସ୍ୱେଚ୍ଛାଚରିତାକୁ ନେଇ ମୁହାଁମୁହିଁ ହୋଇଛନ୍ତି କମ୍ପାନୀ ଏବଂ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ। କମ୍ପାନୀ ପ୍ରତିଷ୍ଠା ହେବା ପରେ ୨୦୦୭ରୁ କମ୍ପାନୀର ୫୦ ପ୍ରତିଶତ ମାଲ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ପରିବହନ କରୁଥିଲା। କମ୍ପାନୀ ବାହାରକୁ ୩୦ ପ୍ରତିଶତ ଏବଂ କମ୍ପାନୀ ଭିତରେ ୨୦ ପ୍ରତିଶତ ମାଲ ପରିବହନ ହୋଇଥାଏ। ବିଶେଷକରି ମହାରାଷ୍ଟ୍ର ଏବଂ ଗୁଜୁରାଟକୁ ଯେଉଁ ମାଲ ପରିବହନ ହୁଏ ତାହାକୁ ଖୁଣ୍ଟୁଣୀ ଟ୍ରକ୍ ମାଲିକ ସଂଘ ପକ୍ଷରୁ ସରକାରୀ ଦରରେ କରାଯାଇଥାଏ। କମ୍ପାନୀରୁ ନିର୍ଗତ ହେଉଥିବା ପାଉଁଶକୁ ମଧ୍ୟ କମ୍ପାନୀ ବିନା ମୂଲ୍ୟରେ ଦେଇଥାଏ। ଫଳରେ ଏହା ଉପରେ ନିର୍ଭର କରୁଥିବା ୯୦୦ ଟ୍ରକର କର୍ମଚାରୀ ଏବଂ ମାଲିକ ଦୁଇ ପଇସା ରୋଜଗାର କରି ପାରନ୍ତି। ଦୁଇ ବର୍ଷ ହେଲା କମ୍ପାନୀ କର୍ତ୍ତୃପକ୍ଷ ଏଥିରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। କମ୍ପାନୀ ଯେଉଁ ମାଲ ପରିବହନ ପାଇଁ ଦେଉଛି ତାହା ସମୁଦ୍ରକୁ ଶଙ୍ଖେ ଭଳି ହୋଇଛି। ଏମିତି ହେଲେ ଗୋଟିଏ ଟ୍ରକକୁ କମ୍ପାନୀ ମାଲ ପରିବହନ ପାଇଁ ୩ ମାସ ଅପେକ୍ଷା କରିବାକୁ ପଡୁଛି। ଏ ବାବଦରେ ସଂଘ ପକ୍ଷରୁ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହିତ ଆଠଗଡ଼ ଏବଂ ଜିଲ୍ଲା ପ୍ରଶାସନ ଏମିତି କି ପରିବହନ ଏବଂ ଶିଳ୍ପ ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କିଛି ଲାଭ ହେଲାନାହିଁ। ଆସନ୍ତା ୧୭ ତାରିଖଠାରୁ ମାଲିକ ସଂଘ ପକ୍ଷରୁ କମ୍ପାନୀ ଆଗରେ ଧାରଣା ଦିଆଯିବ ବୋଲି ଆଜି ଖୁଣ୍ଟୁଣୀସ୍ଥିତ ସଂଘ ସଭାଗୃହରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସଭାପତି ମନୋଜ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକାରୀ ସଭାପତି ଉମେଶଚନ୍ଦ୍ର ଦଳାଇ, ଉପସଭାପତି ଦିଲ୍ଲୀପ ତ୍ରିପାଠୀ, ସାଧାରଣ ସମ୍ପାଦକ ଅଶୋକ ସାମନ୍ତରାୟ, ଯୁଗ୍ମସମ୍ପାଦକ ଜ୍ଞାନରଞ୍ଜନ ପତ୍ରୀ, ଭଗବାନ ରାଉତ, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ନାୟକ ଗଦାଧର ସାହୁଙ୍କ ସହିତ ଅନ୍ୟାନ୍ୟ ସଭ୍ୟ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ସିଟି



## ନିଶା ଚାଲାଣର ଗଳାବାଟ ବିମାନବନ୍ଦର

# ଚାଲାଣ ହେଉଛି ଦାମୀ ସିଗାରେଟ୍, ମାରିଜୁଆନା

ଭୁବନେଶ୍ୱର,୧୪।୯ (ସମିସ)

ନିଶା ଚାଲାଣର ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନବନ୍ଦର। ଏଠାରେ ଯାଞ୍ଚ ପକ୍ରିୟା ଏତେଟା କଡ଼ାକଡ଼ି ନଥିବାରୁ ଏହି ବିମାନ ବନ୍ଦର ଉପରେ ଦେଶ ବାହାର ନିଶା ମାଫିଆଙ୍କ ନଜର। ଦୁବାଇ, ଥାଇଲାଣ୍ଡରୁ ଦାମୀ ନିଶା ବିମାନ ମାଧ୍ୟମରେ ଭୁବନେଶ୍ୱର ଆସୁଛି। ଏଠାରୁ ଅନ୍ୟ ରାଜ୍ୟକୁ ଚାଲାଣ ହେଉଛି। ନା ପୁଲିସ ଧରିବ ନା କଷ୍ଟମ ବିଭାଗ। ସବୁ କିଛି ଲୁଚା ଛପାରେ ଚାଲିଛି। କହିବାକୁ ଗଲେ ଅପରାଧୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ଓଡ଼ିଶା। ଏବେ ଦୁବାଇରୁ ଆସୁଛି ସିଗାରେଟ ଷ୍ଟିକ, ମେରିଜୁଆନା ଭଳି ଅନ୍ତର୍ଜାତୀୟ ନିଶା। ଗତକାଲି ଭୁବନେଶ୍ୱର ବିମାନବନ୍ଦରରୁ ଜବତ ହୋଇଛି ୪୯,୮୦୦ ସିଗାରେଟ ଷ୍ଟିକ୍। ଏହା ଦୁବାଇରୁ ପଞ୍ଜାବ କିମ୍ବା ହରିୟାଣା ଚାଲାଣ ହେଉଥିଲା ବୋଲି ଅନୁମାନ କରାଯାଉଛି। ଜଣେ ବ୍ୟକ୍ତି ଏସବୁକୁ ନେଇ ଭୁବନେଶ୍ୱର ବିମାନ ବନ୍ଦର ଦେଇ ଆସୁଥିବା ସୂଚନା ପାଇ ଗିରଫ କରାଯାଇଛି ଓ ଏହି ସବୁ ସିଗାରେଟର ମୂଲ୍ୟ ଲକ୍ଷାଧିକ ଟଙ୍କା ବୋଲି ଜଣାପଡ଼ିଛି। କେବଳ ଏଇ ଗୋଟେ ଘଟଣା ନୁହେଁ, କିଛି ଦିନ ତଳେ



- ଓଡ଼ିଶାରେ ପହଞ୍ଚିବା ପରେ ଅନ୍ୟ ରାଜ୍ୟକୁ ଯାଉଛି
- ଦୁବାଇରୁ ପଞ୍ଜାବ କିମ୍ବା ହରିୟାଣା ଚାଲାଣ
- ସ୍ପେଶାଲ ଡ୍ରାଇଭ୍ କରିବ କଷ୍ଟମ ବିଭାଗ

ବିମାନ ବନ୍ଦରରୁ ମିଳିଥିଲା ୩୦ କୋଟି ଟଙ୍କାର ମାରିଜୁଆନା। ଯେଉଁ ଘଟଣାରେ ୩ ଜଣ ଯୁବକ ଗିରଫ ହୋଇଥିଲେ। ହେଲେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିବା ଦଲାଲ ଆଉ ଗରାଖ କିନ୍ତୁ ଛୁ ମାରିଥିଲେ। ବେଆଇନ ନିଶା କାରବାରର ଚେର ସବୁଆଡ଼େ ଲମ୍ବିଛି। ଏହାକୁ ରୋକିବା କଷ୍ଟମ ବିଭାଗ ନା ପୁଲିସ ସମ୍ଭବ ହୋଇପାରୁନି। ନିଶା ଚାଲାଣ କରି ଦେଶ ବାହାର ନିଶା ମାଫିଆ କୋଟି କୋଟି ଟଙ୍କା ପାଉଛନ୍ତି। ଆଉ ଏହା ପଛରେ ବଡ଼ ବଡ଼ ଲୋକଙ୍କ ହାତ ରହିଛି। ଯେଉଁମାନେ ନିଶା ଚାଲାଣ ପାଇଁ ଜୀବନ ମଧ ଦେବାକୁ ପଛାଇବେ ନାହିଁ। ବିମାନ ବନ୍ଦରରୁ ଯେତିକି ନିଶା ଧରାପଡୁଛି ତାହା ଠୁ ଅଧିକ ନିଶା ଚାଲାଣକାରୀ ଖସି ଯାଉଛନ୍ତି। ବିଶ୍ୱସ୍ତ ସୂତ୍ରରୁ ଯେତିକି ଖବର ମିଳୁଛି ସେହି ଆଧାରରେ ଯାତ୍ରୀଙ୍କୁ ଅଟକ ରଖି ଯାଞ୍ଚ ପରେ ନିଶା ଜବତ କରାଯାଉଛି। କିନ୍ତୁ ଅନେକ ଲୋକ ଯାତ୍ରୀ ନିଶା ଆଣୁଥିବା ବେଳେ ଖବର ମିଳିପାରୁନଥିବାରୁ କଷ୍ଟମ ବିଭାଗ ଧରିପାରୁନି। ତେଣୁ ନିଶା ମାଫିଆ ୧୦ ଜଣଙ୍କ ଯାତ୍ରୀଙ୍କ ଦ୍ୱାରା ନିଶା ଚାଲାଣ କରୁଥିବାବେଳେ ଜଣଙ୍କର ଧରାପଡ଼ିଲେ ତାଙ୍କର ଫରକ ପଡୁନି। କାରଣ ଯେତିକି ଧରାପଡ଼ିବେ ତାହା ଠାରୁ କୋଟି କୋଟି ଟଙ୍କାର ନିଶା ଜାଗା ମୁଣ୍ଡରେ ପହଞ୍ଚି ଯାଉଛି। ତେଣୁ ଯଦି ସଠିକ୍ ଖବର ମିଳିବ ତାହା ହେଲେ ଚାଲାଣ ଉପରେ ରୋକ ଲାଗିବ ବୋଲି କଷ୍ଟମ ବିଭାଗର ଜଣେ ଅଧିକାରୀ ସୂଚନା ଦେଇଛନ୍ତି।

ଏବେ ଗାଁ ଠୁ ସହର ସବୁଆଡ଼େ ମାଡ଼ିଗଲାଣି ନିଶା କାରବାର। ନିଶା କାରବାର ରୋକିବାକୁ ଅବକାରୀ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରହାର ଚଢ଼ଉରୁ ଏହା ସ୍ପଷ୍ଟ ହେଉଛି। ପ୍ରତିଦିନ ଜବତ ହେଉଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ସାଙ୍ଗକୁ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟ। ଯାହାର ମୂଲ୍ୟ କୋଟି କୋଟି ଟଙ୍କା ହେବ। ଗତକାଲି ଗୋଟିଏ ଦିନରେ ୨.୬୩କୋଟିର ବେଆଇନ ସାମଗ୍ରୀ ଜବତ ହୋଇଛି। ୨୬୩ଟି ମାମଲା ରୁଜୁ ହେବା ସହ ୧୫୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୩୨୪ କେଜି ଗଞ୍ଜେଇ, ୬୪୭ ଗ୍ରାମ୍ ହେରୋଇନ୍ ଜବତ ହୋଇଛି। ଏନେଇ ଚିନ୍ତା ପ୍ରକଟ କରିଛନ୍ତି ନିଶା ବିରୋଧୀ କର୍ମୀ। ରାଜ୍ୟ ପୁଲିସ, ଅବକାରୀ ବିଭାଗ, ଏସଟିଏଫ, କଷ୍ଟମ ବିଭାଗ ଅପରେସନ କରୁଛନ୍ତି। କିନ୍ତୁ ବେଆଇନ ନିଶା କାରବାର ନିୟନ୍ତ୍ରଣ ହୋଇପାରୁନାହିଁ, ଯାହା ସମସ୍ତଙ୍କ ଚିନ୍ତା ବଢାଇଛି।

# ସୈନିକ ସ୍କୁଲ ଡମ୍ପିଂୟାର୍ଡ ନ ହଟିଲେ ୨୨ରେ ଆନ୍ଦୋଳନ

ଭୁବନେଶ୍ୱର,୧୪।୯ (ସମିସ): ସୈନିକ ସ୍କୁଲ ଡମ୍ପିଂୟାର୍ଡରେ ୨୨ ବର୍ଷ ଧରି ପରିବେଶଗତ ଏବଂ ସ୍ୱାସ୍ଥ୍ୟ ସଙ୍କଟ ଭୁବନେଶ୍ୱର ଅର୍ଦ୍ଧାଧିକ ବାସିନ୍ଦା ହନ୍ତସନ୍ତ ଛାତ୍ରଛାତ୍ରୀ ଏବଂ ପରିବେଶ ପ୍ରତି ଗୁରୁତର ବିପଦ ସୃଷ୍ଟି କରି ଚାଲିଛି। ସୈନିକ ସ୍କୁଲର ୨୦ ଏକରରୁ ଅଧିକ ଜମିରେ ଅବୈଧ ଅଳିଆ ପକାଇବା ଯୋଗୁଁ ଅସହ୍ୟ ଦୁର୍ଗନ୍ଧ, ପରିବେଶ ପ୍ରଦୂଷଣ ଶ୍ୱାସ, ଚର୍ମ ରୋଗ ଏବଂ ସମ୍ଭାବ୍ୟ କର୍କଟ ରୋଗ ସମେତ ଜନସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇଚାଲିଛି। ଗୌରବ ମୟ ଅନୁଷ୍ଠାନ ସୈନିକ



**୨୪ରୁ ଆମରଣ ଅନଶନ କରିବ ଗାଡ଼କଣ ଅଳିଆଗଦା ହଟାଅ ଅଭିଯାନ**

ସ୍କୁଲର ଛାତ୍ରଛାତ୍ରୀ ବିଭିନ୍ନ ଦୁରାରୋଗ୍ୟରେ ପୀଡ଼ିତ ହୋଇ ଦେଶରେ ଓଡ଼ିଶାର ଦୁର୍ନାମ କରୁଛି। ଦୁର୍ଗନ୍ଧ ପାଇଁ ବ୍ୟବହୃତ ରାସାୟନିକ ପଦାର୍ଥ ଆହୁରି ଖରାପ ପ୍ରଭାବି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଗୁରୁତ୍ୱପୂର୍ଣ୍ଣ ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦକୁ ଅଣଦେଖା କରି ଉପଯୁକ୍ତ ତଦାରଖ ବିନା ସିଟିଓ ଜାରି କରିଥିଲେ। ଅଳିଆ ଗଦା ହଟାଅ ଅଭିଯାନ, ବିଏମ୍‌ସି ଓ ପଲ୍ୟୁସନ ବୋର୍ଡର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା ଯେ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜ ପତ୍ର ନାହିଁ, କେବଳ ଡମ୍ପିଂ ଷ୍ଟେସନ ଭାବରେ କାର୍ଯ୍ୟ ପାଇଁ ଅନୁମତି ମାଗିଛି ବିଏ୍‌ସି। ୭ ଦିନ ମଧ୍ୟରେ ସେଠାରୁ ସବୁ ଅଳିଆ ସଫା କରିବାକୁ ନିର୍ଦ୍ଦେଶ ଦେଇଥିଲା ପଲ୍ୟୁସନ ବୋର୍ଡ। ବିଏମ୍‌ସି ଯଦି ତୁରନ୍ତ ସେଠାରୁ ଅଳିଆ ଗଦା ନ ହଟାଏ ତେବେ ଆସନ୍ତା ୨୪ ତାରିଖରୁ ସୈନିକ ସ୍କୁଲ ବଞ୍ଚାଅ ଓ ଅଳିଆ ଗଦା ହଟାଅ ଅଭିଯାନ ତରଫରୁ ଆମରଣ ଅନଶନ କରିବାକୁ ମଧ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ପ୍ରସନ୍ନ ବିଷୋୟୀ କହିଛନ୍ତି।

## ଉତ୍ତର ଭୁବନେଶ୍ୱର ଭସାଣି କମିଟିର ପ୍ରସ୍ତୁତି ବୈଠକ

# ଭସାଣିରେ ସାମିଲ୍ ହେବେ ୧୭ ପୂଜା କମିଟି




ନନ୍ଦନକାନନ,୧୪।୯ (ସମିସ)

ଉତ୍ତର ଭୁବନେଶ୍ୱରରେ ମା' ଦୁର୍ଗାଙ୍କ ପୂଜା ଏବଂ ଭସାଣି ଉତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ୧୭ଟି ପୂଜା କମିଟି ଯୋଗଦେଇ ନିଜ ନିଜର ଦୁର୍ଗା ମେଢ଼କୁ ଡମଣା ପଡ଼ିଆରେ ଏକତ୍ରିତ କରି ପୂର୍ବ ବର୍ଷ ଭଳି ଆକର୍ଷଣୀୟ ଭସାଣି କରିବାକୁ ନିଷ୍ପତ୍ତି ନିଆଯାଇଛି। ବିଧାୟକ ପାଣ୍ଠିରୁ ୧ଲକ୍ଷ ଟଙ୍କା ଓ କମିଟି ତରଫରୁ ୩୦ହଜାର ଟଙ୍କା ପୂଜା କମିଟିଗୁଡ଼ିକୁ ସାହାଯ୍ୟ ଯୋଗାଇ ଦେବାକୁ ଆଜି ପଟିଆସ୍ଥିତ "ଡଲ୍‌ଫିନ୍ ଗାର୍ଡେନ' ଠାରେ ଅନୁଷ୍ଠିତ ବୈଠକରେ ଉତ୍ତର ଭୁବନେଶ୍ୱର ଭସାଣି କମିଟିରେ ଘୋଷଣା କରାଯାଇଛି। ଅନୁଷ୍ଠାନର ସଭାପତି କିଶୋର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ରାଉତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ୱର୍ଗତ ରଜନୀ ଜେନାଙ୍କ ପୁତ୍ର ଆୟୁଷ ଜେନା ଯୋଗ ଦେଇଥିଲେ। ଅଞ୍ଚଳରେ ଥିବା ଥାନାର ପୁଲିସ ଅଧିକାରୀ ମାନେ ଯୋଗଦେଇ ଭସାଣି ଉତ୍ସବକୁ ବିଶୃଙ୍ଖଳା ରହିତ କରିବାକୁ କହିଥିଲେ। ସଭାପତି କିଶୋର ଜେନା ଏବଂ ସ୍ୱର୍ଗତ ରଜନୀ ଜେନାଙ୍କ ପ୍ରଚେଷ୍ଟାରେ ଏହି ପୂଜା କରାଯାଉଛି। ବିଭିନ୍ନ ପୂଜା କମିଟିର ମୁଖ୍ୟ ପ୍ରତିନିଧି ଭାବେ ହାଉସିଂ ବୋର୍ଡର ସୁରେଶ ଚନ୍ଦ୍ର ମହାପାତ୍ର, ଶୈଳଶ୍ରୀବିହାର ଫେଜ୍-୪ର ପ୍ରକାଶ ଶତପଥୀ, ଡିଷ୍ଟ୍ରିକ୍ଟ ସେଣ୍ଟରର ବିଶ୍ୱନାଥ ମହାନ୍ତି, ନନ୍ଦନ ବିହାରର ଅଭୟ

**ପ୍ରତି କମିଟିକୁ ମିଳିବ ୧ଲକ୍ଷ ୩୦ହଜାର ଟଙ୍କା**

ମିଶ୍ର, ଟାଙ୍ଗିବନ୍ତର ବୀରେନ୍ଦ୍ର ଜେନା, ପ୍ରଶାନ୍ତି ବିହାରର ଆଶୁତୋଷ ଦାସ, ରଘୁନାଥପୁରର ସୁବାସ ଚନ୍ଦ୍ର ପାତ୍ର, ଗାଡ଼କଣର ପ୍ରଦୀପ୍ତ ଜେନା, ଶିଖରଚଣ୍ଡୀ ନଗରର ନରେଶ ରାଓ, ଇଞ୍ଜଣା ଜଗବନ୍ଧୁ ପରିଡ଼ା, ଶୈଳଶ୍ରୀ ବିହାର ଫେଜ୍୨ର ମୃତ୍ୟୁଞ୍ଜୟ ଦାଶ, ନନ୍ଦନ ଏନ୍‌କ୍ଲେଭ୍‌ର ଲକ୍ଷ୍ମୀପ୍ରିୟା ସାହୁ, ଡମଣାର ଦୟାନିଧି ସାହୁ, ବିଡିଏର ଅଶୋକ ପରିଡ଼ା, ନୀଳମାଧବ ଆବାସର ଦୁଃଶାସନ ବରାଳ, କଳାରାହାଙ୍ଗ ମହାବୀର ନଗର ଲିଙ୍ଗରାଜ ରଥ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଡମଣା ଗ୍ରାମର ପୂର୍ବତନ ସଭାପତି ପ୍ରେମାନନ୍ଦ ମହାକୁଡ଼ ଏବଂ ଯୁବକମାନଙ୍କ ସହଯୋଗରେ ଗତବର୍ଷ ଡମଣା ପଡ଼ିଆରେ ପାଳିତ ହୋଇଥିବା ଏହି ଉତ୍ସବଟି ଏଥର ମଧ ସମସ୍ତ ସହଯୋଗ ପାଇବ ବୋଲି ସେମାନେ ମତ ରଖିଥିଲେ। ସବୁ ପୂଜା ମଣ୍ଡପକୁ ତନିସ୍କଠାରେ ଡିଷ୍ଟ୍ରିକ୍ଟ ସେଣ୍ଟର କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯିବ। କମିଟି ଉପଦେଷ୍ଟା ସୁରେଶ ଚନ୍ଦ୍ର ରଥ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଉତ୍ତର ଭୁବନେଶ୍ୱର ବିଧାୟକ ସୁଶାନ୍ତ ରାଉତ ପ୍ରତ୍ୟେକ ପୂଜା ମଣ୍ଡପକୁ ତାଙ୍କ ବିଧାୟକ ପାଣ୍ଠିରୁ ଏକଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବାକୁ ଘୋଷଣା କରିଥିଲେ। ୧ ନମ୍ବର ୱାର୍ଡର କର୍ପୋରେଟର ତଥା ଅନୁଷ୍ଠାନର ଅନ୍ୟତମ ଉଦ୍ୟୋକ୍ତା ମିହିର କୁମାର ରାଉତ ବର୍ତ୍ତମାନ ଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସମସ୍ତ ପୂଜା କମିଟି ସଦସ୍ୟ ନିଜର ସ୍ୱାଭିମାନକୁ ବଜାୟ ରଖି ଚଳିତବର୍ଷର ଭସାଣି ଉତ୍ସବକୁ ସରସ ସୁନ୍ଦର କରିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ସମାଜସେବୀ ଭଗବାନ ଦାଶ ଏବଂ ଚନ୍ଦ୍ରଶେଖର ସାହାଣୀ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲା ବେଳେ ସମ୍ପାଦକ ସନ୍ତୋଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରି ଅଭିଯୋଗରେ ଦୁଇ ଗିରଫ

ଭୁବନେଶ୍ୱର,୧୪।୯ (ସମିସ): ମୋବାଇଲ ଚୋରି ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ବାଲୁଗାଁର ରାଜା ବେହେରା (୨୬) ଓ ଜଙ୍କିଆ ଥାନା ନରଣଗଡ଼ର ସନ୍ତୋଷ କୁମାର ଭୋଇ (୨୮)। ପୁଲିସ ସୂଚନା ଅନୁସାରେ, ରବିବାର ସକାଳେ ଖଣ୍ଡଗିରି ଥାନା ପୁଲିସର ଏକ ଟିମ୍ ବରମୁଣ୍ଡା ନିକଟରେ ପାଟ୍ରୋଲିଂ କରୁଥିବାବେଳେ



କମ୍ ମୂଲ୍ୟରେ ମୋବାଇଲ ବିକ୍ରି ହେଉଥିବା ଖବର ପାଇଥିଲେ। ପୁଲିସ ଟିମ୍ ବରମୁଣ୍ଡା ମଦ ଦୋକାନ ନିକଟରେ ଚଢ଼ଉ କରି ରାଜା ଓ ସନ୍ତୋଷକୁ ଅଟକ ରଖିଥିଲେ। ତଲାସି କରିବା ପରେ ସେମାନଙ୍କ ନିକଟରୁ ଦୁଇଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ସେମାନେ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଅନେକ ମୋବାଇଲ୍ ଫୋନ୍ ଚୋରି କରି ସେଗୁଡ଼ିକୁ ଶସ୍ତାରେ ବିକ୍ରି କରୁଥିବା ଜଣାପଡ଼ିଥିଲା। ସନ୍ତୋଷ ନାମରେ ପୂର୍ବରୁ ଖଣ୍ଡଗିରି ଥାନାରେ ୩ଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

# ଗଞ୍ଜେଇ ବିକ୍ରି ଅଭିଯୋଗରେ ୩ ଗିରଫ

ଭୁବନେଶ୍ୱର,୧୪।୯ (ସମିସ): ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ଜଣେ ଅଟୋ ଚାଳକ ସମେତ ୩ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସୁବାସନଗର ବସ୍ତିର ଅମିର ଖାନ୍ ଓରଫ୍ ରାଜା (୩୨), ବାରଭୁଜା ବସ୍ତିର ବାବୁଲା ପ୍ରଧାନ (୪୭) ଓ ସହିଦନଗର ତେଲୁଗୁ ବସ୍ତିର ପ୍ରଶାନ୍ତ ବିଶ୍ୱାଳ (୩୫)। ପୁଲିସ ସୂଚନାନୁସାରେ, ଡୁମୁଡୁମା ଅଞ୍ଚଳରେ ଗଞ୍ଜେଇ ବେପାର ହେଉଥିବା ଖବରପାଇ ଖଣ୍ଡଗିରି ଥାନା ପୁଲିସ ଚଢ଼ଉ କରିଥିଲା। ରଘୁନାଥ ନଗର ଅଟୋ ଷ୍ଟାଣ୍ଡ ନିକଟରେ ରାଜା, ବାବୁଲା ଓ ପ୍ରଶାନ୍ତକୁ ଅଟକ ରଖିଥିଲା। ଛାନ୍‌ଭିନ୍ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ମୋଟ ୫ କେଜି ଓଜନର ଗଞ୍ଜେଇ ଓ ଏକ ଅଟୋ ଜବତ କରିଥିଲା। ସେମାନେ ଖୋର୍ଦ୍ଧା ଅଞ୍ଚଳରୁ ଗଞ୍ଜେଇ ସଂଗ୍ରହ କରି ଆଣି ରଘୁନାଥନଗର ଅଞ୍ଚଳରେ ବିକ୍ରି କରୁଥିବା ସ୍ୱୀକାର କରିଥିଲେ। ଏ ନେଇ ଖଣ୍ଡଗିରି ଥାନା ପୁଲିସ ଏନ୍‌ଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି।



# ଗଛ ଲଗାଇବା ସର୍ତ୍ତରେ ୧୦୦ ଅଭିଯୁକ୍ତଙ୍କୁ ଜାମିନ୍

ଭୁବନେଶ୍ୱର,୧୪।୯ (ସମିସ): ଭୁବନେଶ୍ୱର ଅନେକ ଥାନା ଅଞ୍ଚଳରୁ ଗିରଫ ହୋଇଥିବା ଏନ୍‌ଡିପିଏସ୍ ମାମଲାରେ ୧୦୦ରୁ ଊର୍ଦ୍ଧ୍ୱ ଅଭିଯୁକ୍ତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ କ୍ରମେ ଭୁବନେଶ୍ୱର କୋର୍ଟରୁ ଗଛ ଲଗାଇବାର ସର୍ତ୍ତରେ ଜାମିନ ଦିଆଯାଇଛି। ୧୦୦ରୁ ଉଦ୍ଧ୍ୱର୍ ଅଭିଯୁକ୍ତଙ୍କୁ ଦିଆଯାଇଛି ଏପରି ସର୍ତ୍ତରେ ବେଲ୍। ଚଳିତ ବର୍ଷ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଏଭଳି ଅଧିକାଂଶ ସର୍ତ୍ତରେ ଜାମିନ ଦିଆଯାଇଛି। ଯେଉଁଠି କୋର୍ଟ କେବଳ ଗଛ ଲଗାଇବା ପାଇଁ ସର୍ତ୍ତ ନୁହେଁ ବରଂ ସେହି ଲଗାଇଥିବା ଗଛର ରକ୍ଷଣାବେକ୍ଷଣ ପାଇଁ ମଧ ସର୍ତ୍ତରେ ଉଲ୍ଲେଖ କରିଛନ୍ତି। ଏପରିକି ସେ ସବୁ ଗଛ ତାର ଦେଖା ରେଖା ସହ ତାର ଯତ୍ନ ନେବା ପାଇଁ ମଧ ଦୁଇ ବର୍ଷ ଯାଏ ସେସବୁ ଉପରେ ନଜର ରଖିବା ପାଇଁ ମଧ ସ୍ଥାନୀୟ ଥାନା ମାନଙ୍କୁ ମଧ ନିର୍ଦ୍ଦେଶ ଦେଇଛନ୍ତି। ଆଉ ଏହି ସର୍ତ୍ତରେ ଖିଲାପ କଲେ ଜାମିନ ସର୍ତ୍ତ ଉଲ୍ଲଂଘନ ଆଧାରରେ ମଧ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ କୋର୍ଟ ତାଙ୍କ ନିର୍ଦ୍ଦେଶରେ ସୂଚିତ କରିଛନ୍ତି।

# ଆଜିଠୁ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ନାଟ୍ୟଲହରୀ'

ଭୁବନେଶ୍ୱର,୧୪।୯ (ସମିସ): ଓଡ଼ିଶାର ଅଗ୍ରଣୀ ନାଟ୍ୟସଂସ୍ଥା ବିଦ୍ୟାକନକ ସୃଜନାନୁଷ୍ଠାନ, ଭୁବନେଶ୍ୱର ପକ୍ଷରୁ ଆସନ୍ତାକାଲିଠାରୁ ୧୯ ତାରିଖ ପର୍ଯ୍ୟନ୍ତ ଭଞ୍ଜକଳାମଣ୍ଡପଠାରେ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ 'ନାଟ୍ୟଲହରୀ-୨୦୨୫' ପ୍ରଦର୍ଶିତ ହେବ। ଏହି ନାଟ୍ୟ ଉତ୍ସବର ପ୍ରଥମ ସନ୍ଧ୍ୟାରେ ବିଦ୍ୟାକନକ ସୃଜନାନୁଷ୍ଠାନ ନିଜସ୍ୱ ନାଟକ "ଅଶାନ୍ତ' ପରିବେଷଣ କରିବ। ପ୍ରାଣବନ୍ଧୁ କରଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଜଗଦୀଶ ପ୍ରସାଦ ମହାରଣା ଓ ସଂଗୀତ ମାନସ କୁମାର ପରିଡ଼ା ଦେଇଛନ୍ତି। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ 'ସ୍ୱର' ସମ୍ବଲପୁର, ସରୋଜ କୁମାର ଟପ୍ପୋଙ୍କ ରଚିତ ଓ ମାନସ ରଞ୍ଜନ ମିଶ୍ରଙ୍କ ନିର୍ଦ୍ଦେଶନାରେ ନାଟକ 'କାରୁବାକି' ମଞ୍ଚସ୍ଥ ହେବ। ତୃତୀୟ ସନ୍ଧ୍ୟାରେ ନାଟ୍ୟମେବଃ ଜୟତେ, ରାଉରକେଲା ଦେବାନନ୍ଦ ନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଅମର ଗାଥା' ଏବଂ ଚତୁର୍ଥ ସନ୍ଧ୍ୟାରେ ପଞ୍ଚଧ୍ୱନି ନାଟ୍ୟ ପରିଷଦର ପଞ୍ଚାନନ ଦାଶଙ୍କ ରଚିତ ନାଟକ 'ଯଥା ଗୌତମସ୍ୟ ଅହଲ୍ୟା' ପରିବେଷଣ ହେବ। 'ନାଟ୍ୟ ଲହରୀ'ର ଉଦ୍‌ଯାପନୀ ସନ୍ଧ୍ୟାରେ କାରୁଣ୍ଡ କଳାମଞ୍ଚ ଭବାନୀ ପାଟଣା ପକ୍ଷରୁ 'ଭିନ୍ନପଥେ' ପରିବେଷଣ ହେବ। ଏହି ନାଟ୍ୟ ଲହରୀ--୨୦୨୫ କାର୍ଯ୍ୟକ୍ରମର ବିଶେଷ ଆକର୍ଷଣରେ ତୃତୀୟ ସନ୍ଧ୍ୟାରେ ନାଟ୍ୟବ୍ୟକ୍ତିତ୍ୱଙ୍କ ଜୀବନ ସମ୍ବନ୍ଧୀୟ 'ଆଲୋଚନାମାଳା' ଅନୁଷ୍ଠିତ ହେବ। ଏଥିରେ ରାମଚନ୍ଦ୍ର ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ, ମନ୍ମଥ କୁମାର ଶତପଥୀ, ସଂଘମିତ୍ରା ମିଶ୍ର,ନବୀନ କୁମାର ପରିଡ଼ା ପ୍ରମୁଖ ନାଟ୍ୟକାର ଓ ନାଟ୍ୟ ବ୍ୟକ୍ତିତ୍ୱମାନେ ଯୋଗଦେବେ ବୋଲି ସୂଚନା ରହିଛି।

# ଦୋକାନ ତାଲା ଭାଙ୍ଗି ନେଇଗଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ଧଉଳି,୧୪।୯ (ସମିସ): ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅଧୀନ ଜଇସପାଟଣା ବଜାରରେ ଗତକାଲି ରାତିରେ ଏକ ହାର୍ଡୱାର ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଛି। ଚୋରି ଯାଇଥିବା ସାମଗ୍ରୀର ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କା ହେବ ବୋଲି ଦୋକାନ ମାଲିକ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ସ୍ଥାନୀୟ ଅଞ୍ଚଳର ଦୀପକ କୁମାର ଦେବଦାସ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ଜଇସପାଟଣା ବଜାରରେ ମିଷ୍ଟର କଲର୍ ପ୍ଲସ୍ ନାମରେ ଏକ ହାର୍ଡୱାର ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ରାତିରେ ଦୀପକ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ଆଜି ସକାଳେ ଦୋକାନ ଖୋଲିବାକୁ ଆସିବାବେଳେ ଦୋକାନର ତାଲା ଭାଙ୍ଗିଥିବା ଦେଖିବାକୁ ପାଇଥିଲେ। ପରେ ଦୋକାନ ତନଖି ସମୟରେ ୨ ଲକ୍ଷ ଟଙ୍କାର ରଙ୍ଗ ଏବଂ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗୃହ ନିର୍ମାଣ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଲେ। ଏ ନେଇ ଦୀପକ ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଏହି ଥାନା ଅଧିନ ଗୁଡ଼ିଆପୋଖରୀ ସାଇମନ୍ଦିର ନିକଟରେ ଥିବା ଇକ୍ ହାର୍ଡୱାର ଦୋକାନରୁ ମଧ ଚୋରି ହୋଇଥିବା ଉକ୍ତ ଦୋକାନୀ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନରୁ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଦୋକାନୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# 'ନିସ୍'ର ପଞ୍ଚଦିବସୀୟ କର୍ମଶାଳା ଉଦ୍‌ଯାପିତ



ଭୁବନେଶ୍ୱର,୧୪।୯ (ସମିସ): ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ଓ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି, ଭୁବନେଶ୍ୱରର ମିଳିତ ସହଭାଗିତାରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଡ୍ରୋନ୍ ଟେକ୍ନୋଲୋଜୀ ଓ ଏହାର ସଫଳ ଉଡାଣ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେସନ ଟେକ୍ନୋଲୋଜି, ଭୁବନେଶ୍ୱରର ପ୍ରୋଜେକ୍ଟ ଆସୋସିଏଟ୍ କୌଶିକ ମହାନ୍ତି ଓ ଟ୍ରେନର୍ ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ ଜେନା ପ୍ରମୁଖ ଯୋଗ ଦେଇ ଡ୍ରୋନ ଟେକ୍ନୋଲୋଜୀ ନିର୍ମାଣର କୌଶଳ, କାର୍ଯ୍ୟକାରିତା ଓ ଏହାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେବା ସହ ଡ୍ରୋନ୍ ନିର୍ମାଣ କୌଶଳର ସଫଳ ରୂପାୟନ ପ୍ରତିପାଦିତ କରିଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁବାଷ ଚନ୍ଦ୍ର ନାୟକ, ଡାଇରେକ୍ଟର ଡଃ ପ୍ରିୟଦର୍ଶୀ କାନୁନଗୋ, ଅଧ୍ୟକ୍ଷ ଡଃ ଦେବବ୍ରତ ରଥ ଓ କମ୍ପ୍ୟୁଟର ସାଇନ୍ସର ବିଭାଗୀୟ ମୁଖ୍ୟ-ତଥା କୋଡିନେଟର ପ୍ରଫେସର ନିହାର ରଂଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ଶିକ୍ଷାନୁଷ୍ଠାନରେ ଡିପ୍ଲୋମା ଓ ଡିଗ୍ରୀ ଇଞ୍ଜିନିୟରିଂରର ଛାତ୍ରଛାତ୍ରୀଙ୍କ ପାଇଁ ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ପ୍ରକାର କର୍ମଶାଳା, ସେମିନାର ଓ ନିଯୁକ୍ତି ଭିତ୍ତିକ ଶିକ୍ଷା ପ୍ରଦାନ କରାଯାଉଅଛି ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ ପ୍ରକାଶ କରିଅଛନ୍ତି।

# ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ଭସାଣି କମିଟିର ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୧୪।୯ (ସମିସ)

ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ଭସାଣି କମିଟିର ପ୍ରସ୍ତୁତି ବୈଠକ ଆଜି ଅନୁଷ୍ଠିତ ହୋଇଛି। ମଞ୍ଚେଶ୍ୱର ରେଳବାଇ ଉପେନ୍ଦ୍ରଭଞ୍ଜ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ କମିଟିର ସଦସ୍ୟମାନେ ଉପସ୍ଥିତ ରହି ଆଗାମୀ ଦିନରେ ମା' ଗଜଲକ୍ଷ୍ମୀଙ୍କ ପୂଜାକୁ କିଭଳି ଶୃଙ୍ଖଳିତ ଢଙ୍ଗରେ କରିହେବ, ସେନେଇ ଯୋଜନା କରିଛନ୍ତି। କମିଟି ସଭାପତି କୃଷ୍ଣଚନ୍ଦ୍ର ପତି ବୈଠକରେ ଅଧ୍ୟକ୍ଷତା କରି କହିଲେ, ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ପୂଜାରେ ୧୨ରୁ ଅଧିକ ମେଢ଼ ସାମିଲ ହେବେ। କ୍ଲବ ଟାଉନ୍ ପଡ଼ିଆରୁ ମେଢ଼ଗୁଡ଼ିକ ବାହାରି ନାଲକୋ ଛକ ପର୍ଯ୍ୟନ୍ତ ଧାଡ଼ି ହୋଇଯିବ। ପାରମ୍ପରିକ ବାଦ୍ୟନୃତ୍ୟ ସହ ଘଣ୍ଟଘଣ୍ଟୁଆଙ୍କ ଦୁରା ବାଜାରେ ମା'ଙ୍କୁ ମେଲାଣି ଦିଆଯିବ। ଉତ୍ତର ଭୁବନେଶ୍ୱରରେ ମା' ଦୁର୍ଗାଙ୍କ ଭସାଣି ସମୟରେ କିଛି ନେତା ଯେଉଁଭଳି ଭାବେ ନିଜ ନିଜ ଭିତରେ ଟଣାଓଟରା ହେଉଛନ୍ତି, ତାହା ଅତ୍ୟନ୍ତ ନିନ୍ଦନୀୟ। ରାଜନୀତିରୁ ଊର୍ଦ୍ଧ୍ୱରେ ରହି ମା'ଙ୍କ ଭସାଣିରେ ସମସ୍ତେ ସାମିଲ ହେବାକୁ ସେ ଆହ୍ୱାନ ଦେଇଥିଲେ। କମିଟିର ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ଭସାଣି ଉତ୍ସବ କିଭଳି ଅନୁଷ୍ଠିତ ହେବ, ସେ ସଂପର୍କରେ ଅବଗତ କରାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଗାଡ଼କଣ ବରିଷ୍ଠ ନାଗରିକ କମିଟି ତଥା ଉତ୍ତର ଭୁବନେଶ୍ୱର ଗଜଲକ୍ଷ୍ମୀ ପୂଜାର ଉପଦେଷ୍ଟା ସୁର ପାତ୍ର, କିଶୋର ସାହୁ, ରଶାନ୍ତ ସାହୁ, ଧରିତ୍ରୀ ଜେନା, ଗାଡ଼କଣ ସାର୍ବଜନୀ ପୂଜା



କମିଟି ସଭାପତି ଚନ୍ଦ୍ରକାନ୍ତ ସାହୁ, ବିଡିଏ କଲୋନି ଲକ୍ଷ୍ମୀ ପୂଜା କମିଟି ସମ୍ପାଦକ ପ୍ରମେଶ ସାହୁ, ଉତ୍ତର ଭୁବନେଶ୍ୱର ଭସାଣି ସମିତି ସାଧାରଣ ସମ୍ପାଦକ ତଥା ଉତ୍ତର ଗଜଲକ୍ଷ୍ମୀ ପୂଜା କମିଟିର ଉପଦେଷ୍ଟା ସରୋଜ ମଲ୍ଲିକ, ପ୍ରେସ୍ ଛକ ପୂଜା କମିଟି ସଭାପତି ଲୋକନାଥ ମହାରଣା, ରେଳବାଇ ଲକ୍ଷ୍ମୀପୂଜା କମିଟି ସଦସ୍ୟ କୀର୍ତ୍ତିରଞ୍ଜନ ନନ୍ଦ, ଦାସରଜା ଲକ୍ଷ୍ମୀ ପୂଜା କମିଟି ସଭାପତି ପବିତ୍ର ପାତ୍ର, ଲକ୍ଷ୍ମୀବିହାର ଗଜଲକ୍ଷ୍ମୀ ପୂଜା କମିଟି ଉପସଭାପତି ନିନା ରାଉତ, ଶୈଳଶ୍ରୀ ବିହାର ଲକ୍ଷ୍ମୀପୂଜା କମିଟି ସମ୍ପାଦକ ସୁଶିଲ ପଣ୍ଡା, ରାଧାକାନ୍ତ ବେହେରା, ଘନ ବେହେରା, କଲ୍ୟାଣପୁର ପୂଜକମିଟି ସଦସ୍ୟ ବୁବୁନା ସାହୁ, ବେଣୁଧର ସାହୁ, ଅଶୋକ କୁମାର ନାୟକ, ଦୀପକ ଷେଣ୍ଠେ, ଅମୀୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**ଜାଣି ଅଜଣା ତହସିଲ**

# ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ କରି ଢାବା

**ବଲାଙ୍ଗିର, ୧୪।୯ (ସମିସ)**

ବଲାଙ୍ଗିର ଜିଲ୍ଲାରେ ସରକାରୀ ଜମି ଜବରଦଖଲ ଏକ ସମସ୍ୟା ହୋଇଛି। ଏହି ଜବରଦଖଲ ଉଚ୍ଛେଦ କରିବା ତା’ ଠାରୁ ବଡ ସମସ୍ୟା ହୋଇରହିଛି। ଯାହାର ଏକ ବଡ ଉଦାହରଣ ହେଉଛି ଲୋଇସିଂହା ତହସିଲ ଅଧୀନ ବୁର୍ଡାଛକଠାରେ ହୋଇଥିବା ଜବରଦଖଲ। ୩ ବର୍ଷ ହେଲା ଚାଷୀମାନେ ନିଜ ଜମିକୁ ରାସ୍ତା ପାଉ ନାହାନ୍ତି। ଅଥଚ ଜମି ଆଗରେ ଥିବା ସରକାରୀ ଜମି ଉପରେ ବେଆଇନ ନିର୍ମାଣ କରି ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚ ଢାବା ବ୍ୟବସାୟ ଚଳାଇଛନ୍ତି। ୨୦୨୧ ମସିହାରୁ ଏହି ସରକାରୀ ଜମି ଛାଡିବାକୁ ତହସିଲ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ପର୍ଯ୍ୟନ୍ତ କିନ୍ତୁ ସେ ଦ୍ୱୟ ଜମି ଛାଡିନାହାନ୍ତି। ଜବରଦଖଲ ହୋଇଥିବା ଜମି ପୁଣି ଗ୍ରାମ୍ୟ ଜଙ୍ଗଲ କିସମର ବୋଲି ଚାଷୀ ଅଭିଯୋଗ କରିଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲ ଅଧୀନରେ ଥିବା ବୁର୍ଡା ଛକଠାରେ ବେଆଇନ ଭାବେ ସରକାରୀ ଜମି ଜବରଦଖଲ ହୋଇଛି। ୩ ବର୍ଷ ହେଲା ଅଭିଯୋଗ ହୋଇଆସୁଛି। ଏହି ସରକାରୀ ଜମିକୁ ପୂର୍ବତନ ସରପଞ୍ଚ ସହଦେବ ସା ମାଡି ବସିଛନ୍ତି। ସେଠାରେ ସେ ବେଆଇନ ନିର୍ମାଣ କରିବା ସହ ଢାବା ଚଳାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀମାନେ ନିଜ ଜମିକୁ ରାସ୍ତା ପାଉ ନାହାନ୍ତି ବୋଲି ୩ ବର୍ଷ ହେଲା ଅଭିଯୋଗ କରିଆସୁଛନ୍ତି। ଏନେଇ ଚାଷୀ ଟିଙ୍କୁ ସାହୁଙ୍କ ନେତୃତ୍ୱରେ ଅନେକ ଚାଷୀ ୨୦୨୧ ମସିହାରେ ପ୍ରଥମେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ସ୍ଥାନୀୟ ତହସିଲ ପକ୍ଷରୁ ଛାନଭିନ କରାଯାଇଥିଲା। ପୂର୍ବତନ ସରପଞ୍ଚ ସହଦେବ ସା ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ତହସିଲ ଅର୍ଡର ସିଟ୍ ଅନୁସାରେ ବୁର୍ଡା ଗାଁ କେସ୍ ନଂ ୫୦/୨୦୨୧ରେ ସହଦେବ ସା ଖାତା ନଂ ୩୫୩ର ପ୍ଲଟ ନଂ ୧୨୬୮ରେ ୫୦ ଡିସମିଲ ସରକାରୀ ଜମି ଜବରଦଖଲ କରିଥିବା ଜଣାପଡ଼ିଥିଲା। ଏହି ଜମିର କିସମ ଗ୍ରାମ୍ୟ ଜଙ୍ଗଲ ହୋଇଥିବାରୁ ତୁରନ୍ତ ଖାଲି କରିବାକୁ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ଏହାକୁ ପ୍ରାୟ ୨ ବର୍ଷ ବିତିସାରିଛି। ଆଜି ପର୍ଯ୍ୟନ୍ତ କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହି ସରକାରୀ ଜମିରେ ଏକ ଢାବା ନିର୍ମାଣ ହୋଇଛି। ଏହି ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ହେଉଥିବା ନେଇ ମଧ୍ୟ ଅନେକ ଅଭିଯୋଗ ରହିଛି।

**ଚାଷୀଙ୍କ ଜମିକୁ ମିଳୁନି ରାସ୍ତା**

**୩ ବର୍ଷ ହେଲା ଗଡ଼ୁଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା**

**ଜବରଦଖଲ ଜମିରେ ସରପଞ୍ଚ ବାପ-ପୁଅଙ୍କ ବ୍ୟବସାୟ**

ଏପରିକି ପୁଲିସ ଅତୀତରେ ଏହି ଢାବାରୁ ମଦ ମଧ୍ୟ ଜବତ କରିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ବୁର୍ଡା ପଞ୍ଚାୟତର ପୂର୍ବତନ ସରପଞ୍ଚ। ବର୍ତ୍ତମାନ ତାଙ୍କ ପୁଅ ସୁଦୀପ ସା ସରପଞ୍ଚ ରହିଛନ୍ତି। ଏପରିକି ବର୍ତ୍ତମାନର ସରପଞ୍ଚ ବିଜେପି ସହ ରହିଛନ୍ତି। ଉଭୟ ବିଧାୟକ ମୁକେଶ ମହାଲିଙ୍ଗ ଓ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓଙ୍କ ସହ ତାଙ୍କର ଘନିଷ୍ଠତା ରହିଛି। ଗୋଟିଏ ପଟେ ବିଜେପି ସରକାରର ରାଜସ୍ୱ ମନ୍ତ୍ରୀ ନିଜେ ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତ ଜିଲ୍ଲାପାଳଙ୍କୁ ଏନେଇ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି; କିନ୍ତୁ ତାଙ୍କ ଦଳ ସମର୍ଥିତ ସରପଞ୍ଚ ନିଜେ ଗ୍ରାମ୍ୟ ଜଙ୍ଗଲ ମାଡି ବସି ଢାବା ଚଳାଇଥିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ଉଚ୍ଛେଦ ନ ହେବା ସମସ୍ତଙ୍କୁ ଚକିତ କରିଛି। ଏନେଇ ସ୍ଥାନୀୟ ତହସିଲଦାର ଫୋନ୍ ନ ଉଠାଇବାରୁ ପ୍ରତିକ୍ରିୟା ମିଳିନି। ତେବେ ସରକାରୀ ଜମି ଉପରୁ ଉଚ୍ଛେଦ କରିବା ପାଇଁ ଯୋଜନା ରହିଛି; କିନ୍ତୁ କାହିଁକି ହେଉନାହିଁ ସେ ଜାଣିନାହାନ୍ତି ବୋଲି ଜଣେ କର୍ମଚାରୀ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଜଙ୍ଗଲ ଭଳି କିସମ ଜମିକୁ ଜବରଦଖଲ କରିବା ଏକ ବଡ ଅପରାଧ। ଏହାକୁ ଚାପିଦେବାକୁ ଷଡଯନ୍ତ୍ର କରିବା ତା’ ଠାରୁ ବଡ ଅପରାଧ ବୋଲି ଚାଷୀ କହିଛନ୍ତି। ତେବେ ଏହି ଗ୍ରାମ୍ୟ ଜଙ୍ଗଲ ଜମିରୁ କେବେ ଉଚ୍ଛେଦ କରାଯିବ ତାହା ଦେଖିବାକୁ ବାକି ରହିଲା ବୋଲି ଚାଷୀ କହିଛନ୍ତି।

## ମରଣାଯନ୍ତା ପାଲଟିଛି ପାଇପ୍ ଲାଇନ ଗର୍ତ୍ତ



**ତୁଷୁରା, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଏନଏସିର ଧରୁଆପଡ଼ା ଛକରେ ଥିବା ପାଇପ୍ ଲାଇନ ଖୋଲା ପଡ଼ି ରହିଛି। ଏହି ରାସ୍ତା ହେଉଛି ତୁଷୁରାର ମୁଖ୍ୟ ରାସ୍ତା; କିନ୍ତୁ ଜନସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ ପଡ଼ି ରହିଛି। ଗତ କିଛି ଦିନ ହେଲା ରାସ୍ତା ପାଇଁ ତୁଷୁରା ସହର ବାସିନ୍ଦା ଆନ୍ଦୋଳନ କରିଥିଲେ; କିନ୍ତୁ ଯେତେ ଆନ୍ଦୋଳନ କଲେ ବି କିଛି ଫରକ ପଡୁନି। ବିଭାଗୀୟ ଅଧିକାରୀ ମଧ୍ୟ ଧ୍ୟାନ ଦେଉ ନାହାନ୍ତି। ପ୍ରାୟ ସବୁ ରାସ୍ତାରେ ଥିବା ପାଇପ୍ ଲାଇନ କାମ ଅଧ ପନ୍ତରିଆ ଛାଡି ଦିଆଯାଇଛି। ଏଣୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳୁଛି। ଏଠାରେ ବିଭିନ୍ନ ସମୟରେ ଗାଡି ଯିବା ଆସିବା ସମୟରେ ଗାତରେ ପଡ଼ି ବିଭିନ୍ନ ପ୍ରକାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଧରୁଆପଡ଼ା ଭିତରେ ବସବାସ କରୁଥିବା ଲୋକମାନେ ବାଇକରେ ଯାଉଥିବା ସମୟରେ ମଧ୍ୟ ଗାଡି ଖସି ଦୁର୍ଘଟଣା ଘଟୁଛି। ଏହାପ୍ରତି ଯଦି ପ୍ରଶାସନ ତଥା ଜନସ୍ୱାସ୍ଥ୍ୟ ବିଭାଗ ଧ୍ୟାନ ନ ଦେବ ତାହାହେଲେ ଆନ୍ଦୋଳନ ପନ୍ଥା ଆପଣେଇ ରାସ୍ତାରୋକ କରିବା ପାଇଁ ଧାରୁଆପଡ଼ା ବାସୀ ଓ ତୁଷୁରା ଜନସାଧାରଣ ଚେତାବନୀ ଦେଇଛନ୍ତି।

## ଗୋବିନ୍ଦ ସାହୁ ଆତ୍ମହତ୍ୟା ଘଟଣାର ପୁଣି ତଦନ୍ତ

**କଣ୍ଟାବାଞ୍ଜି, ୧୪।୯ (ସସିସ):** ବହୁ ଚର୍ଚ୍ଚିତ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁ ଜେଲ୍ ଭିତରେ ସନ୍ଦେହ ଜନକ ସ୍ଥିତିରେ ଆତ୍ମହତ୍ୟା କରିଥିବା ଘଟଣାର ତଦନ୍ତ ପୁଣି ଆରମ୍ଭ ହୋଇଛି। କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସ୍‌ପି ବିଜୟ ମଲ୍ଲିକଙ୍କ ସହ ଏକ ୩ ଜଣିଆ ଟିମ୍ କଣ୍ଟାବାଞ୍ଜି ଉପ କାରାଗାରରେ ପହଞ୍ଚି ତଦନ୍ତ କରିଛନ୍ତି। ଜେଲ୍ ଭିତରେ ସେ କିଭଳି ଓ କେଉଁଠି ଗାମୁଛା ସାହାଯ୍ୟରେ ଆତ୍ମହତ୍ୟା କରିଲେ ସେ ନେଇ ଏହି ଟିମ୍ ଜେଲର ରଘୁରାଜ ମାଝୀଙ୍କ ସହ ଆଲୋଚନା କରିଛନ୍ତି। ଆତ୍ମହତ୍ୟା ସମୟରେ କ’ଣ ସ୍ଥିତି ଥିଲା, ଗୋବିନ୍ଦଙ୍କ ସ୍ୱାସ୍ଥ୍ୟ ଅବସ୍ଥା କେମିତି ଥିଲା ଏସବୁ ଦିଗରେ ଏହି ଟିମ୍ ତଦନ୍ତ କରିଥିଲା। ପରେ ଏହି ଟିମ୍ କଣ୍ଟାବାଞ୍ଜି କୋର୍ଟକୁ ମଧ୍ୟ ଯାଇ ଏହି ମାମଲାରେ ଥିବା କାଗଜପତ୍ର ଏବଂ ଅନ୍ୟ ଦିଗରେ ତଦନ୍ତ କରିଛନ୍ତି। ଅନ୍ୟପକ୍ଷେ ଜେଲ୍ ଭିତରେ ଥିବାବେଳେ ଡାକ୍ତର କ’ଣ ସବୁ ଔଷଧ ଦେଉଥିଲେ ସେ ନେଇ ଛୁଟିରେ ଥିବା ଡାକ୍ତର ସୋମ୍ୟଶ୍ରୀ ପ୍ରିୟଦର୍ଶୀ ପଣ୍ଡା ଫୋନରେ ସୂଚନା ଦେଇଥିଲେ।

## ଶକ୍ତିପୀଠରେ ଷୋଳପୂଜା ଆରମ୍ଭ

**ବଲାଙ୍ଗିର, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲାରେ ଥିବା ପ୍ରମୁଖ ଶକ୍ତିପୀଠଗୁଡିକ ଚଳଚଞ୍ଚଳ ହୋଇପଡ଼ିଛି। ରବିବାର ଖଣ୍ଡାଧୁଆ ପରମ୍ପରାଠାରୁ ମା’ଙ୍କ ଆବାହନ ଆରମ୍ଭ ହୋଇଛି। କୁଶଙ୍ଗର ମା’ କୁଶୁଙ୍ଗାଇ, ସିନ୍ଦେଧକେଲାର ମା’ ଦ୍ୱାରସେନୀ, ସାଉନ୍ତପୁରର ମା’ ସାଉନ୍ତେଇ, ପାଟଣାଗଡ଼ର ମା’ ପାଟଣେଶ୍ୱରୀ, ତୁଷୁରାର ମା’ ସମଲେଶ୍ୱରୀ, ଦେଓଗାଁର ମା’ ପାଟଖଣ୍ଡା ପୀଠରେ ରବିବାର ମୂଳାଷ୍ଟମୀ ତିଥିରୁ ଷୋଳପୂଜା ଆରମ୍ଭ ହୋଇଛି।

## ଲୋଇସିଂହା ଥାନା ଅଞ୍ଚଳରେ ଅପରେସନ ‘ପ୍ରହାର’

**ଲୋଇସିଂହା, ୧୪।୯ (ସମିସ):** ଗୁଟଖା ଓ ସିଗାରେଟ ଉପରେ ଏବେ ପୁଲିସର ନଜର। ଅପରେସନ ‘ପ୍ରହାର’ ଅଭିଯାନରେ ସବୁଆଡ଼େ ଗୁଟଖା ଓ ସିଗାରେଟ ବିକ୍ରି ନେଇ ଚଢ଼ଉ ଚାଲିଛି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହି ଚଢ଼ଉ ଜାରି ରହିଛି। ଏହିକ୍ରମରେ ଲୋଇସିଂହା ଥାନା ଅଞ୍ଚଳରେ ମଧ୍ୟ ବିଭିନ୍ନ ସ୍ଥାନରେ ଗୁଟଖା ଓ ସିଗାରେଟ ବିକ୍ରି ନେଇ ଚଢ଼ଉ କରାଯାଇଛି। ଏହି ଚଢ଼ଉ ଗତ ୧ ତାରିଖରୁ ଆରମ୍ଭ ହୋଇଥିଛି। ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ଲୋଇସିଂହା ଥାନା ଅଧିକାରୀ ଯାଜ୍ଞସେନି ନାୟକଙ୍କ ନେତୃତ୍ୱରେ ୧୪ ତାରିଖ ସୁଦ୍ଧା ୯ ଟି ମାମଲା କରାଯାଇଛି। ଏହି ଚଢ଼ଉରେ ବହୁ ପରିମାଣର ଗୁଟଖା ଓ ସିଗାରେଟ ପୁଲିସ ଜବତ କରିଛି।

## ଅଭିଯୋଗ ସତ୍ତ୍ୱେ ଆବାସ ଦୁର୍ନୀତିର ତଦନ୍ତ ହେଉନି

**କଣ୍ଟାବାଞ୍ଜି, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକର ଅନେକ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଘର ଯୋଜନାରେ ଦୁର୍ନୀତି ହୋଇଛି। ଘର ନିର୍ମାଣ ହୋଇନାହିଁ; ହେଲେ ଘର ବାବଦକୁ ଟଙ୍କା ଉଠିଛି। ଜିଓ ଟ୍ୟାଗିଂ କରୁଥିବା କର୍ମଚାରୀ ଓ କିଛି ବ୍ଲକ କର୍ମଚାରୀ ମିଶି ଟଙ୍କା ହଡପ କରିଥିବା ତଥ୍ୟ ସାମ୍ନାକୁ ଆସିଛି। ଚଟୁଅନକା ପଞ୍ଚାୟତରେ ୨୦୨୪ରେ ଏହି ଦୁର୍ନୀତି ହୋଇଛି। ଜନଶୁଣାଣି ଶିବିରରେ ତାରିଣୀ ୟୁଥ୍ କ୍ଲବ୍ ଏହି ଅଭିଯୋଗ ଆଣିଥିଲା। ଏହପରେ ଆବାସ ଘର ଦୁର୍ନୀତିରେ ଲିପ୍ତ ଜିଓଟ୍ୟାଗ ହେମନ୍ତ ଦାସଙ୍କୁ ବ୍ଲକଘ ପ୍ରଶାସନ ବହିଷ୍କାର କରିଥିଲା। ତେବେ ଏଥିରେ ସମ୍ପୃକ୍ତ ଥିବା ଜଣେ ଜନ ପ୍ରତିନିଧିଙ୍କ ସ୍ୱାମୀଙ୍କ ବିରୋଧରେ ଏବେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ଗାଁରେ ତିଆରି ହୋଇଥିବା ପ୍ରଧାନମନ୍ତ୍ରୀ ଆବାସ ଘର ତିଆରି କରିବା ଏବଂ ବିଭିନ୍ନ ସମୟରେ ଟଙ୍କା ପାଇବା ନାଁରେ ହିତାଧିକାରୀଙ୍କଠାରୁ ସେ ମୋଟା ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ଏହାର ଏକ କଲ୍ ରେକର୍ଡି ମଧ୍ୟ ଭାଇରାଲ ହେଉଛି। ବ୍ଲକ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ସରପଞ୍ଚ ଜ୍ଞାନରଞ୍ଜନ ତାଣ୍ଡି କହୁଛନ୍ତି। ଏଭଳି ଆବାସ ଦୁର୍ନୀତିକୁ ସହଜରେ ଛାଡି ଦିଆଯିବ ନାହିଁ ବୋଲି ସେ କହିଛନ୍ତି। ଗାଁର ୩୨ ଜଣ ହିତାଧିକାରୀଙ୍କଠାରୁ ଟଙ୍କା ନିଆଯାଇଥିବା ସେ ପ୍ରକାଶ କରିଛନ୍ତି।

## ଛାତ୍ରଛାତ୍ରୀ ନୀତିଗତ ଶିକ୍ଷାରେ ମଧ୍ୟ ମନୋନିବେଶ କରିବା ଆବଶ୍ୟକ

**ବଲାଙ୍ଗିର, ୧୪।୯ (ସମିସ) :** ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହେଲେ ସମାଜ ଦୁର୍ବଳ ହେବ। ସମାଜ ଦୁର୍ବଳ ହେଲେ ସମଗ୍ର ରାଷ୍ଟ୍ର ଦୁର୍ବଳ ହୋଇଯିବ। ଛାତ୍ରଛାତ୍ରୀ କେବଳ ବୃତ୍ତିଗତ ଯୋଗ୍ୟତା ପାଇଁ ଶିକ୍ଷା ପ୍ରତି ଆକୃଷ୍ଟ ନ ହୋଇ ନୀତିଗତ ଶିକ୍ଷାରେ ମଧ୍ୟ ମନୋନିବେଶ କରିବା ଆବଶ୍ୟକ। ସ୍ଥାନୀୟ ପି ପି ଏକାଡେମୀ ସଭାକକ୍ଷରେ ବଲାଙ୍ଗିରର ଅଗ୍ରଣୀ ସାହିତ୍ୟ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ‘ରଚନା’ ପକ୍ଷରୁ ଆୟୋଜିତ ‘ଆମ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସମାଜର ବିକାଶ ପାଇଁ କେତେ ସହାୟକ?’ ଶୀର୍ଷକ ଆଲୋଚନାଚକ୍ରରେ ଏଭଳି ମତ ପ୍ରକାଶ ପାଇଛି। ଏଥିରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବନମାଳୀ ପାଣିଗ୍ରାହୀ, ସୁଲେଖକ ଶେଖ ଅବଦୁଲ୍ କାଶମ, ରେଭେନ୍ସା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ଆରତୀ ତ୍ରିପାଠୀ, ହେମନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକମାନଙ୍କ ଭିତରେ



ଶିକ୍ଷା ପ୍ରତି ଆନ୍ତରିକତା ରହିବା ଦରକାର। ସମ୍ପ୍ରତି ଶିକ୍ଷା ବ୍ୟବସ୍ଥା ଭିତରେ ପ୍ରାଚୀନ ଶିକ୍ଷା ପଦ୍ଧତିକୁ ମଧ୍ୟ ସାମିଲ କରାଯିବା ଆବଶ୍ୟକ। କେବଳ ଛାତ୍ରଛାତ୍ରୀମାନଙ୍କ ସ୍କୁଲ ବ୍ୟାଗର ଓଜନ ନ ବଢ଼ାଇ ସେମାନଙ୍କ ଭିତରେ ନୈତିକ ମୂଲ୍ୟବୋଧ, ସାମାଜିକ ଜ୍ଞାନର ବିକାଶ କରିବାକୁ ହେବ। ଶିକ୍ଷକମାନଙ୍କୁ କେବଳ ଶିକ୍ଷାଦାନ ପାଇଁ ସୁଯୋଗ ଦେବା ଦରକାର। ସେମାନଙ୍କୁ ଅନ୍ୟ କାର୍ଯ୍ୟରେ ନିୟୋଜିତ ନ କଲେ ଭଲ। ତେବେ ଯାଇ ସେମାନଙ୍କ ଭିତରେ ଶିକ୍ଷାଦାନ ପ୍ରତି ଆଗ୍ରହ ବଢ଼ିବ ବୋଲି ଅତିଥିଗଣ ମତ ଦେଇଥିଲେ। ଆନନ୍ଦ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ସହସମ୍ପାଦକ ରତ୍ନମୟ ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ‘ରଚନା’ର ସମ୍ପାଦକ ଭାଗୀରଥି ମିଶ୍ର, କୋଷାଧ୍ୟକ୍ଷ ମୃଗେଶ ବୈଷ୍ଣବ ପାଣିଗ୍ରାହୀଙ୍କ ସମେତ ଅନେକ ଶିକ୍ଷାବିତ୍, ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ‘ରଚନା’ର ସଭାପତି ସନାତନ ଠାକୁର ଧନ୍ୟବାଦ ଦେଇଥିଲେ।

## ପୁଅମାନଙ୍କ ପାଇଁ ମା’ଙ୍କ ବ୍ରତ

**ବଲାଙ୍ଗିର ଜିଲ୍ଲାରେ ପାଳିତ ହେଲା ପୁଅଜିଉନ୍ତିଆ**

**ବଲାଙ୍ଗିର, ୧୪।୯ (ସମିସ):** ଆଶ୍ୱିନ ଆଗମନରେ ଆରମ୍ଭ ହୋଇଛି ପାର୍ବଣ ଋତୁ। ପ୍ରାୟତଃ ଆଶ୍ୱିନରେ ଶକ୍ତିପୀଠଗୁଡ଼ିକରେ ମା’ଙ୍କ ପୂଜା ଆରମ୍ଭ ହୋଇଥାଏ। ମୂଳାଷ୍ଟମୀଠାରୁ ଆରମ୍ଭ ହୋଇ ଏହି ପୂଜା ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ। ତେବେ ବିଶେଷ କରି ପଶ୍ଚିମଓଡ଼ିଶାରେ ମୂଳାଷ୍ଟମୀ ତିଥିରେ ମା’ମାନେ ନିଜ ପୁଅମାନଙ୍କ ପାଇଁ ବ୍ରତ ରଖିଥାନ୍ତି; ଯାହାକୁ ପୁଅ ଜିଉନ୍ତିଆ ବୋଲି କୁହାଯାଇଥାଏ। ରବିବାର ବଲାଙ୍ଗିର ଜିଲ୍ଲାରେ ବେଶ୍ ଉସାହର ସହ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ପୁଅମାନଙ୍କ ଦୀର୍ଘାୟୁ ଓ ଶୁଭକାମନା ପାଇଁ ମା’ମାନେ ଏହି ବ୍ରତ କରିଥାନ୍ତି। ନିର୍ଜଳା ଉପବାସ ରହି ସନ୍ଧ୍ୟାରେ ମହିଳାମାନେ ଗୋଟିଏ ସ୍ଥାନରେ ରୁଣ୍ଡ ହୋଇ ଏହି ପୂଜା ପାଳିଥାନ୍ତି। ଏହି ପୂଜାର ସ୍ୱତନ୍ତ୍ର ବିଧି ରହିଛି। ପୁଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସୁରକ୍ଷା କାମନା କରି ମା’ମାନେ ଏହି ପୂଜା କରିଥାନ୍ତି। ଏହା ବିଶେଷ କରି ପଶ୍ଚିମଓଡ଼ିଶାରେ ପାଳିତ ହୋଇଥାଏ। ରବିବାର ବଲାଙ୍ଗିର ଜିଲ୍ଲାର ପ୍ରସୟ ସମସ୍ତ ଅଞ୍ଚଳରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ସଂଧ୍ୟା ସମୟରେ ପୂଜା କରିବା ପରେ ପରଦିନ ପୁଅମାନଙ୍କୁ ଜିଉନ୍ତିଆ ବନ୍ଧାଇଥାନ୍ତି। ଯାହାକି ପୁଅମାନଙ୍କୁ ସମସ୍ତ ପ୍ରକାର ବାହ୍ୟ କୁଶକ୍ତି ନଜରରୁ ବଞ୍ଚାଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପୂଜା ଜିଲ୍ଲାର ସମସ୍ତ ଗାଁ ଗଳିକନ୍ଦିରେ ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହି ଦିନଠାରୁ ହିଁ ବିଶେଷ କରି ପାର୍ବଣ ଆରମ୍ଭ ହୋଇଥାଏ।

**ମାଁ ପାଟଖଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତ**

## ଖଣ୍ଡାବସା ଶୁଭାରମ୍ଭ ଓ ଗୁଡିଚଢ଼ା ପର୍ବ ଆରମ୍ଭ

**ଦେଓଗାଁ, ୧୪।୯ (ସମିସ):** ଦେଓଗାଁ ବ୍ଲକ ଜରାସିଂହାରେ ବଲାଙ୍ଗିର ଜିଲ୍ଲାର ଐତିହାସିକ ମାଁ ପାଟଖଣ୍ଡା ଯାତ୍ରା ନେି ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏଥିପାଇଁ ଲଗ୍ନ ଅନୁସାରେ କାର୍ଯ୍ୟସୂଚୀ ପ୍ରସ୍ତୁତ ହୋଇଥିବା ଆୟୋଜନ କମିଟି ସୂଚନା ଦେଇଛି। ଏହି ଐତିହ୍ୟ ସମ୍ପନ୍ନ ପାଟଖଣ୍ଡା ଯାତ୍ରାର ନିୟମାନୁସାରେ ଭାଦ୍ରବ ପୂର୍ଣ୍ଣିମା ତିଥିରେ କଣ୍ଟାଫିଟା ଯାତ୍ରା ଆରମ୍ଭ ହୋଇଛି। ରବିବାର ମୂଳାଷ୍ଟମୀ ତିଥିରେ ଖଣ୍ଡାବସା ଓ ଗୁଡିଚଢ଼ା ପର୍ବ ଅନୁଷ୍ଠିତ ହୋଇଥିଲା। ଗତ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଜେନା ବିରୂପାଣି ଦେବତାଙ୍କ ବରୁଆ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ଦେହୂରୀ ବୁଦ୍ଧୁ ପଥ୍ରୀମାଳିଙ୍କ ଅସୁସ୍ଥତା ହେତୁ ତାଙ୍କ ବଡପୁଅ ବସନ୍ତ ପଥ୍ରୀମାଳି ଚଳିତବର୍ଷ ଜେନା ବିରୂପାଣି ଦେବତାଙ୍କ ବରୁଆ ଦାୟିତ୍ୱରେ ରହିଛନ୍ତି। ଚଳିତବର୍ଷ ନୀତି ନିର୍ଘଣ୍ଟ ଅନୁସାରେ ଚଳିତମାସ ୨୧ରେ ଉଚ୍ଚଗୁଡି ପୂଜା ଆରମ୍ଭ ହେବ। ୨୮ରେ ପାଟଣାଗଡ଼କୁ ପାଟସିନ୍ଦୂର ଆଣିଯିବ। ୨୯ରେ ରାଜବାଟୀ ପୂଜା ହେବ। ଅକ୍ଟୋବର ୧ରେ ପାଟସିନ୍ଦୂର ବରଣ ହେବ। ୨ରେ ସାଲେପାଲି ନିକଟସ୍ଥ ସୋନଗଡ଼ ନଦୀକୂଳ ଦେଝାର ପୀଠରେ ସନ୍ଧ୍ୟା ୫ଟା ୫୨ ମଧ୍ୟେ ଦେବତାଙ୍କ ଆବିର୍ଭାବ ଓ ଫଳ ପ୍ରଦାନ ସହ ମୁଖ୍ୟଯାତ୍ରା ଆରମ୍ଭ ହେବ। ୩ ରେ ଦେବତାଙ୍କ ବଉରାପିଟା ସ୍ଥଳକୁ ଆଗମନ ହେବ। ୫ ତାରିଖ ରାତିରେ ନିଶିଗୁଡି ଯାତ୍ରା ଅନୁଷ୍ଠିତ ହେବ। ୬ ତାରିଖ ଅପରାହ୍ନରେ ଦେବତାଙ୍କ ଦେଝାରକୁ ବାହୁଡା ବିଜୟ ଉତ୍ସବ ଅନୁଷ୍ଠିତ ହେବ। ଆୟୋଜକ ଗ୍ରାମ୍ୟ ଉନ୍ନୟନ କମିଟି ଓ ବିଏନଏଏ ତରଫରୁ ଏହି ସୂଚନା ଦିଆଯାଇଛି।



## ଜିଲ୍ଲା ପାଇଁ ଆନ୍ଦୋଳନ ଚେତାବନୀ



**ଟିଟିଲାଗଡ଼, ୧୪।୯ (ସମିସ):** ରାଜ୍ୟରେ ୧୯୯୨ରେ ୧୩ରୁ ୩୦ ଜିଲା ଗଠନ ହୋଇଛି। ରାଜ୍ୟର ଅନ୍ୟତମ ବୃହତ ଉପଖଣ୍ଡ ଟିଟିଲାଗଡ଼ କିନ୍ତୁ ଜିଲା ମାନ୍ୟତା ପାଇବାରୁ ବଞ୍ଚିତ ରହିଛି। ଏଣୁ ସେ ସମୟରୁ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ସହ ଆନ୍ଦୋଳନ ଜାରି ରହିଛି। ତେବେ ଟିଟିଲାଗଡ଼ ଜିଲା ଦାବିକୁ ନେଇ ସ୍ଥାନୀୟ ଓକିଲ ସଂଘ ସଭାଗୃହରେ ଏକ ସଭା ବସିଥିଲା। ଜିଲା କ୍ରିୟାନୁଷ୍ଠାନ କମିଟି ଆବାହକ ଆଇନଜୀବୀ ସଞ୍ଜୟ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଜୈନ, ନାଗରିକ ମଞ୍ଚ ସଭାପତି ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୁରିବାହାଲ ଓକିଲ ସଂଘ ସଭାପତି ଜିତେନ ହାତୀ, ପୂର୍ବତନ ନଗରପାଳ ଭବାନୀ ପ୍ରସାଦ ହୋତା, ସନ୍ତୋଷ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସଂଯୁକ୍ତା ନାଏକଙ୍କ ସମେତ ଅଞ୍ଚଳର ବିଭିନ୍ନ ରାଜନୈତିକ ସଂଗଠନ, ସାମାଜିକ ସଂଗଠନ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାମ୍ବର୍ସ ଅଫ କମର୍ସ ସଭାପତି ଈଶ୍ୱର ଜୈନ, ଅଞ୍ଜଳି ବେହେରା, ଲଳିତା ଲାଠ, ଉପଖଣ୍ଡ ଯାଦବ ମହାସଭା ସଭାପତି ଘିନୁ ଆଡ଼ୟୁଆଡ଼, ଶୁଣ୍ଢୀ ସମାଜ ସଭାପତି ଦୟା ବେହେରା, ବ୍ରାହ୍ମଣ ସମାଜ ପ୍ରତିନିଧି ଚିନ୍ତାମଣି ମହାପାତ୍ର, ଅଗ୍ରୱାଲ ସଭା ସଚିବ ସଞ୍ଜୟ ବଂଶଲ, ରୋଟାରି କ୍ଲବ୍ ପ୍ରତିନିଧି ମହେଶ ଇନ୍ଦୋରିଆ, କଂଗ୍ରେସ ନେତା ଡମ୍ବରୁ ଛତ୍ରିଆ, ବୀରେନ୍ଦ୍ର ବାଗ, ରଞ୍ଜନ ଦାଶ, ନଗର ବିଜେପି ସଭାପତି ସୁନିଲ ଆଚାର୍ଯ୍ୟ, ବିକାଶ ସେନା ସଭାପତି ଇଂ ଅମ୍ଳାନ ଷଡ଼ଙ୍ଗୀ, ହରିନାରାୟଣ ମିଶ୍ର, ନୀଳମଣି ସାହୁ, ଅରୁଣ ମିଶ୍ର, ରଣଜିତ ପୃଷ୍ଟି, ଟିକେଲାଲ ବେହେରା, ଆଲୋକ ନାୟକ, ସତ୍ୟବ୍ରତ ପଣ୍ଡା, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ସନ୍ତୋଷ ମହାନ୍ତି, ଲାୟନ୍ସ କ୍ଲବ୍ ପ୍ରତିନିଧି ଆବାସ ଖାନ, ମନୀଷ ଗୁପ୍ତା, ନଗର ଯାଦବ ସଭାପତି କୁନା ଭାଟି, ବାପି ଡେଭିଡ, ଅଶ୍ୱିନୀ ସାହୁ, ବଙ୍ଗାଳି ସମାଜ ସଭାପତି ଶେଖର ସିହ୍ନା, ମୁସଲିମ ସମାଜ ପ୍ରତିନିଧି ଗୁଡ୍ଡୁ ଖାନ, ବ୍ୟବସାୟୀ ସଂଘ ସଭାପତି ମନିଷ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମହେଶ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

## ଡାହିମାଲରେ ଚାରାରୋପଣ କାର୍ଯ୍ୟକ୍ରମ

**ଦେଓଗାଁ, ୧୪।୯ (ସମିସ):** ଲଣ୍ଡାପଥର ପଞ୍ଚାୟତ ଡାହିମାଲ ଗାଁରେ ମହାଶକ୍ତି ଫାଉଣ୍ଡେସନର ଆୟୋଜନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରୁଦ୍ର ବଗର୍ତ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଇଁନ୍ତଲା ବନାଞ୍ଚଳର ରେଞ୍ଜର ସାଗର ନାଏକ, ଡିଇଓ ପୃଥିରାଜ ଦୀପ, ଫରେଷ୍ଟଗାର୍ଡ ଛନ୍ଦା ଚରଣ ଜାନି, ବନସୁରକ୍ଷା ସମିତିର ସଭାପତି ଦୁର୍ଯ୍ୟୋଧନ କାଲସାଏ, ଆଶାକର୍ମୀ ହେମଲତା ଲୁହା ପ୍ରମୁଖ ଯୋଗଦେଇ ଗାଁରାସ୍ତା ପାର୍ଶ୍ୱରେ ବିଭିନ୍ନ ପ୍ରଜାତିର ଚାରା ରୋପଣ କରିଥିଲେ। ସୁମନ ବଗର୍ତ୍ତି, ସବିତା ଅମାତ, ଟିକେଶ୍ୱର ଗଡ଼ୁଆ, ଟାକୁରସିଂ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

## କ୍ୟାରିୟର କାଉନସେଲିଂ ଶିବିର କାର୍ଯ୍ୟକ୍ରମ

**ଲୋଇସିଂହା, ୧୪।୯ (ସମିସ):** ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ନଅଗାଁ (ଖ) ପଲ୍ଲୀ ଆଲୋକ ପାଠାଗାର ଓ ଅଜିମ ପ୍ରେମଜୀ ଫାଉଣ୍ଡେସନ ପକ୍ଷରୁ ନୁନିଆପାଲି ପଞ୍ଚାୟତ ପାଣ୍ଡେସରା ଗ୍ରାମର କମ୍ୟୁନିଟି ଗୃହରେ ଛାତ୍ରୀମାନଙ୍କୁ ନେଇ କ୍ୟାରିୟର ଉପରେ ଏକ କାଉନସେଲିଂ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଗଲପୁର ବ୍ଲକ ଅଧୀନ ନୁନିଆପାଲି, ବଡ଼ଟିକା ଓ ଝରଣିପାଲି ପଞ୍ଚାୟତର ବିଭିନ୍ନ ଗାଁର ପ୍ରାୟ ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀମାନେ କିଭଳି ଶିକ୍ଷା, ସ୍ୱାସ୍ଥ୍ୟ ତଥା ବ୍ୟବସାୟରେ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ମାର୍ଗଦର୍ଶନ କରାଯାଇଥିଲା। ସନ୍ଦୀପ କୁଅଁର, ଅଶୋକ ପଧାନ, ହୀରାଲାଲ ମିଶ୍ର ପ୍ରମୁଖ ଆଲୋଚନା କରିଥିଲେ। ପ୍ରହଲ୍ଲାଦ ପଧାନ ଓ ସୁଶାନ୍ତ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୋବିନ୍ଦ ଚନ୍ଦ୍ର ବିଶି, ପିଣ୍ଟୁ ପଧାନ, ପ୍ରଶାନ୍ତ କୁଅଁର, ବର୍ଷା ଯୁଏଡ ସହଯୋଗ କରିଥିବା ବେଳେ ନମିତା ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।









**ଜିଲ୍ଲାସ୍ତରୀୟ ହାଣ୍ଡବଲ୍ ପ୍ରତିଯୋଗିତା**

## ବାଳିକାରେ ପୁଇନ୍ତଲା, ବାଳକରେ ବଙ୍ଗୋମୁଣ୍ଡା ଚାମ୍ପିଅନ

**ଖପ୍ରାଖୋଲ, ୧୩।୯ (ସମିସ)**

ଫୁଲକିମୁଣ୍ଡା ପଞ୍ଚାୟତ ହାଇସ୍କୁଲରେ ଜିଲ୍ଲାସ୍ତରୀୟ ହ୍ୟାହଣ୍ଡବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଳିକା ବିଭାଗରେ ୬ଟି ଦଳ ଓ ବାଳକ ବିଭାଗରେ ୯ ଟି ଦଳ ଭାଗ ନେଇଥିଲେ। ବାଳିକା ବିଭାଗରୁ ପୁଇନ୍ତଲା ବ୍ଲକ ଚାମ୍ପିଅନ ହୋଇ ଥିବା ବେଳେ ଖପ୍ରାଖୋଲ ବ୍ଲକ ରନର୍ସ ଅପ୍ ହେଇଛି। ସେହିପରି ବାଳକ ବିଭାଗରୁ ବଙ୍ଗୋମୁଣ୍ଡା ଓ ପୁଇନ୍ତଲା ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ବଙ୍ଗୋମୁଣ୍ଡା ବ୍ଲକ ବିଜୟୀ ହୋଇଥିବା ବେଳେ ପୁଇନ୍ତଲା ରନର୍ସ ଅପ୍ ହେଇଥିଲା। ଏହି ଅବସରରେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଗୋଷ୍ଠୀ ଅଧିକାରୀ ଆର୍ତ୍ତତ୍ରାଣ ରଥ, ଖପ୍ରାଖୋଲ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ସଡଙ୍ଗୀ, ପୁଇଁତଲା ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ରତ୍ନମୟୀ ପୁରୋହିତ, ଗୁଡଭେଲା ଗୋଷ୍ଠୀଶିକ୍ଷା ଅଧିକାରିଣୀ ନମିତାରାଣୀ ଭୋଇ ଯୋଗ ଦେଇଥିଲେ। ହେମନ୍ତ ପଧାନ ସଭା ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋପାଳଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ରଜତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




## ଘୁନସର ପ୍ରଗତୀ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ

**ଖପ୍ରାଖୋଲ, ୧୪।୯ (ସମିସ):** ଘୁନସର ଗ୍ରାମର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା, ମାଲପଡ଼ା ଏସଏସଡି ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ପ୍ରେମାନନ୍ଦ ବେହେରା, ଭାନପୁର ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ଖମାରୀ, ମହାରାପଦର ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କିଶୋର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଖପ୍ରାଖୋଲ ନୋଡାଲ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ମୂରଲୀ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଘୁନସର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କୃଷ୍ଣଚନ୍ଦ୍ର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସ୍ୱଧର୍ମକୁ ଫେରିଲେ ୫ ପରିବାର



ରାମଚନ୍ଦ୍ରପୁର, ୧୪।୯ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଗଁପୁର ଆଦିବାସୀ ବସ୍ତିର ୫ ପରିବାର ସ୍ୱଧର୍ମକୁ ଫେରିଛନ୍ତି। ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ରଙ୍କ ମାର୍ଗଦର୍ଶନରେ ଜିଲ୍ଲା ସଂସ୍କୃତି ପ୍ରମୁଖ ଶରତଚନ୍ଦ୍ର ସ୍ୱାଇଁ, ରାଷ୍ଟ୍ରୀୟ ଧର୍ମ ଜାଗରଣ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ଚକ୍ର ସମେତ ଅନେକ ବରିଷ୍ଠ କାର୍ଯ୍ୟକର୍ତ୍ତା ଅନ୍ୟଧର୍ମ ଗ୍ରହଣ କରିଥିବା ପରିବାର ଲୋକଙ୍କ ସହ ବିଭିନ୍ନ ଆଳାପ ଆଲୋଚନା କରିବା ପରେ ୫ ପରିବାର ସଦସ୍ୟ ପୁନର୍ବାର ନିଜର ସ୍ୱଧର୍ମକୁ ଫେରିଛନ୍ତି। ସ୍ୱଧର୍ମକୁ ଫେରିଥିବା ସଦସ୍ୟଙ୍କୁ ମିଷ୍ଟାନ୍ନ ଖୁଆଇ ସ୍ୱାଗତ କରାଯାଇ ହିନ୍ଦୁ ରୀତିନୀତି ପରମ୍ପରା ଅନୁସାରେ କାର୍ଯ୍ୟ କରିବେ ବୋଲି ସାମୂହିକ ଶପଥ ପାଠ କରାଯାଇଥିଲା। ଆର୍‌ଏସ୍‌ଏସ୍ ଧର୍ମ ଜାଗରଣ ସଦସ୍ୟ ବିକାଶ ଚକ୍ର, ଅଞ୍ଜନ ବେହେରା, ରବିନ୍ଦ୍ର ପଟ୍ଟନାୟକ, ହାପି ପାତ୍ର, ପ୍ରଶାନ୍ତ ବିଶ୍ୱାଳ ସମେତ ଅନେକ ସଂଘ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।

## ଛେଳି ଚୋରି ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୧୪।୯ (ସମିସ): ତୁରୁମୁଙ୍ଗା ଥାନା ନିହୁଆଁ ଗ୍ରାମର ହୃଷୀକେଶ ସିଂଙ୍କ ଘରେ ମାଂସ କଟାଳି ଏମ୍‌ଡି ଆଲାମ ରଖିଥିବା ୮ଟି ଛେଳି ଖାସି ଶୁକ୍ରବାର ରାତିରେ ଚୋରି ଘଟଣାରେ ତୁରୁମୁଙ୍ଗା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଉଛି କରଞ୍ଜିଆ ଥାନା ମହାଦେବ ଦେଉଳି ଗ୍ରାମର ସାବିର ଖାନ୍ (୧୮)। ତୁରୁମୁଙ୍ଗା ବଜାରରେ ଏମ୍‌ଡି ଆଲାମଙ୍କ ମାଂସ ଦୋକାନ ରହିଛି। ସେ ଖାସିଗୁଡିକୁ ନିହୁଆଁ ଗ୍ରାମର ହୃଷୀକେଶ ସିଂଙ୍କ ଘରେ ରଖିଥିବା ବେଳେ ଶୁକ୍ରବାର ରାତି ଦୁର୍ବୃତ୍ତମାନେ ଘର ବାହାର ପଟରୁ କବାଟ ବନ୍ଦ କରି ଗୁହାଳ ଘରୁ ୮ ଛେଳିଙ୍କ ପାଟିରେ ବ୍ଲାକ୍ ଟେପ୍ ମାରି ଚୋରି କରିନେଇଥିଲେ। ଏମ୍‌ଡି ଆଲାମ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ କରି ଯୁବକକୁ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ସହଯୋଗୀମାନେ ଫେରାର ଅଛନ୍ତି।

## ମିଳୁନି ୟୁରିଆ ସାର; ଚାଷୀ ହନ୍ତସନ୍ତ



ରାମଚନ୍ଦ୍ରପୁର,୧୪।୯ (ସମିସ): ଧାନ ଚାଷ ପାଇଁ ସାର ପକାଇବା ଏବେ ପ୍ରକୃଷ୍ଟଙ୍କ ସମୟ ଆସିଥିବା ବେଳେ ଘସିପୁରା ବ୍ଲକ ଗଡବାନ୍ଧଗୋଡା ଏବଂ ଦେଓଗାଁ ସେବା ସମବାୟ ସମିତିକୁ ୟୁରିଆ ସାର ଯୋଗାଣ ହୋଇ ନଥିବାରୁ ଚାଷୀ ଚଢା ଦରରେ ବଜାରରୁ କିଣି ଧାନ ବିଲରେ ପକାଇବାକୁ ବାଧ୍ୟ ହେଉଛନ୍ତି। ସମିତି ଅଧୀନରେ ଥିବା ଚାଷୀ ସରକାରୀ ଦରରେ ସାର ପାଇବାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ସମିତିର ଚାଷୀମାନେ ଅସନ୍ତୋଷ ପ୍ରକାଶ କରି ସାରର କୃତ୍ରିମ ଅଭାବ ଦୂର କରିବା ନିମନ୍ତେ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଉକ୍ତ ସମିତି ଉପରେ ନିର୍ଭର କରୁଥିବା ଗଡବାନ୍ଧଗୋଡା ଏବଂ ଦେଓଗାଁ ସମିତିର ହଜାର ହଜାର ଚାଷୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଗଡବାନ୍ଧଗୋଡା ସମିତି ସମ୍ପାଦକ ଇଶ୍ୱରଚନ୍ଦ୍ର ସାହୁ ଏବଂ ଦେଓଗାଁ ସମ୍ପାଦକ ଆଶିଷ ମହାନ୍ତି କହିଛନ୍ତି ଯେ ସାର ପାଇଁ ସମିତି ପକ୍ଷରୁ ଦରଖାସ୍ତ ଦିଆଯାଇଛି। ସାର ଆସିବା ମାତ୍ରେ ଚାଷୀଙ୍କୁ ଯୋଗାଇ ଦିଆଯିବ।

## ବର୍ଷା ପାଇଁ ବେଙ୍ଗ ବେଙ୍ଗୁଲି ବାହାଘର

### ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ଦେବତୀଙ୍କ ପୀଠରେ ଶପଥ ନେଲେ ଗ୍ରାମବାସୀ



ତୁରୁମୁଙ୍ଗା, ୧୪।୯ (ସମିସ): ଭାଦ୍ରବ ମାସରେ ଟାଇଁ ଟାଇଁ ଖରା। ବର୍ଷା ନହେବାରୁ ଲୋକେ ବେଙ୍ଗ ବେଙ୍ଗୁଲି ବାହାଘର କରିଛନ୍ତି। ଏଥିସହ ଅଞ୍ଚଳରେ ହେବାକୁ ଥିବା ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟକୁ ବିରୋଧ କରି ଗ୍ରାମଦେବତୀଙ୍କ ପୀଠରେ ଶପଥ ପାଠ କରିଛନ୍ତି। ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଗୋଡିପୋଖରୀ ଗ୍ରାମରେ ରବିବାର ଢିପଜମିରେ ପାଣିର ଅଭାବ ପାଇଁ ପୋଥି ମାଜଣା ବସାଇ ଗ୍ରାମର ଦେହୁରୀ ରବୀନ୍ଦ୍ର ନାଏକଙ୍କ ଦ୍ୱାରା ମା' ମହାବୀରାପାଟ ଦେବତୀ ପୀଠରେ ପୂଜାର୍ଚ୍ଚନା ସହ ବେଙ୍ଗବେଙ୍ଗୁଲିର ବାହାଘର କରାଯାଇଛି। ବିଶ୍ୱାସ ରହିଛି ବର୍ଷା ନହେଲେ ବେଙ୍ଗ ବେଙ୍ଗୁଲି ବାହାଘର କଲେ ଇନ୍ଦ୍ରଦେବ ପ୍ରସନ୍ନ ହୋଇ ଧରାପୃଷ୍ଠରେ ବର୍ଷା କରନ୍ତି। ପୋଥି ମଣ୍ଡପରେ ବ୍ରାହ୍ମଣ ଦେବେନ୍ଦ୍ର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ପ୍ରସ୍ତାବିତ ମେଗା ଷ୍ଟିଲପ୍ଲାଣ୍ଟ ସ୍ଥାପନକୁ ବିରୋଧ କରି ଶପଥ ନେଇଥିଲେ।

# ଆମିଷ ବର୍ଜ୍ୟବସ୍ତୁରେ ବୈତରଣୀ ପାଣି ଅପବିତ୍ର

### କାହାରି ନିଘା ନାହିଁ; ପୌର ପ୍ରଶାସନ ଲାଗୁ କରୁନି କଟକଣା

ଆନନ୍ଦପୁର, ୧୪।୯ (ସମିସ)



ମାଛ ଓ ମାଂସ ଦୋକାନର ବର୍ଜ୍ୟବସ୍ତୁକୁ ପ୍ରତିଦିନ ବୈତରଣୀ ନଦୀରେ ପକାଯାଉଥିବାରୁ ନଦୀଜଳ ପ୍ରଦୂଷିତ ହେବା ସହିତ ଜଳ ଅପବିତ୍ର ହେଉଛି। ଏନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ପୌରପାଳିକା ପରିମଳ ବିଭାଗ ପକ୍ଷରୁ ଏଥିପ୍ରତି ନିଘା ନଥିବା ଚିନ୍ତାର କାରଣ ହୋଇଛି। ଗଙ୍ଗା ପରି ପବିତ୍ର ବୈତରଣୀ ନଦୀର ଜଳକୁ ମୁଣ୍ଡ ଓ ତୁଣ୍ଡରେ ମାରି ଶ୍ରଦ୍ଧାଳୁମାନେ ମୋକ୍ଷ ହେଉଥିବା ବେଳେ ବୈତରଣୀ ନଦୀର ଜଳକୁ ପ୍ରଦୂଷିତ କରୁଥିବା ଦୋକାନୀ ଓ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଆନନ୍ଦପୁର ପୌରାଞ୍ଚଳରେ ମାଛ ମାଂସ ବିକ୍ରି କରିବାକୁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ୍ ପାଇଁ ବିଭିନ୍ନ ଅଞ୍ଚଳରେ ସ୍ଥାନ ନିରୂପଣ ହୋଇଥିଲେ ମଧ୍ୟ ଏଯାଏଁ କାର୍ଯ୍ୟକାରୀ ହୋଇପାରୁ ନଥିବା ଓ ବର୍ଜ୍ୟବସ୍ତୁ ନିର୍ଦ୍ଦିଷ୍ଟ ସ୍ଥାନରେ ପକାଇବାକୁ ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ଆନନ୍ଦପୁର ପୌରାଞ୍ଚଳରେ ଆମିଷ ବିକ୍ରିୟ ପାଇଁ ଆନନ୍ଦପୁର ବଡ଼ବଜାର ଫକୀରପୁର୍ ଶାଳପଡା ଓ ଶୈଳଙ୍ଗ ଅଞ୍ଚଳରେ ସ୍ୱତନ୍ତ୍ର ଭେଣ୍ଡିଂ ଜୋନ ନିର୍ମାଣ ପାଇଁ ଜମି ଚିହ୍ନଟ କରାଯାଇଥିଲା ହେଲେ ଉକ୍ତ ନିର୍ଦ୍ଦେଶ କାର୍ଯକାରୀ ହେଉନାହିଁ। ପୌରାଞ୍ଚଳରେ ଆମିଷ ବିକ୍ରି ପାଇଁ ସ୍ୱତନ୍ତ୍ର ଭେଣ୍ଡିଂ ଜୋନର ବ୍ୟବସ୍ଥା ନଥିବାରୁ ବ୍ୟବସାୟୀମାନେ ନିଜ ଇଚ୍ଛା ମୁତାବକ ରାସ୍ତାକଡ଼ରେ ଦୋକାନ ଖୋଲି ମାଛ ମାଂସ ବିକ୍ରି କରୁଛନ୍ତି। ରାସ୍ତାକଡରେ ଖୋଲାଖୋଲି ଭାବେ ଛେଳି, କୁକୁଡ଼ା ମାଛ ମାଂସ କଟାଳି ଦୋକାନ ଖୋଲି ଦୋକାନରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ରାସ୍ତା ପାର୍ଶ୍ୱରେ ପକାଉଛନ୍ତି। ପରିବେଶ ପ୍ରଦୂଷଣ ଗୁରୁତର ଭାବେ ବୃଦ୍ଧି ପାଉଛି। ଏହାପ୍ରତି ପ୍ରଶାସନ ଦୃଷ୍ଟି ଦେଉନାହିଁ। ଫଳରେ ପୂତିଗନ୍ଧମୟ ପରିବେଶ ଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ସାଧାରଣ ଲୋକଙ୍କ ଯାତାୟାତ କରିବା ସମ୍ଭବ ହେଉନାହିଁ। ପୌର ପରିଷଦ କର୍ତ୍ତୃପକ୍ଷ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି ହେଉଛି।

## ଛଟେଇ ପ୍ରତିବାଦରେ ଆନନ୍ଦପୁର ଡାକ୍ତରଖାନା ସଫେଇ କର୍ମଚାରୀଙ୍କ ଆନ୍ଦୋଳନ



ଆନନ୍ଦପୁର, ୧୪।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସଫେଇ କର୍ମଚାରୀଙ୍କୁ ଛଟେଇ କରିବାରୁ ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ପରିମଳ ସେବା ବାଧାପ୍ରାପ୍ତ ହୋଇଛି। ଠିକା ସଂସ୍ଥା ମାଧ୍ୟମରେ ଏଠାରେ ୨୬ ଜଣ ସଫେଇ କର୍ମଚାରୀ ୧୦ ବର୍ଷରୁ ଅଧିକ ସମୟ ହେବ କାମ କରିଆସୁଛନ୍ତି। ଠିକସଂସ୍ଥାର ଗତ ଅଗଷ୍ଟ ମାସରେ ଟେଣ୍ଡର ଅବଧି ସରିଥିବାବେଳେ ବିଭାଗ ତରଫରୁ ନୂଆ ଟେଣ୍ଡର ଡକାଯାଇ ନୂଆ ଏକ ସଂସ୍ଥାକୁ କାର୍ଯ୍ୟାଦେଶ ଦିଆଯାଇଛି। ନୂଆ କରି କାମ ପାଇଥିବା ଠିକସଂସ୍ଥା ଏବେ ଏହି କର୍ମଚାରୀଙ୍କୁ ସେମାନଙ୍କ ୭ମ ପାସ୍ ଶିକ୍ଷାଗତ ଯୋଗ୍ୟତା ମାର୍କସିଟ୍ ଓ ପ୍ରମାଣପତ୍ର ମାଗୁଥିବାରୁ ପ୍ରମାଣପତ୍ର ନଦେଇପାରିବାରୁ ୮ ଜଣ କର୍ମଚାରୀଙ୍କୁ ଛଟେଇ କରିଦେଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଛଟେଇ କର୍ମଚାରୀଙ୍କୁ ସମର୍ଥନ ଜଣାଇ ରବିବାର ସମସ୍ତ ସଫେଇ କାର୍ଯ୍ୟବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବାରୁ ମେଡିକାଲ ପରିସରରେ ପରିମଳ ବ୍ୟବସ୍ଥାରେ ଦେଖାଦେଇଛି ଅଚଳାବସ୍ଥା। କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଛଟେଇ କର୍ମଚାରୀଙ୍କୁ ତୁରନ୍ତ ପୁନଃନିଯୁକ୍ତି ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷ କିମ୍ବା ଠିକସଂସ୍ଥା କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

## ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ ଜିଲ୍ଲା କର୍ମକର୍ତ୍ତାଙ୍କ ଶପଥ ପାଠ ସମାରୋହ



ତୁରୁମୁଙ୍ଗା, ୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନବନିର୍ବାଚିତ କର୍ମକର୍ତ୍ତା ପାଟଣା ମୁଖ୍ୟାଳୟରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ଶପଥ ପାଠ ଗ୍ରହଣ କରିଛନ୍ତି। ଜିଲ୍ଲା ସଂଘର ପୂର୍ବତନ ସଭାପତି ଅତୁଲ କୁମାର ବଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ କୈଳାଶଚନ୍ଦ୍ର ବାରିକ, ସମ୍ମାନିତ ଅତିଥି ପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ରାଜ୍ୟ ସଂଘ ଉପଦେଷ୍ଟା ବିଜୟ ନାୟକ, ସଂଗଠନର ପୂର୍ବତନ ଜିଲ୍ଲା ସମ୍ପାଦକ ମୁକୁନ୍ଦ ଚରଣ ସାହୁ , ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ସାମ୍ବାଦିକ ନୃସିଂହନାଥ ସିଂହ, ସମାଜସେବୀ ଅଜୟ ଦାଶ, ସଂଘର ବ୍ଲକ୍ ସଭାପତି ନନ୍ଦକିଶୋର ନାଏକ, ଶିକ୍ଷାବିତ ଭବାନୀଶଙ୍କର ମହାନ୍ତ, ଅବସରପ୍ରାପ୍ତ ଏବିଓ ବିଜୟ ଓଝା, ପୂର୍ବତନ ବ୍ଲକ୍ ସଂପାଦକ ବିଶ୍ୱନାଥ ମହାନ୍ତ, ପୂର୍ବତନ ଘଟଗାଁ ବ୍ଲକ୍ ସଂପାଦକ ଶିଶିର ରାଉତ ଯୋଗ ଦେଇଥିଲେ। ନବନିର୍ବାଚିତ ସଭାପତି ସନ୍ତୋଷ ଜେନା, ଉପସଭାପତି ତିଳତ୍ତମା ବେହେରା, ଗୋବର୍ଦ୍ଧନ ଜେନା, ସମ୍ପାଦକ କମଳାକାନ୍ତ ପତି, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ବିଶ୍ୱନାଥ ମାଝି, ବୁଦ୍ଧଦେବ ନାୟକ, ସଂଗଠନ ସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ଜିଲା ସଂଯୋଜକ ରବିନ୍ଦ୍ର ନାୟକ ଓ କୋଷାଧ୍ୟକ୍ଷ ଅଶୋକ ବରାଳ ଶପଥ ଗ୍ରହଣ କରିଥିଲେ। ଶିକ୍ଷାବିତ୍ ପାର୍ଥସାରଥି ବେଜ ଓ ଶିକ୍ଷକ ରାମେଶ୍ୱର ବାରିକ ସଂଯୋଜନା କରିଥିଲେ।

## କୈରାଳି କଲେଜରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ



ଚମ୍ପୁଆ, ୧୪।୯ (ସମିସ): ଚମ୍ପୁଆ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ରାଜମୋହନ ପି.ଏସ.ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ବି.ରାମାରାଜୁ, ପ୍ରଧାପକ ଗିରିଜା ଶଙ୍କର କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଥମିକ ସେବାର ଭିନ୍ନ ଭିନ୍ନ ଉଦାହରଣ ଦେଇ ସମର୍ପିତ ସେବା, ବନ୍ଧୁତା ଓ ମାନବୀୟ ଆଚରଣ ମାଧ୍ୟମରେ ଦୁର୍ଘଟଣାରେ ଆହତ, ସାପକାମୁଡା ଓ ଦୈବି ଦୁର୍ବିପାକରେ ଆହତଙ୍କୁ ତୁରନ୍ତ ପ୍ରାଥମିକ ସହାୟତା ଯୋଗାଇ ଦେଇ ନିକଟସ୍ଥ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିପାରିଲେ ଅନେକ ମୂଲ୍ୟବାନ ଜୀବନ ରକ୍ଷା ପାଇପାରନ୍ତା ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏନେଇ ବିଭିନ୍ନ କୌଶଳ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି।

## କେନ୍ଦୁଝର ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ



କେନ୍ଦୁଝର/ଚମ୍ପୁଆ, ୧୪।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ସମେତ ଆନନ୍ଦପୁର ଓ ଚମ୍ପୁଆର ଅତିରିକ୍ତ ଜିଲ୍ଲା ଜଜ୍ କୋର୍ଟ, ବଡବିଲ, ହାଟଡିହୀ, ତେଲକୋଇ ଓ ଘଟଗାଁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି କୋର୍ଟଗୁଡିକରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୬୭୩୬ଟି ମାମଲା ସମାଧାନ କରାଯାଇ ୧୭,୫୯,୬୦,୯୨୬ ଟଙ୍କା ଆଦାୟ ହୋଇଥିଲା। ଜିଲ୍ଲା ଓ ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଜଜ୍ କୋର୍ଟ ପରିସରରେ ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଜଜ୍ ଗୋପାଳଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଭଗବାନ ପ୍ରଧାନ, ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ଅତିରିକ୍ତ ଜିଲ୍ଲାଜଜ୍ ମମିତା ଦାସ, ଅଧ୍ୟକ୍ଷ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଇ. ବିଶ୍ୱେଶ୍ୱର ରାଓ, ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ହିମାଂଶୁ ଶେଖର ବିଶ୍ୱାଳ, ବରିଷ୍ଠ ଦେୱାନୀ ବିଚାରପତି ଅମରେଶ ନାୟକ, ରେଜିଷ୍ଟ୍ରାର ସୁଚେତା କୃପାଳିନୀ, ମହିଳା କୋର୍ଟ ବିଚାରପତି ନେହା ଦାସ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, କନିଷ୍ଠ ବିଚାରପତି ପ୍ରଥମଶ୍ରେଣୀ ଅମ୍ବିକେଶ ପାଣିଗ୍ରାହୀ, ଜଙ୍ଗମ ଈଶ୍ୱର ନିଜ ନିଜ କୋର୍ଟଗୁଡିକରେ ମକଦ୍ଦମା ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରାଧିକରଣର ସଚିବ ତଥା ମହିଳା କୋର୍ଟ ବିଚାରପତି ନେହା ଦାସ କୋର୍ଟ ପରିଚାଳନା ଭାର ସମେତ ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କାର୍ଯ୍ୟଭାର ସମ୍ଭାଳିଥିଲେ। ପ୍ରାକ୍ ବ୍ୟାଙ୍କ ମକଦ୍ଦମା ୫୫ଟି ମାମଲାର ସମାଧାନ ହୋଇ ୧୧,୦୯,୧୦୦ ଟଙ୍କା, ମଟରଯାନ ଦୁର୍ଘଟଣା ୬୧ଟି ମାମଲା ସମାଧାନ ହୋଇ ୧୫,୨୬,୧୭,୮୧୦ ଟଙ୍କା, ପ୍ରାକ୍ ଲୋକ ଉପଯୋଗୀ ସେବା ୨୩ଟି ସମାଧାନ ହୋଇ ୧,୧୩,୦୦୦ ଟଙ୍କା, ପ୍ରାକ ବିଏସ୍‌ଏନ୍‌ଏଲ୍ ମକଦ୍ଦମା ୨୫ଟି ମାମଲାର ସମାଧାନ ହୋଇ ୨୮,୩୯୬ ଟଙ୍କା, ରାଜସ୍ୱ ମକଦ୍ଦମା ୬୨୪୧ଟି ମାମଲାର ସମାଧାନ ହୋଇ ୫,୧୦,୯୭୮ ଟଙ୍କା, ଦେୱାନୀ ମକଦ୍ଦମା ୫୯ଟି ମାମଲା ସମାଧାନ ହୋଇ ୪୦,୮,୦୪୯ ଟଙ୍କା, ଫୌଜଦାରୀ ମକଦ୍ଦମା ୨୫୮ଟି ମାମଲା ସମାଧାନ ହୋଇ ୧,୭୮,୩,୫୯୩ ଟଙ୍କା ଆଦାୟ ହୋଇଥିଲା। ପାରିବାରିକ ମାମଲା ୧୪ଟି ଫଇସଲା ହୋଇ ୨,୭୦,୦୦୦ ଟଙ୍କା ଆଦାୟ ହୋଇଥିଲା। କୋର୍ଟ ପରିଚାଳକ ଅଚ୍ୟୁତ ସାମନ୍ତରାୟ, ନାଜିର ଦିଲ୍ଲୀପ ବେହେରା, ଆଇନସେବା ପ୍ରାଧିକରଣର ପ୍ୟାନେଲ ଅଧିବକ୍ତା ସୁନିଲ କୁମାର ମହାନ୍ତ, କରୁଣାକର ବ୍ରହ୍ମ, ଅର୍ଚ୍ଚନା ଦାସ, ରମଣୀ ରଞ୍ଜନ ସେଠୀ, ପଦ୍ମଲୋଚନ ବାରିକ, ଦୀପକ ଦାସ, ହୁସେନ ଉଦ୍ଦିନ, ଶକ୍ତିପ୍ରସାଦ ଶତପଥି, ସନ୍ଦୀପ ବେହେରା, ରେଣୁଦେବୀ ସିଂ, ପ୍ରାଧିକରଣ କର୍ମୀ ସତ୍ୟରଞ୍ଜନ ଦାସ, ସ୍ନେହଲତା ବାସ୍କେ, ଦେବବ୍ରତ ଦାସ, ମାନସ ରଞ୍ଜନ ନାଏକ, ଶିଶିର ସାହୁ ସହଯୋଗ କରିଥିଲେ। ଚମ୍ପୁଆ କୋର୍ଟ ପରିସରରେ ତାଲୁକ୍ ଆଇନ୍ ସେବା କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପ୍ରଣୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ବିଚାରଧୀନ ଥିବା ୩ଟି ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ କେସ୍ ବାବଦକୁ ୪୨ ଲକ୍ଷ ୭୦ ହଜାର ଟଙ୍କା ପକ୍ଷଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ୩ଟି ଏନ୍‌ଆଇ ଧାରା ଅନୁଯାୟୀ କେସରୁ ୯ ଲକ୍ଷ ୩୯ ହଜାର ଟଙ୍କା, ୭ଟି ବ୍ୟାଙ୍କ୍ କେସରୁ ୧୩ ଲକ୍ଷ ୪୧ ହଜାର ୪ ଶହ ୩୯ ଟଙ୍କା ୧୯ ପଇସା ଏବଂ ୨ଟି ସିଏମ୍‌ସି କେସରୁ ୩୩ ହଜାର ଆଦାୟ କରାଯାଇଥିଲା। ସର୍ବମୋଟ ୧୧୭ଟି ମାମଲାରୁ ୧୭ ଗୋଟି ମାମଲାର ଫଏସଲା କରାଯାଇ ୬୫ ଲକ୍ଷ ୮୩ ହଜାର ୪ ଶହ ୩୯ ଟଙ୍କା ୧୯ ପଇସା ଆଦାୟ କରାଯାଇଥିଲା। କମିଟିର ସହକାରୀ ଅବଦୁଲ ସୁରଜ୍ ଖାନ୍ ପରିଚାଳନା କରିଥିଲେ।

## ୭୮ତମ ରାଜ୍ୟ ପୁଲିସ ପୁରୁଷ କବାଡ଼ି ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ

### କବାଡ଼ିରେ ରାଉରକେଲାକୁ ହରାଇ କଟକ ବିଜୟୀ

### ହ୍ୟାଣ୍ଡବଲରେ କେନ୍ଦୁଝରକୁ ହରାଇ ଢେଙ୍କାନାଳ ବିଜୟୀ

କେନ୍ଦୁଝର, ୧୪।୯ (ସମିସ)




କେନ୍ଦୁଝରଠାରେ ୭୮ତମ ରାଜ୍ୟ ପୁଲିସ ପୁରୁଷ କବାଡି ଚାମ୍ପିଅନସିପ୍ ଓ ଦଶମ ପୁଲିସ ହ୍ୟାଣ୍ଡବଲ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ ଯେ ଓଡ଼ିଶା ପୁଲିସର ଖେଳାଳିମାନେ ବିଭିନ୍ନ ଆଥଲେଟିକ୍ସ ଗେମରେ ସମଗ୍ର ଭାରତର ପଦକ ତାଲିକାରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି। କବାଡି ଚାମ୍ପିଅନସିପ୍‌ରେ ରାଉରକେଲାର ପୁଲିସ ଚତୁର୍ଥ ବାଟାଲିୟନକୁ ହରାଇ କଟକ ପୁଲିସ ଷଷ୍ଠ ବାଟାଲିୟନ ବିଜୟୀ ହୋଇଥିବା ବେଳେ ଓ ହ୍ୟାଣ୍ଡବଲ ଚାମ୍ପିଅନସିପ୍‌ରେ ଢେଙ୍କାନାଳ ଜିଲ୍ଲା କେନ୍ଦୁଝର ଜିଲ୍ଲାକୁ ହରାଇ ବିଜୟୀ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କହିଥିଲେ ଯେ ତୃଣମୂଳ ସ୍ତରରେ କ୍ରୀଡ଼ାର ବିକାଶ ନିମନ୍ତେ ଆଗାମୀ ୫ ବର୍ଷରେ ୩୧୪ଟି ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ୪ ହଜାର ୧୨୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ରେ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମର ବିକାଶ ପାଇଁ ୮୨୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ କୋରାପୁଟକୁ ସ୍ପୋର୍ଟସ ହବ୍ ଭାବେ ବିକାଶ କରାଯିବ। ରାଜ୍ୟସଭା ସାଂସଦ ସୁଜିତ କୁମାର, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ପୁଲିସ ଡିଜି. ଯୋଗେଶ ବାହାଦୁର ଖୁରାନିଆ, ଏସଟିଏ କମିଶନର ଅମିତାଭ ଠାକୁର, ଡିଆଇଜି ବ୍ରିଜେଶ ରାୟ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ବାଙ୍ଗୋରରୁ ବରପାଳ ନାଏକସାହିକୁ ଫୁଟ୍ ବ୍ରିଜ ନିର୍ମାଣ ଦାବି

### ସମସ୍ୟା ଅନୁଧ୍ୟାନ କଲେ ବିଧାୟକ



ହାଟଡ଼ିହୀ,୧୪।୯ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବାଙ୍ଗୋର ପଞ୍ଚାୟତ ଅଧୀନ ବରପାଳ ନାଏକସାହିଠାରୁ ବାଙ୍ଗୋର ପଞ୍ଚାୟତକୁ ସବୁଦିନିଆ ପୋଲଟିଏ ନଥିବାରୁ ଲୋକେ ହୁଲି ଡ଼ଙ୍ଗା ଉପରେ ନିର୍ଭର କରୁଛନ୍ତି। ବରପାଳ ଗ୍ରାମଟି ବାଙ୍ଗୋର ପଞ୍ଚାୟତରେ ଅନ୍ତର୍ଭୁକ୍ତ ଥିବାରୁ ଉକ୍ତ ବରପାଳ ଗ୍ରାମର ଗ୍ରାମବାସୀ ସାଳନ୍ଦୀ ନଦୀରେ ହୁଲି ଡ଼ଙ୍ଗା ଦ୍ୱାରା ପାରିହୋଇ ଆରପାରିରେ ଥିବା ବାଙ୍ଗୋର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଭତ୍ତା, ପିଡ଼ିଏସ୍ ସାମଗ୍ରୀ ଆଣିବା ସହ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହିତାଧିକାରୀ ମାନେ ଯାଇଥା'ନ୍ତି। ଅତି ଜରୁରୀ ସମୟ କିମ୍ବା କୌଣସି ଜରୁରୀ କାମରେ ରାତିଅଧିଆ ଯିବାକୁ ହେଲେ ସେମାନେ ମଧୁବନ ନିକଟ ନୂଆ ପୋଲ ଡେଇଁ ବାଙ୍ଗୋରକୁ ଯାଆନ୍ତି। ପଞ୍ଚାୟତ ବିଭାଜନ ସମୟରୁ ସେମାନେ ବାଙ୍ଗୋର ପଞ୍ଚାୟତରେ ରହିଆସୁଛନ୍ତି। ଗ୍ରାମରେ ବସବାସ କରୁଥିବା ୪୦ରୁ ଊର୍ଦ୍ଧ୍ୱ ପରିବାରଙ୍କ ପାଇଁ ବର୍ଷାଦିନଟି ଅତ୍ୟନ୍ତ କଷ୍ଟଦାୟକ ହୋଇପଡ଼େ। ଯାତାୟାତରେ ଗ୍ରାମବାସୀଙ୍କ ପାଇଁ ଉପୁଜୁଥିବା ସମସ୍ୟାକୁ ନେଇ ଏଠାରେ ଏକ ଫୁଟ୍ ବ୍ରିଜ୍ ନିର୍ମାଣ ଏକାନ୍ତ ଆବଶ୍ୟକ ବୋଲି ବାରମ୍ବାର ଅଭିଯୋଗ ହୋଇଆସୁଛି। ଗ୍ରାମବାସୀଙ୍କ ପକ୍ଷରୁ କ୍ରମାଗତ ଭାବେ ଅଭିଯୋଗ ଆସିବାରୁ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଆଜି ନିଜ କର୍ମୀଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ବସନ୍ତ ପଡ଼ିଆରୀଙ୍କୁ ନେଇ ଉକ୍ତ ସ୍ଥାନ ପରିଦର୍ଶନ କରି ଗ୍ରାମବାସୀଙ୍କ ପ୍ରକୃତ ଦୁଃଖକୁ ଉପଲବ୍ଧି କରିଥିଲେ। ଆସନ୍ତା ଦିନରେ ରାଜ୍ୟ ସରକାର ଓ ସମ୍ପୃକ୍ତ ବିଭାଗ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ବିଧାନସଭାରେ ପୋଲ ନିର୍ମାଣ ପ୍ରସଙ୍ଗ ଉପସ୍ଥାପନ କରି ଖୁବଶୀଘ୍ର ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

# ଜିଲ୍ଲାରେ ଅଢ଼େଇ ହଜାର ଶିକ୍ଷକଙ୍କ ଟିଇଟି ଯୋଗ୍ୟତା ନାହିଁ

ଭଦ୍ରକ, ୧୪।୯(ସମିସ): ଭଦ୍ରକ ଜିଲ୍ଲାରେ ପ୍ରାୟ ଅଢ଼େଇ ନଜାର ଶିକ୍ଷାନଙ୍କ ଟିଇଟି(ଟିଚର ଏଲିଜିବିଲିଟି ଟେଷ୍ଟ) ଯୋଗ୍ୟତା ନାହିଁ। ଯାହାକୁ ନେଇ ଅଣ ଟିଇଟି ଶିକ୍ଷକମାନେ ଚିନ୍ତାରେ ପଡିଛନ୍ତି। ଉଚ୍ଚ ନ୍ୟାୟାଳୟଙ୍କ ଆବେଶ ଅନୁଯାୟୀ, ଦିନା ଟିଇଟିରେ ଚାକିରି କରୁଥିବା ଶିକ୍ଷକଙ୍କୁ ତୁରନ୍ତ ଟିଇଟି କରିନେବାକୁ ପଡ଼ିବ। ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ହାସଲ କରିନଥିବେ ସେମାନଙ୍କୁ ୨ ବର୍ଷ ମଧ୍ୟରେ ଏହି ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ବିଶେଷକରି ବିନା ଟିଇଟିରେ ଚାକିରି କରି ଆସୁଥିବା ଏବଂ ଅବସର ଗ୍ରହଣ କରିବାକୁ ଆଉ ମାତ୍ର ୫ ବର୍ଷ ପୂବା ଶିକ୍ଷକମାନଙ୍କ ଲାଗି ଏହା ଅତ୍ୟନ୍ତ କଠିନ ସାବ୍ୟସ୍ତ ହୋଇଛି। କୋର୍ଟ ନିର୍ଦ୍ଦେଶମତେ ୨ ବର୍ଷ ମଧ୍ୟରେ ସେମାନଙ୍କୁ ଏହି ଯୋଗ୍ୟତା ହାସଲ କରିବାକୁ ପଡିବ ଅନ୍ୟଥା ସେମାନଙ୍କୁ ଚାକିରି ହରାଇବାକୁ ପଡିବ। ଭଦ୍ରକ ଜିଲ୍ଲାରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷା କର୍ମୀ, ସ୍ୱେଚ୍ଛାସେବୀ ଶିକ୍ଷା କର୍ମୀ, ଗଣ ଶିକ୍ଷକ, ଏକ କ୍ୟାଡର ଏବଂ କନିଷ୍ଠ ଶିକ୍ଷକ ରହିଛନ୍ତି। ସେମାନଙ୍କ ମଧ୍ୟରୁବିନା ଓଟିଇଟି(ଓଡିଶା ଟିଚର ଇଲିଜିବିଲିଟି ଟେଷ୍ଟ) ଯୋଗ୍ୟତାରେ ପ୍ରାୟ ଅର୍ଦ୍ଧାଧିକ ଶିକ୍ଷନ ରହିଛନ୍ତି। ନୂତନ ନିର୍ଦ୍ଦ ଡାକରା ଓଟିଇଟି ପାସ କରିବାକୁ ପଟିବ ଅନ୍ୟଥା ସେମାନଙ୍କୁ ସେମାନଙ୍କ ଚାକିରି ହରାଇବାକୁ ପଡ଼ିବ ଓ ତେଣେ ସୁପ୍ରିମ କୋର୍ଟଙ୍କ ରାୟ ଉପରେ ମତର ରାଜ୍ୟ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ରାଜ୍ୟ ସରକାର କୋର୍ଟଙ୍କ ରାଘଲ ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ତେବେ ପଦକ୍ଷେପ ଗ୍ରହଣ ପୂର୍ବରୁ ରାଜ୍ୟର ଶିକ୍ଷକମାନଙ୍କସ୍ୱାର୍ଥ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ତେବେ ଓଡ଼ିଶାରେ ଏହାର ରୂପରେଖ କଣ ହେବ ତାହା ସ୍ୱଷ୍ଟ ହୋଇ ନଥିଲେ ମଧ୍ୟ ଏହାକୁ ନେଇ ରାଜ୍ୟ ଅଣ ଆନୁଷ୍ଠାନିକ ଶିକ୍ଷକ ମହାସଙ୍ଘ ଦେଶ ଗତଦେଇ ପ୍ରକାଶ କରିଛନ୍ତି । ନିକଟରେ ରାଜ୍ୟର ଓଟିଇଟି ପରୀକ୍ଷା ପ୍ରଶ୍ନପତ୍ର ଭିକ ଘଟଣା ପରେ ଏହି ପରୀକ୍ଷା ବାତିଲ ହୋଇଥିଲା। ଏଥିରେ ଭଦ୍ରକ ଜିଲ୍ଲାରୁ ପ୍ରାୟ ଅଢ଼େଇ ହଜାଇ ଶିକ୍ଷକ ଓଟିଲଟି ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ମହାସଙ୍ଘର ତେଣୁ ଜିଲ୍ଲାରେ ଅତିକମରେ ଅଢେଇଚନାର ଶିକ୍ଷକ ବିନା ପଟିଲଟିଲେ ଚାକିରୀରେ ଥିବା ମନେ କରାଯାଉଛି। ସେହିଭଳି ଅଣ ଆନୁଷ୍ଠାନିକ ଶିକ୍ଷକ ସଙ୍ଘ ନେତା ପ୍ରକାଶ ବେହେରାଙ୍କ କହିବା ଅନୁଯାଇ ଓଡ଼ିଶାରେ ଏହି ବର୍ଗର ପ୍ରାୟ ଦେଢଲକ୍ଷ ଶିକ୍ଷକରହିଥିବାବେଳେ ବିନା ଓଟିଭଟିରେ ପ୍ରାୟ ୮୦ କହାର ଶିକ୍ଷକ ଗନ୍ଦିଛନ୍ତି। ସେମାନଙ୍କ ମଧ୍ୟରୁ ନିକଟରେ ବାତିଲ ହୋଇଥିବା ଓଟିଭଟି ପରୀକ୍ଷା ଲାଗି ପ୍ରାୟ ୩୫ ହଜାର ଶିକ୍ଷକ ଫର୍ମ ପୂରଣ କରିଥିଲେ। ସରକାର ଗତ ୨୦୧୧ ମସିହା ଠାରୁ ଶିକ୍ଷକ ନିଯୁକ୍ତିରେ ଓଟିଇଟିକୁ ବାଧ୍ୟତାମୂଳକ କରିଥିଲେ ମଧ୍ୟ ଏହା ପୂର୍ବରୁ ଦିନା ଓଟିଭଟରେ ଅନେକ ଶିକ୍ଷକ ନିଯୁକ୍ତିରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ଅବସର ନେଇ ସାରିଥିବାବେଳେ ଆଉକିଛି ଅବସର ନିକଟତର ହୋଇସାରିଛନ୍ତି। ଏପରିସ୍ଥଳେ ଓଟିଇଟି ଯୋଗ୍ୟତା ସେମାନଙ୍କ ଲାଗି ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେବେ ଏହି ପ୍ରସଙ୍ଗ ନେଇ ରାଜ୍ୟ ଅଣ ଆନୁଷ୍ଠାନିକ ଶିକ୍ଷକ ମହାସଙ୍ଘ ଖୁବ ଶୀଘ୍ର ରାଜ୍ୟସ୍ତରୀୟ ଜରୁରୀ ବୈଠକ ଡାକୁଥିବା ନେଇ ଶ୍ରୀ ବେହେରା ସୂଚନା ପ୍ରଦାନ କରିଛନ୍ତି। ପରେ ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଶିବବ୍ରତଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର



ଦୋଳସାହି,୧୪।୯(ସମିସ): ଗୁଆମାଳର ଶିବବ୍ରତ ମିଶ୍ରଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ତିହିଡି ବ୍ଲକ୍ ଗୁଆମାଳ ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର ପ୍ରଭାକର ମିଶ୍ରଙ୍କ ପୁତ୍ର ଶିକ୍ଷକ ଶିବବ୍ରତଙ୍କୁ ମୁଖ୍ୟମନ୍ତ୍ରୀ ସିଖ୍ୟା ପୁରସ୍କାର ପାଇ ତିହିଡି ବ୍ଲକ ପାଇଁ ଗୌରବ ଆଣିଛନ୍ତି। ଏହି ପୁରସ୍କାର ତିହିଡି ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତି ଶ୍ରୀ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏଥିନେଇ ବିଭିନ୍ନ ମହଲରୁ ଶିବବ୍ରତଙ୍କୁ ଶୁଭେଚ୍ଛା ପ୍ରଦାନ କରଯାଇଛି।

## ଶରତ ନାୟକଙ୍କ ସ୍ମୃତିସଭା



ଅସୁରାଳି, ୧୪।୯(ସମିସ): ଅର୍ଜୁନପୁର ପଞ୍ଚାୟତ ବାଲିପାଟଣାର ବିଶିଷ୍ଟ ବ୍ୟକ୍ତିତ୍ୱ ଶରତ ନାୟକଙ୍କ ୧୫ତମ ପୁଣ୍ୟତିଥି ଅବସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା। ଅକ୍ଷୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସରପଞ୍ଚଙ୍କ ପ୍ରତିନିଧି ଉମେଶ ମହାନ୍ତି, ସମିତିସଭ୍ୟ ବିଦ୍ୟାଧର ରାଉତ, ଶିକ୍ଷାବିତ ପ୍ରମୋଦ ଦାସ, ଶିକ୍ଷାବିତ କୁଳମଣି ତ୍ରିପାଠୀ, ହାଇକୋର୍ଟ ଆଇନଜୀବୀ ଦେବାଶିଷ ସାମଲ, ବାଣୀକବି ଦୟାନିଧି ମିଶ୍ର, ଅଧ୍ୟାପକ ବିଜୟ ଦାସ, ପଣ୍ଡିତ ଲକ୍ଷ୍ମୀଧର ମିଶ୍ର, ଶିକ୍ଷକ ଦିଗାମ୍ବର ସାହୁ, ସେନାନିବୃତ ଗଜେନ୍ଦ୍ର ସାହୁ ଓ ତାଙ୍କ ସାନଭାଇ ଏହି ସଭାରେ ଯୋଗଦାନ କରିଥିଲେ। ସଭାରେ ସ୍ୱର୍ଗତ ନାୟକଙ୍କ ଜୀବନ ଓ କାର୍ଯ୍ୟକଳାପ ଉପରେ ଆଲୋଚନା ହୋଇଥିଲା।

## ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ପୁନଃନିର୍ବାଚିତ ରାଜ୍ୟ ସଂପାଦିକାଙ୍କୁ ସମ୍ବର୍ଦ୍ଧନା




ଭଦ୍ରକ,୧୪।୯(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ପୁନଃନିର୍ବାଚିତ ରାଜ୍ୟ ସଂପାଦିକା ସୁରଜିତା ନାୟକଙ୍କୁ ଭଦ୍ରକ ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଓ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି। ମହିଳାଙ୍କ ଉପରେ ହେଉଥିବା ହିଂସା ବିରୋଧରେ ଲଢେଇ କରିବା ସହ ସମ୍ବିଧାନ ଓ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ସେ ନିଷ୍ଠାର ସହ ଲଢିବେ ବୋଲି ତାଙ୍କ ସମ୍ବର୍ଦ୍ଧନା ସଭାରେ ସେ ପ୍ରକାଶ କରିଛନ୍ତି। ଭଦ୍ରକ ଜିଲ୍ଲା ସଭାନେତ୍ରୀ ପ୍ରଭାତି ଜେନା, ସଂପାଦିକା ମମତା ଜେନା, ମହିଳା ନେତ୍ରୀ ସୀତା ଦାସ, ସିପ୍ରା ମହାପାତ୍ର, ସୁମତି ନାୟକ, ପ୍ରଭାତୀ ଦାଶ, କାମିନୀ ଭୋଇ, ମଧୁସ୍ମିତା ପାକଳ, ରୋଜାଲିନି ସାମ୍ୟବାଦୀ, ଶାନ୍ତିଲତା ବାରିକ୍ ପ୍ରମୁଖ ଉପସ୍ଥିତ ଥିବାବେଳେ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗୌରାଙ୍ଗ ଢନା, ମଳୟ ଭୋଇ, ସତ୍ୟମୂର୍ତ୍ତି ବେହେରା, ରମେଶ ସାହୁ, ଗିରିଧାରୀ ନାଥ ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ଧାନମଣ୍ଡି ବାତିଲ ନକରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ

ବନ୍ତ/ଆଗରପଡ଼ା,୧୪।୯(ସମିସ): ବନ୍ତ ବ୍ଲକ୍ ରାମପୁର ପଞ୍ଚାୟତର ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ହେଉଥିବା ଧାନମଣ୍ଡିକୁ ବାତିଲ ନକରିବାକୁ ସରପଞ୍ଚଙ୍କ ସମେତ ପଞ୍ଚାୟତବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି। ଗତ ଅଗଷ୍ଟ ମାସରେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ଅଧିବାସୀଙ୍କୁ ବଦନାମ କରିବା ପାଇଁ ବିଭିନ୍ନ ଗଣମାଧ୍ୟମରେ ମିଥ୍ୟା ଖବର ପ୍ରକାଶ କରିଥିଲେ। ଗୋଷ୍ଠୀ ସମ୍ପାଦିକା ସ୍ନେହଲତା ନାୟକ ଉଲ୍ଲେଖ ଥିବା ବେଳେ ପ୍ରକୃତରେ ସମ୍ପାଦିକାଙ୍କ ନାମ ବର୍ଷାରାଣୀ ନାୟକ ଅଟେ। ସେହିପରି ସମ୍ପାଦିକାଙ୍କ ସ୍ୱାମୀ ଚାଷୀଙ୍କ ଧାନକୁ କୁଇଣ୍ଟାଲ ପିଛା ୧୦କିଲୋରୁ ଅଧିକ କଟ୍ଣୀ ଛଟ୍ଣୀ କରିବା ସହ ଅଣ ଜଳସେଚିତ ଚାଷ ଜମିକୁ ଜଳସେଚିତ ଦର୍ଶାଇ ନିଜ ସମ୍ପର୍କୀୟଙ୍କ ନାମରେ ଚାଷୀ କାର୍ଡ଼ ପଞ୍ଜିକରଣ କରି ଧାନ ବିକ୍ରି କରୁଥିବା ଭଳି ଏକ ମିଥ୍ୟା ଅଭିଯୋଗ ମଧ୍ୟ ସେମାନେ ଆଗତ କରିଛନ୍ତି। କିନ୍ତୁ ପ୍ରକୃତରେ ଉକ୍ତ ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠିର ଧାନ ମଣ୍ଡିର ଚାଷୀ କମିଟିର ସଭ୍ୟ/ସଭ୍ୟା ପ୍ରତାପଚନ୍ଦ୍ର ଦେହୁରିଆ, ସନ୍ତୋଷ କୁମାର ରାଉତ, ଜୁନି ମୁଣ୍ଡା(ପି.ଏସ. ମେମ୍ବର), ତପନ କୁମାର ଚାରିକ ଏମାନଙ୍କ ଉପସ୍ଥିତ ଏବଂ ଧାନର ମାନ ନିର୍ଦ୍ଧାରଣକାରୀ (ଆର.ଏମ.ସି.) ଦିବ୍ୟରଞ୍ଜନ ପହି, ଭିଏଲଡ଼ବ୍ଲ୍ୟୁ ବିମ୍ବାଧର ସେଠୀ ଓ ରାମପୁର ଗ୍ରାମପଂଚାୟତ ସରପଂଚ ଓ ଚାଷୀଙ୍କ ଉପସ୍ଥିତିରେ ଧାନର ମାନ ନିରୂପଣ କରାଯାଇ ସରକାରଙ୍କ ନୀତି ନିର୍ଦ୍ଧାରଣକୁ ଅବଲମ୍ବନ କରି କୌଣସି ଜାଲିଯାତି କରାନଯାଇ ଠିକ ଭାବରେ ଧାନ କିଣା ଯାଇଥୁଲା ଏବଂ ବନ୍ତ ବ୍ଲକରେ ଗତବର୍ଷ ପ୍ରଥମେ ଧାନ କିଣାଯାଇ ସରକାରଙ୍କ ନିତୀନିୟମକୁ ମାନି ଆରମ୍ଭ ହୋଇଥିଲା। ଯେଉଁମାନେ ଅଭିଯୋଗ ଆଗତ କରିଥିଲେ ସେମାନେ ମଧ୍ୟରୁ କିଛି ଲୋକ କେବେ କୌଣସି ବର୍ଷ ଉକ୍ତ ଧାନ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିନଥିବା ସେମାନେ ଉଲ୍ଲେଖ କରିଛନ୍ତି। ମା' ପଶ୍ଚିମା ସ୍ୱୟଂ ସହାୟକ ଗୋଷ୍ଠି ଆଜକୁ ୪ ବର୍ଷ ହେବ ଚାଷୀ ମାନଙ୍କର ଠିକ୍ ସମୟରେ ଚାଷୀ କାର୍ଡ ପଞ୍ଜିକରଣ, ଠିକ୍ ସମୟରେ ଧାନ କିଣା ଏବଂ ଚାଷୀମାନଙ୍କ ଧାନକୁ ମଣ୍ଡିରେ ସୁବ୍ୟବସ୍ଥାରେ ରଖାଇବା ସହ ଚାଷୀଙ୍କୁ କୌଣସି ଅସୁବିଧା ରେ ନପକାଇ ଠିକ୍ ସମୟରେ ଧାନ ମିଲ୍ କୁ ଉଠାଇବା ପରି ସୁବ୍ୟବସ୍ଥା କରି ଆସୁଥିଲେ। ତେଣୁ ଉକ୍ତ ମଣ୍ଡିକୁ ଯଦି ବାତିଲ କରାଯାଏ ତେବେ ରାମପୁର ଗ୍ରାମପଂଚାୟତରେ ଚାଷୀମାନେ ବହୁତ ଅସୁବିଧାରେ ସମ୍ମୁଖିନ ହେବାସହ ଜନ ଆନ୍ଦୋଳନ ଦେଖା ଦେବ। ଉକ୍ତ ମଣ୍ଡି ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଗରୁ ଜିଲ୍ଲାପାଳ ମହୋଦୟ ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ସରପଂଚଙ୍କ ସମେତ ପଂଚାୟତବାସୀ ଜିଲ୍ଲାପାଳଙ୍କୁ ନିବେଦନ କରିବା ସହ ଏହାର ଏକକିତା ନକଲ ସିଏସଓ, ଡ଼ିଆରସିଏସ ଏବଂ ବିପିସି, ବନ୍ତ ମିଶନଶକ୍ତିଙ୍କ ଗୋଚରାର୍ଥେ ପ୍ରେରଣ କରିଥିବା ଜଣାପଡ଼ିଛି।

## ପତଞ୍ଜଳି ଯୋଗ ସମିତିର ବୈଠକ



ଭଦ୍ରକ, ୧୪।୯(ସମିସ): ଭଦ୍ରକ ଜିଲ୍ଲା ପତଞ୍ଜଳି ଯୋଗ ସମିତିର ଜିଲ୍ଲା ବୈଠକ ଜିଲ୍ଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଗ ଗୁରୁ ତଥା ଯୋଗ ପ୍ରଚାରକ ଧରଣୀଧର କରଙ୍କୁ ବିଶ୍ୱ ଯୋଗଗୁରୁ ବାବା ରାମଦେବଙ୍କ ଭାରତ ସ୍ୱାଭିମାନ ରାଜ୍ୟ ସଂଗଠନ ପ୍ରମୁଖ ସୁଧାଂଶୁ ଶେଖର ଅଧିକାରୀ ତାଙ୍କୁ ଜିଲ୍ଲା ସଂଗଠନର ପ୍ରମୁଖ ଦାୟିତ୍ୱ ପ୍ରଦାନ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ବାବା ରାମଦେବ ଓ ଓଡିଶା ରାଜ୍ୟ ପ୍ରଭାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଜିଲ୍ଲାର ସମସ୍ତ ଯୋଗ ଶିକ୍ଷକ ଓ ସାଧକ ମାନଙ୍କୁ ମିଳିତ ଭାବରେ ଯୋଗ ନିଜେ ଅଭ୍ୟାସ ଓ ସମଗ୍ର ଜିଲ୍ଲାରେ ଯୋଗର ପ୍ରଚାର ପ୍ରସାର ପାଇଁ ପ୍ରେରଣା ଦେଇଛନ୍ତି। ଯୋଗ କ୍ଷେତ୍ରରେ ଜିଲ୍ଲାର ପ୍ରମୁଖ ଭାବେ ତାଙ୍କୁ ଦାୟିତ୍ୱ ମିଳି ଥିବାରୁ ଶିକ୍ଷକ ଓ କାର୍ଯ୍ୟକର୍ତ୍ତାମାନେ ବହୁତ ଉତ୍ସାହିତ ଅଛନ୍ତି ତାଙ୍କ ଠାରୁ ତାଲିମ ପ୍ରାପ୍ତ ହୋଇ ଶତାଧିକ ଯୋଗ ଶିକ୍ଷକ ବିଭିନ୍ନ ଡାକ୍ତର ଖାନା ମାନଙ୍କରେ ଯୋଗ ଶିକ୍ଷକ ଭାବରେ ନିଯୁକ୍ତି ପାଇ ପାରିଛନ୍ତି। କାର୍ଯ୍ୟକର୍ତ୍ତାମାନେ ମଧ୍ୟ ସଂଗଠନର ବିସ୍ତାର ନିମିତ ଆଶାବାଦୀ ଅଛନ୍ତି। ବୈଠକରେ ଅତିଥି ଭାବେ ଯୋଗ ଗୁରୁ ସୁରେନ୍ଦ୍ର ଦାସ, ମହିଳା ପ୍ରଭାରୀ ଅର୍ପୀତା ମାହାନ୍ତି, ସହ ପ୍ରଭାରୀ ସସ୍ମିତା ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ଯେନା, ଯୁବ ପ୍ରଭାରୀ ଚିନ୍ମୟ ସାହୁ, ଗିରିସ୍ ପାଢୀ, ଯୋଗୀ ସଂଜୀବ ନାୟକ, କାହ୍ନୁଚରଣ ସାହୁ, ସଂଜୟ ନାୟକ, ସନ୍ତୋଷ ନାଥ, ପଞ୍ଚାନନ ମିଶ୍ର, ସୁଦର୍ଶନ ଯେନା, ଡ.ଆଚାର୍ଯ୍ୟ, ଆରତୀ ପାଣିଗ୍ରାହୀ, ଆଶାରାଣୀ ମୁଦୁଲି, ରମାମଣୀ ପଣ୍ଡା, ଜୟଶ୍ରୀ ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ସମସ୍ତ କାର୍ଯ୍ୟରେ ସନ୍ତୋଷ ପଣ୍ଡା ମଳୟ ରାଉଳ, କାଳନ୍ଦୀ ପାତ୍ର, ଶିଶିର ପାତ୍ର, ଶ୍ରୀବଚ୍ଛ କର ଓ ଚନ୍ଦ୍ରଶେଖର କର ସହଯୋଗ କରିଥିଲେ।

## ବନ୍ୟା ପୀଡ଼ିତ ୨ ମାସ ଧରି ବନ୍ଧ ଉପରେ; ପ୍ରଶାସନର ନିଘା ନାହିଁ

ଅସୁରାଳି, ୧୪।୯(ସମିସ): ହସନାବାଦ ପଞ୍ଚାୟତ ଅନ୍ତର୍ଗତ ବନବାଗ ଗାଁର ସେବତୀ ମହାଳିକଙ୍କ ବାସଗୃହ ପ୍ରଥମ ବନ୍ୟାରେ ଭାଙ୍ଗି ଯିବାକୁ ୨ ମାସ ବିତିଲାଣି। ବନ୍ୟାର ବିଭୀଷିକା ଏତେ ଭୟଙ୍କର ଥିଲା ଯେ ଘର ସହ ସବୁ ସ୍ମୃତିକୁ ପାଶୋରି ନେଇଛି। ବନ୍ୟା ପରେ ନିଜ ପରିବାର ସହ ବନ୍ଧ ଉପରେ ପାଲ ଟାଣି ଆଶ୍ରୟ ନେଇଥିଲେ ସେ। ଏହି ଅବସ୍ଥାରେ ଆହୁରି ଦୁଇଥର ବନ୍ୟାର ସାମ୍ନା କରି ସେମାନେ ଅତିକ୍ରମ କରିଛନ୍ତି। ପୁଅ ଜଗବନ୍ଧୁ ମହାଳିକ, ବୋହୂ ସୁଭଦ୍ରା ମହାଳିକ, ନାତି ଆଲୋକ ମହାଳିକ ଓ ଅନ୍ୟ ସଦସ୍ୟଙ୍କ ସହିତ ମୋଟ ୧୦ ଜଣ ୨ମାସ ଧରି ବନ୍ଧ ଉପରେ ପାଲ ଟାଣି ରହିଛନ୍ତି। ଗୃହପାଳିତ ପଶୁମାନେ ମଧ୍ୟ ସେମାନଙ୍କ ସହ ଏହି ବନ୍ଧ ଉପରେ ଆଶ୍ରୟନେଉଛନ୍ତି। ଗାଁର ଯେତିକି ଗୃହପାଳିତ ପଶୁ ସବୁ ସେଇ ବନ୍ଧ ଉପରେ ଆଶ୍ରୟ ନେଉଛନ୍ତି ତାଙ୍କରି ସହ ସେବତୀଙ୍କ ପରିବାର ମଧ୍ୟ ଦିନ କାଟୁଛନ୍ତି। ଏପରି ଦୁଃଖଦ ଅବସ୍ଥା ସତ୍ତ୍ୱେ ଏଯାଏଁ ପ୍ରଶାସନ ଦୃଷ୍ଟି ଆଢୁଆଳରେ ରହିଛି ସେବତୀ ମହାଳିକଙ୍କ ପରିବାର। ଗ୍ରାମବାସୀ ଓ ସାମାଜିକ କାର୍ଯ୍ୟକର୍ତ୍ତାମାନେ ପ୍ରଶାସନଙ୍କ ନିକଟରେ ଅନୁରୋଧ କରୁଛନ୍ତି ଯେ ସେବତୀ ମହାଳିକଙ୍କ ପରିବାର ପାଇଁ ତୁରନ୍ତ ଆଶ୍ରୟ ଓ ସହାୟତା ବ୍ୟବସ୍ଥା



କରାଯାଉ। ଏହାସହ ଖୋଦ୍ ସେବତୀ ନିଜ ପାଇଁ ଆଶ୍ରୟ ନିମନ୍ତେ ଦାବି କରିଛନ୍ତି।

## ନାଟ୍ୟକାର ଦେବେନ୍ଦ୍ର ତ୍ରିପାଠୀଙ୍କ ସ୍ମୃତିସଭା

ବନ୍ତ/ଆଗରପଡ଼ା, ୧୪।୯(ସମିସ): ଓଡ଼ିଶା ଯାତ୍ରାଜଗତ ଚର୍ଚ୍ଚିତ ନାଟ୍ୟକାର ତଥା ବରିଷ୍ଠ ରାଜନେତା ଦେବେନ୍ଦ୍ର ତ୍ରିପାଠୀଙ୍କର ଦ୍ୱାଦଶାହରେ ଆଗରପଡ଼ାସ୍ଥିତ ରାଜନଗର ମଙ୍ଗଳପୁର ବାସଭବନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଦେବେନ୍ଦ୍ର ଯାତ୍ରା ଜଗତର ବାଦଶାହା ଥିଲେ। ମା ଡାକୁଛି ଆ, ବାପଘର ସୁଖ ସରିଗଲା, ଏତେ ସପନକୁ ରାତି କାହିଁ ପରି ଅନେକ ଲୋକପ୍ରିୟ ଯାତ୍ରା ନାଟକ ସେ ରଚନା କରି ଚର୍ଚ୍ଚାକୁ ଆସିଥିଲେ ବୋଲି ଅତିଥିମାନେ ଯୋଗଦେଇ ତାଙ୍କର ସ୍ମୃତିଚାରଣ କରିଥଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲ୍ଲାପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ଦାଶ, ସତ୍ୟ ସାଧନ ବେଜ, ସମାଜସେବୀ ରବିନ୍ଦ୍ର ରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମୁରଲୀଧର ପଣ୍ଡା, ସୁପ୍ରିମକୋର୍ଟ ଆଡ଼ଭୋକେଟ ଜଗତମୋହନ ସିଂହ, ପ୍ରୀତିଶ୍‌କାନ୍ତ ଶତପଥୀ, ଅଶୋକ ପାଣିଗ୍ରାହୀ, ସାମ୍ବାଦିକ ରବିନାରାୟଣ ଖିଲାର, ଅଶ୍ୱିନୀ ପାଢ଼ୀ ପ୍ରମୁଖ ତାଙ୍କ ସ୍ମୃତିଚାରଣ କରିଥିଲେ।

## ବନ୍ୟାବିପନ୍ନଙ୍କୁ ରିଲିଫ୍ ବଣ୍ଟନ






ଧାମନଗର/ଅସୁରାଳି, ୧୪।୯(ସମିସ): ଧାମନଗରରେ ଚଳିତ ବର୍ଷର ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ (ଏମ୍‌ଏସ୍‌କିୟୁ) କମ୍ପାନୀ ତରଫରୁ ହସନାବାଦ ପଞ୍ଚାୟତ ଗୋପବନ୍ଧୁ ନଗର କଲ୍ୟାଣ ମଣ୍ଡପଠାରେ ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ଅପରାହ୍ନରେ ଧାମନଗର ବ୍ଲକ ଅନ୍ତର୍ଗତ ହସନାବାଦ ପଞ୍ଚାୟତଠାରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଚୁଡାକୁଟି ପଂଚାୟତର ସମିତିସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ଙ୍କ ସଭା ସଂଚାଳନାରେ ମୁଖ୍ୟଅତିଥି ଭାବେ ଧୁଷୁରୀ ଜୋନ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ ୧୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରିଥିଲେ। ସମାଜସେବୀ ହିମାଂଶୁ ମଲ୍ଲିକ, ଉମେଶଚନ୍ଦ୍ର ତ୍ରିପାଠୀ, ଗଗନ ଜେନା, ବିନୋଦ ନାୟକ, ଦେବେନ୍ଦ୍ର ପଣ୍ଡା, ଧରଣୀଧର ବସନ୍ତିଆ, ରଞ୍ଜନ ଭୂୟାଁଙ୍କ ସମେତ ସ୍ଥାନୀୟ ଲୋକପ୍ରତିନିଧି, ବୁଦ୍ଧିଜୀବୀ, ଯୁବକ, ମହିଳା ପ୍ରମୁଖ ଉପସ୍ଥିତ ରହି ଏମ୍ ଏସ୍‌କିୟୁ କମ୍ପାନୀ ତରଫରୁ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଲୋକମାନଙ୍କୁ ଏବଂ ଭିନ୍ନକ୍ଷମ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଛି। ଉକ୍ତ କମ୍ପାନର ଅତିରିକ୍ତ ଅଧିକାରୀ ସତ୍ୟରଞ୍ଜନ ପତି ଓ କର୍ମକର୍ତ୍ତା ଦୀନକୃଷ୍ଣ ମହାପାତ୍ର, ବିବେକାନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ପୂର୍ବରୁ ଅର୍ଜୁନପୁରଠାରେ ଉକ୍ତ କମ୍ପାନୀ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କ ତତ୍ତ୍ୱାବଧାନରେ ବନ୍ୟାବିପନ୍ନଙ୍କୁ ଶୁଖିଲା ଖାଦ୍ୟ ତଥା ରିଲିଫ ବଣ୍ଟନ କରାଯାଇଥିଲା।

## ମାଧ୍ୟମିକ ଶିକ୍ଷା ପରିଷଦର ତ୍ରୁଟି ପାଇଁ ଏ-୧ରୁ ବଞ୍ଚିତ ହେଲେ ମେଧାବୀ ଛାତ୍ର

ଭଦ୍ରକ, ୧୪।୯(ସମିସ)

ମାଟ୍ରିକ ପରି ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ତ୍ରୁଟିପୂର୍ଣ୍ଣ ଖାତାଦେଖା ଓ ଖାମଖିଆଲି ଭାବେ ଖାତା ଦେଖିବା ଯୋଗୁଁ ଏ୧ ଗ୍ରେଡରୁ ବଞ୍ଚିତ ହେଲେ ଜଣେ ମେଧାବୀ ଛାତ୍ର। ମିଳିଲାନି ମନ ପସନ୍ଦ କେଲେଜରେ ସିଟ୍। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ମିନାମୁନି ଉଚ୍ଚ ବିଦ୍ୟାଳୟରେ। ଛାତ୍ର ଜନ୍ମେଜୟ ମହାନ୍ତି ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୩୫ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ବିଜ୍ଞାନରେ ୮୧ ମାର୍କ ଥିବାରୁ ଏଥିରେ ସନ୍ତୁଷ୍ଟ ହୋଇ ନ ଥିଲେ ଜନ୍ମେଜୟ। ପୁନଃ ମୂଲ୍ୟାଙ୍କନ ପାଇଁ ଦାବି କରିଥିଲେ। ନିଜ ପିଲାର ଦୃଢତା ଦେଖି ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ ବାପା କୃଷ୍ଣଚନ୍ଦ୍ର ମହାନ୍ତି। ପୁଅ ଖାତାର ପୁନଃ ମୂଲ୍ୟାଙ୍କନ ସହ ପରୀକ୍ଷା ଖାତାର କପି ପାଇବା ପାଇଁ ଆବେଦନ କରିଥିଲେ।



ମାତ୍ର ପୁନଃ ମୂଲ୍ୟାଙ୍କନ ପରେ ମାର୍କରେ କୌଣସି ପରିବର୍ତ୍ତନ ହୋଇ ନଥିଲା। ହେଲେ ପରୀକ୍ଷା ଖାତାର ନକଲରୁ ଜଣା ପଡିଲା କି ଖାତାର ୪ନମ୍ବର ପେଜକୁ ପରୀକ୍ଷକ ବିଲକୁଲ ଦେଖି ନାହାଁନ୍ତି। ତା ସହିତ କିଛି ପ୍ରଶ୍ନର ଉତ୍ତର ସଠିକ ଥିଲେ ମଧ୍ୟ ଠିକ ମାର୍କ ଦିଆଯାଇ ନାହିଁ। ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏ ବିଷୟରେ ଜନ୍ମେଜୟଙ୍କ ବାପା ବୋର୍ଡ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ସୁଫଳ ମିଳିଲା ନାହିଁ। ଯଦି ଠିକ ଭାବେ ଜନ୍ମେଜୟର ର ଖାତାକୁ ଦେଖା ଯାଇଥାନ୍ତା ତେବେ ୧୧ ମାର୍କ ବଢିବ ବୋଲି ଦାବି କରନ୍ତି ଶିକ୍ଷକ। ଏପଟେ କମ ମାର୍କ ପାଇବା ଯୋଗୁଁ ମାନସିକ ସ୍ତରରେ ଭାଙ୍ଗିପଡିଲେ ଜନ୍ମେଜୟ, ମିଳିଲାନି ମନ ପସନ୍ଦର କଲେଜରେ ଆଡ଼ମିଶନ। ବୋର୍ଡ କର୍ତ୍ତୃପକ୍ଷଙ୍କ ତ୍ରୁଟି ଯୋଗୁଁ ବଳିପଡ଼ିଲା ମେଧାବୀ ଛାତ୍ରଙ୍କ ସ୍ୱପ୍ନ। ଖାତାର ପୁନଃ ମୂଲ୍ୟାଙ୍କନ କରି ଉଚିତ ନ୍ୟାୟପ୍ରଦାନ କରିବାକୁ ଦାବି କରିଛନ୍ତି ପିତାମାତା।

## ମାକଳପୁର ସାର୍ବଜନୀନ ଦୁର୍ଗାପୂଜା କମିଟି

# ଏଥର ବୁଦ୍ଧ ମନ୍ଦିରର ମୁଖଶାଳା ତୋରଣ





ଆସୁଛନ୍ତି ମା' ଦୁର୍ଗା

ବାଲେଶ୍ୱର,୧୪।୯ (ସମିସ)

ଏକ ବୌଦ୍ଧ ମନ୍ଦିରର ମୁଖଶାଳା ପରି ହେବ ତୋରଣ। ପାଖାପାଖି ୫୦ ଫୁଟ୍ ଉଚ୍ଚର ତୋରଣରେ ହେବ ସାଜସଜ୍ଜା। ଏହା ସମ୍ପୂର୍ଣ୍ଣ ଫାଇବର୍ ଏବଂ ଲୁହାରେ ନିର୍ମିତ ହେବ। ଯାହା ଏଥରର ମୁଖ୍ୟ ଆକର୍ଷଣ ପାଲଟିବ। ଚଳିତବର୍ଷ ବାଲେଶ୍ୱର ସହରର ମାକଳପୁରଠାରେ ମାକଳପୁର ନାଥପାଣି ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମାଣ ହେଉଛି ଭିନ୍ନ ଏକ ତୋରଣ। ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ଏକ ଭିନ୍ନ ଓ ଆକର୍ଷଣୀୟ ତୋରଣ ନିର୍ମାଣର ଯୋଜନା କରିଛି କମିଟି। ଚଳିତବର୍ଷ ୪୬ ବର୍ଷର ଶାରଦୀୟ ମହୋତ୍ସବ ପାଳିବ କମିଟି। ୧୯୮୦ ମସିହାରୁ ମାକଳପୁର ନାଥପାଣି ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗାପୂଜା ପାଳିତ ହୋଇଆସୁଛି। କମିଟି ଚଳିତବର୍ଷ ୪୬ ତମ ଦୁର୍ଗାପୂଜା ପାଳନ କରିବ। ଦୁର୍ଗା ପୂଜା ପାଇଁ ପ୍ରାୟ ୯ ଲକ୍ଷ ଟଙ୍କାର ବଜେଟ୍ ରହିଛି। ସେପ୍ଟେମ୍ବର ୨୮ ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ପାଇବେ ମାଆ ଦୁର୍ଗା। ଷଷ୍ଠୀରୁ ପୂଜା ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ଚାଲିବ। ପ୍ରତିବର୍ଷ କିଛି ଭିନ୍ନ ଧରଣର ତୋରଣ କରୁଥିବା ଏହି କମିଟି ଚଳିତ ବର୍ଷ ମଧ୍ୟ ଆକର୍ଷଣୀୟ ତୋରଣ ପାଇଁ ଯୋଜନା କରିଛି। ବୌଦ୍ଧ ଧର୍ମାବଲମ୍ବୀ ସଦୃଶ ରହିବ। ତୋରଣର ଉଚ୍ଚତା ପ୍ରାୟ ୫୦ ଫୁଟ୍ ରହିବ ଏହାର କାମ ମଧ୍ୟ ଆରମ୍ଭ ହୋଇଗଲାଣି। ମା'ଙ୍କ ମୂର୍ତ୍ତିର ଉଚ୍ଚତା ୧୫ ଫୁଟ ରହିବା ସହିତ ମୂର୍ତ୍ତି ତିଆରି ମଧ୍ୟ ଆରମ୍ଭ ହୋଇଗଲାଣି। ମାଆ ଦୁର୍ଗାଙ୍କ ସହିତ ଅନ୍ୟ ଦେବଦେବୀଙ୍କ ପାଇଁ ରୂପା ଓ ସୁନାର ଅଳଙ୍କାର ରହିଛି। ଏଥର ଲଡୁ ବଣ୍ଟନ କାର୍ଯ୍ୟକ୍ରମ ହେବ। ଏହାବ୍ୟତୀତ ଉକ୍ତ ଗ୍ରାମର ରଘୁନାଥ ଜୀଉ ମନ୍ଦିରରୁ ରଘୁନାଥ ଜୀଉଙ୍କୁ ସପ୍ତମୀ ଦିନ ସକାଳୁ ପୂଜା ମଣ୍ଡପକୁ ଅଣାଯାଏ। ଦଶହରା ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ତାଙ୍କର ସ୍ୱତନ୍ତ୍ର ପୂଜା ବିଧି କରାଯିବ। ଏହି କମିଟି ସହିତ ପ୍ରାୟ ୩୦୦ରୁ ଅଧିକ ସଦସ୍ୟ ଜଡିତ ରହିଛନ୍ତି। କମିଟି ସଭାପତି ଆଲୋକ କୁମାର ସାହୁ, ଉପସଭାପତି ସତ୍ୟଜିତ ଗୁପ୍ତା, ସମ୍ପାଦକ ପ୍ରଶାନ୍ତ ଚାନ୍ଦ, ଯୁଗ୍ମ ସମ୍ପାଦକ ସୁରେଶ ଦାସ, ସହଯୋଗୀ ସମ୍ପାଦକ ରମେଶ ଚନ୍ଦ୍ର ନାୟକ ଓ ଶୈଳେନ୍ଦ୍ର ପଣ୍ଡା, ଟ୍ରେଜରର୍ ସୌଭାଗ୍ୟ ରଞ୍ଜନ ଦାସଙ୍କ ସମେତ ଗୌରୀ ଶଙ୍କର ସାହାଣୀ, ପ୍ରଭାତ ବିଶ୍ୱାଳ, ବାସନ୍ତୀ ନାୟକ, ଅମର ଦେ, ଅରୁଣ ଦାସ, ରବୀନ୍ଦ୍ର ନାଥ ନନ୍ଦୀ ପ୍ରମୁଖଙ୍କ ପରିଚାଳନାରେ ପୂଜା ସମ୍ପନ୍ନ ହୋଇଥାଏ।



◆ ଏଥର ତୋରଣ ଭିନ୍ନ ଧରଣର ହେବ। ଏକ ବୌଦ୍ଧ ମନ୍ଦିର ସଦୃଶ ମୁଖଶାଳା ହେବ ଏବଂ ମଝିରେ ବୁଦ୍ଧଙ୍କ ବଦଳରେ ମାଆଙ୍କ ମୁହଁ ରହିବ। ବୌଦ୍ଧ ମନ୍ଦିର ପରି ତୋରଣ ପ୍ରସ୍ତୁତ ହେଉଛି। ଭିତରେ ବଡ ବଡ ଘଣ୍ଟି ଲଗାଇ ସାଜସଜ୍ଜା ହେବ। ବେଙ୍ଗଲୀ କାରିଗରମାନେ କାମ କରୁଛନ୍ତି।

ଆଲୋକ କୁମାର ସାହୁ, ସଭାପତି



◆ ଏଠାରେ ପୂଜାରେ ପାଖାପାଖି ୫୫୦ ଡାଲା ଲାଗେ। ମାକଳପୁର ସହିତ ବୈରାମନଗର, ନଳମଗଞ୍ଜ, ଭୋଇସାହି ଅଞ୍ଚଳର ଲୋକ ଆସିଥାନ୍ତି। ଏଥର ୧୫ ହଜାର ଲଡୁ ବଣ୍ଟାଯିବ। ୬୦ କେଜିର ଏକ ବଡ଼ ଲଡୁ ମଧ୍ୟ ପ୍ରସାଦରେ ରହିବ।

ପ୍ରଶାନ୍ତ ଚାନ୍ଦ, ସମ୍ପାଦକ

## ପ୍ରଫେସର ଦେବାଶିଷ ପାତ୍ରଙ୍କୁ ଭାରତୀୟ ଭାଷା ସମ୍ମାନ

ବାଲେଶ୍ୱର,୧୪।୯ (ସମିସ): ବାରଣାସୀର କାଶୀ ବିଦ୍ୟାପୀଠ ଅଡିଟୋରିୟମରେ ହିନ୍ଦୁସ୍ଥାନ ସମାଚାର ପକ୍ଷରୁ ଆୟୋଜିତ ଭାରତୀୟ ଭାଷା ସମ୍ମିଳନୀରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କୁ "ଭାରତୀୟ ଭାଷା ସମ୍ମାନ-୨୦୨୫" ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟରେ ନିଜର ଅସାଧାରଣ ଅବଦାନ ସହ, ଆଦିବାସୀ ଅଧ୍ୟୟନ ଓ ଗବେଷଣା ତଥା ସାହିତ୍ୟର ବିବିଧ ବିଷୟରେ ଶତାଧିକ ପ୍ରକାଶନ ମାଳା ପାଇଁ ପ୍ରଫେସର ପାତ୍ରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ଭାଗରୁ ପ୍ରତିଷ୍ଠିତ ଶିକ୍ଷାବିତ୍ ଓ ସାହିତ୍ୟିକମାନେ ଯୋଗ ଦେଇଥିଲେ। ଏହି ସମ୍ମିଳନୀକୁ ଜମ୍ମୁ ଓ କାଶ୍ମୀରର ଲେଫ୍ଟେନାଣ୍ଟ ଗଭର୍ନର ଶ୍ରୀ ମନୋଜ ସିହ୍ନା ଉଦ୍‌ଘାଟନ କରିଥିଲେ ଓ 'ଶିକ୍ଷା ସଂସ୍କୃତି ଉତଥାନ ନ୍ୟାସ'ର ଜାତୀୟ ସଚିବ ଅତୁଲ ଭାଇ କୋଠାରୀ ପ୍ରମୁଖ ବ୍ୟାଖ୍ୟାନ ଉପସ୍ଥାପନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ



ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ ଓ କାଶୀ ବିଦ୍ୟାପୀଠର କୁଳପତି ପ୍ରଫେସର ଆନନ୍ଦ କୁମାର ତ୍ୟାଗୀ ଉପସ୍ଥିତ ଥିଲେ। ଏହି ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଭିନନ୍ଦନ ଜଣାଇ ଏହି ସଫଳତାକୁ ବିଶ୍ୱବିଦ୍ୟାଳୟ ପରିବାର ପାଇଁ ଗୌରବର କ୍ଷଣ ବୋଲି ବର୍ଣ୍ଣନା କରିଥିଲେ।

## ରଣସାହିରେ ହିନ୍ଦୀ ଦିବସ ପାଳିତ



ବାଲେଶ୍ୱର,୧୪।୯ (ସମିସ): ସାମାଜିକ ସଂଗଠନ ମୁନ କମ୍ୟୁନିକେସନ ଓ "ମୋ ଯୁବ ଭାରତ'ର ମିଳିତ ସହଯୋଗରେ ହିନ୍ଦୀ ଦିବସ ରଣସାହିରେ ପାଳିତ ହୋଇଯାଇଛି। ତୃଣମୂଳ ସ୍ତରରେ ହିନ୍ଦୀ ଭାଷାର ବ୍ୟବହାର ବୃଦ୍ଧି ପାଇଁ ୟୁନିଅନ ନୋଡାଲ ହାଇସ୍କୁଲ ସ୍କୁଲ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁନ କମ୍ୟୁନିକେସନର ସମ୍ପାଦକ ଅବନୀ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ୟୁନିଅନ ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସ, ଅନ୍ୟତମ ଅତିଥି ଭାବେ ସହକାରୀ ଶିକ୍ଷୟିତ୍ରୀ ମଞ୍ଜୁଲତା ପେଡା, ଗୀତାଞ୍ଜଳି ମହାପାତ୍ର, ମୀନାରାଣୀ ଜେନା ଯୋଗ ଦେଇ ଭାରତୀୟ ଜନଜୀବନରେ ହିନ୍ଦୀ ଭାଷାର ପ୍ରଭାବ ଓ ଏହାକୁ କିପରି ବୃଦ୍ଧି କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ ବୃଦ୍ଧି ପାଇଁ ଦେଶାତ୍ମବୋଧକ ସଂଗୀତ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ସାଧାରଣ ଲୋକଙ୍କ ମଧ୍ୟରେ ହିନ୍ଦୀ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ମୁରଲୀ ଧର ମହାନ୍ତି ନେତୃତ୍ୱରେ ଏକ ସାଇକେଲ ରାଲି ରଣସାହି, ହିଡିଗାଁ, ଗୁଡୁ, ସାରଗାଁ ଓ ଗେଙ୍ଗୁଟି ପଂଚାୟତ ପରିକ୍ରମା କରି ଜନସାଧାରଣଙ୍କୁ ରାଜଭାଷା ବ୍ୟବହାର ବୃଦ୍ଧି ପାଇଁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପର୍ଶୁରାମ ରାଉତ, ଜଳଧର ବେହେରା, ଜଗନ୍ନାଥ ବେହେରା, ଉପେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ହାତୀ ଆକ୍ରମଣରେ ଯୁବକ ଗୁରୁତର

ନୀଳଗିରି, ୧୪।୯ (ସମିସ): ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଥିବା ବେଳେ ତାଙ୍କ ୮ବର୍ଷର



ଭଣଜା ଅଳ୍ପକେ ହାତୀ ମୁହଁରୁ ବର୍ତ୍ତିଯାଇଛି। ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରଙ୍ଗା ମାଠିଆ ଗ୍ରାମର ଗଙ୍ଗାଧର ମୁର୍ମୁର ପୁଅ ଶିବ ନିଜ ଶଶୁର ଘର ନୀଳଗିରି ବ୍ଲକର ଭଉରିଆବାଡ ପଞ୍ଚାୟତର ତୁଳସୀଡିହା ଗ୍ରାମକୁ ଆସିଥିଲେ। ରବିବାର ଦିନ ନିଜ ୮ବର୍ଷର ଭଣଜାକୁ ସାଇକେଲରେ ବସାଇ ବଣଭୂଇ ହାଟକୁ ଆସିଥିଲେ। ହାଟରୁ ଘରକୁ ଫେରୁଥିବା ସମୟରେ ତୁଳସିଡିହା ଜଙ୍ଗଲ ରାସ୍ତାରେ ଏକ ହାତୀ ଆକ୍ରମଣ କରିଥିଲା। ନିଜ ଭଣଜା କୁ ଜୀବନ ବିକଳରେ ନିକଟସ୍ଥ ବିଲକୁ ଫିଙ୍ଗି ଦେଇଥିଲା। ହାତୀ ଆକ୍ରମଣରେ ଶିବର ଗୋଡ, ହାତ ଓ ଛାତିରେ ଗଭୀର ଆଘାତ ଲାଗିଥିବା ବେଳେ ସାଇକେଲଟି ଭାଙ୍ଗି ଯାଇଥିବାର ଦେଖିବାକୁ ମିଳିଛି। ପାଟି କରିବାରୁ ହାତୀଟି ପଳାଇ ଯାଇଥିଲା। ପରେ ଶଶୁର ଘର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ନୀଳଗିରି ମେଡିକାଲ ଆଣିଥିବା ବେଳେ ଏବେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ପରିବେଶ ସୁରକ୍ଷା ସମ୍ବନ୍ଧୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ବାଲେଶ୍ୱର,୧୪।୯ (ସମିସ): ପିଲାମାନଙ୍କ ଭିତରେ ପରିବେଶ ଅନୁକୂଳ ଉତ୍ପାଦ ଏବଂ ପରିବେଶ ସୁରକ୍ଷା ସମ୍ବନ୍ଧରେ ସଚେତନତା ସୃଷ୍ଟିକୁ ଦୃଷ୍ଟିରେ ରଖି କୁନି କୁନି ପିଲାମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ୱଭିଓନା ନେଚୁରାଲ୍ସ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏଥିରେ ୩୦ରୁ ଅଧିକ ପିଲା ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିଳ୍ପୀ କେଶୁଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଦାଧର ମହାନ୍ତି ବିଚାରକ ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିଙ୍କୁ ଗଛ ଚାରା ଦିଆଯାଇ ସ୍ୱାଗତ କରାଯାଇଥିଲା। ଆୟୋଜକ ତଥା ଭିଓନାର ନିର୍ଦ୍ଦେଶିକା ଶିବାନୀ ସମାଦ୍ଦାର ଦତ୍ତ ଏହି ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଶ୍ୱଭୂଷଣ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଆରତି, ପ୍ରିୟା, ମଧୁସ୍ମିତା, ସୁକାନ୍ତି ଏବଂ ରଶ୍ମିତା ପ୍ରମୁଖ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା।

## ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବୈଠକ




ବାଲେଶ୍ୱର,୧୪।୯ (ସମିସ): ଏଆଇଟିୟୁସି ସହବନ୍ଧିତ 'ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ବାଲେଶ୍ୱର ଜିଲ୍ଲାର ସଭାପତି ପ୍ରତିଭା ପାଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲାର କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମଗ୍ର ଦେଶରେ ଅଗଣିତ ଶିଶୁ ଓ ମାତୃ ମୃତ୍ୟୁହାର ରୋକିବା, କିଶୋରୀ,ଗର୍ଭବତୀ,ପ୍ରସୂତି ମହିଳା,ପୁଷ୍ଟିହୀନତା ଦୂରୀକରଣ,(୩-୬) ବର୍ଷର ଶିଶୁମାନଙ୍କର ଯତ୍ନ ଓ ଶିକ୍ଷାପ୍ରତି ଆଗ୍ରହ ସୃଷ୍ଟି କରିବାର ପ୍ରମୁଖ ଭୂମିକା ତୁଲାଇ ଆସୁଥିବା ବେଳେ କର୍ମୀମାନଙ୍କୁ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡୁଛି। ଦୀର୍ଘଦିନ ଧରି କିଶୋରୀମାନଙ୍କୁ ପ୍ରଦାନ କରାଯାଉଥିବା ଅଣ୍ଡାବାବଦକୁ ଅର୍ଥ, ମମତା ପ୍ରୋତ୍ସାହନ ରାଶି, ସୁଭଦ୍ରା ଯୋଜନାର ପ୍ରୋତ୍ସାହନ ରାଶି, ସୁଭଦ୍ରା ଅର୍ଥରାଶି, ବକେୟା ଘରଭଡ଼ା, ବିଗତ୭ବର୍ଷ ପୂର୍ବରୁ ବ୍ରିଜ ପ୍ରଶିକ୍ଷଣ ବାବଦକୁ ଅର୍ଥ, ବର୍ଦ୍ଧିତ ଅଣ୍ଡା ଦର ବାବଦକୁ ଅର୍ଥ ଆଦି ଅଗ୍ରୀମ ଦେବାର ନିର୍ଦ୍ଦେଶ ଥିଲା ବେଳେ ବାଲେଶ୍ୱର ଜିଲ୍ଲାରେ ଏହା ଠିକ ସମୟରେ ଦିଆଯାଉନାହିଁ ବୋଲି ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ଅଭିଯୋଗ କରିଛନ୍ତି। ପ୍ରତ୍ୟେକ କେନ୍ଦ୍ରକୁ ପାନୀୟଜଳ, ବିଦ୍ୟୁତ ସଂଯୋଗ, ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ ଓ ମରାମତି ବାବଦକୁ ଅର୍ଥ,ବିଭିନ୍ନ ଖାତାପତ୍ର ବାବଦକୁ ଅର୍ଥ,ଏସଏନପି ବାବଦକୁ ପିଲାପ୍ରତି ବଜାରଦର ଅନୁଯାୟୀ ଅର୍ଥପ୍ରଦାନ, ନୂଆନୂଆ ମୋବାଇଲ ଆପ ବ୍ୟବହାର ପାଇଁ ପ୍ରଶିକ୍ଷଣ ବାବଦକୁ ଅର୍ଥପ୍ରଦାନ ଆଦି ସଂଘର ଉପସଭାପତି ସୁଷମା ପାତ୍ର ଆଲୋଚନା କରିଥିଲେ। ସରକାରଙ୍କର ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁ ଗ୍ରୁପର ନିଜସ୍ୱ ସିଲେଇ ୟୁନିଟ ରହିଛି ଏବଂ ସିଲେଇ ବାବଦକୁ ବ୍ୟାଙ୍କ ଲିଙ୍କେଜ ଥିବ ସେହି ଗ୍ରୁପ ପ୍ରାକ ବିଦ୍ୟାଳୟର ଶିଶୁମାନଙ୍କ ମାପ ନେଇ ନିଜେ ପୋଷାକ ତିଆରି କରି ପ୍ରଦାନ କରିପାରିବେ। ଏଥିରେ ବାଲେଶ୍ୱର ଜିଲ୍ଲାରେ ନିର୍ଦ୍ଦେଶାବଳୀକୁ ଉଲ୍ଲଘଂନ କରାଯାଇଛି। ଛତୁଆ ପ୍ରସ୍ତୁତରେ ଅଙ୍ଗନବାଡ଼ି କର୍ମୀଙ୍କର କୌଣସି ଭୂମିକା ନଥିବାବେଳେ ପ୍ରଦତ୍ତ ଛତୁଆ ନିମ୍ନମାନର ହେବାଦ୍ୱାରା ହିତାଧିକାରୀମାନଙ୍କ ଠାରୁ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଆକ୍ରୋଶର ଶୀକାର ହେବାକୁ ପଡୁଛି। କେନ୍ଦ୍ରକୁ ଚାଉଳ ବଂଟନ ବେଳେ ଓଜନ ମେସିନର ବ୍ୟବହାର ନ କରିବା, ୬ସୂତ୍ରୀର କାର୍ଯ୍ୟ ବ୍ୟତିତ ଅନ୍ୟାନ୍ୟ କାର୍ଯ୍ୟକୁ ଜୋର ଜବରଦସ୍ତି ବୋଝ ଉପରେ ନଳିତାବିଡ଼ା ପରି ଲଦି ଦିଆଯାଉଛି। ଜିଲ୍ଲାସ୍ତରୀୟ ପୋଷଣ କାର୍ଯ୍ୟକ୍ରମରେ କର୍ମୀମାନେ ନିଜ ହାତରୁ ଖର୍ଚ୍ଚ କରି ପିଠାପଣା ପ୍ରସ୍ତୁତ କରି ଆଣିବା ଇତ୍ୟାଦି କର୍ମୀଙ୍କ ପ୍ରତି ଉଦ୍ଦେଶ୍ୟମୂଳକ ଭାବରେ ହଇରାଣ ହରକତ କରାଯାଉଛି ବୋଲି ବୈଠକରେ ଶ୍ରୀମତୀ ପାଲ ଅଭିଯୋଗ କରିଥିଲେ। ଅଙ୍ଗନବାଡ଼ିକେନ୍ଦ୍ର ସଠିକ ଭାବେ ପରିଚାଳନା ପାଇଁ ବିଭିନ୍ନ ସମସ୍ୟା ଥିବାବେଳେ ସେଗୁଡ଼ିକର ସମାଧାନ କରିବା ପରିବର୍ତ୍ତେ ବିଭିନ୍ନ ଆକ୍ରୋଶର ଶିକାର ହେବାକୁ ପଡୁଛି। ଏହାକୁ ସଂଘପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏହି ସବୁ ସମସ୍ୟା ଗୁଡ଼ିକ ସମାଧାନ ନହେଲେ ଆଗାମୀ ଦିନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଅଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାସିନୀ ପ୍ରଧାନ, ସଂଯୁକ୍ତା ସିଂହ, ଅନୁପମା ଗିରି, ମମତା ସେଠୀ, ପୂର୍ଣ୍ଣିମା ଦେ, ପ୍ରତିଭା ନାୟକ, ରିଙ୍କି ହାଲଦାର, ନିଶାମଣି ନାୟକ, ନୀଳିମା ଜେନା, ପ୍ରଣତି ପାଣିଗ୍ରାହୀ, ରଶ୍ମିତା ନାଥ, ମାଳତୀ ମିଶ୍ର, ମାନିନୀ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ମା' ଦୁର୍ଗାଙ୍କ ଆଗମନ ପାଇଁ ହସୁଛି କାଶତଣ୍ଡୀ

## ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ଆଇନ ସଚେତନତା

ଜଳେଶ୍ୱର, ୧୪।୮ (ସମିସ) : ଜଳେଶ୍ୱର ମହିଳା ମହାବିଦ୍ୟାଳୟରେ ନାଲସା ପକ୍ଷରୁ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀମାନଙ୍କ ଅଧିକାର, କର୍ତ୍ତବ୍ୟ ସହିତ ସୋସିଆଲ ମିଡିଆର ସୁରକ୍ଷା, ସାଇବର ଅପରାଧ, ପୋକସୋ ଆଇନର ଉପଯୋଗୀତା ସଂପର୍କରେ ସଚେତନ କରାଯାଇଥିଲା। ଏଥିରେ ନାଲସାର ସଭାପତି ଏ ଡିଜେ ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସିଭିଲ ଜଜ୍ ସିନିୟର ଲିସା ସାମଲ, ସିଭିଲ ଜଜ୍ ଜୁନିୟର ସସ୍ମିତା ରଥ, ଜେଏମଏଫସି ଦେବାଶିଷ ଦାଶ, ତହସିଲଦାର ସତ୍ୟଜିତ ମହାନ୍ତି, ଆଇନଜୀବୀ ଚିନ୍ମୟ ଦାସ, କୁଂଜବିହାରି ଦାସ, ସୁନିଲ ଜେନା, ଅଧ୍ୟାପକ ସଂଗ୍ରାମ ପଟ୍ଟନାୟକ ପ୍ରମୁଖ ଛାତ୍ରୀମାନଙ୍କୁ ସଚେତନ କରିଥିଲେ।

## 'ଶୋଭା'ର ବାର୍ଷିକ ଉତ୍ସବ




ବାଲେଶ୍ୱର,୧୪।୯ (ସମିସ): ନାଟ୍ୟାନୁଷ୍ଠାନ 'ଶୋଭା'ର ୧୦ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ ଅବସରରେ ୨୭ତମ ନାଟ୍ୟାର୍ଘ୍ୟ ଯଶସ୍ୱୀ ନାଟ୍ୟକାର ଡକ୍ଟର ନାରାୟଣ ସାହୁଙ୍କ ରଚିତ ନାଟକ "ଉତ୍ତର ପୁରୁଷ' ଏବଂ ଆଶିଷ ବର୍ଦ୍ଧନଙ୍କ ନିର୍ଦ୍ଦେଶନା ତଥା ଗୁରୁ ନନ୍ଦକିଶୋର ଦାସଙ୍କ ସଂଗୀତ ନିର୍ଦ୍ଦେଶନାରେ ଗାନ୍ଧି ସ୍ମୃତି ଭବନରେ ମଞ୍ଚସ୍ଥ ହୋଇଛି। 'ଶୋଭା'ର ସଭାପତି ବିନାୟକ ପ୍ରସାଦ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଶିଷ୍ଟ ନାଟ୍ୟକାର ଗୌରୀ ଶଙ୍କର ସାହାଣୀ, ସମ୍ମାନିତ ଅତିଥି ସୁମନା ପରିଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନାଟ୍ୟଜଗତର ସୁନାମଧନ୍ୟ ନାଟ୍ୟକାର-ନିର୍ଦ୍ଦେଶକ ଇଂ. ଚିନ୍ମୟ ରକ୍ଷିତ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଅର୍ପଣ କରାଯାଇଥିଲା। ଉତ୍ସବରେ ପ୍ରତିଭାସଂପନ୍ନ ଅଭିନେତା-ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ଘୋଷ ମଞ୍ଚଆହ୍ୱାନ କରିଥିଲେ। ନାଟକ "ଉତ୍ତର ପୁରୁଷ' ଅଂଶଗ୍ରହଣ କରିଥିବା ଶୁଭଙ୍କର, ଗୋବିନ୍ଦ ଦ୍ୱିବେଦୀ, ଆଷିଷ ବର୍ଦ୍ଧନ, ସୁରଜକାନ୍ତ, ଜଗନ୍ନାଥ, ତରୁଣ, ବୁଲୁ ଏବଂ ନାରୀ ଭୂମିକାରେ ମଧୁସ୍ମିତା, ସିତଲ୍, ବର୍ଷା ପ୍ରମୁଖ ଅଭିନୟ କରିଥିବା ବେଳେ ମଞ୍ଚ ପରିଚଳାନାରେ ଇଂ. ଶ୍ରୀତମ୍ ସହଯୋଗ କରିଥିଲେ।

### ପୂର୍ବତନ ବିଧାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

## ଗୋପନାରାୟଣ ଥିଲେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିକାଶ ପୁରୁଷ

ବାଲେଶ୍ୱର,୧୪।୯ (ସମିସ)



ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଗୋପନାରାୟଣ ଦାସ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ବିକାଶ ପୁରୁଷ ଥିଲେ। ତାଙ୍କ ବିଧାୟକତ୍ୱ ସମୟରେ ସେ ସଦର ନିର୍ବାଚନମଣ୍ଡଳୀର ସାମଗ୍ରିକ ବିକାଶ ଉପରେ ଅଧିକ କାମ କରିବା ସହ ଶିଳ୍ପବିହୀନ ବାଲେଶ୍ୱର ଜିଲ୍ଲାରେ ବହୁ ବୃହତ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଥିଲେ। ରବିବାର ପୂର୍ବାହ୍ନରେ ଆୟୋଜିତ ତାଙ୍କର ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ଥାନୀୟ ହରିପ୍ଲାଜାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଏଭଳି ମତ ପ୍ରକାଶ କରିଛନ୍ତି। ନବରଙ୍ଗପୁରର ପୂର୍ବତନ ସାଂସଦ ତଥା ବିଜେଡି ନେତା ପ୍ରଦୀପ ମାଝୀ ନିଜ ଅଭିଭାଷଣରେ କହିଥିଲେ କି, ସଦର ନିର୍ବାଚନ ମଣ୍ଡଳି ସମେତ ବର୍ତ୍ତମାନର ରେମୁଣା ବିଧାନସଭା ନିର୍ବାଚନମଣ୍ଡଳିରେ ବିର୍ଲା ଟାୟାସ୍ର୍, ଇମାମି ପେପର୍ ମିଲ୍ସ, ଇସ୍ପାତ ଆଲୋଏଜ ଠାରୁ ଆରମ୍ଭ କରି ତତ୍କାଳୀନ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ଜିଲ୍ଲାରେ ହଜାରେ ଦିନରେ ହଜାରେ ଶିଳ୍ପ ନିର୍ମାଣରେ ସ୍ୱର୍ଗତ ଦାସ ଆଗୁଆ ପଦକ୍ଷେପ ଗ୍ରହଣ କରିଥିଲେ।

ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଲୋକଙ୍କ ସ୍ୱାର୍ଥ ରକ୍ଷା ଓ ସମାଜସେବା ପାଇଁ ରାଜନୀତି କରାଯିବା ଆବଶ୍ୟକ ବୋଲି ସ୍ୱର୍ଗତ ଦାସ ପ୍ରମାଣିତ କରିଯାଇଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାମ୍ବାଦିକ ରଞ୍ଜନ ବାଗ, ଆଇନଜୀବୀ ପୁରୁଷୋତ୍ତମ ବିଶ୍ୱାଳ, କେଶବ ଚନ୍ଦ୍ର ଆଚାର୍ଯ୍ୟ, ପ୍ରତିମା ପଣ୍ଡା, ସଂଗ୍ରାମ ଦାସ, କାଉନସିଲର ପଦ୍ମଲୋଚନ ଲେଙ୍କା, ତୁଷାରକାନ୍ତି ତପ୍ତି, ଅର୍ଚ୍ଚନା ନନ୍ଦୀ, କୁମୁଦ୍ଵନୀ ବେହେରା, ପ୍ରଜ୍ଞାପାରମିତା ମହାନ୍ତି, ଆକବର ଖାନ୍, ଗୋପୀନାଥ ଶତପଥୀ, ପଙ୍କଜ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ମହାନ୍ତି, ମୃତ୍ୟୁଞ୍ଜୟ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇ ସ୍ୱର୍ଗତ ଦାସଙ୍କ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଂଚ ପରିଚାଳନା କରିଥିଲେ ଅବିଭକ୍ତ କୁରୁଡ଼ା ସରପଂଚ ଗଣେଶ ପଣ୍ଡା ଓ ଅଧ୍ୟକ୍ଷତା କରିଥିଲେ ବରିଷ୍ଠ ସମ୍ବାଦିକ ବିପ୍ଳବ କୁମାର ମହାନ୍ତି। ପୂର୍ବାହ୍ନରେ ଓଟି ରୋଡ୍‌ର ନୂତନ ଫ୍ଲାଏ ଓଭର ବ୍ରିଜ୍ ଛକରେ ଥିବା ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ରେମୁଣା ବିଧାୟକ ତଥା ବିଧାନସଭାରେ ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନା, ଯୁବନେତା ବିକ୍ରମ ପଣ୍ଡା, ରେମୁଣା ବ୍ଲକ୍ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ଗଣେଶ ଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ସ୍ୱର୍ଗତ ଦାସଙ୍କ ଧର୍ମପତ୍ନୀ ବୀଣାପାଣି ଦାସଙ୍କ ସମେତ ପରିବାର ବର୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ବିଦ୍ୟାଳୟରେ ଜେଜେ ବାପା, ଜେଜେ ମା' ଦିବସ



ସିମୁଳିଆ, ୧୪।୯ (ସମିସ): ସିମୁଳିଆ ବ୍ଲକ ଅଧିନସ୍ଥ ମଇତାପୁର ପଞ୍ଚାୟତ ମହାନ୍ତି ସାହିରେ ରୟାଲ ଗ୍ରୁପ୍ ଅଫ ସ୍କୁଲର ପ୍ରତିଷ୍ଠାତା ବିଷ୍ଣୁମୋହନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଜେଜେ ବାପା, ଜେଜେ ମା' ଦିବସ ପାଳିତ ହୋଇଯାଇଛି। ରୟାଲ ଗ୍ରୁପ ଅଫ ସ୍କୁଲର ଡାଇରେକ୍ଟର ପଦ୍ମଲୋଚନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପବିତ୍ର ପାଣିଗ୍ରାହୀ, ଅନ୍ୟତମ ଅତିଥି ସୂର୍ଯ୍ୟମଣୀ ବୋଇତି, ରାଜୀବ ପରିଡା, ଦୟାନିଧି ଗିରି, ଭଗବାନ ଚରଣ ମହାନ୍ତି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦୁଇଶହରୁ ଉର୍ଦ୍ଧ୍ୱ ଜେଜେ ବାପା ଓ ଜେଜେ ମା'ଙ୍କୁ ପୂଜନ କରାଯାଇଥିଲା। କିରଣ କୁମାର ଧିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଦେଖଇ ନେତ୍ର ଯାହା' ଓ 'ଏକାଧିକ ଏକାଙ୍କିକା' ଉନ୍ମୋଚିତ



ବାଲେଶ୍ୱର,୧୪।୯(ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ଓ 'ସ୍ରଷ୍ଟା' ର ମିଳିତ ଆନୁକୂଲ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ନାଟକ ଗ୍ରନ୍ଥ ''ଦେଖଇ ନେତ୍ର ଯାହା' ଓ 'ଏକାଧିକ ଏକାଙ୍କିକା' ଉନ୍ମୋଚିତ ହୋଇଯାଇଛି। ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଗ୍ରନ୍ଥ ଦ୍ୱୟକୁ ଉନ୍ମୋଚନ କରି ବିଶିଷ୍ଟ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ନବୀନ କୁମାର ପରିଡ଼ା ଓଡ଼ିଆ ନାଟ୍ୟ ସାହିତ୍ୟରେ ହେମେନ୍ଦ୍ରଙ୍କ ଅବଦାନ ଅବିସ୍ମରଣୀୟ ବୋଲି ମତ ଦେଇଥିଲେ। ଅନ୍ୟତମ ଉନ୍ମୋଚକ ଆଲୋକ କୁମାର ସାହୁ ହେମେନ୍ଦ୍ରଙ୍କ ନାଟ୍ୟଗ୍ରନ୍ଥମାନ ପରବର୍ତ୍ତୀ ପିଢ଼ି ଉପରେ ପ୍ରଭାବ ପକାଇଥାଏ ବୋଲି କହିଥିଲେ। ନାଟ୍ୟକାରଙ୍କ ପତ୍ନୀ ସୁଷମା ମହାପାତ୍ର ମଧ୍ୟ ଉପସ୍ଥିତ ରହି ଥିଲେ। ସମୀକ୍ଷକ ଭାବରେ ଯୋଗ ଦେଇଥିବା ନାଟ୍ୟାଲୋଚକ ଡ. ଭାଗବତ ପ୍ରସାଦ ଦାସ ଓ ଗବେଷକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ହେମେନ୍ଦ୍ରଙ୍କ ନାଟକଗୁଡ଼ିକରେ ଥିବା ବିଭିନ୍ନ ବୈଶିଷ୍ଟ୍ୟ ସଂପର୍କରେ ଆଲୋଚନା କରିଥିଲେ। ଲେଖକୀୟ ବକ୍ତବ୍ୟରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଦୀର୍ଘ ପଚାଶ ବର୍ଷରୁ ଅଧିକ କାଳ ଧରି ରଚନା କରୁଥିବା ତାଙ୍କର ସୃଷ୍ଟି ଓ ସାଧନା ସଂପର୍କରେ ଶ୍ରୋତାମାନଙ୍କୁ ଅଭିହିତ କରିଥିଲେ। ଯୁଗ୍ମ ସଂପାଦକ ଜୁମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବାବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଂଜନ ରାଉତ, ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ତପନ ରାୟ, ଅଞ୍ଜଳି ପଣ୍ଡା, ଅରୁଣା ରାୟ, ଦୀପକ ବୋଷ, ଡ. ରମାକାନ୍ତ ନାୟକ, ଡ. ଶିରୀଶ ଚନ୍ଦ୍ର ଜେନା, ଶରତ ମହାପାତ୍ର, ଡ. ଲକ୍ଷ୍ମଣ ବିଶ୍ୱାଳ, ଗଗନ ଦଳାଇ, ବିଦ୍ୟାଧର ସାହୁ, ରାଜେନ୍ଦ୍ର ରାଉତ, ଲକ୍ଷ୍ମୀକାନ୍ତ ବେହେରା, ଡ. ହେମମାଳା ଦାଶ, ବେଣୁଧର ସାହୁ, ଗୌରୀଶଙ୍କର ସାହାଣୀ, ପ୍ରସନ୍ନ ଦାସ, ଡ. ପ୍ରଦୀପ ଭୌମିକ, ଦେବାଶିଷ ସିଂହ, ଉଦୟ ଶଙ୍କର ପରିଡ଼ା, ଡ. ରତ୍ନାକର ସିଂହ, ମନ୍ମଥ କୁମାର ସାହୁ, ଡ. ସମର ବଲ୍ଲଭ ଭୋଇ, କରୁଣାକର ସ, କବିତା ଜେନା, ସୁବ୍ରତା ମହାନ୍ତି, ଦିଲ୍ଲୀପ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

● ପଞ୍ଚାୟତ ସମିତି ବୈଠକ

# ବିଭିନ୍ନ ପ୍ରସଙ୍ଗରେ ମତ ରଖିଲେ ବିଧାୟକ

ବାଲେଶ୍ୱର(ଉତ୍ତର),୧୪।୯(ସମିସ): ଭୋଗରାଇ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗ ଦେଇ ବିଭିନ୍ନ ପ୍ରସଙ୍ଗରେ ନିଜର ମତ ରଖିଛନ୍ତି। ଚଳିତବର୍ଷ ସୁବର୍ଣ୍ଣରେଖା ନଦୀରେ ୬ଥର ବନ୍ୟା ଆସି ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ବିଶେଷ କରି କୃଷି ପ୍ରଭାବିତ ହୋଇଥିଲା ବେଳେ କୃଷକ ମାନଙ୍କର ମେରୁଦଣ୍ଡ ଭାଙ୍ଗିଯାଇଛି। ତେଣୁ ତୁରନ୍ତ କୃଷକଙ୍କୁ କ୍ଷତିପୂରଣ ପ୍ରଦାନ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ସହିତ, ଶିକ୍ଷା ଓ ଶିକ୍ଷକ ନିଯୁକ୍ତି ସମସ୍ୟା, ଜଳସେଚନ ଓ ଜଳ ନିଷ୍କାସନ, ଭତ୍ତା ପ୍ରଦାନରେ ଅବ୍ୟବସ୍ଥା ଆଦି ପ୍ରସଙ୍ଗରେ ବିଧାୟକ ଶ୍ରୀ ଦାସ ମତ ରଖିଥିଲେ ଏବଂ ଏ ଦିଗରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ତାଗିଦ କରିଥିଲେ। ଏଥି ସହିତ ଦୀର୍ଘଦିନ ଧରି ଓଡ଼ିଶାର ଅନ୍ୟତମ କୃଷି ପ୍ରଧାନ ଜିଲ୍ଲା ବାଲେଶ୍ୱର ଜିଲ୍ଲାରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି ସରକାରଙ୍କ ନିକଟରେ ରଖିବା ପାଇଁ ପଞ୍ଚାୟତ ସମିତି ବୈଠକରେ ପ୍ରସ୍ତାବ ପାରିତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ପ୍ରସ୍ତାବ ମଧ୍ୟ ସମିତି ବୈଠକରେ ପାରିତ ହୋଇଥିଲା।

# ଆଦିବାସୀ ନାବାଳିକା ଗର୍ଭବତୀ; ଅଭିଯୁକ୍ତ ଅଟକ

ନୀଳଗିରି, ୧୪।୯ (ସମିସ): ନୀଳଗିରି ବ୍ଲକରେ ଏକ ୧୫ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ୫୬ ବର୍ଷର ଜଣେ ପଡ଼ୋଶୀ ବଳାତ୍କାର କରିବା ଯୋଗୁଁ ସମ୍ପ୍ରତି ସେ ୪ ମାସର ଗର୍ଭବତୀ ହୋଇଥିବା ସୂଚନା ମିଳିଛି। କୁଳଡିହା ଅଭୟାରଣ୍ୟ ପାଦଦେଶ ତଥା ନୀଳଗିରିର ବରହମପୁର ଥାନା ଅଞ୍ଚଳରେ ଏଭଳି ଅମାନବୀୟ ଘଟଣା ଘଟିଯାଇଛି। ଗାଁ ପାଖରେ ଥିବା ଏକ ହାଇସ୍କୁଲରେ ପୂର୍ବରୁ ଛାତ୍ରୀ ଜଣକ ପଢୁଥିଲେ। ସ୍କୁଲରୁ ଫେରିବା ବାଟରେ ଅଭିଯୁକ୍ତ ପଡ଼ୋଶୀ ଜଣକ ଛାତ୍ରୀଙ୍କୁ ଚକୋଲେଟ ଦେବା ବାହାନାରେ ଘରକୁ ଡାକି ଦୁଷ୍କର୍ମ କରିଥିବା ସୂଚନା ମିଳିଛି। ଲୋକଲଜ୍ଜାରୁ ଛାତ୍ରୀଜଣକ ଘରେ କାହାରିକୁ କହି ନଥିଲେ। କିନ୍ତୁ ସେ ଅନ୍ତଃସତ୍ତ୍ୱା ହେବା ଜଣାପଡ଼ିବା ପରେ କଥା ପ୍ରଘଟ ହୋଇଥିଲା। ସେପଟେ ଛାତ୍ରୀଙ୍କ ବାପା ଜଣେ ରୋଗୀ ହୋଇଥିବାବେଳେ ମା' ଦିନ ମଜୁରିଆ। ଅପରପକ୍ଷରେ ଦୁଷ୍କର୍ମକାରୀ ଜଣକ ପୀଡ଼ିତା ପରିବାର ଲୋକଙ୍କୁ ଭୟଭୀତ କରୁଥିବା ଯୋଗୁଁ ସେମାନେ ପାଟି ଫିଟାଉ ନ ଥିଲେ ପୀଡିତା ଓ ତାଙ୍କ ପରିବାର ଲୋକେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ବରହମପୁର ଥାନା ନଜରକୁ ଆସିବା ପରେ ବରହମପୁର ପୁଲିସ ୪ ମାସର ଗର୍ଭବତୀ ହୋଇଥିବା ଝିଅ ଓ ତାଙ୍କ ମା'ଙ୍କୁ ଉଦ୍ଧାର କରି ବରହମପୁର ଥାନାକୁ ଆଣିବାପରେ ବୟାନ ରେକର୍ଡ ଓ ଅଭିଯୋଗ ଆଧାରରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖି ତଦନ୍ତ କରୁଛି ବରହମପୁର ପୁଲିସ।

# କଚୁଆଡ଼ି ଗାଁକୁ ନାହିଁ ସ୍ଥାୟୀ ରାସ୍ତା

## ବର୍ଷା ଦିନେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

ବାଲେଶ୍ୱର(ଉତ୍ତର),୧୪।୯(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର କଚୁଆଡ଼ି ଗ୍ରାମ ପଞ୍ଚାୟତ କଚୁଆଡ଼ି ଗାଁକୁ ପକ୍କା ରାସ୍ତା ନାହିଁ। ଏହି ଗାଁର ଶଙ୍କର ପ୍ରଧାନ ଘରଠାରୁ ପ୍ରତାପ ଦତ୍ତ ପର୍ଯ୍ୟନ୍ତ ଥିବା ୫୦୦ମିଟର ରାସ୍ତା ସହିତ ଗାଁ ଭିତରେ ଅନେକ କଚ୍ଚା ରାସ୍ତା ବର୍ଷା ଦିନରେ କାଦୁଅ ପଚ ପଚ ହୋଇଯାଉଛି। ଫଳରେ ଲୋକେ ଯାତାୟାତ କରିବାରେ ଦୁର୍ଦ୍ଦଶା ଭୋଗୁଛନ୍ତି। ଦେଶ ସ୍ୱାଧୀନତା ପାଇବାର ୭୮ ବର୍ଷ ବିତିଗଲାଣି। ନିର୍ବାଚନ ସମୟରେ ଗ୍ରାମବାସୀଙ୍କ ଦାବି ମୁତାବକ ନେତା ମାନେ ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ନିର୍ବାଚନ ଶେଷ ହେଲେ ସବୁ ଭୁଲି ଯାଇଥାନ୍ତି। ଦୀର୍ଘଦିନ ଧରି ଏହି ରାସ୍ତାକୁ ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ସ୍ଥାନୀୟ ୱାର୍ଡ ମେମ୍ବରଠୁ ଆରମ୍ଭ କରି ସରପଞ୍ଚ, ତଥା ତହସିଲଦାର, ବିଡ଼ିଓଙ୍କ ଠାରେ ଦାବି ଜଣାଇ ଆସୁଥିଲେ ମଧ୍ୟ କାମ ଶୂନ୍ୟ। ସବୁ ଜାଣି ଶୁଣି କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇଛନ୍ତି ପ୍ରଶାସନ ଓ ଜନପ୍ରତିନିଧି ମାନେ। ଅନ୍ୟପକ୍ଷରେ ଏହି ରାସ୍ତାକୁ ସରକାର ସ୍ଥାୟୀ ପକ୍କା ରାସ୍ତା ନିର୍ମାଣ କରୁ ନ ଥିବାରୁ ବେଶ କିଛି ଅସାଧୁ ଲୋକ ମାନେ ସର୍ବସାଧାରଣ ରାସ୍ତାକୁ ନିଜ କବ୍ଜାକୁ ନେବାରେ ପଛାଇ ନାହାନ୍ତି। ଏହି ରାସ୍ତାର ଏକ ପ୍ଲଟ ନମ୍ବର (୮୬୮) ଦୁଇ ଡେସିମିଲ ପରିମିତ ସର୍ବସାଧାରଣ କିସମ ଜାଗା ରୁ ଏବେ ମାତ୍ର ଏକ ଡେସିମିଲ ରୁ କମ ଅଛି। ଏହି ପରି ଅନେକ ସ୍ଥାନରେ ରାସ୍ତା ଧୀରେ ଧୀରେ ସଙ୍କୁଚିତ ହେବାରେ ଲାଗିଛି। ମଝିରେ ମଝିରେ ସେହି ପ୍ଲଟକୁ ଲାଗିଥିବା ପ୍ଲଟର ହିତାଧିକାରୀ ମାନେ ସେହି ରାସ୍ତାରେ ବାଲି ଗୋଡ଼ି, ଇଟା ଜମାଇ ରଖିବା ସହିତ ଅନେକ ଅମାନବୀୟ କାର୍ଯ୍ୟକରି ସାଧାରଣ ଲୋକଙ୍କ ଯାତାୟାତ ରେ ବାଧା ସୃଷ୍ଟି କରୁଛନ୍ତି। ଅଧିକ ବର୍ଷା କିମ୍ବା ବନ୍ୟା ପାଣି ଆସିଲେ ଉକ୍ତ ରାସ୍ତାଟି ର ଅବସ୍ଥା ଅତି ଶୋଚନୀୟ ଅବସ୍ଥା ହୋଇଯାଏ। ତେଣୁ ନିଜ ପକେଟରୁ ଗରିବ ଖଟିଖିଆ ଲୋକ ମାନେ ଖର୍ଚ୍ଚ କରି ରାସ୍ତାଟିକୁ ମଝିରେ ମଝିରେ ମରାମତି କରନ୍ତି ଏବଂ ଯାତାୟତ ଉପଯୋଗି କରନ୍ତି। ପୁଣି ବର୍ଷା ହେଲେ ବନ୍ୟା ପାଣି ଜମିରେ ଧୋଇ ହୋଇ ଯାଏ। ତେଣୁ ଗ୍ରାମବାସୀ ମାନେ ଜନ ପ୍ରତିନିଧି, ସରକାର ଏବଂ ପ୍ରଶାସନିକ ଅଧିକାରୀ ମାନଙ୍କ ଠାରେ ଉକ୍ତ ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏହାର ସ୍ଥାୟୀ ସମାଧାନ କରାଯିବା ଦିଗରେ ପ୍ରୟାସ କରିବାକୁ ବିନମ୍ର ଅନୁରୋଧ କରିଛନ୍ତି।

# ଦେବ ଭାଷା ବିକାଶ ପରିଷଦର ପ୍ରତିଷ୍ଠା ଦିବସ



ଭୋଗରାଇ,୧୪।୯ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ସମ୍ମେଳନ କକ୍ଷ ରେ ଆଜି ଦେବଭାଷା ବିକାଶ ପରିଷଦ ପକ୍ଷରୁ ୮ମ ବାର୍ଷିକ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଭାରତଜ୍ୟୋତି ପୁରସ୍କାର ପ୍ରାପ୍ତ ଡାକ୍ତର ଶ୍ରୀଶ କୁମାର ଦାଶଙ୍କ ପୌରହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। ସଭା ପ୍ରାରମ୍ଭରେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବୈଦିକ ମଙ୍ଗଳା ଚରଣ ପାଠ କରିଥିଲେ। ପରେ ଦେବ ଭାଷା ବିକାଶ ପରିଷଦର ମହାସଚିବ ତଥା ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ପରିଷଦର ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ସମ୍ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର , ମୁଖ୍ୟ ବ୍ୟକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀର ଅବସରପ୍ରାପ୍ତ ପ୍ରଫେସର କମଳେଶ ମିଶ୍ର ଯୋଗ ଦେଇ ସଂସ୍କୃତ ଭାଷା ଏବଂ ଏହାର ମହତ୍ତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପଣ୍ଡିତ ଷଷ୍ଠୀ ଚରଣ ନନ୍ଦଙ୍କୁ ପଣ୍ଡିତ ପଦ୍ମନାଭ ସ୍ମୃତି ସମ୍ମାନ ଓ ଅଧ୍ୟାପକ ନିରଞ୍ଜନ ବେହେରାଙ୍କୁ ପଣ୍ଡିତ ଅନିଲ କୁମାର ଦାଶ ସ୍ମୃତି ସମ୍ମାନ ରେ ସମ୍ମାନିତ କରାଯାଇଥିଲା। ସେହିପରି ଚଳିତ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ ରେ ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ପ୍ରତ୍ୟେକ ଛାତ୍ରୀ ଛାତ୍ରମାନଙ୍କୁ ୧ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବା ସହ ବିଭିନ୍ନ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ବୌଦ୍ଧିକ ସମାରୋହକୁ ଶିକ୍ଷକ ସମନ୍ୱୟ ସମିତିର ମହା ସଚିବ ନଟରଞ୍ଜନ ଘରାଇ, ଅଧ୍ୟାପକ ବ୍ରଜବିହାରୀ ପତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ଦେବାଶିଷ ପଣ୍ଡା, ଓଷ୍ଟାର ସମ୍ପାଦକ ଶାଶ୍ୱତ ଜେନା, ପ୍ରବୀଣ ଶିକ୍ଷକ ବିଜୟ ସିଂ, ସୁଶାନ୍ତ କୁମାର ମିଶ୍ର, ଚନ୍ଦନ କୁମାର ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗୃହରେ ଥିବା ସାମ୍ବାଦିକ ପ୍ରଦୀପ ଦାସ, ବିକାଶ ପାଣିଗ୍ରାହୀ, ଅନନ୍ତ ପ୍ରଧାନ, ବିଶ୍ୱଜିତ ମହାନ୍ତି ଓ ଦିଲ୍ଲୀପ ଦାସଙ୍କୁ ଉତ୍ତରୀୟ ଓ ଫୁଲ ଗଛ ଦେଇ ସମ୍ମାନିତ କରାଯାଇଥିଲା । ସଂସ୍କୃତ ଶିକ୍ଷକ ଦେବଶଙ୍କର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ବିଧାୟିକାଙ୍କୁ ଦାବିପତ୍ର



ଲଙ୍ଗଳେଶ୍ୱର,୧୪।୯ (ସମିସ): ବସ୍ତା ବିଧାୟିକାଙ୍କ ଲଙ୍ଗଳେଶ୍ୱର ସ୍ଥିତ ବାସଭବନ ଠାରେ ବସ୍ତା ଓ ବାଲିଆପାଳ ବ୍ଲକର ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ପ୍ରତିନିଧି ମଣ୍ଡଳୀ ବିଧାୟିକା ସୁବାସିନୀ ଜେନାଙ୍କୁ ଭେଟି ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ସମାଧାନ ନିମନ୍ତେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ବିଧାୟିକା ଜେନା ପ୍ରତିଶୃତି ଦେଇଥିଲେ। ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ଓଡ଼ିଶାର ସରକାରୀ ହାଇସ୍କୁଲ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷ ର ଠିକା ଚାକିରିରୁ ମୂଳ ଚାକିରି ରେ ଗଣନା ତଥା ୬ଟି ନୋସନାଲ ଇନକ୍ରିମେଣ୍ଟ ପ୍ରଦାନ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଧାୟିକା ଜେନା ଆଗାମୀ ବିଧାନସଭାର ମୌସୁମୀ ଅଧିବେଶନରେ ଦାବୀ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।ବାଲେଶ୍ୱର ଜିଲ୍ଲା ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଯୋଜନଭୁକ୍ତ ଶିକ୍ଷକ ସଂଘର ବାଲିଆପାଳ ଏବଂ ବସ୍ତା ଶାଖାର ବରିଷ୍ଠ ଓ ଅଗ୍ରଣୀ କର୍ମକର୍ତ୍ତା ପ୍ରସନ୍ନ କୁମାର ଦାସ, ଶାଶ୍ୱତ ମହାପାତ୍ର, ଦିଲ୍ଲିପ କୁମାର ବେହେରା, ବେଣୁଧର ନନ୍ଦୀ, ପ୍ରଫୁଲ୍ଲ କୁମାର ନାୟକ, ଶ୍ରୀକାନ୍ତ ମହାନ୍ତି, ସମରଞ୍ଜନ ଜେନା, ଅଭିମନ୍ୟୁ ବାଗ, ସରୋଜ ପରିଡ଼ା, ସଞ୍ଜୟ ଭୂୟାଁ, ଗୋଲକ ବିହାରି ପଟ୍ଟାୟତ, ପିତବାସ ଗିରି, ପ୍ରକାଶ ଦତ୍ତ, ଜୟନ୍ତୀ ପ୍ରଧାନ, ବୁଲୁ ଟୁଡୁ, ଧନେଶ୍ୱର ମାର୍ଣ୍ଡୀ , ନରହରି ସିଂ, ମନୋଜ କୁମାର ସାହୁ, ଚନ୍ଦନ କୁମାର ପଣ୍ଡା ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ବିଧାୟିକାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ନୀଳଗିରି ରଘୁନାଥଜୀଉ ମଠର ଟ୍ରଷ୍ଟବୋର୍ଡ ଗଠିତ

ନୀଳଗିରି, ୧୪।୯ (ସମିସ): ନୀଳଗିରି ଜଗନ୍ନାଥ ମନ୍ଦିର ନିକଟରେ ଥିବା ରଘୁନାଥଜୀଉ ମଠର ପୂର୍ଣ୍ଣାଙ୍ଗ ଟ୍ରଷ୍ଟ ବୋର୍ଡ ଗଠନ ହୋଇଛି। ଏହି ପୂର୍ଣ୍ଣାଙ୍ଗ ଟ୍ରଷ୍ଟବୋର୍ଡରେ ନୀଳଗିରି ରାଜ ପରିବାର ସଦସ୍ୟ ତଥା ରାଜାଙ୍କ ସାନଭାଇ ଜଗଦୀଶ ଚନ୍ଦ୍ର ମର୍ଦ୍ଦରାଜ ଟ୍ରଷ୍ଟ ବୋର୍ଡରେ ସାମିଲ ହୋଇଥିବା ଜଣାପଡ଼ିଛି। ଦେବୋତ୍ତର କମିଶନର ତାଙ୍କ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୮୪୬୬୯ ଗତ ୯/୯/୨୫ ରିଖ ରେ ୩ ଜଣ ସରକାରୀ ଅଧିକାରୀ ତଥା ନୀଳଗିରି ଆଇଟିଡିଏ ପି.ଏ, ନୀଳଗିରି ତହସିଲଦାର, ଏନଏସି ନିର୍ବାହୀ ଅଧିକାରୀ ସଦସ୍ୟ ଭାବେ ମନୋନୀତ ହେବା ସହ ଅନୁରୂପ ଭାବେ ଘାଟଘରସାହି ଗ୍ରାମର ସୁରଞ୍ଜନ ମହାପାତ୍ର, ନୀଳଗିରି କମଲଲୋଚନ ମିଶ୍ର, କଦମସାହି ଗ୍ରାମର ରଜନୀ ମହାନ୍ତି, କାହାଲିଆ ଗ୍ରାମର ରାମଚନ୍ଦ୍ର ମହଲ, ଘାଟଘରସାହି ଗ୍ରାମର ଦାଶରଥି ରାଉତ ସମେତ ରାଜପରିବାର ସଦସ୍ୟ ଜଗଦୀଶ ମର୍ଦ୍ଦରାଜ ମଧ୍ୟ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଟ୍ରଷ୍ଟ ବୋର୍ଡ ୨ ବର୍ଷ ପାଇଁ କାର୍ଯ୍ୟକ୍ଷମ ହେବା ।

# ଏସ୍ଏସ୍‌ବି ଅଧ୍ୟାପକ ପରୀକ୍ଷା ଡିସେମ୍ବର ସୁଦ୍ଧା କରିବାକୁ ନିବେଦନ

ବାଲେଶ୍ୱର,୧୪।୯ (ସମିସ): ଅନେକ ଦିନରୁ ହେବାକୁ ଥିବା ଏସ୍.ଏସ୍.ବି ଅଧ୍ୟାପକ ପରୀକ୍ଷା ହୋଇପାରିନାହିଁ। ଯେଉଁଥିପାଇଁ ପଞ୍ଚାଅଶୀ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ଗବେଷକ ରୋହିତ୍ ଦାସ ସୋରେନ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ ଅଧ୍ୟାପକ ବିକାଶ କୁମାର ଦଳେଇ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଚିଠି ଲେଖିଛନ୍ତି। ପୂର୍ବ ସରକାର ୨୦୨୪ ମସିହା ମାର୍ଚ୍ଚ ମାସରେ ଏସ୍.ଏସ୍.ବି ଅଧ୍ୟାପକ ଚୟନ କରିବା ପାଇଁ ବିଜ୍ଞପ୍ତି ବାହାର କରିଥିଲେ। ଯେଉଁଥିରେ କି ୨୨ ଟା ବିଷୟର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହା ପାଇଁ ପଞ୍ଚାଅଶୀ ହଜାରରୁ ଅଧିକ ଆଶାୟୀ ପ୍ରାର୍ଥୀମାନେ ଫର୍ମ ଆବେଦନ କରିଥିଲେ। କିନ୍ତୁ ପିଲାମାନେ ଫର୍ମ ଆବେଦନର କିଛି ମାସ ପରେ କେତେ ପିଲା ଏସ୍.ଏସ୍.ବି ପରୀକ୍ଷାରେ ୟୁଜିସି ନେଟ୍ ବାଧ୍ୟତାମୂଳକ କରାଯାଉ ବୋଲି କେସ କରିଥିଲେ। ଯେତେବେଳେ କିଛି ପିଲା ହାଇକୋର୍ଟରେ କେସ କରିବା ଫଳରେ ନ୍ୟାୟାଳୟ ତାକୁ ରଦ୍ଦ କରି ଦେଇଛନ୍ତି। ଫଳରେ ଏସ୍.ଏସ୍.ବି ପରୀକ୍ଷା ଦୀର୍ଘ ୧୮ ମାସ ବିତିଗଲା ପରେ ମଧ୍ୟ କିଛି ଶୁଣାଣି ହୋଇପାରୁନାହିଁ। ଆଗାମୀ ଅକ୍ଟୋବର ୯ ତାରିଖରେ ଏସ୍.ଏସ୍.ବି ପରୀକ୍ଷାକୁ ନେଇ ଯେଉଁ ଶୁଣାଣୀ ହେବ ତାହାକୁ ଯଥାଶୀଘ୍ର ସମାପ୍ତି କରି ଡିସେମ୍ବର ମାସ ସୁଦ୍ଧା ଏସ୍.ଏସ୍.ବି ପରୀକ୍ଷା କରାଗଲେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ବହୁ ପିଲାମାନେ ଉପକୃତ ହେବେ ବୋଲି ବିକାଶ କହିଛନ୍ତି।

# ଡେଙ୍ଗୁ ଦମନ ଲାଗି ସଚେତନତା କାର୍ଯ୍ୟକ୍ରମ



ଜଳେଶ୍ୱର,୧୪।୯(ସମିସ): ସୁବର୍ଣ୍ଣରେଖା ନଦୀରେ ଚଳିତ ବର୍ଷ ଲଗାତାର ୬ଥର ବନ୍ୟା ଓ ବର୍ଷା ଯୋଗୁଁ ଜଳେଶ୍ୱର ବ୍ଲକର କେତେକ ପଞ୍ଚାୟତ ରେ ଜଳବାହିତ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସଚେତନତା ଅଭାବରୁ ଖୁଦିଆ ମାଝୀ ସାହି ପଂଚାୟତ ଅନ୍ତର୍ଗତ ବେହେରା ସାହି ଗାଁରେ କିଛିଦିନ ଧରି ଡେଙ୍ଗୁର ଭୟାବହତା ପରିଲକ୍ଷିତ ହୋଇଛି। ଜଣ ଜଣ କରି ୨୦ ରୁ ଅଧିକ ଲୋକଙ୍କୁ ଏହି ମାରାତ୍ମକ ରୋଗ ଆକ୍ରାନ୍ତ କରି ସାରିଲାଣି। ଡାକ୍ତର ସ୍ୱାସ୍ଥ୍ୟ କର୍ମୀଙ୍କୁ ଛାଡ଼ି କେହି ପିଣ୍ଡା ମାଡୁ ନଥିବା ବେଳେ ଜଳେଶ୍ୱର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର, ବେହେରା ସାହି ଗାଁରେ ପହଂଚି କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଘରେ ଘରେ ସଚେତନତା ପୋଷ୍ଟର ଲଗାଇବା ସହିତ, ନାଳ ନର୍ଦ୍ଦମା ରେ ବ୍ଲିଚିଙ୍ଗ ପାଉଡର ପକାଇବା, ଘର ଆଗରେ ଜୀବାଣୁ ନାଶକ ସିଞ୍ଚନ କରିବା କାର୍ଯ୍ୟକ୍ରମ ଅନୁଷ୍ଠିତ କରିଥିଲେ। ମଶାରୀ ଟାଙ୍ଗୀ ଶୋଇବା, ସଫା ସୁତୁରା ରହିବା ଓ ଗୃହ ଚାରି ପଟେ ପରିଷ୍କାର ପରିଚ୍ଛନ୍ନ ରଖିବା ସମ୍ପର୍କରେ ବୁଝାଇ ଥିଲେ। ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡାଙ୍କ ନେତୃତ୍ୱରେ ବିପ୍ଳବ କୁମାର ପ୍ରଧାନ, ହରେକୃଷ୍ଣ ଜେନା, ଏମ ଡ଼ି ରାଜୁ, ରାଜୀବ ବେହେରା, ସଂଜୀବ ପ୍ରଧାନ, ଉତ୍ତମ ପାଇକ୍ ରାୟ, ବସନ୍ତ ମହାନ୍ତି, ଅଜୟ ଘୋଷ, ରତିକାନ୍ତ ଘୋଷ, ରଂଜିତ ବେହେରା, ସପନ ବେହେରା ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୁଳଡିହା ଅଭୟାରଣ୍ୟରେ କମ୍ବିଂ ଅପରେସନ



ନୀଳଗିରି, ୧୪।୯ (ସମିସ): କୁଳଡିହା ଅଭୟାରଣ୍ୟ ଆରମ୍ଭ ହୋଇଛି ଜୋରଦାର କମ୍ବିଂ ଅପରେସନ। ଏହାର ନେତୃତ୍ୱ ନେଇଛନ୍ତି ବାଲେଶ୍ୱରର ଡିଏଫଓ ପ୍ରଫୁଲ୍ଲ କୁମାର ମଲ୍ଲିକ। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବନ କର୍ମଚାରୀ ମାସକୁ ଘଞ୍ଚଜଙ୍ଗଲରେ ୧୦୦ କିଲୋମିଟର ଚାଲି ପାଟ୍ରୋଲିଂ କରିବେ। ସବୁଜବାହିନୀ, ଗାର୍ଡ ୧୦୦ କିଲୋମିଟର ଚାଲିବା ସହ, ଫରେଷ୍ଟର ୭୫ କିଲୋମିଟର, ରେଞ୍ଜର ୫୦ କିଲୋମିଟର, ଏସିଏଫ ୨୫କିଲୋମିଟର, ନିଜେ ଡିଏଫଓ ୧୫ କିଲୋମିଟର ଜଙ୍ଗଲରେ ଚାଲି ଜୀବଜନ୍ତୁ ଗତିବିଧି ଉପରେ ଲକ୍ଷ୍ୟ କରିବା ସହ ଶିକାରୀଙ୍କୁ ରୋକଦେବେ। ରବିବାର କୁଲଡିହା ଅଭୟାରଣ୍ୟ ଚାରିପଟୁ ୪ଟି ଟିମ ବନ୍ଧୁକ ଧରି କମ୍ବିଂ ଅପରେସନ ଆରମ୍ଭ କରି କୁଲଡିହାର ଅଗ୍ରଭାଗ ମଣ୍ଡଳେଶ୍ୱରୀଠାରେ ପହଞ୍ଚିଥିଲେ। ପରେ ସେଠାରେ ପୂଜାର୍ଚ୍ଚନା କରିବା ପରେ ପୁଣି ତଳକୁ ଓହ୍ଲାଇଥିଲେ ବନ କର୍ମଚାରୀ। ହଠାତ ଏହି ଅପରେସନ ଆରମ୍ଭ ହୋଇଥିବା ବେଳେ ଶିକାରୀ ମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି। ପାଟ୍ରୋଲିଂରେ ଡିଏଫଓ ଶ୍ରୀ ମଲ୍ଲିକ, ଏସିଏଫ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ ସୁବ୍ରତ କୁମାର ବେହେରା ପ୍ରମୁଖ ରହିଛନ୍ତି।

# ନୀଳଗିରି ଉପଖଣ୍ଡ ହସ୍ପିଟାଲରେ କର୍ମଚାରୀ ମରୁଡ଼ି

ନୀଳଗିରି, ୧୪।୯ (ସମିସ)



ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ହସ୍ପିଟାଲ ଭାଗ୍ୟ ଏବେ ଆଶା କର୍ମୀଙ୍କ ହାତରେ। ରୋଗୀଙ୍କ କାମ ଆଟେଣ୍ଡାଣ୍ଟ ବଦଳରେ କରୁଛନ୍ତି ଆଶା କର୍ମୀ। କେତେବେଳେ ବି କିଛି ଭୁଲ ରୋଗୀଙ୍କ ଜୀବନ ନେଇ ପାରେ। ସେପଟେ ଶତାଧିକ ରୋଗୀଙ୍କ ସେବା ପାଇଁ ଜଣେ ନର୍ସ ନିୟୋଜିତ ହୋଇଥିବା ଦେଖାଯାଇଥିବା ବେଳେ ନୀଳଗିରିବାସୀ ଖାଲି ପ୍ରତାରଣାର ଶିକାର ପାଲଟିଛି।

ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତ, ଔପଦା ବ୍ଲକର ୫ଟି ପଞ୍ଚାୟତ, ରେମୁଣା ଓ ବାହାନାଗା ବ୍ଲକର ୨ ଲେଖାଏଁ ପଞ୍ଚାୟତ ସମେତ ନୀଳଗିରି ଏନଏସିର ରୋଗୀମାନେ ନୀଳଗିରି ଉପଖଣ୍ଡ ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି। ହେଲେ ରୋଗୀ ମାନଙ୍କ ଶଯ୍ୟାଠାରୁ ଦ୍ୱିଗୁଣିତ ରୋଗୀ ତଳେ ପଡିମଧ୍ୟ ଚିକିତ୍ସିତ ହେଉଥିବା ଦେଖାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ବିଭିନ୍ନ ଡାକ୍ତର ଓ ନର୍ସ ପଦବୀ ଖାଲି ପଡିବା। ଏପରିକି ଆଟେଣ୍ଡାଣ୍ଟ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ଖାଲିପଡିଛି। ହେଲ୍ପଡେସ୍କର କିଛି କର୍ମଚାରୀ ପଦବୀ ଉଚ୍ଛେଦ କରାଯାଇ ତାଙ୍କୁ ଟିକେଟ କାଉଣ୍ଟରରେ ନିୟୋଜିତ ହୋଇଛନ୍ତି। ଆଉ କିଛି ଗୋଗୀଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ କିଛି ଡାକ୍ତରଙ୍କ ସେବା କାର୍ଯ୍ୟରେ ନୋୟୋଜିତ ହୋଇଛନ୍ତି। ସେହିପରି ଡେ ଡିଉଟି ଓ ନାଇଟ ଡିଉଟି ସମୟରେ ଅପରାହ୍ନ ଠାରୁ ଆରମ୍ଭ କରି ମଧ୍ୟରାତ୍ରୀ ଓ ସକାଳ ପର୍ଯ୍ୟନ୍ତ ରୋଗୀଙ୍କୁ ଭଗବାନ ଭରସା ବୋଲି ଜଣାପଡିଛି। ଶତାଧିକ ରୋଗୀଙ୍କୁ ପୁରୁଷ ଓ ମହିଳା ବିଭାଗ ପାଇଁ ଜଣେ ମାତ୍ର ନର୍ସ ନିୟୋଜିତ ହୋଇଛନ୍ତି। ଏକସାଙ୍ଗରେ ଅନେକ ଗୁରୁତର ରୋଗୀ ଆସିଗଲେ କେଉଁ ରୋଗୀଙ୍କୁ ଚିକିତ୍ସା କାର୍ଯ୍ୟ ପ୍ରଥମେ ଯୋଗାଇ ଦିଆଯିବ ଏ ନେଇ ତୁମ୍ବିତୋଫାନ ଉଠିଥାଏ। ଖାଲି ସେତକ ନୁହଁ ଗତ ଶନିବାର ରାତ୍ରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। କାର୍ଯ୍ୟରତ ଆଟେଣ୍ଡାଣ୍ଟ ଆସିନଥିବା ବେଳେ ନର୍ସ ଜଣକ ଖାଲି ଦୌଡ଼ି ବୁଲି ସେବାକାର୍ଯ୍ୟ ଯୋଗାଇ ଦେଉଥିବା ଦେଖିବାକୁ ମିଳିଥିଲା। ପରେ ତାଙ୍କ ସହିତ ଜଣେ ଆଶା ଦିଦିଙ୍କୁ ସହଯୋଗ ପାଇଁ ଦିଆଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନଭିଜ୍ଞ ଆଶା ଜଣକ କଣ କରିବେ ଠିଆ ହୋଇ ଖାଲି ଦେଖିବା ଛଡା କିଛି ନଥିଲା। ପୂର୍ବରୁ ଅନେକ ସଂଗଠନ ଓ ବରିଷ୍ଠ ମାନେ ହସ୍ପିଟାଲ ଅବ୍ୟବସ୍ଥା ସୁଧାରିବା ପାଇଁ ଆନ୍ଦୋଳନ କରି ଆସୁଥିବା ବେଳେ ସେହିମାନେ ଏବେ ଡାକ୍ତର ଓ ଏସଡ଼ିଏମଙ୍କ ସହ ଉତ୍ତମ ସମ୍ପର୍କ ରଖିବା ଘଟଣା ନେଇ ଅଞ୍ଚଳବାସୀ ସବୁ ବୁଝି ସାରିଲେଣି। ଡାକ୍ତର ଓ ନର୍ସ ପଦବୀ ପୂରଣ ପାଇଁ ବାରମ୍ବାର ଅଭିଯୋଗ ହୋଇଆସୁଥିବା ବେଳେ ଡବଲ ଇଂଜିନ କୁହାଯାଉଥିବା ସାଂସଦ ଓ ବିଧାୟକ ହସ୍ପିଟାଲର ଅବ୍ୟବସ୍ଥାର ସୁଧାର କରିନପାରିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି।

ସକାଳ THE SAKALA



**ଗାଁ ଗାଁରେ କର୍ମୀ ହତାଶ**

# ବିଧାୟକ ହାତପାଣ୍ଠି କେଳେଙ୍କାରୀ ଅଭିଯୋଗ

ନୟାଗଡ଼,୧୪।୯ (ସମିସ)

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ହାତପାଣ୍ଠି ଆବଣ୍ଟନରେ କେଳେଙ୍କାରୀ ହୋଇଥିବା ଅଭିଯୋଗ ହୋଇଛି। ଭାପୁର ଅଞ୍ଚଳର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଜନପ୍ରତିନିଧି ଏନେଇ ସ୍ୱର ଉଠାଇଲେଣି। ଭାପୁର ରାଜନୈତିକ ଇତିହାସରେ ଯାହା ହୋଇନଥିଲା, ତାହା ଏବେ ହେଉଛି ବୋଲି ଅନେକ ମତ ଦେଲେଣି। ବିଧାୟକ ହାତପାଣ୍ଠିରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ ପାଇଁ କାର୍ଯ୍ୟ କରାଯିବା ବଦଳରେ ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ହାତପାଣ୍ଠି ଟେକି ଦିଆଯାଇଛି।

ନୟାଗଡ଼ ଜିଲ୍ଲା ଯୋଜନା ଓ ପରିଚାଳନା କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁସାରେ, ଖଣ୍ଡପଡ଼ା ବିଧାୟକ ଶ୍ରୀ ସ୍ୱାଇଁଙ୍କ ହାତପାଣ୍ଠିରେ ୧୧ଟି ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର ମୂଲ୍ୟ ୫ ଲକ୍ଷ ଲେଖାଏଁ ରହିଛି। ଉକ୍ତ ପ୍ରକଳ୍ପ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗ କାର୍ଯ୍ୟକାରୀ କରିବ ବୋଲି ଜଣାପଡ଼ିଛି। ନୟାଗଡ଼ ଜିଲ୍ଲାରେ ୫୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟୟରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବାବେଳେ ବିଧାୟକ ଭାପୁର ବ୍ଲକ୍‌ର ୧୧ଟି ପ୍ରକଳ୍ପ ପାଇଁ ହାତପାଣ୍ଠି ଟେକି ଦେବା ପଛରେ ବଡ଼ ଧରଣର କେଳେଙ୍କାରୀର ଆଭାସ ମିଳୁଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଭାପୁର ପମ୍ପ୍ ହାଉସ୍ ମରାମତି ପାଇଁ ୫ ଲକ୍ଷ, ଫତେଗଡ଼ ଆଦର୍ଶ ବିଦ୍ୟାଳୟ ପାଇପ୍ ଲାଇନ୍ ପାଇଁ ୫ ଲକ୍ଷ, ପାର୍ବତୀପୁର ପମ୍ପ୍ ହାଉସ୍ କନ୍‌ଷ୍ଟ୍ରକ୍ସନ୍ ଓ ପାଚେରି ପାଇଁ ୫ ଲକ୍ଷ, ଫତେଗଡ଼ ଥାନା ନିକଟବର୍ତ୍ତୀ ପମ୍ପ୍ ହାଉସ୍ ପାଇଁ ୫ ଲକ୍ଷ, ବିଜିପୁର ପମ୍ପ୍ ହାଉସ୍ ମରାମତି ପାଇଁ ୫ ଲକ୍ଷ, ମାଳିବେରେଣି ପମ୍ପ୍ ହାଉସ୍ ପାଇଁ ୫ ଲକ୍ଷ, କେନ୍ଦୁପଲ୍ଲୀ ପମ୍ପ୍ ହାଉସ୍ ମରାମତି ପାଇଁ ୫ ଲକ୍ଷ, ଶାଳପଡ଼ା ପଞ୍ଚାୟତ ମିଟୁଆଣି ପମ୍ପ୍ ହାଉସ୍ ପାଇଁ ୫ ଲକ୍ଷ, ମିଟୁଆଣୀ ପମ୍ପ୍ ହାଉସ୍ ସାଇଡ୍ ଡେଭଲପ୍‌ମେଣ୍ଟ ପାଇଁ ୫ ଲକ୍ଷ, ଏହା ସହିତ ଭାପୁର ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପାଇପ୍ ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ଅନୁମୋଦନ ଟିଠାକୁ ଲକ୍ଷ୍ୟ କଲେ ପୂରା ହାତପାଣ୍ଠିକୁ

**● ତଦନ୍ତ ଦାବି କଲେଣି ଭାପୁର ଅଞ୍ଚଳବାସୀ**

**● ପାନୀୟଜଳ ପ୍ରକଳ୍ପ ପାଇଁ ୫-୫ ଲକ୍ଷ ବରାଦ**

ଫଲ୍ସ ବିଲ୍ କରି ଉଡ଼ାଇବାକୁ ଯୋଜନା ପ୍ରସ୍ତୁତ ହୋଇଥିବା ସନ୍ଦେହ କରାଯାଉଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜରିଆରେ ସ୍ୱିଟ୍‌ଅପ୍ ମାଧ୍ୟମରେ କାମ ବାଣ୍ଟି ଯେନତେନ ଏହି ଅର୍ଥକୁ ବ୍ୟୟ କରାଯିବାକୁ ଯୋଜନା କରାଯାଇଛି। ବିଧାୟକ ହାତପାଣ୍ଠିକୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ଦିଆଯିବା ପରେ ଭାପୁର ଅଞ୍ଚଳର କିଛି ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭାପୁର ବ୍ଲକ୍‌ରେ ବିଗତ ଦିନରେ ୨୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଫଲ୍‌ସ ବିଲ୍ ହୋଇଥିବାବେଳେ ପୁନଶ୍ଚ ଫଲ୍‌ସ ବିଲ୍ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଅନୁମାନ କରାଯାଉଛି। ବିଧାୟକ ହାତପାଣ୍ଠି ଅର୍ଥ ବ୍ଲକ୍ ମାଧ୍ୟମରେ ବିଭିନ୍ନ ଗାଁ କୋଠଘର, କମ୍ୟୁନିଟି ସେଣ୍ଟର, ରାସ୍ତା, ସ୍କୁଲ ମରାମତି ପାଇଁ ପୂର୍ବରୁ ବ୍ୟୟବରାଦ ହୋଇ ଆସୁଥିବାବେଳେ ପ୍ରଥମ ଥର ପାଇଁ ଏଭଳି କରାଯାଇଥିବା ଅନେକ ବରିଷ୍ଠ ନାଗରିକ ମତ ଦେଇଛନ୍ତି। ଫଳରେ ଏହି ଅର୍ଥକୁ ବ୍ୟୟବରାଦ କରି ମୋଟା ଅଙ୍କର ପିସି ଆଦାୟ କରାଯିବାର ବ୍ୟବସ୍ଥା ହୋଇଥିବା ବରିଷ୍ଠ ନାଗରିକମାନେ ସନ୍ଦେହ କରୁଛନ୍ତି। ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ରବୀନ୍ଦ୍ର ପଟ୍ଟନାୟକ, ସରକାରୀ ଅର୍ଥକୁ ନେଇ ରାଜନୀତିକରଣ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ରାଜନୀତିରୁ ଉର୍ଦ୍ଧ୍ୱରେ ରହି ସରକାରୀ ଅର୍ଥକୁ ବିକାଶ ଓ ଉନ୍ନତି ପାଇଁ ବିନିଯୋଗ କରାଯିବା ଉଚିତ୍ ବୋଲି କହିଛନ୍ତି। ଏହା ସହିତ ଏହି ଅର୍ଥ ଆବଣ୍ଟନରେ ପ୍ରୀୟାପ୍ରୀତି ନୀତି ଆପଣାଯାଇଥିବା ଅଭିଯୋଗ ହୋଇଛି। ଯେଉଁ ସ୍ଥାନରେ ବିଧାୟକଙ୍କ ଦବ୍‌ଦବା ରହିଛି, ସେହି ସ୍ଥାନଗୁଡ଼ିକ ପାଇଁ ଅର୍ଥ ବ୍ୟୟବରାଦ କରାଯାଇଥିବାବେଳେ ଅନ୍ୟ ପଞ୍ଚାୟତଗୁଡ଼ିକ ଏଥିରୁ ବଞ୍ଚିତ ହୋଇଛନ୍ତି। ଏନେଇ ବିଧାୟକଙ୍କ ମତାମତ ମିଳିପାରି ନ ଥିବାବେଳେ ଯୋଜନା ଓ ପରିଚାଳନା କାର୍ଯ୍ୟାଳୟ ଅଧିକାରୀ ବ୍ୟସ୍ତତା ଦର୍ଶାଇ କିଛି କହି ନାହାନ୍ତି। ହାତପାଣ୍ଠି ଆବଣ୍ଟନର ବିଧିବଦ୍ଧ ତଦନ୍ତ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ସାର ପାଇଁ ତାତିଲେ ଚାଷୀ



ନୟାଗଡ଼,୧୪।୯ (ସମିସ): ସାର ପାଇଁ ଖମାରସାହି ସୋସାଇଟିର ଚାଷୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି। ବିଳମ୍ବ ହେବାରୁ ଟ୍ରକ୍‌ରୁ ସାର ବସ୍ତା ଛଡ଼ାଇନେଲେ ଚାଷୀ। ଡିଆର୍‌ସିଏସ୍ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଉତ୍ତେଜନା ଥମିଛି। ଖମାରସାହି ସୋସାଇଟିର ଶତାଧିକ ଚାଷୀ ରବିବାର ସକାଳ ୭ଟାରେ ସାର ନେବା ପାଇଁ ଝୁମ୍ପୁରି ଗୋଦାମରେ ପହଞ୍ଚିଥିଲେ। ଗୋଦାମରେ ସାର ଦେବାକୁ ନିୟମ ନ ଥିବାରୁ ମନାକରିବା ପରେ ନିର୍ମାଣାଧୀନ ବାଇପାସ୍ ରାସ୍ତା ଉପରେ ସାର ନେବାକୁ ଚାଷୀମାନେ ଜିଦ୍ ଧରିବା ସହ ସାର ବୋଝେଇ ଟ୍ରକ୍‌କୁ ଅଟକାଇଥିଲେ। ଫଳରେ ସେଠାରେ କର୍ତ୍ତୃପକ୍ଷ ସାର ଦେବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ଚାଷୀଙ୍କ ଉପସ୍ଥିତି ଅନୁଯାୟୀ ସାର ନ ଥିବାରୁ ୮୯ ବସ୍ତା ଦେବା ପରେ ଆଉ ଦିଆଯିବ ନାହିଁ ବୋଲି କୁହାଯାଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଚାଷୀମାନେ ଗାଡ଼ିରେ ଥିବା ସାର ବସ୍ତାକୁ ଜୋର୍‌ଜବରଦସ୍ତ ବୋହି ନେଇଥିଲେ। ଖବରପାଇ ଡିଆର୍‌ସିଏସ୍ ଏବଂ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ। ସୋମବାର ସମସ୍ତ ଚାଷୀଙ୍କୁ ସାର ଦିଆଯିବ ବୋଲି ଡିଆର୍‌ସିଏସ୍ କହିବା ପରେ ଉତ୍ତେଜନା ହ୍ରାସ ପାଇଥିଲା।

## ମା' ପାର୍ବତୀଙ୍କ ପାର୍ବଣ ପୂଜା ଆରମ୍ଭ

ଶରଣକୁଳ,୧୪।୯ (ସମିସ): ପବିତ୍ର ଆଶ୍ୱିନ ମାସ ମୂଳାଷ୍ଟମୀ ତିଥି ମଙ୍ଗଳବାରଠାରୁ ବିଭିନ୍ନ ଦେବୀପୀଠରେ ଷୋଳଦିନାତ୍ମକ ପାର୍ବଣ ପୂଜା ଆରମ୍ଭ ହୋଇଛି। ଲଡୁବାବାଙ୍କ ପୀଠରେ ପାଶ୍ୱର୍ଦେବତା ରୂପେ ପୂଜା ପାଉଥିବା ମା' ପାର୍ବତୀଙ୍କର ଏହି ପାର୍ବଣ ପୂଜା ଓ ଚଣ୍ଡୀପାଠ ଆରମ୍ଭ ହୋଇଛି। ରବିବାର ଅପରାହ୍ଣରେ ମନ୍ଦିର ପରିଚ୍ଛା ତୋଷବନ୍ତ କରଙ୍କ ଉପସ୍ଥିତିରେ ମା'ଙ୍କ ଦ୍ୱାରଫିଟା, ଆଳତି ପରେ ଚୁଆ, ଚନ୍ଦନ, ଅଗୁରୁ, କର୍ପୂର, ଟଭା ଆଦିରେ ମାଜଣା କରାଯାଇ ସେବାୟତମାନେ ମନ୍ଦିରବେଢ଼ାରେ ଥିବା ବାମ୍ଫିରୁ ଜଳ ଆଣିବାରେ ପୂଜାପଣ୍ଡା ତମ୍ବା ଡାଳରେ ୧୦୦୮ ଡାଳ ଜଳରେ ଦେବୀଙ୍କୁ ମହାସ୍ନାନ କରାଇ ନୂତନ ବସ୍ତ୍ର ପରିଧାନ ସହିତ ଅଳଙ୍କାର ଓ ପୁଷ୍ପମାଳାରେ ସୁସଜ୍ଜିତ କରାଇଥିଲେ। ତନ୍ତ୍ରବିଧି ଅନୁସାରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇ ଚଣ୍ଡୀପାଠ କରାଯାଇଥିଲା। ସକାଳ ସମସ୍ତ ନୀତିକାନ୍ତି ସହିତ ସକାଳ ଧୂପ ଶେଷ କରାଯାଇଥିଲା। ସେବକ ଦ୍ୱିତୀକୃଷ୍ଣ ମିଶ୍ର ପାର୍ବଣ ପୂଜା ପାରମ୍ପରିକ ରୀତିରେ ଦେବୀଙ୍କ ପୂଜାର୍ଚ୍ଚନା କରିଥିଲେ। ବୈଦିକ ବ୍ରାହ୍ମଣ ରଶ୍ମି ରଞ୍ଜନ ଷଡ଼ଙ୍ଗୀ ଚଣ୍ଡୀପାଠ ଆରମ୍ଭ କରିଥିଲେ। ମନ୍ଦିର ପୂଜାପଣ୍ଡା ସୁନୀଲ କୁମାର ବଡ଼ପଣ୍ଡା, ପାଳିଆ ମାଳି ରବିନ୍ଦ୍ର କୁମାର ମହାପାତ୍ର, ପ୍ରତାପ ଚନ୍ଦ୍ର ପ୍ରତିହାରୀ, ଶିବରାମ ଗାଆଣ ସହିତ କିଛି ସେବାୟତ ରହି ମା'ଙ୍କ ପାର୍ବଣ ପୂଜାର ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ସେବାୟତ ପ୍ରଭାତ କୁମାର ମହାପାତ୍ର ଓ ସୁନୀଲ ବଡ଼ପଣ୍ଡା ମା'ଙ୍କୁ ସୁନ୍ଦର ଭାବେ ବେଶ କରିଥିଲେ। ରବିବାର ପାର୍ବଣ ପ୍ରଥମ ଦିନରେ ମା'ଙ୍କ ଦର୍ଶନ ପାଇଁ ସନ୍ଧ୍ୟାରୁ ମନ୍ଦିରରେ ଭିଡ଼ ଲାଗି ରହିଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ପର୍ବର ସମସ୍ତ କାର୍ଯ୍ୟ ସମାପ୍ତ କରାଯାଇଥିଲା। ସେହିପରି ନିକଟସ୍ଥ ବାଉଁଶିଆ ଗ୍ରାମ ଅଧିଷ୍ଠାତ୍ରୀ ମା' ବ୍ରାହ୍ମଣୀଦେବୀଙ୍କ ପୀଠରେ ଏହି ପାର୍ବଣ ପୂଜା ଆରମ୍ଭ ହୋଇଛି।



## ଜରାଜୀର୍ଣ୍ଣ ଅବସ୍ଥାରେ ସରକାରୀ ବାସଗୃହ



ଗଣିଆ,୧୪।୯ (ସମିସ): ବିଭିନ୍ନ ସ୍ଥାନରେ ସରକାରୀ କର୍ମଚାରୀଙ୍କ ରହିବା ନିମନ୍ତେ ବାସଗୃହଗୁଡ଼ିକ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ସମୟାନୁକ୍ରମେ ବାସଗୃହଗୁଡ଼ିକ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। କେଉଁଠି ବାସଗୃହଗୁଡ଼ିକ ଭାଙ୍ଗିଯାଇ ମାଟିରେ ମିଶିଲାଣି ତ ପୁଣି କେଉଁଠି ବାସଗୃହ ମଧ୍ୟରେ ଅନାବନା ଗଛଲତା ଉଠି ତାହା ବିଷଧର ସରୀସୃପଙ୍କ ନିମନ୍ତେ ନିରାପଦ ଆଶ୍ରୟସ୍ଥଳ ପାଲଟିଲାଣି। ଗଣିଆ ବ୍ଲକ୍ କାର୍ଯ୍ୟାଳୟ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ବାସଗୃହଗୁଡ଼ିକର ପୁନରୁଦ୍ଧାର ଦିଗରେ ବ୍ଲକ୍ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାବେଳେ ବ୍ଲକ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ସରକାରୀ ବାସଗୃହ ଅଭାବରୁ ବାଧ୍ୟ ହୋଇ ବାହାରେ ଘରଭଡ଼ା ନେଇ ରହୁଛନ୍ତି। ସେହିପରି ତହସିଲ୍ ପ୍ରଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ଜନସ୍ୱାସ୍ଥ୍ୟ ବିଭାଗ, ପୂର୍ତ୍ତ ବିଭାଗ, ବନ ବିଭାଗ, ପୁଲିସ, କ୍ଷୁଦ୍ର ଜଳସେଚନ ବିଭାଗ ସମେତ ଅନ୍ୟ ବିଭାଗଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ରହିବା ନିମନ୍ତେ ଦୀର୍ଘ ବର୍ଷ ତଳୁ ଏକାଧିକ ସରକାରୀ ବାସଗୃହ ନିର୍ମାଣ କରାଯାଇଥିଲା। ବିଶେଷକରି ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କ୍ୱାର୍ଟର୍ସଗୁଡ଼ିକ ଭାଙ୍ଗିରୁଜି ଯାଇଥିବାବେଳେ ଖୋଦ୍ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଭଙ୍ଗା ଦଦରା ଘରେ ରହୁଛନ୍ତି। ଅନେକ ବାସଗୃହ କର୍ମଚାରୀଙ୍କ ସେବାରେ ଲାଗୁ ନ ଥିବାବେଳେ ଏହାର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ବାସଗୃହଗୁଡ଼ିକରୁ କବାଟ, ଝରକା, ଲୁହା ଗ୍ରୀଲ୍, ଚଉକାଠ, ଟିଣ ଓ ଆଜ୍‌ବେଷ୍ଟସ ଆଦି ମୂଲ୍ୟବାନ ସାମଗ୍ରୀଗୁଡ଼ିକ ଚୋରି କରି ନେଉଥିବା ଅଭିଯୋଗ ହେଉଛି। ତେଣୁ ସରକାରୀ ବାସଗୃହଗୁଡ଼ିକର ପୁନରୁଦ୍ଧାର ଦିଗରେ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହେଉଛି।

**● କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା**

## ଭଡ଼ା ନ ମିଳିବାରୁ ଅଦାଲତରେ ମାମଲା

ଓଡ଼ଗାଁ,୧୪।୯ (ସମିସ): ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ଓଡ଼ଗାଁ ଶାଖା କାର୍ଯ୍ୟାଳୟଟି ଭଡ଼ାଘରେ ଚାଲିଥିବାବେଳେ ନୂତନ ଚୁକ୍ତି ସହିତ ବର୍ଦ୍ଧିତ ଘରଭଡ଼ାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଡ଼ାଇ ଚାଲିଥିବାରୁ ଏନେଇ ଗୃହ ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ଓଡ଼ଗାଁ ଦେୱାନୀ ଅଦାଲତରେ ସିଭିଲ୍ କେସ୍ ୧୯୧/୨୫ ନମ୍ବରରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, କେନ୍ଦ୍ର ସମବାୟ ବ୍ୟାଙ୍କ, ଓଡ଼ଗାଁ ଶାଖା ଦୀର୍ଘ ବର୍ଷ ଧରି ଭଡ଼ାଘରେ ଚାଲିଥିବାବେଳେ ଚୁକ୍ତିନାମା ୨୦୨୪ ନଭେମ୍ବର ୩୦ ତାରିଖରୁ ଶେଷ ହୋଇଯାଇଛି। ଘରଭଡ଼ା ବୃଦ୍ଧି ସହିତ ପୁନଃ ଚୁକ୍ତିପତ୍ର କରିବା ନେଇ ଘର ମାଲିକ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ନ ଦେଇ ପୂର୍ବ ନିର୍ଦ୍ଧାରିତ ଚୁକ୍ତି ଅନୁସାରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଘରଭଡ଼ା ଦେଇଥିଲେ। ଏଥିରେ ଘର ମାଲିକ ଅସନ୍ତୋଷ ପ୍ରକାଶ କରି ଘର ଖାଲି କରିବା ପାଇଁ ନୋଟିସ କରିଥିଲେ। ବ୍ୟାଙ୍କ ସମ୍ପାଦକ ଅଭୟ ପଟ୍ଟନାୟକ ଏଥିନିମନ୍ତେ ୬ ମାସ ସମୟ ମାଗିଥିଲେ। ସମୟ ମଧ୍ୟରେ କୌଣସି କାଗଜପତ୍ର କାର୍ଯ୍ୟ ନ କରି ପୁନର୍ବାର ୨ ମାସ ସମୟ ମାଗି ନୂତନ ଭଡ଼ା ଓ ଚୁକ୍ତିନାମାକୁ ଏଡ଼ାଇ ଚାଲିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଘର ମାଲିକ କୋର୍ଟରେ ମାମଲା ରୁଜୁ କରିବାକୁ ବାଧ୍ୟ ହୋଇଥିଲେ।




## ଶିଶୁ ବିବାହମୁକ୍ତ ଭାରତ ଅଭିଯାନ

କଣ୍ଟିଲୋ,୧୪।୯ (ସମିସ): ବାଲ୍ୟ ବିବାହ ପରି ଘୃଣ୍ୟପ୍ରଥା ବିଲୋପ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ତରରେ ଉଦ୍ୟମ ଜାରି ରହିଛି। ସମଗ୍ର ରାଜ୍ୟରେ ବାଲ୍ୟ ବିବାହ ପ୍ରଥା ବନ୍ଦ ନିମନ୍ତେ ୨୦୨୪ ନଭେମ୍ବରରୁ ବାଲ୍ୟ ବିବାହମୁକ୍ତ ଅଭିଯାନ ଆରମ୍ଭ ହୋଇଥିବାବେଳେ ୨୦୩୦ ସୁଦ୍ଧା ଶିଶୁ ବିବାହ ପ୍ରଥାରେ ପୂର୍ଣ୍ଣଚ୍ଛେଦ ପକାଇବା ନିମନ୍ତେ ସରକାରୀସ୍ତରରେ ସଂକଳ୍ପ ଗ୍ରହଣ କରାଯାଇଛି। ଏ ପରିପ୍ରେକ୍ଷୀରେ ସାରା ରାଜ୍ୟରେ ଶିଶୁ ବିବାହମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଚାଲୁ ରହିଛି। ଗଣିଆ ଉନ୍ନୟନ କମିଟିର ସହଯୋଗରେ ନୟାଗଡ଼ ଜିଲ୍ଲାର ପ୍ରମୁଖ ମନ୍ଦିରଗୁଡ଼ିକରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମନ୍ଦିରର ପୂଜକ, ଧର୍ମଗୁରୁ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ଭାପୁର ବ୍ଲକ୍ ଅଧୀନ ଫତେଗଡ଼ ଶ୍ରୀରାମ ମନ୍ଦିର, କଣ୍ଟିଲୋସ୍ଥିତ ଶ୍ରୀନୀଳମାଧବଙ୍କ ମନ୍ଦିର ପରିସରରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ମନ୍ଦିରର ପୂଜକମାନେ ସମୂହ ଶପଥପାଠ କରିବା ସହ ବାଲ୍ୟବିବାହ ପ୍ରଥା ବନ୍ଦ କରିବା ନିମନ୍ତେ ସହଯୋଗର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେବା ସହ ସାଧାରଣରେ ସଚେତନତା ସୃଷ୍ଟି ନିମନ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ନୀଳମାଧବଙ୍କ ମନ୍ଦିରର ପୂଜକ ନୀଳମାଧବ ମିଶ୍ର, ଫତେଗଡ଼ ରାମ ମନ୍ଦିରର ପୂଜକ ସରୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗଣିଆ ଉନ୍ନୟନ କମିଟି ପକ୍ଷରୁ ବିଭୂତି ଭୂଷଣ ବେହେରା, ସର୍ବେଶ୍ୱର ପ୍ରଧାନ, ସ୍ୱର୍ଣ୍ଣଲତା ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାରମ୍ପରିକ ଶ୍ରୀହନୁମାନ କାଠି ଦିଅଁ ପୂଜା



ଖଣ୍ଡପଡ଼ା,୧୪।୯ (ସମିସ): ଖଣ୍ଡପଡ଼ା ଗଡ଼ଜାତରେ ଅନେକ ପାରମ୍ପରିକ ପର୍ବପର୍ବାଣୀ ପାଳିତ ହେଉଥିବା ସହ ରାଜପରିବାର ପକ୍ଷରୁ ଇଷ୍ଟ ଦେବଦେବୀଙ୍କର ପ୍ରାୟ ୨୫୦ ବର୍ଷ ତଳୁ ସ୍ୱତନ୍ତ୍ର ପୂଜାବିଧି ପାଳନ ହେଉଛି। ସେଥିମଧ୍ୟରୁ ଶ୍ରୀହନୁମାନ କାଠି ପୂଜା ସ୍ୱତନ୍ତ୍ର। ପାର୍ବଣ ଋତୁ ପ୍ରାରମ୍ଭରେ ଖଣ୍ଡପଡ଼ା ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଥିବା ଦେଖିବାକୁ ମିଳିଥାଏ। ଶ୍ରୀ କାଠି ଦିଅଁଙ୍କୁ ଦର୍ଶନ କରିବା ପାଇଁ ମଧ୍ୟରାତ୍ର ପର୍ଯ୍ୟନ୍ତ ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ ସମେତ ଶ୍ରଦ୍ଧାଳୁମାନେ ଉଜାଗର ରହି ଦୁଆରମାନଙ୍କରେ କୁମ୍ଭ କଳସୀ ବସାଇ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରିଥିଲେ। ଏହି ପର୍ବର ମୁଖ୍ୟ ପୁରୋଧା ପୂର୍ବତନ ବିଧାୟକ ତଥା ରାଜା ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜଙ୍କ କହିବାନୁଯାୟୀ, ମୂଳାଷ୍ଟମୀ ତଥା ଦ୍ୱିତୀୟା ଓଷା ତିଥିରେ ଖଣ୍ଡପଡ଼ା ରାଜବାଟି ପରିସରରେ ଥିବା ପର୍ବ ଘରେ ୨୫୦ ବର୍ଷ ପୂର୍ବରୁ ଏହି କାଠି ଦିଅଁ ପୂଜା ପାଉଛନ୍ତି। ବର୍ଷସାରା ରାଜବାଟିରେ ପୂଜା ପାଉଥିବା ରାଜାଙ୍କ ହାତରେ ୧୬ ହାତ ଲମ୍ବର ଏହି ହନୁମାନ କାଠିକୁ ନେଇ ସେବାସୀମାନେ ସନ୍ଧ୍ୟା ସମୟରେ ଖଳିସାହିସ୍ଥିତ ତୋଟା ହନୁମାନ ପୀଠକୁ ଯାଇଥାନ୍ତି। ସେଠାରେ ବିଗ୍ରହଙ୍କୁ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରାଯାଏ। ଏହାପରେ ବିଗ୍ରହଙ୍କଠାରୁ ଆଜ୍ଞାମାଳ ପାଇ ସେବାସୀମାନେ କାଠି ଦିଅଁଙ୍କୁ ଏକ ବିରାଟ ପଟୁଆରରେ ଖଳିସାହିରୁ ଖଣ୍ଡପଡ଼ା ଅଭିମୁଖେ ପାଛୋଟି ଆଣି ସହର ପରିକ୍ରମା କରିବା ସମୟରେ ସମସ୍ତ ସାଆନ୍ତଙ୍କ ପରିବାର ପକ୍ଷରୁ ଦିଅଁଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ରାଜବାଟୀକୁ ପାଛୋଟି ଆଣିଥାନ୍ତି। ପରେ ଏକ ସ୍ୱତନ୍ତ୍ର ବିମାନ ସୁସଜ୍ଜିତ ହୋଇ ରାଜପରିବାରର ଇଷ୍ଟଦେବୀ ମା' ବାଉରୀ ଠାକୁରାଣୀ ଏବଂ କାଠି ଦିଅଁଙ୍କୁ ପର୍ବ ଘରକୁ ପାଛୋଟି ଅଣାଯିବାର ବିଧି ରହିଛି। ଉଭୟେ ପବିତ୍ର ଦଶହରା ପର୍ଯ୍ୟନ୍ତ ଅବସ୍ଥାନ କରିବେ ବୋଲି ଜଣାଯାଇଛି। ପର୍ବ ଘରେ ଷୋଡ଼ଶ ଉପଚାରରେ କାଠି ଦିଅଁ ଏବଂ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରାଯିବା ପରେ ଦଶହରା ଦିନ ମା' ବାଉରୀ ଠାକୁରାଣୀ ପୂଜାସ୍ଥଳକୁ ବିଜେ ହେବେ। ଏହି ସ୍ୱତନ୍ତ୍ର ପୂଜାରେ ଶ୍ରଦ୍ଧାଳୁମାନେ ନିଜ ପରିବାରର ମଙ୍ଗଳ ମନାସୀଥିବା ଜଣାପଡ଼ିଛି।

## ଗ୍ୟାସ୍ ସିଲିଣ୍ଡର ଚୋରିକରି ୪ ଗିରଫ

କଣ୍ଟିଲୋ,୧୪।୯ (ସମିସ): କଣ୍ଟିଲୋ ପୁଲିସ ରବିବାର ଗ୍ୟାସ୍ ସିଲିଣ୍ଡର ଚୋରି ଅଭିଯୋଗରେ ନିକଟସ୍ଥ ଫକୀର ଅଉବୁଦ୍ଧି ଗ୍ରାମର ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଶନିବାର ନୀଳମାଧବ ମନ୍ଦିର ସିଂହଦ୍ୱାର ନିକଟରେ ସେବାୟତ ସନ୍ତୋଷ ମିଶ୍ରଙ୍କ ବାପାଙ୍କ ଦଶାହ କାର୍ଯ୍ୟ ଭୋଜିଭାତ ପ୍ରସ୍ତୁତି ପାଇଁ ୩ଟି ଗ୍ୟାସ୍ ସିଲିଣ୍ଡର ବାଘ ଆଖଡ଼ା ଗୃହରେ ରଖିଥିଲେ। ରବିବାର ସେଠାରେ ସିଲିଣ୍ଡରଗୁଡ଼ିକ ନ ଥିବା ଦେଖି ଚୋରି ହୋଇଥିବା ଜାଣିବା ପରେ କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ କରିଥିଲେ। କଣ୍ଟିଲୋ ଫାଣ୍ଡି ଅଧିକାରୀ ବିଭିନ୍ନ ସୂତ୍ରରୁ ଅନୁସନ୍ଧାନ କରି ଉକ୍ତ ଯୁବକଙ୍କୁ ଫାଣ୍ଡିକୁ ନେଇ ପଚରାଉଚରା ପରେ ସିଲିଣ୍ଡର ଚୋରି ନେଇ ସ୍ୱୀକାର କରିଥିଲେ। ଗିରଫ ଯୁବକ ୪ଜଣ ହେଲେ ଫକୀର ଅଉବୁଦ୍ଧି ପାଟଣାର ରଜତ ଦଳେଇ, କୃଷ୍ଣଚନ୍ଦ୍ର ବେହେରା, ଭାଗିରଥି ବେହେରା ଓ କାଳନ୍ଦୀ ଦଳେଇ। ସେମାନେ ଅନ୍ୟାନ୍ୟ ଛୋଟମୋଟ ଚୋରି ଘଟଣାରେ ମଧ୍ୟ ସମ୍ପୃକ୍ତ ବୋଲି ସୂଚନା ଦେବା ସହିତ ସେମାନଙ୍କ ନିକଟରୁ ବାଲିରେ ପୋତାଯାଇଥିବା ସିଲିଣ୍ଡର ଉଦ୍ଧାର କରିବା ପରେ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ ଶ୍ରୀ ଦାସ ସୂଚନା ଦେଇଛନ୍ତି।

**● ୨ ଦିନ ହେଲାଣି ବିଦ୍ୟୁତ୍ ସେବା ବନ୍ଦ**

## ବିଦ୍ୟୁତ୍ ଷ୍ଟ୍ରକ୍‌ଚରରେ ତାଲା ପକାଇଲେ ଗ୍ରାମବାସୀ

ଖଣ୍ଡପଡ଼ା,୧୪।୯ (ସମିସ): ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ଖଳିସାହି ପଞ୍ଚାୟତ ଅଧୀନ ଇଚ୍ଛାପୁର ଗ୍ରାମରେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବାରୁ ଗତ ଦୁଇଦିନ ଧରି ୩୦୦ରୁ ଉର୍ଦ୍ଧ୍ୱ ଉପଭୋକ୍ତା ହନ୍ତସନ୍ତ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ରବିବାର ପୂର୍ବାହ୍ଣରେ ଏନେଇ ଗ୍ରାମବାସୀଙ୍କ ତରଫରୁ ଯୁବକମାନେ କଣ୍ଟିଲୋସ୍ଥିତ ନୃସିଂହପାଟଣାରେ ଥିବା ବିଦ୍ୟୁତ୍ ଷ୍ଟ୍ରକ୍‌ଚରରେ ତାଲା ପକାଇବା ସହ ଫାଟକ ସମ୍ମୁଖରେ ଗଣଧାରଣା ଦେଇଥିଲେ। ତାଲା ପକେଇବା ଖବରପାଇ ବିଭାଗୀୟ ଯନ୍ତ୍ରୀ ଫୋନ୍ ଯୋଗେ ଧାରଣାରେ ବସିଥିବା ଯୁବକଙ୍କୁ ବୁଝାସୁଝା କରିବା ବିଦ୍ୟୁତ୍ ସମସ୍ୟା ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ତାଲା ଖୋଲିଥିବା ଜଣାପଡ଼ିଛି। ଏନେଇ ବିଭାଗୀୟ ଏସ୍‌ଡିଓ ଅନିଲ କୁମାର ସାହୁଙ୍କୁ ପଚାରିବାରୁ ସୋମବାର ସକାଳୁ ଟ୍ରାନ୍ସଫର୍ମର ବସାଯାଇ ଗ୍ରାମବାସୀଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି କହିଛନ୍ତି।



## ବସ୍ ଓଲଟି କଣ୍ଡକ୍ଟର ଗୁରୁତର, ୪ ଯାତ୍ରୀ ଆହତ

ଦଶପଲ୍ଲା,୧୪।୯ (ସମିସ): ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟରେ ଖୋର୍ଦ୍ଧା-ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଜାମୁସାହି ନିକଟରେ ଏକ ଯାତ୍ରୀବାହୀ ବସ୍ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିଥିବା ଜଣାଯାଇଛି। ଭୁବନେଶ୍ୱରରୁ ବଲାଙ୍ଗିର ଯାଉଥିବା ଏହି ବେଲୁନ୍ ବସ୍ ସମାନ ଦିଗରେ ଯାଉଥିବା ଅନ୍ୟ ଏକ ମାଲ୍‌ବାହୀ ଟ୍ରକ୍‌କୁ ବେପରୁଆ ଭାବରେ ଅତିକ୍ରମ କରିବାକୁ ଯାଇ ଦୁର୍ଘଟଣାର ଶିକାର ହୋଇଥିବା ନିକଟସ୍ଥ ଦୁଡୁକିପାଜୁ ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଏଥିରେ ବସ୍‌ର କଣ୍ଡକ୍ଟରଙ୍କ ହାତ ଭାଙ୍ଗି, ମୁଣ୍ଡ ଫାଟିଯିବା ସହିତ ଅନ୍ୟ ୪ ଜଣ ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ଖବର ପାଇ ବାଣୀଗୋଚ୍ଛା ପୁଲିସ, ଦଶପଲ୍ଲା ଅଗ୍ନିଶମ ବାହିନୀ ଓ ଦଶପଲ୍ଲା ଘରୋଇ ବସ୍ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ପହଞ୍ଚି ଜରୁରୀ ସେବା ଯୋଗାଇ ଅନ୍ୟ ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ବ୍ୟବସ୍ଥା କରିଥିଲେ।

**ବ୍ଲକ୍ ଅଧ୍ୟକ୍ଷଙ୍କ ଗାଡ଼ି ପୋଡ଼ିବା ଘଟଣା**

## ଭାଟସାହିରେ କୁହୁଳୁଛି ଅସନ୍ତୋଷ; ପୁଲିସର ତଦନ୍ତ ଜାରି

ନୟାଗଡ଼,୧୪।୯ (ସମିସ): ନୟାଗଡ଼ ଜିଲ୍ଲା ସଦର ବ୍ଲକ୍ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଗାଡ଼ି ପୋଡ଼ାଯିବା ଘଟଣାକୁ ନେଇ ପୁଲିସ ତଦନ୍ତ ଚଳାଇଥିବାବେଳେ ଭାଟସାହିରେ ଏବେ ଅସନ୍ତୋଷର ନିଆଁ କୁହୁଳୁଛି। ଗାଡ଼ିରେ ଲାଗିଥିବା ନିଆଁ ଭାଟସାହି ଯୁବଗୋଷ୍ଠୀଙ୍କ ଦେହରେ ନିଆଁ ଲଗାଇଦେଇଛି। ଏହି ଘଟଣାକୁ ନେଇ ବ୍ଲକ୍ ଅଧ୍ୟକ୍ଷଙ୍କ ପତ୍ନୀ ସାରଦା ସାହୁଙ୍କ ଅଭିଯୋଗ ଆଧାରରେ ପୁଲିସ ଭାଟସାହି ଗ୍ରାମର ସମୀର ଭଟ୍ଟ ଏବଂ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଛି। ସମୀରକୁ ପୁଲିସ ଥାନାକୁ ଡାକି ପଚରାଉଚରା କରିବା ସହ ଅନ୍ୟ ଯୁବକଙ୍କୁ ମଧ୍ୟ ଥାନାକୁ ଡାକି ତଦନ୍ତ ଚଳାଇଛି। ତଦନ୍ତରେ ଭାଟସାହି ଯୁବଗୋଷ୍ଠୀ ସହଯୋଗ କରୁଥିବାବେଳେ ବ୍ଲକ୍ ଅଧ୍ୟକ୍ଷଙ୍କ ଦ୍ୱାରା ଏହା ପ୍ରାୟୋଜିତ ଘଟଣା ବୋଲି ସମୀର ସୋସିଆଲ ମିଡିଆରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଭାଟସାହି ଗାଁ ଏବେ ଦୁଇମୁହାଁ ହୋଇଛି। ଅଧ୍ୟକ୍ଷ ଗାଁର ଯୁବକମାନଙ୍କୁ ଫସାଇବାକୁ ଷଡ଼ଯନ୍ତ୍ର କରିଥିବା ନେଇ ଯୁବଗୋଷ୍ଠୀ କହି ବୁଲୁଥିବାବେଳେ ପ୍ରକୃତ ଘଟଣା ଉପରୁ ପରଦା ଉଠିପାରୁ ନାହିଁ। ଗାଡ଼ିରେ ଲାଗିଥିବା ନିଆଁ ଏବେ ରାଜନୀତିକୁ ସରଗରମ କରୁଥିବାବେଳେ ଏହା ମଧ୍ୟରେ କିଛି ବିଜେପି ନେତା ମଧ୍ୟ ମୁଣ୍ଡ ପୂରାଇଥିବା ଜଣାପଡ଼ିଛି। ବ୍ଲକ୍ ଅଧ୍ୟକ୍ଷଙ୍କୁ ନିଜ ଗାଁରେ ଗୌଣ କରିବାକୁ ବିଜେପି ନେତା ଷଡ଼ଯନ୍ତ୍ର କରୁଥିବା ସୂଚନା ମିଳିଛି। ସମୀରଙ୍କ ସହ ଅଧ୍ୟକ୍ଷଙ୍କ ବାଦବିବାଦ ଦୀର୍ଘଦିନ ପୁରୁଣା ହୋଇଥିବାବେଳେ ଏହି ଗାଡ଼ିପୋଡ଼ି ଘଟଣା ଉଭୟଙ୍କ ବିବାଦକୁ ଆହୁରି ଉଗ୍ର କରିଛି। ସମୀର ପଛରେ ଯୁବଗୋଷ୍ଠୀଙ୍କ ସହଯୋଗ ରହିଥିବା ମଧ୍ୟ ଜଣାପଡ଼ିଛି। ଅନ୍ୟପକ୍ଷେ ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତି ଆକ୍ରୋଶ ଓ ଇର୍ଷାରୁ ଏଭଳି କାଣ୍ଡ ଚାଲିଥିବା ମଧ୍ୟ ଗୋଟିଏ ଦୃଷ୍ଟିରୁ ବୁଝାପଡୁଛି। ଏହି ପରିସ୍ଥିତିକୁ ଆପୋଷ ସମାଧାନ କରା ନ ଗଲେ, ଆଗାମୀ ଦିନରେ ଭାଟସାହିରେ ଗଣ୍ଡଗୋଳ ସୃଷ୍ଟି ହେବାର ଆଶଙ୍କା ଦେଖାଯାଇଛି।

## ଅବହେଳିତ ଅବସ୍ଥାରେ ମୁକ୍ତାକାଶ ବ୍ୟାୟାମଶାଳା

ଓଡ଼ଗାଁ,୧୪।୯ (ସମିସ)

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ରାମସାଗର ପୁଷ୍କରିଣୀର ପୂର୍ବ ପାଶ୍ୱର୍ ରାମେଶ୍ୱର ମହାଦେବଙ୍କ ମନ୍ଦିର ନିକଟ ହୁଡ଼ାରେ ନିର୍ମାଣ ହୋଇଥିବା ମୁକ୍ତାକାଶ ବ୍ୟାୟାମଶାଳା ସହିତ ଶିଶୁ ଉଦ୍ୟାନ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଅବ୍ୟବହୃତ ହୋଇପଡ଼ିଥିବା ବେଳେ ଯନ୍ତ୍ରାଂଶ ସବୁ ନଷ୍ଟ ହେବାକୁ ବସିଲାଣି। ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସାଧାରଣ ଜନତାଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟାୟାମଶାଳା ଓ ଶିଶୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଶିଶୁ ଉଦ୍ୟାନ ଏବେ ଚରମ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଫଳରେ ବ୍ୟାୟାମ ଓ ଉଦ୍ୟାନ ପାଇଁ ବ୍ୟବହୃତ ଯନ୍ତ୍ରାଂଶଗୁଡ଼ିକରେ କଳଙ୍କି ଲାଗିବାକୁ ବସିଲାଣି। ସଫାସୁତରା ଅଭାବରୁ ଉକ୍ତ ସ୍ଥାନଟି ଘାସରେ ପରିପୂର୍ଣ୍ଣ ହେବା ସହିତ ସେଗୁଡ଼ିକରେ ମଧ୍ୟ ଘାସ ଚଢ଼ିଗଲାଣି। ଫଳରେ ସ୍ଥାନଟି ପରିତ୍ୟକ୍ତ ଅବସ୍ଥାରେ ପରିଣତ ହୋଇଯାଇଛି। ଏତଦ୍‌ବ୍ୟତୀତ ଏହି ବ୍ୟାୟାମଶାଳାଟି ପୁଷ୍କରିଣୀକୁ ଲାଗି ରହିଥିବାବେଳେ ଚତୁଃପାଶ୍ୱର୍ରେ କୌଣସି ଆବଦ୍ଧ ବ୍ୟବସ୍ଥା କରାଯାଇନାହିଁ। ଫଳରେ ବର୍ଷା ଦିନରେ ପୁଷ୍କରିଣୀ ପାଣି ଭର୍ତ୍ତି ହୋଇ ରହିଥିବାରୁ ଶିଶୁମାନଙ୍କୁ ସେଠାରେ ଖେଳିବା ପାଇଁ ଘରଲୋକେ ଆକଟ କରୁଛନ୍ତି। ଏଣୁ

**ରକ୍ଷଣାବେକ୍ଷଣ ଅଭାବରୁ ଉଦ୍ଦେଶ୍ୟ ସାଧନରେ ବାଧକ**

ବହୁ ଅର୍ଥ ବ୍ୟୟରେ ନିର୍ମିତ ମୁକ୍ତାକାଶ ବ୍ୟାୟାମଶାଳା ତଥା ଶିଶୁ ଉଦ୍ୟାନ ସାଧାରଣ ରକ୍ଷଣାବେକ୍ଷଣ ଅଭାବରୁ ନିର୍ମାଣର ଉଦ୍ଦେଶ୍ୟ ସାଧନରେ ବାଧକ ସୃଷ୍ଟି ହୋଉଛି ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ସହିତ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି।



# ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ

କାମାକ୍ଷାନଗର, ୧୪।୯ (ସମିସ)



ସ୍ଥାନୀୟ ସାରଙ୍ଗଧର ଷ୍ଟାଡିୟମ ଅଡିଟୋରିୟମରେ ଢେଙ୍କାନାଳ ସଂସଦୀୟ କ୍ଷେତ୍ର ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ ଯୁବନେତା ଡା. ଅବିନାଶ ସାମଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଛି। ଢେଙ୍କାନାଳ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ନଗରପାଳ ଧର୍ମାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଥମେ ନୂତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ଦେଇ ନଗରପାଳ ପରିଡ଼ା ସମ୍ବର୍ଦ୍ଧିତ କରିଥିଲେ। ପରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦଳ ଆହୁରି ସୁଦୃଢ଼ କରିବା ସହ କାମାକ୍ଷାନଗର ଏନଏସି ଓ ସମସ୍ତ ପଞ୍ଚାୟତରେ ଲୋକଙ୍କ ନିକଟରେ ପହଞ୍ଚି କିପରି ଆଗାମୀ ଦିନରେ ଦଳ ସରକାରକୁ ଫେରିବ ସେ ବିଷୟରେ ଆଲୋଚନା ହୋଇଥିଲା। ପୂର୍ବତନ କାମାକ୍ଷାନଗର ବିଧାୟକ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ଦଳରୁ ନିଲମ୍ବନ ନିଷ୍ପତ୍ତିକୁ ସମସ୍ତେ ସ୍ୱାଗତ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ଏନଏସିର ପୂର୍ବତନ ନଗରପାଳ ଶୁଭେନ୍ଦୁ ସାହୁ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, କାମାକ୍ଷାନଗର ଉପନଗରପାଳ ଶକୁନ୍ତଳା ସେଠୀ, ବ୍ଲକ ସଭାପତି ପ୍ରଭାସ ମିଶ୍ର, ନଗର ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲ୍ଲା ବିଜେଡି ଯୁବ ସମ୍ପାଦକ ଶୃତିପଦ ନନ୍ଦ, ମହିଳା ନେତ୍ରୀ ରଞ୍ଜିତା ବେହେରା, କାଉନସିଲର ବନମାଳୀ ରାଉଳ, ସଞ୍ଜୟ କୁମାର ପରିଡ଼ା, ଅଭିମନ୍ୟୁ ପରିଡ଼ା, ପ୍ରମୋଦ କୁମାର ଷେଣ୍ଠ, ଭୁବନ ବ୍ଲକ ସଭାପତି ରମେଶ ଚନ୍ଦ୍ର ସାହୁ, ଦିଲୀପ କୁମାର ଷେଣ୍ଠ, ହିମାଂଶୁ ଶେଖର ମହାପାତ୍ର, ବିନୋଦ ବିହାରୀ ସେଠୀ, ରବିନାରାୟଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



**ଗଁଦିଆ, ୧୪।୯ (ସମିସ):** ଗଁଦିଆ ତାଲୁକ ଆଇନସେବା କମିଟି ପକ୍ଷରୁ ଗଁଦିଆ ସିଭିଲ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୬୧ଟି ମକଦ୍ଦମାର ଫଇସଲା ହୋଇଛି। ୨ଟି ଫୌଜଦାରୀ ମାମଲାର ଫଇସଲା କରାଯାଇଥିବା ବେଳେ ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୬୪ହଜାର ଟଙ୍କାରେ ସମାଧାନ କରାଯାଇଛି। ସେହିପରି ୩୧ଟି ରାଜସ୍ୱ ମାମଲାର ବିଚାର କରାଯାଇ ୧୬ ହଜାର ୭୪୨ ଟଙ୍କାରେ ସମାଧାନ ହୋଇଛି। ଅନ୍ୟାନ ୨୬ଟି ମାମଲାର ଫଇସଲା କରାଯାଇଛି। ଗଁଦିଆ ତାଲୁକ ଆଇନସେବା କମିଟି ଅଧ୍ୟକ୍ଷା ଦୀକ୍ଷା ସେଠଙ୍କ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ବେଞ୍ଚ ସଦସ୍ୟ ଆଇନଜୀବୀ ପ୍ରଦୀପ କୁମାର ସାହୁ ଓ ସହାୟକ ସତ୍ୟଜିତ ଦେହୁରୀ ଅଦାଲତ ପରିଚାଳନା କରିଥିଲେ।

**କାମାକ୍ଷାନଗର:** କାମାକ୍ଷାନଗର ତାଲୁକ ଆଇନସେବା କମିଟି ଆନୁକୂଲ୍ୟରେ ସ୍ଥାନୀୟ କୋର୍ଟ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଇତିଶ୍ରୀ ମାଳବିକା ଭୂୟାଁ, ବରିଷ୍ଠ ସିଭିଲ ଜଜ ମାମି ବେହେରା, କାମାକ୍ଷାନଗର ଏସଡିଜେଏମ ନିଲୋଫର ପ୍ରମୁଖ ଯୋଗଦେଇ ବିଭିନ୍ନ ମାମଲାର



ଶୁଣାଣି କରିଥିଲେ। ଏହି ଲୋକ ଅଦାଲତରେ ଗୋଟିଏ ମନି ରିକଭରି ମାମଲା, ଦୁଇଟି ସିଭିଲ ସୁଟ ମାମଲା, ଚାରିଟି ଅପରାଧିକ ମାମଲା, ୫୦ଟି ଏଫ୍ଆର୍ଟି ମାମଲାର ସମାଧାନ କରାଯାଇଥିଲା। ବ୍ୟାଙ୍କ ବିବାଦ ମାମଲାର ବିଚାର କରାଯାଇ ୪୦ ଲକ୍ଷ ୬୦ ହଜାର ଟଙ୍କାରେ ସମାଧାନ କରାଯାଇଥିଲା। କାର୍ଯ୍ୟକ୍ରମରେ କାମାକ୍ଷାନଗରର ବହୁ ବରିଷ୍ଠ ଆଇନଜୀବୀ ସମେତ କୋର୍ଟ କର୍ମଚାରୀମାନେ ସହଯୋଗ କରିଥିଲେ।

## ୧ କେଜିରୁ ଅଧିକ ଗଞ୍ଜେଇ ଜବତ

**ଖଜୁରିଆକଟା, ୧୪।୯ (ସମିସ):** ହିନ୍ଦୋଳ ଏସ୍‌ଡିପିଓ ସତ୍ୟ କୁମାର ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବାଲିମି ଥାନା ଅଧିକାରିଣୀ ସୁଚିସ୍ମିତା ମହାନ୍ତିଙ୍କ ନେତୃତ୍ୱରେ ବାଲିମି ଥାନା ପୁଲିସ ଶନିବାର ମାନପୁର ଗ୍ରାମରେ ଚଢ଼ଉ କରି ୧ କେଜି ୧୭୩ ଗ୍ରାମ ଗଞ୍ଜେଇ ଜବତ କରିଛି। ଚୋରା ଗଞ୍ଜେଇ କାରବାର ଅଭିଯୋଗରେ ପୁଲିସ ସେହି ଗ୍ରାମର ଶରତ କୁମାର ସାହୁ (୬୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି।

## ସାତମାଇଲ ଛକରେ ଗାଡ଼ି ଯାଞ୍ଚ କଡ଼ାକଡ଼ି



**ଖଜୁରିଆକଟା, ୧୪।୯ (ସମିସ):** ହିନ୍ଦୋଳ ଉପଖଣ୍ଡ ସାତମାଇଲ ଛକରେ ସାତମାଇଲ ଫାଣ୍ଡି ଅଧିକାରୀଙ୍କ ନେତୃତ୍ୱରେ ରବିବାର ସକାଳ ୮ଟାରେ ଗାଡ଼ି ଯାଞ୍ଚ କଡ଼ାକଡ଼ି କରାଯିବା ସହ ଲୋକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନତା କରାଯାଇଛି। ଗାଡ଼ି ଚାଳନା ସମୟରେ ହେଲମେଟ, ସିଟବେଲ୍ଟ ବ୍ୟବହାର କରିବା ସହ ଗାଡ଼ିର ସମସ୍ତ କାଗଜପତ୍ର ପାଖରେ ରଖିବାକୁ ପରାମର୍ଶ ଦିଆଯାଇଛି।

## ସମାଜସେବୀଙ୍କ ପରଲୋକ

**ଢେଙ୍କନାଳ, ୧୪।୯ (ସମିସ):** ସଦର ବ୍ଲକ ଡେରାସିଂହ ଗ୍ରାମର ବିଶିଷ୍ଟ ସମାଜସେବୀ ବିଷ୍ଣୁ କୁମାର ବରାଳ ଓରଫ ଚଣ୍ଡୀ ଦାସଙ୍କ ୮୩ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତ ବରାଳ ଢେଙ୍କନାଳ ସିଡିଏମଓ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିବା ପରେ ନିଜକୁ ସମାଜସେବାରେ ନିୟୋଜିତ କରିଥିଲେ। ଏକାଧାରରେ ସେ ଜଣେ ଆଧ୍ୟାତ୍ମିକବାଦୀ, କବି, ସାହିତ୍ୟିକ ତଥା ସାହିତ୍ୟ ଓ ସଙ୍ଗୀତ ଜଗତରେ ଜଣେ ପ୍ରତିଭାବାନ ବ୍ୟକ୍ତି ଥିଲେ। ତାଙ୍କ ଲିଖିତ ଭଜନ ପୁସ୍ତକ ଭକ୍ତି ସ୍ରୋତମାଳା ଓଡ଼ିଶାର ଘରେ ଘରେ ଆଦୃତି ଲାଭ କରିଥିଲା। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସେ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ଲାଭ କରିଥିଲେ। ଷ୍ଟୋନ ରୋଗରେ ପୀଡ଼ିତ ହୋଇ ସେ ଗତ ୭ ଦିନ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ତାଙ୍କ ଦେହାନ୍ତ ହୋଇଛି। ମୃତ୍ୟୁଶଯ୍ୟା ପାଖରେ ସାନପୁଅ ଅଜିତ କୁମାର ବରାଳ, ବୋହୂ ପୂର୍ଣ୍ଣମାସୀ ବରାଳ, ପୁତୁରା ସୁରେଶ ବରାଳ, ଦିଲୀପ ବରାଳ, ଝିଆରୀ ଧରିତ୍ରୀ ବରାଳ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନପୁଅ ଅଜିତ କୁମାର ବରାଳ ମୁଖାଗ୍ନି ଦେଇଥିଲେ।



## ଅବହେଳିତ ଅବସ୍ଥାରେ ୭୮ ବର୍ଷର ବିଦ୍ୟାଳୟ

**ଖଜୁରିଆକଟା, ୧୪।୯ (ସମିସ):** ହିନ୍ଦୋଳ ଉପଖଣ୍ଡ ଅସରଡ଼ା ପଞ୍ଚାୟତ ଅସରଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରତ ସ୍ୱାଧୀନତା ପୂର୍ବରୁ ସ୍ଥାପିତ ହୋଇଥିବା ବେଳେ ଏବେ ଏହାର ଦୁରବସ୍ଥା କଥା କହିଲେ ନ ସରେ। ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮୦ ଛାତ୍ରଛାତ୍ରୀ ଥିବା ବେଳେ ୫ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତେବେ ୮ ଶ୍ରେଣୀ ପିଲାଙ୍କ ପାଇଁ ମାତ୍ର ତିନିଟି ଛାତଘର ରହିଥିବା ବେଳେ ପାଠପଢ଼ାରେ ବହୁ ଅସୁବିଧା ଉପୁଜୁଛି। ପିଲାମାନେ ଏକ ଭଙ୍ଗା ଆଜବେଷ୍ଟସ ଘରେ ବସି ପାଠ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ସେହିପରି ବିଦ୍ୟାଳୟ ପରିସରରେ ଏକ ବିପଦପୂର୍ଣ୍ଣ ଶ୍ରେଣୀଗୃହ ରହିଛି। ଏହାକୁ ସମ୍ପୂର୍ଣ୍ଣ ଭଙ୍ଗା ନ ଗଲେ ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ ଆଶଙ୍କା ରହିଛି। ବିଦ୍ୟାଳୟ ପରିସରରେ ତିନିଟି ଅଙ୍ଗନବାଡ଼ି କେନ୍ଦ୍ରର ରହିଥିବା ବେଳେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି ଓ ପାନୀୟ ଜଳ ନେଇ ସମସ୍ୟା ଦେଖାଦେଇଛି। ଏହି ବିଦ୍ୟାଳୟ ରାସ୍ତା କଡ଼ରେ ଅବସ୍ଥିତ ହୋଇଥିବା ବେଳେ ପାଚେରି ନ ଥିବାରୁ ପିଲାମାନଙ୍କ ପାଇଁ ସବୁବେଳେ ବିପଦ ରହିଛି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



## ହାଇୱା ଧକ୍କାରେ ଦୁଇ ଛାତ୍ରୀ ଗୁରୁତର

**କଙ୍କଡ଼ାହାଡ଼, ୧୪।୯ (ସମିସ):** କଙ୍କଡ଼ାହାଡ଼ ଥାନା ସାମ୍ନାରେ ହାଇୱା ଧକ୍କାରେ ଶନିବାର ୨ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମନିଷା ଗୁରୁ ଓ ଦୀପ୍ତିରେଖା ବେହେରା। ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମନିଷା ଓ ଦୀପ୍ତିରେଖା ଟ୍ରକ ଆଗଚକ ତଳେ ଫସିଯାଇଥିଲେ। ମାନୀଷାଙ୍କ ହାତ ଉପରେ ଟ୍ରକ ଚକ ମାଡ଼ି ଯାଇଥିଲା। ଏହି ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ତତକ୍ଷଣାତ ମନିଷାଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲା। ତେବେ ଦୀପ୍ତିରେଖାଙ୍କ ଚିକିତ୍ସା ପାଇଁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ଅନ୍ୟପଟେ ଟ୍ରକ ମାଲିକଙ୍କ ପକ୍ଷରୁ ମନିଷାଙ୍କୁ କ୍ଷତିପୂରଣ ବ୍ୟବସ୍ଥା କରାଯିବା ପରେ ପୁଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ରାତାରାତି ଛାଡ଼ି ଦେଇଥିବା ଜଣାଯାଇଛି। ଗାଡ଼ିର କାଗଜପତ୍ର ଠିକ ଅଛି, ଆମେ ଅଟକାଇ ପାରିବୁନି ବୋଲି ପୁଲିସ କହିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ମନିଷାଙ୍କ ପରିବାର ପକ୍ଷରୁ ଘଟଣାକୁ ନେଇ ଥାନାରେ ଆପୋସ ମିଳାମିଶା କରାଯାଇଥିବା ବେଳେ ଦୀପ୍ତିରେଖାଙ୍କ କ୍ଷେତ୍ରରେ ଅଣଦେଖା କରାଗଲା କାହିଁକି ବୋଲି ପ୍ରଶ୍ନ ଉଠିଛି। ଅନ୍ୟପଟେ ଦୀପ୍ତିରେଖାଙ୍କ ପରିବାର ଲୋକେ ତାଙ୍କ ଚିକିତ୍ସା କରି ଥାନାରେ ପହଞ୍ଚିବା ବେଳେ ପୁଲିସ ପକ୍ଷରୁ ତାଙ୍କୁ ଉତ୍ତମ ବ୍ୟବହାର ମିଳି ନ ଥିବା ଅଭିଯୋଗ କରିଛନ୍ତି ତାଙ୍କ ବାପା କୃଷ୍ଣ ବେହେହା। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି ପରିବାର ଲୋକେ।

## କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ସାଧାରଣ ଅଧିବେଶନ

**ଢେଙ୍କାନାଳ, ୧୪।୯ (ସମିସ):** ସ୍ଥାନୀୟ ଗୁଡ଼ିଆନାଳୀ କଲ୍ୟାଣ ମଣ୍ଡପରେ ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏସନର ତ୍ରୟବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଛି। ସଂଘର ନବନିର୍ବାଚିତ ସଭାପତି ପ୍ରଦୀପ୍ତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ୟୁସିଡିଏର ସଭାପତି ପି. ସତ୍ୟନାରାୟଣ, ବିଶିଷ୍ଟ ଅତିଥି ଭାବେ ସାଧାରଣ ସମ୍ପାଦକ ପ୍ରଶାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସିଡିସିଡିଏର ସଂଗଠନ ସମ୍ପାଦକ ମନୋରଞ୍ଜନ ବଳ ଓ ୟୁସିଡିଏର ସଂଗଠନ ସମ୍ପାଦକ ଦୀପକ ଆଚାର୍ଯ୍ୟ ଯୋଗଦେଇ ଔଷଧ ବ୍ୟବସାୟୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ସମ୍ପାଦକ ଦିଲୀପ କୁମାର ମିଶ୍ର ତ୍ରୟବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରଭାତ କୁମାର ପାଣି ଗତ ତିନିବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଓ କର୍ମକର୍ତ୍ତାଙ୍କ ନାମ ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ମାନସ ରଞ୍ଜନ ହୋତା ଘୋଷଣା କରିଥିଲେ। ଆଗାମୀ ୩ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ସଭାପତି ଭାବେ ପ୍ରଦୀପ କୁମାର ମିଶ୍ର ଓ ସମ୍ପାଦକ ଭାବେ ଦିଲୀପ କୁମାର ମିଶ୍ର ନିର୍ବାଚିତ ହୋଇଛନ୍ତି।




## କ୍ଷୁଦ୍ର ବିଜ୍ଞାନ କେନ୍ଦ୍ର ଉଦଘାଟିତ

**ଢେଙ୍କାନାଳ, ୧୪।୯ (ସମିସ):** ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମର ସିଏସଆର ଅନ୍ତର୍ଭୁକ୍ତ ଷ୍ଟେମ ଲର୍ଣ୍ଣିଂ ଦ୍ୱାରା ଢେଙ୍କାନାଳ ପୌରାଞ୍ଚଳ ଅନ୍ତର୍ଗତ ପୁଲିସ ଲାଇନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କରାଯାଇଥିବା କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରକୁ ଢେଙ୍କାନାଳ ଏସ୍‌ପି ଅଭିନବ ସୋନକର ଉଦଘାଟନ କରିଛନ୍ତି। ଏହାଦ୍ୱାରା ବିଜ୍ଞାନ ପଢ଼ିବା ଓ ଜାଣିବାରେ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢ଼ିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କ୍ଷୁଦ୍ର ବିଜ୍ଞାନ କେନ୍ଦ୍ରରେ ଆଲୋକର ପ୍ରତିଫଳନ ଓ ପ୍ରସାରଣ, କ୍ରିୟା ଓ ପ୍ରକ୍ରିୟା, ଅସ୍ମିତ କୂଅ, ତାପର ଅବଶୋଷଣ, ଘର୍ଷଣ ଶକ୍ତି, ଗତି ଓ ବସ୍ତୁର ସଂରକ୍ଷଣ ନିୟମ, ଶକ୍ତି ସଂରକ୍ଷଣ ଆଦି ମୋଟ ୮୦ଟି ବିଜ୍ଞାନ ମଡେଲ ରହିଛି। କାର୍ଯ୍ୟକ୍ରମରେ ଅତିରକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ୬ନଂ ୱାର୍ଡ କାଉନସିଲର ସନ୍ଦୀପ ଷଡ଼ଙ୍ଗୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମଞ୍ଜୁଲତା ବେହେରା, ଉପସଭାପତି ପତିତପାବନ ମହାନ୍ତି, ସିଆରସିସି ୠସକେତନ ପ୍ରଧାନଙ୍କ ସମେତ ବହୁ ଅଭିଭାବକ ଉପସ୍ଥିତ ଥିଲେ। ଷ୍ଟିମ ଲର୍ଣ୍ଣିଂ ତରଫରୁ ଅବିନାଶ ତରାଇ ଓ ରାକେଶ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଶକୁନ୍ତଳା ମିଶ୍ର, ମନୋଜବାଳା ମିଶ୍ର ଓ ସ୍ନେହପ୍ରଭା ସାହୁ ସହଯୋଗ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ

**ପରଜଙ୍ଗ, ୧୪।୯ (ସମିସ):** ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆସ ସ୍କୁଲ ଯିବା ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ରାଜ୍ୟ ବ୍ୟାପୀ ଏହି ଅଭିଯାନ ଜାରି ରହିଛି। ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପିଏମଶ୍ରୀ ମହେଶ୍ୱର ସୁବାହୁସିଂହ ନୋଡାଲ ବିଦ୍ୟାପୀଠରେ ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ନନ୍ଦଙ୍କ ନେତୃତ୍ୱରେ ଶନିବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ଶିକ୍ଷକ ରୂପେଶ ଖଟୁଆ, ବିଶ୍ୱଲକ୍ଷ୍ମୀ ବିଶ୍ୱାଳ, ଦିଲୀପ ମହାପାତ୍ର, କାଜଲ ସାହା, ରଶ୍ମିତା ସାହୁ, ଅଶାନ୍ତି ନାୟକ, ବିନ୍ଦୁବାଳା ଭଞ୍ଜ, ଅକ୍ଷୟ ବର୍ମା, ପରିଚାଳନା କମିଟି ସଭାପତି ଅନ୍ତର୍ଯ୍ୟାମୀ ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନେଇ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲା। ଛାତ୍ରଛାତ୍ରୀ ହାତରେ ବ୍ୟାନର, ପ୍ଲାକାର୍ଡ ଧରି ବ୍ଲକ ରାସ୍ତାରେ ଲୋକଙ୍କୁ ସଚେତନ କରିଥିଲେ।




## ଜିଲ୍ଲାସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା



**କଙ୍କଡ଼ାହାଡ଼, ୧୪।୯ (ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଣ୍ଡାପାଳ ପଞ୍ଚାୟତ ମା' ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ୮ ହାଇସ୍କୁଲର ୨୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ସାହୁ, ସାମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ମହାନ୍ତ, ସଂସ୍କୃତ ଶିକ୍ଷକ ପ୍ରଫୁଲ୍ଲ କୁମାର ବାରିକ, ବ୍ଲକ ସଭାପତି ପ୍ରଭାସ କୁମାର ମହାନ୍ତି, ସମ୍ପାଦକ ଦୁଲାରାମ ମୁର୍ମୁ, ଜାତୀୟସ୍ତରୀୟ ରେଫରି ଦିଲୀପ କୁମାର ପାଳ ଯୋଗଦେଇଥିଲେ। ଟଙ୍କଧର ବାରିକ ଖେଳ ପରି ଚାଳନା କରିଥିଲେ। ମା' ଚର୍ଚ୍ଚିକା ହାଇସ୍କୁଲର ହିନ୍ଦୀ ଶିକ୍ଷକ ଭୁଲେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ରାମେଶ୍ୱର ହାଇସ୍କୁଲର ମୁନା ମୁଣ୍ଡା, ଅଶୋକ ମୁଣ୍ଡା, କାନ୍ତୋଲ ହାଇସ୍କୁଲର ସୁରେନ୍ଦ୍ର ହେମ୍ବ୍ରମ୍, ମନୁରମ ହେମ୍ବ୍ରମ୍, ମା' ଚର୍ଚ୍ଚିକା ଉଚ୍ଚ ବିଦ୍ୟାଳୟର ରାଧିକା ଜନ ଓ ଦୀପା ଟୁଡୁ ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ସୁନ୍ଦରଗଡ଼ ମ୍ୟୁନିସିପାଲିଟି ହାଇସ୍କୁଲରେ ହେବାକୁ ଥିବା ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି।

# ଜିଲ୍ଲା ଶାଖାର ପ୍ରଥମ ଉଦବୋଧନୀ କାର୍ଯ୍ୟକ୍ରମ

ଢେଙ୍କାନାଳ, ୧୪।୯ (ସମିସ)



ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ଓ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲ୍ଲା ଯୁବଶାଖା ମିଳିତ ଆନୁକୂଲ୍ୟରେ ଦିଗବିଜୟ ଦିବସରେ ପ୍ରଥମ ଉଦବୋଧନୀ କାର୍ଯ୍ୟକ୍ରମ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ରାଜ୍ୟ ସାହିତ୍ୟାଲୋକ ପ୍ରମୁଖ ଶଙ୍କର୍ଷଣ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ତଥା ଉଦଘାଟକ ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଶକୁନ୍ତଳା ଜେନା ଯୋଗଦେଇ ପବିତ୍ର ବିଶ୍ୱ ଭାତୃତ୍ୱ ଦିବସରେ ବିଶ୍ୱବିଜୟୀ ବିବେକାନନ୍ଦଙ୍କ ବାଣୀକୁ ଆଧାର କରି ବ୍ୟକ୍ତି ବିଶେଷଙ୍କୁ ନେଇ ସମାଜର ସୃଷ୍ଟି, ଚେତନା ଶକ୍ତିକୁ ଜାଗ୍ରତ କରିବା ହିଁ ଉଦବୋଧନୀ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଆଜୀବନ ସଦସ୍ୟ ଡ. ଭବାନୀ ଶଙ୍କର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ସବୁ ଧର୍ମର ମୂଳତତ୍ତ୍ୱ ସମାନ। ମଣିଷ ହୋଇ ମଣିଷକୁ ଭଲପାଇବା ହେଉଛି ଧର୍ମ। ବିବେକାନନ୍ଦଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଭବିଷ୍ୟତ ନିର୍ମାଣ ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷା ଡ. ସୁସନ୍ଧ୍ୟା ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଉଦବୋଧନୀ ପ୍ରମୁଖ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଛାତ୍ରୀ ଅମ୍ବିକା ପ୍ରିୟଦର୍ଶିନୀ ସାହୁ ମନ୍ତ୍ରପାଠ କରିଥିଲେ। ଆଜୀବନ ସଦସ୍ୟା ନିର୍ମଳା ମହାପାତ୍ର ସ୍ୱଦେଶ ମନ୍ତ୍ର ପାଠ କରିଥିଲେ। ଜିଲ୍ଲା ଯୁବ ସଂସଦ ପ୍ରମୁଖ ଅଧ୍ୟାପକ ବିଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ପଣ୍ଡିତ ବିପିନ ବିହାରୀ ଶତପଥୀ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଜୀବନ ସଦସ୍ୟ ବୈକୁଣ୍ଠ ବିହାରୀ ସ୍ୱାଇଁ, ଡ. ଦେବୀପ୍ରସାଦ ମିଶ୍ର, ଡ. ପ୍ରମୋଦ ନାୟକ, ଡ. କବିତା ମହାନ୍ତି, ପ୍ରଭାତ ନଳିନୀ ଦାସ, ଅଧ୍ୟାପିକା ଡ. ସୁନନ୍ଦା ମହାନ୍ତି, ସୁନିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଘରୋଇ ବ୍ୟାଙ୍କ ଅଧିକାରୀ ମୃତ

**ଗଁଦିଆ, ୧୪।୯ (ସମିସ):** ଗଁଦିଆ-ଷଡ଼ଙ୍ଗୀ ରାସ୍ତାର ଗଁଦିଆ ଥାନା ଅନ୍ତର୍ଗତ ଗଁଦିଆ ଅବକାରୀ କାର୍ଯ୍ୟାଳୟ ସମ୍ମୁଖରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଘରୋଇ ବ୍ୟାଙ୍କ ଅଧିକାରୀଙ୍କ ମୃତ୍ୟୁ ହୋଇଛି।

ମୃତକ ହେଲେ ଆକ୍ସିସ ବ୍ୟାଙ୍କ ଗଁଦିଆ ଶାଖାର ଆସିଷ୍ଟାଣ୍ଟ ସେଲ୍ସ ମ୍ୟାନେଜର ଚିନ୍ମୟ ସାଥୁଆ (୩୦)। ଚିନ୍ମୟ ନିଜ ବାଇକରେ ଗଁଦିଆରୁ ଷଡ଼ଙ୍ଗୀ ଆଡ଼କୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛରେ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଚିନ୍ମୟଙ୍କ ଘର ଅନୁଗୋଳ ଜିଲ୍ଲା କୁମଣ୍ଡ ଅଞ୍ଚଳରେ ବୋଲି ଜଣାପଡ଼ିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଚିନ୍ମୟଙ୍କ ପରିବାରକୁ ସୂଚନା ଦେଇଛି। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



■ ଚୋରକୁ ନାହିଁ ପୁଲିସ ଭୟ

# ଜଳଯୋଗାଣ ବିଦ୍ୟୁତ୍ ତାର ପୁଣି ଚୋରି

ବୈପାରିଗୁଡ଼ା, ୧୪।୯(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଗାନ୍ଧୀପୁର ସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ କାର୍ଯ୍ୟାଳୟ ନିକଟରେ ଜଳ ଯୋଗାଣ ବିଦ୍ୟୁତ୍ ତାର ଚୋରି ହୋଇଛି । ଚୋରି ଅଭିଯୋଗ ନେଇ ବୈପାରୀଗୁଡା ପଞ୍ଚାୟତ କର୍ମଚାରୀ ଥାନାରେ ଜଣାଇଲେ। ପୁଲିସ ତଦନ୍ତରୁ ଜଣାପଡିଲା ଯେ, ଦୁର୍ବୃତ୍ତ ମାନେ ଚୋରି କରାଯାଇଥିବା ୨ ଶହ ମିଟର ତାରକୁ ଏକ କାଜୁ ଜଙ୍ଗଲକୁ ନେଇ ବିଦ୍ୟୁତ୍ ତାର ଭିତରେ ଥିବା ତମ୍ବା ତାରକୁ କାଢ଼ି ନେଇ ଯାଇଛନ୍ତି। ତମ୍ବା ତାର କାଢ଼ିବା ପାଇଁ ବ୍ୟବହୃତ କରୁଥିବା ସାମଗ୍ରୀ ଘଟଣା ସ୍ଥଳରୁ ଜବତ ହୋଇଛି। ଏଥିପୂର୍ବରୁ ସେହି ସ୍ଥାନରେ ଦୁଇଥର ଚୋରି ହୋଇଥିବା ବେଳେ ବୈପାରିଗୁଡା ଥାନାରେ ଏତଲା ମଧ୍ୟ ଦିଆଯାଇଥିଲା। ଚୋରକୁ ଆଉ ପୋଲିସ ଭୟ ନଥିବା ଏଥିରୁ ସ୍ପଷ୍ଟ ହୋଇଛି। ଦୁର୍ବୃର୍ତ୍ତ ମାନେ ବାରମ୍ବାର ପାଣି ମୋଟରର ବିଦ୍ୟୁତ୍ ତାର ଚୋରି କରୁଥିବାରୁ ଜଳ ଯୋଗାଣ ପ୍ରଭାବିତ ହେବା ସହ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି।

ସୂଚନାଯୋଗ୍ୟ, ବୈପାରିଗୁଡା ସଦରମହକୁମାର ୬ଟି ୱାର୍ଡବାସୀଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ୧ ଲକ୍ଷ ଲିଟର ବିଶିଷ୍ଟ ଏକ ପାଣି ଟାଙ୍କି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ କାର୍ଯ୍ୟାଳୟ ନିକଟରେ ବ୍ୟବସ୍ଥା କରାଯାଇଛି । ପାଣି ଯୋଗାଣ ତାର ବାରମ୍ବାର ଚୋରି ହେଉଛି। ଅପରପକ୍ଷେ ପୁଲିସ କହୁଛି, ତଦନ୍ତ ଆରମ୍ଭ କରାଯାଇଛି ଏବଂ ଯଥାଶୀଘ୍ର ଚୋରକୁ କାବୁ କରାଯିବ ।

# ମା' ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ବୈଠକ



ପାପଡାହାଣ୍ଡି,୧୪।୯(ସମିସ): ପାପଡାହାଣ୍ଡି ଡାକବଙ୍ଗଳା ଠାରେ ମା' ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ସୁବ୍ରତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକାରୀ ଆଦିତ୍ୟ ସେନ, ବିଡିଓ କପିଳଦେବ ସାହୁ, ଏସ୍‌ଡିପିଓ ସତ୍ୟଜିତ କଣ୍ଡେଲକାଲ, ଥାନା ଅଧିକାରୀ ଦୀପକ କୁମାର ଜେନା, ଦେବେନ୍ଦ୍ର ପଣ୍ଡା, ଶିବ ପ୍ରସାଦ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ବୈଠକରେ ଆବାସ ଓ ସରକାର ଯୋଜନାରେ କିପରି ବାଲି ବୋଝେଇ ଟ୍ରାକ୍ଟର ନିୟମ ଅନୁଯାୟୀ ବାଲି ନେଇ ପାରିବ ଓ ଟ୍ରାକ୍ଟର ଡ୍ରାଇଭର ଲାଇସେନ୍ସ ଓ ଗାଡିର ସମସ୍ତ କାଗଜପତ୍ର ଠିକ୍ ରଖିବାକୁ ଆଲୋଚନା ହୋଇଥିଲା। ସମସ୍ତ ଗାଡିରେ କାମ କରୁଥିବା ଶ୍ରମିକ ଶ୍ରମ କାର୍ଯ୍ୟାଳୟ ଠାରେ ପଞ୍ଜିକରଣ କରିବାକୁ କହିଥିଲେ। ଦେବେନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମରେ ଧନ୍ୟବାଦ ଅର୍ପଣ କରିଥିଲେ। ମା'ବୁଢ଼ୀ ଠାକୁରାଣୀ ଟ୍ରାକ୍ଟର ମାଲିକ ସଂଘର ସଭାପତି ସୁବ୍ରତ କୁମାର ଜେନା, ଉପସଭାପତି ରସାନନ୍ଦ ସତନାମୀ, ତୁଳାରାମ ମାଝୀ, ସମ୍ପାଦକ ଗୌତମ ଅଗ୍ରୱାଲ, ସହ ସମ୍ପାଦକ ଚନ୍ଦ୍ରଶେଖର ନାୟକ, କୋଷାଧ୍ୟକ୍ଷ ରବୀନ୍ଦ୍ର ପ୍ରଧାନ, ବିମଳ ଜୈନ, ରଜତ ଖଣ୍ଡପାଣି, ଶଶୀନାଥ ମାଝୀ, ରିଣ୍ଟୁ ଗନ୍ତାୟତ, ଲେବ ବିଷୋୟୀ, ଆନନ୍ଦ ରାଓ ଓ ଦିଲୀପ ସାଗରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଁଡ଼ ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍




ଚନ୍ଦାହାଣ୍ଡି,୧୪।୯ (ସମିସ), ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପୂଜାରୀଗୁଡା ସ୍ଥିତ ଗୋଁଡ଼ ସାଂସ୍କୃତିକ କାର୍ଯ୍ୟାଳୟ ପରିସରରେ ବ୍ଲକ ଗୋଁଡ଼ ସମାଜ ପକ୍ଷରୁ ନୁଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଁଡ଼ ସମାଜ ସଭାପତି ଯଦୁନାଥ ପୂଜାରୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ଉପ ସଭାପତି ଭକ୍ତଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀ, ସରପଞ୍ଚ ଜଳନ୍ଧର ମାଝୀ, ଦୁଲବ ପୂଜାରୀ, ହୃଦାନନ୍ଦ ମାଝୀ, ପୂର୍ବତନ ସରପଞ୍ଚ ଲଛମନ ମାଝୀ, ହର ପୂଜାରୀ , ଖମ୍ବେଶ୍ୱର ମାଝୀ, ଶରତ କୁମାର ମାଝୀ, ଶ୍ୟାମ ସୁନ୍ଦର ମାଝୀ, ଅନ୍ୟାନ୍ୟ ବ୍ଲକ ସଭାପତିଙ୍କ ମଧ୍ୟରେ ଖେଦୁରାମ ମାଝୀ, ରୂପଧର ମାଝୀ, ହୀରାସିଂ ନେତାମ, ରମାକାନ୍ତି ମାଝୀ, ଅମ୍ବିକା ମର୍କାମ, ଟଙ୍କଧର ଅଣ୍ଟି, ବହାଦୁର ମାଝୀ, ହରେକୃଷ୍ଣ ନାୟକ, ବ୍ଲକ ଧଙ୍ଗଡ଼ା ମାଝୀ ସୋମନାଥ ମାଝୀ, ଓ ଭୁଜରାଜ ସୋରି ପ୍ରମୁଖଙ୍କ ସମେତ ସମସ୍ତ ବ୍ଲକର ଗୋଁଡ଼ ସମାଜ ସଭାପତି ଯୋଗ ଦେଇଥିଲେ। ବ୍ଲକର ୧୪ଟି ପଞ୍ଚାୟତ ସଭାପତି ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପୂର୍ବରୁ ସମସ୍ତେ ପଟୁଆରରେ ପାରମ୍ପରିକ ବାଦ୍ୟ ନୃତ୍ୟ ସହ ସଭାସ୍ଥଳୀରେ ପହଞ୍ଚିଥିଲେ। ସେଠାରେ ବୁଢାଦେବଙ୍କ ପୂଜାର୍ଚନା ପରେ ନବାନ୍ନ ସେବନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗଣପର୍ବ ନୂଆଁଖାଇର ବିଶେଷତ୍ୱ ଓ ପରମ୍ପରା ବିଷୟରେ ଅତିଥିମାନେ ମତ ପ୍ରକାଶ କରିଥିଲେ। ଟେକରାମ ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମରେ ଚନ୍ଦାହାଣ୍ଡି ଅଞ୍ଚଳ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇଥିଲେ। ଚନ୍ଦାହାଣ୍ଡି ଅଞ୍ଚଳ ବ୍ୟତିତ ପଡୋଶୀ ଛତିଶଗଡ, ନୂଆପଡା, ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାର ବହୁ ସାମାଜିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପାରମ୍ପରିକ ଦଶହରା ପର୍ବର ଶୁଭାରମ୍ଭ

# ଦେବୀ ଭଗବତୀ, ଦକ୍ଷିଣ କାଳୀ ମନ୍ଦିରରେ ପୂଜାର୍ଚ୍ଚନା

ଜୟପୁର,୧୪।୯(ସମିସ): କୋରାପୁଟ ଜିଲ୍ଲା ଜୟପୁର ଠାରେ ଐତିହାସିକ ତଥା ରାଜାରାଜୁଡା ସମୟରୁ ପରମ୍ପରା ଓ ରୀତିନୀତିରେ ପ୍ରତ୍ୟେକ ବର୍ଷ ପାଳନ ହୁଏ ଦଶହରା ପର୍ବ। ଏଥର ପବିତ୍ର ମୂଳାଷ୍ଟମୀତିଥି ଷୋଡ଼ଶ ଉପଚାରରେ ରବିବାର ପୂଜାର୍ଚ୍ଚନା ଓ ହୋମଯଜ୍ଞ ମାଧ୍ୟମରେ ଶୁଭାରମ୍ଭ ହୋଇଛି। ଆଜି ସଂଧ୍ୟାରେ ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ମନ୍ଦିର ଠାରେ ଦଶହରା ଉତ୍ସବ ପାଳନ କମିଟିର ସଭାପତି ତଥା ବିଧାୟକ ତାରା ପ୍ରସାଦ ବାହନୀପତି ପାରମ୍ପରିକ ବେଶରେ ଉପସ୍ଥିତ ରହିବା ସହ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ବିଶ୍ୱାସ ଓ ପରମ୍ପରା ଅନୁଯାୟୀ ଦେବୀ ଭଗବତୀଙ୍କ ପୀଠରେ ଦେବୀଙ୍କ ପ୍ରତିମୂର୍ତ୍ତି ବେକରୁ ଆଜ୍ଞାମାଳ ପଡିବା ପରେ ଏହାକୁ ବିଧାୟକ ଶ୍ରୀ ବାହିନୀପତି ପୂଜକଙ୍କ ଠାରୁ ଗ୍ରହଣ କରିବା ସହିତ କୋରାପୁଟ, ନବରଙ୍ଗପୁର ଜିଲ୍ଲାର ପ୍ରାୟ ୬୨ରୁ ଅଧିକ ଦେବୀ ପୀଠକୁ ନିମନ୍ତ୍ରଣ ଗୁଆକୁ ଦେବତ୍ତୋର କର୍ମଚାରୀ ତଥା ପୁରୋହିତ କୃଷ୍ଣଚନ୍ଦ୍ର ଦାଶ ଏବଂ ପରିଛା ସିଦ୍ଧେଶ୍ୱର ଦାଶଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, କାଳି ପ୍ରସାଦ ଦାଶ ଏବଂ ଅନ୍ୟାନ୍ୟ ଭକ୍ତ ଓ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ଆସନ୍ତା ଅମାବାସ୍ୟା ପରେ ସପ୍ତମୀ ତିଥିରୁ ଦଶହରା ପର୍ଯ୍ୟନ୍ତ ଯୋଗଦେବା ନେଇ ବିଭିନ୍ନ ପୂଜା ସାମଗ୍ରୀ ନେଇ ନିମନ୍ତ୍ରଣ ପ୍ରେରଣ କରାଯିବ। ଏହାପରେ ପ୍ରତୀକ ସ୍ୱରୂପ ବିଭିନ୍ନ ଗ୍ରାମର ଦେବୀ ପୀଠରୁ ଲାଠି, ଗାଦି ସପ୍ତମୀ ଏବଂ ଅଷ୍ଟମୀ ତିଥିରେ ପହଞ୍ଚିବା ପରେ ଦଶହରା ଦିବସ ବିଳମ୍ବିତ ରାତ୍ରିରେ ଶୋଭାଯାତ୍ରାରେ ଯୋଗଦେବେ। ଆଜି ପୂର୍ବାହ୍ନ ଠାରୁ ଷୋଡ଼ଶ ଉପଚାରରେ ମୁଖ୍ୟ ପୂଜକ ଧିରେନ୍ଦ୍ର ରଥଙ୍କ ନେତୃତ୍ୱରେ ଅନ୍ୟାନ୍ୟ ସହାୟକ ପୂଜକଙ୍କ ସହାୟତାରେ ଦେବୀଙ୍କ ପ୍ରତିମୂର୍ତ୍ତିକୁ ନଡିଆ ପାଣି, ଖିର, ଦହି, ଘିଅ, ଗଙ୍ଗାଜଳ, ମହୁ ଓ ଗୁଡରେ ପଞ୍ଚାମୃତ ଏବଂ ୧ ହଜାର କୁମ୍ଭଜଳାଭିଷେକ କରିଥିଲେ। ସେହିପରି ଆଜିଠାରୁ ଦେବୀଙ୍କ ନିକଟରେ ଚଣ୍ଡିପାଠ ଆରମ୍ଭ ହୋଇଯାଇଛି। ପୁରୁଣାଗଡ ଦକ୍ଷିଣ କାଳୀ ମନ୍ଦିର ଠାରେ ମୁଖ୍ୟ ପୂଜକ କାଳୀଦାସ ରଥଙ୍କ ନେତୃତ୍ୱରେ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା ଏବଂ ଚଣ୍ଡିପାଠ ଆରମ୍ଭ ହୋଇଯାଇଛି। ଜୟପୁର ସହରର ଘରୋଇ ମନ୍ଦିର ଭାବେ ଜଗତଜନନୀ ମନ୍ଦିର, ଭୁପତି ସାହି କନକ ଦୁର୍ଗା ମନ୍ଦିରରେ ପୂଜାର୍ଚ୍ଚନା ଓ ଚଣ୍ଡିପାଠ ଆରମ୍ଭ ହୋଇଛି। ଏହି ଅବସରରେ ଭଗବତୀ ମନ୍ଦିର ଠାରେ ସ୍ଥାନୀୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ବାଜା ବାଜଣା ସହିତ ଘଣ୍ଟ ଓ ମହିଳା ମାନଙ୍କ ହୁଳହୁଳିରେ ମନ୍ଦିର ପରିସରର ପ୍ରକମ୍ପିତ ହୋଇଥିଲା। ଏହିପରି ମନ୍ଦିର ଓ ପୀଠ ପକ୍ଷରୁ ସହସ୍ରା ଦୀପ ଏବଂ ମାନସିକଧାରୀ ମାନଙ୍କ ପକ୍ଷରୁ ମଧ୍ୟ ଆସନ୍ତା ଅଷ୍ଟମୀ ତିଥି ପର୍ଯ୍ୟନ୍ତ ଏହି ଅଖଣ୍ଡ ଦୀପ ପ୍ରଜ୍ଜଳନ ରହିବ। ସେହିପରି ଆସନ୍ତା କାଲି ଠାରୁ ଦେବତ୍ତୋର କର୍ମଚାରୀ ଏବଂ ପୂଜା କମିଟିର ସଦସ୍ୟ ମାନେ ମିଳିତ ଭାବେ ରାଜା ରାଜୁଡା ସମୟରେ ଯେଉଁ ପରମ୍ପରା ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦୈବୀ ପୀଠକୁ ନିମନ୍ତ୍ରଣ ଗୁଆ, ଚାଉଳ ଏବ ଫୁଲ ଯାଉଥିଲା, ଉକ୍ତ ପରମ୍ପରା ଅନୁଯାୟୀ ନବରଙ୍ଗପୁର ଜିଲ୍ଲା ରାଇଘର, ପୋଡାଗଡ, ଉମରକୋଟ, ଧଡ୍ରା, କୋରାପୁଟ ଜିଲ୍ଲା ନନ୍ଦପୁର, ନାରାୟଣପାଟାଣା, ସଲପା, ହାଡିଆ, ପୁଟ୍ରା ଏବଂ ଅନ୍ୟାନ୍ୟ ଗ୍ରାମ ପୀଠ ଗୁଡିକ ନିମନ୍ତ୍ରଣ ପାଇଁ ଯାତ୍ରା କରିବେ।



# ହୃଦ୍‌ଘାତରେ ଆଇଆରବି ଯବାନଙ୍କ ପରଲୋକ

କୋରାପୁଟ,୧୪।୯(ସମିସ): ସପ୍ତମ ଭାରତୀୟ ରିଜର୍ଭ ବାଟଲିୟନର ଓଡରାଫ୍ ବିଭାଗରେ ଯବାନ ଭାବେ କାର୍ଯ୍ୟରତ ୩୪ ବର୍ଷୀୟ ସୂର୍ଯ୍ୟକାନ୍ତ ନାୟକଙ୍କର ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଛି। ସ୍ୱର୍ଗତ ନାୟକଙ୍କ ନିଜ ଘର ଯାଜପୁର ଜିଲ୍ଲା ସଦର ମହକୁମା ବୋଲି ଜଣାପଡ଼ିଛି। ରବିବାର ସକାଳେ ତାଙ୍କର ହୃଦଘାତ ହେବାରୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲରେ ଭର୍ତି କରାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଉନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ ହୋଇଥିବାବେଳେ ଏଏସଆଇ ଦୁଶା ପାଲକା ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ପୌର ଅନ୍ତର୍ଗତ ଗୌତମ ନଗର ଷଷ୍ଠ ଲାଇନର କେଶବ ଚନ୍ଦ୍ର ଶତପଥୀଙ୍କ ପୁଅ ମନୋରଞ୍ଜନ ଶତପଥୀ (୩୭) କୌଣସି କାରଣରୁ ଗତକାଲି ରାତିରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ଥାନା ଅଧିକାରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି। ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ ହୋଇଥିବାବେଳେ ସବ୍ ଇନ୍ସପେକ୍ଟର ଉମେଶ କୁମାର ଧାରୁଆ ଏହାର ତଦନ୍ତ କରୁଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

କୋରାପୁଟ,୧୪।୯(ସମିସ): କୋରାପୁଟ ସହର ଅନ୍ତର୍ଗତ କଳାନିକେତନ ଛକ ଠାରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ନାମ ଶେଖ ପିଣ୍ଟୁ ବାବୁ। ସେ ନେହେରୁ ନଗର ବାସିନ୍ଦା ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପିଣ୍ଟୁ କୋରାପୁଟ ସହର ପଟୁ ନିଜ ଘରକୁ ଫେରୁଥିବା ବେଳେ କଳାନିକେତନ ଛକଠାରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ସାମ୍ନାସାମ୍ନୀ ଦେଖି ଗାଡ଼ିର ବ୍ରେକ୍ ମାରିବାରୁ ତଳେ ପଡ଼ିଯାଇଥିଲେ। ତଳେ ପଡିବାରୁ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। କୋରାପୁଟ ଟାଉନ୍ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁଇ ବାଇକ୍‌କୁ ଜବତ କରିବା ସହିତ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ୨ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

■ ତୃତୀୟଜାତୀୟଲୋକଅଦାଲତ

# ୧୬୫୧୬ଟି କେସର ଫଏସଲା



ମାଲକାନଗିରି, ୧୪।୯(ସମିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତୃତୀୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ମୋଟ ୧୬୫୧୬ଟି ମାମଲାର ଫଏସଲା କରାଯାଇଛି। ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ତାଲୁକ ଆଇନ ସେବା ପ୍ରାଧିକରଣ ମୋଟୁ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁ ଗୁମ୍ମା , କୋରୁକୋଣ୍ଡା ଗ୍ରାମ ନ୍ୟାୟଳୟ ଦ୍ୱାରା ତୃତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁଗୁମ୍ମା ଅଦାଲତ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମାଲକାନଗିରି ଜିଲ୍ଲା ଜର୍ଜ ତଥା ଆଇନ ସେବା ପ୍ରାକରଣର ଅଧକ୍ଷ୍ୟ ଡା. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜର୍ଜ ଶାନ୍ତନୁ କୁମାର ଦାସ, ମୁଖ୍ୟ ଦଣ୍ଡାକାରୀ ପ୍ରଦୀପ କୁମାର ପ୍ରଧାନ, ବରିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ କୁମାର ଆଗରୱାଲ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକାରୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟଧିଶକାରୀ ପରିନିତା ନାୟକ, ମାଥିଲି ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି ପଦ୍ମଲାଭ ମାଝି, କୁଡୁମୁଲୁଗୁମ୍ମା ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ବିମଲ ଲକ୍ଷ୍ମୀ ଚୌଧୁରୀ, ପ୍ରଥମ ଶ୍ରେଣୀ ଦଣ୍ଡାକାରୀ , ମାଲକାନଗିରି ଆଦିତ୍? କୁମାର ପୃଷ୍ଟୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦମାର ଫଇସଲା କରିଥିଲେ। ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତ ରେ ମୋଟ ୧୬୫୧୬ ଗୋଟି ମକଦ୍ଦମର ଫଇସଲା କରାଯାଇ ୨୪,୭୨,୭୬୩ଟଙ୍କା ଧାର୍ଯ୍ୟ କରଯାଇଥିଲା। ଏହି ଲୋକ କୋର୍ଟ, ଅତିରିକ୍ତ ଜିଲ୍ଲା ଜର୍ଜ କୋର୍ଟ, ସବ ଜର୍ଜ କୋର୍ଟ, ଏସଡ଼ିଜେଏମ କୋର୍ଟ , ମୋଟୁ ଜେଏମଏଫସି କୋର୍ଟ, ମାଥୁଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁର ଓକିଲ ସଂଘର ସଭ୍ୟ ମାନେ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ ସହଯୋଗ କରିଥିଲେ।

# ହସ୍ପିଟାଲରୁ ଦୌଡ଼ି ପଳାଇଲେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି



କୋରାପୁଟ,୧୪।୯(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଆସିଥିବା ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ଭୟରେ କେଉଁ ଆଡ଼େ ଦୌଡ଼ି ପଳାଇଛନ୍ତି। ଶନିବାର ରାତି ତମାମ ପୁଅ ଅତୁଲ ବିଶ୍ୱାସ ସହରର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବା ଯୋଗୁଁ ରବିବାର ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ମାଲକାନଗିରିର ଅତୁଲ ବିଶ୍ୱାସ ମାନସିକ ବିକାରଗ୍ରସ୍ତ ରୋଗରେ ପୀଡ଼ିତ ବାପା ଦୀନବନ୍ଧୁ ବିଶ୍ୱାସଙ୍କୁ ଶନିବାର ରାତିରେ ଚିକିତ୍ସା ନିମନ୍ତେ କୋରାପୁଟ ମେଡ଼ିକାଲ କଲେଜ ଓ ହସ୍ପିଟାଲ ଆଣିଥିଲେ। ଦିନବନ୍ଧୁଙ୍କୁ ଜଏନ କରିବାକୁ ଡାକ୍ତର କହିବା ପରେ ପୁଅ ଅତୁଲ ଫର୍ମ ପୂରଣ ପାଇଁ କାଉଣ୍ଟରକୁ ଯାଇଥିଲେ ଓ କିଛି ସମୟ ପରେ ଫେରିବା ବେଳକୁ ବାପା କେଉଁ ଆଡ଼େ ଦୌଡ଼ି ପଳାଇଥିବା ମା'ଙ୍କ ଠାରୁ ଜାଣିବାକୁ ପାଇଲେ। ବାପାଙ୍କର ମାନସିକ ସ୍ଥିତି ଠିକ୍ ନଥିବାରୁ ତାଙ୍କୁ ମାରିଦେବାକୁ ଏଠାକୁ ଆଣିଛି କହି ଭୟରେ ସେ ଚାଲି ଯାଇଥିବା ପୁଅ ଅତୁଲ କହିଛନ୍ତି। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନପାଇବା ପରେ ସେ କୋରାପୁଟ ଟାଉନ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

# ସରପଞ୍ଚଙ୍କ ପରଲୋକ

ଜୟପୁର,୧୪।୯(ସମିସ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କାଠରଗଡା ପଞ୍ଚାୟତର ସରପଞ୍ଚ କୁନି ସଉରାଙ୍କ ପରଲୋକ ହୋଇଯାଇଛି। ଆଜି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପ୍ରଚାର ହେବା ପରେ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ବିଜେଡି ବ୍ଲକ ସଭାପତି ଶିବ ପଟ୍ଟନାୟକ, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ର ଶେଷ ଦର୍ଶନ କରି ଶୋକାକୁଳ ପରିବାରଙ୍କୁ ସମବେଦନା ଜଣାଇଥିଲେ। ସେହପରି ନାଗରାଜ ଦୋରା, ସୁରେନ୍ଦ୍ର ତ୍ରିପାଠୀ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ବସ୍‌ରୁ ଡେଇଁ ପଳାଇଥିବା ଯୁବକଙ୍କ ଆତ୍ମହତ୍ୟା

ଡାବୁଗାଁ,୧୪।୯(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ଅଧୀନ ଝାଲିଆଗୁଡା ଗ୍ରାମ ନିକଟ କାଜୁ ବଗିଚାରେ ବେକରେ ଗାମୁଛା ବାନ୍ଧି ଜଣେ ଯୁବକ ଆତ୍ମହତ୍ୟା କରିଥିବା ରବିବାର ଡାବୁଗାଁ ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଛତିଶଗଡ଼ ରାଜ୍ୟ କଣ୍ଡାଗାଁ ଜିଲ୍ଲାର ଅନନ୍ତପୁର ଥାନା ଅଧୀନ ଅମରାବତୀ ଗ୍ରାମର ରେତୁରାମ ଯାଦବ ଓ ହେମଲାଲ ବଘେଲ କିଛି ଦିନ ତଳେ ଆନ୍ଧ୍ରପ୍ରଦେଶ ରାଜ୍ୟର ବିଜୟନଗରମ ଅଞ୍ଚଳରେ କୁଲି କାମ କରିବାକୁ ଯାଇଥିଲେ। ସେଠାରେ କିଛି ଦିନ କୁଲି କାମ କରୁଥିଲେ। ହେମଲାଲ ବଘେଲ (୨୫) ଙ୍କ ମାନସିକ ବିକୃତ ଥିବାରୁ ସେଠାକାର ଠିକାଦାର ରତୁରାମ ଯାଦବଙ୍କ ସହ ହେମଲାଲ ବଘେଲ ନିଜ ଘରେ ଛାଡି ଆସିବାକୁ କହିଥିଲେ। ଏକ ସରକାରୀ ବସରେ ୨ ଜଣ ନିଜ ଘରକୁ ଫେରୁଥିବା ବେଳେ ରବିବାର ଭୋର ସମୟରେ ଝାଲିଆଗୁଡା ଗ୍ରାମ ନିକଟର ଏକ ଡାଇଭର୍ସନ ରାସ୍ତାରେ ବସ୍ ସ୍ଲୋ ହେବାରୁ ହେମଲାଲ ବଘେଲ ବସ୍‌ରୁ ଡେଇଁ ପଡି ରାସ୍ତା କଡରେ ଥିବା କାଜୁ ଜଙ୍ଗଲ ଭିତରକୁ ଦୌଡି ପଳାଇଥିଲେ। ବସ କିଛି ବାଟ ଗଲାପରେ ରେତୁରାମ ଯାଦବ ବସ୍ ଅଟକାଇ ଓହ୍ଲାଇ ହେମଲାଲକୁ ଖୋଜି ଥିଲେ। ରାତି ପାହିବା ପରେ ଝାଲିଆଗୁଡା ଗ୍ରାମକୁ ଯାଇ ଗ୍ରାମର କିଛି ଯୁବକଙ୍କ ସହାୟତା ନେଇ କାଜୁ ବଗିଚାରେ ଖୋଜିବା ପରେ ଗୁରୁବାରୁ ଜାନୀଙ୍କ କାଜୁ ବଗିଚା ମଧ୍ୟରେ ଏକ କାଜୁ ଗଛରେ ହେମଲାଲ ବଘେଲ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଦେଖିଥିଲେ। ଏହାପରେ ରେତୁରାମ ମୃତକର ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ମୃତକର ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ମଧ୍ୟାହ୍ନରେ ମୃତକର ବଡ଼ଭାଇ ସୋନୁ ବଘେଲ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ସବ୍ ଇନ୍ସପେକ୍ଟର ଚନ୍ଦନ ସାହୁ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ପରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନା କେସ ନଂ ୨୯/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜ୍ଜୁ କରାଯାଇଛି।

# ଅଲେଖ ମହିମା ଧର୍ମାବଲମ୍ବୀଙ୍କ ନୂଆଁଖାଇ ଭେଟ୍‌ଘାଟ୍



ବେହେଡା, ୧୪।୯ (ସମିସ): ନବରଙ୍ଗପୁର ଜିଲ୍ଲାର ବେହେଡା ବସଷ୍ଟାଣ୍ଡ ଠାରେ ଅଲେଖ ମହିମା ଧର୍ମାବଲମ୍ବୀଙ୍କର ନୂଆଁଖାଇ ଭେଟ୍‌ଘାଟ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହା ଏକ ଆଦିବାସୀ ଅଞ୍ଚଳ, ଅଲେଖ ମହିମାଙ୍କୁ ଅଧିକାଂଶ ଲୋକ ମାନନ୍ତି । ଲୋକଙ୍କ ଜୀବନ ଶୈଳୀ ଉପରେ ଏହା ବିଶେଷ ଭାବରେ ପ୍ରଭାବ ପକାଇଛି। ଆଜିର ଭେଟ୍‌ଘାଟରେ ଛତିଶଗଡ ସମେତ ବିଭିନ୍ନ ଜିଲ୍ଲାରୁ ଭକ୍ତ ସମାଗମ ଦେଖିବାକୁ ମିଳିଛି। ଗୌରାଙ୍ଗ ବାବା, ମଣ୍ଟୁ ବାବା, ନର୍ସି ବଡଭାଇ, ସୁକୁରାମ, ଗୋବର୍ଦ୍ଧନ, ବୈକୁଣ୍ଠ ସାହୁ, ରାମସିଂ ଅଧିକାରୀ, ରାମୁ ଓ ବହୁତ ଦୀକ୍ଷା ନେଇ ଥିବା ଲୋକଙ୍କ ଗହଳି ହୋଇଥିବା ଦେଖିବାକୁ ମିଳିଛି। ଭକ୍ତ ମାନେ କହିବା ଅନୁସାରେ ଏଠାରେ କିଛିବି ସୁବିଧା ନାହିଁ। ଯାହାକୁ ନେଇ ଭକ୍ତ ଅସନ୍ତୁଷ୍ଟ ପ୍ରକାଶ କରିଛନ୍ତି। କଲ୍ୟାଣ ମଣ୍ଡପ, ପାଣି, ପାଚେରୀ, ବିଦ୍ୟୁତ୍, ରହିବା ପାଇଁ ଘର ଇତ୍ୟାଦିର ସୁବିଧା ହେଲେ ଭକ୍ତମାନେ ଉପକୃତ ହେବେ। ଅଲେଖ ଧର୍ମ ଆହୁରି ବିସ୍ତାର ରୂପ ଧାରଣ କରିବ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି। ଯୋରନ୍ଦା ଗାଦୀରୁ ବାବା ମାନେ ଆସନ୍ତି, ମାତ୍ର ସୁବିଧା ନ ଥିବାରୁ ଯାଇଥାନ୍ତି। ସେମାନେ ଗୋଟିଏ ଜାଗାରେ ଗୋଟେ ଦିନ ହିଁ ରହିଥାନ୍ତି।

# ବିଶ୍ୱ ହିନ୍ଦୀ ଦିବସ; ବରିଷ୍ଠ ହିନ୍ଦୀ ଶିକ୍ଷକ ସମ୍ମାନିତ

ମାଲକାନଗିରି, ୧୪।୯(ସମିସ):



ମାଲକାନଗିରିରେ ବିଶ୍ୱ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ହିନ୍ଦୀ ଶିକ୍ଷକ ସମ୍ମାନିତ ହୋଇଛନ୍ତି। ଏହାସହ ହିନ୍ଦୀ କବିତା ପାଠ ଉତ୍ସବ ଆୟୋଜନ କରାଯାଇଛି। ଆଜି ମାଲକାନଗିରି ଜିଲ୍ଲା ସଦରମହକୁମା ସ୍ଥିତ ସରକାରୀ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟରେ, ଜିଲ୍ଲାର ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡାଙ୍କ ତତ୍ତ୍ୱାବଧାନରେ ମହାସମାରୋହରେ 'ବିଶ୍ୱ ହିନ୍ଦୀ ଦିବସ' ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ରାଣୀ ବିଶ୍ୱାସ ଅଧ୍ୟକ୍ଷତା କରିଥିଲେ ,ଏଜି ଓଡ଼ିଶା ଅଡିଟ ଏବଂ ଆକାଉଣ୍ଟସର ହିନ୍ଦୀ ଅଧିକାରୀ ରବୀନ୍ଦ୍ରନାଥ ଚାନ୍ଦ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ଶିବ ପ୍ରସାଦ କୀର୍ତ୍ତନିୟା, ବରିଷ୍ଠ ହିନ୍ଦୀ ଶିକ୍ଷକ ମାନସ ରଞ୍ଜନ ନାୟକ ଏବଂ ମାଲକାନଗିରି ହିନ୍ଦୀ ଶିକ୍ଷକ ସଂଘର ସଭାପତି ଶଙ୍କର କୁଞ୍ଜାମି ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ବର୍ତ୍ତମାନ ଭାରତ ତଥା ସମଗ୍ର ବିଶ୍ୱରେ, ଭାରତର ରାଜଭାଷା ହିନ୍ଦୀର ମହତ୍ତ୍ୱ ବିଷୟରେ ଅବଗତ କରାଇବା ସଙ୍ଗେସଙ୍ଗେ ଭାରତର ଏକତା ଓ ଅଖଣ୍ଡତା ପାଇଁ ହିନ୍ଦୀ ଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ମାତୃଭାଷା ଓଡ଼ିଆ ସହିତ ହିନ୍ଦୀ ଭାଷାକୁ ମଧ୍ୟ ସମାନ ଗୁରୁତର ସହିତ ଅଧ୍ୟୟନ କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶ୍ରୀ ଚାନ୍ଦ ହିନ୍ଦୀ ଦିବସ କାହିଁକି ପାଳନ କରାଯାଏ ଏବଂ କିପରି ଭାବରେ ଶିକ୍ଷା ଦାନ କଲେ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କୁ ସହଜରେ ହିନ୍ଦୀ ଶିଖାଇ ହେବ, ସେହି ବିଷୟରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ହିନ୍ଦୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରାଞ୍ଜଳ ଭାବରେ ବୁଝାଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରସ୍କାର ଲାଭ କରିଥିବା ହିନ୍ଦୀ ଶିକ୍ଷକ ରାଜେଶ କୁମାର ମେହେର, ବରିଷ୍ଠ ହିନ୍ଦୀ ଶିକ୍ଷକ ଜୟଦେବ ପଣ୍ଡା ଓ ବିଜୟକୁମାର ପୁହାଣଙ୍କୁ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ସେମାନଙ୍କ ଅବଦାନ ନିମନ୍ତେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହାପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଶିକ୍ଷକ ରାଜେଶ କୁମାର ମେହେରଙ୍କ ସ୍ୱରଚିତ ହିନ୍ଦୀ କବିତା ପାଠ ସହିତ ସମାରୋହ ସମାପ୍ତ ହୋଇଥିଲା।



# ଆବର୍ଜନାପୂର୍ଣ୍ଣ ପରିବେଶ ମଧ୍ୟରେ ଚାଲିଛି ଇଏସ୍ଆଇ ଡିସ୍ପେନସାରୀ



**ବଣାଇଁ, ୧୪।୯ (ସମିସ):** ଦୀର୍ଘ ଦୁଇବର୍ଷ ହେବ ବଣାଇଁ ସହରସ୍ଥିତ ପୁରାତନ ଟାଉନ ପ୍ରାଥମିକ ବିଦ୍ୟାଳୟରେ ଚାଲି ଆସୁଥିବା ଇଏସ୍ଆଇ ଡିସ୍ପେନସାରୀ ଏବେ ଏକ ଆବର୍ଜନା ପୂର୍ଣ୍ଣ ଏବଂ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲୁଥିବା ଦେଖିବାକୁ ମିଳିଛି । ଦୁର୍ଗନ୍ଧରେ ଫାଟି ପଡୁଛି ଇଏସ୍ଆଇ ଡିସ୍ପେନସାରୀ ପରିବେଶ। ସବୁଆଡେ ପଡ଼ିରହିଛି କୁଢ଼କୁଢ଼ ଅଳିଆ ଆବର୍ଜନା। ମୁଖ୍ୟ ଫାଟକରୁ ନେଇ ହସ୍ପିଟାଲ ଭିତର ପରିବେଶ ଯାଏଁ ଅବସ୍ଥା ନ କହିବା ଭଲ। ଡିସ୍ପେନସାରୀ ଗୃହର ଚତୁଃପାର୍ଶ୍ୱ ଘଞ୍ଚ ଲତାବୁଦାରେ ପରିପୂର୍ଣ୍ଣ ହୋଇ ଥିବା ବେଳେ ସ୍ୱଚ୍ଛତା ଅଭାବରୁ ତାହା ଏବେ ମଶା ମାଛି, ସରିସୃପଙ୍କ ବାସସ୍ଥଳୀ ପାଲଟିଛି। ଦିନବେଳେ ମୁଖ୍ୟ ଫାଟକ ସମ୍ମୁଖରେ ଗାଡି ମଟରର ଅବାଧ ପାର୍କିଂ ହେଉଥିବାବେଳେ ସନ୍ଧ୍ୟାରେ ଫାଷ୍ଟଫୁଡ୍ ଦୋକାନୀଙ୍କ ଗହଳି ଲାଗୁଛି। ଖାଇବା ପରେ ଅଇଁଠା ପତ୍ର ଓ ଚଉତି ସବୁ ଫାଟକ ସମ୍ମୁଖରେ ଫୋପାଡ଼ି ଦେଉଛନ୍ତି। ଯାହା ଫଳରେ ତାହା ସେଠାରେ ପଡ଼ିପଡ଼ି ଆବର୍ଜନାର ପାହାଡ଼ ହେବାସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଦୁର୍ଗନ୍ଧ ବାହାରୁଥିବାର ଡିସ୍ପେନସାରୀକୁ ଯାଉଥିବା ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଣାଇଁ ଅଞ୍ଚଳର ଅନେକ ବିମାଧାରୀ ଏହି ଡିସ୍ପେନସାରୀ ଉପରେ ନିର୍ଭର କରୁଥିବାରୁ ପ୍ରତ୍ୟେକ ଦିନ ଏଠାରେ ରୋଗୀଙ୍କ ଯିବା ଆସିବା ଲାଗି ରହିଛି। ତେଣୁ ରୋଗୀଙ୍କ ସ୍ୱାସ୍ଥ୍ୟସେବାକୁ ଦୃଷ୍ଟିରେ ରଖି ଡିସ୍ପେନସାରୀକୁ ସ୍ୱଚ୍ଛ ରଖିବାସହ ଆବର୍ଜନା ପୂର୍ଣ୍ଣପରିବେଶରୁ ମୁକ୍ତ କରିବାକୁ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଡିଏଭି ପବ୍ଲିକ୍ ସ୍କୁଲରେ ଶିକ୍ଷକ ତାଲିମ କର୍ମଶାଳା




**ରାଉରକେଲା, ୧୪।୯ (ସମିସ):** ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ଷ୍ଟିଲ୍ ସିଟି ସେକ୍ଟର-୧୬ ସ୍ଥିତ ଡିଏଭି ପବ୍ଲିକ୍ ସ୍କୁଲଠାରେ ଏକ ଶିକ୍ଷକ ତାଲିମ ସେମିନାର ଆୟୋଜିତ ହୋଇଯାଇଛି। ରୋଟାରୀ କ୍ଲବ ସଚିବ ରୋଟାରିଆନ ରଶ୍ମିରାଣୀ ମିଶ୍ରଙ୍କ ଆହ୍ୱାନ କ୍ରମେ 'ଯୁବ ମନକୁ ସଶକ୍ତ କରିବା: ଛାତ୍ରଛାତ୍ରୀଙ୍କ ଧ୍ୟାନ, ସ୍ମୃତି ଏବଂ ଆତ୍ମ-ଅଧ୍ୟୟନ ଗୁଣବତ୍ତା ଉନ୍ନତ କରିବା' ଶୀର୍ଷକ ଏହି ସେମିନାର ହୋଇଥିଲା। ଏଥିରେ ସ୍କୁଲର ଅଧ୍ୟକ୍ଷ ରାଜେଶ ଦାଶଙ୍କ ସମେତ ଉତ୍ସାହୀ ଶିକ୍ଷକ ଏବଂ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ମୁଖ୍ୟ ଅଧିବେଶନରେ କ୍ଲାଭିମେଟର ପ୍ରତିଷ୍ଠାତା ସିଇଓ ତଥା ଶିକ୍ଷା ମନସ୍ତତ୍ତ୍ୱବିତ୍ ରୋଟାରିଆନ ଡ.ସୁରଜ କୁମାର ନାୟକ ଯୋଗ ଦେଇଥିଲେ। ତାଙ୍କର ପାରସ୍ପରିକ ଆଲୋଚନା ଅଧିବେଶନରେ ଡ.ନାୟକ ଛାତ୍ରଙ୍କ ଧ୍ୟାନ, ସ୍ମୃତି ସଂରକ୍ଷଣ ଏବଂ ଆତ୍ମ-ଅଧ୍ୟୟନ ଶୃଙ୍ଖଳାକୁ ବୃଦ୍ଧି କରିବାପାଇଁ ବୈଜ୍ଞାନିକ ପଦ୍ଧତି ପ୍ରଚଳନ କରିଥିଲେ। ଆଜିର ଦ୍ରୁତ ପରିବର୍ତ୍ତିତ ଶିକ୍ଷାଗତ ପରିବେଶରେ ଅଭ୍ୟାସ ପରାମର୍ଶଦାତା ଭାବରେ ଶିକ୍ଷକଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ରୋଟାରିଆନ ନମିତା ଆଚାର୍ଯ୍ୟ, ରୋଟାରିଆନ ରଶ୍ମୀବାଳା ରାଉତରାୟ, ରୋଟାରିଆନ ରଶ୍ମୀରାଣୀ ମିଶ୍ର, ରୋଟାରିଆନ ନିବେଦିତା ମହାନ୍ତି, ରୋଟାରିଆନ ଅଞ୍ଜଳି ଶତପଥୀ ସମେତ ଅନେକ ରୋଟାରୀ ସଦସ୍ୟଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ହୋଇଥିଲା। ରୋଟାରୀ କ୍ଲବ୍ ସଚିବ ରୋଟାରିଆନ ରଶ୍ମିରାଣୀ ମିଶ୍ର ଶିକ୍ଷକମାନଙ୍କୁ ସଶକ୍ତ କରି ଶିକ୍ଷାକୁ ଆଗକୁ ବଢ଼ାଇବା ପାଇଁ ରୋଟାରୀର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରିଥିଲେ।

# ଲକ୍ଷାଧିକ ଟଙ୍କାର ତାର ଜବତ : ୩ ଗିରଫ

**ରାଉରକେଲା, ୧୪।୯ (ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଅଧୀନ ଦେଓଗାଁ ପେଟ୍ରୋଲ ପମ୍ପ ନିକଟରୁ ଗତ ୭ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିବା ୧୦୦ ମିଟର କଣ୍ଡକ୍ଟର ବିଦ୍ୟୁତ ତାରକୁ ପୁଲିସ ଜବତ କରିବା ସହ ଏହି ଘଟଣାରେ ରିସିଭର ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେଓଗାଁ କିଷାନ ବସ୍ତିର କିଷାନ୍ ବ୍ୟାସ(୨୮), ଦେଓଗାଁ ଡିଏସ୍ ମାର୍କେଟର ସଞ୍ଜୟ ବେହେରା ଓରଫ ଶୁକ୍ରୁ (୨୯) ଏବଂ ଚୋରା ତାର କ୍ରୟ



କରିଥିବା ଦେଓଗାଁ ଲୋହାର ବସ୍ତିର କରମପାଲ ଲୋହାର(୪୯) ଓରଫ ବନ୍ଧନ। ସୂଚନା ମୁତାବକ ମା'ଦୁର୍ଗା ଇଞ୍ଜିନିୟରିଂ ଆସୋସିଏଟ୍ସର ଦେଓଗାଁ ଗୋଦାମରୁ ଗତ ୭ ତାରିଖ ବିଳମ୍ବିତ ରାତିରେ ତାର ଓ ବ୍ୟାଟେରୀ ଚୋରି ହୋଇଥିବା ନେଇ ସାଇଟ୍ ଇନଚାର୍ଜ ସ୍ମୃତି ରଞ୍ଜନ ସ୍ୱାଇଁ ରଘୁନାଥପାଲୀ ଥାନାରେ ରିପୋର୍ଟ କରିଥିଲେ। ଜବତ ତାରର ମୂଲ୍ୟ ୧ ଲକ୍ଷ ୪୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

# ଏନ୍ଆଇଟି ଏଫ୍‌ଟିବିଆଇକୁ 'ଭାରତ ଇନ୍‌କ୍ୟୁବେଟର ପୁରସ୍କାର'

ରାଉରକେଲା, ୧୪।୯ (ସମିସ)

ଗବେଷଣା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍ଆଇଟି)ର ଫାଉଣ୍ଡେସନ୍ ଫର୍ ଟେକ୍ନୋଲୋଜି ଆଣ୍ଡ ବିଜିନେସ୍ ଇନ୍‌କ୍ୟୁବେସନ୍ (ଏଫଟିବିଆଇ) ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଜଣାପଡ଼ିଛି। ଗତକାଲି ଭାରତୀୟ ଉଦ୍ୟୋଗୀ ସଂଘ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ଏନ୍ଏମ୍‌ଡିସି କନ୍‌ଭେନସନ୍ ସେଣ୍ଟରରେ ନବସୃଜନ ଉଦ୍ୟୋଗିତା ପୋଷଣ ପାଇଁ 'ଭାରତ ଇନ୍‌କ୍ୟୁବେଟର୍ ପୁରସ୍କାର ପ୍ରଦାନ ଉତ୍ସବ ତଥା 'ଚତୁର୍ଥ ଭାରତ ଉଦ୍ୟୋଗିତା ସମ୍ମିଳନୀ'ରେ ରାଉରକେଲା ଏନଆଇଟି ଏଫଟିବିଆଇକୁ ମର୍ଯ୍ୟାଦାଜନକ 'ଭାରତ ଇନକ୍ୟୁବେଟର ପୁରସ୍କାର' ପ୍ରଦାନ କରାଯାଇଥିଲା। କେନ୍ଦ୍ର ଶିକ୍ଷା, ଖାଦ୍ୟ ଏବଂ ଯୋଗାଣ ଏବଂ ପରିବେଶ, ଜଙ୍ଗଲ ଏବଂ ବନ୍ୟପ୍ରାଣୀ ମନ୍ତ୍ରୀ ସର୍ଦ୍ଦାର ମଞ୍ଜିନ୍ଦର ସିଂହ ସିରସା ପ୍ରଦାନ କରିଥିଲେ। ଏନ୍ଆଇଟି ରାଉରକେଲାର ଏଫ୍‌ଟିବିଆଇ ସଭାପତି ପ୍ରଫେସର ସୁବ୍ରତ କୁମାର ପଣ୍ଡା, ସିଇଓ ଚିରଞ୍ଜୀବି ସାମଲ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ। ଉଲ୍ଲେଖନୀୟ ଯେ ଏହି ପୁରସ୍କାର ପାଇଁ ଦେଶର ଶ୍ରେଷ୍ଠ ୬ଟି ଇନ୍‌କ୍ୟୁବେଟର୍‌କୁ ଚୟନ କରାଯାଇଥିଲା। ଏହି ଅବସରରେ ପ୍ରଫେସର ପଣ୍ଡା ସମସ୍ତ ଅଂଶୀଦାରଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲା ବେଳେ ଶ୍ରୀ ସାମଲ ଏଫଟିବିଆଇ ସହିତ ଜଡ଼ିତ ଷ୍ଟାର୍ଟଅପ୍, ପରାମର୍ଶଦାତା ଏବଂ ଅଂଶୀଦାରମାନଙ୍କ ନିରନ୍ତର ପ୍ରୟାସକୁ ଏହି



ପୁରସ୍କାର ଉତ୍ସର୍ଗ କରିଥିଲେ। ଏନ୍ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ଏଫ୍‌ଟିବିଆଇ ଦଳକୁ ଅଭିନନ୍ଦନ ଜଣାଇବା ସହ କହିଲେ, ଏହି ସ୍ୱୀକୃତି ନବସୃଜନକାରୀଙ୍କୁ ସଶକ୍ତ କରିବ। ଏହାସହ ଭାରତର ଉଦ୍ୟୋଗୀ ଯାତ୍ରାକୁ ଆଗେଇ ନେବାପାଇଁ ଏନ୍ଆଇଟିର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ସୂଚନାଯୋଗ୍ୟ ଯେ ଷ୍ଟାର୍ଟଅପଗୁଡ଼ିକୁ ପୋଷଣ ଓ ଏକ ସକ୍ଷମ ଉଦ୍ୟୋଗୀ ଇକୋସିଷ୍ଟମ ଗଠନରେ ନିରନ୍ତର ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଏହା କୃତ୍ରିମ ବୁଦ୍ଧିମତା, ଜଳବାୟୁ ପ୍ରଯୁକ୍ତିବିଦ୍ୟା, ସ୍ୱାସ୍ଥ୍ୟସେବା, କୃଷି ପ୍ରଯୁକ୍ତିବିଦ୍ୟା, ନବୀକରଣୀୟ ଶକ୍ତି, ଖଣି ପ୍ରଯୁକ୍ତିବିଦ୍ୟା, ଉନ୍ନତ ଉତ୍ପାଦନ ସମ୍ପର୍କିତ ୮୦ରୁ ଅଧିକ ଷ୍ଟାର୍ଟଅପ୍‌କୁ ପ୍ରୋତ୍ସାହିତ କରିଛି।

# ଓଡ଼ିଶା ଆଶାକର୍ମୀ ଆସୋସିଏସ୍‌ନର ସମ୍ମିଳନୀ

**ରାଉରକେଲା, ୧୪।୯ (ସମିସ):** ସିଆଇଟିୟୁ ସହବନ୍ଧିତ ଓଡ଼ିଶା ଆଶା କର୍ମୀ ଆସୋସିଏସନ୍ ସୁନ୍ଦରଗଡ଼ ଜିଲ୍ଲା କମିଟିର ଷଷ୍ଠ ଜିଲ୍ଲା ସମ୍ମିଳନୀ ଆଜି ସ୍ଥାନୀୟ ଶ୍ରମିକ ଭବନ, ସେକ୍ଟର -୧୬ ଠାରେ ଆସୋସିଏସନ୍‌ର ସଭାପତି ହୃଦୟାନନ୍ଦ ଯାଦବଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି। ସେ ତାଙ୍କ ଉଦ୍‌ଘାଟନୀ ବକ୍ତବ୍ୟରେ କହିଥିଲେ ଆଜିର ଦିନରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଆଶାକର୍ମୀମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲାବେଳେ ସରକାର ସେମାନଙ୍କ ଭୂମିକାକୁ ଗୁରୁତ୍ୱ ଦେଉ ନାହାନ୍ତି ଏବଂ ସେମାନଙ୍କୁ ଶ୍ରମିକର ମାନ୍ୟତା ନ ଦେଇ ସ୍ୱେଚ୍ଛାସେବୀ ଭାବରେ ବିବେଚନା କରିବା ଫଳରେ ସ୍ୱାସ୍ଥ୍ୟ ଭଳି ଏକ ସମ୍ବେଦନଶୀଳ ବିଭାଗରେ କାର୍ଯ୍ୟ କରୁଥିବା ଆଶାକର୍ମୀମାନେ ବହୁ ଦୁର୍ଦ୍ଦିନରେ କାମ କରିବାକୁ ବାଧ୍ୟ ହେଉଛନ୍ତି। ସରକାର ତୁରନ୍ତ ସେମାନଙ୍କୁ ଶ୍ରମିକ ର ମାନ୍ୟତା ପ୍ରଦାନ କରିବା ସହିତ ସାମାଜିକ ସୁରକ୍ଷା ଓ ମାସିକ ୨୬ ହଜାର ଟଙ୍କା ଦରମା ପ୍ରଦାନ ପାଇଁ ସିଆଇଟିୟୁ ନେତୃତ୍ୱରେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରିବା ପାଇଁ ସେ ଆହ୍ୱାନ କରିଛନ୍ତି। ସିଆଇଟିୟୁ ରାଜ୍ୟ ଉପସଭାପତି ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ରାଜ୍ୟ କମିଟି ସଦସ୍ୟ ରାଜ କିଶୋର ପ୍ରଧାନ, ଯଯାତି କେଶରୀ ସାହୁ, ବି ପି ମହାପାତ୍ର, କୃଷକ ସଭା ନେତା ସୁରେନ୍ଦ୍ର ଦାଶ, ଲକ୍ଷ୍ମୀଧର ନାୟକ, ଅରୁ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆସୋସିଏସନ୍‌ର ସାଧାରଣ ସମ୍ପାଦିକା ଶକୁନ୍ତଳା ମହାକୁଡ଼ ରାଜନୈତିକ ଓ ସାଂଗଠନିକ ଚିଠା ରିପୋର୍ଟ ଉପସ୍ଥାପନ କରିଥିଲେ। ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ ବକ୍ତବ୍ୟ ରଖି ସିଆଇଟିୟୁ ନେତୃତ୍ୱରେ ଓଡ଼ିଶାରେ ଆଶାକର୍ମୀମାନେ ବିଗତ ଦିନରେ ଯେଉଁ ଆନ୍ଦୋଳନ ମାନ ସଂଗଠିତ କରିଛନ୍ତି ସେଥିପାଇଁ ଅଭିନନ୍ଦନ ଜଣାଇବା ସହିତ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ସଂଗଠନକୁ ସୁଦୃଢ଼ କରିବା ସହିତ ଆନ୍ଦୋଳନକୁ ତୀବ୍ର କରିବାକୁ ଆହ୍ୱାନ ଦେଇଛନ୍ତି। ଏକ ୫୫ ଜଣିଆ ଜିଲ୍ଲା କମିଟି ଓ ୧୮ ଜଣିଆ ଜିଲ୍ଲା କର୍ମକର୍ତ୍ତା କମିଟି ସମ୍ମିଳନୀ ରେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ସଭାପତି ଭାବରେ ଅଭୟ ସସ୍ମିତା ଖେସ, କାର୍ଯ୍ୟକାରୀ ସଭାପତି ଭାବରେ ଶକୁନ୍ତଳା ମହାକୁଡ଼, ହୃଦୟାନନ୍ଦ ଯାଦବ, ସାଧାରଣ ସମ୍ପାଦିକାଭାବେ ନିରୁପମା ସାହୁ, ଉପ ସଭାନେତ୍ରୀ ଭାବେ ଅନିମା ଲାକ୍ରା, ଗୀତାରାଣି ମାନା, ସରୋଜିନୀ ଦାସ୍, ସିପ୍ରାନ୍ତି ଟପ୍ପୋ, ବିଣା ନାୟକ, ସମ୍ପାଦିକା ଭାବେ ସୁଶିଳା ଓରାମ, ଜୟନ୍ତୀ ପାଣ୍ଡବ, ଲକ୍ଷ୍ମୀ ଗଞ୍ଜୁ, ଲୀନା ଡୁଙ୍ଗଡୁଙ୍ଗ, ଲୀଲୋ ଏକ୍କା ପ୍ରମୁଖ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

# ଆରଏସ୍‌ପିରେ ରାଜଭାଷା ଶପଥ ଗ୍ରହଣ ସମାରୋହ



**ରାଉରକେଲା, ୧୪।୯ (ସମିସ):** ସେଲ୍‌ଫ, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ରେ ହିନ୍ଦୀ ଦିବସ ପାଳନ ଉପଲକ୍ଷେ ରାଜଭାଷା ଶପଥ ଗ୍ରହଣ ସମାରୋହ ଆୟୋଜନ କରାଯାଇଥିଲା। ଏହି ଅବସରରେ ମନ୍ଥନ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ଉତ୍ସବରେ ବୋକାରୋ ଇସ୍ପାତ କାରଖାନାର ଏବଂ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏହି ଶପଥ ଗ୍ରହଣ କରିଥିଲେ। ଅନୁରୂପ ଭାବେ ବିଭିନ୍ନ ବିଭାଗ ଏବଂ ୟୁନିଟରେ ଅନୁଷ୍ଠିତ ସମାରୋହରେ, ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବି ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ ପି ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ ପାଲ ଚୌଧୁରୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗର ସିଏମଓ ଡକ୍ଟର ଜେ କେ ଆଚାର୍ଯ୍ୟଙ୍କ ସହିତ ବିଭିନ୍ନ ବିଭାଗର ସିଜିଏମ, ବିଭାଗୀୟ ମୁଖ୍ୟ, ବିଭାଗୀୟ ହିନ୍ଦୀ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ରାଜଭାଷା ଶପଥ ଗ୍ରହଣ କରିଥିଲେ।" ଜାତୀୟ ଏକତାକୁ ସୁଦୃଢ଼ କରିବା ତଥା ଦେଶପ୍ରେମ ଭାବନାକୁ ପ୍ରଜ୍ୱଳିତ କରିବା ସହିତ ରାଜଭାଷା ମାଧ୍ୟମରେ ସମ୍ବିଧାନ ନିର୍ମାତାଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ଏହି ଶପଥପାଠ କରାଯାଇଥିଲା। ଏହି ଶପଥ ପାଠରେ ସରକାରୀ କାର୍ଯ୍ୟରେ ସରକାରୀ ଭାଷାର ପ୍ରଗତି ପାଇଁ ଉତ୍ସର୍ଗୀକୃତ ପ୍ରୟାସ କରିବା ଏବଂ ଏହି କ୍ଷେତ୍ରରେ ଉଦାହରଣ ସୃଷ୍ଟି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

# ଗଞ୍ଜେଇ ଜବତ, ଜଣେ ଗିରଫ

**ରାଉରକେଲା, ୧୪।୯ (ସମିସ):** ଗଞ୍ଜେଇ ନେଇ ଯାଉଥିବାବେଳେ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଧରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତ ନୂଆବଜାର ଗିରିଧାରୀ ବସ୍ତିର କେଶବ ଲେଙ୍କା (୪୫)। ତା ଠାରୁ ୭୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରାଯାଇଛି। ରବିବାର ଏସଆଇ ସୁବ୍ରତ ପଣ୍ଡା ନିଜ ଟିମ୍ ସହ ପାଟ୍ରୋଲିଂ କରୁଥିଲେ। ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମ୍ ୨ ନମ୍ବର ଗେଟ ଠାରେ କେଶବ ଉପରେ ସନ୍ଦେହ ହୋଇଥିଲା। ତାକୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗିରଫ କେଶବ ନାଁରେ ପୂର୍ବରୁ ପ୍ଲାଣ୍ଟସାଇଟ୍ ଓ ଟାଙ୍ଗରପାଲି ଥାନାରେ ୩ଟି ମାମଲା ରହିଥିବା ତଦନ୍ତରୁ ଜଣାପଡ଼ିଛି।

# ଶ୍ରୀ ଅରବିନ୍ଦ ସ୍କୁଲ ସମ୍ମୁଖ ରାସ୍ତା ଶୋଚନୀୟ

**ବଣାଇ, ୧୪।୯ (ସମିସ):** ବଣାଇଁ ସହର ଜେଲ୍ ଛକରୁ ଶ୍ରୀ ଅରବିନ୍ଦ ସ୍କୁଲ, ଅଙ୍ଗନବାଡ଼ି କେନ୍ଦ୍ର, ଅମଲା କଲୋନୀ ଦେଇ ମହାବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଦିନେ କି ଦୁଇଦିନ ନୁହେଁ, ମାସ, ମାସ ଧରି ରାସ୍ତା ଉପରେ ବର୍ଷା ଜଳ ଜମିରହି ଏକ ପ୍ରକାର କୃତ୍ରିମ ପୋଖରୀ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବର୍ଷା ମାସ ତମାମ ରାସ୍ତା ଉପରେ ଏଭଳି ପରିସ୍ଥିତି ଉପୁଜୁଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ସହିତ ଶ୍ରୀ ଅରବିନ୍ଦ ସ୍କୁଲର ଛୋଟ ଛୋଟ ଛାତ୍ରଛାତ୍ରୀମାନେ ଅକଥନୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଶୃଙ୍ଖଳା ପାଗ ହେଲେ ଯେନତେନ ପ୍ରକାରେ



ଯାତାୟତ କରୁଥିବା ବେଳେ ସାମାନ୍ୟ ବର୍ଷା ହେଲେ ଅବସ୍ଥା ସାଙ୍ଘାତିକ ହୋଇପଡୁଛି। ରାସ୍ତା ଉପରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ବର୍ଷା ଜଳ ଜମି ରହି ଏକ ଅପରିଷ୍କାର ପରିବେଶ ସୃଷ୍ଟି କରିଛି। ଯାହାଫଳରେ ସେହି ରାସ୍ତା ଦେଇ ସାଇକେଲ ଆରୋହୀ ଟିଏ ଯିବା ମଧ୍ୟ ମୁସ୍କିଲ ହୋଇ ପଡୁଛି। ସେହି ରାସ୍ତା ଦେଇ ବଣାଇଁ ର ବଡ଼ ବଡ଼ ଅଧିକାରୀ ମାନେ ଯିବା ଆସିବା କରୁଥିଲେ ମଧ୍ୟ ସେଥିପ୍ରତି କାହାରି ନଜର ନ ପଡ଼ିବା ବଣାଇଁ ଜନ ସାଧାରଣଙ୍କୁ ବିସ୍ମିତ କରିଛି। ତେଣୁ ଜନସାଧାରଣ ତଥା ଛୋଟ ଛୋଟ ଛାତ୍ର ଛାତ୍ରୀ ମାନଙ୍କର ଯିବା ଆସିବା କୁ ଦୃଷ୍ଟିରେ ରଖି ତୁରନ୍ତ ରାସ୍ତା ମରାମତି କରିବା ନିମନ୍ତେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ହାତୀ ମଣିଷ ମଧ୍ୟରେ ସୁସମ୍ପର୍କ ପାଇଁ ସଚେତନତା ରାଲି

**ବଣାଇଁ, ୧୪।୯ (ସମିସ):** ରାଜ୍ୟରେ ଦିନକୁ ଦିନ ହାତୀ ଉପଦ୍ରବ ବଢୁଛି। କେଉଁଠି ହାତୀ କାହା ଘରେ ପଶି ଭଙ୍ଗାରୁଜା କଲାଣି ତ ଆଉ କେଉଁଠି ହାତୀ ପାଇଁ ଲୋକେ ବନ୍ଦ ପାଳନ କଲେଣି। ଯାହାକୁ ନେଇ ବନବିଭାଗର ଚିନ୍ତା ବଢ଼ିଛି। ଏହି ଅବସରରେ ବଣାଇଁ ବନଖଣ୍ଡ ଅଧୀନ ସୋଲ ରେଞ୍ଜ ଅଧିକାରୀ ରଶ୍ମିରଞ୍ଜନ ରାଉଳଙ୍କ ନେତୃତ୍ୱରେ ଠାକୁରପାଲି ଗ୍ରାମରୁ ଟୁଙ୍କୁଡ଼ା ଗ୍ରାମ ପର୍ଯ୍ୟନ୍ତ ହାତୀ ଓ ମଣିଷ ଭିତରେ କେମିତି ସୁସମ୍ପର୍କ ରହିବ ସେ ଉପରେ ଏକ ସଚେତନତା ସାଇକେଲ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟସରପଞ୍ଚ ମନୋଜ ମିର୍ଧା, ଠାକୁରପାଲି ଚର୍ଚ୍ଚର ଫାଦର ପ୍ରଫୁଲ୍ଲ ବିଲୁଙ୍ଗ



ବିଜେପି ନେତା ସବିତା ନନ୍ଦ କାଲୋ, ଫରେଷ୍ଟର ଭୁବନେଶ୍ୱର ରାୟ, ସହକାରୀ ଫରେଷ୍ଟର ମନୋରଞ୍ଜନ ମାହାନ୍ତି, ବରୁଣ ଜେନା, ରାକ୍ଷୀ ଜୟଓ୍ୱାଲ, ଏନଜିଓ ସଂସ୍ଥାର ଭିକାରୀ ମାକର, ପୁରଷୋତ୍ତମ ଲୁହାର, ଠାକୁରପାଲି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ସୋଲ୍ ରେଞ୍ଜର ଗଜସାଥୀ ତଥା ସ୍ଥାନୀୟ ଜନସାଧାରଣ ମାନେ ସାମିଲ ହୋଇଥିଲେ। ହାତୀ ଉପଦ୍ରବରେ କ୍ଷୟକ୍ଷତି ହୋଇଥିବା ଚାଷୀ ମାନଙ୍କୁ ସେମାନଙ୍କର କ୍ଷୟକ୍ଷତି ଆକଳନ କରି ଅତିଶୀଘ୍ର ସରକାରୀ ସହାୟତା ରାଶି ପ୍ରଦାନ କରିବା ପାଇଁ ସୋଲ ସାପ୍ତାହିକ ହାଟରେ ସମସ୍ତ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

# ସମ୍ପାଦିକା ମହାନ୍ତି ଏକାଡେମିକ୍ କାଉନ୍‌ସିଲ ଓ ସିନେଟ ସଦସ୍ୟା

**ରାଉରକେଲା, ୧୪।୯ (ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ପ୍ରାଧାପିକା ଡ. ସମ୍ପାଦିକା ମହାନ୍ତି କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ କାଉନସିଲ ଓ ସିନେଟ ସଦସ୍ୟା ଭାବେ ମନୋନୀତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଭୁରଞ୍ଜନ ପଟ୍ଟନାୟକଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଅଭିନନ୍ଦନ ଜଣାଇଛନ୍ତି।



## ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ନାରୀ କବି ସମ୍ମିଳନୀ

# ଦେଶର ପ୍ରଗତିରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା, ୧୪।୯ (ସମିସ)

ରାଉରକେଲା ସହରର ସାମାଜିକ ଓ ସାହିତ୍ୟ ଅନୁଷ୍ଠାନ ଇସ୍ପାତ ସାହିତ୍ୟ ସଂସଦ ପକ୍ଷରୁ ନାରୀ କବି ସମ୍ମିଳନୀ ଏବଂ 'ଓଡ଼ିଆ ସାହିତ୍ୟରେ ନାରୀ ଚେତନାର ଉତ୍ତରଣ' ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଛି। ସଂସଦର ଉପସଭାପତି ତଥା ବରିଷ୍ଠ ଲେଖିକା ରଶ୍ମୀବାଳା ରାଉତରାୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଉରକେଲା ସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍ଆଇଟି)ର ଉପ କୁଳସଚିବ ଡ. ସ୍ୱାଗତିକା ସାହୁ ଯୋଗ ଦେଇ ଓ?ଆ ସାହିତ୍ୟରେ ନାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସୂଚନା ଦେଇ ପ୍ରଥମ ନାରୀ କବି ମାଧବୀ ଦାସୀ ଓ ପରବର୍ତ୍ତୀ ସମୟରେ ବୃନ୍ଦାବତି ଦାସୀଙ୍କ ଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟରେ ବରିଷ୍ଠ ଲେଖିକା ଡ.ପ୍ରତିଭା ରାୟ ଓ ବନଜା ଦେବୀଙ୍କ ଭଳି ଲେଖିକାଙ୍କ ଲେଖା ସମ୍ପର୍କରେ ଆଲୋଚନା କରିଥିଲେ। ବକ୍ତା ଭାବେ ରାଉରକେଲା ମହାବିଦ୍ୟାଳୟର ଅଧ୍ୟାପିକା ପ୍ରିୟଙ୍କା ପଲାଇ ଯୋଗ ଦେଇ ଓଡ଼ିଆ ସାହିତ୍ୟରେ ନାରୀ ଚେତନାର ଉତ୍ତରଣ ସମ୍ପର୍କରେ ଏକ ତୁଳନାତ୍ମକ ଚିତ୍ର




ଉପସ୍ଥାପନ କରିଥିଲେ। ଏହା ସହିତ ପୁରୁଷ ଓ ନାରୀଙ୍କ ମଧ୍ୟରେ ସମନ୍ୱୟ ସମ୍ପର୍କରେ ଆଲୋଚନା କରି ଓଡ଼ିଆ ସାହିତ୍ୟରେ ପ୍ରମୁଖ ନାରୀ କବି ଭାବେ ପରିଚିତ କୁନ୍ତଳା କୁମାରୀ ଓ ବିଦ୍ୟୁତପ୍ରଭା ଦେବୀ ପ୍ରଭୃତିଙ୍କ ଲେଖା ସମ୍ପର୍କରେ ସୂଚନା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟା ତଥା ଲେଖିକା ମଞ୍ଜୁଳା କୁମାରୀ ରଥ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବରିଷ୍ଠ ଶିକ୍ଷାବିତ୍ ଓ ଲେଖିକା ଡ. କିଶୋରୀ ଦାଶ ଆଲୋଚ୍ୟ ବିଷୟର ଆଭିମୁଖ୍ୟ ଓ ଭିତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। କବୀ ସୁସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ସମାଜସେବୀ ତଥା ରିମ୍ସ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକଙ୍କୁ ପରିଣତ ବୟସରେ ସକ୍ରିୟ ରହି ସମାଜସେବା ଜାରି ରଖିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃସିଂହ ଚରଣ ବିଶ୍ୱାଳ ଏବଂ ସାଧାରଣ ସମ୍ପାଦକ ମନୋଜ କୁମାର ନନ୍ଦ ସମସ୍ତ ନାରୀ କବି ଏବଂ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଦିପ୍ତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କବିତା ଆସରକୁ କବୀ ସ୍ନେହଲତା ପଟ୍ଟନାୟକ, କଳ୍ପନା ଓ ଅର୍ଚ୍ଚନା ପାତ୍ର ସଂଯୋଜନା କରିଥିଲେ। ଏଥିରେ ସହରର ବିଭିନ୍ନ ବର୍ଗର କବିଙ୍କ ମଧ୍ୟରେ ଗୀତାରାଣୀ ବେହେରା, ଡଲିରାଣୀ ବ୍ରହ୍ମା, ବନଲତା ମିଶ୍ର, ଉର୍ବଶୀ ଦାସପତି, ସୁମିତ୍ରା ଲେଙ୍କା, ସୁମିତ୍ରା ବାରିକ, ନିରୁପମା ବାରିକ, ସ୍ମିତା ପ୍ରଧାନ, ଖେଳଣା ଲେଙ୍କା, ସୁଶାନ୍ତ ନାୟକ, ସବିତା ବସ୍ତିଆ, ବୀଜୟନି ଜେନା, ଉପେନ୍ଦ୍ର ବସ୍ତିଆ, ପ୍ରକାଶ ସେଠୀ, ହରମୋହନ ମିଶ୍ର, ରଘୁବର ଧଳ, ତ୍ରିଲୋଚନ ମଥାନ, ବ୍ରଜେନ୍ଦ୍ର ଦାଶ, କାଶୀନାଥ ନନ୍ଦୀ, ସଞ୍ଜିବ ଭୋଇ, ପ୍ରତାପ କୁମାର ପଣ୍ଡା, ଦିବାକର ଦାସ, ରଙ୍କନିଧି ସେଠୀ, ସତ୍ୟବ୍ରତ ଦାସ, ନିକୁଞ୍ଜ ଦାଶ, ହୃଷୀକେଶ ସାହୁ, ଗୌତମ ଦାସ, ଶର୍ମିଷ୍ଠା କବି ଶତପଥୀ, ଚିତ୍ତରଞ୍ଜନ ବ୍ରହ୍ମା, ମୀନ କେତନ ପଶାୟତ, ନିହାରିକା ବସ୍ତିଆ, ଜ୍ୟୋତିର୍ମୟୀ ଆଚାର୍ଯ୍ୟ ପ୍ରମୁଖ ସ୍ୱରଚିତ କବିତାମାନ ପାଠ କରିଥିଲେ।



## ମୁଣ୍ଡ ଉପରେ ପରୀକ୍ଷା

# ଶିକ୍ଷକ ଅଭାବ; ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ

ସୁକିନ୍ଦା, ୧୪।୯ (ସମିସ)




ମୁଣ୍ଡ ଉପରେ ପରୀକ୍ଷା, ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଅଭାବ ନେଇ ଚିନ୍ତାରେ ଛାତ୍ରଛାତ୍ରୀ ଓ ଅଭିଭାବକ। ସୁକିନ୍ଦା ସଦର ମହକୁମାରେ ଥିବା ଖଣ୍ଡୁରାଇ ବାଳିକା ଉଚ୍ଚ ବିଦ୍ୟାଳୟ ଅବସ୍ଥାକୁ ନେଇ ଏଠାରେ ଅଧ୍ୟୟନ କରୁଥିବା ଛାତ୍ରୀ ଓ ଅଭିଭାବକ ଏବେ ଚିନ୍ତାରେ। ଚଳିତ ଶିକ୍ଷାବର୍ଷର ଅର୍ଦ୍ଧବାର୍ଷିକ ପରୀକ୍ଷାକୁ ଆଉ ମାତ୍ର ଦିନ କେତୋଟି ଥିବା ବେଳେ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଅଭାବ ଚିନ୍ତାର କାରଣ ପାଲଟିଛି। ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ ଓ ଅନ୍ୟ ବିଭାଗର ଶିକ୍ଷକ ନଥିବାରୁ ସେହି ବିଭାଗର ବହି ଏପର୍ଯ୍ୟନ୍ତ ଖୋଲାଯାଇ ନାହିଁ। ଆସନ୍ତା ୧୯ତାରିଖ ଠାରୁ ଅର୍ଦ୍ଧବାର୍ଷିକ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିବା ବେଳେ ପରୀକ୍ଷାକୁ ନେଇ ଚିନ୍ତାରେ ଛାତ୍ରୀ ଓ ଅଭିଭାବକ। ବିଦ୍ୟାଳୟର ଏଭଳି ସ୍ଥିତି ଥିବା ବେଳେ ସେଠାରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଆଶା କରିବା ଦିବା ସ୍ୱପ୍ନ ଦେଖିବା ସହ ସମାନ ବୋଲି ଆଲୋଚନା ହେଉଛି। ଏହି ସବୁ କାରଣ ପାଇଁ ଏବେ ଅଭିଭାବକ ମାନେ ସରକାରୀ ବିଦ୍ୟାଳୟକୁ ଭୁଲି ଏବେ ଘରୋଇ ଶିକ୍ଷା ଅନୁଷ୍ଠାନକୁ ଆଦରି ନେଉଥିବା ଦେଖିବାକୁ ମିଳୁଛି। ବିଦ୍ୟାଳୟରେ ହିନ୍ଦୀ, ସଂସ୍କୃତ, ଏଲିମେଣ୍ଟାରି ଓ ପ୍ରଧାନଶିକ୍ଷୟିତ୍ରୀ ପଦ ଖାଲିପଡ଼ିଛି। ଏହି କାରଣରୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ ହେଉଛି। ଏହି ବାଳିକା ବିଦ୍ୟାଳୟରେ କ୍ରୀଡା ବିଭାଗରେ ଜଣେ ଶିକ୍ଷୟିତ୍ରୀଙ୍କ ସ୍ଥାନରେ ଶିକ୍ଷକ ଥିବାରୁ ଛାତ୍ରୀମାନେ ଖେଳକୁଦ ସମୟରେ ସହଜ ଅନୁଭବ କରୁନାହାନ୍ତି, ଯେଉଁଥି ପାଇଁ ଛାତ୍ରୀମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ବାଧକ ସାଜିଛି ବୋଲି ଅଭିଯୋଗ ହେଉଛି। ଏଣୁ ଏହି ବିଦ୍ୟାଳୟରେ ଜଣେ କ୍ରୀଡା ଶିକ୍ଷୟିତ୍ରୀ ଓ ଖାଲି ପଡ଼ିଥିବା ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଧାନଶିକ୍ଷୟିତ୍ରୀ ଏବଂ କର୍ମଚାରୀ ନିଯୁକ୍ତି କରିବା ପାଇଁ ଛାତ୍ରୀ ଓ ଅଭିଭାବକ ମହଲରେ ଦାବି ହେଉଛି।

# କବାଟବନ୍ଧ ଅଞ୍ଚଳରେ ଭାଲୁ ଆତଙ୍କ

**କବାଟବନ୍ଧ, ୧୪।୯(ସମିସ):** ଧର୍ମଶାଳା ବ୍ଲକ ଅଧୀନ ବୈରୀ-ଡାଳିଯୋଡ଼ା ରେଞ୍ଜ ଅଧୀନ ଗଡ଼ମଧୁପୁର ବନାଞ୍ଚଳ ବିଭିନ୍ନ ଜନବସତି ଅଞ୍ଚଳରେ ବନ୍ୟଜନ୍ତୁଙ୍କ ଚଳାଚଳ ଅତି ସାଧାରଣ ଭାବେ ଦେଖିବାକୁ ମିଳୁଛି। ରବିବାର ପୂର୍ବାହ୍ନରେ ଜେନାପୁର ଥାନା ଅନ୍ତର୍ଗତ କବାଟବନ୍ଧ ପଞ୍ଚାୟତ ଦଳଗାଁ ନିକଟରେ ଏକ ଭାଲୁ ଦେଖିବାକୁ ମିଳିଥିଲା।ଗ୍ରାମର କିଛି ଲୋକ ଘାସ କାଟିବାକୁ ଯାଇଥିବା ବେଳେ ଦଳଗାଁ ପୋଖରୀ ନିକଟରେ ଏକ ଲତାବୁଦାରେ ଭାଲୁକୁ ଦେଖିବାକୁ ପାଇଥିଲେ।। ତେବେ ସ୍ଥାନୀୟ ଜେନାପୁର ଥାନା ଅଞ୍ଚଳରେ ଭାଲୁ ବାହାରିବା ଏକ ସାଧାରଣ କଥା। କେବଳ ଭାଲୁ ନୁହେଁ ବାରହା, ହରିଣ, ଖୁରିଙ୍ଗ, ଠେକୁଆ ଏବଂ ଅନେକ ପ୍ରକାର ସାପ ମଧ୍ୟ ଲୋକ ମାନେ ଦେଖିବାକୁ ପାଉଛନ୍ତି। ଦିନରାତି ପାହାଡ଼ ବେଆଇନ ବ୍ଲାଷ୍ଟିଂ ଏବଂ ପ୍ରଚଣ୍ଡ ଶବ୍ଦ ପାଇଁ ବନ୍ୟଜନ୍ତୁମାନେ ଜନବସତି ମୁହାଁ ହୋଇଛନ୍ତି। ପାହାଡ଼



ଜଙ୍ଗଲରେ ରହିବା ବନ୍ୟଜନ୍ତୁ ମାନେ ନିଜ ବାସସ୍ଥାନକୁ ସୁରକ୍ଷିତ ନ ଭାବି ଜନବସତି ମୁହାଁ ହେଉଛନ୍ତି। ଯାହାଫଳରେ ନିରୀହ ଲୋକଙ୍କ ଜୀବନ ଯାଉଛି। ତେବେଏହି ଭାଲୁକୁ ଦେଖିବା ପରେ ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। ଏହାକୁ ଘଉଡାଇବା ପାଇଁ ଗଡ଼ମଧୁପୁର ବନ ବିଭାଗ ଅଧିକାରୀଙ୍କୁ ଖବର ଦେଇଥିଲେ। ମାତ୍ର ରାତି ପର୍ଯ୍ୟନ୍ତ ବନ ବିଭାଗ ଅଧିକାରୀ ପହଞ୍ଚି ନଥିଲେ। ଯାହା ଫଳରେ ସ୍ଥାନୀୟ ଲୋକମାନେ ଭୟଭୀତ ଅବସ୍ଥାରେ ରହିବା ସହିତ ବନ ବିଭାଗର ଏଭଳି ଖାମଖିଆ ମନୋଭାବ ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବୈରୀ ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ଚିତ୍ତରଞ୍ଜନ ବିଶ୍ୱାଳ ସଦଳବଳେ ରାତି ପ୍ରାୟ ୮ ସମୟରେ ପହଞ୍ଚି ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ସତର୍କ ରହିବାକୁ ସୂଚନା ଦେଇଥିଲେ।

## ଗଞ୍ଜେଇ ଓ ସିଗାରେଟ୍ ଜବତ; ଦୋକାନୀ କୋର୍ଟ ଚାଲାଣ

**ଦାନଗଦି, ୧୪।୯(ସମିସ):** କଳିଙ୍ଗନଗର ପୁଲିସ ଆଜି ଟାଟା କାରଖାନା ଗେଟ ନଂ ୧ ସାମ୍ନାରେ ଥିବା ଏକ ପାନ ଦୋକାନ ଉପରେ ଚଢ଼ଉ କରିଛି। ଚଢ଼ଉ ସମୟରେ କ୍ୟାବିନରୁ ୨କେଜି ୪୫୦ ଗ୍ରାମ ଗଞ୍ଜେଇ ଓ ୪୪ଟି ବ୍ଲାଙ୍କ କୋନ ସିଗାରେଟ ସହ ୧୩ ହାଜର ୩୮୫ ନଗଦ ଟଙ୍କା ଜବତ କରିଛି। ଘଟଣାରେ ସମ୍ପୃକ୍ତ ଦୋକାନୀ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଆନନ୍ଦପୁରର ବିଜୟ କୁମାର ବେହେରା (୨୪)ଙ୍କୁ ପୁଲିସ ଗିରଫ କରି ଆଜି କୋର୍ଟଚାଲାଣ କରିଛି। ବିଜୟ କଳିଙ୍ଗନଗର ଥାନା ଅନ୍ତର୍ଗତ ଡୋଳପଥର ଗାଁରେ ରହି ଟାଟା ଗେଟ ସାମ୍ନାରେ ପାନ ଦୋକାନ କରିଥିଲେ। କିଛିଦିନ ହେବ ସେଠାରେ ଗଞ୍ଜେଇ ବିକ୍ରି ହେଉଥିବା ନେଇ ଲୋକେ ଅଭିଯୋଗ କରିଥିଲେ। ଯାହାଫଳରେ ପୁଲିସ ଆଜି ସେଠାରେ ଚଢ଼ଉ କରିଥିଲା।

## ସାମ୍ବାଦିକଙ୍କ ପତ୍ନୀଙ୍କ ବିୟୋଗରେ ଶୋକ

**ଧର୍ମଶାଳା, ୧୪।୯ (ସମିସ):** ବରିଷ୍ଠସାମ୍ବାଦିକ ତଥା 'ବନ୍ଦେ ଉତ୍କଳ ଜନନୀ' ଅନୁଷ୍ଠାନର ଉପଦେଷ୍ଟା ପ୍ରଦୋଷ ପଟ୍ଟନାୟକଙ୍କ ଧର୍ମପତ୍ନୀ ଇନ୍ଦିରା ପଟ୍ଟନାୟକଙ୍କର ବିୟୋଗରେ ଶୋକପ୍ରକାଶ ପାଇଛି। ସ୍ୱର୍ଗୀୟା ପଟ୍ଟନାୟକ ଜଣେ ସମାଜସେବୀ, ଧର୍ମପ୍ରାଣା, ସ୍ନେହୀ ତଥା ପରୋପକାରୀ ମହିଳା ଥିଲେ। ରାଜ୍ୟ ଗୃହିଣୀ ସମାଜର ସମ୍ପାଦିକା ଭାବେ ଦୀର୍ଘଦିନ ଧରି କାର୍ଯ୍ୟରତ ଥିଲେ। ତାଙ୍କ ବିୟୋଗରେ ଅପୂରଣୀୟ କ୍ଷତି ଘଟିଲା ବୋଲି ବନ୍ଦେ ଉତ୍କଳ ଜନନୀ ଅନୁଷ୍ଠାନର ସଭାପତି ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ ସମ୍ପାଦକ ଅଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରକାଶ କରିଛନ୍ତି। ଏଥିସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସୂଚନାଯୋଗ୍ୟକି ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଭୁବନେଶ୍ୱରସ୍ଥିତ ତାଙ୍କ ବାସଭବନରେ ଶନିବାର ତାଙ୍କର ପରଲୋକ ଘଟିଥିଛି।

## ୧୦ ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର

**ବଡ଼ଚଣା, ୧୪।୯ (ସମିସ):** ସୁଙ୍ଗୁଡା ଗ୍ରାମର ମୁସଲିମ ବସ୍ତି ନିକଟ ଦେଇଯାଇଥିବା ହାଇଲେବୁଲ କେନାଲ ବନ୍ଧରୁ ଶନିବାର ବିଳମ୍ବିତ ରାତିରେ ଏକ ୧୦ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ଏହି ହାଇଲେବୁଲ କେନାଲ ବନ୍ଧ ଉପରେ ଯାଉଥିବା ଏହି ଅଜଗର ସାପକୁ ଦେଖି ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ବନପାଳ କୃଷ୍ଣଚନ୍ଦ୍ର ଟୁଡୁ ଘଟଣାସ୍ଥଳକୁ ଆସି ସାପଟିକୁ ଧରି ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇଥିଲେ।

## ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦାବି

**କୁଆଖିଆ, ୧୪।୯ (ସମିସ):** ରସୁଲପୁର ବ୍ଲକ ଅଧୀନ କୁଆଖିଆ ବଜାର ସ୍ଥିତ ମା' ତାରିଣୀଙ୍କ ପୀଠରେ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଜିଲା ସଂଘର କାର୍ଯ୍ୟକାରୀ ସଭାପତି ସନ୍ତୋଷ ପତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅର୍ନ୍ତନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ଶିକ୍ଷକ ମାନ୍ୟତା ଦାବି କରାଯାଇଛି। ସଂଘର ସମ୍ପାଦକ ସୁକାନ୍ତ ମହାରଣା ସଂଘର ଦାବି ଓ ସ୍ୱେଚ୍ଛାସେବୀମାନଙ୍କର ସମସ୍ୟା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆସନ୍ତା ବିଧାନସଭା ବୈଠକରେ ସେମାନଙ୍କ ସମସ୍ୟାକୁ ଉତ୍ଥାପନ କରାଯାଇ ଶିକ୍ଷକ ମାନ୍ୟତା ଦିଗରେ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଉ ବୋଲି ଦାବିପତ୍ର ଜରିଆରେ କୋରେଇ ବିଧାୟକ ଆକାଶ ଦାସନାୟକ, ବଡଚଣା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି। ଏହି ଅବସରରେ ଜିଲ୍ଲାର କୋଷାଧ୍ୟକ୍ଷ ପ୍ରଶାନ୍ତ ସ୍ୱାଇଁ, ସହ-ସମ୍ପାଦକ ମିନାକ୍ଷୀ ସ୍ୱାଇଁ, ସଂଯୋଜକ ଅଦିତ୍ୟ ବରାଳ, ସହ-ସଂଯୋଜକ ଦିପ ସୁନ୍ଦର ପୃଷ୍ଟି, ମଧୁସୂଦନ ଲେଙ୍କା, ପ୍ରଶାନ୍ତ ପାଲ, ତ୍ରିଲୋଚନ ସେଠୀ, ଡମ୍ବରୁଧର ଓଝା, ବିନୋଦ ନାୟକ, କବିତା ମହାପାତ୍ର, ନିରୁପମା ବିଶ୍ୱାଳ ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ଏଡିଇଓଙ୍କୁ ମାଡ଼ ମାରିବା ଘଟଣାରେ ମାମଲା ରୁଜୁ

**ମଙ୍ଗଳପୁର, ୧୪।୯ (ସମିସ):** ଦଶରଥପୁର ବ୍ଲକର ଜଣେ କାର୍ଯ୍ୟରତ ଏଡିଇଓଙ୍କୁ ମାଡ଼ମାରିବା ଘଟଣାରେ ପୁଲିସ ମାମଲା ରୁଜୁ କରୁଛି। ସୂଚନାନୁଯାୟୀ, ଦଶରଥପୁର ବ୍ଲକସ୍ଥ ଦୁଦୁରାଅନ୍ତା ପଞ୍ଚାୟତ ଦାୟିତ୍ୱରେ ଥିବା ଏଡିଇଓ ବାଲାଜୀ ମହନ୍ତ ସାହୁ ସରକାରୀ କାର୍ଯ୍ୟକ୍ରମରେ ଫଟୋ ଉଠେଇବା ପାଇଁ ଅର୍ଦ୍ଧାଉଳିଆ ଗ୍ରାମକୁ ଯାଇଥିଲେ। କେନ୍ଦ୍ର ଯୋଜନାରେ ଚାରାରୋପଣ ପାଇଁ ଚିହ୍ନଟ ସ୍ଥାନ ଉପରେ ପହଁଚିବା ରାସ୍ତାରେ ବାବୁ ବିଶ୍ୱାଳ ନାମକ ଜଣେ ଯୁବକ ହଠାତ ଶ୍ରୀ ସାହୁଙ୍କୁ ଅଟକାଇ ମାଡ଼ ମାରିଥିଲେ। ଏନେଇ ଶ୍ରୀ ସାହୁ ଦଶରଥପୁର ବ୍ଲକ ବିଡିଓଙ୍କ ଅନୁମତି କ୍ରମେ ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ। ମଙ୍ଗଳପୁର ପୁଲିସ ଏତଲା ଗ୍ରହଣ କରିବା ସହ ମାମଲା ରୁଜୁ କରିଛି।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

**କବାଟବନ୍ଧ/ଜଖପୁରା, ୧୪।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ କବାଟବନ୍ଧ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ସାହୁ(୮୧)ଙ୍କ ପରଲୋକ ଘଟିଛି। ଶ୍ରୀ ସାହୁ ଦାନଗଦି ବ୍ଲକ କୁମ୍ଭୀରଗାଡ଼ିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ। ବିଭିନ୍ନ ସ୍କୁଲରେ ସେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ, ମାତ୍ର କବାଟବନ୍ଧ ହାଇସ୍କୁଲରେ ୧୯୭୧ ମସିହା ଠାରୁ ୨୦୦୩ ମସିହା ପର୍ଯ୍ୟନ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିବା ସହିତ ସ୍ଥାନୀୟକବାଟବନ୍ଧ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଶନିବାର ତାଙ୍କ ମୃତ୍ୟୁ ପରେ



ନିଜ ଗ୍ରାମ ସହିତ କବାଟବନ୍ଧ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ମୃତ୍ୟୁ ସମୟରେ କବାଟବନ୍ଧ ହାଇସ୍କୁଲର ଛାତ୍ର ଧରଣୀ ସାହୁ, ନନ୍ଦ କିଶୋର ସାହୁ, ବିଦ୍ୟାଧର କୁଣ୍ଡୁ, ମହେନ୍ଦ୍ର ବେହେରା, ଘନଶ୍ୟାମ ପଲେଇ, ପ୍ରବୀର କୁମାର ନାୟକ, ବୀରକିଶୋର ବେହେରା, ସମେତ ବହୁ ଛାତ୍ର ଉପସ୍ଥିତ ଥିଲେ। ପୁତ୍ର ଚନ୍ଦ୍ରମଣି ସାହୁ ମୁଖାଗ୍ନି ଦେଇଥିଲେ।

# ବିଜେଡି ସୋସିଆଲ ମିଡିଆ ଶାଖା ପକ୍ଷରୁ ବୈଠକ



**ବଡଚଣା, ୧୪।୯ (ସମିସ):** ଚଣ୍ଡିଖୋଲ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ଆଜି ସତ୍ୟବ୍ରତ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବ୍ଲକ ବିଜେଡି ସୋସିଆଲ ମିଡିଆର ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତି ପଞ୍ଚାୟତର ସୋସିଆଲ ମିଡିଆ ମେମ୍ବର ଓ ବ୍ଲକସ୍ତରୀୟ ଆକ୍ଟିଭ ମେମ୍ବରମାନେ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ବଡ଼ଚଣା ବିଜେଡି ନେତା କ୍ୟାପଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇଥିଲେ। ଆସନ୍ତା ୧୮ ତାରିଖ ଗୁରୁବାର ବ୍ଲକ ବିଜେଡ଼ି ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଘେରଉ କାର୍ଯ୍ୟକ୍ରମ ବିଷୟରେ ଆଲେଚନା ହେବାସହ ବଡ଼ଚଣାର ସମସ୍ତ ପଞ୍ଚାୟତରେ ଦୁର୍ନିତୀ ବିରୋଧରେ ସାମାଜିକ ଗଣମାଧ୍ୟମରେ ବିରୋଧ କରିବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଛନ୍ତି। ସଞ୍ଜୀବ ସାମଲ, ଅକ୍ଷୟ କୁମାର ଲେଙ୍କା, ଜୟପ୍ରକାଶ ସାମଲ, ନିରଞ୍ଜନ ସାମଲ, ଏମ୍‌ଡି ଇମ୍ରାନ, ଶଶି ଦାସ, ପ୍ରୀତିରଞ୍ଜନ ସାହୁ, ଜନ୍ମେଞ୍ଜୟ ତରାଇ, ମିହିର ରାଉତ, ଆଶିଷ ମାହାନ୍ତି, ସତ୍ୟଜିତ ସାମଲ, ତ୍ରିନାଥ ସାମଲ, ଶ୍ରୀକାନ୍ତ ସାମଲ, ଚିକୁନ ମହାରଣା, ରଶ୍ମିରଞ୍ଜନ ବେହେରା, ସୌଭାଗ୍ୟ ବେହେରା, ପରେସ ବେହେରା, ଅଜୟ ବଳ, ସନ୍ତୋସ ମାହାଲା, ଅଭିମନ୍ୟୁ ପ୍ରଧାନ, ଜ୍ୟୋତିରଞ୍ଜନ ସ୍ୱାଇଁ, ସମୀର ସାହୁ, ସେକ ତାରିକୁଦ୍ଦୀନ, ସଞ୍ଜୟ ସିଂ, ରାଜା ମାହାନ୍ତି, ପ୍ରଭୁଦତ୍ତ ଜେନା, ଅମରେନ୍ଦ୍ର ମହାପାତ୍ର, ଦେବବ୍ରତ ଜେନା, ପ୍ରୀୟଜ୍ୟୋତି ମହାପାତ୍ର, ସନ୍ତୋଷ ପାଳ, ସେକ ରଜାକ, ସକ୍ତିକାନ୍ତ ମଲିକ, ଅବିନାଶ ସ୍ୱାଇଁ, ଦୀପ୍ତିମାନ ରାଉତ, ଦୀପକ ରାଉତଙ୍କ ସମେତ ଅନେକ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଦର୍ଶ ଅଭିଭାବକ ସଂଘର ଉପଦେଷ୍ଟା କମିଟି ଗଠିତ



**ଧର୍ମଶାଳା, ୧୪।୯ (ସମିସ):** ଧର୍ମଶାଳା ବ୍ଲକ ଦେଉଳିପାଳ ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଭିଭାବକ ସଂଘର ବୈଠକ ଦେଉଳି ସ୍ଥିତ ମା' ଶାରଳାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଷଷ୍ଠରୁ ଦ୍ୱାଦଶ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ବୈଠକରେ ଯୋଗଦେଇଥିଲେ। ବୈଠକରେ ସ୍କୁଲର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଅଭିଭାବକମାନଙ୍କ କମିଟି ଗଠନ କରାଯାଇଥିଲା। ଯେଉଁଥିରେ ଉପଦେଷ୍ଟା କମିଟିରେ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜଗବନ୍ଧୁ ସ୍ୱାଇଁ ଓ ସଂଘର ପୂର୍ବତନ ସମ୍ପାଦକ କରୁଣାକର ବରାଳଙ୍କୁ ଉପଦେଷ୍ଟା ଭାବରେ ଚୟନ କରାଯାଇଥିଲା। ଏଥିସହ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ବିଭିନ୍ନ ଶ୍ରେଣୀର ଅଭିଭାବକ ମାନଙ୍କ ମଧ୍ୟରୁ ଲକ୍ଷ୍ମୀଧର ବରାଳ, ବିରୁପାକ୍ଷ କର, ଦୀପକ କୁମାର ମହାନ୍ତି, ଲମ୍ବୋଦର ନାୟକ, ସୁଶାନ୍ତ ବେହେରା, ସତ୍ୟନାରାୟଣ ମଲ୍ଲିକ, ପ୍ରଫୁଲ୍ଲ ରାଉତ ଓ ପ୍ରଦୀପ କୁମାର ସେଠୀଙ୍କୁ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବରେ ଚୟନ କରାଯାଇଥିଲା। କମିଟିର ପରାମର୍ଶ କ୍ରମେ ଓ ସମସ୍ତ ଅଭିଭାକଙ୍କ ମତାମତ ଆଧାରରେ ସଂଘ କାର୍ଯ୍ୟ କରିବା ଏବଂ ଶିକ୍ଷାଦାନ ଠାରୁ ଆରମ୍ଭ କରି ବିଭିନ୍ନ ମୌଳିକ ସୁବିଧା ଅସୁବିଧା ଦିଗରେ ସଂଘ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ସୁନାକର ଧିର, ଶୁଭ୍ରାଂଶୁ ଶେଖର ସାମଲ, ବସନ୍ତ ସ୍ୱାଇଁ, ବିଶ୍ୱଜିତ୍ ମିଶ୍ର, ରଞ୍ଜନ ଦଳାଇ, ଅଜୟ ସାମଲ, ସଂଗ୍ରାମ କେଶରୀ ପାଳ, କାଳନ୍ଦୀ ଚରଣ ପଣ୍ଡା, କେଶବ ଚନ୍ଦ୍ର ଖିଲାର, ପ୍ରତାପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଜଗଦୀଶ ବରାଳ ଧନ୍ୟବାଦ୍ ଦେବା ସହିତ ସଭା ସାଙ୍ଗ ହୋଇଥିଲା।

# ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଚଣ୍ଡିଖୋଲ ବଜାର ଉଚ୍ଛେଦ

**ବଡ଼ଚଣା, ୧୪।୯(ସମିସ):** ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚଣ୍ଡିଖୋଲ ଛକ ବଜାରକୁ ଉଚ୍ଛେଦ କରାଯାଉଛି। ଫଳରେ ଦୀର୍ଘବର୍ଷ ଧରି ବିଭିନ୍ନ ବ୍ୟବସାୟ କରି ନିଜ ପରିବାର ଚଳାଇ ଆସୁଥିବା ଅସ୍ଥାୟୀ ବ୍ୟବସାୟୀମାନଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି ହୋଇଛି। କେତେକ ବ୍ୟବସାୟୀ ଏଥିପାଇଁ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ କେମିତି ସେମାନେ ନିଜ ନିଜର ପରିବାର ପ୍ରତି ପୋଷଣ କରିବେ ଏନେଇ ଚିନ୍ତାରେ ପଡ଼ିଯାଇଛନ୍ତି। ସୂଚନା ମୁତାବକ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନମ୍ବର ଜାତୀୟ ରାଜପଥକୁ ସମ୍ପ୍ରସାରଣ ପୂର୍ବକ ଏହାକୁ ୮ ଥାକିଆ ଭାବେ ନିର୍ମାଣ କରାଯାଉଛି। ତେବେ ଏହି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଚଣ୍ଡିଖୋଲ ବଜାର ଠାରେ ଏହି ରାଜପଥ କଡ଼ରେ ଥିବା ସ୍ଥାନକୁ ବେଆଇନ ଭାବେ ଜବରଦଖଲ ପୂର୍ବକ ବିଭିନ୍ନ କିସମର ବ୍ୟବସାୟକରିଆସୁଥିବା ଦୋକାନୀମାନଙ୍କର ଗୃହକୁ ଉଚ୍ଛେଦ କରାଯାଇଛି। ତେବେ ଆଜିର ଏହି ଦୋକାନ ଗୃହ ଉଚ୍ଛେଦ ସମୟରେ ଦର୍ପଣ ଅତିରିକ୍ତ ତହସିଲଦାର ବିରଜା ପ୍ରସାଦ ରାୟ, ବଡ଼ଚଣା ଥାନାଧିକାରୀ ସୁରେନ୍ଦ୍ର କୁମାର ଜେନା ଓ ଚଣ୍ଡିଖୋଲ ଫାଣ୍ଡିରୁ ଏଏସଆଇ ଶ୍ରୀନିବାସ ପଙ୍ଗାରିଙ୍କ ସମେତ ବହୁ ପୁଲିସ ଫୋର୍ସ ଉପସ୍ଥିତ ଥିଲେ।

# ଗୁଣାତ୍ମକ ଜୀବନଚର୍ଯ୍ୟା ଓ ଈଶ୍ୱର ସେବା ବୈଷ୍ଣବର ମୂଳମନ୍ତ୍ର



**ସିଂହପୁର, ୧୪।୯(ସମିସ):** ବିଞ୍ଝାରପୁର ବ୍ଲକ ଅଧୀନ ନରୁଆ ଗ୍ରାମରେ ଶ୍ରୀ ଚୈତନ୍ୟ ସେବା ସଂସଦ ପକ୍ଷରୁ ଗୌରୀୟ ବୈଷ୍ଣବ ପରମ୍ପରାର ବିଗତ ସପ୍ତଦଶ ଶତାବ୍ଦୀରୁ ପ୍ରତିଷ୍ଠିତ ଶ୍ରୀ ମୋହନ ରାୟଜୀଉଙ୍କ ସେବା ଅନୁଷ୍ଠାନର ପଞ୍ଚମ ଅଧସ୍ତନ ସେବାଧ୍ୟକ୍ଷ ସଙ୍କୀର୍ତ୍ତନ ଶିରୋମଣି ଗୋସ୍ୱାମୀ ସୁବଳ ଚରଣ ଦାଶଙ୍କ ୩୫ତମ ପୁଣ୍ୟ ତିରୋଧାନ ଦିବସ ଉପଲକ୍ଷେ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଭୁ ନିତ୍ୟାନନ୍ଦ କୃପାମୂର୍ତ୍ତି, ପ୍ରଭୁପାଦ ଗୋସ୍ୱାମୀ, ଗୋପାଳଚରଣ ଦାଶ ଓ ଭକ୍ତିଭୂଷଣ ମହାରାଜ ସଭାପତିତ୍ୱ କରିଥିଲେ। ଏହି ବୈଷ୍ଣବ ସମ୍ମିଳନୀରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ସାଧୁ ସନ୍ଥ ଏବଂ ବୈଷ୍ଣବମାନେ ଯୋଗଦେଇଥିଲେ। ଉପସ୍ଥିତ ବକ୍ତାମାନେ ଗୋରୀୟ ବୈଷ୍ଣବମାନଙ୍କର ଗଣ ସଂସ୍କାର ଉପଯୋଗୀ ଗୁଣାତ୍ମକ ଜୀବନଚର୍ଯ୍ୟା, ସାମ୍ପ୍ରତିକ ସମାଜରେ ଆଦର୍ଶ ଭାବେ କିଭଳି ଗୋସ୍ୱାମୀ ଚିରକାଳ ଅପାସୋରା ହୋଇରହିଥିବେ ସେ ଉପରେ ବିଶେଷ ଭାବେ ଆଲୋକପାତ କରିଥିଲେ। ବୈଷ୍ଣବ ପରମ୍ପରାରେ ବୈଷ୍ଣବ ସଂସ୍କୃତି ଏକ ଅନନ୍ୟ ଅନବଦ୍ୟ ଗୁଣମଣ୍ଡିତ 'ତୁଳସୀ ମଞ୍ଜରୀ' ରୂପେ ଉପସଂହାର ପୂର୍ବକ ସଭାପତି ଭକ୍ତିଭୁଷଣ ମହାରାଜ ଭକ୍ତିନିକେତନ ପକ୍ଷରୁ ପ୍ରକାଶିତ ତ୍ରୈମାସିକ ପତ୍ରିକା 'ଭକ୍ତିପ୍ରଭା'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପଣ୍ଡିତ ଯଶୋଦାନନ୍ଦନ ଦାଶ, ହରିଭୂଷଣ ଦାସ, ସମିହନ ଦାସ, ପଣ୍ଡିତ ନିମେଇ ଚରଣ କର, ରାମାନନ୍ଦୀ ବାଳକ ରାମଦାସ, ନବକିଶୋର ଦାସ, ଅନନ୍ତ ଚରଣ ମହାନ୍ତି, ମୁରାରୀ ଚୈତନ୍ୟ ଦାସ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ ଗୋସ୍ୱାମୀ ଅଭୟ ଗୋପୀ ବଲ୍ଲଭ ଧନ୍ୟବାଦ ଅର୍ପଣ କରିଥିଲେ।

# ମା' ବିରଜାଙ୍କ ଶାରଦୀୟ ପୂଜା ଆରମ୍ଭ





**ଯାଜପୁର, ୧୪।୯ (ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷର ଶାରଦୀୟ ଦୁର୍ଗୋତ୍ସବ ପାଇଁ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଆଜି ଠାରୁ ମା' ବିରଜା ଦେବୀଙ୍କ ଶାରଦୀୟ ପୂଜା ଆରମ୍ଭ ହୋଇଛି। ଷୋଡ଼ଶୋପଚାର ପୂଜାର ପ୍ରଥମ ଦିନରେ ଘଟ ନିମଜ୍ଜନ ହୋଇ କଳସ ସ୍ଥାପନ ହୋଇଛି। ଆଜି ନିତ୍ୟସ୍ନାନ, ବେଶ ଓ ନିତୀ ପରେ ପହଡ଼ କରାଯାଇଥିଲା। ପହଡ଼ ଖୋଲା ହେବା ପରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ପରେ ଆରମ୍ଭ ହୋଇଥିଲା ଆଜିର ପୂଜା ଆୟୋଜନ। ୭ଟା ୪୫ ମିନିଟରେ ମନ୍ଦିର ଗର୍ଭଗୃହରୁ ମୁଖ୍ୟ ପୂଜକ, ପୁରୋଧା, ଆର୍ଶା, ସମୀଦ୍ଧ, ଛତ୍ର, ତରାଶ, ଘଣ୍ଟ ବାଦ୍ୟ ସହିତ ସମସ୍ତେ ଏକ ଶୋଭାଯାତ୍ରାରେ ଯାଇ ବ୍ରହ୍ମାକୁଣ୍ଡରେ ପହଞ୍ଚିଥିଲେ। ଶୋଭାଯାତ୍ରା ସମୟରେ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ଚଳିତ ବର୍ଷର ମୁଖ୍ୟ ପୂଜକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସୁଜିତ୍ କୁମାର କର ସ୍ନାନ, ତର୍ପଣ, ସଂକଳ୍ପ କରି ସାରିବା ପରେ ଏକ କଳସରେ ଜଳଧରି କଳସଟିକୁ ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ରାତ୍ର ୯ଟା ୩୦ମିନିଟ୍‌ରେ ମହାସ୍ନାନର ଆୟୋଜନ କରାଯାଇ ମହାସ୍ନାନ ଓ ବଡ଼ ସିଂହାର ବେଶ କରାଯାଇଥିଲା। ପରେ ଷୋଡ଼ଶୋପଚାର ପୂଜାର ଆୟୋଜନ ଓ ପରେ ବଡ଼ ନିତୀର ବ୍ୟବସ୍ଥା କରାଯାଇଛି। ଷୋଡ଼ଶୋପଚାର ପୂଜା ପରେ ଘଟ ପୂଜା ଓ ଯଜ୍ଞ କରାଯାଇଛି। ଆଜିର ପୂଜା କାର୍ଯ୍ୟରେ ମନ୍ଦିରର ସମସ୍ତ ପୁରୋଧା ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆର୍ଶା ପାଳିଆ ଭାବେ ରଞ୍ଜନ କୁମାର ପାଣି, ସମୀଧ ପାଳିଆ ଭାବେ ଚନ୍ଦ୍ରଶେଖର ପାଣି, ଚରୁ ପାଳିଆ ନଳିନୀକାନ୍ତ ପାଣି, ଲାଖ ପାଳିଆ ଧନଞ୍ଜୟ ପାଣି ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। କଳସ ଯାତ୍ରା ଆରମ୍ଭ ସମୟରୁ ମନ୍ଦିର ପରିଚାଳନା କମିଟି ତରଫରୁ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ଉପସ୍ଥିତ ରହି କାର୍ଯ୍ୟ ତଦାରଖ କରିଥିବା ବେଳେ ସେବାୟତ ପରିଷଦ ତରଫରୁ ସମସ୍ତ ସହଯୋଗ କରାଯାଇଥିଲା। ଦୈନନ୍ଦିନ ପ୍ରଚଳିତ ନିତୀ ଓ ପୂଜା ବ୍ୟବସ୍ଥାରେ ଆଜିଠାରୁ ବ୍ୟତିକ୍ରମ ଦେଖିବାକୁ ମିଳିଛି। ପାଳିଆ ସେବାୟତ ଦୈନନ୍ଦିନ ନିତୀ ଓ ପୂଜାକାର୍ଯ୍ୟ ତୁଲାଇ ଆସୁଥିବା ବେଳେ ଆଜିଠାରୁ ପୂଜକ ପୂଜା କାର୍ଯ୍ୟ, ପୁରୋଧା ପୁସ୍ତକା କାର୍ଯ୍ୟ, ଓ ରୋଷିଆ ସେବାୟତ ଭାବେ କୃପାସିନ୍ଧୁ ପାଣିଗ୍ରାହୀ ଓ ଅଜୟ କୁମାର ପାଣିଗ୍ରାହୀ ଦାୟିତ୍ୱ ଗ୍ରହଣ କରିଥିବାର ଜଣାଯାଇଛି। ପରମ୍ପରା ଅନୁଯାୟୀ ଏହି ବ୍ୟବସ୍ଥା ଦଶହରା ପର୍ଯ୍ୟନ୍ତ ଚାଲୁ ରହିବ। ମନ୍ଦିର ସିଂହଦ୍ୱାର ଖୋଲା ରହିଥିବାରୁ ମନ୍ଦିର ସମ୍ମୁଖରେ ଓ ଭିତରେ ପୁଲିସ ବ୍ୟବସ୍ଥା କରାଯାଇଥିବା ବେଳେ ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ରହି ପୂଜା କାର୍ଯ୍ୟରେ ସହଯୋଗ କରିବାକୁ ମୁଖ୍ୟ ପରିଚାଳକ ନିର୍ଦ୍ଦେଶ ଦେଇଥିବାର ଜଣାଯାଇଛି। ରାତି ୮ଟା ୧୫ରୁ ବ୍ରହ୍ମାକୁଣ୍ଡରୁ କଳସ ଯାତ୍ରା କରାଯାଇ ୯ଟା ମନିଟରେ ମନ୍ଦିର ପ୍ରବେଶ କରାଯାଇଥିଲା। ପରେ ୧୦ଟାରେ ମହାସ୍ନାନ କରାଯାଇ ୧୧ଟା ୩୦ ମିନିଟରେ ଷୋଡ଼ଶୋପଚାର ପୂଜା ଆରମ୍ଭ କରାଯାଇଛି। ମନ୍ଦିରର କର୍ମଚାରୀ ମଳୟ କୁମାର ପଣ୍ଡା, ସୁଧାରଞ୍ଜନ ପଣ୍ଡା, ପ୍ରଭାତ କୁମାର ପତି ଉପସ୍ଥିତ ରହି କଳସ ଯାତ୍ରା ଓ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ମନ୍ଦିର ପରିସରରେ ପୂଜା କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ପାଇଁ ବ୍ୟାପକ ପୁଲିସ ମଧ୍ୟ ମୁତୟନ ହୋଇଛନ୍ତି।

### ମା' ବିରଜାଙ୍କ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥା ଢ଼ିଲା

## ଜୋତା ପିନ୍ଧି ମନ୍ଦିର ଭିତରେ ଶ୍ରଦ୍ଧାଳୁ



**ଯାଜପୁର:** ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ପୀଠରେ ଚାଲିଛି ପିତୃପୁରୁଷଙ୍କୁ ପିଣ୍ଡଦାନ। ବିରଜା ମନ୍ଦିର ପରିସରରେ ଥିବା ନାଭିଗୟାରେ ପିତୃ ପୁରୁଷଙ୍କୁ ପିଣ୍ଡଦାନ ପାଇଁ ସାରା ଦେଶରୁ ଲୋକଙ୍କ ସୁଅଛୁଟିଛି। ବିଶ୍ୱାସ ରହିଛି ଏହି ସମୟରେ ନାଭିଗୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ କଲେ ୨୧ପୁରୁଷ ପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତି ହୋଇଥାଏ। ଏଥିପାଇଁ ମନ୍ଦିର ପରିସରରେ ପ୍ରବଳ ଜନସମାଗମ ହୋଇଛି। କିନ୍ତୁ ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ନଥିବାରୁ ମନ୍ଦିର ପରିସରରେ ନାନା ବିଶୃଙ୍ଖଳା ଦେଖିବାକୁ ମିଳିଛି। ମନ୍ଦିର ଭିତରକୁ ଶ୍ରଦ୍ଧାଳୁ ମାନେ ଜୋତା ପିନ୍ଧି ଯାଇଥିବା ଫଟୋ ଆଜି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମନ୍ଦିର ଦ୍ୱାରରେ ଶ୍ରଦ୍ଧାଳୁ ମାନଙ୍କୁ ଠିକଣା ଯାଞ୍ଚ କରାଯାଉନଥିବାରୁ ଏଭଳି ବ୍ୟତିକ୍ରମ ଦେଖାଦେଇଛି। ଯାହାକୁ ନେଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସାଧାରଣ ରେ ଦାବି ହେଉଛି।

## ବିଶ୍ୱ ପ୍ରାଥମିକ ପ୍ରତିବିଧାନ ଦିବସ



ଡାବୁଗାଁ, ୧୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ଡ଼ାବୁଗାଁ ବ୍ଲକ ସଦରମହକୁମା ସ୍ଥିତ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଭାରତୀୟ ରେଡକ୍ରସ ଓଡିଶା ରାଜ୍ୟ ଶାଖା ତରଫରୁ ବିଶ୍ୱ ପ୍ରାଥମିକ ପ୍ରତିବିଧାନ ଦିବସ ଶନିବାର ପାଳିତ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଡ଼ାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା. ବଦ୍ରି ପ୍ରାସାଦ ନୟକ ଯୋଗ ଦେଇ ରେଡକ୍ରସ୍ ଓ ପ୍ରାଥମିକ ପ୍ରତିବିଧାନ ଉପରେ ବିଷଦ ଭାବରେ ବୁଝାଇଥିଲେ। ପରେ ଉକ୍ତ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ନାହାକ ଛାତ୍ର ଛାତ୍ରୀ ମାନଙ୍କୁ ରେଡକ୍ରସ୍ ବିଷୟରେ ବୁଝାଇବା ସହ ରେଡକ୍ରସ ଉପରେ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ସମସ୍ତ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିବା ବେଳେ ରେଡ୍ ରିବନ କାଉନ୍ସିଲର ପ୍ରତୀକ୍ଷା ପ୍ରିୟଦର୍ଶନୀ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ଆରଏସ୍ଏସ୍ ପକ୍ଷରୁ ଦଶମୀ ଉତ୍ସବ ପ୍ରସ୍ତୁତି ବୈଠକ



ଗୁଡାରୀ,୧୪।୯ (ସମିସ): ଗୁଡାରୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରାଷ୍ଟ୍ରୀୟ ସେବକ ସଂଘ ତରଫରୁ ବିଜୟା ଦଶମୀ ଉତ୍ସବ ପ୍ରସ୍ତୁତି ବୈଠକ ଗତ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ କରି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଗୁଡାରି ଶାଖା ତରଫରୁ ଥିବା ବିଜୟ ଦଶମୀ ଦିନ ମା'ଙ୍କ ନାମରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ନିଷ୍ପତ୍ତି ନିଆ ଯାଇଥିଲା। ଏହି କାର୍ଯ୍ୟକ୍ରମ ଚଳିତ ମାସ ୨୯ ତାରିଖ ସୋମବାର ଦିନ ଗୁଡାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମହାଆଡମ୍ବରରେ କରିବା ପାଇଁ ବୋଲି ସମସ୍ତ ସ୍ୱୟଂ ସେବକ ତରଫରୁ ନିଷ୍ପତ୍ତି ନିଆଯାଇଛି । ସଂଘର ସଂଯୋଜକ ମାଲୁ ବାରିକ, ସହ ସଂଯୋଜକ ଏସ ତିରୁମୂଳା, ସଦସ୍ୟ ଭି ଆଦିତ୍ୟ, ରଞ୍ଜନ ରଥ,ବି ତିରୁମୂଳା, ବାସୁଦେବ ପାଣିଗ୍ରାହୀ, ଅମୀୟ ପୁରୋହିତ ଏବଂ ସ୍ୱୟଂସେବକ ମାନେ ଉପସ୍ଥିତ ରହି ବିଜୟା ଦଶମୀ କିପରି ଶାନ୍ତି ଶୃଙ୍ଖଳାରେ ହେବ ନିଷ୍ପତ୍ତି ନେଇଥିଲେ। ସେହିପରି ଗୌଡ଼ ଢେପାଗୁଡା ଖଣ୍ଡରେ ୩୦ ତାରିଖ ଏବଂ ଏମ୍‌କେ ରାଇଖଣ୍ଡରେ ୨୮ ତାରିଖରେ ଆୟୋଜନ କରାଯିବ ବୋଲି ସଂଘ ତରଫରୁ ସୂଚନା ଦେଇଛନ୍ତି।

## ଛାତ୍ରଛାତ୍ରୀଙ୍କୁ ତାଲୁକା ଆଇନ୍ ସେବା କମିଟିର ସଚେତନତା



ପଦ୍ମପୁର,୧୪।୯ (ସମିସ): ରାୟଗଡ଼ା ଜିଲ୍ଲାର ପଦ୍ମପୁର ଆରଜି କଲେଜ ପରିସରରେ ଗୁଣପୁର ତାଲୁକା ଆଇନ୍ ସେବା କମିଟି ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରଛାତ୍ରୀ ମାନେ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ସଂଗୀତ ମାଧ୍ୟମରେ ସ୍ୱାଗତ ଓ ଅଭ୍ୟର୍ଥନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ ଆରଜି କଲେଜ ଅଧ୍ୟକ୍ଷ ଅଶୋକ କୁମାର ଦାସ ଏବଂ ଆଇନଜୀବୀ ରମେଶ ଚନ୍ଦ୍ର ଲିମା। ଏହି ସଚେତନତା କାର୍ଯ୍ୟକ୍ରମରେ ପ୍ରାୟ ୩ ଶହରୁ ଅଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସଚେତନତା କାର୍ଯ୍ୟକ୍ରମରେ ଗୁଣପୁର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକ, ଗୁଣପୁର ବରିଷ୍ଠ ଦେଓନୀ ବିଚାରପତି ସୁମିତ୍ରା ସାହୁ, ଗୁଣପୁର ଉପଖଣ୍ଡୀୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ଦେଓନୀ ବିଚାରପତି (କନିଷ୍ଠ) ସୁଶ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ପଦ୍ମପୁର ଜୁଡିସିଆଲ୍ ମାଜିଷ୍ଟ୍ରେଟ କୋର୍ଟ ବିଚାରପତି ଶୁଭଙ୍କର ମହାନ୍ତି, ଗୁଣପୁର ସବ୍ କଲେକ୍ଟର ଦୁଧାଲା ଅଭିଷେକ ଦିଲୀପ, ଗୁଣପୁର ଓକିଲ ସଂଘ ସଭାପତି ଗୌରୀଶଙ୍କର ଦାସ, ଡ.ମନୋଜ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ନୂତନ ଆଇନ ସଂପର୍କରେ ଅବଗତ କରାଯାଇଥିଲା। ଏହି ସମୟରେ ପଦ୍ମପୁର ଥାନା ଅଧିକାରୀ ଧରଣୀଧର ପ୍ରଧାନ ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଆରଜି ମହାବିଦ୍ୟାଳୟର ଅଧ୍ୟାପକ ସୁବାଷ ଚନ୍ଦ୍ର ସାହୁ, ରମେଶ ଚନ୍ଦ୍ର ପଣ୍ଡା, ରମେଶ ଚନ୍ଦ୍ର ଦୋରା, ବାଞ୍ଛାନିଧି ଦାସ, ରଶ୍ମିତା ସ୍ୱାଇଁ, ପଞ୍ଚାନନ ଶତପଥି, ଶଙ୍କର ପ୍ରସାଦ ନାୟକ, ସନ୍ତୋଷ, ଭବାନୀ ରାଓ,ମଲିକେଶ୍ୱର ନାଇଡୁ, ରମେଶ ପାଣିଗ୍ରାହୀଙ୍କ ସହ ବହୁ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ବହୁ କମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ମନୋଜ କୁମାର ଶତପଥୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

**ବିନା ଟେଣ୍ଡରରେ ପାର୍କିଂ ଫି' ଆଦାୟ**

# ବଟି ଆଦାୟ ମାମଲାରେ ୪ ଗିରଫ

ବୈପାରିଗୁଡ଼ା,୧୪।୯ (ସମିସ): ବିନା ଟେଣ୍ଡରରେ ପାର୍କିଂ ଫି ଆଦାୟ ପଡିଲା ମହଙ୍ଗା। ବଟି ଆଦାୟ ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚଲାଣ କରିଛି ପୁଲିସ। ଗିରଫ ଅଭିଯୁକ୍ତ ହେଲେ ରାମଗିରି ଅଞ୍ଚଳର ରଞ୍ଜିତ ସାଗର (୧୯), ଭଗବାନ ଖରା (୧୯), ଆକାଶ ହରିଜନ (୨୦) ଏବଂ କିରଣ ଡଙ୍ଗରି । ସୂଚନା ଅନୁଯାୟୀ, ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ରାମଗିରି ସାପ୍ତାହିକ ହାଟରେ ଆସୁଥିବା ଦୁଇ ଚକିଆ ବାଇକ୍‌କୁ ଦଶ ଟଙ୍କା ଏବଂ ୩ ଚକିଆ ଅଟୋ ଓ ଚାରି ଚକିଆ ଗାଡିକୁ ୨୦ ଟଙ୍କା ଲେଖାଏଁ ପାର୍କିଂ ଫି ଆଦାୟ କରୁଥିଲେ ଅଭିଯୁକ୍ତ ମାନେ। ଯାହାକି ବିନା ଟେଣ୍ଡର ରେ ଆଦାୟ କରାଯାଉଥିଲା । ଯାହାକୁ ନେଇ ବୈପାରୀଗୁଡା ଥାନାରେ ମାଁ ବୀରଖମ୍ବ ମୋଟର ଚାଳକ ସଂଘ ଏବଂ ଓଡିଶା ଡ୍ରାଇଭର ସଂଘ ପକ୍ଷରୁ ଏତଲା ଦିଆଯାଇଥିଲା। ଏତଲା ଅନୁଯାୟୀ, ଚାରି ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚଲାଣ କରାଯାଇଛି। ସୂଚନା ଥାଉକି, ରାମଗିରି ପଞ୍ଚାୟତ ତରଫରୁ ସାପ୍ତାହିକ ହାଟରେ ସାଇକଲ ଷ୍ଟାଣ୍ଡ ପାଇଁ ଟେଣ୍ଡର ହୋଇଥାଏ। ଗତବର୍ଷ ବୀରଖମ୍ବ ଯୁବକ ସଂଘ ସାଇକେଲ ଷ୍ଟାଣ୍ଡର ଟେଣ୍ଡର ପାଇଥିଲେ। ରସିଦ ଦ୍ୱାରା ପାର୍କିଂ ଫି ଆଦାୟ କରୁଥିଲେ। କିନ୍ତୁ ଚଳିତ ବର୍ଷ ସାଇକଲ୍ ଷ୍ଟାଣ୍ଡ ପାଇଁ ପଞ୍ଚାୟତ ତରଫରୁ କୌଣସି ଟେଣ୍ଡର ଆହ୍ୱାନ କରାଯାଇନଥିବା ବେଳେ କିଛି ଯୁବକ ରାମଗିରି ସାପ୍ତାହିକ ହାଟରେ ଆସୁଥିବା ଗାଡ଼ି ଗୁଡ଼ିକୁ ରସିଦ ଦେଇ ଜୋରଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ଯଦି ଯିଏ ନ ଦିଏ ସେମାନଙ୍କୁ ମାରପିଟ୍ କରିବା ସହ ଜୋରଜବରଦସ୍ତ ବଟି ଆଦାୟ କରାଯାଉଥିଲା। ଯାହାକୁ ବିରୋଧ କରି ଥାନାରେ ଅଭିଯୋଗ ପରେ ଅଭିଯୁକ୍ତ ମାନେ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ଡମ୍ବୁରୁଧର ବାତ୍ରିଆ ସୂଚନା ଦେଇଛନ୍ତି।



## ସିଟି ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ



ଜୟପୁର,୧୪।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ଠାରେ ରାଷ୍ଟ୍ରଭାଷା ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅନୁବାଦକ ମହେନ୍ଦ୍ର କୁମାର ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସଂଗୀତଜ୍ଞ ଧିରେନ ମୋହନ ପଟ୍ଟନାୟକ ରମଣ ସ୍ମାରକୀ ଟ୍ରଷ୍ଟ ସଦସ୍ୟ ତଥା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ରାଧାମୋହନ ପଣ୍ଡା, ତେଲୁଗୁ ସଂସ୍କୃତି ସମିତିର ସଭାପତି ବୀରେଶ ପଟନାୟକ, ସିଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟନାୟକ ଏବଂ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଏ. ଶ୍ରୀନିବାସ ରାଓ ଏବଂ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ମହମ୍ମଦ ୱାହେଦ ଶରିଫ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାମନ୍ତରାୟ ହିନ୍ଦୀ ଭାଷାକୁ ନେଇ ନିଜ ବୃତ୍ତିଗତ ଜୀବନ ଗଢ଼ିବାର ବିଭିନ୍ନ ସୁଯୋଗ ବିଷୟରେ କହିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ ହିନ୍ଦୀ ଶିଖିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଶ୍ରୀ ପଟ୍ଟନାୟକ ଜୟପୁରରେ ହିନ୍ଦୀକୁ ଲୋକପ୍ରିୟ କରିଥିବା ସ୍ୱର୍ଗତ ହିନ୍ଦୀ ଶିକ୍ଷକ ଭଙ୍କେଟରମଣଙ୍କ ନିଃସ୍ୱାର୍ଥପର ସମର୍ପଣକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ର ଚକ୍ର ସୁପ୍ରିୟା ପରିଚାଳନା କରିଥିଲେ। ସାଇ ସ୍ମୃତି ପଟନାୟକ, ଅନନ୍ୟା ଶତପଥୀ ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ବରିଷ୍ଠଙ୍କ ପାଇଁ ପ୍ରବନ୍ଧ, ବିତର୍କ ଏବଂ କବିତା ଲେଖା ଏବଂ ଜୁନିଅରଙ୍କ ପାଇଁ କବିତା ପାଠ, ପୋଷ୍ଟର ତିଆରି, କାହାଣୀ କହିବା ଏବଂ ସୁଧା ଲିଖନ କରାଯାଇଥିଲା। ଏହି ଅବସରରେ ସିଟି ଇଂରାଜୀ ମାଧ୍ୟମ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ କଳ୍ପନା ରଥ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ପପିତା ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ନବମ ଶ୍ରେଣୀର ଛାତ୍ର ଆୟୁଷ ପଟ୍ଟନାୟକ କି-ବୋର୍ଡ ମାଧ୍ୟମରେ ସଂଗୀତ ଧୁନ୍ ବଜାଇଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ପ୍ରତାପ କୁମାର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ନିର୍ମାଣ ଶ୍ରମିକ କାର୍ଡ ପାଇଁ ଅର୍ଥ ଆଦାୟ !

ଉମରକୋଟ,୧୪।୯ (ସମିସ): ଲେବର କାର୍ଡକୁ ପ୍ରତିବର୍ଷ ନବୀକରଣ ହେଉ କି ନୂତନ କାର୍ଡ କରାଯିବା ନେଇ ଶ୍ରମିକମାନେ ଅଜ୍ଞ ଥିବାବେଳେ ତିନି ବର୍ଷ ମଧ୍ୟରେ ନବୀକରଣ କରାନଗଲେ କାର୍ଡ ବାଜ୍ୟାପ୍ତ ହେବା ନେଇ ରାଜ୍ୟ ଶ୍ରମ ବିଭାଗର ନିୟମ ରହିଛି । ତେଣୁ ଶ୍ରମ ବିଭାଗ ତରଫରୁ ଏହି ବିଷୟ ନେଇ ସଚେତନତାର ଅଭାବ ରହିଥିବା ସାଧାରଣରେ ଆଲୋଚନା ହେଉଛି। କମ୍ ନାହିଁ ଦଲାଲ ରାଜ୍। ନବରଙ୍ଗପୁର ଜିଲ୍ଲା ଉମରକୋଟ,ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ଅଞ୍ଚଳ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗାଁ ଗାଁ ରେ ଦଲାଲ ମାନେ ସକ୍ରିୟ ହେଉଥିବା ବେଳେ ଗରିବ ଖଟିଖିଆ ମାନଙ୍କୁ ପ୍ରବର୍ତ୍ତାଇ ଦଲାଲ ମାନେ ସକ୍ରିୟ ହୋଇ ଅର୍ଥ ଆଦାୟ କରୁଥିବା ଦେଖିବାକୁ ମିଳିଛି। ଅସାଧୁ ବ୍ୟକ୍ତିଙ୍କ ହାତରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ ପାଇଁ ଶ୍ରମିକ ପଞ୍ଜିକରଣ ଓ ନିର୍ମାଣ ଶ୍ରମିକ କାର୍ଡ କରାଇଦେବା ନାଁରେ କରାଯାଉଛି ଶୋଷଣ। ଯାହା ଏବେ ଉମରକୋଟ, ଝରିଗାଁ, ଚନ୍ଦାହାଣ୍ଡି, ରାଇଘର ଅଞ୍ଚଳରେ ଦେଖିବାକୁ ମିଳିଛି। ତେବେ କାର୍ଡ ପିଛା ପାଞ୍ଚଶହରୁ ହଜାରେ ଟଙ୍କା ଲେଖାଏଁ ଚଳୁ କରି ଶ୍ରମିକଙ୍କୁ ଠକୁଛନ୍ତି ଦଲାଲ ମାନେ। ଜିଲ୍ଲାର ଶହ ଶହ ନିର୍ମାଣ ଶ୍ରମିକଙ୍କଠାରୁ ଦଲାଲ ମାନେ ଲେବର କାର୍ଡ କରାଇ ଦେବା ନାଁରେ ପାଞ୍ଚଶହରୁ ହଜାରେ ଟଙ୍କା ଲେଖାଏଁ ଠକି ନେଉଥିବା ନଜରକୁ ଆସିଛି। ମହିଳା ଓ ପୁରୁଷ ଦଲାଲ ଶ୍ରମିକଙ୍କୁ ଠକୁଥିବା ଜଣାପଡିଛି। ଗାଁ ଗାଁ ବୁଲି ଶ୍ରମିକଙ୍କୁ ଲେବର କାର୍ଡ କରାଇ ଦେବା ନାଁରେ ଟଙ୍କା ଆଦାୟ କରୁଛନ୍ତି। ଏହାର ବାସ୍ତବ ଚିତ୍ର ଜାଣିବା ପାଇଁ ଶ୍ରମ ବିଭାଗ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଶ୍ରମିକ ପଞ୍ଜିକରଣ ଏକ ସରକାରୀ ବ୍ୟବସ୍ଥା। କୌଣସି ବେସରକାରୀ ଲୋକ ବା ଦଲାଲ ଏହା କରିପାରିବେ ନାହିଁ। ଯଦି ଦଲାଲ ସକ୍ରିୟ ହୋଇ କରୁଛନ୍ତି , ତେବେ ଏହାର ତଦନ୍ତ ହେବ। ଯଦି ଦଲାଲମାନେ ନିରୀହ ଗରିବ ଖଟିଖିଆ ଦିନ ମଜୁରିଆ ମାନଙ୍କୁ ଶ୍ରମକାର୍ଡ କରାଇଦେବା ନାଁରେ ଟଙ୍କା ଠକି ନେଉଛନ୍ତି। ତଦନ୍ତ କରି ଦଲାଲ ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲ୍ଲାସ୍ତରୀୟ ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ବୈଠକ

ପାପଡାହାଣ୍ଡି,୧୪।୯ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଡାକ ବଙ୍ଗଳା ଠାରେ ଜିଲ୍ଲାସ୍ତରୀୟ ଏକ୍ସକେଡରର ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏକ୍ସ କ୍ୟାଡର ଶିକ୍ଷକ ସଂଘ ଜିଲ୍ଲା ସଭାପତି ସୁଜିତ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ଏକ୍ସକ୍ୟାଡର ମହାସଂଘର ସଭାପତି ଜୟନ୍ତଲାଲ ସାହୁ, ରାଜ୍ୟ ସଂଘ କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ ଓ ରାଜ୍ୟ ସଂଘ ସାଧାରଣ ସମ୍ପାଦକ ହନେସ ପାତ୍ର ଯୋଗ ଦେଇଥିଲେ। ଏହି ବୈଠକରେ ମହାସଂଘକୁ କିପରି ସୁଦୃଢ଼ କରାଯାଇପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା। ଦୀର୍ଘ ୨୫ ବର୍ଷ ଧରି ଏକ୍ସ କ୍ୟାଡର ଶିକ୍ଷକମାନେ ଶିକ୍ଷା ବିଭାଗରେ ଶିକ୍ଷକର ସମସ୍ତ ଦାୟିତ୍ୱ ତୁଲାଇ ଥିବା ବେଳେ ସରକାର ସେମାନଙ୍କୁ କ୍ୟାଡର ଭୁକ୍ତ ନ କରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ରାଜ୍ୟ ସଂଘ ସଭାପତି ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ ଏକ୍ସ କ୍ୟାଡର ଶିକ୍ଷକ କିପରି କ୍ୟାଡର ଭୁକ୍ତ ହୋଇ ପାରିବେ ଏଥିପାଇ ରାଜ୍ୟ ସଂଘ ସରକାରଙ୍କ ନିକଟରେ ଦୃଢ଼ ଦାବି ଉପସ୍ଥାପନା କରିଥିବା ରାଜ୍ୟ ସଂଘର କର୍ମକର୍ତ୍ତା ମାନେ ବୈଠକରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲା ସଂଘର ସମସ୍ତ କର୍ମକର୍ତ୍ତା ମାନେ ଉପସ୍ଥିତ ଥିବା ବେଳେ ୧୦ଟି ବ୍ଲକ ସଭାପତି ଓ ସମ୍ପାଧକ ଏକ୍ସ କ୍ୟାଡର ଶିକ୍ଷକ ମାନେ ଉପସ୍ଥିତ ଥିଲେ। ଏହି ବୈଠକକୁ ଶିକ୍ଷକ ଦିଲୀପ ସ୍ୱାଇଁ ପରିଚାଳନା କରିଥିଲେ।

## ଅସ୍ଥାୟୀ କର୍ମଚାରୀଙ୍କ ଗୋଟିଏ ମାସର ଦରମା ଦେଲା ଠିକାସଂସ୍ଥା

ଜୟପୁର,୧୪।୯ (ସମିସ): କୋରାପୁଟ ଜିଲ୍ଲା ଜୟପୁର ଜିଲ୍ଲା ଚିକିତ୍ସାଳୟର କାର୍ଯ୍ୟରତ ଅସ୍ଥାୟୀ ସଫେଇ ଏବଂ ସୁରକ୍ଷା କର୍ମୀ ମାନେ ଗତକାଲି କାର୍ଯ୍ୟବନ୍ଦ ଆନ୍ଦୋଳନ ଏବଂ ଧାରଣା ଦେଇଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ ଗତ ୨ ମାସରୁ ଊଣା ହେଲାଣି ମାସିକ ଦରମା ଠିକାସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇନାହିଁ। ଏହିପରି ଚିକିତ୍ସାଳୟରେ କାର୍ଯ୍ୟରେ ବାଧାସୃଷ୍ଟି ହେବା ଯୋଗୁଁ ଚିକିତ୍ସାଳୟ କର୍ତ୍ତୃପକ୍ଷ ଠିକାସଂସ୍ଥା ଉପରେ ଚାପ ସୃଷ୍ଟି କରିଥିଲେ। ଗତକାଲି ସଂଧ୍ୟାରେ ସଫେଇ କର୍ମଚାରୀ, ସୁରକ୍ଷା କର୍ମୀ, ସେବିକା, ନର୍ସ ଏବଂ ଅନ୍ୟାନ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ଗତ ଏକମାସ ଦରମା ପ୍ରଦାନ କରାଯାଇଥିବା ବେଳେ ଆସନ୍ତା ସୋମବାର ସୁଦ୍ଧା ବକେୟା ରହିଥିବା ଅନ୍ୟଏକ ମାସର ଦରମା ପ୍ରଦାନ କରିବା ନେଇ ପ୍ରତିଶୃତି ଦେଇଛନ୍ତି। ଗତକାଲି ସଂଧ୍ୟାରୁ ସେବିକା ଏବଂ ସଫେଇ କର୍ମଚାରୀ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ଆଜି ପୂର୍ବାହ୍ନ ଠାରୁ ଅନ୍ୟାନ୍ୟ କର୍ମଚାରୀ ମାନେ କାର୍ଯ୍ୟରେ ଯୋଗଦେବା ସହ ଚିକିତ୍ସାଳୟର ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଛି। ଅସ୍ଥାୟୀ କର୍ମଚାରୀ ମାନଙ୍କୁ ପ୍ରଦାନ କରାଯାଇଥିବା ନୂତନ ଭବନରେ ଏକ ଗୋଟିଏ କୋଠରୀକୁ ପୁଲିସ ଆଉଟପୋଷ୍ଟ ପାଇଁ ପ୍ରଦାନ କରାଯିବ ଏବଂ ଭବନରେ ଅନ୍ୟ ଏକ କୋଠରୀକୁ ଅସ୍ଥାୟୀ କର୍ମଚାରୀଙ୍କୁ ବିଶ୍ରାମ ପାଇଁ ପ୍ରଦାନ କରାଯାଇଛି। ସେହିପରି ଭବନର ଏମସିସି ଚିକିତ୍ସାଳୟରେ ମଧ୍ୟ ଏକ କୋଠରୀ ବିଶ୍ରାମ ପାଇଁ ଅସ୍ଥାୟୀ କର୍ମଚାରୀ ମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଛି। ଆବଶ୍ୟକ କକ୍ଷର ଅଭାବ ଯୋଗୁଁ ପ୍ରତ୍ୟେକ ମହଲାରେ ବିଶ୍ରାମ କକ୍ଷ ପ୍ରଦାନ କରିବାରେ ସମସ୍ୟା ରହିଛି ବୋଲି ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରକାଶ କରାଯାଇଛି।

## ଏସ୍‌ବିଆଇର ମେଗା ସିଏସ୍‌ପି ବୈଠକ




ବାଲଡ଼ା,୧୪।୯ (ସମିସ): ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ଜୟପୁରର ଏସ ଏସ କନଭେନସନ ହଲରେ ଏକ ମେଗା ସିଏସପି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାୟ ୩୭୦ ସିଏସପି ଏବଂ ବିସି ପ୍ରତିନିଧି ଏହି ବୈଠକରେ ଯୋଗ ଦେଇଥିଲେ। ଆଞ୍ଚଳିକ ପରିଚାଳକ ସୁବାଷ ଚନ୍ଦ୍ର ବେହେରା ଏହି ଅବସରରେ ଯୋଗଦେଇଥିଲେ। ତାଙ୍କ ଅଭିଭାଷଣରେ ଆରଏମ୍‌ସାର୍ ସିଏସପିଗୁଡ଼ିକର ମାର୍ଗଦର୍ଶନ ଏବଂ ଉନ୍ନତି ପାଇଁ ନିଷ୍କ୍ରିୟ ପିଏମଜେଡିୱାଇ ଆକାଉଣ୍ଟଗୁଡ଼ିକର କେୱାଇସି ଅପଡେସନ୍, ଆଇଆରଏଆର୍ ଆକାଉଣ୍ଟ ଖୋଲିବା ଫର୍ମ ସଂଗ୍ରହ, ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ସମସ୍ତ ଯୋଗ୍ୟ ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରିବା।, ଆକାଉଣ୍ଟ ଖୋଲିବା ବୃଦ୍ଧି କରିବା ପ୍ରଭୃତି ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ଆରବିଓ ଏବଂ ବିସି ପ୍ରତିନିଧିଙ୍କ ଏଫଆଇ ଅଧିକାରୀ ଏବଂ ଆରଏମସାର୍ ଦ୍ୱାରା ସିଏସପିମାନଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଏକ ଖୋଲା ମଞ୍ଚ ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଏବଂ ଆଞ୍ଚଳିକ କାର୍ଯ୍ୟାଳୟ/ଜୋନାଲ କାର୍ଯ୍ୟାଳୟ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ଅଭିଯାନର ବିଜେତାମାନଙ୍କୁ ଜଗ ସାର୍ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମଟି ପରିଚାଳକ ଜିତେନ ଜେନାଙ୍କ ଦ୍ୱାରା ସଂଯୋଜିତ ହୋଇଥିଲା।

## ଯୁବ ବିଜେଡ଼ି ନେତାଙ୍କ ପିତୃ ବିୟୋଗ



ନନ୍ଦପୁର,୧୪।୯ (ସମିସ): ନନ୍ଦପୁର ବ୍ଲକର ଯୁବ ବିଜେଡ଼ି ନେତା ନୁର୍ ମହମ୍ମଦଙ୍କ ପିତା ଗୁଲ ମହମ୍ମଦଙ୍କ ପରଲୋକ ହୋଇଯାଇଛି। ରବିବାର ମଧ୍ୟାହ୍ନ ରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ଥୁବା ଗ୍ରାମକୁ ମର ଶରୀର ଆସିବା ପରେ ସୋମବାର ଅନ୍ତ୍ୟେଷ୍ଟି କ୍ରିୟା ହେବ ବୋଲି ଜଣାପଡିଛି। ସ୍ୱର୍ଗତ ଗୁଲ ମହମ୍ମଦ ଏହି ଅଞ୍ଚଳର ଜଣେ ଜଣାଶୁଣା ଠିକାଦାର ଭାବେ ପରିଚିତ ରହିଥିଲେ।

# ଟାୱାର ଅଛି, ନେଟୱର୍କ ନାହିଁ

**ସମସ୍ୟା ସମାଧାନ ପାଇଁ ଦାବି**

ކ



କଲ୍ୟାଣସିଂହପୁର,୧୪।୯ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତରେ ଜିଓ ନେଟୱାର୍କ ସଂଯୋଗ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିୟମଗିରି ପାହାଡ଼ରେ ବସବାସ କରୁଥିବା ଆଦିମ ବିରଳ ଡଙ୍ଗରିଆ କନ୍ଧଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ସରକାର ଚେଷ୍ଟା କରୁଛନ୍ତି। ଅଞ୍ଚଳକୁ ରାସ୍ତାଘାଟ, ବିଜୁଳି, ଶିକ୍ଷା, ଅଙ୍ଗନବାଡି, ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ସହ ଜିଓ ନେଟୱର୍କର ବ୍ୟବସ୍ଥା କରାଯାଇଛି। ପାର୍ଶାଲି ପଞ୍ଚାୟତର ଡଙ୍ଗରିଆ ଗ୍ରାମ ମଧ୍ୟରୁ ୯ଟି ଗ୍ରାମରେ ପାର୍ଶାଲି, ଭାଲେରି, ପାତଲମ୍ବା ,ପାରାମାଲି, ପଞ୍ଚକୁଡି, ତେନ୍ତୁଳିପଦର, ଟାମକଶିଲି, ନିର୍ଗୁଣ୍ଡି, ବଡ଼ଡେଙ୍ଗିଲେଲି, ରିଲିଆନ୍ସ ଜିଓ ଟାୱାର ନେଟୱର୍କର କାର୍ଯ୍ୟ ଶେଷ କରାଯାଇଛି। ସେଥିରୁ କିଛି ଜିଓ ନେଟୱାର୍କ ଚାଲୁଥିବା ବେଳେ ବଡଡେଙ୍ଗିନେଲି, ନିଶିଖାଲ ଓ ନିରଗୁଣ୍ଡି ଟାୱାରରେ ଜିଓ ନେଟୱାର୍କ ଲାଇନ ସଂଯୋଗ କରାଯାଉନାହିଁ। ସେଥିରୁ ବଡ଼ ଡେଙ୍ଗିଲେଲି ଗ୍ରାମରେ ଦୁଇବର୍ଷ ହେବ ଟାୱାର କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ନେଟୱାର୍କ ସଂଯୋଗ କରାଯାଇ ନାହିଁ ବୋଲି ଉକ୍ତ ଗ୍ରାମର ଲେଲି କୌଶଲ୍ୟା, ସାନ କୌଶଲ୍ୟା, ବଡ଼ ସିକକା, କାଟ୍ରୁ ଶିକକା, ଡମ୍ବୁ ସିକକା, ଶ୍ୟାମ ସିକକା ପ୍ରମୁଖ ଅଭିଯୋଗ କରିଛନ୍ତି।

## ରକ୍ତଦାନ ଶିବିରରେ ୪୮ ୟୁନିଟ୍ ରକ୍ତ ସଂଗ୍ରହ



ଜୟପୁର,୧୪।୯ (ସମିସ): ଜୟପୁର ସହରର ଅରବିନ୍ଦନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଏବଂ କେଶବ ସେବା ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଆଜି ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ରକ୍ତଦାନ ଶିବିରଟିକୁ ଆୟୋଜନ କରିଥିଲେ ବିଦ୍ୟା ମନ୍ଦିରର ପୂର୍ବ ଛାତ୍ର ସଂଗଠନ ଏବଂ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜର ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପଶ୍ଚିମ ପ୍ରାନ୍ତ ବ୍ୟବସ୍ଥା ପ୍ରମୁଖ ସୁଶିଲ ଜୈନ, ନଗର ସଂଘ ଚାଳକ ଡ. ନିରଞ୍ଜନ ମିଶ୍ର ,ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ପ୍ରେମାନନ୍ଦ ନାୟକ ଏବଂ ଦାମନଯୋଡ଼ିରୁ ଆସିଥିବା ରକ୍ତଦାନ ପ୍ରବର୍ତ୍ତକ ଡ.ନରେଶ ଚନ୍ଦ୍ର ସାହୁ, ଡ.ରମଣୀ ରଞ୍ଜନ ଦାସ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ଡ.ରମଣୀ ରଞ୍ଜନ ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ପୂର୍ବତନ ଛାତ୍ର ସଂଗଠନର ପବିତ୍ର ମୋହନ ଦାସ, ଦେବାଶିଷ ରଥ, ଶ୍ରୀକାନ୍ତ ମହାରଣା, ପ୍ରଭାକର ରଥ, ପ୍ରଦୀପ ତ୍ରିପାଠୀ ରକ୍ତଦାତା ପ୍ରବର୍ତକ ମିହିର ମିଶ୍ର, ସତ୍ୟବାଦୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ରକ୍ତଦାନ କରିବା ସହ ସହଯୋଗ କରିଥିଲେ। ଏଥିରେ ସମୁଦାୟ ୪୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା।

# ମରାମତି ପାଇଁ ଆଜି ୫ ଘଣ୍ଟା ବିଦ୍ୟୁତ୍ କାଟ୍

**ବାରିପଦା, ୧୪।୯(ସମିସ):** ମରାମତି ପାଇଁ ବାରିପଦା ସହରରେ ଆଜି (ସୋମବାର) ୫ ଘଣ୍ଟା ପାଇଁ ବିଦ୍ୟୁତ ସରବରାହ ବନ୍ଦ ରହିବ। ପାର୍ବଣ ପୂର୍ବରୁ ବାରିପଦା ସହରର ୧୧କେଭି ବିଦ୍ୟୁତ ରକ୍ଷଣାବେକ୍ଷଣ କାର୍ଯ୍ୟ ନିମନ୍ତେ କେତେକ ଅଞ୍ଚଳରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ରହିବ। ଫଳରେ କଚେରୀ, ଦୋଳିପଡ଼ିଆ, ଲାଲବଜାର, ଅମ୍ବିକା ସାହି, ବଡପୋଖରୀଆଡ଼ି, ଗାନ୍ଧୀ ମାର୍କେଟ, ପୁରୁଣାହାଟସାହି, ବଡ଼ ବଜାର ଆଦି ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିବ ବୋଲି ଟାଟା ପାୱାର ନର୍ଦନ ଓଡ଼ିଶା ବିଦ୍ୟୁତ ବିତରଣ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ସ୍ଥଗିତ

**ବାରିପଦା, ୧୪।୯(ସମିସ):** ମୟୂରଭଞ୍ଜ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍‌ପିଟାଲ ଅଧୀନ 'ନିରାମୟ'ରେ କାର୍ଯ୍ୟ କରୁଥିବା ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନା ପରେ ସ୍ଥଗିତ ରଖାଯାଇଛି। ରବିବାର ଜିଲ୍ଲା ସଂଘର ପ୍ରତିନିଧି, ସଦର ଡାକ୍ତରଖାନାର ଫାର୍ମାସୀ ଅଫିସରଙ୍କ ସହିତ ମନ୍ତ୍ରୀ ଆଲୋଚନା କରି ବକେୟା ଦରମା ଆସନ୍ତା ସୋମବାର ଦେବା ଓ ବେଆଇନ ବଦଳିକୁ ଖୁବ ଶୀଘ୍ର ବନ୍ଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସ୍ୱାସ୍ଥ୍ୟ ସେବା ବ୍ୟାଘାତ ନ କରି କାର୍ଯ୍ୟରେ ଯୋଗଦେବାକୁ ପରାମର୍ଶ ଦେଇଥିଲେ। ମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ସୋମବାରଠାରୁ ଡାକରା ଦିଆଯାଇଥିବା ଅନିର୍ଦ୍ଦିଷ୍ଟ କାଳ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ରାଜ୍ୟର ୨୯ ଜିଲ୍ଲାରେ କୌଣସି ଫାର୍ମାସୀ ଅଫିସରଙ୍କୁ କ୍ରିଏସନ/ଏବୋଲିସନ/ ଅପଗ୍ରେଡେସନ ଅନୁଯାୟୀ ବଦଳି କରାଯାଇ ନ ଥିଲେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାରେ ୪ଟି ପର୍ଯ୍ୟାୟରେ ୨୨ ଜଣଙ୍କୁ ବଦଳି କରିଥିଲେ। ଜିଲ୍ଲା ସଂଘ ପକ୍ଷରୁ ଏହି ବଦଳିକୁ ପ୍ରତିବାଦ କରାଯାଇଥିଲା। ଏ ନେଇ ଜିଲ୍ଲାପାଳ ଏବଂ ମନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିବାପରେ ୨ ଜଣଙ୍କ ରିଲିଫ୍ ଆଦେଶନାମାକୁ ଅଗଷ୍ଟ ୧୮ ତାରିଖରେ ରଦ୍ଦ କରାଯାଇଥିଲେ ମଧ୍ୟ ଅନ୍ୟ ବଦଳି ଆଦେଶ ଏପର୍ଯ୍ୟନ୍ତ ରଦ୍ଦ କରାଯାଇନାହିଁ। ଏ ପରିପ୍ରେକ୍ଷୀରେ ବଦଳି ହୋଇଥିବା ସଦର ଡାକ୍ତରଖାନାର ୮ ଜଣ ପାର୍ମାସୀ ଅଫିସରଙ୍କ ଅଢେଇ ମାସ ଧରି ଦରମା ବନ୍ଦ ରଖାଯାଇଛି। ଏହି ବେଆଇନ ବଦଳି ଆଦେଶ ଓ ୨ ମାସର ଦରମା ବନ୍ଦର ପ୍ରତିବାଦ ଜଣାଇ ଆନ୍ଦୋଳନ ଡାକରା ଦିଆଯାଇଥିଲା।

## ଯକ୍ଷ୍ମା ରୋଗରେ ମା' ପରେ ବାପା ଚାଲିଗଲେ

# ୧୩ ବର୍ଷର ଝିଅ ହାତରେ ୩ ଭାଇଭଉଣୀଙ୍କ ଭବିଷ୍ୟତ

ବାରିପଦା, ୧୩।୯(ସମିସ)



**ମୟୂରଭଞ୍ଜରେ ଲୋଧା ଉନ୍ନୟନ ସଂସ୍ଥା ଦିଗହରା**

ମୟୂରଭଞ୍ଜ ଜିଲ୍ଲାରେ ଲୋଧା ସମ୍ପ୍ରଦାୟଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଲୋଧା ଉନ୍ନୟନ ସଂସ୍ଥା ଏବେ ଦିଗହରା। ଏହାର ମୁଖ୍ୟା କାର୍ଯ୍ୟାଳୟ ମୋରଡା ବ୍ଲକରେ ଥିବା ବେଳେ ଜିଲ୍ଲାର ଲୋଧା ସମ୍ପ୍ରଦାୟ (ଦୁର୍ବଳ ଜନଜାତି ଗୋଷ୍ଠୀ ବା ପିଭିଟିଜି ବର୍ଗର) ଆଜି ବି ଉପକ୍ଷେପିତ। ସରକାରଙ୍କ ଯୋଜନାରୁ ଏହି ସମ୍ପ୍ରଦାୟ ବଞ୍ଚିତ ସମସ୍ତ ବିଧି ବ୍ୟବସ୍ଥାକୁ ଭୁଲ ପ୍ରମାଣିତ କରିଛି। ଏଭଳି ଏକ ଘଟଣା ବାରିପଦା ବ୍ଲକ ଭାଗବତଚନ୍ଦ୍ରପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ସମ୍ପୃକ୍ତ ପଞ୍ଚାୟତର ଧାନଶୋଳ ଗ୍ରାମରେ ଲୋଧା ସମ୍ପ୍ରଦାୟର ବାପାମାଆ ଛେଉଣ୍ଡ ୪ ଶିଶୁ ଏବେ ବେସାହାରା। ଯକ୍ଷ୍ମା ରୋଗରେ ପୀଡିତ ହୋଇ ୩ ବର୍ଷ ଅନ୍ତରରେ ବାପା-ମାଆଙ୍କ ମୃତ୍ୟୁ ହେବାପରେ ବିଭାଗୀୟ ଅବହେଳାରୁ ଏହି ଅନାଥ ଶିଶୁ ବିଭିନ୍ନ ସମସ୍ୟାଦେଇ ଗତି କରୁଛନ୍ତି। ଏହି ଶିଶୁମାନେ ଓଳିଏ ଖାଇଲେ ଓଳି ଉପାସ ରହୁଛନ୍ତି। ୧୩ ବର୍ଷର ବଡ ଭଉଣୀ ହାତରେ ଅନ୍ୟ ୩ ଭାଇଭଉଣୀଙ୍କ ଭାଗ୍ୟ ବନ୍ଧାହୋଇ ରହିଛି। ପଡୋଶୀଙ୍କ ହାତଟେକା ଖାଦ୍ୟକୁ ଓଳିଏ ଖାଇ ଓଳିଏ ଉପାସ ରହୁଥିବା ଏହି ପିଲାଙ୍କ ପାଇଁ ସ୍ୱତନ୍ତ୍ର ଲୋଧା ଉନ୍ନୟନ ସଂସ୍ଥା ବ୍ୟତୀତ ଶିଶୁ ସୁରକ୍ଷା ୟୁନିଟ, ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ତାହା ତଦନ୍ତ ସାପେକ୍ଷ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଭିଟିଜିଏ ଯୋଜନାକୁ ଏହି ଘଟଣା ବାସ୍ତବରେ ଉପହାସ କରୁଛି। ଘଟଣାରୁ ପ୍ରକାଶ ଯେ, ଗ୍ରାମର ଶୁକ୍ରା ଭକ୍ତା (୪୨) ଯକ୍ଷ୍ମା ରୋଗରେ ପୀଡିତ ହୋଇ ଚିକିତ୍ସା ଅଭାବରୁ ଗତ ଏପ୍ରିଲ ମାସରେ ମୃତ୍ୟୁବରଣ କରିଥିଲେ। ମାଆ ଲଳିତା ଭକ୍ତା (୩୮) ମଧ୍ୟ ୩ବର୍ଷ ପୂର୍ବରୁ ସେହି ରୋଗରୁ ଉପଶମ ନ ପାଇ ଆଖିବୁଜିଥିଲେ। ରୋଗାଗ୍ରସ୍ତ ଅବସ୍ଥାରେ ବାପା ଶୁକ୍ରା ପରିବାର ପ୍ରତିପୋଷଣ କରିବାରେ ସକ୍ଷମ ନ ହେବାରୁ ଦିନକୁ ଦିନ ଅଭାବ ଅନାଟନ ମଧ୍ୟରେ ଶିଶୁମାନେ ରହୁଥିଲେ। ୪ଶିଶୁଙ୍କ ମଧ୍ୟରେ ବଡଝିଅ ମିକି (୧୩), ପୁଅ ଶଙ୍କର(୧୦), ସାଗର (୭) ଓ ସାନଝିଅ ପୂର୍ଣ୍ଣିମା (୫) ରହିଛନ୍ତି। ପିତାଙ୍କ ମୃତ୍ୟୁପରେ ଶିଶୁମାନେ ବଡ ଭଉଣୀ ମିକି ଉପରେ ନିର୍ଭରଶୀଳ। ମାତ୍ର ଏହି ଶିଶୁମାନେ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷାରୁ ଅବହେଳିତ। ସେମାନଙ୍କ ପାଇଁ ପକ୍କା ଆବାସ ଘର ଓ ଅନ୍ତ୍ୟୋଦୟ ଯୋଜନାରେ ୩୫କିଗ୍ରା ଚାଉଳ ଏକମାତ୍ର ସମ୍ବଳ। ଏପରି ସ୍ଥଳେ ରୋଷେଇ କରି ଖାଇବା ପାଇଁ ସଉଦାର ଅଭାବ ଥିବାରୁ ଘରେ ଚୁଲି ଜଳୁନାହିଁ। ବଡ଼ବାପା ଓ କକାଙ୍କ ଶରଣରେ ରହି ହାତଟେକା ଖାଦ୍ୟକୁ ୪ ଜଣ ଶିଶୁ ଚାହିଁ ରହିଛନ୍ତି; ଯାହାକୁ ନେଇ ଗ୍ରାମରେ ଉଦବେଗ ପ୍ରକାଶ ପାଇଥିବା ବେଳେ କେବଳ ବାରିପଦା ବିଡିଓ ଓ ତାଙ୍କ ଟିମ୍ ଗାଁରେ ପହଞ୍ଚି ମିଶନ ମୋଡରେ ୪ପିଲାଙ୍କ ଥଇଥାନ ପାଇଁ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡ଼ିଛି। ପିତାମାତାଙ୍କ ଯକ୍ଷ୍ମା ଜନିତ ମୃତ୍ୟୁପରେ ସ୍ୱାସ୍ଥ୍ୟ ବିଭାଗ ଏହି ୪ ପିଲାଙ୍କ ଯକ୍ଷ୍ମା ପରୀକ୍ଷା ପରେ ସେମାନେ ନିରାପଦ ଜାଣି ଦୂରେଇ ଯାଇଛନ୍ତି। ସ୍କୁଲ ଯାଉନଥିବା ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଶିଶୁ ସୁରକ୍ଷା ଆଇନ, ପିଭିଟିଜି ଓ ସ୍ୱତନ୍ତ୍ର ଲୋଧା ଉନ୍ନୟନ ସଂସ୍ଥାର କୌଣସି ଶୁଭ ଦୃଷ୍ଟି ପିଲାମାନଙ୍କ ଉପରେ ପଡ଼ିନାହିଁ। ଜିଲ୍ଲାପାଳ ହେମକାନ୍ତ ସଏ ନିଜେ ସେମାନଙ୍କ ଘରେ ପହଞ୍ଚି ଉପରୋକ୍ତ ବିଭାଗକୁ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଲେ ୪ ଭାଇଭଉଣୀ ନୂଆ ଭବିଷ୍ୟତ ରଚିପାରିବେ ବୋଲି ଆଶା ପ୍ରକାଶ ପାଇଛି।

## ଅପରାଧ-ଦୁର୍ଘଟଣା

### ସ୍କୁଲ ବସ୍-ଅଟୋ ଧକ୍କା

**ବାରିପଦା, ୧୪।୯(ସମିସ):** ଏକ ସ୍କୁଲର ବସ-ଅଟୋ ଧକ୍କାରେ ଜଣେ ଛାତ୍ର ଆହତ ହୋଇଛନ୍ତି। ଏ ନେଇ ଛାତ୍ରଙ୍କ ଅଭିଭାବକ ରୁଦ୍ର ପଟ୍ଟନାୟକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ବିଶ୍ୱବିଦ୍ୟାଳୟ ରାସ୍ତାରେ ବସ ଚାଳକ ଜଣକ ଦ୍ରୁତଗତିରେ ବସ ଚଳାଉଥିବା ସମୟରେ ଏକ ବ୍ୟାଟେରୀ ଅଟୋକୁ ଧକ୍କା ଦେଇଥିଲା। ଫଳରେ ସେଥିରେ ଥିବା ଅଭିଜିତ ପାଲ ନାମକ ଜଣେ ଛାତ୍ର ଆହତ ହୋଇଥିଲେ। ଏନେଇ ପରିବାର ଲୋକେ ସମ୍ପୃକ୍ତ ବସ ସ୍କୁଲର ପ୍ରିନ୍ସିପାଲଙ୍କୁ ଫୋନ ଯୋଗେ ଜଣାଇବାରୁ ସେ ଓଲଟି ତାଙ୍କୁ ଧମକ ଚମକ ଦେଇଥିଲେ। ଯାହାକୁ ନେଇ ସେମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ବାରିପଦା, ୧୪।୯(ସମିସ):** ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ଭଞ୍ଜପୁର ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ଜାମବଣି ଗ୍ରାମର ଗମ୍ଭୁ ସିଂ(୩୨)। ପୁଲିସ ଗାଡିକୁ ଜବତ କରି ଥାନାରେ ଏକ ମାମଲା ରୁଜୁ ପୂର୍ବକ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ହସ୍ପିଟାଲ ପରିସରରୁ ବାଇକ୍ ଚୋରି

**ବାରିପଦା, ୧୪।୯(ସମିସ):** ପିଆରଏମ ହସ୍ପିଟାଲ ପରିସରରୁ ଜଣେ କର୍ମଚାରୀଙ୍କ ବାଇକ ଚୋରି ହୋଇଛି। ଏନେଇ ସିଡିଏମଓ ଅଫିସ କର୍ମଚାରୀ ତୁଷାରକାନ୍ତି ମହାନ୍ତ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ହସ୍ପିଟାଲ ପରିସରରେ ବାଇକ ପାର୍କିଂରେ ରଖି ଡିଉଟିକୁ ଯାଇଥିଲେ। ଫେରି ଦେଖିଲାବେଳକୁ ତାଙ୍କ ବାଇକଟି ଚୋରି ହୋଇଯାଇଛି। ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

### ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

**କୁଆମରା, ୧୪।୯(ସମିସ):** ଗୋପବନ୍ଧୁ ନଗର ବ୍ଲକ ବରଡିହି ପଞ୍ଚାୟତ ଖପରବଣି ଗ୍ରାମର ଜଣେ ଯୁବକଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ରବୀନ୍ଦ୍ର ସିଂ ଓରଫ ପିଣ୍ଟୁ (୩୫)। ରବୀନ୍ଦ୍ର ବିଲକୁ ଯାଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବଡ଼ସାହି ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି।

### ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଚୋରି

**ବୈଶିଙ୍ଗା, ୧୪।୯ (ସମିସ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଦୁର୍ଗାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଶନିବାର ଶିକ୍ଷୟିତ୍ରୀମାନେ ସକାଳ ୬ଟାରେ ଆସି ଦେଖିବା ବେଳକୁ ତାଲା ଭଙ୍ଗାଯାଇ ଅଫିସ ଖୋଲା ପଡ଼ିଥିଲା ଏବଂ ଆଲମିରା ଭଙ୍ଗାଯାଇ ଆସବାବପତ୍ର ଏଣେତେଣେ ବିଛାଡି ହୋଇ ପଡ଼ିଥିଲା। ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷୟିତ୍ରୀ ସୁବାସିନୀ ପଣ୍ଡିତ ଏ ନେଇ ଥାନାକୁ ଜଣାଇଥିଲେ। ପରେ ପୁଲିସ ପହଞ୍ଚି ଛାନଭିନ ଆରମ୍ଭ କରିଥିଲେ। ଅଫିସ ଗଡ଼ରେଜ୍ ଆଲମିରା ଓ ଲକର୍ ଭଙ୍ଗା ଯାଇ ଦୁଇଟି ସାମସଙ୍ଗ ଟାବଲେଟ, ମ୍ୟୁଜିକ୍ ସିଷ୍ଟମ, ୪୨ ଇଞ୍ଚ ଏଲସିଡି, ୧୨୦୦ ଟଙ୍କା, ବିଦ୍ୟାଳୟର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ଚୋରି ହୋଇଛି। ପୁଲିସ ତଦନ୍ତ ଚାଲିଛି।

### ଜଳାଶୟରେ ବୁଡ଼ି ଯୁବକ ମୃତ

**ବୈଶିଙ୍ଗା, ୧୪।୯ (ସମିସ):** ବୈଶିଙ୍ଗା ଥାନା ଅର୍ନ୍ତଗତ ବାଲକା ଗ୍ରାମ ନିକଟ ରେଣ୍ଟାସାହି ନିକଟରେ ଶନିବାର ଜଣେ ଯୁବକ ଗଭୀର ଜଳାଶୟରେ ବୁଡିଯିବାରୁ ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକ ହେଉଛନ୍ତି ଗ୍ରାମର ସ୍ୱର୍ଗତ ରାମ ମୁର୍ମୁଙ୍କ ଏକ ମାତ୍ର ପୁଅ କୁସାଲ। ସେ ପୋଖରୀ ନିକଟରେ ବସି ଥିବା ବେଳେ ହଠାତ କିଛି ସମୟ ପରେ ତାଙ୍କୁ ଆଉ ଦେଖିବାକୁ ମିଳିନଥିଲା। ତେବେ ପାଣିରେ ଜୋତା ଭାସୁଥିବା ଦେଖି ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ଖୋଜାଖୋଜି କରିବା ପରେ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାତି ଅଧରେ ଘରେ ପଶି ବନ୍ଧୁକ ଦେଖାଇ ଲୁଟ୍

**କପ୍ତିପଦା, ୧୪।୯(ସମିସ):** ଶରତ ଥାନା ଅଧୀନ ଦେବାନ ବାହାଳି ଗ୍ରାମର ଚନ୍ଦନ ନାୟକଙ୍କ ଘରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ତାଙ୍କୁ ବନ୍ଧୁକ ଦେଖାଇ ଟଙ୍କା ଓ ସୁନା ଅଳଙ୍କାର ଲୁଟି ନେଇ ପଳାଇଛନ୍ତି। ସେ ଏବଂ ତାଙ୍କ ଭାଇ ରଞ୍ଜନ ନାୟକ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ୫ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଛାତ ଉପର ଦେଇ ଘରେ ପଶିଥିଲେ। ପରେ ଦୁଇ ଭାଇଙ୍କୁ କାବୁ କରି ବନ୍ଧୁକ ଦେଖାଇ ୧୫ ହଜାର ଟଙ୍କା ସହିତ ୨ ଲକ୍ଷରୁ ଅଧିକ ଟଙ୍କାର ସୁନା ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଛନ୍ତି। ଦୁର୍ବୃତ୍ତମାନେ ଦୁଇ ଭାଇଙ୍କୁ ଘରେ ଭିତରେ ବନ୍ଦ କରି ଫେରାର ହୋଇଯାଇଥିଲେ। ପରେ ଏ ନେଇ ଚନ୍ଦନ ନାୟକ ଶରତ ଥାନାରେ ଅଭିଯୋଗ କରିଛନ୍ତି।

# ଭାରସାମ୍ୟ ହରାଇ ଓଲଟିଲା ଧାନ ବୋଝେଇ ଟ୍ରକ୍



**ମହୁଲଡିହା, ୧୪।୯(ସମିସ):** ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଗୋଡ଼ଭଙ୍ଗା ମା' ଭଣ୍ଡାରଶୁଣୀ ବନଦୁର୍ଗା ଠାକୁରାଣୀ ଘାଟି ବାଙ୍କରେ ଏକ ଧାନ ବୋଝେଇ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏହି ଗାଡ଼ି ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମରୁ ଧାନ ଲୋଡ କରି ଅପରାହ୍ନରେ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗୋଡ଼ଭଙ୍ଗା ଘାଟି ବାଙ୍କରେ ଓଲଟି ପଡ଼ିଥିଲା। ଫଳରେ ଡ୍ରାଇଭର ଓ ମାଲିକ ଧାନ ବ୍ୟବସାୟୀ ସାମାନ୍ୟ ଆହତ ହୋଇଛନ୍ତି। ସେମାନଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପରେ ପୁଲିସ ପହଞ୍ଚି ତଦନ୍ତ ଚଳାଇଛି।

# ଦଶମ ଅଲ୍ ଓଡ଼ିଶା ସବ୍-ଜୁନିୟର ରଗ୍‌ବୀ ଚାମ୍ପିଅନସିପ୍



**ବାରିପଦା, ୧୪।୯(ସମିସ):** ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମ୍‌ରେ ଆୟୋଜିତ 'ଦଶମ ଅଲ୍ ଓଡ଼ିଶା ୧୫ବର୍ଷରୁ କମ୍ ସବ୍-ଜୁନିୟର ରଗ୍‌ବୀ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଜିଲ୍ଲାର ବାଳକ ଓ ବାଳିକା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବାଳକ ଦଳ ଦମଦାର ଖେଳ ଦେଖାଇ ସେମିଫାଇନାଲ୍‌ରେ କେଉଁଝରକୁ ପରାଜିତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ। ଫାଇନାଲ୍ ମ୍ୟାଚ ମୟୂରଭଞ୍ଜ ସହିତ କିସ୍‌ର ଜୋରଦାର ମୁକାବିଲା ପରେ କିସ୍ ବିଜୟୀ ହୋଇଥିଲା। ମୟୂରଭଞ୍ଜ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସେହିପରି ବାଳିକା ଦଳ ମଧ୍ୟ ସମାନ ଉତ୍ସାହର ସହ ଖେଳିଥିଲେ। କିନ୍ତୁ ସେମାନେ ୩ୟ ସ୍ଥାନ ମ୍ୟାଚରେ ପରାଜିତ ହୋଇ ଚତୁର୍ଥ ସ୍ଥାନରେ ପାଇଥିଲେ। ଏହି ଗୌରବମୟ ଅବସରରେ ମୟୂରଭଞ୍ଜ ଜିଲ୍ଲା ରଗ୍‌ବି ଫୁଟବଲ୍ ଆସୋସିଏସନ୍‌ର ଆମ୍ବାସଡର ସାନନ୍ଦ ମାରାଣ୍ଡି, ସଭାପତି ସୁନାରମ୍ କିସ୍କୁ, ଉପ-ସଭାପତି ଦିଲୀପ କୁମାର ମୁର୍ମୁ, ମୁଖ୍ୟ ପରାମର୍ଶଦାତା ବାବା ଧଳାରାମ୍ ହାଁସଦା ଓ ସଚିବ ଜେ. ସୁଶିଲ ହେମ୍ବ୍ରମ୍ ସମସ୍ତ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶିକ୍ଷକ ସଂଘ ପକ୍ଷରୁ ହିନ୍ଦୀ ଦିବସ ପାଳିତ



**କରଞ୍ଜିଆ, ୧୪।୯(ସମିସ):** ପାଞ୍ଚପିଡ଼ ହିନ୍ଦୀ ଶିକ୍ଷକ ସଂଘ ପକ୍ଷରୁ ଖଜୁରୀସାଗର ନୋଡାଲ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ବିଲା ଗଦଗଦି ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ପୁରଜିତ ମୁନିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥିଭାବେ ପ୍ରେସ କ୍ଲବ ସମ୍ପାଦକ କର୍ଣ୍ଣାର୍ଜୁନ ସାହା ଏବଂ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଡକ୍ଟର ଜିତେନ ରାମ ଯୋଗଦେଇ ହିନ୍ଦୀ ଆମର ରାଷ୍ଟ୍ର ଭାଷା। ହିନ୍ଦୀ ଏକ ଭାଷା ନୁହେଁ ଏହା ଆମର ପରିଚୟ ବୋଲି କହିଥିଲେ। ଶିକ୍ଷକ ବିନୋଦ ବିହାରୀ ମହାନ୍ତ ଅତିଥି ପରିଚୟ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଶାହାବୁଦ୍ଦିନ ଆନ୍‌ସାରୀ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଶାମୁ ଚାତାର, ଦୁଃଶାସନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅବସପ୍ରାପ୍ତ ହିନ୍ଦୀ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ଦୁଃଶାସନ ମହାନ୍ତ ଓ ସାମୁ ଚାତାରଙ୍କୁ ସଂଘ ପକ୍ଷରୁ ସମ୍ମାନିତ କରଯାଇଥିଲା। ତାପସୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲି ବୋଝେଇ ଟ୍ରକ୍ ଜବତ

**କୁଆମରା, ୧୪।୯(ସମିସ):** ଗୋପବନ୍ଧୁନଗର ବ୍ଲକ ଦେଇ ପ୍ରବାହିତ ସୋନ ନଦୀରୁ ବେଆଇନ ଭାବେ ବାଲି ଉଠାଣ କରି ବାଲେଶ୍ୱରକୁ ଚାଲାଣ କରାଯାଉଥିବା ବେଳେ ଖଣି ବିଭାଗ ସାଇଁକୁଳା ପଞ୍ଚାୟତ କଣ୍ଟିସାହି ନିକଟରେ ଚଢ଼ଉ କରି ଏକ ଟ୍ରକକୁ ଜବତ କରିଛି। ଜବତ ହୋଇଥିବା ଟ୍ରକରୁ ଜରିମାନା ଆଦାୟ ହୋଇପାରି ନ ଥିବାରୁ ଥାନାରେ ଅଟକ ରଖାଯାଇଛି।

# ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗର ପାଠଚକ୍ର

**ବାରିପଦା, ୧୪।୯(ସମିସ):** ସରକାରୀ ମହିଳା ମହାବିଦ୍ୟାଳୟ ହିନ୍ଦୀ ବିଭାଗ ତରଫରୁ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଗୋସ୍ୱାମୀ ତୁଳସୀ ଦାସଙ୍କ କାବ୍ୟ ଓ ଭାରତୀୟ ଦର୍ଶନ' ଶୀର୍ଷକ ପାଠଚକ୍ରରେ ଭୂତତ୍ତ୍ୱ ବିଭାଗର ସହକାରୀ ପ୍ରଫେସର ସୁନିତା ପ୍ରଧାନ ହିନ୍ଦୀ ଭାଷାର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ପ୍ରଫେସର ଡ ସାଗରିକା ସିଂହ ସନ୍ଥ ତୁଳସୀ ଦାସଙ୍କ ଜୀବନର ବିଭିନ୍ନ ଅଲୌକିକ ଘଟଣାବଳୀ ଏବଂ ରାମ ଚରିତ ମାନସ ସମ୍ପର୍କରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟାପିକା ଐଶର୍ଯ୍ୟା ବଡ଼ପଣ୍ଡା ଯୋଗ ଦେଇ ତୁଳସୀ ଦାସଙ୍କ କାବ୍ୟ ଓ ଭାରତୀୟ ଦର୍ଶନ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପିକା ସ୍ନିଗ୍ଧାଞ୍ଜଳି ଦାସ ସଭା ପରିଚାଳନା କରିଥିଲାବେଳେ ଅଧ୍ୟାପିକା ବନ୍ଦିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ହିନ୍ଦୀ ତର୍କ ଓ କବିତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟସ୍ତରୀୟ ଉସୁ ଓ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ମୟୂରଭଞ୍ଜର କୃତିତ୍ୱ



**ବାରିପଦା, ୧୪।୯(ସମିସ):** ରାଜ୍ୟସ୍ତରୀୟ ଉସୁ ଓ ତାଇକୋଣ୍ଡ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଛନ୍ତି। କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବଡ଼ବିଲ ମ୍ୟୁନିସିପାଲ ହାଇସ୍କୁଲରେ ଗତ ୧୦ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ପ୍ରତିଯୋଗିତାରେ ୧୭ ବର୍ଷରୁ କମ ଉସୁ ବାଳକବାଳିକା ବିଭାଗ ପ୍ରତିଯୋଗିତାରେ ତ୍ରିନାଥ ବାରିକ ଓ ସୁନିଆ ସୋରେନ ୨ଟି ସ୍ୱର୍ଣ୍ଣ, ମୁନି ହାଁସଦା, ବାରି ମୁର୍ମୁ ଓ ଶିବ ସିଂ ୩ଟି ରୌପ୍ୟ, ସୁବର୍ଣ୍ଣ ସିଂ, ଗୀତା ସିଂ, ଦୁଲା ମାରାଣ୍ଡି ଓ ହିମାଂଶୁ ଶେଖର ସିଂ ୪ଟି ବ୍ରୋଞ୍ଜ ପଦକ ପାଇଛନ୍ତି।

ସେହିପରି ୧୪ ଓ ୧୭ ବର୍ଷରୁ କମ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ଶତ୍ରୁଘନ ମଡୁଆଳ ରୌପ୍ୟ ଏବଂ ଲକ୍ଷ୍ମୀପ୍ରିୟା ସିଂ, ରାନୀ ମାରାଣ୍ଡି, ଲକ୍ଷ୍ମୀ ସିଂ, ମଞ୍ଜୁଲତା ଟୁଡୁ, ଦୀପକ ସିଂ, ଚନ୍ଦନ ସିଂ, ଚନ୍ଦ୍ରଭାନୁ ବେହେରା ଓ ଅଙ୍କିତ ଦାସ ୮ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା

**କରଞ୍ଜିଆ, ୧୪।୯(ସମିସ):** କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ପଞ୍ଚମ ଦିନର ପ୍ରଥମ ରାଉଣ୍ଡ ଖେଳ ଖଣ୍ଡେଇପଡ଼ା ବନାମ ଭଞ୍ଜବାଗାନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡେଇପଡ଼ା ଦଳ ୧-୦ ଗୋଲରେ ବିଜୟୀ ହୋ ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ବୁର୍ଗୀପୁଟ ବନାମ ରାଧାନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫଳରେ ରାଧାନଗର ୫-୦ ଗୋଲରେ ବିଜୟୀ ହୋଇ ତୃତୀୟ ରାଉଣ୍ଡ ଖେଳରେ ଖଣ୍ଡେଇପଡ଼ା ଦଳ ସହିତ ଖେଳିଥିଲେ। ଦୁଇ ଦଳ ସଂଘର୍ଷପୂର୍ଣ୍ଣ ଭାବେ ଖେଳ ପ୍ରଦର୍ଶନ କରି ଖେଳ ଶେଷ ପର୍ଯ୍ୟନ୍ତ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ପରେ ଟାଇବ୍ରେକର ଜରିଆରେ ଖଣ୍ଡେଇପଡ଼ା ଦଳ ୪-୩ ଗୋଲରେ ବିଜୟ ଲାଭ କରିଥିଲେ। ଆଜି ଖେଳରେ ମୁଖ୍ୟ ଅତିଥି ଓକିଲସଂଘ ସମ୍ପାଦକ ସରୋଜ କୁମାର ରାଉଳ, କୁମାର ଦେବାଶିଷ ବେହେରା, ଡ଼ା: ଜନାର୍ଦ୍ଦନ ଚୌଧୁରୀ, ଯୁଗ୍ମ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ, ଇଂ ରାଜକିଶୋର ମହାନ୍ତ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲିର ଖେଳ ପଳସାଗଡ଼ିଆ ବନାମ ହୁଡିଂ ତୋଟା ଦ୍ୱିତୀୟ ରାଉଣ୍ଡରେ ଶରଧା ବନାମ ମହିଷାମୁଣ୍ଡି ମଧ୍ୟରେ ହେବ।

## ଆନ୍ତଃରାଜ୍ୟ ଛିନ୍‌ତାଇ ଗ୍ୟାଙ୍ଗର ୪ ସଦସ୍ୟ ଗିରଫ

# ହାର, ୨ଟି ବାଇକ୍ ଓ ମୋବାଇଲ ଜବତ

ବାରିପଦା, ୧୪।୯(ସମିସ)






ଗଣେଶ ପୂଜା ସମୟରେ ବାରିପଦା ସହରରେ ଛିନତାଇ କରୁଥିବା ଏକ ଆନ୍ତଃରାଜ୍ୟ ଗ୍ୟାଙ୍ଗର ୪ ଜଣ ସଦସ୍ୟଙ୍କୁ ଟାଉନ ଥାନା ପୁଲିସ ଗିରଫ କରିଚି। ସେମାନେ ହେଲେ ପଶ୍ଚିମବଙ୍ଗର ଦୀଘା ଅଞ୍ଚଳର ଦୀପକ ଦାସ ଓ ସୁଜୟ ଖାଁ ଏବଂ ଝାଡ଼ଖଣ୍ଡ ଅଞ୍ଚଳର ସୁଜିତ ସାହା ଓ ରାଜୁ ସିଂ। ଗଣେଶ ପୂଜା ଭିଡ଼ରେ ଏମାନେ ଲାଲବଜାର ସ୍ଥିତ ଶ୍ରୀରାମଚନ୍ଦ୍ର ପାଠାଗାର ନିକଟରୁ ମମତା ରଣାଙ୍କଠାରୁ ସୁନାହାର ଛିନତାଇ କରିଥିଲେ। ମହିଳା ଜଣକ ରାସ୍ତା ଚାଲିକରି ଯାଉଥିବାବେଳେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ହାର ଲୁଟିନେଇ ପଳାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ଏନେଇ ମହିଳା ଜଣକ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସ୍ଥାନୀୟ ଅଞ୍ଚଳର ସିସି ଟିଭି ସହାୟତାରେ ଯାଞ୍ଚ କରି ତଦନ୍ତ କରୁଥିବା ବେଳେ କିଛି ଦିନ ବ୍ୟବଧାନ ପରେ ପୁଣି ଉକ୍ତ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କଠାରୁ ଛିନତାଇ ଉଦ୍ୟମ ସମୟରେ ଜଣକୁ ପୁଲିସ କାବୁ କରିଥିଲା। ତା ନିକଟରୁ ସମସ୍ତ ଘଟଣା ଜାଣିବା ପରେ ଥାନା ଅଧିକାରୀ କରୁଣାକର ରାଉତଙ୍କ ନେତୃତ୍ୱରେ ଏକ ଟିମ ପଶ୍ଚିମବଙ୍ଗକୁ ଯାଇ ଅନ୍ୟମାନଙ୍କୁ ଧରିବା ସହ ସୁନା ହାର, ୨ଟି ବାଇକ ଓ ୪ଟି ମୋବାଇଲ ଜବତ କରିଛି।

## ସଲାଗୁଡ଼ା ଆଶ୍ରମ ସ୍କୁଲ ପିଛା ଛାଡୁନି ସମସ୍ୟା

# ପୋକରା ଚାଉଳ ଯୋଗାଣକୁ ନେଇ ଗ୍ରାମବାସୀଙ୍କ ହୋହଲ୍ଲା

ଫିରିଙ୍ଗିଆ, ୧୪।୯ (ସମିସ)



ଫିରିଙ୍ଗିଆ ବ୍ଲକ ସଲାଗୁଡ଼ା ସେବାଶ୍ରମର ପିଛା ଛାଡୁନି ସମସ୍ୟା। କିଛି ଛାତ୍ର ୮ ଜଣ ଛାତ୍ରଙ୍କୁ ଶୋଇଥିବା ଅବସ୍ଥାରେ ରାତିରେ ଆଖିରେ ଫେଭକୁଇକ ଅଠା ଲଗାଇ ଦେବା ଯୋଗୁଁ ସେମାନେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଘଟଣା ସାରା ରାଜ୍ୟରେ ଚର୍ଚ୍ଚାରେ ରହିଥିବା ବେଳେ ବିଭିନ୍ନ ନେତା ଓ ସରକାରୀ ଅଧିକାରୀ ବିଦ୍ୟାଳୟକୁ ଯାଇ ଯାଞ୍ଚ କରୁଛନ୍ତି। ଏହି ଘଟଣାକୁ ନେଇ ସଲାଗୁଡା ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁଙ୍କୁ ଜିଲ୍ଲାପାଳ ବେଦ ଭୂଷଣ କାର୍ଯ୍ୟରେ ଅବହେଳା ପାଇଁ ନିଲମ୍ବନ କରିଥିବା ବେଳେ ସ୍କୁଲ ଭିତରେ କ୍ୱିଣ୍ଟାଲ କ୍ୱିଣ୍ଟାଲ ପୋକଡ଼ା ଚାଉଳ ଗଦା ହୋଇଥିବାରୁ ଅଭିଭାବକ ଓ ଅଞ୍ଚଳବାସୀ ବିଦ୍ୟାଳୟ ଆଗରେ ପୁଣି ହୋହଲ୍ଲା କରିଛନ୍ତି। ପୋକଡ଼ା ଚାଉଳ ଗଦା ହୋଇଥିବାରୁ ସଲାଗୁଡା ସରପଞ୍ଚ ରୋହିତ କହଁର ଅଭିଯୋଗ କରିଥିବା ବେଳେ ସ୍ଥାନୀୟ ୱାର୍ଡସଭ୍ୟ ସୁଶାନ୍ତ କହଁର ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭରତ ଦିଗାଲ ଅସନ୍ତୋଷ ବ୍ୟକ୍ତ କରିବା ସହ ଚାଉଳ ଯୋଗାଣକାରୀଙ୍କ ବିରୋରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭରତ ଦିଗାଲଙ୍କ କହିବା ଅନୁସାରେ ଗତ ଗଣେଶ ପୂଜା ସମୟରେ ବିଦ୍ୟାଳୟ ଭିତରେ ଗଦା ଗଦା ପୋକଡ଼ା ଚାଉଳ ଦେଖି ନିଜେ ସଭାପତି ଓ ଅଭିଭାବକ ମିଶି ପ୍ରଧାନ ଶିକ୍ଷକଙ୍କୁ ଅଭିଯୋଗ

### ଡିଲରକୁ ଦାୟୀ କଲେ ସରପଞ୍ଚ

କରିଥିଲେ। କିନ୍ତୁ ପ୍ରଧାନ ଶିକ୍ଷକ ଚାଉଳ ଆମେ ଅଣୁନୁ ପିଡ଼ିଏସ ଡିଲର ନିଜେ ଚାଉଳ ଆଣି ଦେଇଛନ୍ତି। ତାଙ୍କୁ ଜଣାଇ ଫେରସ୍ତ କରାଯିବ ବୋଲି କହିଥିଲେ। ଗଣେଶ ପୂଜା ଠାରୁ ଗଦା ହୋଇଥିବା ପୋକଡା ଚାଉଳ ଛାତ୍ର ଛାତ୍ରୀଙ୍କୁ ବର୍ତ୍ତମାନ ସୁଦ୍ଧା ଦିଆଯାଉଥିବା ଅଭିଯୋଗ ହୋଇଛି। ଏବେ ବିଦ୍ୟାଳୟ ଭିତରେ ୭୨ ପକେଟ ପୋକଡା ଚାଉଳ ଓ ଚାଳିଶ ପକେଟ ଭଲ ଚାଉଳ ରହିଛି। ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି ଓ ନିଜେ ସରପଞ୍ଚ ପୋକଡା ଚାଉଳ ଛାତ୍ରଛାତ୍ରୀଙ୍କୁ ଦେଇଥିବାରୁ ପିଡ଼ିଏସ ଚାଉଳ ଯୋଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ଶତାଧିକ ଅଞ୍ଚଳବାସୀ ଓ ଅଭିଭାବକ ବିଦ୍ୟାଳୟ ବାହାରେ ହୋ ହାଲ୍ଲା କରିଥିଲେ। ଚାଉଳଯୋଗାଣକାରୀଙ୍କ ବିରୋଧରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଓ ୱାର୍ଡସଭ୍ୟ କହିଛନ୍ତି।

## ପଦାସାହି ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ



ଜି.ଉଦୟଗିରି, ୧୪।୯ (ସମିସ): କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ପଦାସାହି ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ମନ୍ଦିର ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ବାଘ, ଉପସଭାପତି ଦୁର୍ଗା ମାଧବ ପଟ୍ଟନାୟକ, କୋଷାଧକ୍ଷ ହେମନ୍ତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଗଜଲକ୍ଷ୍ମୀ ପୂଜା ପରିଚାଳନା ପାଇଁ ଯୁବ ପିଢ଼ିଙ୍କୁ ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ମହାଡ଼ମ୍ବରରେ ପୂଜା ହେବା ସହିତ ତୋରଣ, ଆଲୋକ ସଜ୍ଜା, ମୂର୍ତ୍ତିନିର୍ମାଣ ଓ ପ୍ରସାଦ ଦାୟିତ୍ୱ ପଞ୍ଚୁ ପ୍ରଧାନ, ଭିକି ପଟ୍ଟନାୟକ, ପ୍ରକାଶ ନାୟକ, ବିବେକାନନ୍ଦ ପ୍ରଧାନ, ନାଗେଶ୍ୱର ସାହୁ, ମହେଶ୍ୱର ସାହୁ, ସଙ୍ଗମ ନାୟକ, ଦୀପକ ପ୍ରଧାନ ଓ ଶଙ୍କର ମଲ୍ଲିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହିତ ଆସନ୍ତା ଶୁକ୍ରବାର ଦିନ ଶୁଭଖୁଣ୍ଟି ସ୍ଥାପନ କରାଯିବା ପାଇଁ ସ୍ଥିର କରାଯାଇଛି। ଶେଷରେ ଦୁର୍ଗାମାଧବ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

## ମଣ୍ଡଳଦେବୀ ଗ୍ରାମରେ ଲୋକଙ୍କ ସମସ୍ୟା ବୁଝିଲେ ବିଧାୟକ



ପାରଳାଖେମୁଣ୍ଡି, ୧୪।୯ (ସମିସ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ମଣ୍ଡଳଦେବୀ ଗ୍ରାମକୁ ଯାଇ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ବିଭିନ୍ନ ସମସ୍ୟା ସମ୍ପର୍କରେ ଗ୍ରାମବାସୀଙ୍କୁ ପଚାରି ବୁଝିଛନ୍ତି। ପ୍ରଥମେ ଗ୍ରାମବାସୀ ବିଧାୟକଙ୍କୁ ଭବ୍ୟ ସ୍ୱାଗତ କରିଥିଲେ। ଗ୍ରାମରେ ଥିବା ଶିବମନ୍ଦିରରେ ପହଞ୍ଚି ବିଧାୟକ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ପାଇଁ ବିଧାୟକ ପାଣ୍ଠିରୁ ଅନୁଦାନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମରେରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ମହିଳା ପୁରୁଷଙ୍କ ପେନସନ ହୋଇନଥିବା ଜାଣି ସେଠାରୁ ହିଁ ଫୋନ୍ ଯୋଗେ ପ୍ରଶାସନକୁ ଜଣାଇଥିଲେ।

ସେହିଭଳି ଗ୍ରାମର ଜଣେ ୮୫ ବର୍ଷିୟ ଭିନ୍ନକ୍ଷମ ବର୍ତ୍ତମାନ ୩୫୦୦ଟଙ୍କା ଭତ୍ତା ବଦଳରେ ୧୨୦୦ ଟଙ୍କା ପାଉଥିବା ଜାଣିପାରି କ୍ଷୋଭ ପ୍ରକାଶ କରିବା ସହ ଯଥାଶୀଘ୍ର ଜିଲ୍ଲା ପ୍ରଶାସନ ସରକାର ଦ୍ୱାରା ନିର୍ଦ୍ଧାରିତ ସମ୍ପୂର୍ଣ୍ଣ ଭତ୍ତା ଟଙ୍କା ପ୍ରଦାନ କରିବାକୁ କହିଥିଲେ। ସେହିପରି ଗ୍ରାମରେ ଦୀର୍ଘ ୧୫ ବର୍ଷ ହେବ ଅଧା କାମ ହୋଇ ରହିଥିବା ଅଙ୍ଗନବାଡି କେନ୍ଦ୍ରରେ ଗାଈଗୋରୁଙ୍କୁ ବାନ୍ଧିବା ଯୋଗୁଁ ସେଠାରେ ହେଉଥିବା ଅପରିଷ୍କାର ସମ୍ପର୍କରେ ଗ୍ରାମବାସୀ ବିଧାୟକଙ୍କୁ ଅବଗତ କରାଇଥିଲେ। ଏହାର ଅତିଶୀଘ୍ର ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ପାଣିଗ୍ରାହୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ମହିଳାଙ୍କଠାରୁ ଟଙ୍କା ଠକେଇ ଘଟଣାରେ ୨ ଗିରଫ

ପାରଳାଖେମୁଣ୍ଡି, ୧୪।୯ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିର ମହିଳାଙ୍କ ଠାରୁ ୨୩ ଲକ୍ଷ ଟଙ୍କା ଠକି ନେଇଥିବା ଓ ମାଗିବାରୁ ଧମକଚମକ ଦେବା ଓ ମାରପିଟ କରିବା ଅଭିଯୋଗରେ ଦୁଇ ଜଣଙ୍କୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ମିତା ଟଙ୍କ ଓରଫ୍ ମିଲି ଓ ଦୁର୍ଗା ପ୍ରସାଦ ପଣ୍ଡା। ପାରଳାଖେମୁଣ୍ଡି ଆଦର୍ଶ ଥାନା ସୂତ୍ରରୁ ପ୍ରକାଶ ଯେ, ସ୍ଥାନୀୟ ଓଡ଼ିଆ ଭଣ୍ଡାରୀ ସାହିର ସଙ୍ଗୀତା ନାୟକ ନାମ୍ନୀ ଜଣେ ମହିଳାଙ୍କ ଅଭିଯୋଗକ୍ରମେ ସେମାନଙ୍କୁ ଗିରଫ କରାଯାଇଛି।







ସୂଚନା ପ୍ରକାରେ, ସଙ୍ଗୀତାଙ୍କ ଠାରୁ ଝିଲି ସାହୁ ଓ ତାଙ୍କ ଭଉଣୀ ମିତା ଟଙ୍କ (ମିଲି) ବିଭିନ୍ନ ପ୍ରକାରର ମିଥ୍ୟା ପ୍ରଲୋଭନ ଦେଖାଇ ୨୩ ଲକ୍ଷ ଟଙ୍କା ନେଇଥିଲେ। ସଙ୍ଗୀତା ସେମାନଙ୍କୁ ଟଙ୍କା ମାଗୁଥିଲେ ମଧ ଆଜି କାଲି କହି ଦିନ ଗଡ଼ାଇ ଚାଲିଥିଲେ। ଶୁକ୍ରବାର ମିଲିକୁ ପାରଳାଖେମୁଣ୍ଡି ସ୍ଥିତ ଜେଲ୍ ପାଖରେ ଦେଖି ଟଙ୍କା ବିଷୟରେ ପଚାରିଥିଲେ। ସେହି ସମୟରେ ମିତା ଟଙ୍କଙ୍କ ସହିତ ଦୁର୍ଗା ପ୍ରସାଦ ପଣ୍ଡା ମଧ ଥିଲେ। ଟଙ୍କା ବିଷୟରେ ପଚାରିବାରୁ ସେ ଗାଳିଗୁଲଜ ସହ ଧକ୍କା ମାରି ସଙ୍ଗୀତାଙ୍କୁ ମାରିଦେବାକୁ ଧମକ ଦେଇଥିଲେ ମିତା ଓ ଦୁର୍ଗାପ୍ରସାଦ। ଏ ବିଷୟରେ ସେମାନଙ୍କୁ ଟଙ୍କା ଦେଇଥିବା ଅନ୍ୟମହିଳାଙ୍କୁ ଫୋନ୍ କରି ଖବର ଦେଇଥିଲେ। ବହୁ ମହିଳା ସେଠାରେ ପହଞ୍ଚି ଉଭୟଙ୍କୁ ପୁଲିସ ଡକାଇ ଜିମା ଦେଇଥିଲେ। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଦୁର୍ଗା ପ୍ରସାଦ ପଣ୍ଡା, ମିତା ଟଙ୍କ, ଝିଲି ସାହୁ, ତ୍ରିବେଣୀ ସାହୁ, ସରସ୍ୱତୀ ନାୟକ ଉଦୟ ନାଥ ସାହୁ ଓ ଅନ୍ୟମାନଙ୍କ ବିରୋଧରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗକୁ ଭିତ୍ତି କରି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ତଦନ୍ତ ଏସ୍ଆଇ ପ୍ରିୟବ୍ରତ ସ୍ୱାଇଁ କରୁଥିବାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗତ ମାର୍ଚ୍ଚ ୨୪ ତାରିଖରେ ଝିଲି ସାହୁ, ଉଦୟନାଥ ସାହୁ, ଦୀନେଶ ସାହୁ, ଖୁସି ସାହୁ ଓ ବି.ନୃସିଂହମୂର୍ତ୍ତୀଙ୍କ ବିରୋଧରେ ସହରର ବିଭିନ୍ନ ମହିଳାଙ୍କ ଠାରୁ କୋଟି କୋଟି ଟଙ୍କା ଠକି ନେଇଥିବାକୁ ନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ଅଭିଯୋଗ ହୋଇଥିଲା। ସେବେ ଠାରୁ ଝିଲି ସାହୁ ଏବଂ ଅନ୍ୟମାନେ ଫେରାର ଅଛନ୍ତି।

## ● ପୁଅକୁ ହରାଇ ବେସାହାରା ଦିନ ମଜୁରିଆ ଦମ୍ପତି
## ସହାୟତା ପାଇଁ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହେଲେ



ପାରଳାଖେମୁଣ୍ଡି, ୧୪।୯ (ସମିସ): ଗଜପତି ଜିଲ୍ଲା ସେରଙ୍ଗ ଥାନା ଅନ୍ତର୍ଗତ ଶରଦାପୁର ଗ୍ରାମର ଶ୍ରମିକ ଦମ୍ପତି ସହାୟତା ପାଇଁ ଜିଲ୍ଲାପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଦମ୍ପତି ହେଲେ ଦୁକାନ ଶବର ଓ ଦପନି ଶବର। ସେମାନେ ଗଜପତି ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇବା ସହ ଲିଖିତ ଅନୁରୋଧପତ୍ର ପ୍ରଦାନ କରିଛନ୍ତି। କାମ ଅନ୍ୱେଷନରେ ତାଙ୍କ ସାନପୁଅ ଦିଲଜାନୀ ଶବର (୧୮) ଜୁଲାଇ ୨୦୨୫ ରେ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀ କୁଲି କାମ କରିବା ପାଇଁ ଯାଇଥିଲେ। ସେଠାରେ ଗୋଦାବରୀ ଇଲେକ୍ଟ୍ରୋନିକ୍ସ ନାମକ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ସମୟରେ ଅଟୋ ଧକ୍କାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ପରବର୍ତ୍ତୀ ସମୟରେ କାକିନାଡା ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ନିଜ ଗ୍ରାମକୁ ମୃତଦେହ ଆଣିବାକୁ ଅର୍ଥ ବାଧକ ସାଜିଥିଲେ ମଧ ସମ୍ପର୍କୀୟଙ୍କ ସହାୟତାରେ ଅଣାଯାଇଥିଲା। ଭେଣ୍ଡିଆ ରୋଜଗାରିଆ ପୁଅକୁ ହରାଇ ସେମାନେ ଅସହାୟ ହୋଇପଡ଼ିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଜୀବନଯାପନ କରୁଥିବାରୁ ଦମ୍ପତି ସରକାର ଓ ଜିଲ୍ଲା ପ୍ରଶାସନର ସହାୟତା ଲୋଡ଼ିଛନ୍ତି।

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଭାରତ ମୁକ୍ତି ମୋର୍ଚ୍ଚାର ଦାବିପତ୍ର

ଫିରିଙ୍ଗିଆ, ୧୪।୯ (ସମିସ): ଭାରତ ମୁକ୍ତି ମୋର୍ଚ୍ଚା ତରଫରୁ ରାଜ୍ୟ ବ୍ୟାପି ଦାବି ପତ୍ର ଦିଆଯାଉଥିବା ବେଳେ ଫିରିଙ୍ଗିଆ ବ୍ଲକ ମୁକ୍ତି ମୋର୍ଚ୍ଚା ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ପଛୁଆ ବର୍ଗ ଲୋକଙ୍କ ସାମ୍ବିଧାନିକ ଅଧିକାର ଓ ସାମାଜିକ ସମସ୍ୟାକୁ ଆଖି ଆଗରେ ରଖି ଭାରତ ମୁକ୍ତିମୋର୍ଚ୍ଚା ତରଫରୁ ୧୬ଟି ଦାବିକୁ ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ତହସିଲଦାରଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଦିବାସୀ ଏକତା ପରିଷଦର ଜିଲ୍ଲା ସଭାପତି ଭୋଦେବ କହଁର, ଅଲଇଣ୍ଡିଆ ସେଡ୍ୟୁଲକାଷ୍ଟ ଫେଡେରେସନର ଜିଲ୍ଲା ସଭାପତି ଅନାମ ଦିଗାଲ, ସଂଯୋଜକ ବିଶ୍ୱନାଥ ଦିଗାଲ, ବରିଷ୍ଠ ସଭ୍ୟବୃନ୍ଦ କେଶବ ଦିଗାଲ, ରଞ୍ଜନ ବେହେରା, ସରୋଜ ଦିଗାଲ, ଗୌତମ ଦିଗାଲ ଓ ସମସ୍ତ ଭାରତ ମୁକ୍ତି ମୋର୍ଚ୍ଚାର ସଦସ୍ୟ ଉପସ୍ଥିତ ଥିଲେ।



## 'ଆସ ସ୍କୁଲ ଯିବା' ସଚେତନ କାର୍ଯ୍ୟକ୍ରମ




ନୂଆଗଡ଼, ୧୪।୯ (ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ସଦର ମହକୁମା ସ୍ଥିତ ଲକ୍ଷ୍ମୀ ନୃସିଂହ ବିଦ୍ୟାପୀଠ ପକ୍ଷରୁ ଆସ ସ୍କୁଲ ଯିବା ପାଠ ପଢ଼ି ବିକଶିତ ଓଡ଼ିଶା ଗଢ଼ିବା ସଚେତନ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ ଶିକ୍ଷୟିତ୍ରୀ ସମେତ ସମସ୍ତ ଛାତ୍ରଛାତ୍ରୀ ସଚେତନ ପ୍ଲକାର୍ଡ ଧରୀ ପଦଯାତ୍ରାରେ ବିଦ୍ୟାଳୟ ପରିସରରୁ ନୂତନ ବସଷ୍ଟାଣ୍ଡ, ବଜାର ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପର୍ଯ୍ୟନ୍ତ ପରିକ୍ରମା କରି ଲୋକଙ୍କୁ ସଚେତନ କରିଥିଲେ। କୌଣସି କାରଣବଶତଃ ଅଧାରୁ ପାଠ ଛାଡୁଥିବା, ବିଦ୍ୟାଳୟକୁ ଯାଇ ପାରୁନଥିବା ପିଲାଙ୍କୁ ଚିହ୍ନଟ କରିବା ଏହି ଅଭିଯାନ ମାଧ୍ୟମରେ ସେମାନଙ୍କୁ ଗୁଣାତ୍ମକ, ଅନ୍ତର୍ନିବେଶି ଏବଂ ଆନନ୍ଦଦାୟକ ଶିକ୍ଷା, ବାଲ୍ୟ ବିବାହ, ଶିଶୁଶ୍ରମ ଓ ଶିଶୁ ଚାଲାଣ ଭଳି ସାମାଜିକ ସଙ୍କଟରୁ ରୋକିବା, ସେମାନଙ୍କୁ ଶିକ୍ଷା ସ୍ରୋତରେ ଜଡିତ କରିବା ପାଇଁ ଘର ଘର ବୁଲି ସର୍ବେକ୍ଷଣ କରିବା ଏହି ସଚେତନ କାର୍ଯ୍ୟକ୍ରମରେ ଲକ୍ଷ୍ୟ ବୋଲି କୁହାଯାଇଛି।

## 'ସାକ୍ଷର, ସ୍ୱଚ୍ଛ ଓ ସବୁଜ ଭାରତ ସଂକଳ୍ପ' କାର୍ଯ୍ୟକ୍ରମ



ପାରଳାଖେମୁଣ୍ଡି, ୧୪।୯ (ସମିସ): ବାଲମୁକୁନ୍ଦ କେନ୍ଦ୍ର ପକ୍ଷରୁ ଆୟୋଜିତ 'ସାକ୍ଷର, ସ୍ୱଚ୍ଛ ଓ ସବୁଜ ଭାରତର ସଂକଳ୍ପ' କାର୍ଯ୍ୟକ୍ରମ ଗଜପତି ଜିଲ୍ଲା ଗୋଷାଣି ବ୍ଲକ ରାଜସୀତାପୁର ସ୍ଥିତ ଶ୍ରୀଜଗନ୍ନାଥ ନିକେତନ (ଅନାଥ ଆଶ୍ରମ) ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରର ଉପଦେଷ୍ଟା ଭାଗବତ ପାଢ଼ୀ ଯୋଗ ଦେଇ ସ୍ୱଚ୍ଛତା ଅନ୍ତର୍ଗତ ହାତ ସଫା କରିବାର ନିୟମ ପ୍ରଦର୍ଶିତକରି ବୁଝାଇଥିବା ବେଳେ ଅଙ୍କୁଡ଼ା ହାଇସ୍କୁଲର ପ୍ରଧାନଶିକ୍ଷକ ଜି. ଭାସ୍କର ରାଓ ସାକ୍ଷର ଭାରତ ପାଇଁ ଆମର ଦାୟିତ୍ୱ ବିଷୟରେ କହିଥିଲେ। ପରବର୍ତ୍ତୀ କାର୍ଯ୍ୟକ୍ରମରେ ମାହେଶ୍ୱରୀ ନାୟକ କେନ୍ଦ୍ରୀୟ ବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ଜନ୍ମଦିନ ପାଳନ ଅବସରରେ ତାଙ୍କ ବାପା ରାଜେଶ୍ୱର କୁମାର ନାୟକ ଏବଂ ମା ରଞ୍ଜିତା ନାୟକ ସବୁଜ ଭାରତ ପାଇଁ ବିଭିନ୍ନ ପଦକ୍ଷେପ ଆପଣାଇ ଥିଲେ। ଏହି କାର୍ଯ୍ୟକ୍ରମରେ ଶିବରାମ ପାଢ଼ୀ, ଗଣେଶ ଜାନି, ରାଧାକୃଷ୍ଣ ନାୟକ, ଅର୍ଚ୍ଚନା ନାୟକ ଏବଂ ଦେବରାଜ ନାୟକ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ କେନ୍ଦ୍ର ସଂଯୋଜକ ନିତ୍ୟାନନ୍ଦ ଚୌଧୁରୀ ପରିଚାଳନା କରିବା ସହ ମାତୃଭୂମିର ସେବା ତଥା ବିକଶିତ ଭାରତ ପାଇଁ ସାକ୍ଷର, ସ୍ୱ ଛ ଓ ସବୁଜ ଭାରତର ସଂକଳ୍ପ କରାଇଥିଲେ।

## ଓଡ଼ିଶା ଆଉଟ୍‌ସୋର୍ସିଂ ପୌର କର୍ମଚାରୀ ସଂଘର ବୈଠକ



### ଜିଲ୍ଲା କମିଟିର ନୂତନ କର୍ମକର୍ତ୍ତା ଚୟନ

ଜି.ଉଦୟଗିରି, ୧୪।୯ (ସମିସ): ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ପରିମଳ କାର୍ଯ୍ୟରେ ନିୟୋଜିତ ଆଉଟସୋର୍ସିଂ ପୌର ସଫେଇ କର୍ମଚାରୀ ସଙ୍ଘର ସାଙ୍ଗଠନିକ ବୈଠକ ସ୍ଥାନୀୟ ସଙ୍ଘର ସଭାପତି ପ୍ରଶାନ୍ତ ନାୟକଙ୍କ ସଭାପତିତ୍ୱରେ ବିଜୁପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କନ୍ଧମାଳ ଜିଲ୍ଲାର ଫୁଲବାଣୀ ପୌର ପରିଷଦ ସହ ବାଲିଗୁଡା ଓ ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ପରିମଳ କର୍ମଚାରୀ ଉପସ୍ଥିତ ଥିଲେ। ପୂର୍ବରୁ ରାଜ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କ ଆନ୍ଦୋଳନ ଫଳରେ ସରକାରଙ୍କ ଦ୍ୱାରା ପ୍ରଦାନ କରଯାଇଥିବା ଅଭିଜ୍ଞତାଭିତ୍ତିକ ଦରମା ବୃଦ୍ଧି, ବାର୍ଷିକ ୧୨ ସ୍ୱତନ୍ତ୍ର ଛୁଟି, ମାତୃତ୍ୱ କାଳୀନ ଛୁଟି ସହ ବିଭିନ୍ନ ସୁବିଧା ସୁଯୋଗରୁ ଡେଲି ୱେଜେସ କର୍ମଚାରୀଙ୍କୁ ବାଦ ଦେବାକୁ ସଙ୍ଘ ତରଫରୁ ବିରୋଧ କରାଯାଇଥିଲା। ସ୍ୱଳ୍ପ ଦରମାରେ ଦୀର୍ଘଦିନ ହେବ କାର୍ଯ୍ୟ କରୁଥିବା ଏହି କର୍ମଚାରୀ ନାନାଦି ସମସ୍ୟା ଭିତରେ କାର୍ଯ୍ୟ କରୁଥିବା ବେଳେ ପୂର୍ବରୁ ବିରୋଧି ଦଳ ନେତା ଥିବା ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଂ ଉଚ୍ଛେଦ ପାଇଁ ଯେଉଁ ଦାବି ଉଠାଉଥିଲେ ତାହା ବର୍ତ୍ତମାନ ଭୁଲିଯିବାକୁ ମଧ ସଙ୍ଘ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାରେ ବିଭିନ୍ନ ଏଜେନ୍ସି ଦ୍ୱାରା ନିୟୋଜିତ ଏହି ସଫେଇ କର୍ମଚାରୀଙ୍କ ମଧ୍ୟରୁ କିଛି ଜଣଙ୍କୁ ସର୍ବନିମ୍ନ ମଜୁରୀ ଓ ଇପିଏଫ/ଇଏସଆଇର ସଠିକ ପୈଠ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦାବି ମଧ ସଙ୍ଘ ତରଫରୁ କରାଯାଇଛି। ବୈଠକରେ ୨୦ ଜଣିଆ ଜିଲ୍ଲା କାର୍ଯ୍ୟକାରୀ କମିଟି ମଧ ଚୟନ ହୋଇଥିଲା। ଏଥିରେ ଜିଲ୍ଲା ସଭାପତି ରୂପେ ବିନୋଦ ନାୟକ, ସମ୍ପାଦକ ବୀରେନ୍ଦ୍ର ମୁଖି, ଉପସଭାପତି ସୁବର୍ଣ୍ଣ ମୁଖି, କୋଷାଧକ୍ଷ ବାମ ଚରଣ ମୁଖି, ଯାଜ୍ଞସେନି ମୁଖିଙ୍କୁ ଚୟନ କରାଯାଇଥିଲା। ଏଥି ସହିତ ଉକ୍ତ ବୈଠକରେ ସର୍ବଭାରତୀୟ ଶ୍ରମିକ ସଙ୍ଗଠନ ଇଫଟୁର ଜାତୀୟ କମିଟି ସଦସ୍ୟ ତଥା ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ଆଦର୍ଶ ବିଦ୍ୟାଳୟ ରାଜ୍ୟ ସଭାପତି ପ୍ରଶାନ୍ତ ପରିଛା, ସଫେଇ କର୍ମଚାରୀ ରାଜ୍ୟ ନେତା ଉତ୍ତମ ନାୟକ ଓ କ୍ରୀଡ଼ା ବିଭାଗ କର୍ମଚାରୀ ନେତା ରାଜେନ୍ଦ୍ର ସେଠୀ ଯୋଗ ଦେଇଥିଲେ।

## ବିକାଶ ଆଢୁଆଳରେ ମୋହନାଗୁଡ଼ା

# ବିଜୁଳି ଆଲୁଅ ସାତସପନ; ଶୋଷ ମେଣ୍ଟାଉଛି ଚୁଆ ପାଣି

ମୋହନା, ୧୪।୯ (ସମିସ)



ରାଜ୍ୟରେ ବର୍ତ୍ତମାନ ଡବଲ ଇଞ୍ଜିନ ସରକାର। ଏ ସରକାର ନାରା ଦେଉଛି ଲୋକଙ୍କ ସରକାର। ହେଲେ ଦୁର୍ଗମ ଅଞ୍ଚଳର ବିକାଶ ଡବଲ ହେବା କଥା। କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମୁଲୁଛି। ଦୁର୍ଗମ ଅଞ୍ଚଳ ଲୋକେ ମୌଳିକ ସୁବିଧାରୁ ବି ବଞ୍ଚିତ ହୋଇ ଆସୁଛନ୍ତି। ଗାଁରେ ପକ୍କା ରାସ୍ତା,

### କାଗଜ କଲମରେ ସୀମିତ ବିକାଶ

ସ୍ୱଚ୍ଛ ପାନୀୟ ଜଳ ଓ ବିଦ୍ୟୁତ ଆଲୋକ ବ୍ୟବସ୍ଥାରୁ ବର୍ଷ ବର୍ଷ ଧରି ବଞ୍ଚିତ ଅଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ଖାରିଗୁଡା ପଞ୍ଚାୟତ ଅନ୍ତର୍ଗତ ମୋହନାଗୁଡ଼ା ଗାଁରେ। ଗାଁରେ ୩୦ ଆଦିବାସୀ ପରିବାରର ଲୋକେ ବସ ବାସ କରୁଛନ୍ତି। ହେଲେ ସରକାରଙ୍କ ଯେଉଁ ସବୁ ଯୋଜନା ରହିଛି ସେଥିରୁ ସମ୍ପୂର୍ଣ୍ଣ ବଞ୍ଚିତ ରହିଛନ୍ତି। ଦୈନନ୍ଦିନ ଯିବା ଆସିବା ପାଇଁ ସେମାନଙ୍କ ପାଇଁ ପକ୍କା ରାସ୍ତା ନାହିଁ। ଏଥିଯୋଗୁଁ ଡାକ୍ତିରଖାଦା ଯିବା ପାଇଁ ରୋଗୀ ହେଉ ବା ଗର୍ଭବତୀ ମହିଳାଙ୍କୁ ବୋହି ଆଣିବାକୁ ପଡୁଛି। ଗ୍ରାମବାସୀ ବିଦ୍ୟୁତ ଆଲୁଅ କଣ କେବେ ଦେଖି ନାହାନ୍ତି। ଫଳରେ ଗ୍ରାମର ଛାତ୍ରଛାତ୍ରୀ ରାତିରେ ପାଠ ପଢ଼ ରୁ ବଞ୍ଚିତ ହେଉଛନ୍ତି। ସ୍ୱଚ୍ଛ ପାନୀୟ ଜଳ କଣ ଜାଣି ନାହାନ୍ତି। ଗାଁରେ ଥିବା ଚୁଆଁ ପାଣିକୁ ପାନୀୟ ଜଳ ରୂପ ବ୍ୟବହାର କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ସରକାରଙ୍କ ଯେଉଁ ସବୁ ଯୋଜନା ଅଛି ତାହା ଲୋକଙ୍କ ପାଖକୁ ପହଞ୍ଚି ପାରୁନି। କେବଳ କାଗଜ କଲମରେ ସୀମିତ ରହୁଛି। ଏହି ସମସ୍ୟା ବିଷୟରେ ବର୍ଷ ବର୍ଷ ଧରି ଅଭିଯୋଗ ଗ୍ରାମବାସୀ କରିଆସୁଥିଲେ ବି ଫଳ ଶୂନ ରହିଛି। ବିଦ୍ୟୁତ ବିଭାଗର କର୍ମଚାରୀ ଗାଁକୁ ବିଦ୍ୟୁତ ଆଲୋକର ବ୍ୟବସ୍ଥା କରିବା ପାଇଁ କାମ ଆରମ୍ଭ କରିଥିଲେ ବି କେବଳ ପୋଲ ନେଇ ରାସ୍ତାରେ ରଖି କାମ ସାରି ଦେଇଛନ୍ତି। ତାହା ବର୍ଷ ବର୍ଷ ହେବ ପଡ଼ି ରହିଛି। ଏପଟେ ବିଦ୍ୟୁତ ବିଭାଗର ଦେଖା ନାହିଁ। ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ପ୍ରଶାସନ ଶୁଣୁନ ଥିବା ଅଭିଯୋଗ କରିଛନ୍ତି। ସମସ୍ୟା ନେଇ ମୋହନା ବଡ଼ିଓ ରାଜୀବ ଦାସ୍‌ଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ସ୍ଥାନୀୟ ଯନ୍ତ୍ରୀକୁ ନିର୍ଦ୍ଦେଶ ଦିଆ ଯାଇଛି। ସେ ରିପୋର୍ଟ ଦେବା ପରେ ରାସ୍ତା କାମ ଆରମ୍ଭ କରାଯିବ ବୋଲି କହିଛନ୍ତି।